# ବିଜୟିନୀ ୨୦୧୫

# ଜୀବନ ପାତ୍ର



# ଜୀବନପାତ୍ର

ପ୍ରକାଶକ
ବିଜୟିନୀ ସ୍ମୃତି ଟ୍ରଷ୍ଟ
ସମାରୋହ, ୧୨୮, ଡୁମୁଡୁମା (କ), ଭୁବନେଶ୍ୱର-୩୦

ପ୍ରକାଶ କାଳ : ୧୬-୯-୨୦୧୫

ମୁଦ୍ରଣ :
ଶ୍ରୀରାମ ସ୍କ୍ରିନ୍ ପ୍ରିଣ୍ଟିଂ, ୩୭୧, ସହୀଦନଗର, ଭୁବନେଶ୍ୱର-୭

ମୂଲ୍ୟ : ୧୦୦ ଟଙ୍କା

# ଉତ୍ସର୍ଗ

ସାଗରିକା,
ତରଣୀ ମୋର ତବ ସାଗରେ ବହି ଯାଉ ।

ବିଜୟିନୀଙ୍କୁ

– ଇନ୍ଦ୍ରମଣି

# ଉପକ୍ରମ

କୁଆଡୁ ଆସି କୁଆଡେ ଯାଏ ସିଏ କେହି ଜାଣିପାରନ୍ତି ନି । କେତେ ପୁରୁଣାକାଳରୁ ଅଗଣିତ ସ୍ରୋତ ଛୁଟିଛି ଏଇ ପୃଥିବୀ ମାଟିରେ । କାହାର ସମୟ ନାହିଁ ଭାବିବା ପାଇଁ ବି ଜୀବନ କାହିଁକି ଅଜାଡି ହୋଇ ପଡୁଛି ଏହି ଦୁନିଆଁରେ ପୁଣି ଲୀନ ହୋଇଯାଉଛି ଆଖିପିଛୁଳାକେ । କେହି ଯଦି ସେହି ଧାବମାନ ଅବସ୍ଥାରେ ଦୁର୍ବଳ ମୁହୂର୍ତ୍ତରେ ଭାବି ବସେ, ଦୁନିଆର କିପାଁଇ ଏ ଝିଞ୍ଜଟ ଲାଗିଛି ? ଜୀବ ବୋଲିତ କ୍ଷୁଦ୍ରାତିକ୍ଷୁଦ୍ରରୁ ଅତି ମହାକାୟ ଆୟତନର ହୋଇପାରନ୍ତି । ତେବେ ସମସ୍ତେ କଅଣ ମନକୁ ନେଇପାରିବେ କଥାଟିକୁ ?

"କାହିଁକି ଏ ଜୀବନ ?" ସେ କଥା ଭାବି ପାରେ ଜୀବଜଗତରେ ବୋଧହୁଏ କେବଳ ମଣିଷ । ସୃଷ୍ଟିରେ ତା'ର ଅଛି ବିବେକ ଆଉ ବିବେଚନା ଶକ୍ତି ଯା ବଳରେ ସିଏ ସବୁବେଳେ ସ୍ଥାନ କାଳ ଆଉ ପାତ୍ରର ସୁଜ୍ଞାତ ପରିମଣ୍ଡଳ ମଧ୍ୟରେ କାମକରେ । ବିବେକର କାର୍ଯ୍ୟ ଭାବରେ ମଣିଷ ସମାଜ ପାଖରେ ଆଜି ଅକଳନୀୟ ଆୟତନର ବୌଦ୍ଧିକ ଅଭିଲେଖ ଜମା ହୋଇଛି । କିନ୍ତୁ ଜୀବନ ଦର୍ଶନ ପ୍ରେମୀ ଦାର୍ଶନିକ ଜଣେ ଭାବିପାରିଲେ ପ୍ରକାଶ କରିବାକୁ, ମଣିଷର ବିବେଚନା ଶକ୍ତି ତାହାର ଜୀବନୀ ବୁଝିବାକୁ ଯେତିକି ସହାୟକ ହୋଇଛି, ତାର ଦୈନନ୍ଦିନ କାର୍ଯ୍ୟପାଇଁ ସେତିକି ଚିନ୍ତାଜନକ ହୋଇଛି । ବିଲେଇଟିଏ ଆଜି ଭାତଥାଳି କଡରେ ବସି ମାଛ କଣ୍ଟାଟିଏ ଖାଉଥିବା ବେଳେ ତା'ର କି ଚିନ୍ତା ଥାଏ କଅଣ ମିଳିବ କାଲିକୁ ? ବଡ ମୁଣ୍ଡର ମଣିଷ ବିବେକଧାରୀ ଭାବରେ କେତେ କ'ଣ ଯେ ଚିନ୍ତା ନ କରିଯାଏ ?

ଦୁନିଆଁର ଅଗଣିତ ଲୋକ ବଞ୍ଚି ସାରିଲେଣି, ବଞ୍ଚିଛନ୍ତି ଆଉ ଜନ୍ମ ହୋଇ ବଞ୍ଚିବାର ଅବକାଶ ପାଇବେ । କିନ୍ତୁ ପ୍ରତିଟି ମଣିଷ ପାଇଁ ଏହି ଜୀବନ ସ୍ୱତନ୍ତ୍ର । ଖୁବ୍ କମ୍ ଲୋକ ସୁଯୋଗ ପାଆନ୍ତି ଭାବି ପାରିବାକୁ ଭାସମାନ ଜୀବନର ଜଳରାଶିର ଗଭୀରତା । ଭାବି ବି ସମସ୍ତେ ପ୍ରକାଶ କରିପାରନ୍ତି ନି ମନର କଥା । ପୁରୀର ମହୋଦଧି କୂଳର ଜୁଆର ପରି ମଣିଷ ମନର ଅନନ୍ତ ସାଗରରେ ଅବିରତ ଆନ୍ଦୋଳାୟିତ ଲହରି ଖୁବ୍ କମ୍ ଲୋକଙ୍କୁ ସମର୍ଥ କରିଛି ପ୍ରକାଶ କରିବାକୁ ଗହନମନର କଥା । ଯେତେ ଲୋକ ବି ନିଜର ଅବା ମଣିଷ ଜୀବନ ଉପରେ କିଛି ଦେଇଛନ୍ତି ସମ୍ଭାଷଣ, ସେଗୁଡିକର ଗୋଟି ଗୋଟି ତଥ୍ୟ ବା କଳନା ସ୍ୱତନ୍ତ୍ର ଓ ପୃଥକ୍ । ପ୍ରତିଟି ଜୀବନ ଯେ ସ୍ୱତନ୍ତ୍ର ଏଇଟା ହୋଇପାରେ ଏକ ଯୌକ୍ତିକ ଉପପାଦ୍ୟ ।

ଜୀବ ହିସାବରେ ସୃଷ୍ଟିରେ ମଣିଷ ଯେ ସବୁ ଉପାଦାନ ପାଇଛି, ମୌଳିକ ଅବା ବିବର୍ତ୍ତନ ମତରେ ତା ବି କହିବା ଅସମ୍ଭବ । ଧରାପୃଷ୍ଠରେ ଜୀବନର ତରୀନେଇ ବଞ୍ଚିବାର ଯେତିକି ନ୍ୟୂନତମ ଆବଶ୍ୟକତା ସେତିକି ବୋଧହୁଏ ପାଇଛି । ତଥାପି ବିଶ୍ୱର ପରିବେଶରେ ବ୍ୟକ୍ତି ଭାବରେ, ନିଜ ସାମାଜିକତା ବଳରେ ଗଢିଥିବା ସମାଜରେ ଅଂଶୀଦାର ଭାବରେ ତଥା ନିଜ ମାନସିକତା ବଳରେ ପ୍ରତିକୃତି ଦେଇଥିବା ମାନବିକତା ସମ୍ମୁଖରେ ସିଏ ଅନନ୍ତ ମହାଶୂନ୍ୟରେ ଅସରନ୍ତି ସମୟ ସ୍ରୋତରେ ନିଜର ଜୀବନ ପାତ୍ର ଧରି ବୋହିଚାଲିବା ବେଳେ ନିଜର ଇନ୍ଦ୍ରିୟାଦିର ସୀମିତ ବଳରେ ବଳୀୟାନ ବା ସେଇ ସ୍ରୋତ ବଳରେ ବଶୀଭୂତ ସେଇଟା ସମୟ ଆସିଲେ ବୁଝିଯାଏ ।

ଆଧ୍ୟାତ୍ମିକତାରେ ଯେତେବେଳେ ଇନ୍ଦ୍ରିୟ ଶକ୍ତିକୁ ଦମନ କରିବାକୁ ଉପଦେଶ ପାଉ, ଶରୀରତତ୍ତ୍ୱବିତ୍‌ମାନେ ମଣିଷର ବିକଶିତ ଏଇ ଉପାଦାନ ଗୁଡିକୁ ଜୀବନରକ୍ଷକ ଭାବରେ ଦେଖନ୍ତି । ଯେମିତି କି ଧର୍ମ ଆଉ ଦର୍ଶନ ପରିବର୍ଦ୍ଧିତ ତଥ୍ୟଭିତ୍ତିକ ବିଜ୍ଞାନ ବଳରେ ସଂସ୍କାରଧର୍ମୀ ହେବା ଅବଶ୍ୟମ୍ଭାବୀ ହୋଇ ପଡିଛି । ତଥାପି ବିବେଚନା ଶକ୍ତି ମଣିଷର କେତେକ ଇନ୍ଦ୍ରିୟ ପ୍ରମତ୍ତ କ୍ଷେତ୍ରରେ ସଞ୍ଜାତ ହେବାର ଉପଦେଶକୁ ଅମାନ୍ୟ କରିପାରିବ ନାହିଁ ।


ଜୀବନ ପାତ୍ର ସମ୍ବନ୍ଧୀୟ ଏହି ରଚନାବଳୀ ପାଠକ ମନରେ ନୈରାଶ୍ୟର ଭାବ ଆଣିବା ପାଇଁ ପ୍ରଣୋଦିତ ନୁହେଁ । ନିଜତ୍ୱର ଓ ଜୀବନର ଅନୁସ୍ଥିତି, ପରିସ୍ଥିତି ଓ ଅବସ୍ଥିତି ଅନାବରଣ କରି ଏହା ପାଠକଙ୍କୁ ନିଶ୍ଚିତ ଜାଗରିତ କରାଇ ପାରିବ ନିଜର ଜୀବନ ପାତ୍ରର ଗତିବିଧି ପ୍ରତି ମନଯୋଗୀ ହେବାପାଇଁ ।

ବିଜୟିନୀଙ୍କର ଦ୍ୱିତୀୟ ସ୍ମାରକୀ କାର୍ଯ୍ୟକ୍ରମ ଉପଲକ୍ଷରେ ପ୍ରକାଶିତ ହେଉଥିବା 'ବିଜୟିନୀ -୨୦୧୫' ର ପ୍ରସଙ୍ଗ ଏ ବର୍ଷପାଇଁ ଥିଲା 'ଜୀବନ ପାତ୍ର' । ବହୁ ଲେଖକ ଲେଖିକା ସେମାନଙ୍କର ମୂଲ୍ୟବାନ ସୃଷ୍ଟି ଗୁଡିକୁ ପ୍ରକାଶନ ପାଇଁ ଦେଇଥିବାରୁ ପ୍ରକାଶକ ଗଭୀର କୃତଜ୍ଞତା ଜଣାଉଛନ୍ତି । ସ୍ମରଣ ଯୋଗ୍ୟ ଯେ, ବିଜୟିନୀ ତାଙ୍କର ତିରୋଧାନ ବର୍ଷ ପ୍ରଥମ ଦୁଇ ମାସରେ ଦୁଇଟି ସାମାଜିକ କାର୍ଯ୍ୟକ୍ରମରେ ଗାଇ ଥିଲେ କବି ବୈକୁଣ୍ଠନାଥଙ୍କ କବିତା, "ଜୀବନପାତ୍ର ମୋ ଭରିଛ କେତେ ମତେ, ନ ଦେଲ କିଛି ବୋଲି କହିବି କି ହେ ଆଉ .. .. .." । ବିଜୟିନୀଙ୍କର ନିଜର ହାତଲେଖା ପାଣ୍ଡୁଲିପି ମଧ୍ୟରୁ ମଣିଷର କେତେକ ଆଧ୍ୟାତ୍ମିକତା ଉପାଦାନ ଆଧାରରେ ତାଙ୍କର ଅସମାପ୍ତ କାହାଣୀ ଟି ମଧ୍ୟଜୀବନ ଦର୍ଶନ ପ୍ରସଙ୍ଗ ଉତ୍‌ଥାପନ କରେ । ଏଥିରୁ ବୋଧହୁଏ ବିଜୟିନୀଙ୍କର ମନର ଦର୍ଶନ ତାଙ୍କର ଦ୍ୱିତୀୟ ସ୍ମରଣିକାର ବିଷୟବସ୍ତୁ ହୋଇଛି ବୋଲି ମୋର ମନେ ହୁଏ । କେବେ ଜୀବିତାବସ୍ଥାରେ ମୋତେ କହିଥିଲା, "ମୁଁ ଜାଣିଛି, ମୋ ପାଇଁ ତୁମେ ସବୁ କରିଦେବ ।" ତା'ର ବହି ପ୍ରତି ରହିଥିବା ଆନ୍ତରିକତା ପାଇଁ ପ୍ରତିବର୍ଷ ଏପରି ତିଥିରେ ଗୋଟିଏ ବିଷୟରେ 'ବିଜୟିନୀ' ନାମରେ ସ୍ମରଣିକାଟିଏ ଛପା ହୋଇ ପାରିଲେ ଅତି କମ୍‌ରେ ମୋର ମନଟା ଶାନ୍ତି ହେବ ।

ଏହି 'ଜୀବନ ପାତ୍ର' ସ୍ମରଣିକାଟିର ପ୍ରକାଶନ ପାଇଁ ଅନେକ ଶୁଭେଚ୍ଛୁ, ବନ୍ଧୁ ଓ ଶିକ୍ଷାବିତ୍‌ମାନଙ୍କର ଅକୁଣ୍ଠ ପ୍ରେରଣା ପାଇଁ ସେମାନଙ୍କୁ ଧନ୍ୟବାଦ ଦେଉଛି । ବହୁ ପରିଶ୍ରମ କରି ପ୍ରବନ୍ଧ ଗୁଡିକୁ ପ୍ରକାଶନ ପାଇଁ ପଠାଇଥିବାରୁ ସେମାନଙ୍କୁ ଅଶେଷ ଧନ୍ୟବାଦ । ଓଡିଆ ବିଭାଗର ପ୍ରଫେସର୍ ଅଭିନ୍ନ ଚନ୍ଦ୍ର ସାହୁ ଓ ପ୍ରଫେସର୍ ନାରାୟଣ ସାହୁଙ୍କୁ କୃତଜ୍ଞତା ଜ୍ଞାପନ କରୁଛନ୍ତି । ଗୌରହରି ବାବୁ ଏହି ସ୍ମରଣିକାଟିକୁ ଆମୂଳଚୂଳ ପାଠ କରି ନିଜର ଅଭିମତ ରଖିଥିବାରୁ ତାଙ୍କୁ ଧନ୍ୟବାଦ ଦେଉଛି ।

**ଇନ୍ଦ୍ରମଣି ଜେନା**

ସମାରୋହ, ୧୨୮, ଡୁମୁଡୁମା (କ),
ଖଣ୍ଡଗିରି, ଭୁବନେଶ୍ୱର-୩୦



### ଅଭିମତ:

# ଅପୂର୍ଣ୍ଣତା ହିଁ ପୂର୍ଣ୍ଣତା

### ଗୌରହରି ଦାସ

ପ୍ରଫେସର ବିଜୟିନୀ ମହାନ୍ତି ଆମ ଗହଣରୁ ଯିବାର ଦୁଇ ବର୍ଷ ହୋଇଗଲାଣି; ମାତ୍ର ଏକଥା ବିଶ୍ୱାସ କରିହେଉ ନାହିଁ। ଏବେ ବି ଲାଗୁଛି ସେ ଏଇ ସହରରେ ଅଛନ୍ତି; ବ୍ୟସ୍ତତା ଯୋଗୁ ଦେଖାସାକ୍ଷାତ ହୋଇପାରୁନାହିଁ। ଭଲ ଲୋକମାନଙ୍କର ସ୍ମୃତି ଏଇପରି। ସେମାନେ ମରି ସୁଦ୍ଧା ପରିଚିତଙ୍କ ସ୍ମୃତିରେ ଅମର ରହିଯାଆନ୍ତି। ତାଙ୍କର ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଡାକ୍ତର ଇନ୍ଦ୍ରମଣି ଜେନାଙ୍କ ସମ୍ପାଦନାରେ 'ଜୀବନ ପାତ୍ର' ସ୍ମରଣିକା ପ୍ରକାଶ ପାଉଛି। ସବୁଜ ଯୁଗର କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ରଚିତ 'ଯାତ୍ରା ସଙ୍ଗୀତ'ର ପ୍ରଥମ ଧାଡ଼ି ହେଉଛି – "ଜୀବନ ପାତ୍ର ମୋ ଭରିଛ କେତେ ମତେ"। ଏଇ ଗୀତଟି ତାଙ୍କର ସୁଯୋଗ୍ୟା କନ୍ୟା ସୁନନ୍ଦା ପଟ୍ଟନାୟକଙ୍କ କଣ୍ଠରେ ଅମରତ୍ୱ ଲାଭ କରିଛି। ଯେଉଁମାନେ ସେଇ ଗୀତ ଶୁଣିବାର ସୁଯୋଗ ପାଇଛନ୍ତି ସେମାନେ ଏକଥା ନିଶ୍ଚୟ ଅନୁଭବ କରିଥିବେ, ମଣିଷର ଜୀବନ କେବେ ସମୁଦ୍ରରେ ବହିଯାଉଥିବା ତରଣୀଟିଏ ତ କେବେ ଆକାଶରେ ଉଡିଯାଉଥିବା ମାନସ ହଂସଟିଏ। ଯାତ୍ରା ହିଁ ଏଠି ଚିର ସତ୍ୟ। ଯିବାକୁ ପଡିବ। ଏଠି ଯେତେ ଯାହା ଜଞ୍ଜାଳ ଥାଉ, ଜରୁରୀ ଦାୟିତ୍ୱ ଥାଉ ସବୁକୁ ଛାଡି ଦିନେ ଚାଲିଯିବାକୁ ପଡିବ। ଏ କବିତାରେ ଚାଲିଯିବାର ବିଷାଦ ସହ ନିତ୍ୟ ମଧୁବନରେ ପହଞ୍ଚିବାର ଆନନ୍ଦ ମଧ୍ୟ ରହିଛି। ସକଳ ଅପୂର୍ଣ୍ଣତା ଭିତରେ ଏ ଜୀବନ ସମ୍ପୂର୍ଣ୍ଣ, ସକଳ ଶୂନ୍ୟତା ଭିତରେ ଏଠି ଅଛି ପରିପୂର୍ଣ୍ଣତା। କାହା ପାଇଁ ଅଭିଯୋଗ କରିବାର କୌଣସି କାରଣ ନାହିଁ। କବି ବୈକୁଣ୍ଠନାଥ ପଟ୍ଟନାୟକ ତାଙ୍କ ଜୀବନରେ ବହୁ ଦୁଃଖର ସମ୍ମୁଖୀନ ହୋଇଥିଲେ। ପୁତ୍ରଶୋକ ତାହା ଭିତରୁ ଗୋଟିଏ। କବିଙ୍କର ବ୍ୟକ୍ତିଗତ ଦୁଃଖ ବେଦନା ତାଙ୍କ ବିୟୋଗ ସହ ସରିଯାଇଛି; କିନ୍ତୁ ତାଙ୍କର ସେହି ବେଦନାର ଶାଖାରେ ଜୀବନର ଯେଉଁ ଅର୍ଥମୟ ଫୁଲ ସେ ଫୁଟେଇ ଯାଇଥିଲେ ତାହା ଆଜି ବି ଅମଳିନ ରହିଛି। ବିଜୟିନୀଙ୍କ ଯାତ୍ରା ସାଥୀ ଭାବରେ ଡାକ୍ତର ଇନ୍ଦ୍ରମଣି ଜେନା ଏଇ ଗୀତଟି ସହ ବିଜୟିନୀଙ୍କ ସମ୍ପୃକ୍ତି ଭଲଭାବରେ ଜାଣିଥିବାରୁ ଏଇ ସ୍ମରଣିକାଟିର ବିଭିନ୍ନ ବିଭାଗକୁ 'ଯାତ୍ରା ସଙ୍ଗୀତ'ର ଗୋଟିଏ ଗୋଟିଏ ପଦ ହିସାବରେ ସେ ବାଣ୍ଟି ଦେଇଛନ୍ତି।

'ଜୀବନ ପାତ୍ର' ସ୍ମରଣିକାର ଅନେକ ଗୁଡିଏ ରଚନା ଜୀବନର ରହସ୍ୟମୟତାକୁ ଧରି ରଖିବାକୁ ଚେଷ୍ଟା କରିଛନ୍ତି। ଏ ଜୀବନ କ'ଣ ତାହାକୁ ବୁଝାଇବାକୁ ଯାଇ ଆଦି ଶଙ୍କରାଚାର୍ଯ୍ୟଙ୍କ ଠାରୁ ତରୁଣ କବି ପର୍ଯ୍ୟନ୍ତ ଅନେକ ଅହରହ ଉଦ୍ୟମ କରିଛନ୍ତି ଓ କରୁଛନ୍ତି। ତାହା ସତ୍ତ୍ୱେ ତାହାର ସମ୍ପୂର୍ଣ୍ଣ ଗ୍ରନ୍ଥି ଉନ୍ମୋଚନ ସମ୍ଭବ ହୋଇନାହିଁ। ଡାକ୍ତର ଇନ୍ଦ୍ରମଣି ଜେନା ତାଙ୍କର ଅଭିମତରେ ଲେଖିଛନ୍ତି, "ଦୁନିଆରେ ଅଗଣିତ ଲୋକ ବଞ୍ଚିସାରିଲେଣି, ବଞ୍ଚିଛନ୍ତି ଓ ଜନ୍ମ ହୋଇ ବଞ୍ଚିବାର ଅବକାଶ ପାଇବେ। କିନ୍ତୁ ପ୍ରତିଟି ମଣିଷ ପାଇଁ ଏ ଜୀବନ ସ୍ୱତନ୍ତ୍ର।" ପୃଥିବୀରେ କାହାରି ଜୀବନ ଅନ୍ୟ ଜଣକ ଜୀବନ ସାଙ୍ଗେ ସମାନ ନୁହେଁ। ପିତାମାତାଙ୍କ ଜୀବନ ଠାରୁ ସନ୍ତାନ ସନ୍ତତିଙ୍କ ଜୀବନ ଭିନ୍ନ। ପତିର ଜୀବନ ଠାରୁ ପତ୍ନୀର ଜୀବନ ଭିନ୍ନ। ଏପରିକି ଦୁଇ ଯମଜ ଭାଇ କି ଭଉଣୀଙ୍କର ଜୀବନ ମଧ୍ୟ ସମାନ ନୁହେଁ, ପରସ୍ପରଠାରୁ ଭିନ୍ନ। ସେହିପରି ମଣିଷ ସମ୍ପର୍କରେ ଗୋଟିଏ ମାତ୍ର ସତ୍ୟ ନିର୍ଦ୍ଧାରିତ ଭାବରେ କୁହାଯାଇଥାଏ – ଜନ୍ମ ହେଲେ ମରିବାକୁ ପଡିବ। ଏହା ଧ୍ରୁବ ସତ୍ୟ। ଜନ୍ମ ମୃତ୍ୟୁ ମଧ୍ୟରେ ବ୍ୟବଧାନ ହେଉଛି ଜୀବନ। ସେହି ଜୀବନକୁ ଆମେ କିଭଳି ବଞ୍ଚିପାରିବା ତାହା ଅନେକାଂଶରେ ଆମ ଉପରେ ନିର୍ଭର କରେ। ସବୁ ମଣିଷ ଏକା ପ୍ରକାର ଜୀବନ ଜିଅନ୍ତି ନାହିଁ। କିଏ ଅନ୍ୟମାନଙ୍କର ସୁଖ, ଶାନ୍ତି ଓ ଜୀବନ ବିନିମୟରେ ନିଜେ ବଞ୍ଚିରହିବାକୁ ଚାହେଁ ତ କିଏ ନିଜର ଜୀବନ ବିନିମୟରେ ଅନ୍ୟମାନଙ୍କୁ ବଞ୍ଚାଇ ରଖିବାର ସ୍ୱପ୍ନ ଦେଖେ। ସ୍ୱର୍ଗ, ନର୍କ, ଦେବତା, ଅପଦେବତା ଏ ସବୁ ଏହି

ମଣିଷର ପରିକଳ୍ପନା । କିଛି ଲୋକଙ୍କ ପାଇଁ ସ୍ୱର୍ଗ ପାଲଟିଯାଏ ନର୍କ ସଦୃଶ । ସ୍ମରଣିକାର ଅନେକ ଲେଖାରେ ଜୀବନର ବହୁ ଗୂଢ଼ କଥା ପ୍ରକାଶିତ ହୋଇଛି । ଡକ୍ଟର ସଂଘମିତ୍ରା ମିଶ୍ର ଭାରତୀୟ ତଥା ଉତ୍କଳୀୟ ସାହିତ୍ୟର ବହୁ ଉଦ୍ଧୃତି ଉଦ୍ଧାର କରି ଉପରୋକ୍ତ କଥାକୁ ପ୍ରକାଶ କରିଛନ୍ତି । ଡକ୍ଟର ସୁଲୋଚନା ଦାସଙ୍କର ଜୀବନ ବଞ୍ଚିବାର କଳା ଏ ସ୍ମରଣିକାର ଆଉ ଏକ ଉଲ୍ଲେଖନୀୟ ପ୍ରବନ୍ଧ । ଜୀବନର ଆଭିମୁଖ୍ୟକୁ ସେ ଖୁବ ସଂକ୍ଷେପରେ ବର୍ଣ୍ଣନା କରିବାକୁ ଚେଷ୍ଟାକରି ଲେଖିଛନ୍ତି, "ଯେ ଈଶ୍ୱରଙ୍କୁ ଭଲପାଏ ସେ ସାରା ଜଗତକୁ ଭଲପାଏ । ଅନ୍ୟ ପାଇଁ ବଞ୍ଚିବାରେ ତାକୁ ଆନନ୍ଦ ମିଳେ । ଜୀବନ ବୋଝ ପରି ଲାଗେ ନାହିଁ ।" ସ୍ୱାମୀ ବିବେକାନନ୍ଦଙ୍କୁ ଉଦ୍ଧାର କରି ସେ କହିଛନ୍ତି, ଜୀବନ ଯଦି ଗୋଟିଏ ଉଡନ୍ତା ଚଢେଇ ହୁଏ ତାର ଦୁଇଟି ଡେଣା ହେଉଛି ପ୍ରେମ ଓ କରୁଣା । ଧୈର୍ଯ୍ୟ ଓ ଆତ୍ମବିଶ୍ୱାସ ହେଉଛି ଏହାର ଦୁଇଟି ଗୋଡ ।

ଏ ସ୍ମରଣିକାରେ ଆଉ କିଛି ମୌଳିକ ପ୍ରବନ୍ଧ ମଧ୍ୟ ପ୍ରକାଶିତ ହୋଇଛି ଏବଂ କିଛି ଗଳ୍ପ, କବିତା ମଧ୍ୟ ସ୍ଥାନିତ ହୋଇଛି । ସେସବୁ ପ୍ରବନ୍ଧ ଓ କବିତା ପାଠକ ମାନଙ୍କୁ ନିଶ୍ଚୟ ଭଲ ଲାଗିବ ବୋଲି ମୋର ବିଶ୍ୱାସ । ସବୁଠାରୁ ଭଲ କଥା ହେଉଛି ବୈକୁଣ୍ଠନାଥ ପଟ୍ଟନାୟକଙ୍କର 'ଯାତ୍ରା ସଙ୍ଗୀତ'କୁ ସମ୍ପୂର୍ଣ୍ଣ ଭାବରେ ଏଥିରେ ସ୍ଥାନିତ କରାଯାଇଛି । ମୋର ବିଶ୍ୱାସ, ଏଇ କବିତାକୁ ଅନେକ ପଢିବାକୁ ଚାହୁଥିବେ । ସ୍ମରଣିକାଟି ସବୁରି ଆଦର ଲାଭ କରିବ ବୋଲି ମୋର ଦୃଢ ବିଶ୍ୱାସ ।

ଅନୁଭବ
୩୭୮ ବରମୁଣ୍ଡା ଗାଁ, ଭୁବନେଶ୍ୱର - ୭୫୧୦୦୩
ମୋ: ୯୪୩୭୦୭୭୨୮୮



# ଜୀବନ ପାତ୍ର


| | | | |
|---|---|---|---|
| | ଉପକ୍ରମ | ଇନ୍ଦ୍ରମଣି ଜେନା | |
| | ଅଭିମତ | ଗୌରହରି ଦାସ | |
| ୧. | **ଜୀବନପାତ୍ର ମୋ** | | |
| | ଜୀବନପାତ୍ର ମୋ | ଦେବେନ୍ଦ୍ର କୁମାର ପତି | ୧୩ |
| | ଜୀବନ: ପ୍ରାର୍ଥନା ଓ ସାଧନାର ନାମାନ୍ତର | ସଂଘମିତ୍ରା ମିଶ୍ର | ୧୫ |
| | ଜୀବନ ଓ ମୃତ୍ୟୁପଥେ କର୍ମ ହିଁ ଆନନ୍ଦ | ବିଷ୍ଣୁପ୍ରିୟା ଓତା | ୧୯ |
| | ଜୀବନ ବଞ୍ଚିବାର କଳା | ସୁଲୋଚନା ଦାସ | ୨୨ |
| | ମୁଁ ଓ ମୋର | ମନୋଜ କୁମାର ମହାପାତ୍ର | ୨୫ |
| | ଏମିତି କାହିଁ ଜୀବନ | କେଶବ ଚନ୍ଦ୍ର ଶତପଥୀ | ୨୮ |
| ୨. | **ଭରିଛ କେତେ ମତେ** | | |
| | ଚାରୁଚିତ୍ର | ମନଜ୍ୟୋସ୍ନା ସାମଲ | ୩୧ |
| | ଆମେରିକାରୁ ଭାରତ | ନାରାୟଣ ସାହୁ | ୩୨ |
| | ସେଇ ସୁଜାତା | ବିଜୟଲକ୍ଷ୍ମୀ ମହାନ୍ତି | ୩୪ |
| | ଜନନୀ | ଉଦ୍ଧବ ଚରଣ ନାୟକ | ୪୦ |
| | ତଲ୍ଲୀନତା: ବୟସାତୀତ ଯୌବନ | ଫକୀର ମୋହନ ସାହୁ | ୪୬ |
| | ଅବିସ୍ମରଣୀୟ | ସୂର୍ଯ୍ୟ ନାରାୟଣ ମିଶ୍ର | ୫୧ |
| | ଜୀବନ - ସ୍ୱଭାବ ଓ ସ୍ୱପ୍ନର ସମ୍ଭାର | ଇନ୍ଦ୍ରମଣି ଜେନା | ୫୩ |
| | ସଦ୍‌ଗୁରୁ | ବିଶ୍ୱପ୍ରିୟା ଜେନା | ୬୧ |
| | HEALING | ତନୟା ଜେନା | ୬୪ |
| | A GIFT OF MOTHER | ସେମନାଥ ପ୍ରସାଦ ଜେନା | ୬୮ |
| | PRAYER ELEVATES | ସରୋଜିନୀ ପଟ୍ଟନାୟକ | ୭୦ |
| | ଜୀବନ - ସ୍ୱପ୍ନ ଚରିତ୍ରର ବିଶେଷତ୍ୱ | ତପସ୍ୱିନୀ ପଟ୍ଟନାୟକ | ୭୧ |
| | ଜୀବନ: ଶାନ୍ତି ଓ ସାଧନା ପ୍ରଣୋଦିତ | ପଙ୍କଜିନୀ ଜେନା | ୭୪ |
| ୩. | **ନ ଦେଲ କିଛି ବୋଲି କହିବି କି ହେ ଆଉ** | | |
| | ଏକାନ୍ତ ଦୁର୍ଲଭ | ସୁଷମା ମିଶ୍ର | ୭୭ |
| | ନ ଦେଲ କିଛି ବୋଲି....... | ଲକ୍ଷ୍ମୀଧର ତ୍ରିପାଠୀ | ୭୮ |
| | ନିମିତ୍ତମାତ୍ର | ଗୌରାଙ୍ଗ ଚରଣ ଲେଙ୍କା | ୮୦ |
| | ପ୍ରକାଶିତ ଜୀବନ | ଶରତ କୁମାର ମହାନ୍ତି | ୮୩ |

| | | | |
|---|---|---|---|
| ୪. | ଜୀବନ ପ୍ରିୟତମ ହରିଛ ମୋ ଭରମ | | |
| | ମୃଗତୃଷ୍ଣା | ସରୋଜିନୀ ନାୟକ | ୮୭ |
| | ଅସମାପ୍ତ କାହାଣୀ – ପ୍ରତିରୂପ .. .. .. | ବିଜୟିନୀ ମହାନ୍ତି | ୯୨ |
| | ଅନୁଚିନ୍ତା - ଆଜିର ଜୀବନ | ପ୍ରଫୁଲ୍ଲ କୁମାର ମହାପାତ୍ର | ୯୬ |
| | ବ୍ୟବସାୟ | ଶିବ ପ୍ରସାଦ ରଥ | ୯୯ |
| | ଜୀବନ - ମାୟା ଓ ଛାୟା ଚରିତ୍ର | ଶ୍ୟାମସୁନ୍ଦର ଆଚାର୍ଯ୍ୟ | ୧୦୧ |
| | ଜୀବନ - ଭକ୍ତିର ନିଦର୍ଶନ | ସୋମନାଥ ବିଷୋୟୀ | ୧୦୩ |
| ୫. | **ନୟନ ପଲକରେ ଲୁଚାଅ ଜାଣି ଜାଣି** | | |
| | ସ୍ମୃତିର ସ୍ତବକ | ବିଦେଶୀ ଭଞ୍ଜ | ୧୦୯ |
| | ଗଙ୍ଗଶିଉଳି | ସ୍ୱଦେଶ ପଟ୍ଟନାୟକ | ୧୧୦ |
| | ଯୋଗଜନ୍ମା | ବିଜୟଲକ୍ଷ୍ମୀ ଦାଶ | ୧୧୧ |
| | How I Wonder What You Are !! | ସୁଜାତା ପ୍ରିୟଦର୍ଶିନୀ | ୧୧୩ |
| | Mommy | ମଞ୍ଜୁଷା ପଟ୍ଟନାୟକ | ୧୧୪ |
| ୬. | **ମିଳନ ମଧୁରାତି ପାହିଲା ଚାହୁଁ ଚାହୁଁ** | | |
| | ମଣିଷ ଜୀବନ - ବିଧିର ବିଧାନ | ସୁଶୀଲ କୁମାର ପଟ୍ଟନାୟକ | ୧୧୭ |
| | ଅପରାଜିତା | ଇନ୍ଦ୍ରମଣି ଜେନା | ୧୨୧ |
| ୭. | **ତରଣୀ ମୋର ତବ ସାଗରେ ବହିଯାଉ** | | |
| | ତରଣୀ ମୋର ତବ ସାଗରେ ବହିଯାଉ | ଅଭିନ୍ନ ଚନ୍ଦ୍ର ସାହୁ | ୧୩୩ |
| | ସୁଖର ଅନନ୍ତ ଅନ୍ୱେଷଣ | ଦ୍ୱାରିକା ମୋହନ ମିଶ୍ର | ୧୩୬ |



# ଜୀବନପାତ୍ର ମୋ



# ଜୀବନପାତ୍ର ମୋ......

*ଦେବେନ୍ଦ୍ର କୁମାର ପତି*

ସବୁଜ କବିଙ୍କ ଚିରସବୁଜ ଏଇ ଗାଥା । ବାସ୍ତବିକ ତାହା ଗୀତ ନୁହେଁ କି ଗାଥା ନୁହେଁ । ଏକ ଜୀବନବାଦୀ ମନ୍ତ୍ର । ପ୍ରତିଟି ସ୍ପନ୍ଦନଶୀଳ ମଣିଷ ଚେତନାରେ ନୂତନ ଆଲୋକ ଭରିଦେବା ପାଇଁ ଏହା ଅଭିପ୍ରେତ । ବସ୍ତୁତୃଷ୍ଣାର ବୈକଲ୍ୟ ଭିତରେ ସଢି ହେଉଥିବା, ଆପଣାର କର୍ତ୍ତବ୍ୟକୁ ବିସ୍ମରଣ କରି ପରଶ୍ରୀକାତରତା, ଅହଂ, ଦ୍ୱେଷାଦିରେ ସନ୍ତୁଳି ହେଉଥିବା, ସର୍ବୋପରି ନିଜକୁ ବିସ୍ମରଣ କରି ଯାଉଥିବା 'ଧନରେ ଧନୀ, ମାତ୍ର ମନରେ ଗରିବ' ମାନଙ୍କ ପାଇଁ ଏହି ମନ୍ତ୍ର ଚେତାବନୀ ନୁହେଁ ତ ଆଉ କ'ଣ ?

ମାନବ ଦେହେ ଦିବ୍ୟଜ୍ଞାନ, ଦେଖି ସନ୍ତୋଷ ଭଗବାନ । ମଣିଷର ଚମତ୍କାରିତାରେ ସ୍ୱୟଂ ସୃଷ୍ଟିକର୍ତ୍ତା ମଧ୍ୟ ବିସ୍ମୟାଭିଭୂତ । ସାମର୍ଥ୍ୟ ତା'ର ଅକଳନ୍ତି । କୋଟିଏ ପରମାଣୁ ବୋମାକୁ ନିଷ୍କ୍ରିୟ କରିଦେବାର ପ୍ରଜ୍ଜ୍ୱଳନ ତା' ଭିତରେ । ମଣିଷ ପାଇଁ କିଛି ବି ଅନତିକ୍ରମଣୀୟ ବା ଅଲଙ୍ଘ୍ୟ ନୁହେଁ । ସବୁ ରହସ୍ୟଭେଦ କରିପାରିବାର ଅସୀମ ଶକ୍ତି ତା' ଭିତରେ ନିହିତ । ମାତ୍ର, ସେହି ଦେବାନାଂ ପ୍ରିୟ ମଣିଷ ଏବେ କରୁଛି କ'ଣ ? କବି ଚିନ୍ତାମଣି ବେହେରାଙ୍କ ଭାଷାରେ, "ଏଇ ବଣି ସେତେବେଳେ ହୁଏତ ବା ଯାଇଥିଲା ଭୁଲି, କୀଟର ଭୋଜିରେ ବସି ଆକାଶରେ ଉଡିବାର ଗାନ ।"

ମଣିଷ ଭିତରେ ଅପ୍ରମିତ ଶକ୍ତି ଖଞ୍ଜିଦେଇଥିବା ଈଶ୍ୱର ସବୁବେଳେ ତା'ଠାରୁ ସବୁକ୍ଷେତ୍ରରେ ଉତ୍କର୍ଷ ହିଁ କାମନା କରନ୍ତି । ସେହି କାମନା କରିବା ମଧ୍ୟ ଅମୂଳକ ନୁହେଁ । ଏହି ସୁନ୍ଦର ସୃଷ୍ଟିକୁ ସୁନ୍ଦରତର କରିଦେଉ ମଣିଷ - ଏହା ହିଁ ଈଶ୍ୱରଙ୍କ ପ୍ରଚ୍ଛନ୍ନ ଇଙ୍ଗିତ । ସୃଷ୍ଟିରେ ଅନ୍ୟାନ୍ୟ ଜୀବଜନ୍ତୁଙ୍କ ଜୀବନ ପାତ୍ର ଆଉ ମଣିଷର ଜୀବନ ପାତ୍ର ମଧ୍ୟରେ କେତେ ପ୍ରଭେଦ ! ମଣିଷର ଜୀବନ ପାତ୍ରରେ ରହିଛି ନୈସର୍ଗିକ ବିଷୟସକଳ । ସ୍ନେହ, ପ୍ରେମ, କରୁଣାର ଅସରନ୍ତି ଭଣ୍ଡାର ରହିଛି ତହିଁରେ । ପୁଣି ଅଛି ତ୍ୟାଗ, ତିତିକ୍ଷା, ନିଃସ୍ୱାର୍ଥପରତା, ସମ୍ବେଦନଶୀଳତାର ଅଜସ୍ର ଉଲ୍ଲାସ । ସମସ୍ତ ପ୍ରକାର ମାନବିକ ଗୁଣରାଜି ତା' ଭିତରେ ଗୁମ୍ଫିତ ହୋଇରହିଛି । ପୁଣି ରହିଛି କର୍ତ୍ତବ୍ୟବୋଧର ତାଡନା । ତା'କୁ ତନ୍ଦ୍ରାଳସ ନ କରେଇ କର୍ତ୍ତବ୍ୟସଚେତନ କରିବାର ଦୃପ୍ତ ଆହ୍ୱାନ - "ତନ୍ଦ୍ରା ତଳେ ଦେଖେ ମୁହିଁ, ପ୍ରାଣ ଏକ ସୁରଭି ସ୍ୱପନ, ଆଖି ଖୋଲି ଦେଖେ ଯେବେ, ଚାରିଆଡେ କର୍ତ୍ତବ୍ୟ ଆହ୍ୱାନ ।"

ମନୁଷ୍ୟର ଚତୁର୍ବିଧ ସତ୍ତା ମଧ୍ୟରୁ ସବୁଠୁ ମହତ୍ତମ ହେଉଛି ଚୈତ୍ୟସତ୍ତା, ଯାହାକି ତା' ଭିତରେ ଦିବ୍ୟତ୍ୱର ପରିପ୍ରକାଶ ଘଟାଇଥାଏ । ଶରୀର, ମନ, ପ୍ରାଣ ପାର୍ଥିବ ଅନୁଭୂତିରେ ରସାଣିତ । ମାତ୍ର ଆଧାତ୍ମିକ ଉତ୍ତରଣର ନିରବଚ୍ଛିନ୍ନ ପ୍ରୟାସ କେବଳ ମାନବ ପକ୍ଷରେ ସମ୍ଭବପର । ସେଥିପାଇଁ, ବିବର୍ତ୍ତନବାଦର ପାହାଚ ପରେ ପାହାଚ ଚଢି ଏବେ ସେ ଅଧିମାନସ ଓ ଅତିମାନସ ସତ୍ତା ଆଡକୁ ଧାବମାନ । ମୃତ୍ୟୁର ନୈମିତ୍ତିକତା ତା' ପାଇଁ ଉପେକ୍ଷମାଣ । ମୃତ୍ୟୁ କେବଳ ଘଟାନ୍ତର, ଜୀବନର ନିରନ୍ତର ସ୍ରୋତରେ ଏକ ଉତ୍ତାଳ ତରଙ୍ଗ । ମୃତ୍ୟୁ ଉପରେ ବିଜୟ ହାସଲ ମଣିଷର ସର୍ବନିମ୍ନ ଦାବି ଓ ଅଧିକାର । ମୃତ୍ୟୁର ସାର୍ବଜନୀନ ଭୟ ଓ ଭ୍ରାନ୍ତି ଦୂର କରିବା ତା' ପାଇଁ ହାତପାହାନ୍ତାର ଆହ୍ୱାନ ।

ମୃତ୍ୟୁ ଉପରେ ବିଜୟ ହାସଲ ନ କଲେ ସେ ଜୀବନର ସ୍ୱାଦ ଚାଖିବ ଅବା କେମିତି ! ନିଜପାଇଁ ଓ ଅନ୍ୟପାଇଁ ତା'କୁ ମୃତ୍ୟୁଭୟ ଏଡାଇଯିବାକୁ ହେବ । ତୋଳିବାକୁ ହେବ ଜୀବନପୁଷ୍ପ । ମୃତ୍ୟୁଜଳରେ ପହଁରି ପହଁରି ତୋଳେ ଯେ ରକ୍ତକଇଁ, କୃଷ୍ଣନାଗର ଦଂଶନେ ସେ କି ପଡିବ ନଇଁରେ ପଡିବ ନଇଁ । ଏ କଥାକୁ ସ୍ୱତଃ ପ୍ରମାଣ କରିବାକୁ ହେବ ଯେ ସେ ମୃତ୍ୟୁର କିଙ୍କର ନୁହେଁ, ଜୀବନର ଉପାସକ, ସହଚର ।

ମଣିଷର ଆଉ ଏକ ଉଲ୍ଲେଖଯୋଗ୍ୟ ବିଶେଷତ୍ୱ ହେଲା ସେ ନିଜେ ନିଜର ଭାଗ୍ୟବିଧାତା । ଈଶ୍ୱର ତା'କୁ ସୃଷ୍ଟି କରିଥିଲେ ବି ଅପ୍ରମେୟ ଦକ୍ଷତା ଭରି ଏଇ ପୃଥିବୀକୁ ପ୍ରେରଣ କରିଛନ୍ତି । ଅବଶ୍ୟ, ତା'ର କାର୍ଯ୍ୟଧାରାର ଟିକିନିଖି ବବରଣୀ ସେ ଅଦୃଶ୍ୟ ଭାବରେ ଲିପିବଦ୍ଧ କରୁଛନ୍ତି । ମାତ୍ର, ତା'ର ଦୈନନ୍ଦିନ ବ୍ୟାପାରରେ ମୁଣ୍ଡ ପୂରାଉ ନାହାନ୍ତି । ତା'କୁ ଉତ୍ସାହିତ ଅଥବା ନିରୁତ୍ସାହିତ କରୁ ନାହାନ୍ତି । ପ୍ରତ୍ୟେକ କାର୍ଯ୍ୟପାଇଁ ତା'କୁ ହିଁ ଉତ୍ତରଦାୟୀ କରି ଦେଇଛନ୍ତି । ଭବ ସଂସାରର ଲୀଳାଖେଳା ସରିଗଲା ବେଳକୁ ଫିଟୁଛି ହିସାବଖାତା । ପାପ ନା ପୁଣ୍ୟର ମିଶାଣ ଫେଡାଣ ଭିତରେ ମିଳିଯାଉଛି ପୁରସ୍କାର ନତୁବା ପ୍ରାୟଶ୍ଚିତର ହିସାବନାମା ।

ଏ ଜୀବନଟା ଏମିତି ଯେ ଚଲାପଥରେ ଅନେକ ଭ୍ରମ ଆସିବା ସ୍ୱାଭାବିକ । ଆଦର୍ଶଚ୍ୟୁତ କରିବାକୁ ଅନେକ ପ୍ରଲୋଭନ ମଧ୍ୟ ଦେଖାଯିବ । ଜଳର ସନ୍ଧାନ କରୁକରୁ ମରୀଚିକାର ମାୟାରେ ପଡିବା ସାର ହେବ । କୋଟିଏ କଣ୍ଠରୁ ଶୁଭିବ ଗୋଟିଏ ସଖୀ ଡାକ । ସଭିଏଁ ଲାଗିବେ ଆପଣାର, ପୁଣି ଘଡିକେ ସାତ ପର । ସଫଳତା ଟିକେ ମିଳିଗଲେ ଭାଗ ବସାଇବାକୁ ପ୍ରିୟଜନ, ଚିହ୍ନା ଅଚିହ୍ନା ଧାଇଁ ଆସିବେ । ବିଫଳତାର ଅନ୍ଧାର ଗୋହିରିରେ କେହି ଜଣେ ବି ଦିଶୁ ନ ଥିବେ । ବ୍ୟର୍ଥତା ଓ ବୈରାଗ୍ୟର ସୁଡଙ୍ଗ ଶେଷରେ ଆଶାର ସୂର୍ଯ୍ୟକିରଣ ଆଲିଙ୍ଗନ କରିବାକୁ ଅପେକ୍ଷାରତ, ଏଇ ବିଶ୍ୱାସଟିକକ ନେଇ ଜୀବନପଥରେ ଆଗେଇ ଯିବାକୁ ହେବ ।

ସ୍ୱପ୍ନ ସରି ନ ଥିବ, ରାତି ପାହିଯିବ । ଗଳ୍ପ ସରି ନ ଥିବ, ସମୟ ସରିଯିବ । ଅଳ୍ପକଥାରେ ଠିକେ ଠିକେ ବୁଝାଇଦେବାକୁ ହେବ ମନର କଥା ହେଉ କି ହୃଦୟର ବ୍ୟଥା । ଅଳ୍ପକରି ଗଳ୍ପ କହ ସ୍ୱଳ୍ପ ଆଜି ସମୟସୀମା, ଧୂର୍ଜଟୀର ତୂର୍ଯ୍ୟ ବାଜେ ଧୈର୍ଯ୍ୟ ହାରେ ଜୀବନନାମା । । ଅନ୍ତରର ଅନ୍ଧକାରୁ ସନ୍ଧାନିବା ସତ୍ୟକଥା, ମିଥ୍ୟା ମଧୁ ବଚନ ତେଜି କହିବା ଚାଲ ଜୀବନ ଗାଥା । ପ୍ରିୟ ଜୀବନ ଓ ପ୍ରିୟତମ ଈଶ୍ୱରଙ୍କପାଖରେ ତେବେ କାହିଁକି ଏତେ ଛଳନା ?

କବିଗୁରୁଙ୍କ ମନ୍ତ୍ର 'ଏକଲା ଚଲୋ' ଘୋଷିବା ସହଜ । ହେଲେ, କାର୍ଯ୍ୟରେ ରୂପାୟନ କରିବା ନିହାତି ଦୁରୂହ । ପ୍ରତିଶ୍ରୁତି ବିହୀନ ସମ୍ପର୍କ ବା ପ୍ରତ୍ୟାଶାବିହୀନ ଜୀବନ କ'ଣ ଏତେ ସହଜରେ ଧାରଣ କରିହେବ ? କାମନା ହିଁ ଦୁଃଖର ମୂଳ କାରଣ ଜାଣି ବି କାମନାର ନୀଳତୃଷ୍ଣାରୁ ବିମୁକ୍ତି କାହିଁ ? ପାପର ପ୍ରାୟଶ୍ଚିତ ପାଇଁ ସିନା ଉପୋଷ୍ୟ ବ୍ରତ, ନିର୍ବାଣର ନିର୍ମାଲ୍ୟ ଲାଭ ପାଇଁ କ'ଣ ସେହି ସମାନ ପଥ ?

କବି କହିଲେ, "ଜୀବନ ପାରିଲାନି ଧରି ତାକୁ, ମୃତ୍ୟୁ ତାରେ ଛାଡିଦେଲା ବାଟ ।" କିଏ ସେହି ଶକ୍ତିମାନ ? ସେ କ'ଣ ଆମ ଜୀବନପାତ୍ରରେ ରହିଛି ? ତାହା ଯଦି ସତ୍ୟ, ଏତେ ଭ୍ରମ କାହିଁକି ଆମ ଭିତରେ ? ଆମେ ବୋଧହୁଏ ସେଇ ସିନ୍ଧୁର ସନ୍ଧାନରେ । ପାଇବୁ ପାଇବୁ ହେଉଛୁ, ମାତ୍ର ପାଇପାରିନୁ । ଧରିଛୁ ବୋଲି ଭାବିଛୁ, କିନ୍ତୁ ଧରିପାରିନୁ । ସେଥିପାଇଁ ବୈଦିକ ଋଷି କହିଲେ, "ଅଚିନ୍ତନୀୟକୁ ଚିନ୍ତାକରିବାର, ଅଜ୍ଞାତକୁ ଜାଣିବାର ବା ଅଶ୍ରୁତକୁ ଶୁଣିବାର ପ୍ରୟାସ କର, ଦିନେ ନା ଦିନେ ନିଶ୍ଚୟ ସଫଳ ହେବ ।" ସେତେବେଳେ ନିଶ୍ଚୟ ମାନବର ଜୀବନପାତ୍ର ଭରି ଯାଇଥିବ କାମନାରହିତ ଦୁର୍ଲଭ ବ୍ରହ୍ମପଦାର୍ଥରେ । ତା' ଚିନ୍ତାଚେତନାର ସମ୍ପୂର୍ଣ୍ଣ ନବକଳେବର ହୋଇସାରିଥିବ ଆପଣାଛାଏଁ ।

ଜନ୍ମ ଅବା ମୃତ୍ୟୁ କିଛି ବି ଆକସ୍ମିକ ନୁହେଁ, ପରନ୍ତୁ ପୂର୍ବନିର୍ଦ୍ଧାରିତ ଅବଶ୍ୟାମ୍ଭାବୀ ଘଟଣାକ୍ରମର ଅଂଶସ୍ୱରୂପ । ଯିଏ ହାତରେ ଜୀବନପାତ୍ର ଧରାଇଛନ୍ତି, ସେ ନିଶ୍ଚୟ ତାହା ଭରିଦେବେ । କେବଳ ଲୋଡା ଦିବ୍ୟ ଅଭୀପ୍ସା ଓ ଶାଶ୍ୱତ ଆସ୍ପୃହା । ନିରାସକ୍ତ, ତ୍ୟାଗସିକ୍ତ ଜୀବନଚର୍ଯ୍ୟାର ସୁଫଳ ତା'କୁ ଅବଶ୍ୟ ମିଳିବ । ପ୍ରିୟ ଜୀବନ ଓ ଜୀବନ ପ୍ରିୟତମ ମଧ୍ୟରୁ ଶେଷୋକ୍ତ ବାଛିନେଲେ, ଜୀବନଯୁଦ୍ଧରେ ବିଜୟୀ ଅଥବା ବିଜୟିନୀ ହେବା ତା ପାଇଁ ଅବଧାରିତ ।

ଡି.ଏ.ଭି. ପବ୍ଲିକ୍ ସ୍କୁଲ୍,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧,
ମୋ: ୯୪୩୭୩୫୮୯୬୯

✠✠✠✠



# ଜୀବନ: ପ୍ରାର୍ଥନା ଓ ସାଧନାର ନାମାନ୍ତର

*ସଂଘମିତ୍ରା ମିଶ୍ର*

ଜୀବନକୁ ନେଇ ସମସ୍ତଙ୍କର କୌତୁହଳ ରହିଛି । ଏହାର ପ୍ରତିଶବ୍ଦ ପ୍ରାଣ, ଆୟୁଷ, ପରମାୟୁ ବା ଜୀବ । ଜୀବନ କୁଆଡୁ ଆସେ କୁଆଡେ ଯାଏ କେହି ଜାଣନ୍ତି ନାହିଁ । କେହି କହନ୍ତି, ପୂର୍ବଜନ୍ମର କର୍ମ ହେତୁ ମନୁଷ୍ୟ ଜନ୍ମ ମିଳିଥାଏ । ପୂର୍ବଜନ୍ମର ସଂସ୍କାର ନେଇ ମନୁଷ୍ୟ ବଢେ ବା ନିଜର ବିଚାର ବ୍ୟକ୍ତ କରେ । ଜୀବନ ପୁଣି କେତେକଙ୍କ ମତରେ ଏକ ଦୁର୍ଘଟଣା ମାତ୍ର । ଜୀବନ ସୃଷ୍ଟି ପଛରେ କୌଣସି ରହସ୍ୟ ନାହିଁ ବରଂ ଅଛି କିଛି ଜୈବିକ ପ୍ରକ୍ରିୟା । ଏହାର ଇଂରାଜୀ ପ୍ରତିଶବ୍ଦ 'Life'. ଏହି ଲାଇଫ୍ କେବେ ଦୀର୍ଘ ତ କେବେ ସୀମିତ । ତେଣୁ କୁହାଯାଏ ଦୀର୍ଘ କ୍ଲାନ୍ତିକର ଜୀବନଠାରୁ ସୀମିତ ଅର୍ଥପୂର୍ଣ୍ଣ ଜୀବନ ଅଧିକ ଶ୍ଳାଘ୍ୟ । ମନୁଷ୍ୟ ଭଳି ପ୍ରାଣୀ ଓ ଉଦ୍ଭିଦଙ୍କର ମଧ୍ୟ ଜୀବନ ଅଛି । ସେଗୁଡିକ ଆମର ଆଲୋଚ୍ୟ ନୁହେଁ ଯଦିଚ ବିଜ୍ଞାନର ଅଗ୍ରଗତିରେ ବିଭିନ୍ନ ନୂତନ ଧରଣର ପ୍ରାଣୀ ଓ ଉଦ୍ଭିଦ ସୃଷ୍ଟି ହୋଇପାରୁଛନ୍ତି ।

ମନୁଷ୍ୟର ଜୀବନକୁ ଆମେ ସାଧାରଣତଃ ଈଶ୍ୱରଙ୍କ ବରଦାନ ବୋଲି କହୁ । ବିଭିନ୍ନ ପ୍ରାଣୀ ଉଦ୍ଭିଦ ସୃଷ୍ଟି କରିବାପରେ ଈଶ୍ୱର ତାଙ୍କର ଶ୍ରେଷ୍ଠ ସୃଷ୍ଟି ଭାବରେ ମନୁଷ୍ୟ ଗଢିଛନ୍ତି । ତାକୁ ବିବେକ ସହ ଦେଇଛନ୍ତି ଅବିବେକୀପଣ । ତ୍ୟାଗ ସହିତ ଦେଇଛନ୍ତି ଭୋଗ ବାସନା, ସହାନୁଭୂତି ସହିତ ଦେଇଛନ୍ତି ସ୍ୱାର୍ଥପରତା । ମନେହୁଏ, ସ୍ୱୟଂ ଈଶ୍ୱର ମନୁଷ୍ୟକୁ ସୃଷ୍ଟିକରିବା ପରେ କିଂକର୍ତ୍ତବ୍ୟବିମୂଢ ହୋଇପଡିଛନ୍ତି । ତେବେ ଜୀବନ କଥା କହୁ କହୁ ଆମେ ଈଶ୍ୱରଙ୍କ କଥା କହିଲେଣି । ଜୀବଜଗତରେ ପ୍ରତ୍ୟେକ ଜୀବ ନିଜ ପିତାମାତାଙ୍କ ଆକୃତି ଓ ପ୍ରକୃତି ଆଣି ଜନ୍ମ ହୁଅନ୍ତି । ମନୁଷ୍ୟ ଶିଶୁ ଆକୃତିରେ ମଣିଷ ହେଲେ ହେଁ ତାକୁ ମାନବୀୟ ପ୍ରକୃତି ସହିତ ମଣିଷ କରିବା ଲୋଡାପଡେ । ମାନବଶିଶୁ ଅସହାୟ । ତେଣୁ ପିତାମାତା, ପରିବାର ପରିବେଶ, ବନ୍ଧୁ, ଶିକ୍ଷକ ସମସ୍ତେ ମଣିଷକୁ ପ୍ରକୃତ ମଣିଷ କରିବାରେ ନିଜ ନିଜର ଅବଦାନ ଦେଇଥାଆନ୍ତି । କାରଣ ମଣିଷ କେବଳ ଜୈବିକ ଗୁଣନେଇ ବଞ୍ଚେନାହିଁ । ତାର ବିବେକ ରହିଛି । ଉଚ୍ଚତର ଚିନ୍ତା ରହିଛି । ଜୀବନପାଇଁ କିଛି ମୂଲ୍ୟବୋଧ ରହିଛି । କେହି ଜୀବନକାଳ ଭିତରେ ଭଲ ଖାଇବାକୁ ଚାହେଁ, କେହି ବୁଲିବାକୁ ଚାହେଁ, କେହି ଅୟସ ଆରାମ ଚାହେଁ । କେହି ପୁଣି ଧନସଂପଦ ଓ ପ୍ରାଚୁର୍ଯ୍ୟ ଚାହେଁ । କିଏ ପୁଣି କହେ ଏ ଜୀବନରେ ପ୍ରଭୁଙ୍କ ଆଶୀର୍ବାଦ ହିଁ ଶ୍ରେଷ୍ଠ ପ୍ରାପ୍ତି । ତାର ସମସ୍ତ ଜୀବନ ପ୍ରଭୁଙ୍କ ସେବାରେ ନିବେଦିତ ହୋଇଯାଏ । ଗାନ୍ଧିଜୀ ତାଙ୍କ ଆତ୍ମଜୀବନୀ ନାମ ରଖିଥିଲେ 'ମୋ ଜୀବନରେ ସତ୍ୟର ପ୍ରୟୋଗ' ଅର୍ଥାତ୍ ସେ ସତ୍ୟକୁ ନେଇ ନାନା ଭୁଲ୍ ଠିକ୍ ମାଧ୍ୟମରେ ପରୀକ୍ଷା କରିଥିଲେ, ଯେଉଁ ପରୀକ୍ଷାର ଫଳ ସମଗ୍ର ବିଶ୍ୱ ଭୋଗ କରିଥିଲା । ସାଧାରଣ ଜନତା ନିଜନିଜ ଜୀବନର ଗୁରୁତ୍ୱ ଉପଲବ୍ଧି କରିଥିଲେ । ମନୁଷ୍ୟ ଜୀବନ କର୍ମପାଇଁ ଆବଶ୍ୟକ, ଆଳସ୍ୟ ବା ବିଳାସ ପାଇଁ ନୁହେଁ ବୋଲି ଗାନ୍ଧିଜୀଙ୍କ ଉକ୍ତି ପ୍ରତ୍ୟେକ ଭାରତୀୟର ଜୀବନକୁ କର୍ମାଭିମୁଖୀ କରିଥିଲା । ଆଜି ହୁଏତ ଗାନ୍ଧି ଆଦର୍ଶ ବିସ୍ମୃତ ହୋଇ ଆମେ କର୍ମବିମୁଖ ହୋଇଯାଉଛୁ ।

କିନ୍ତୁ ମଣିଷମାତ୍ରେ ଆକୃତି ଓ ପ୍ରକୃତିରେ ଏକ ଅପରଠାରୁ ସ୍ୱତନ୍ତ୍ର । ଯଦିଚ ଆମେ ପରମ୍ପରାକୁ ଧରି ଭୂମିଷ୍ଠ ହେଉ ଓ ପିତୃପୁରୁଷର ରୂପ ଗୁଣ ଦ୍ୱାରା ପ୍ରଭାବିତ ହୋଇଥାଉ ଓ ନିଜ କୃତିତ୍ୱରେ ତାକୁ ନୂଆ ରୂପ ଦେଉ । ତଥାପି ଜୀବନକୁ ନେଇ ପ୍ରତ୍ୟେକ ମଣିଷର ଚିନ୍ତା ଭିନ୍ନ ଭିନ୍ନ ହୋଇଥାଏ । ଋଷି ସନ୍ୟାସୀ ମହାପୁରୁଷ ମାନଙ୍କ ଦୃଷ୍ଟିରେ ଜୀବନର ଅର୍ଥ ଯାହା, ସାଧାରଣ ମଣିଷପାଇଁ ସେ ଅର୍ଥ ଭିନ୍ନ । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ କାଳଖଣ୍ଡ ହିଁ ଜୀବନ । ମହାନ୍ ଚିନ୍ତାନାୟକ ଶଙ୍କରାଚାର୍ଯ୍ୟଙ୍କ ମତରେ –

'ନଳିନୀ ଦଳଗତ ଜଳମତି ତରଳମ୍
ତାବତ୍ ଜୀବନଂମତିଶୟ ଚପଳମ୍ ।'

ଅର୍ଥାତ୍ ପଦ୍ମପତ୍ରରେ ଜଳବିନ୍ଦୁ ଭଳି ଜୀବନ ସ୍ଥିର ନୁହେଁ । ତେଣୁ କ୍ଷଣେମାତ୍ର ହେଲେ ସାଧୁସଙ୍ଗ କରିବାକୁ ସେ ଉପଦେଶ ଦେଇଛନ୍ତି । ଆମ ପରମ୍ପରାରେ ଜୀବନ ଧନ, ଜୀବଜୀବନ ଭଳି ଅନେକ ସମ୍ବୋଧନ ରହିଛି । ଈଶ୍ୱରଙ୍କୁ ଆମେ ଜୀବନସ୍ୱାମୀ, ଜୀବନବନ୍ଧୁ, ପ୍ରାଣସଖା, ପ୍ରାଣବନ୍ଧୁ, ପ୍ରାଣରଞ୍ଜନ ଭଳି ନାମରେ ସମ୍ବୋଧନ କରିଥାଉ । ଖାଲି ସେତିକି ନୁହେଁ, 'କଳାମାଣିକରେ' (ବିଦଗ୍ଧ ଚିନ୍ତାମଣି) ଗୀତରେ ଯଶୋଦା କୃଷ୍ଣଙ୍କୁ,

'ମୋ ଜୀବ ଜୀବନ ତୁହି ନୟନ ପ୍ରତିମା
ତୋତେ କି ପାଶୋରି ହେବ ମୋର ଦୁଃଖ ସୀମା'
ମୋ କଳା ମାଣିକରେ'

ବୋଲି ଶୋକ ପ୍ରକାଶ କରନ୍ତି । ସେମିତି ଉପେନ୍ଦ୍ର ଭଞ୍ଜଙ୍କ ସଂଗୀତ

'ଆହା ମୋ ଜୀବନଧନୀ ଜୀବନେ କି ଥିବରେ
ନିଶାକର ବିଧୂମୁଖୀ କିସ କରୁଥିବରେ'

ପଦରେ ଆମେ ଦେଖୁ ପ୍ରଣୟ ପାଗଳ ନାୟକ ନାୟିକାକୁ 'ଜୀବନଧନୀ' ଭାବେ ସମ୍ବୋଧନ କରୁଛି । ରାଧା ନିଜର ସଖୀମାନଙ୍କୁ ଅନୁରୋଧ କରି କହନ୍ତି ଯେ, ତାଙ୍କର ଜୀବନ ଗଲାବେଳେ ତାଙ୍କ ହୃଦୟରେ ଶ୍ୟାମନାମ ଲେଖିଦେବେ । ଶ୍ୟାମବସନ ତାଙ୍କ ଶରୀରରେ ଘୋଡାଇ ଦେଇ ଶ୍ୟାମବଂଶୀ ଶୁଭୁଥିବା ଆଡକୁ ତାଙ୍କ କାନ ରଖି ଶ୍ୟାମଚଲାପଥରେ ତାଙ୍କ ଶବ ପୋତିଦେବେ ।

'ଜୀବେଦୟା' ଥିଲା ମହାତ୍ମା ବୁଦ୍ଧଙ୍କ ବାଣୀ । ସେମିତି କବି ବୈକୁଣ୍ଠନାଥଙ୍କ କବିତା ଜୀବନ ସଂଗୀତରେ ଆମେ ଶୁଣୁ ସେହି ଉଦାର ବାଣୀ –

'ଜୀବନପାତ୍ର ମୋ ଭରିଛ କେତେ ମତେ
ନ ଦେଲ କିଛି ବୋଲି କହିବି କି ହେ ଆଉ
ଜୀବନପ୍ରିୟତମ ହରିଛ ମୋ ଭରମ
ତରଣୀ ମୋର ତବ ସାଗରେ ବହିଯାଉ'

ଏଠାରେ ଈଶ୍ୱର ଜୀବନପ୍ରିୟତମ, ଜୀବନଆଲୋକ, ଯାହା ସ୍ପର୍ଶରେ ସକଳ ମଳିନତା ଅପସରି ଯାଏ । ସେ ପୁଣି ଜାଣନ୍ତି –

'ଜୀବନେ ଲୀଳା ଖେଳା ଭିଆଣ ସବୁ ତାର
ସେ ମହାଦାନୀ ହସେ ପରାଣେ ଦେଖୁନାହିଁ'

ଭକ୍ତକବି ଅଚ୍ୟୁତାନନ୍ଦ ଦାସ ଗାଇଲେ,

'ସତେକି ଏ ଜୀବ ଯିବ ବୃନ୍ଦାବନେ ଯାଇ ସ୍ଥାନ ପାଇବ ହେ
ରାଧାଗୋବିନ୍ଦ, ଏହି ସୁଦୟା ମୋ ଠାରେ ଥିବ ହେ'

ସମସ୍ତେ ଚାହାନ୍ତି ଜୀବନ ଗଲାବେଳେ ନିହାତି ରାମକୃଷ୍ଣ ନାମ ଭଜନ କରୁଥିବେ । ଆମ ଜାତୀୟ ଜୀବନର ମହାନାୟକ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରି ଭକ୍ତକବି ଗାଆନ୍ତି –

'ଜୀବନ ଯିବା ବେଳରେ ଚିନ୍ତ ଚିନ୍ତାମଣିକି'

କିଏ ପୁଣି କହେ,

'ଯିବରେ ଯିବରେ ଜୀବ ଦିନେ ଚାଲିଯିବରେ
ତରୁଣୀ ତନୟା ତନୁ କେବା ସଙ୍ଗେ ନେବ ରେ'

ଜୀବନ ଥିବାଯାଏ ସମସ୍ତେ ଆପଣାର । ଜୀବନ ଯିବାବେଳେ କେହି କାହାର ନୁହେଁ । ପୁଣି ଏଭଳି ଜୀବନ ଅଛି ଯିଏ ଖାଲି ଶ୍ରମ କରୁଛି ଓ ତାର ଶ୍ରମଫଳ ସମସ୍ତେ ଭୋଗ କରୁଛନ୍ତି । ଏଭଳି ଜୀବନ ଅଛି ଯିଏ ଖୁବ୍ ଦୁଃଖ ଭୋଗୁଛି । ତା ଦୁଃଖରୁ କାହାକୁ ସେ ଭାଗ ଦେଇ ପାରୁନାହିଁ । କେହି ରୋଗପାଇଁ ଦୁଃଖୀ ତ କେହି ଅବୁଝାମଣା ପାଇଁ । କେହି ଅଭାବ ପାଇଁ ଦୁଃଖୀ ତ କେହି ଅତୀତ ସ୍ମରଣରେ ଦୁଃଖୀ । ସେମିତି ସୁଖୀ ମଧ୍ୟବିଭିନ୍ନ ପ୍ରକାର ଅଛନ୍ତି । କିଏ ମନ୍ଦିର ଦେଖି ସୁଖୀତ କେହି ଗରିଷ୍ଠ ଖାଦ୍ୟ ଖାଇ ସୁଖୀ, କିଏ ସୁନାରୂପା ପିନ୍ଧି ସୁଖୀ ତ କେହି ତୂଳିତଳ୍ପରେ ଶୟନ କରି ସୁଖୀ । ପୁଣି କେହି ଜୋତାର ରଙ୍ଗ ନ ମିଳିଲେ ଦୁଃଖୀ ତ କିଏ ପାଦ ନ ଥାଇ ଦୁଃଖୀ । ଏପରି ହୁଏ ଯେ ବ୍ୟକ୍ତି ଜୀବନର ଅନେକ କରୁଣ ଦିଗକୁ ଉନ୍ମୋଚିତ କରିବାକୁ ଭଲ ପାଏ ନାହିଁ । ସେ ସନ୍ତାନର ଦୁର୍ବିନୀତ ଭାବ ହେଉ, ଶାରିରୀକ ପୀଡା ହେଉ, ପଡୋଶୀଙ୍କଦ୍ୱାରା ଉପଦ୍ରୁତ ହୋଇଥାଉ ବା ପତ୍ନୀଙ୍କ ପାଇଁ ହେଉ । ଏସବୁ ଜୀବନକୁ ପ୍ରଭାବିତ କରେ । ସୁଖୀ ଭଳି ମନେ ହେଉଥିବା ମଣିଷଟି ଦୁଃଖ ଲୁଚାଇ ହସେ ।

ସେଥିପାଇଁ ତ ଆମର ଲୋକପ୍ରିୟ ଗୀତ ହେଉଛି –

'ଅନ୍ତରେ କାନ୍ଦେ ବାହାରେ ହସେ ମୁଁ ଏହି ମୋର ପରିଚୟ
ମରିସାରିଛି ମୁଁ କରୁଛି ତଥାପି ବଞ୍ଚିବା ଅଭିନୟ – '

ମଣିଷ ବ୍ୟତୀତ ଆଉ କେଉଁ ପ୍ରାଣୀ ଅଭିନୟ କରିଜାଣେନା ।

ଜୀବନସାରା ଏକାଠି ରହି, ଏକାଠି ଚାଲି ମଧ୍ୟଜଣେ ଅନ୍ୟଜଣଙ୍କୁ ଠିକ୍ ଭାବେ ଚିହ୍ନିପାରେନା । ଜୀବନର ତାଳ ଲୟ ଭାଙ୍ଗିଯାଏ । ପୁଣି ଜୀବନର ପାତ୍ର ଅନେକ ସଦିଚ୍ଛାରେ ଉଚ୍ଛୁଳି ଉଠେ ଯେତେବେଳେ ଦୁଇଟି ଜୀବନ ପରସ୍ପର ପାଇଁ ବଞ୍ଚନ୍ତି, ପରସ୍ପରକୁ ବୁଝନ୍ତି ଓ ପରସ୍ପରର ଦୁଃଖସୁଖ ବାଣ୍ଟନ୍ତି । ସେମାନେ ଭାଇ ଭାଇ, ଭାଇ ଭଉଣୀ, ବାପପୁଅ, ମା ହୋଇପାରନ୍ତି ବା ସ୍ୱାମୀ ସ୍ତ୍ରୀ ହୋଇପାରନ୍ତି । କିନ୍ତୁ ଜୀବନ ସମ୍ପର୍କ ପାଇଁ ହିଁ ସୁନ୍ଦର ଦିଶେ । ସବୁ ଖାଲ ଖମା ଭାବପ୍ରବଣତାରେ ସମତୁଲ ମନେହୁଏ । ଏକଥା ସତ ଯେ 'ଜୀବନେ ସପନ ଯେତେ ସବୁ ସତ ହୁଏନା', ତଥାପି ଏ କଥାଟିକ 'ମନ କିଆଁ ବୁଝେନା, ବୁଝିବାକୁ ଚାହେଁନା' କେତେ ସତ କଥା ।

ଆମ ଓଡିଶାର ମାଆ ରମାଦେବୀଙ୍କ ଆତ୍ମଜୀବନୀର ନାମ ଜୀବନପଥେ । ଭକ୍ତକବିଙ୍କ କବିତା 'ଜୀବନଚିନ୍ତା' କଥା ବା ନ ଜାଣେ କିଏ ? କିଏ ଜୀବନକୁ ସଂଗ୍ରାମ କୁହନ୍ତି ତ କିଏ ଯାତ୍ରା କୁହନ୍ତି । କିଏ ଜୀବନକୁ ଭଉଁରୀ କୁହନ୍ତି ତ କିଏ ସତତ ଆରୋହଣ ବୋଲି କୁହନ୍ତି । କିଏ କୁହନ୍ତି ଜନ୍ମାନ୍ତର ଅଛି ତ କିଏ କୁହନ୍ତି "ଭସ୍ମୀଭୂତସ୍ୟ ଦେହସ୍ୟ ପୁନରାଗମନାଃକୁତଃ ।"

ସବୁ ଆମେ ଦେଖୁ ବୁଝୁ ମାତ୍ର ପରକ୍ଷଣରେ ନିଜଜୀବନକୁ ନେଇ ବ୍ୟସ୍ତରହୁ । ମୃତ୍ୟୁଭୟରେ ବ୍ୟାକୁଳ ହେଉ । ଦୁର୍ଭିକ୍ଷକାଳରେ ଜୀବନ ଲୋଭରେ ମାଆ ସନ୍ତାନକୁ ବିକ୍ରିକରିଦିଏ । ଉଦରକ୍ଷୁଧା ନିକଟରେ ମାତୃତ୍ୱର ମହନୀୟତା ମଳିନ ଦିଶେ । ପୁଣି ପଶୁପକ୍ଷୀମାନେ ଜୀବନପାଇଁ ସଂଗ୍ରାମ କରନ୍ତି ଓ Survival of the fittest ବା ଯୋଗ୍ୟତମର ଉଦ୍‌ବର୍ତ୍ତନ କଥା ମନୁଷ୍ୟ ବା ପଶୁପକ୍ଷୀ ସମସ୍ତଙ୍କପାଇଁ ପ୍ରଯୁଜ୍ୟ ହୋଇଯାଏ ।

ଭାଗବତକାର ଜଗନ୍ନାଥ ଦାସ ଜୀବନର ଅଳୀକତା ଦର୍ଶାଇବାକୁ ଯାଇ ଲେଖିଲେ, 'ଏ ଜୀବ ମରଣ ନିକଟେ ପୁଣି ଚିନ୍ତଇ ଅନ୍ୟଘଟେ' ଅର୍ଥାତ୍ ଘଟ ବଦଳିଯାଏ ମାତ୍ର ଆତ୍ମା ଥାଏ ଚିରକାଳ ଅନାହତ । ସେଥିପାଇଁ ବୋଧହୁଏ ଜୀବନର ଅନ୍ତିମକ୍ଷଣରେ ଭାଗବତ ପଦେ କାନରେ ପଡିବା ପ୍ରତ୍ୟେକ ଓଡିଆ ପାଇଁ ଲୋଡାହୁଏ ।

ଜୀବନର ଇଂରାଜୀ ପ୍ରତିଶବ୍ଦ ହେଉଛି Life । Life span ହେଉଛି ଜୀବନର ପରିମାପକ । Life Buoy ସାବୁନ ମାତ୍ର, ନୁହେଁ ଜୀବନକୁ / ଶରୀରକୁ ପରିଚ୍ଛନ୍ନ / ସଂରକ୍ଷଣ କରିବାର ଉପାଦାନ, ସେମିତି Life insurance ଭବିଷ୍ୟତକୁ ସୁରକ୍ଷା ଦେଇଥାଏ । Life jacket ଅତଳ ଜଳ ବା ମହାକାଶରେ ମନୁଷ୍ୟର ଜୀବନରକ୍ଷାର ସହାୟକ ହୋଇଥାଏ । Life saving drugs କହିଲେ ଜୀବନ ରକ୍ଷାକାରୀ ଔଷଧ । Life saving service କହିଲେ, ଅଗ୍ନି ନିର୍ବାପକ ବ୍ୟବସ୍ଥା, କୃତ୍ରିମ ଶ୍ୱାସକ୍ରିୟାର ଯନ୍ତ୍ରପାତି । କବି କିଏ କହିଛନ୍ତି ପରା-

"I sleep and found that life is beauty
I wake up and found that life is duty"

ଜୀବନ ସର୍ବଦା ଦାୟିତ୍ୱର ନାମାନ୍ତର । ଯିଏ ନିଜର ଦାୟିତ୍ୱ ନ ବୁଝେ ବା ବୁଝି ଏଡାଇ ଯାଏ, ଜୀବନ ତା ପାଇଁ ଅନୁଦାର ପାଲଟିଯାଏ । ଅନ୍ୟ ଭାବରେ କହିଲେ ତା ଜୀବନ ଏକ ବୋଝରେ ପରିଣତ ହୁଏ । କୁହାଯାଏ ବଡମଣିଷଙ୍କ ଜୀବନୀ ବାତ୍ୟା ବିକ୍ଷୁବ୍ଧ ସମୟସାଗର ତୀରର ଆଲୋକ ସ୍ତମ୍ଭ ସଦୃଶ । ଏଠାରେ ଜୀବନୀ କହିଲେ Life and works ବୋଲି ବୁଝିବାକୁ ହୁଏ ।

ଆମେ କେବେ କହୁ ଜୀବନ ଏକ ଯାତ୍ରା Life is a journey. ପୁଣି କହୁ ଜୀବନ ଏକ ଧାରା, ଏକ ବୃତ୍ତ ବା ସମୟ ସାଗରର ଏକ ତରଙ୍ଗ ମାତ୍ର । ଏ ଜୀବନ ଛୋଟ ଜାଣି ମଧ୍ୟ ଆମେ ତାର ଅପବ୍ୟୟ କରୁଥାଉ । ଆମର ବିଶିଷ୍ଟ ଦ୍ରଷ୍ଟା ପୁରୁଷ ଶଙ୍କରାଚାର୍ଯ୍ୟ, ବିବେକାନନ୍ଦ ପ୍ରଭୃତି ଅଳ୍ପାୟୁ ଥିଲେ ସତ ମାତ୍ର ସେମାନଙ୍କ ସିଦ୍ଧିର ପଟାନ୍ତର ନାହିଁ । ବତିଶି ବର୍ଷ ବୟସର ଯୁବକଟିଏ ବିଦ୍ୟାର୍ଜନ ସାରି ଜୀବିକା ନିର୍ବାଚନରେବ୍ୟସ୍ତ ଥିବାବେଳେ ଶଙ୍କରାଚାର୍ଯ୍ୟ ସମଗ୍ର ଭାରତବର୍ଷ ଭ୍ରମଣ କରି 'ବ୍ରହ୍ମ ସତ୍ୟ ଜଗତ୍‌ମିଥ୍ୟା' ଭଳି ଦର୍ଶନ ପ୍ରଚାର କରିସାରିଥିଲେ । ବିବେକାନନ୍ଦ ତ ଚିକାଗୋର ଧର୍ମ ମହାସଭାରେ ବକ୍ତୃତା ଦେଇ ଭାରତୀୟ ମାନଙ୍କର ମର୍ଯ୍ୟାଦାକୁ ସମଗ୍ର ବିଶ୍ୱରେ ତୋଳିଧରିଥିଲେ ।

ଜୀବନ ପୁଣି ପାରିବାରିକ ଜୀବନ, ସମାଜ ଜୀବନ, ଜାତୀୟ ଜୀବନ, ଗୋଷ୍ଠୀ ଜୀବନ ଭେଦରେ ଭିନ୍ନ । ତେବେ ପାରିବାରିକ ଜୀବନରେ ପରସ୍ପରକୁ ବୁଝି ଏକ ଅପର ପ୍ରତି ସହାନୁଭୂତିଶୀଳ ହେଉଥିବା ବ୍ୟକ୍ତି ହିଁ ସମାଜ ଜୀବନ ଓ ଜାତୀୟ ଜୀବନରେ ସଫଳତା ଲାଭ କରିଥାଏ । ଗୋଷ୍ଠୀ ଜୀବନ ଜାତୀୟ ଜୀବନର ମୂଳଭିତ୍ତି । କେବେ ଗୋଷ୍ଠୀରୁ ବିଚ୍ୟୁତ ହୋଇ ମଣିଷ ନିଃସଙ୍ଗ ଜୀବନ କଟାଏ । ନିଃସଙ୍ଗ ମଣିଷର ଜୀବନ ଅନେକ ବିଫଳତାରେ ଭରା । ପଶୁପକ୍ଷୀ ମଧ୍ୟଗୋଷ୍ଠୀ ଜୀବନ କଟାଇଥାଆନ୍ତି । ତେଣୁ ଜୀବନର ଅର୍ଥ ବୁଝିବା, ତାହାର ଉପଯୁକ୍ତ ଉପଯୋଗ କରିବା ହିଁ ମନୁଷ୍ୟ ପକ୍ଷରେ କାମ୍ୟ ।

ଲୋକସାହିତ୍ୟର ବିପୁଳ ପରିସର ମଧ୍ୟରେ ଜୀବନ ନିଜ ଦମ୍ଭରେ ପ୍ରତିଷ୍ଠିତ । ଜୀଇଁବାର ଇଚ୍ଛା ହି ମନୁଷ୍ୟକୁ ଅତୀତ ସହିତ ଯୋଡି ରଖେ ଓ ସାହିତ୍ୟ ସର୍ଜନା ପାଇଁ ଉପଯୋଗୀ କରେ । ବୁଢ଼ୀ ଅସୁରୁଣୀ  ମଥାର ଏକମାତ୍ର କଳାକେଶ ଭିତରେ ତାର ଜୀବନ କାଟିଥାଏ । କେବେ ଭଅଁର ଭିତରେ ଅସୁରର ଜୀବନ ନାଟି ସୁରକ୍ଷିତ ଥାଏ । ସେ ଭଅଁର ଥାଏ ସାତତାଳ ପାଣି ତଳେ ଥିବା ସିନ୍ଦୁକ ଭିତରେ ଥିବା ଫରୁଆରେ । ମନ୍ତୁରା ପାଣି ଛିଞ୍ଚି ସନ୍ୟାସୀ ମୃତ ପୁତ୍ରକୁ ଜୀବନ୍ୟାସ ଦିଅନ୍ତି । ରାଣୀ  ମୁକୁତା ଦେଇ ପୁଅର ଜୀବନପାଞ୍ଜି ଦେଖି ତାକୁ ଯୋଗୀ କରିବାର ନିଷ୍ପତ୍ତି ନିଅନ୍ତି । ପିଲାଟି ବଞ୍ଚି ଜୀଇଁ ରହୁ ବୋଲି ବାପା ମାଆ ପିଲାର ନାମ ଦିଅନ୍ତି ଅଇଁଠା, ଅରକ୍ଷିତ ବା ଅଗଣି । ଗଛଚାରାଟିଏ ଲଗାଇ ତା ମୂଳରେ ପାଣି ଦେଲାବେଳେ ଅମେ କହୁ 'ଜନମ ପାଣି ପି'ରେ ମଲାଗଛ ଜୀଇଁ ରେ' ।

ଦଣ୍ଡନୃତ୍ୟ ସମୟରେ ଶିବଙ୍କ ପ୍ରତୀକ ଦଣ୍ଡକୁ ସାଇତି ରଖିବା ପ୍ରଥାକୁ ଦଣ୍ଡ ଜୀଆଁଇବା' କୁହନ୍ତି । ବନ୍ୟାବେଳେ ନଦୀରୁ ମାଛ ଜାଆଁଳମିଶା ଫେଣ ଆଣି ଆମେ ପୋଖରୀରେ ମାଛ ଜୀଆଁଇ' ଦେଉ । 'ଢୋକେ ପିଇ ଦଣ୍ଡେ ଜୀଇଁ' କଥାଟି ଅଭାବୀ ଜୀବନ ପାଇଁ ଲାଗୁ ହୋଇଥାଏ ।

ଆମ ଉପନ୍ୟାସ, ନାଟକ ଓ ଚଳଚିତ୍ରରେ ଜୀବନର ସ୍ଥାନ ବେଶ୍ ବୈଚିତ୍ର୍ୟପୂର୍ଣ୍ଣ । ନାଟକର ନାମ 'ଜୀବନଜୁଆ' । ଉପନ୍ୟାସର ନାମ 'ଜୀବନ ଯମୁନା', ଚଳଚିତ୍ରର ନାମ 'ଜୀବନ ମୃତ୍ୟୁ' 'ଜୀବନ ସାଥୀ' ପ୍ରତିଭାରାୟଙ୍କ ଆତ୍ମଜୀବନୀର ନାମ 'ପଦ୍ମପତ୍ରରେ ଜୀବନ', ଭଞ୍ଜକିଶୋରଙ୍କ ଆତ୍ମଜୀବନୀର ନାମ 'ଜୀବନର ଜୟଯାତ୍ରା', ରତ୍ନାକର ଚଇନିଙ୍କ ଆତ୍ମଜୀବନୀର ନାମ 'ଜୀବନ କମାରଶାଳ' । ଏଇଠି ଅଛି ଜୀବନ ବିଦ୍ୟାଳୟ, ସମାଜ ଓ ଜୀବନ, ଜୀବନ ବର୍ଣ୍ଣବୋଧ, ଜୀବନର ଅନ୍ୟନାମ, ଦିବ୍ୟ ଜୀବନ, ଜୀବନ ସଂଗୀତ, ଜୀବନ ଧାରା, ଜୀବନ ରାଗ, ଜୀବନ ବିଭୂତି, ଆଙ୍ଗୁଳେ ଜୀବନ ପ୍ରଭୃତି । ଏ ତାଲିକା ବେଶ୍ ଲମ୍ବା । ଅମଡା ବାଟର ଗୀତ "ଜୀବନ ଯମୁନାରେ ଜୁଆର ଉଠେ ରେ" ର ଆବେଦନ ନିତ୍ୟନୂତନ । ସେମିତି ମନେ ପଡୁଥିବା କେତୋଟି ଗୀତ "ଜୀବନେ ଯାହାକୁ ତୁମେ ପାଇନା ଭଲ ତା ମରଣେ କିଆଁ ତୁମ ପ୍ରାଣ ଆକୁଳ", "ଏ ଜୀବନ ମାନେ ନୁହେଁ ଆହା .....", "ଜୀବନ ପାତ୍ର ମୋ ଭରିଛ କେତେ ମତେ .... ", ".....ନିଃଶବ୍ଦେ ଜୀବନ ସ୍ରୋତ ଧାଉଁଛି କିପରି .....", "..... ମରିସାରିଛି ମୁଁ କରୁଛି ତଥାପି ବଞ୍ଚିବା ଅଭିନୟ" ।

ହିନ୍ଦୀ ସିନେମାର କେତୋଟି ସ୍ମରଣୀୟ ସଂଗୀତରେ ଆମେ ଜୀବନକୁ ବେଶ୍ ଅନ୍ତରଙ୍ଗ ଭାବରେ ଭେଟିଥାଉ । "ଜୀବନ୍ ଚଲନେ କା ନାମ୍ ଚଲ୍‌ତେ ରହୋ ସୁବହ ଔର୍ ଶାମ୍", "ଜୀବନ୍ କେ ହର୍

ମୋଡ୍ ପେ ମିଲ୍ ଯାତେ ହେଁ ହମ୍‌ସଫର, ଯୋ ଦୂରତକ୍ ସାଥ୍ ଦେ, ଢୁଁଢେ ଉସୀକୋ ନଜର୍", "ଜିନା ୟହାଁ ମର୍‌ନା ୟହାଁ ........", "ଜିନେ କେ ବହାନେ ଲାଖୋଁ ହୈ, ଜୀନା ତୁଝ୍‌କୋ ଆୟା ହୀ ନେହିଁ ", "ଜୀବନ୍ ଡୋର ତୁମ୍‌ହୀଁ ସଂଗବାନ୍ଧୀ, ଫିର୍ କ୍ୟା ବରଷା ଫିର୍ କ୍ୟା ଆନ୍ଧି" ଏ ସବୁ ଜୀବନର ବୈଚିତ୍ର୍ୟ କଥା ହିଁ କହିଥାଏ । ଦର୍ଶନ, ବିଜ୍ଞାନ ସମସ୍ତେ ଜୀବନକୁ ନେଇ ନିଜ ନିଜ ଦୃଷ୍ଟିରୁ ବିଚାର କରନ୍ତି ସତ କିନ୍ତୁ ଜୀବନ ସାଧାରଣ ମଣିଷଟିକୁ କଲବଲ କରିଥାଏ । ସେଥିପାଇଁ ଜୀବନରୁ ମୁକ୍ତି ପାଇବାକୁ ବହୁତ ସ୍ୱୀକୃତ ଅସ୍ୱୀକୃତ ପଥ ଅଛି, ଯେଉଁ ବିଷୟ ଏଠାରେ ବିଚାର୍ଯ୍ୟ ନୁହେଁ ।

ଜୀବନରେ ବନ୍ଧୁ ଓ ଗୁରୁ ନିହାତି ଆବଶ୍ୟକ । ବନ୍ଧୁ ଠିକ୍ ଭୁଲ୍‌ର ପାର୍ଥକ୍ୟ କହି ଦିଅନ୍ତି । ନ ହେଲେ ଉଦାହରଣ ଥୋଇଦେଇ ନିରବ ରହନ୍ତି । ଗୁରୁ ହାତ ଧରି ବାଟ କଢାଇ ନିଅନ୍ତି । ସଦ୍‌ଗୁରୁ ହିଁ ପ୍ରକୃତରେ ଆମକୁ ଅନ୍ଧାରରୁ ଆଲୁଅକୁ ନେଇଯିବାର କ୍ଷମତା ରଖନ୍ତି । ଭକ୍ତି ବିଭିନ୍ନ ପ୍ରକାର । କିନ୍ତୁ ଆମେ କହୁ ମର୍କଟ ଭକ୍ତି ଓ ମାର୍ଜାର ଭକ୍ତି ଭେଦରେ ଏହା ସାଧାରଣତଃ ଦୁଇ ପ୍ରକାର । ମର୍କଟ ଶିଶୁ ତା ମାଆ ପେଟ ପାଖରୁ କୁଣ୍ଢେଇ ଧରିଥାଏ । ମାଆ ତା ର ଡେଇଁ ଗଲାବେଳେ ଶିଶୁଟି ଖସିପଡିବାର ସମ୍ଭାବନା ଥାଏ । ମାର୍ଜାରୀ କିନ୍ତୁ ନିଜ ଶିଶୁର ବେକ ପାଖକୁ ଦୃଢ ଭାବରେ କାମୁଡିଧରି ସ୍ଥାନରୁ ସ୍ଥାନାନ୍ତରକୁ ନିଏ । କେଉଁଠି ବିପଦର ଆଭାସ ପାଇଲେ ସେ ପ୍ରଥମେ ନିଜର ଶିଶୁ ସନ୍ତାନକୁ ସୁରକ୍ଷା ଦିଏ । ମାଆ କାମୁଡି ଧରିଥିବାରୁ ଶିଶୁଟି ଖସିପଡିବାର ଆଶଙ୍କା ନ ଥାଏ । ଅନୁରୂପ ଭାବରେ ଯେଉଁଠି ଆମେ ପ୍ରଭୁଙ୍କୁ ଜାକି କୁଣ୍ଢେଇ ଧରିଥାଉ, ଟିକିଏ ଅସାବଧାନତାରେ ସେ ଖସିଯାଆନ୍ତି । ଯେଉଁଠି ପ୍ରଭୁ ଆମର ସମ୍ପୂର୍ଣ୍ଣ ଦାୟିତ୍ୱ ନିଅନ୍ତି ମା ବିଲେଇ ଭଳି, ସେଠି ଆଉ ଖସିବାର ଭୟ ନ ଥାଏ । ଜୀବନ ଆମକୁ ଏହିପରି ଶିକ୍ଷା ଦେଇଥାଏ । ବୃକ୍ଷଭଳି ସ୍ଥିତଧୀ, ନଦୀ ଭଳି ନିମ୍ନଗାମୀ, ସମୁଦ୍ରଭଳିକୂଳ ଲଙ୍ଘନ ନ କରି ସୀମାରେ ରହିବାକୁ ଜୀବନ ଶିଖାଏ । ଶିଖାଏ ମହାପ୍ରକୃତିର ଆମପାଇଁ ଅବଦାନ କେତେ ଗୁରୁତ୍ୱପୂର୍ଣ୍ଣ ।

କେବେ ଜୀବନର ପାତ୍ର ପ୍ରାପ୍ତିର ପ୍ରାଚୁର୍ଯ୍ୟରେ ଉଚ୍ଛୁଳି ଉଠେ ତ କେତେବେଳେ ହୁଏ ଚତୁର୍ଦ୍ଦିଗ ଅନ୍ଧାର, ଆଉ ଆଗକୁ ବାଟ ଦିଶେନି । ବ୍ୟକ୍ତିଗତ ଦୁଃଖରେ ଅଧୀର ମଣିଷ ଈଶ୍ୱରଙ୍କୁ ଗାଳି ଦିଏ । ନିଜ ଭାଗ୍ୟ ଓ କର୍ମକୁ ନିନ୍ଦା କରେ । ଯେତେବେଳେ ତାର ପ୍ରତିକ୍ରିୟା (reaction) ଅବରୋଧ (realisation) ରେ ପରିଣତ ହୁଏ ସେ ଦେଖେ ତା ଭଳି ଅଗଣିତ ଦୁଃଖୀ ଏ ସଂସାରରେ ଅଛନ୍ତି । ପୁତ୍ରଶୋକ ବିଧୁରା ନାରୀକୁ ଭଗବାନ ବୁଦ୍ଧ ମୁଠାଏ ସୋରିଷ ଆଣିବାକୁ ଜନପଦକୁ ପଠାଇଲେ । ଏ ଭଳି ଘରୁ ସେ ସୋରିଷ ଆଣିବ, ଯେଉଁ ଘରୁ କି କେହି ମରି ନ ଥିବେ । ସ୍ତ୍ରୀ ଲୋକଟି ଦିନାନ୍ତରେ ଖାଲି ହାତରେ ଆସି ପହଞ୍ଚିଥିଲା ଓ ତଥାଗତଙ୍କୁ କହିଲା ଯେ ସେ ବୁଝିସାରିଛି ମୃତ୍ୟୁ ହିଁ ଅବଶ୍ୟାମ୍ଭାବୀ ।

ପରୀକ୍ଷିତ ରାଜା ଋଷିଙ୍କଦ୍ୱାରା ଅଭିଶପ୍ତ ହୋଇଥିଲେ ଯେ ସାତଦିନ ଭିତରେ ସେ ସର୍ପଦଂଶନରେ ପ୍ରାଣତ୍ୟାଗ କରିବେ । ତେଣୁ ମୃତ୍ୟୁ ସଚେତନ ରାଜା ଶୁକମୁନିଙ୍କଠାର ସାତଦିନ କାଳ ଅନବରତ ଭାଗବତ ଶୁଣିଲେ । ତା ପରେ ତାଙ୍କୁ ସର୍ପାଘାତ ହେଲା ସତ କିନ୍ତୁ ମୃତ୍ୟୁପାଇଁ ତାଙ୍କ ମନରେ ଥିବା ଭୟ ଦୂର ହୋଇସାରିଥିଲା । ସାବିତ୍ରୀ ନିଜର ପାତିବ୍ରତ୍ୟ ବଳରେ ମୃତପତି ସତ୍ୟବାନଙ୍କୁ ପୁନର୍ଜୀବନ ଦାନ ଦେଲେ । ମୃତ୍ୟୁ ଉପରେ ପ୍ରେମର ବିଜୟ ପତାକା ଫର ଫର ହୋଇ ଉଡିଲା । ଜୀବନର ଅନୁଭବ ନେଇ ସାବିତ୍ରୀ ମୃତ୍ୟୁ ଦେବତାଙ୍କୁ ପରାଜିତ କଲେ । ତାର ଅର୍ଥ ନୁହେଁ ଯେ ଯମ ଜଣେ ହୁଣ୍ଡା ପ୍ରକୃତିର ସାଧାରଣ ମଣିଷ ଯିଏ ସାବିତ୍ରୀଙ୍କ କଥାରେ ଭଳିଗଲେ । ଏହା ହେଉଛି ମୃତ୍ୟୁର ପରାଜୟ ଓ ଜୀବନ ତଥା ପ୍ରେମର ବିଜୟର ମହାନ୍ ଆଲେଖ୍ୟ । ମନୁଷ୍ୟ ଜୀବନ ସାଧାରଣ ଭିତରେ ଅସାଧାରଣ । ତାହାର ପ୍ରତ୍ୟେକ ମୁହୂର୍ତ୍ତ ଗୁରୁତ୍ୱପୂର୍ଣ୍ଣ । ପ୍ରତ୍ୟେକ ଜୀବନ ଅନନ୍ୟ ଏହା ହିଁ ସାବିତ୍ରୀ ଉପାଖ୍ୟାନର ମହତ୍ତ୍ୱ ।

ଜୀବନ ସମ୍ପର୍କରେ ଶେଷ କଥାଟି ବର୍ତ୍ତମାନ ପର୍ଯ୍ୟନ୍ତ କୁହାଯାଇନାହିଁ । କୁହାଯିବା ହୁଏତ ସମ୍ଭବ ନୁହେଁ । କିଏ କହେ ଏ ଜୀବନ ଦେବତାର ଆଶୀର୍ବାଦ ତ କିଏ କହେ ଏକ ଦୁର୍ଘଟଣା ମାତ୍ର । ପୁନର୍ଜନ୍ମରେ ବିଶ୍ୱାସୀ ମଣିଷ କୁହାନ୍ତି ଆମେ ଋଣ ପରିଶୋଧ କରିବାକୁ ଜନ୍ମ ନେଇଛୁ ମାତ୍ର ଋଣ କେତେ ପରିଶୋଧ ହୁଏ ବା କେତେ ବାକୀ ରହେ ସେ ବାବଦରେ ଆମର ଧାରଣା ଊଣା । ଜୀବନ ପଦ୍ମପତ୍ରରେ ଜଳ ଭଳି ଅସ୍ଥିର ଜାଣି ଚିନ୍ତାଶୀଳମଣିଷ ଜୀବନକୁ ସରସ ସୁନ୍ଦର ସହାନୁଭୂତିଶୀଳ କରିବାର ପ୍ରୟାସ କରୁଥାଏ । କେହି ଦୁଃଖୀ ରୋଗୀ ବା ଅବୁଝାମଣାରେ ଘାରି ହେଲେ ଆମେ କହୁ ପୂର୍ବଜନ୍ମର କର୍ମଫଳ ଭୋଗୁଛି କିନ୍ତୁ କ'ଣ କଲେ କର୍ମଫଳ ପୁରା ପଡିବ ସେ କଥା ଆମେ ଜାଣିନୁ ।

ତେବେ ଏକଥା ସତ ଯେ ଜୀବନ ଏଭଳି ଏକ ଯାତ୍ରା ଯେଉଁଠି ଗୋଟିଏ ତ୍ରୁଟିକୁ ମାର୍ଜନା କରିବାକୁ ସମୟ ମିଳେ ନାହିଁ । ସିନେମା ଭଳି ଆଉଥରେ ମୂଳରୁ ସୁଟିଂ କରାଯାଇ ପାରେ ନାହିଁ । ଟେପ୍ ରେକର୍ଡର ଭଳି ରିୱାଇଣ୍ଡ କରି ଆଉଥରେ ଶୁଣି ହୁଏନି । ଏଠି ପ୍ରତ୍ୟେକ ମୁହୂର୍ତ୍ତ ମୂଲ୍ୟବାନ । ତେଣୁ ଈଶ୍ୱରଙ୍କ ଶକ୍ତି ପ୍ରତି ଆସ୍ଥାରଖି ବଞ୍ଚିବାର ପ୍ରୟାସ କରିବା ହିଁ ଢେର୍ । ଭଲ ପାଇବା ପାଇଁ ଜୀବନରେ ଅଧିକ ସମୟ ରଖି କଳିଗୋଳର ସମୟକୁ ଊଣା କରିବା ଲୋଡା । ଏ ଜୀବନ ଶିକ୍ଷାର ନିକେତନ । ସେ ଶିକ୍ଷା ସ୍କୁଲ କଲେଜରେ ସିଲାବସ୍ ଅନୁସାରୀ ନୁହେଁ ବରଂ ଜୀବର ଆଧାର ଅନୁସାରୀ । ଜୀବନର ଜୟ ହେଉ । ଏ ଜୀବନ ପାଲଟିଯାଉ ପ୍ରାର୍ଥନା ଓ ସାଧନାର ନାମାନ୍ତର ।

ପୂର୍ବତନ ପ୍ରଫେସର,
ଓଡିଆ ଭାଷା ସାହିତ୍ୟ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ
ବି-୩୫, ସହିଦନଗର, ଭୁବନେଶ୍ୱର, ମୋ: ୯୪୩୭୦୧୯୧୩୩

# ଜୀବନ ଓ ମୃତ୍ୟୁପଥେ କର୍ମ ହିଁ ଆନନ୍ଦ

*ବିଷ୍ଣୁପ୍ରିୟା ଓତା*

ମଣିଷ ଏ ଦୁର୍ଲ୍ଲଭ ସଂସାରର ଶ୍ରେଷ୍ଠ ଜୀବ । ସେ ଜୀବନ ଜୀଏଁ ଓ ସଂସାରର ସୁଖ, ଦୁଃଖ, ହସ, କାନ୍ଦ, ଲୋଭ, ମୋହ ଭିତରେ କାଳଯାପନ କରେ । ହେଲେ ସବୁ ସମୟରେ ସେ ମୃତ୍ୟୁକୁ ଭୟକରେ । ଜନ୍ମ ଓ ମୃତ୍ୟୁ ସଂସାରରେ ଧୃବସତ୍ୟ ହେଲେହେଁ, ଜନ୍ମ ଭଳି ଆନନ୍ଦ ମୃତ୍ୟୁ ପ୍ରତି ନ ଥାଏ । ଜୀବନରେ ଦୁଃଖ, ନୈରାଶ୍ୟ, ଜରା, ମୃତ୍ୟୁ ଓ ଘାତ ପ୍ରତିଘାତ ହିଁ ରହିଛି । ମୃତ୍ୟୁଚେତନା ଜୀବନର ସବୁଠାରୁ ବଳି ନୈରାଶ୍ୟପୂର୍ଣ୍ଣ ଅନୁଭୂତି । ପ୍ରତି ମୁହୂର୍ତ୍ତରେ ଜୀବଲୋକ ମୃତ୍ୟୁଦିଗକୁ ହିଁ ଅଗ୍ରସର ହେଉଥାଏ । କବି ରବୀନ୍ଦ୍ରନାଥ ମୃତ୍ୟୁକୁ ମୁକ୍ତି ସାଧନାର ପଥ ବୋଲି କହିଛନ୍ତି –

"ହେ ଦୁୟାର, ଜୀବଲୋକ ତୋରନେ ତୋରନେ
କରେ ଯାତ୍ରା ମରନେ ମରନେ
ମୁକ୍ତି ସାଧନାର ପଥେ ତୋମାର ଇଙ୍ଗିତେ
ମାଭୈଃ ବାଜେ ନୈରାଶ୍ୟ ନିଶିଥେ ।"

ମଣିଷ ଜୀବନର ଶେଷ ଆଶା ଆଶ୍ୱାସନା ଓ ପ୍ରଶାନ୍ତି କବି Cardinal Newman ଙ୍କ 'Lead kindly' light' କବିତାରେ ଦୁଇଟି ପଙ୍କ୍ତିରେ ନିହିତ, "And with the morn those angel faces smile, which I have loved long since, and lost a while" ଏବଂ କବି Tennyson ତାଙ୍କର 'Crossing the Bar' କବିତାରେ, "I hope to see my pilot face to face, when I have crossed the bar" ମାଧ୍ୟମରେ ପ୍ରକାଶ ପାଇଛି । ଓଡଆ ସାହିତ୍ୟରେ ଭକ୍ତକବି ମଧୁସୂଦନ ରାଓଙ୍କ 'ସ୍ତବ' କବିତାରେ କହିଛନ୍ତି, 'ତୋର ମଙ୍ଗଳ ବିଧାନ, କରିଅଛି ମରଣକୁ ଅମୃତ ସୋପାନ' । ତାଙ୍କ ମତରେ ଆତ୍ମାର ଅମରତ୍ୱ, ପୁନର୍ଜନ୍ମ, ସ୍ୱର୍ଗରାଜ୍ୟ ଏବଂ ମୃତ୍ୟୁ ଈଶ୍ୱରଙ୍କର ଏକ ମଙ୍ଗଳମୟ ବିଧାନ । କବି ବୈକୁଣ୍ଠନାଥଙ୍କର 'ଶେଷଗୀତି' କବିତାରେ ମୃତ୍ୟୁଚେତନା ଓ ଅତିଭୌତିକ ଜଗତପାଇଁ ଉନ୍ମୁଖତା ପ୍ରକାଶ ପାଇଛି ।

"ମୃତ୍ୟୁ ଜନମ ସକଳକୁ କଲ ପ୍ରିୟ,
ହେ ମୋର ଦେବତା ଚରଣାଶ୍ରୟ ଦିଅ ।
ସ୍ଥାନ ଦିଅ ହେ ରତ୍ନ ଆସନ ତଳେ,
ଜୀବ ଅମର ପ୍ରଦୀପଟି ଯହିଁ ଜଳେ ।
ମଙ୍ଗଳ ସବୁ ଚିର ମଙ୍ଗଳମୟ,
ତୁମ ଆଶ୍ରୟ ମୃତ୍ୟୁକୁ କରେ ଜୟ ।"

ଏହି ସବୁ ପଙ୍କ୍ତିରେ କବି ମୃତ୍ୟୁକୁ ଈଶ୍ୱରଙ୍କର ମଙ୍ଗଳମୟ ବିଧାନ ରୂପେ ଗ୍ରହଣ କରି ଈଶ୍ୱରଙ୍କଠାରେ ଆତ୍ମସମର୍ପଣ ଭାବ ପ୍ରକାଶ କରିଛନ୍ତି ।

ତେବେ କବିମାନେ ତ ଜୀବନ ମୃତ୍ୟୁର କଥା ଭିନ୍ନ ଭିନ୍ନ ଭାବରେ କହିଗଲେ, ମାତ୍ର କେବଳ ମୃତ୍ୟୁଲାଗି ଅପେକ୍ଷା କରି ବଞ୍ଚିବା କହିବାଟା କେତେଦୂର ଯୁକ୍ତିଯୁକ୍ତ ? କେବଳ ଖାଇ ପିଇ ଶୋଇବାର ଜୀବନ ପରିଧି ଭିତରେ ରହିବା ଓ ପ୍ରାଣଧାରଣ କରି ରହିବା ପ୍ରକୃତରେ ବଞ୍ଚିରହିବା ନୁହେଁ । ସେଥିରେ ପ୍ରକୃତ ମନୁଷ୍ୟତ୍ୱର ପରିପ୍ରକାଶ ଘଟେନାହିଁ । ପ୍ରକୃତ ମଣିଷ ଭଳି ବଞ୍ଚିବା ହିଁ ଆବଶ୍ୟକ । ଆଉ ଏ ଭଳି ବଞ୍ଚିବା ଏକ ଶିଳ୍ପକଳା । ଏହି ଜୀବନ ଶିଳ୍ପକୁ ଶିଖିପାରିଲେ ଅଧିକ ଯତ୍ନ ନେଲେ ଆମେ ପ୍ରକୃତ ମନୁଷ୍ୟ ହୋଇପାରିବା । ଏହାହିଁ ପ୍ରକୃତ ମଣିଷର ଧର୍ମ । ମଣିଷକୁ ଠିକ୍ ଭାବରେ ବଞ୍ଚିବାକୁ ହେଲେ, ଆମ୍ଭ ମାନଙ୍କୁ ଅନେକ ଅଗ୍ନିପରୀକ୍ଷାର ସମ୍ମୁଖୀନ ହେବାକୁ ପଡେ । ଜୀବନର ପ୍ରତିଟି ପାହାଚରେ ବିଭିନ୍ନ ପ୍ରକାର ଅସୁବିଧା ରହିଛି । ଅନେକ ଦୁରୂହ କାର୍ଯ୍ୟ କରିବାକୁ ପଡିଥାଏ । ପୁଣି ଏହା କରିବାପାଇଁ ସମସ୍ତେ ସକ୍ଷମ ନୁହଁନ୍ତି । ଏହାର କାରଣ ମଣିଷ ନିଜ ଭିତରେ ଥିବା ଶକ୍ତି ସମ୍ପର୍କରେ ସଚେତନ ନ ଥାଏ । ପ୍ରତ୍ୟେକଟି ମଣିଷ ଭିତରେ ଯେଉଁ ଶକ୍ତି ରହିଛି, ତାହାରି ମାଧ୍ୟମରେ ସେ ଅସାଧ ସାଧନ କରିଥାଏ । ନିଜ ଭିତରେ ଥିବା ଅନନ୍ତ ଶକ୍ତିକୁ ସେ ଶକ୍ତଶାଳୀ କରିଥାଏ । ଏ ଶକ୍ତି ସମ୍ପର୍କରେ ଜାଣିବାପାଇଁ ବାହାରର ପାରିପାର୍ଶ୍ୱିକତା ଉପରେ ନିର୍ଭର କରିବାକୁ ପଡେ ନାହିଁ – ଏହି ଶକ୍ତିକୁ ଉପଲବ୍ଧି କରିବାକୁ ହେଲେ ପ୍ରଥମେ ନିଜକୁ ଜାଣିବାକୁ ପଡେ, ବୁଝିବାକୁ ହୁଏ । ତା ପରେ ପରେ ନିଜ ଚେଷ୍ଟାରେ ନିଜକୁ ଜାଣିବାକୁ ଓ ବୁଝିବାକୁ ହୁଏ । ଏବଂ ନିଜ ଭିତରର ଶକ୍ତିକୁ ଚିହ୍ନିପାରି ବଳୀୟାନ ହେବାକୁ ହୁଏ । ଆଉ ଏଥି ନିମିତ୍ତ ସାଧନାର ଆବଶ୍ୟକତା ରହିଛି । ଏ ସାଧନା ଜୀବନଶିଳ୍ପରେ ପାରଙ୍ଗମ ହେବାର ସାଧନା ହେବା ଆବଶ୍ୟକ । ଜୀବନ ସାଧନାକୁ ଧେୟ ମନେ ନ କରି ଆମେ ବହୁ ବିପଦର ସମ୍ମୁଖୀନ ହେଉ । ଜୀବନରେ ବହୁ ପ୍ରକାରର ଲୋକ, ପାରିପାର୍ଶ୍ୱିକ କୁପ୍ରଭାବ ପଡିଥାଏ । ସେ ସବୁ ଜୀବନ ବଗିଚାରେ ଅନାବନା ଗଛ ତୁଲ୍ୟ । ଆଉ ସେମାନଙ୍କର ଦୌରାତ୍ମ୍ୟରେ ଆମେ ଅତିଷ୍ଠ

ହୋଇପଡୁ । ଅଶାନ୍ତିରେ କାଳଯାପନ କରୁ । ମନରେ ଶାନ୍ତି ନ ଥାଏ, ଆନନ୍ଦ ନ ଥାଏ । ନିଜକୁ ଭୁଲାଇ ରଖିବା ପାଇଁ ଆମେ ଅନେକ ହେୟ ତୁଚ୍ଛ କାମ କରୁ, ଅନେକ ଭୁଲ୍ ଭଟ୍‌କା କରିବସୁ । ଅନେକ ଅନ୍ୟାୟ ଅନାଚାର ମଧ୍ୟରେ ବୁଡ଼ିରହି ମହା ପ୍ରମାଦରେ ପଡୁ । ଶସ୍ତା ଜୀବନ ସହଜ ସୁଖର ସନ୍ଧାନରେ ଘୂରିବୁଲୁ । ଫଳରେ ଅଶାନ୍ତିରେ ଘାରି ହେଉ । ଅନେକ ସମୟରେ ଏହି ଦୁଃଖ ଓ ଯନ୍ତ୍ରଣା ଭିତରେ ହିଁ ମଣିଷ ମୃତ୍ୟୁବରଣ କରିଥାଏ ।

ଆମର କାମ୍ୟ ଆନନ୍ଦ, ସଂସାରର ସୁଖ ନୁହେଁ । ଆନନ୍ଦ ସୁଖଠାରୁ ଅଧିକ ମହତ ପଦାର୍ଥ । ଆନନ୍ଦ କେବଳ ସୁଖରେ ନଥାଏ, ଦୁଃଖ ଭିତରେ ମଧ୍ୟରହିଥାଏ । ମହାପୁରୁଷ ମାନଙ୍କ ଜୀବନ ଦୁଃଖକଷ୍ଟର ଅଗ୍ନିଦାହ ମଧ୍ୟରେ ଶୁଦ୍ଧ ସୁବର୍ଣ୍ଣ ତୁଲ୍ୟ ଜାଜ୍ଜଲ୍ୟମାନ ହୁଏ । ଦୁଃଖର ଆନନ୍ଦ ନିଆରା । ଦୁଃଖର ପରିପୂର୍ଣ୍ଣତା ଓ ସାର୍ଥକତା ଦୁଃଖ ନୁହେଁ ଏହା ଆନନ୍ଦ । ଦୁଃଖ ଆନନ୍ଦର ସ୍ୱରୂପ । ଏହା ବହୁ ମନିଷୀଙ୍କ ଦ୍ୱାରା ଉପଲବ୍ଧ । ଅମାବାସ୍ୟା ରାତ୍ରିର ଅମା ଅନ୍ଧକାର ଭିତରେ ଯେଭଳି ଅସଂଖ୍ୟ ତାରା ଗହଣରେ ଆକାଶ ଉଦ୍‌ଭାସିତ ହୋଇଉଠେ । ସେହିପରି ଦୁଃଖ, ଯାତନା ଓ ବେଦନାରେ ଆନନ୍ଦର ଦୀପ୍ତିମୟୀ ଶିଖା ଉପଲବ୍ଧ ହୋଇଥାଏ । ଅମୃତ ଓ ମୃତ୍ୟୁଭଳି ଦୁଃଖ ଓ ଆନନ୍ଦ ଏକାକାର ହୁଏ ।

ମଣିଷ ହୃଦୟରେ ଦୁଃଖ ଦହନର ଜ୍ୱାଳା ଧୂପଭଳି ସୁରଭି ବିଚ୍ଛୁରିତ କରେ ଓ ଦୀପଭଳି ନିଜେ ଜଳିଜଳି ଆଲୋକ ବିତରଣ କରିଥାଏ । ଦୁଃଖକୁ ଏଡେଇଦେଇ ହୁଏନାହିଁ । ତେଣୁ ଦୁଃଖରେ ଅଭିଭୂତ ନ ହୋଇ ଦୁଃଖର ହୋମାନଳରେ ନିଜକୁ ପବିତ୍ର କରିବା ଆମର କର୍ତ୍ତବ୍ୟ । ଯେତେ ଦୁର୍ଯୋଗ ଓ ବିପତ୍ତି ଆସୁ ନା କାହିଁକି, ଚିତ୍ତବୃତ୍ତି ସବୁବେଳେ ଯେପରି ଅପରାଜିତ ରହିପାରେ ତାହାହିଁ ଦେଖିବାର କଥା । ବିଘ୍ନ ବିପଦ ଜୟ କରିବା ମଧ୍ୟରେ ଅସଲ ମନୁଷ୍ୟତ୍ୱ ନିହିତ । ସେଥିପାଇଁ ବିଶିଷ୍ଟ ବ୍ୟକ୍ତିମାନେ କହିଛନ୍ତି – ବିଘ୍ନ ରହିଲେ ଆମ୍ଭମାନଙ୍କର ସାଧନା ଅସମ୍ପୂର୍ଣ୍ଣ ରହିବ । ସ୍ରୋତର ପ୍ରତିକୂଳରେ ଯାଇ ସଂଗ୍ରାମ କରୁ କରୁ ଆମ୍ଭମାନଙ୍କର ଅନ୍ତରର ବାଧା କ୍ଷୟ ହୋଇଥାଏ । ତେବେ ବ୍ୟଥା ବା ଦୁଃଖର ଆନନ୍ଦ ସମ୍ପର୍କରେ ବିଷାଦବାଦୀ କବି ବୈକୁଣ୍ଠନାଥ ପଟ୍ଟନାୟକ ତାଙ୍କର 'ଛିନ୍ନପଦ' କବିତାରେ କହନ୍ତି –

"ବ୍ୟଥାର କି ଅତଳ ଆନନ୍ଦ
ନୈରାଶ୍ୟର ନିଶବଦ ଶାନ୍ତି
ଗଭୀର ସେ ସେନେହର ଛନ୍ଦ !
ସ୍ୱପ୍ନ ଝଳେ ଅନବଦ୍ୟ କାନ୍ତି !
ସେ କ୍ଷୀଣ ସଙ୍ଗୀତେ ସେହି ସ୍ୱରେ
ମିଶୁ ଏ ମୋ କରୁଣଜୀବନ,
ହତାଶ ମୁଁ ଚିରସୁଖେ ମରେ
ବହି ଶତ ବିଫଳ ସ୍ୱପନ ।"

ଜୀବନର ସଂଗୀତ ଲେଖୁଲେଖୁ ତାଙ୍କର ଅଧିକଂାଶ ଗୀତିକବିତା ବିଷାଦମଧୁର ସ୍ୱରମୂର୍ଚ୍ଛନାରେ ଅଶ୍ରୁସଜଳ । ଅଧିକଂାଶ ପ୍ରେମ କବିତା ମଧ୍ୟରେ ବିଷାଦରାଗିଣୀ ଅତି ସ୍ପଷ୍ଟ ।

କବି ରାଧାନାଥ ମଣିଷ ଜୀବନ ଉପରେ କାଳର କର୍ତ୍ତୃତ୍ୱ ସମ୍ପର୍କରେ ଲେଖିଛନ୍ତି –

"ଏ ଜୀବ ନୁହଁଇ ସ୍ଥିର
ସ୍ଥିରଟି ମରଣ
ମାଟିର ଏ ଘଟ ଦିନେ
ମିଶିବ ମାଟିରେ"

ତେଣୁ ମଣିଷର ମର ଶରୀର ମାଟିରେ ମିଶିବ, ଏହି ଜୀବନଟି ସ୍ଥିର ନୁହେ, ଏହା କ୍ଷଣଭଙ୍ଗୁର । ତେଣୁ ମଣିଷ ଜୀବନକାଳରେ ଯାହାକିଛି କୃତି ଓ କୀର୍ତ୍ତି ରଖିଯିବ ତାହାହିଁ ଜୀବନ୍ତ ହୋଇ ରହିବ । ତେଣୁ ମଣିଷ ଅମୃତର ସନ୍ତାନ । ଜୀବନରେ ସୁକର୍ମ ମାଧ୍ୟମରେ ହିଁ ସେ ସେହି ଅମୃତତ୍ୱର ସନ୍ଧାନ ପାଏ । ମଣିଷକୁ ଏଇ ମାଟିକୁ ଅତିକ୍ରମ କରିବାକୁ ହେବ । ଏହି ଅତିକ୍ରମଣ ହିଁ ତାର ପୁନର୍ଜନ୍ମ । "ଜୀବନରେ ତ୍ୟାଗ ଦ୍ୱାରା ହିଁ ଭୋଗ କରିହୁଏ । ଅନ୍ୟର ସମ୍ପଦରେ ଲକ୍ଷ ହେବନାହିଁ ।" ଯୀଶୁଖ୍ରୀଷ୍ଟ କହିଥିଲେ, "ଯେଉଁ ଲୋକଟି ଧନୀ ତା ପକ୍ଷରେ ମୁକ୍ତି ବଡ କଠିନ ।" ସ୍ୱାର୍ଥତ୍ୟାଗ କରିପାରିଲେ ଆମ୍ଭେମାନେ ପରକୁ ଭଲପାଇବୁ ଆଉ ପରକୁ ଭଲ ପାଇବାର ଅର୍ଥ ସେହି ପରମପୁରୁଷଙ୍କୁ ଭଲପାଇବା । ସେହି ଭୂମା ଅନନ୍ତ ସତ୍ତାକୁ ନ ପାଇଲେ ଜୀବନ ମୂଲ୍ୟହୀନ ହୋଇ ପଡିବ । ଆମ୍ଭେମାନେ ଦରିଦ୍ର ଅସହାୟ ମଣିଷ ପ୍ରତି ଅନ୍ୟାୟ କରୁ । ଅନ୍ୟର ପ୍ରାପ୍ୟକୁ ଆତ୍ମସାତ୍ କରି ନିଜକୁ ଚାଲାକ୍ ବୋଲି ଭାବୁ ଓ ଯେଉଁ ପ୍ରେମର ନିର୍ମଳ ଧାରା ଆକାଶରୁ ଝରି ପଡି ପୃଥିବୀର ଛାତିରେ ବିଚ୍ଛୁରିତ ହେଉଛି, ତା ଠାରୁ ଦୂରକୁ ଚାଲିଯାଇ ନିଜ ଜୀବନକୁ ମରୁଭୂମିର ଶୁଷ୍କତାରେ ପରିଣତ କରିଦେଉ ।

ଏହି ବିପୁଳ ପୃଥିବୀର ମଣିଷଟିଏ ଭାବରେ କେବଳ ବିମୁଗ୍ଧ ଦୃଷ୍ଟିରେ ପୃଥିବୀକୁ ଚାହିଁବା ଯଥେଷ୍ଟ ନୁହେଁ । ଈର୍ଷା, ଦ୍ୱେଷ, ପରଶ୍ରୀକାତରତା, ବାଦବିସମ୍ବାଦକୁ ପରିହାରକରି ସଂସାରର ପ୍ରତ୍ୟେକଟି ପଦାର୍ଥକୁ, ପ୍ରତ୍ୟେକଟି ମଣିଷକୁ ଭଲ ପାଇବାକୁ ହେବ । ପୃଥିବୀର ରଙ୍ଗକୁ ଆହୁରି ରଙ୍ଗୀନ କରିଦେବା, ମଣିଷର ମନକୁ ଆଉଟିକେ ଆଲୋକିତ କରିଦେବା ଏ ସବୁ କେବଳ କବି କଳାକାର ମାନଙ୍କର କାମ ନୁହେଁ, ଏହା ପ୍ରତ୍ୟେକ ମଣିଷର ଧର୍ମ । ଜୀବନର ଶେଷ ପରିପୂର୍ଣ୍ଣତା ଆସିବ । ସାରା ଜୀବନ ସୁକର୍ମ କରି, ଶେଷ ଜୀବନରେ ମୃତ୍ୟୁ ଯେତେବେଳେ ଆସି ଦ୍ୱାର ଦେଶରେ ଛିଡାହେବ, ସେତେବେଳେ ଆନନ୍ଦରେ ବନ୍ଧୁ ଭାବରେ ତାକୁ ବରଣ କରିବାକୁ ହେବ । ସେଇଥିରେ ହିଁ ଚରମ ଅବସ୍ଥା, ପରମ ଆନନ୍ଦ । କବି ବୈକୁଣ୍ଠନାଥଙ୍କ ଭାଷାରେ -

"ପରାଣ କୁଞ୍ଜେ ଗୋ ତା'ର ମୁରଲୀଧ୍ୱନି
ପରାଣ-ପବନେ ଗୋ ତା ଶୁଭ ଆଗମନୀ,

ଜୀବନେ ଦେବା ନେବା ଭିଆଣ ସବୁ ତା'ର
ସେ, ମହାଦାନୀ ହସେ ପରାଣେ ଦେଖିନାହୁଁ ?
ତା' ପରଷେ ପଉଷଜୀର୍ଣ୍ଣ ଜୀବତରୁ
ପଲ୍ଲବିତ ଆହା କିବା ଶୋଚନା କିବା ଆଉ ।" (ଯାତ୍ରା ସଙ୍ଗୀତ)

ଅନନ୍ତ ଶକ୍ତି ନିକଟରେ ଜୀବନର ଶେଷ ଭାଗରେ ମଣିଷ ଆତ୍ମ ସମର୍ପଣ କରେ । ସାଂସାରିକ ପ୍ରାଚୁର୍ଯ୍ୟ ମଣିଷକୁ ଉନ୍ମତ୍ତ କରିଥାଏ ମାତ୍ର ଆଧାତ୍ମିକତା ନିର୍ମଳ ଜଳତୁଲ୍ୟ ତୃଷ୍ଣା ଦୂର କରିଥାଏ । ବିଭୁପ୍ରୀତି ଆଧାତ୍ମିକତାର ଭିତ୍ତିଭୂମି । ଏହି ବିଭୁପ୍ରୀତି ଯେ ସକଳ ଆନନ୍ଦର ଆଧାର, ତାହା ଶାସ୍ତ୍ର ପୁରାଣରୁ ଆରମ୍ଭକରି ଭାରତୀୟ ସାହିତ୍ୟ ଓ ସଂସ୍କୃତିରେ ନିହିତ ।

କବି ଗଙ୍ଗାଧର ମେହେରଙ୍କ ଭାଷାରେ –

"ତୁମ୍ଭେ ସୂକ୍ଷ୍ମ ତୁମ୍ଭ ଅଚିନ୍ତ୍ୟ ମହିମା
ପୂରିଅଛି ଜଗତରେ
କୋଟି କୋଟି ଗ୍ରହ ଋକ୍ଷ ଜାତ
ହୁଅନ୍ତି ଇଚ୍ଛା ମାତରେ"

ମଣିଷ ଭିତରେ ଧର୍ମଚିନ୍ତା ହିଁ ସର୍ବଶ୍ରେଷ୍ଠ ଚିନ୍ତା । ତାହା ପରମାତ୍ମାଙ୍କର ଚିନ୍ତା । ଏ ଜୀବନ ଯାହାର ଦାନ ସେ ହିଁ ଜୀବନର ଦିଗ୍‌ଦର୍ଶକ । ଆମ ଚିନ୍ତା ଓ ଚେତନାର ଯେଉଁ ଦାର୍ଶନିକ ଭାବର ଉଦ୍ରେକ ଘଟାଏ, ତଦନୁଯାୟୀ ବିଶ୍ୱର ଅଣୁପରମାଣୁରେ, ଗଗନେ, ପବନେ, ଭୁବନେ ଈଶ୍ୱରଙ୍କର ରହସ୍ୟମୟ ଅଭିବ୍ୟକ୍ତିକୁ ଆମେ ଅନୁଭବ କରିଥାଉ । ଭୌତିକତା ଓ ଜଡବାଦୀ ଜୀବନ ନୁହେଁ ନୈତିକ, ଧାର୍ମିକ, ନିର୍ମଳ ଜୀବନ ଜୀଇଁବାରେ ହିଁ ପ୍ରକୃତ ଶାନ୍ତି ସନ୍ନିବିଷ୍ଟ । ଭାଗବତ କହେ, 'ମୁଁ କାର' ଜୀବ ଓ ପରମ ଭିତରେ ଅନ୍ତରାୟ ସୃଷ୍ଟି କରିଥାଏ । ତେଣୁ "ମୁଁ ତ୍ୱ" କୁ ପରିହାର କରି ଜୀବନ ବଞ୍ଚିଲେ ମଣିଷ ସେହି ପରଂବ୍ରହ୍ମଙ୍କ ସତ୍ତାକୁ ଉପଲବ୍ଧିକରି ଏକ ନିର୍ମଳ ଓ ଆନନ୍ଦର ଜୀବନ ଜୀଇଁ ପାରିବ । ସଂସାରରେ ପ୍ରେମ ହିଁ ସାର । ତେଣୁ କବି ଗଙ୍ଗାଧର ସେହି ଭଗବତ ସତ୍ତା ଉଦ୍ଦେଶ୍ୟରେ ଲେଖିଛନ୍ତି –

"ଜଗତରେ ଯାହା ଅଛି
ସବୁ ତୋର ସିନା
କି ଦେଇ ପୂଜିବି ପଦେ
ପ୍ରେମଭକ୍ତି ବିନା"

ଜଗତକୁ ଜଗତରେ ମଣିଷ ମାନଙ୍କୁ ନିଛକ ଭାବରେ ଭଲ ପାଇବା ପ୍ରତିଟି ମଣିଷପାଇଁ ବଡକଥା । ଏହି ପ୍ରେମ ମାଧ୍ୟମରେ ହିଁ ଆନନ୍ଦ ଲାଭକରି ହେବ । ଯେଉଁଦିନ ମଣିଷ ଇନ୍ଦ୍ରିୟତର ଜଗତରୁ ଇନ୍ଦ୍ରିୟାତୀତ ଜଗତକୁ ଚାଲିଯାଏ, ସବୁ ଲୋଭ ମୋହରୁ ଦୂରେଇଯାଇ ଅଚିନ୍ତ୍ୟ ଆନନ୍ଦ ଉଦ୍ଦେଶ୍ୟରେ ଅଗ୍ରସର ହୁଏ, ସେତେବେଳେ ସିଏ ଅନୁଭବ କରେ ସମସ୍ତ ସାଂସାରିକ ସୁଖ ଅଳୀକ । ତା ମନଭିତରେ ଆସେ ସମର୍ପଣର ଭାବ । ତେଣୁ ଏହି ଇନ୍ଦ୍ରିୟାତୀତର ଉପଲବ୍ଧି ପାଇଁ ଆକୁଳହୃଦୟରେ ସେ ପ୍ରାର୍ଥନା କରେ ଭଗବାନଙ୍କ ନିକଟରେ । ଯାହାକି କବିଙ୍କ ଲେଖନୀରେ ପ୍ରତିଫଳିତ–

"ଥାପିବାକୁ ତୁମ୍ଭ ମୂରତି ମୋ କ୍ଷୁଦ୍ର
ହୃଦୟରେ ନାହିଁ ସ୍ଥାନ
ସର୍ଷପ ଗରଭେ ରହିକି ପାରଇ
ହିମାଳୟ ସାନୁମାନ"

ଏହି ଅଳୀକ ସଂସାର ଭିତରେ ଥାଇ ମଧ କବିଙ୍କର ଦିବ୍ୟଦୃଷ୍ଟିରେ ସଂସାର ରହସ୍ୟ ଉନ୍ମୋଚିତ । ସେ ଅନୁଭବ କରିଛନ୍ତି । ସାଗର, ଆକାଶ, ତଟିନୀ, ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ର, କାନନ, ସକଳ ଜୀବଜଗତ ସେହି ବିଶ୍ୱନିୟନ୍ତାଙ୍କର ସୃଷ୍ଟି । ମଣିଷ ଅହମିକାଗ୍ରସ୍ତ ହୋଇ ସଂସାରର ପ୍ରତିଟି କଥାକୁ 'ମୋର' 'ମୋର' କହିଥାଏ ।

ତେଣୁ କବିଙ୍କ ଭାଷାରେ –

"କି ଦେଇ ପୂଜିବି ଯାହା ମୁଁ ଦେଖୁଛି
ସବୁ ତୁମ୍ଭରି ପ୍ରସାଦ ।"

ପୁଣି

"ମୁଁକାର ମାତର ମୋର ନୁହେଁ ବୋଲି
କହିବାକୁ ନାହିଁ ବାଟ
ଦୂରୁ ଶ୍ରୀ ଚରଣେ ଅର୍ପଣ କରୁଛି
ଘେନ ତା ବିଶ୍ୱସମ୍ରାଟ "

ତେଣୁ କେହିଜଣେ ନିୟନ୍ତାଙ୍କ ନିର୍ଦ୍ଦେଶରେ ଏ ସୃଷ୍ଟି ପରିଚାଳିତ ସେ ପରଂବ୍ରହ୍ମ, ଶିଶୁଟିଏ ପାଇଁ 'ପିତାମାତା' ସିଏ ପୁଣି ଜ୍ଞାନର ଭଣ୍ଡାର, ତେଣୁ ସମ୍ପୂର୍ଣ୍ଣଭାବରେ ନିଜକୁ ସଂସାର ପାଇଁ ସୁକର୍ମ ଓ ଧର୍ମ ମାର୍ଗରେ ପରିଚାଳିତ କରିବା ହିଁ ମଣିଷର କର୍ତ୍ତବ୍ୟ । ସମର୍ପଣର ଭାବ ହିଁ ଆନନ୍ଦର ମାର୍ଗ ।

ଓଡିଆ ଭାଷା ସାହିତ୍ୟ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ
ମୋ: ୯୪୩୭୩୫୩୭୧୭

✠✠✠✠

# ଜୀବନ ବଞ୍ଚିବାର କଳା

*ସୁଲୋଚନା ଦାସ*

ଗୋଟେ ପ୍ରବାଦ ଅଛି– କହି ଜାଣିଲେ କଥା ସୁନ୍ଦର, ବାନ୍ଧି ଜାଣିଲେ ମଥା ସୁନ୍ଦର । ସେପରି ବଞ୍ଚି ଜାଣିଲେ ଜୀବନ ବି ଭାରି ସୁନ୍ଦର । ଜୀବନ ଭଳି ଜୀବନଟିଏ ବଞ୍ଚିବା ଗୋଟେ କଳା । ଦେଖାଯାଏ, ବର୍ଷ ବର୍ଷ ଜୀବନ ଧାରଣ କରି ମଧ୍ୟ ଅନେକ ପ୍ରକୃତ ବଞ୍ଚିବା ଶିଖି ନଥାନ୍ତି କି ଜୀବନର ମହତ୍ୱ ଉପଲବ୍ଧି କରି ନଥାନ୍ତି । ସେମାନଙ୍କପାଇଁ ଆହାର ନିଦ୍ରା ମୈଥୁନ ସର୍ବସ୍ୱ ହେଉଛି ଜୀବନ । ପୁଣି ଭୋଗପ୍ରମତ୍ତ ବଞ୍ଚିବା ହେଉଛି ଜୀବନର ଲକ୍ଷ୍ୟ ଓ ପରମାନନ୍ଦ । ସେମାନେ କେବଳ ସ୍ଥୁଳ ଶରୀର ମଧ୍ୟରେ ଆବଦ୍ଧ ହୋଇଥାଆନ୍ତି । ସୂକ୍ଷ୍ମ ଅବବୋଧ, ଆହାର ସୌନ୍ଦର୍ଯ୍ୟ, କଳାତ୍ମକ ଜୀବନଶୈଳୀ, ପ୍ରକୃତ ଆନନ୍ଦ କ'ଣ ସେମାନେ ଜାଣନ୍ତି ନାହିଁ । ଏପରି ସହସ୍ରବର୍ଷ ବଞ୍ଚିବାରେ କିଛି ଗୌରବ ନାହିଁ ।

ଅପର ପକ୍ଷରେ ଶଙ୍କରାଚାର୍ଯ୍ୟ, ସ୍ୱାମୀ ବିବେକାନନ୍ଦ ପ୍ରମୁଖ ବହୁ ସନ୍ଥ ସ୍ୱଳ୍ପାୟୁ ହୋଇମଧ୍ୟଜୀବନର ଅସଲ ସୌନ୍ଦର୍ଯ୍ୟକୁ ଆବିଷ୍କାର କରିପାରିଛନ୍ତି । ବହୁ ବହୁ ମନୀଷୀ, କଳାକାର, ସ୍ରଷ୍ଟା, ସଂସ୍କୃତିସମ୍ପନ୍ନ ବ୍ୟକ୍ତି ଜୀବନର ଅନନ୍ତ ସୁଷମାକୁ ପ୍ରକଟ କରିଛନ୍ତି ନାନା ଭାବରେ, କଳାରେ, ଚିତ୍ରକଳାରେ, ସାହିତ୍ୟରେ, ଦର୍ଶନରେ, ସ୍ଥାପତ୍ୟରେ, ବିଜ୍ଞାନ ପ୍ରଭୃତିରେ । ଜୀବନ ସେମାନଙ୍କପାଇଁ ମହାନ୍ ଓ ସକଳ ସୌନ୍ଦର୍ଯ୍ୟର ଆଧାର ହୋଇଛି । ଆମ ଭାରତୀୟ ସଂସ୍କୃତି, ଦର୍ଶନ ଓ ଆଧ୍ୟାତ୍ମିକତା ବି କହିଛନ୍ତି ଏ ସବୁ କଥା । ଶ୍ରୀମଦ୍ ଭାଗବତ ଗୀତାରେ କର୍ମଯୋଗ, ରାଜଯୋଗ, ଜ୍ଞାନଯୋଗ ଓ ଭକ୍ତି ଯୋଗ ମାଧ୍ୟମ ଦେଇ କିପରି ସୁନ୍ଦରତମ ଜୀବନଟିଏ ବଞ୍ଚିହେବ ଓ ଆତ୍ମାର ମୁକ୍ତିସାଧନ ହେବ ସେକଥା କୁହାଯାଇଛି । ଏ ସବୁ ହେଉଛି ତତ୍ତ୍ୱର କଥା । ଗହନ କଥା । ସାଧାରଣ ଲୋକଟି ପାଇଁ ବୁଝିବା କଷ୍ଟକର ।

ଆମେ ଯଦି ଆମର ଚାରିପାଖର ପୃଥିବୀକୁ ଭଲଭାବରେ ଆଖି ଖୋଲି ଦେଖିବା ଓ ବୁଝିବାକୁ ଚେଷ୍ଟା କରିବା, ତେବେ ଜୀବନ ଆମକୁ ଭାରି ସୁନ୍ଦର ଓ ଅନୁପମ ମନେହେବ । ସତରେ ଏ ପୃଥିବୀ କେତେ ସୁନ୍ଦର ! ଆକାଶ, ମାଟି, ପାଣିପବନ, ଗଛବୃଛ, ପାହାଡ ଜଙ୍ଗଲ, ନଦନଦୀ, ଫୁଲଫଳ, ପଶୁପକ୍ଷୀ, ସମୁଦ୍ର ସବୁ ସୁନ୍ଦର । ଆଉ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି, ଆକାଶ ନଥିଲେ, ଚନ୍ଦ୍ର ସୂର୍ଯ୍ୟ ନଥିଲେ, ପାଣିପବନ ନଥିଲେ ଏ ସୁନ୍ଦର ପ୍ରକୃତି ନଥିଲେ ଆମେ କ'ଣ ବଞ୍ଚି ପାରନ୍ତେ ? ନା, ଏସବୁ ଈଶ୍ୱରଙ୍କ ଦାନ । କେଡେ ସୁନ୍ଦର ତାଙ୍କର ସର୍ଜନା ! ପ୍ରତି ମୁହୂର୍ତ୍ତରେ ମଣିଷର ସେବା କରୁଛନ୍ତି ଏମାନେ । ପ୍ରତିବଦଳରେ ଆମେ ତାଙ୍କୁ ଦେଉଛୁ କ'ଣ ? କିଛି ଦେଉନୁ । ସତରେ ଈଶ୍ୱର ଆମକୁ ଦିବ୍ୟ ପ୍ରେମ ଓ କରୁଣାର ବାହୁ ପ୍ରସାରି ଧାରଣ କରିଛନ୍ତି । ତା ନ ହୋଇଥିଲେ ଏ ଧରାପୃଷ୍ଠରେ ଜୀବନଧାରଣ କରିବା ଅସମ୍ଭବ ହୁଅନ୍ତା ।

ଯେତେବେଳେ ଜଣେ ବୁଝିପାରିବ ଯେ ଏ ଜୀବନ ଈଶ୍ୱରଙ୍କ ଦାନ, ସେତେବେଳେ ସେ ତାଙ୍କ ପ୍ରତି କୃତଜ୍ଞ ହେବ । ନିଜେ ବଞ୍ଚିବା ସହିତ ଅନ୍ୟକୁ ବଞ୍ଚାଇବାରେ ସହାୟକ ହେବ । ସବୁ କିଛି ଈଶ୍ୱରଙ୍କ ଇଚ୍ଛା ଭାବି ସେ ତାର ସମସ୍ତକର୍ମକୁ ତାଙ୍କୁ ସମର୍ପି ଦେବ । ଆପେ ଆପେ ତାର ଦୁଃଖର ଭାର ଲାଘବ ହୋଇଯିବ । ଏଇ ଭାବନାଟିକକ ଯଦି ଶୁଦ୍ଧ ଅନ୍ତଃକରଣରୁ ଝରିବ, ତେବେ ଜୀବନ ଆଦୌ ଦୁର୍ବିସହ ମନେ ହେବ ନାହିଁ । ବରଂ ସବୁ ସହଜ, ସରଳ ହୋଇଯିବ । ସବୁକିଛି ସୁନ୍ଦର ଓ ଆନନ୍ଦଦାୟକ ମନେହେବ । କବିଙ୍କ ଭାଷାରେ –

ବିଶ୍ୱ ଦେଖ ମଧୁମୟ ରେ ଜୀବନ !
ବିଶ୍ୱ ଦେଖ ମଧୁମୟ
ମଧୁର ଝରଣ କରିବ ହରଣ
ତୋ ପାପ ମରଣଭୟରେ ଜୀବନ.............

(ଗଙ୍ଗାଧର ମେହେର)

ଆମେ କିନ୍ତୁ ସେକଥା ଭାବୁନାହିଁ । ବରଂ ଆମେ ସବୁର କର୍ତ୍ତା – ଏଇ ଅହଂକାର ଆମକୁ ସହଜ ସରଳତମ ବାଟରୁ ଦୂରେଇଦିଏ । ଜୀବନରେ ଦୁଃଖ କଷ୍ଟ ଆସିଲେ ତାହା ଆମକୁ ପାହାଡପରି ଲାଗେ । ଈଶ୍ୱରଙ୍କୁ ଲକ୍ଷେ ନାଁ ଦେଇ ଡାକିଲେ ବି ସେ ଏକ ଓ ଏ ନିଖିଳ ବିଶ୍ୱର ସ୍ରଷ୍ଟା ଓ ନିୟନ୍ତା । ସେ ପରମ କାରୁଣିକ, ସେ ପ୍ରେମମୟ, ଆନନ୍ଦମୟ, ସେ ଆମର ପିତା, ସେ ହିଁ ଆମର ରକ୍ଷାକର୍ତ୍ତା – ଏତିକି ଭାବିଲେ ଜୀବନର ପଥ ସୁଗମ ହୋଇଯାଏ ।

ଈଶ୍ୱରଙ୍କ ପ୍ରତି ଏ ଭଲପାଇବା ଓ ଆନୁଗତ୍ୟ ଆମର ଆତ୍ମବିଶ୍ୱାସକୁ ଦୃଢ କରେ । ଆତ୍ମନିର୍ଭରଶୀଳ କରାଏ । ଦୁଃଖର ମହାସାଗରକୁ ପାର ହୋଇଯିବାର ସାହାସ ଦିଏ । ଥରେ ଜଣେ ବ୍ୟକ୍ତି ଭୁଲ୍ ଟିଏ କଲା । ତାକୁ ଗୁରୁ ପଚାରିଲେ, ତୁମକୁ କି ପ୍ରକାର ଦଣ୍ଡ ଦିଆଯିବ ? ଲୋକଟି କହିଲା – ଗୁରୁଦେବ, ମତେ ଦଣ୍ଡ ଦିଅନ୍ତୁ ନାହିଁ । ମୁଁ ଆଉ କେବେ ସେ ଭୁଲ୍ କରିବି ନାହିଁ ।

କିଛି ଦିନ ପରେ ଆଉ ଜଣେ ଶିଷ୍ୟ ଆଉ ଗୋଟେ ଭୁଲ୍ କଲା । ଗୁରୁ ତାକୁ ପଚାରିଲେ – ତୁମକୁ କି ଦଣ୍ଡ ଦିଆଯିବ ?

ଲୋକଟି ହସି ହସି କହିଲା – ଗୁରୁଦେବ, ଯେ କୋଣସି ଦଣ୍ଡ ଦେବେ ଦିଅନ୍ତୁ ।

ଏଠି ଲକ୍ଷ୍ୟ କରିବା କଥା ହେଉଛି – ଗୁରୁଙ୍କ ପ୍ରତି ଥିବା ତାର ପ୍ରଗାଢ ଭଲପାଇବା ଯୋଗୁଁ ତାର କୌଣସି ଦଣ୍ଡପ୍ରତି ଭୟ ନ ଥିଲା । ଯେଉଁଠି ଭଲପାଇବା ଥାଏ, ସେଠି ଭୟ ନଥାଏ । ଯିଏ ଈଶ୍ୱରଙ୍କୁ କିପରି ସବୁ ସୁଖଦୁଃଖ, ଇଚ୍ଛା ଅଭିଳାଷ ଓ କର୍ମକୁ ସମର୍ପି ଦିଏ – ତାକୁ ସଂସାରର କୌଣସି ଭୟ ଭୟଭୀତ କରିପାରେ ନାହିଁ । ଈଶ୍ୱରଙ୍କ ଭଲ ପାଇବା ଉପରେ ଭରସା ରଖିଲେ, ବିଶ୍ୱାସ ରଖିଲେ କୌଣସି ଭୟ ରହିବ ନାହିଁ । ଏପରି କି ମୃତ୍ୟୁ ଭୟ ବି ।

ଯିଏ ଈଶ୍ୱରଙ୍କୁ ଭଲପାଏ, ସେ ସାରା ଜଗତକୁ ଭଲପାଏ । ଅନ୍ୟପାଇଁ ବଞ୍ଚିବାରେ ତାକୁ ଆନନ୍ଦ ମିଳେ । ଜୀବନ ବୋଝ ପରି ଲାଗେ ନାହିଁ । ଅର୍ଥପୂର୍ଣ୍ଣ ମନେହୁଏ । କଥାରେ ଅଛି ଦୁଃଖ ବାଣ୍ଟିଲେ ଛିଡେ, ସୁଖ ବାଣ୍ଟିଲେ ବଢେ । କିନ୍ତୁ ଆଜିକାଲି ଆମେ ନିଜ ନିଜର ଛୋଟିଆ ପୃଥିବୀ ନିର୍ମାଣ କରି ଆତ୍ମ ନିର୍ବାସନ ଭୋଗୁଛୁ । ନିଜକୁ ବ୍ୟାପ୍ତ, ବିସ୍ତାରିତ କରିବା ଭାବନାଟି ନଥିବାରୁ ଆଜିର ମଣିଷ ଅଧିକରୁ ଅଧିକ ନିଃସଙ୍ଗ ହୋଇଯାଉଛି । ଅଥଚ ଚତୁର୍ଦ୍ଦିଗରେ କେତେ କୋଳାହଳ !

ଅନ୍ୟର ତ୍ରୁଟିକୁ ଆମେ ମ୍ୟାଗ୍ନିଫାଇଙ୍ଗ୍ ଗ୍ଲାସରେ ଦେଖୁ । କିନ୍ତୁ ନିଜ ଅହଂକାର ଓ ତ୍ରୁଟିକୁ ଦେଖିପାରୁନାହିଁ । ଏହାହିଁ ଆମ ଆତ୍ମାପୁରୁଷକୁ ଅହଂକାରର ପାଷାଣ ତଳେ ଚାପିଦିଏ । ଏଇଥିରୁ ଜାତ ହୁଏ ଦୁଃଖ । ଅଭାବିତ ଭାବରେ ମଧ୍ୟବହୁ ଦୁଃଖ ଆସେ ମହାଶୂନ୍ୟରୁ ଅବତରିଲା ପରି । ସେତେବେଳେ ସ୍ମରଣ କରିବାକୁ ହେବ ଯେ, ଏପରି କେହି ନାହିଁ ଏ ସଂସାରେ ଯାହାର ଦୁଃଖ ନାହିଁ , ସମସ୍ୟା ନାହିଁ, ଯାହା ଘରକୁ ମୃତ୍ୟୁ କେବେ ଆସେ ନାହିଁ । ସେ ରାଷ୍ଟ୍ରପତି ହୁଅନ୍ତୁ କି ଦିନ ମଜୁରିଆ ହେଉ । ମନେ ପଡୁଛି କାହାଣୀଟିଏ – ଥରେ ବୁଦ୍ଧଦେବଙ୍କ ପାଖକୁ ଆସିଥିଲା ଜଣେ ପୁତ୍ରହରା ଶୋକାତୁରା ମା । ସେ କାନ୍ଦି କାନ୍ଦି କହିଥିଲା – ହେ ପରମ କାରୁଣିକ, ଆପଣ ମୋ ପୁଅକୁ ବଞ୍ଚାଇ ଦିଅନ୍ତୁ । ବୁଦ୍ଧଦେବ କହିଲେ – ମା, ତୁମେ ମୁଠାଏ ସୋରିଷ ଏମିତି ଗୋଟେ ଲୋକ ଘରୁ ମାଗି ଆଣିବ, ଯାହା ଘରେ କେହି ମରି ନ ଥିବେ । ସ୍ତ୍ରୀ ଲୋକଟି ମୁଠାଏ ସୋରିଷ ପାଇଁ ବୁଲି ବୁଲି ନିରାଶ ହୋଇ ଫେରି ଆସି ବୁଦ୍ଧଙ୍କ ଶରଣାଗତ ହେଲା । ସେତେବେଳକୁ ସିଏ ବୁଝି ସାରିଥିଲା ଯେ ଜୀବନ ଅନିତ୍ୟ, ମୃତ୍ୟୁ ହିଁ ଅନିବାର୍ଯ୍ୟ ସତ୍ୟ ।

ଆତ୍ମୀୟ ସ୍ୱଜନଙ୍କୁ ହରାଇବାର ଦୁଃଖ ତ ରହିବ ହିଁ ରହିବ । କିନ୍ତୁ ସେ ଦୁଃଖକୁ ମୁଣ୍ଡରେ ମୁଣ୍ଡେଇ ବୁଲିଲେ ତାହା ଜୀବନକୁ ଦୁର୍ବିସହ କରିଦେବ । ସେପରି ଜଗତରେ ଏପରି ସମସ୍ୟା ନାହିଁ ଯାହାର ସମାଧାନ ନାହିଁ । ଧୈର୍ଯ୍ୟ ହିଁ ସମସ୍ୟା ସମାଧାନର ପଥ ପରିଷ୍କାର କରିଥାଏ । କ୍ରୋଧ ମଣିଷର ପରମ ଶତ୍ରୁ । କ୍ରୋଧରେ ଅନ୍ଧହୋଇ, ହିତାହିତ ଜ୍ଞାନ ଭୁଲିଯାଇ ବ୍ୟକ୍ତି ଯେ କୌଣସି ଅଘଟଣ ଘଟାଇଥାଏ । ସେହିପରି ଆଉ ଗୋଟିଏ ଶତ୍ରୁ ହେଉଛି ପ୍ରତିଶୋଧ ପରାୟଣତା । ଏ ସବୁର ବିଷମୟ ଫଳ ଅତ୍ୟନ୍ତ ଭୟାବହ । ବରଂ କ୍ଷମା ଗୁଣରେ ପ୍ରତିଶୋଧ ମନୋଭାବକୁ ପରାହତ କରିପାରିଲେ ମନରେ ଶାନ୍ତି ଆସେ । ସେଥିପାଇଁ ହୃଦୟରେ ଅଙ୍ଗୀକାର ନ ଥାଏ । ତା ସହିତ ପରିସ୍ଥିତି ଅନୁଯାୟୀ ସାଲିସ କରିବାକୁ ହୁଏ । ଜୀବନରେ । ସବୁର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ଜୀବନର ଅର୍ଥ ହେଉଛି ଗୋଟେ ମହଉର ବୁଝାମଣା । ପରିସ୍ଥିତି ସହିତ ସାଲିସ୍ କରିବା ବଞ୍ଚିବାର ଅନ୍ୟତମ କଳା । ଧୈର୍ଯ୍ୟ ଓ ଆତ୍ମବିଶ୍ୱାସ ବଳରେ ଏ ସମସ୍ତ ଅବସ୍ଥାକୁ ଆୟତ୍ତ କରାଯାଇପାରେ । ଲୋକେ ଧୈର୍ଯ୍ୟହରା ହୋଇ ଅନେକ ସମୟରେ ଭୁଲ୍ କରି ବସନ୍ତି । କଥାରେ ଅଛି ବିପଦର ଢେଉ ପାଖରେ ମୁଣ୍ଡ ନୁଆଁଇ ଦେଲେ ସେ ବିପଦ ଆସି ଆପେ ଆପେ ଫେରିଯାଏ । ଅପର ପକ୍ଷରେ ପ୍ରକୃତି ଓ ଇନ୍ଦ୍ରିୟ ଭୋଗ ସର୍ବସ୍ୱ ଜୀବନ ନା ନା ଦୁଃଖର କାରଣ ହୁଏ ।

ସ୍ୱାମୀ ବିବେକାନନ୍ଦ କହିଥିଲେ – ଜୀବନ ଯଦି ଗୋଟେ ଉଡନ୍ତା ଚଢେଇ ହୁଏ, ତେବେ ତାର ଦୁଇଟି ଡେଣା ହେଉଛି ପ୍ରେମ ଓ କରୁଣା । ଆଉ ଧୈର୍ଯ୍ୟ ଓ ଆତ୍ମବିଶ୍ୱାସ ଏହାର ଦୁଇ ଗୋଡ । ଏହାରି ବଳରେ ସୁନ୍ଦର ଜୀବନଟିଏ ବଞ୍ଚିବା ସମ୍ଭବ ହୁଏ । ମନୋବୈଜ୍ଞାନିକମାନେ କୁହନ୍ତି ମଣିଷ ଭିତରେ ଦୁଇଟି ପ୍ରବୃତ୍ତି ତାର ଚେତନାକୁ କ୍ରିୟାଶୀଳ କରିଥାଏ । ଗୋଟିଏ ସୃଜନଶୀଳ ପ୍ରବୃତ୍ତି, ଅନ୍ୟଟି ଧ୍ୱଂସକାରୀ ପ୍ରବୃତ୍ତି । ଗୋଟେ ସୃଷ୍ଟି କରେ । ଅନ୍ୟଟି ଧ୍ୱଂସ କରେ । ନାରୀ ସୃଜନତାର ପ୍ରତୀକ । ସେ ସୃଷ୍ଟି କରେ, ଲାଳନ ପାଳନ କରେ । ଏହା ସମ୍ଭବ ହୁଏ କେବଳ ପ୍ରେମ କରୁଣା, ଧୈର୍ଯ୍ୟ ଓ ଆତ୍ମବିଶ୍ୱାସ ବଳରେ । ନାରୀର ସହିଷ୍ଣୁତା ଅଭାବ ହେଲେ ନାନା ଦୁଃଖ ବିପର୍ଯ୍ୟୟ ମାଡିଆସେ । ଆଜିକାଲି ସାମାଜିକ ଜୀବନରେ ଏପରି ବହୁ ଅଘଟଣ ଘଟୁଛି । ବହୁ ବାହାଘର ଭାଙ୍ଗି ଯାଉଛି । ସ୍ୱପ୍ନ ଉଜୁଡି ଯାଉଛି । ଏହାର କାରଣ ହେଉଛି କ୍ରୋଧ ଓ ଅହଙ୍କାର । ପ୍ରେମ, ଅନୁରାଗ ଓ ବିଶ୍ୱାସର ଅଭାବ ।

ସ୍ୱପ୍ନ, କଳ୍ପନା, ପ୍ରେମ, ଦୟା, ବିଶ୍ୱାସ, ପରୋପକାର, ସେବା ପ୍ରଭୃତି ଯାବତୀୟ ସଦଗୁଣ ସୃଜନଶୀଳତାର ପ୍ରତୀକ । ଅନ୍ୟପକ୍ଷରେ ସନ୍ଦେହ, ଅବିଶ୍ୱାସ, କ୍ରୋଧ, ମିଛ, ହତାଶା, ନୈରାଶ୍ୟ, ଈର୍ଷା, ପ୍ରତିଶୋଧ ପ୍ରଭୃତି ଧ୍ୱଂସକାରୀ ପ୍ରବୃତ୍ତି । ସଦ୍‌ଗୁଣମାନେ ହିଁ ଅନ୍ୟାୟ, ଅସତ୍ୟ, ଅଧର୍ମ

ବିରୁଦ୍ଧରେ ଲଢେଇ କରିବାର ନୈତିକ ଶକ୍ତି ଯୋଗାଇଥାଆନ୍ତି । ସେପରି ଯେଉଁ କାମ କଲେ ନିଜ ହୃଦୟ ଭିତରେ ନିର୍ମଳ ଆନନ୍ଦ ଜାତ ହୋଇଥାଏ ତାହା ପୁଣ୍ୟ ଓ ସତ୍‌କର୍ମ । ଯେଉଁ କର୍ମରେ ଆତ୍ମାର ଅନୁମୋଦନ ନ ଥାଏ ତାହା ପାପ । ବିବେକ ମଧ୍ୟଏହାକୁ ସମର୍ଥନ କରେନାହିଁ । ସାଂପ୍ରତିକ ସମୟରେ ବିବେକର ଅନୁମୋଦନ ନ ଥିବା ବହୁ ଅପକର୍ମ ସମାଜରେ ବିତ୍‌ପାତ ସୃଷ୍ଟି କରୁଛି । ସତ୍‌ସଙ୍ଗ, ସତ୍ ଗ୍ରନ୍ଥପାଠ, ଭଲ ବହି ଜ୍ଞାନ ବୃଦ୍ଧିର କାରଣ ହେବା ସହିତ ଜୀବନକୁ ସତ୍‌ମାର୍ଗରେ ବାଟ କଢେଇ ନିଅନ୍ତି । ଚିହ୍ନେଇ ଦିଅନ୍ତି ସୁନ୍ଦର ପୃଥିବୀକୁ, ଗ୍ରହନକ୍ଷତ୍ରକୁ, ପ୍ରକୃତିର ମହିମାକୁ, ପ୍ରତିଟି ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତର ଜୀବନ ସଂବେଦୀ ଗାରିମାକୁ ଆଉ ଆପଣା ଭିତରର ଯାବତୀୟ ସୌନ୍ଦର୍ଯ୍ୟକୁ । ଯିଏ ଏହି ଆଧ୍ୟାତ୍ମିକ ଶକ୍ତିର ଅଧିକାରୀ ତା ପାଇଁ ଜୀବନ ଚିରସୁନ୍ଦର, ମଧୁମୟ, ଅମୃତମୟ, ପ୍ରେମମୟ ଓ ଆନନ୍ଦମୟ ।

ବାଦାମ ବାଡ଼ି, କଟକ
ମୋ: ୯୪୩୭୨୬୯୬୩୯

✠✠✠✠



# ମୁଁ ଓ ମୋର

*ମନୋଜ କୁମାର ମହାପାତ୍ର*

ମୁଁ ଛଅଫୁଟ ଲମ୍ବର ମଣିଷ ଏବଂ ଦେଖିବାକୁ ଭାରି ସୁନ୍ଦର । ମୋତେ ଯିଏ ଥରେ ଚାହେଁ, ତା'ର ଆଖି ଆଉ ଫେରେ ନାହିଁ । ମୁଁ ସବୁତକ ଜ୍ଞାନରେ ବଳୀୟାନ । ସଂସାରରେ ଏମିତି ଜ୍ଞାନ ନାହିଁ ଯାହା ମୁଁ ଜାଣିନି । ମୋ ନିଜ ଉଦ୍ୟମରେ ସମାଜରେ ଉଚ୍ଚ ପଦବୀରେ ଆସୀନ । ମୋ ଭାବନା ଯେଉଁ ସ୍ତର ପର୍ଯ୍ୟନ୍ତ ଭାବି ଭାବି ଲମ୍ବିଯାଏ, ସେହି ସ୍ତର ପର୍ଯ୍ୟନ୍ତ ପ୍ରାୟ କେହି ଯାଇପାରେନା । ମୋ କ୍ୟାରିଅର, ମୋ ପରିବାର, ମୋର ପେସା ଓ ମୋ ସ୍ୱାସ୍ଥ୍ୟ ବିଷୟରେ ମୁଁ ସତତ ସଚେତନ । ମୋର ମନ ଓ ଭାବନା ଭାରି ପଜିଟିଭ୍, ମୋର କାହାକୁ ଡର ବି ନାହିଁ, ମୋ ଗୁରୁ ବା ଈଶ୍ୱର ମୋତେ ସବୁବେଳେ ଜଗିଥାନ୍ତି, ସବୁବେଳେ ଭଲ ଚିନ୍ତା ଦେଉଥାନ୍ତି... ଏଭଳି ଅନେକ ଦାମ୍ଭିକ ଆସ୍ଫାଳନ ଆମର । କିନ୍ତୁ ଏଭଳି ଭାବୁଥିବା ବ୍ୟକ୍ତିକୁ ଯେତେବେଳେ ହଠାତ୍ ଦିନେ ଡାକ୍ତର ପରୀକ୍ଷା-ନିରୀକ୍ଷା କରି ମତ ଦିଅନ୍ତି ଯେ ତୁମର ପାକସ୍ଥଳୀରେ କ୍ୟାନ୍ସର କେବେଠୁଁ ବସା ବାନ୍ଧିଲାଣି, ଶୀଘ୍ର ଚିକିତ୍ସା ଆବଶ୍ୟକ, ସେତିକିବେଳେ ବ୍ୟକ୍ତିଟି ଭିତରେ ଭୂମିକମ୍ପ ହୁଏ ଏବଂ ବଜ୍ରପାତର ପ୍ରଚଣ୍ଡ ଉତ୍ତାପରେ ତା'ର ଦାମ୍ଭିକପଣିଆର ବାଲିଘର ଧରାଶାୟୀ ହେବାକୁ ଆରମ୍ଭକରେ । ଏଠାରେ କହିବାର ତାତ୍ପର୍ଯ୍ୟ ଯେ ଆମେ ଯାହାକୁ 'ମୁଁ ଓ ମୋର' ଭାବୁ, ତାହା ହିଁ ଆମର ଭ୍ରମ । ସତ କହିବାକୁ ଗଲେ ଜଣେ ଭୂମିଷ୍ଠହେବା ସମୟରୁ ମୃତ୍ୟୁ ପର୍ଯ୍ୟନ୍ତ ନିଜ ଶରୀରର ବାହ୍ୟିକ ଓ ଆଭ୍ୟନ୍ତରୀଣ ଇଲାକାରେ ଯାହାସବୁ ଘଟେ, ତାହା ଉପରେ ଆମର ନିୟନ୍ତ୍ରଣ ନାହିଁ । ଏକ ମହାଜାଗତିକ ପ୍ରାକୃତିକ ନିୟମରେ ସକଳ ଜୀବଜଗତ ବନ୍ଧା, କିନ୍ତୁ ପରିତାପର ବିଷୟ ଯେ ନିଜ ଭିତରେ ସଦା କାର୍ଯ୍ୟରତ ଏକ ଅନନ୍ତ ସମ୍ଭାବନାର ସତ୍ତା ପ୍ରତି ମନୁଷ୍ୟ ଅନ୍ତର୍ମୁଖୀ ନହୋଇ, ଭ୍ରମ ସୃଷ୍ଟିକାରୀ 'ମୁଁ ଓ ମୋର' ଭ୍ରାନ୍ତ ଧାରଣାରେ ବଶବର୍ତ୍ତୀ ହେଇ ନିଜେ ତ ଦୁଃଖ ପାଉଛି, ସମାଜରେ ଅନ୍ୟମାନଙ୍କ ପାଇଁ ଦୁଃଖର ହେତୁ ସାଜୁଛି । କାହିଁକିନା 'ମୁଁ ଓ ମୋର' ଭାବନା ମଣିଷ ଭିତରେ ପ୍ରଚଣ୍ଡ ସ୍ୱାର୍ଥପରତା ସୃଷ୍ଟିକରି ସାର୍ବଜନୀନ ଜୀବନରୁ ତା'କୁ ପୃଥକ କରିଦିଏ । ଯେହେତୁ ମୁଁ ଜଣେ ବ୍ୟକ୍ତି ଭାବରେ ଯେତେବେଳେ ଜାଣିପାରୁନି ଯେ ମୋ ଦେହ ଓ ମନ ଭିତରେ କଣ ସବୁ ଘଟି ଚାଲିଛି, ସେତେବେଳେ କେଉଁ ହିମତ୍‌ରେ କହିପାରିବି ଯେ ଏହି ଜିନିଷଟି ମୁଁ ଓ ମୋର ବୋଲି ? ଆମେ ଯାହା ଭାବୁ ତାହା ବି ନିଜସ୍ୱ ନୁହେଁ । ବୁଦ୍ଧଙ୍କ ଭାଷାରେ—ଭାବନା (Thinking) ରହିଛି, କିନ୍ତୁ ଭାବୁକ (Thinker) କେହି ନାହାନ୍ତି । ସୁତରାଂ, ଆମେ ସମସ୍ତେ ଏକ ନିରବଚ୍ଛିନ୍ନ ଜୀବନ ପ୍ରବାହର ଅଂଶ ମାତ୍ର, ନିଜକୁ ଏକ ଭିନ୍ନ 'ମୁଁ ଓ ମୋର' ମଣିଷ ଭାବିବା କେବଳ ଭ୍ରମ ।

ଆପ୍ତବାକ୍ୟଟିଏ କହେଯେ ଯିଏ ଯେତେ ଏହି 'ମୁଁ ଓ ମୋର' ନିଗଡ଼ ଭିତରୁ ମୁକ୍ତ ହେବ, ସେ ସେତେ ଜୀବନର ସ୍ୱାଦ ଆସ୍ୱାଦନ କରିପାରିବ । ଜୀବନକୁ ଏକ ମୁକ୍ତ ବିହଙ୍ଗମ, ଏକ ସଦ୍ୟ ପ୍ରସ୍ଫୁଟିତ ପୁଷ୍ପ, ତଥା ମୁକ୍ତ ଶୀତଳ ପବନ ଭଳି ବଞ୍ଚିପାରିବ । ଏହି ଉକ୍ତିଟିକୁ ଆମ ଜୀବନରେ ପ୍ରତ୍ୟେକ ସ୍ତରରେ ଉପଲବ୍ଧି କରିବା ଯଦି ଜୀବନକୁ ସେଇ ଢଙ୍ଗରେ ପରିଚାଳିତ କରିପାରିବା । ଅବଶ୍ୟ ବର୍ତ୍ତମାନର ଅତ୍ୟାଧୁନିକ ଉପଭୋକ୍ତା ଓ ବଜାରଭିତ୍ତିକ ସମାଜରେ ଏଭଳି 'ମୁଁ ଓ ମୋର' ମାନସିକତାରୁ ବର୍ତ୍ତିବା ଯୁବ ସଂପ୍ରଦାୟଙ୍କ ପକ୍ଷେ ହାସ୍ୟାସ୍ପଦ ସମ ପ୍ରତୀୟମାନ ହୋଇପାରେ, ତଥାପି କିଛି ଯୁବ ସଂପ୍ରଦାୟ କାହିଁକି ଅନେକ ବ୍ୟକ୍ତି ଆମ ସମାଜରେ ଅଛନ୍ତି, ହୋଇପାରେ ସେମାନଙ୍କର ସଂଖ୍ୟା ସ୍ୱଳ୍ପ, ସେମାନେ ମମତ୍ୱର ଅଡୁଆ ଜାଲର ପ୍ରଲୋଭନରୁ ଖସିଯାଇ 'ପରୋପକାରାୟ ସ୍ୱର୍ଗାୟ' ମହାମନ୍ତ୍ରରେ ଦୀକ୍ଷିତ ହେଇ ସୁନ୍ଦର ଜୀବନ ବଞ୍ଚନ୍ତି । ଏଭଳି ନିଃସ୍ୱାର୍ଥପର ମଣିଷ ଅବଶ୍ୟ ଗଣ-ମାଧ୍ୟମରେ ଚର୍ଚ୍ଚିତ ହେବାକୁ ପସନ୍ଦ କରନ୍ତି ନାହିଁ, କିମ୍ବା ଲୋକଦେଖାଣିଆ ବାହାସ୍ଫୋଟ ମାରନ୍ତିନାହିଁ, କିମ୍ବା ସେମାନଙ୍କର ମହତ୍ କର୍ମ କଦର୍ଥ ଭାବେ କଟୁ ସମାଲୋଚିତ ହେଲେ ମଧକୌଣସି ନକାରାତ୍ମକ ପ୍ରତିକ୍ରିୟା ପ୍ରଦାନ କରିବାକୁ କୁଣ୍ଠାବୋଧ କରନ୍ତି, ତଥାପି ବର୍ତ୍ତମାନର ସର୍ବଗ୍ରାସୀ ବସ୍ତୁବାଦ ସମାଜର ପ୍ରଚଣ୍ଡ ସ୍ରୋତର ନିମ୍ନ ଦେଶରେ ରହି, ନିଃସ୍ୱାର୍ଥପର ଜୀବନ ବଞ୍ଚି, ଅନ୍ୟମାନଙ୍କ ଉପକାରରେ ଆସନ୍ତି ଓ ଦିଗ୍‌ଦର୍ଶନ ଦିଅନ୍ତି । ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଆବଶ୍ୟକ ସ୍ଥଳେ ପରିତ୍ୟାଗକରି ଶୁଦ୍ଧ ମଣିଷର ପରିଚୟ ଦେଇଥାନ୍ତି । କିନ୍ତୁ ସତ୍ୟକୁ ଜାବୁଡ଼ି ଧରିଥାନ୍ତି । ଏଠାରେ ଉଲ୍ଲେଖନୀୟ ଯେ ପ୍ରଥମ ବିଶ୍ୱଯୁଦ୍ଧ ପରେ ଜର୍ମାନୀରେ ଯେତେବେଳେ ନାଜିବାଦ ଓ ଇହୁଦି-ମାରଣ ନୀତି ପ୍ରବଳରୁ ପ୍ରବଳତର ହେଉଥିଲା, ସେତେବେଳେ ବିଶ୍ୱପ୍ରସିଦ୍ଧ ବୈଜ୍ଞାନିକ ତଥା ଇହୁଦି ବଶଂଜ ଆଲବର୍ଟ ଆଇନଷ୍ଟାଇନ ନିଜ ରାଷ୍ଟ୍ର ଜର୍ମାନୀରେ ବାସକରି, ବହୁ ଅକଥନୀୟ ମାନସିକ ଯନ୍ତ୍ରଣାରେ

ଜର୍ଜରିତ ହେଇଥିଲେ । ଏକଦା ଏକ ସଭାରେ ବସିଥିବାବେଳେ ବୈଜ୍ଞାନିକ ବନ୍ଧୁମାନେ ତାଙ୍କର ଉଦ୍ଭାବିତ Law of Relativity ଥିଓରୀ ଓ ତାଙ୍କ ବ୍ୟକ୍ତିତ୍ୱ ଉପରେ ନିନ୍ଦା ଓ ଅପମାନ ବର୍ଷଣ କରୁଥିଲେ, କିନ୍ତୁ ଆଇନ୍‌ଷ୍ଟାଇନ ଏତାଦୃଶ ଭର୍ତ୍ସନା ଓ ନିନ୍ଦାରେ ଆଦୌ ବିଚଳିତ ନହେଇ ବକ୍ତାଗଣଙ୍କର ବକ୍ତୃତାକୁ ଖୁସିରେ ଉପଭୋଗ କରୁଥିଲେ ଏବଂ ମଝିରେ ମଝିରେ ଅନ୍ୟ ଶ୍ରୋତାଙ୍କ କରତାଳିରେ ନିଜେ ବି ଖୁସିରେ ତାଳି ମାରୁଥିଲେ । ସେ ଭଲ ଭାବରେ ଜାଣିଥିଲେ ଯେ ତାଙ୍କର Law of Relativity ଥିଓରୀ ଏକ ସତ୍ୟ ଉପରେ ପ୍ରତିଷ୍ଠିତ ଓ ପ୍ରମାଣିତ, ଯାହା ଆଜି ନୁହେଁ ତ କାଲି ହିଁ ସବୁ ପ୍ରକାର ବାଧା, ଅସୂୟା, ଈର୍ଷା ସତ୍ତ୍ୱେ, ସବୁରି ଦ୍ୱାରା ଗ୍ରହଣୀୟ ହେବ । ସେଥିରେ ତାଙ୍କର କୌଣସି ସ୍ୱାର୍ଥ ନଥିଲା, ବରଂ ମାନବଜାତିର କଲ୍ୟାଣ ପାଇଁ ତାଙ୍କର ଗବେଷଣା ଥିଲା ଉଦ୍ଦିଷ୍ଟ । 'ମୁଁ ଓ ମୋର' ସ୍ୱାର୍ଥାନ୍ଧ ଭାବନାରେ ସେ ନଥିଲେ ବନ୍ଦୀ, ବରଂ ଅନନ୍ତ ଜୀବନ ପ୍ରବାହରେ ନିମଗ୍ନ ରହି ଖୋଜୁଥିଲେ ସୃଷ୍ଟିର ରହସ୍ୟ । ଅବଶ୍ୟ ଏଭଳି ମାନସିକତା ମନୁଷ୍ୟ ପାଇଁ ଏକ ପ୍ରକାର ସ୍ୱବିରୋଧାଭାସ (Paradox) । ସତରେ ଜଣେ ନିଃସ୍ୱାର୍ଥପର ଓ ଅନାସକ୍ତ ମଣିଷ ଗଭୀରଭାବେ ଏପରିକି ପୂର୍ଣ୍ଣ ଭାବରେ ଜୀବନକୁ ଉପଭୋଗ କରିବା ପାଇଁ ସକ୍ଷମ ହେଇଥାଏ । ବିଶ୍ୱବିଖ୍ୟାତ ଇଂରାଜୀ କବି ଉଇଲିଅମ ବ୍ଲାକେ (William Blacke) ଏଭଳି ଅନାସକ୍ତ ମନ ଉଦ୍ଦେଶ୍ୟରେ ପ୍ରାୟ ଦୁଇଶହ ବର୍ଷ ପୂର୍ବରୁ ଏକ କବିତାରେ ଲେଖିଛନ୍ତି—

> ''He who binds to himself a joy
> Does the winged life destroy;
> But he who kisses the joy as it flies
> Lives in Eternity's sunrise.''

ଅର୍ଥାତ୍ ଯେଉଁ ବ୍ୟକ୍ତି ଆନନ୍ଦଟିଏକୁ ନିଜ ପାଖରେ ବାନ୍ଧି ରଖେ ଏବଂ ସେହି ଆନନ୍ଦଟିକୁ ବାରମ୍ବାର ସ୍ୱୟଂ ଉପଭୋଗ କରେ, ଦ୍ୱନ୍ଦ୍ୱାତ୍ମକ ଭାବରେ (Paradoxically) ସେଇ ଆନନ୍ଦଟିକୁ ସେ ହରାଇବସେ । କିନ୍ତୁ ଉଡ଼ିଯାଉଥିବା ଅବା ଭାସିଯାଉଥିବା ଆନନ୍ଦଟିକୁ ଯିଏ ଚୁମି ଦେଉଥାଏ ଏବଂ ସେଥିରେ ଆସକ୍ତ ହୁଏନି, ସେ ଏକ ବିଶାଳ ଅଥବା ଅନ୍ତହୀନ ଆନନ୍ଦ ଉପଭୋଗ କରିଥାଏ; ସେଇ ଆନନ୍ଦଟି ବାସ୍ତବରେ ସୂର୍ଯ୍ୟୋଦୟ ସମ ଚିରନ୍ତନ । କିନ୍ତୁ ଏଠାରେ ଆମେ ମନେ ରଖିବା ଉଚିତ ଯେ ଅନାସକ୍ତର ଅର୍ଥ ପାର୍ଥିବ (Temporal) ସୁଖ ନିମନ୍ତେ ବ୍ୟକ୍ତିଗତ ଉପଭୋଗ (Enjoyment) ପାଇଁ ଇଚ୍ଛାର ତ୍ୟାଗକୁ ବୁଝାଏ କିନ୍ତୁ କରୁଣା, ଦୟା, ପ୍ରେମ ଓ ଦାୟିତ୍ୱରୁ ମୁକ୍ତିକୁ ବୁଝାଏ ନାହିଁ । ନିଜର ଖୁସିକୁ ଅନ୍ୟମାନଙ୍କ ସହ ନିଃସର୍ତ୍ତରେ ବାଣ୍ଟିବା ଓ ଅନ୍ୟର ସୁଖକୁ ନିଜ ସୁଖ ବୋଲି ଭାବିବା, ଏବଂ ନିଜର ସୁଖ ଓ ପ୍ରେମର ପ୍ରତିବଦଳରେ ସମ୍ମାନ ଓ ସୁଖ ଆଶା ନ କରିବା ହିଁ ନିଃସ୍ୱାର୍ଥପର ସୁଖ । ଏହା ହିଁ କେବଳ ସମ୍ଭବ ହେବ ''ମୁଁ ଓ ମୋର'' ମାନସିକତାରୁ ମୁକ୍ତ ହେଲେ । ଏଭଳି ଅନାସକ୍ତ ଓ ନିଃସ୍ୱାର୍ଥପର ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ସ୍ୱାମୀ ବିବେକାନନ୍ଦ କହିଛନ୍ତି– ''ସତ୍ୟ, ପବିତ୍ରତା ଓ ନିଃସ୍ୱାର୍ଥପରତା—ଯେଉଁ ବ୍ୟକ୍ତିଠାରେ ଏହି ଗୁଣଗୁଡ଼ିକ ବିଦ୍ୟମାନ-ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳରେ ଏପରି କୌଣସି ଶକ୍ତି ନାହିଁ ଯାହା ତାହାର କୌଣସି କ୍ଷତି ସାଧନ କରିପାରେ । ଏହି ସମ୍ବଳଗୁଡ଼ିକ ଥିଲେ ସମସ୍ତ ବିରୋଧର ଜଣେ ବ୍ୟକ୍ତି ସମ୍ମୁଖୀନ ହେଇପାରେ... ବତ୍ସ । ମୃତ୍ୟୁ ଯେତେବେଳେ ଅନିବାର୍ଯ୍ୟ, ସେତେବେଳେ ଇଟା, ପଥର ପରି ମରିବା ଅପେକ୍ଷା ବୀରପରି ମରିବା ଭଲ; ଏହି ଅନିତ୍ୟ ସଂସାରରେ ଦୁଇଦିନ ବେଶି ବଞ୍ଚି ରହି ଲାଭ ବା କଣ ? ଜରାଜୀର୍ଣ୍ଣ ହୋଇ କଳଙ୍କି ଲାଗି ମରିବା ଅପେକ୍ଷା ବୀରପରି ଅନ୍ୟମାନଙ୍କର କଲ୍ୟାଣ ପାଇଁ ଲଢ଼େଇ କରି ମରିବାଟା ଭଲ ନୁହେଁ କି ?''

''ମୁଁ ଓ ମୋର'' ଫାନ୍ଦରୁ ଖସିଯିବା କଣ ଆମପାଇଁ ଅସମ୍ଭବ ? ବର୍ତ୍ତମାନର ବଜାରଭିତ୍ତିକ ସମାଜରେ ଏହା କଣ ଏକ ସ୍ୱପ୍ନ ? କେବେ ନୁହେଁ । ଆମରି ଗହଣରେ ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ଉଣାଧିକେ ସ୍ୱାର୍ଥପରତାର ଅନ୍ଧ ମାନସିକତାକୁ ମୁକ୍ତ ହେଇ ନିରବରେ ସମାଜର ଅଶେଷ କଲ୍ୟାଣ ସାଧନ କରୁଛନ୍ତି । ନିଃସ୍ୱ ଓ ଅସହାୟ ବ୍ୟକ୍ତିଙ୍କର ଚିକିତ୍ସା, ଗରିବ ପିଲାଙ୍କର ପାଠପଢ଼ା ଭଳି ଅନେକ ସହାୟତାର କାର୍ଯ୍ୟ ନିମନ୍ତେ ଯଥାସାଧ୍ୟ ଖର୍ଚ୍ଚବହନ କରି ନିଜକୁ ଧନ୍ୟ ମଣୁଛନ୍ତି । ନିଜେ ଅସୁବିଧାରେ ପଡ଼ି ଅନ୍ୟକୁ ସାହାଯ୍ୟ କରୁଛନ୍ତି । କିନ୍ତୁ ସେମାନେ ଆତ୍ମ-ପ୍ରଚାରମୁଖୀ ନୁହଁନ୍ତି । ଆତ୍ମ-ପ୍ରଚାରମୁଖୀ ସେହିମାନେ ହିଁ ହୁଅନ୍ତି ଯେଉଁମାନେ ଆତ୍ମ-କୈନ୍ଦ୍ରିକ । ଆତ୍ମ-କୈନ୍ଦ୍ରିକ ବ୍ୟକ୍ତି ନିଜର ସୁଖ ପାଇଁ ଦୁର୍ନୀତି, ହତ୍ୟା, ଠକେଇ, ଧର୍ଷଣ ଭଳି ଅନେକ ବ୍ୟଭିଚାରରେ ନିଜକୁ ନିମଜ୍ଜିତ କରିପାରେ, ନିଜର ପଡ଼ୋଶୀ ଓ ଭାଇର ଗଳା କାଟିବାକୁ ପଛଘୁଞ୍ଚା ଦିଏନାହିଁ । ଆହୁରି ବି ବର୍ତ୍ତମାନର ଉପଭୋକ୍ତା ସମାଜରେ ସେ ଅନ୍ଧଭାବେ  ଭାସି କ୍ଷଣିକ ସୁଖରେ ମଗ୍ନ ରହିବାକୁ ଭଲପାଏ ଏବଂ ସମାଜରେ ଜଣେ ଲେଖାଏଁ ବଡ଼ପଣ୍ଡା ସାଜି ଅନ୍ୟମାନଙ୍କର ସୁଖକୁ ହରଣ କରିଚାଲେ । ଏଭଳି ବ୍ୟକ୍ତି ସମାଜରେ ମୃତପ୍ରାୟ ବଞ୍ଚିଥାନ୍ତି । ଏମାନଙ୍କ ପାଇଁ 'ମୁଁ ଓ ମୋର' ଭଲ ତ ଦୁନିଆ ଭଲ । ସ୍ୱାମୀ ବିବେକାନନ୍ଦ ଏଭଳି ବ୍ୟକ୍ତିଙ୍କୁ ସତର୍କ କରାଇ କହିଛନ୍ତି– ''This life is short, the vanities of the world are transient, but they alone live for other, the rest are more dead than alive.''

ବର୍ତ୍ତମାନର ବସ୍ତୁବାଦୀ ଓ ଉପଭୋକ୍ତା-ପ୍ରବଣ ସମାଜ ଯେ ଏକବାରେ ଆମପାଇଁ, ବିଶେଷ କରି ଯୁବ ସଂପ୍ରଦାୟ ପାଇଁ ମନ୍ଦ ଓ ହାନିକାରକ, ତାହା କହିବା ଓ ଭାବିବା ନିଶ୍ଚିତ ଭାବେ ଭୁଲ । କାଳର ଆବର୍ତ୍ତନରେ ବହୁ ପ୍ରକାର  ସମାଜ ସମୟର ଆବଶ୍ୟକତାନୁଯାୟୀ ମୁଣ୍ଡଟେକେ, ପୁନଶ୍ଚ ନିଷ୍ପ୍ରଭ ହେଇଯାଏ । ଏଥିରୁ ବି ବହୁ ଉପକାର ମିଳେ, ଅପକାର ମଧ୍ୟ । କିନ୍ତୁ 'ମୁଁ ଓ ମୋର' ଭାବନାଟି ଯଦି ଜଣେ ବ୍ୟକ୍ତି ଭିତରେ ପ୍ରବଳ ଭାବରେ ସବାର ହେଇଥାଏ, ତାହେଲେ ସେହି ବ୍ୟକ୍ତିଟି ନିଜର ବ୍ୟକ୍ତି ଚେତନାରେ ଅନ୍ଧହେଇ କେବଳ ଉପଭୋକ୍ତା-ପ୍ରବଣ ସମାଜର ସ୍ରୋତରେ ଭାସିଯାଇ ଅଶେଷ ଦୁଃଖ ଓ ନୈରାଶ୍ୟର ସମ୍ମୁଖୀନ ହେଇଥାଏ । ବିଶ୍ୱ-ଚେତନା ବା ସାର୍ବଜନୀନ ଚେତନା (Universal consciousness)ର ସୁଖରୁ ବଞ୍ଚିତ ହୁଏ । ଏଭଳି ମନୁଷ୍ୟ, ସ୍ୱାମୀଜୀଙ୍କ ଭାଷାରେ, ମରିବା ଭଳି ବଞ୍ଚିଥିବା ମଣିଷ । ସୁତରାଂ

ଆମପାଇଁ 'ମୁଁ ଓ ମୋର' ଜାଲରୁ ରକ୍ଷା ପାଇବା ଏକ କଷ୍ଟକର ବ୍ୟାପାର ହେଇପାରେ, କିନ୍ତୁ ଅସମ୍ଭବ ନୁହେଁ । ସେଥିପାଇଁ ଯୋଗେଶ୍ୱର କୃଷ୍ଣ ଗୀତାରେ ଆମକୁ ଆଶ୍ୱାସନା ଦେଇ କହିଛନ୍ତି: ''ଅସଂଶୟଂ ମହାବାହୁ ମନୋ ଦୁର୍ନିଗ୍ରହଂ ଚଳମ୍, ଅଭ୍ୟାସେନ ତୁ କୌନ୍ତେୟ ବୈରାଗ୍ୟେଣ ଚ ଗୃହତୋ'' । ମନକୁ  ସଂଶୟ ମୁକ୍ତ କର, ବୈରାଗ୍ୟ ପୋଷଣ କର । ଏସବୁ ବାରମ୍ବାର ଅଭ୍ୟାସକଲେ, ତୋର ମନ ଆଉ ଚଞ୍ଚଳ ହେବନାହିଁ । ତୁ ତୋର ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବୁ । ସୁତରାଂ ଆମେ ବି ନିଃସ୍ୱାର୍ଥପର ଓ ଅନାସକ୍ତ ହେବାର ଅଭ୍ୟାସ ଯଦି ନିରନ୍ତର ଜାରି ରଖିବା, ତେବେ ନିଶ୍ଚିତ ଭାବରେ 'ମୁଁ ଓ ମୋର' ମାନସିକତାରୁ ଆମେ ମୁକ୍ତ ହେଇ ଏକ ସୁଖମୟ ଜୀବନ ବଞ୍ଚିପାରିବା ।

ଏହି ପରିପ୍ରେକ୍ଷୀରେ ସ୍ୱାମୀ ବିବେକାନନ୍ଦ ଆଜକୁ ଶହେବର୍ଷ ତଳେ ଭାରତୀୟ ଯୁବସଂପ୍ରଦାୟଙ୍କର ବଦ୍ଧ ମାନସିକତାକୁ ଭାଙ୍ଗିଦେବା ପାଇଁ ସିଂହରଡ଼ି ଦେଇ କହିଥିଲେ:

''ମୁଁ ଏହି ଯୁବ ଗୋଷ୍ଠୀଙ୍କୁ ସଂଘବଦ୍ଧ କରିବା ପାଇଁ ଜନ୍ମଗ୍ରହଣ କରିଛି । କେବଳ ସେହିମାନେ ନୁହଁନ୍ତି, ଭାରତର ପ୍ରତି ନଗରରେ ଆହୁରି ଶତଶତ ଯୁବକ ମୋ ସହିତ ଯୋଗଦେବା ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି । ଏମାନେ ଅପ୍ରତିହତ ତରଙ୍ଗ ଆକାରରେ ଭାରତଭୂମି ଉପର ଦେଇ ପ୍ରବାହିତ ହେବେ ଏବଂ ସର୍ବପେକ୍ଷା ଦୀନ, ହୀନ ଓ ପଦଦଳିତମାନଙ୍କ ନିକଟକୁ ସୁଖ-ସ୍ୱାଚ୍ଛନ୍ଦ୍ୟ, ନୀତି, ଧର୍ମ ଓ ଶିକ୍ଷା ବହନ କରିବେ ଏହାହିଁ ମୋର ଆକାଙ୍କ୍ଷା ଓ ବ୍ରତ, ମୁଁ ଏହାକୁ ଉଦ୍‌ଯାପନ କରିବି ନ ହେଲେ ମୃତ୍ୟୁବରଣ କରିବି । ... ଉଠ ! ସାହସୀ ହୁଅ, ବୀର୍ଯ୍ୟବାନ ହୁଅ ! ସମସ୍ତ ଦାୟିତ୍ୱ ନିଜେ ବହନ କର... ଜାଣିରଖ, ତୁମେ ତୁମର ଅଦୃଷ୍ଟର ସୃଜନ କର୍ତ୍ତା । ତୁମେ ଯାହା କିଛି ଶକ୍ତି ବା ସହାୟତା ଚାହଁ, ସେ ସମସ୍ତ ତୁମ ମଧ୍ୟରେ ରହିଛି । ଅତଏବ ତୁମେ ନିଜର ଭବିଷ୍ୟତ ନିଜେ ଗଠନ କର । ... ତୁମେ ଯାହା ଚିନ୍ତା କରିବ, ତୁମେ ତାହା ହିଁ ହେବ । ଯଦି ତୁମେ ନିଜକୁ ଦୁର୍ବଳ ବୋଲି ଭାବ, ତେବେ ତୁମେ ଦୁର୍ବଳ ହେବ; ତେଜସ୍ୱୀ ଭାବିଲେ ତେଜସ୍ୱୀ ହେବ ।''

ଆସନ୍ତୁ ଆମେ ସ୍ୱାମୀଜୀଙ୍କର ଆହ୍ୱାନରେ ମନ୍ତ୍ରସିଦ୍ଧ ହେଇ ଆମର ଦୁର୍ବଳତା ରୂପକ ''ମୁଁ ଓ ମୋର'' ଭାବନାର ଜାଲକୁ ଛିଣ୍ଡାଇ ବୀର୍ଯ୍ୟବାନ ହେବା, ଆତ୍ମ-ବିଶ୍ୱାସରେ ଦୀପ୍ତିମନ୍ତ ହେବା ଏବଂ ତେଜସ୍ୱୀ ହେବା ।

ପ୍ଲଟ ନଂ-୩୭୧/୨୪୭୬, ପଟିଆଛକ, ଶିଶୁବିହାର,
ପୋ: କିଟ୍, ଭୁବନେଶ୍ୱର-୭୫୧୦୨୪, ଫୋନ୍-୦୬୭୪-୨୭୪୧୩୭୭
ମୋ.: ୯୯୩୭୨୯୭୦୩୯, ୯୪୩୯୯୯୪୩୬୪



# ଏମିତି କାହିଁ ଜୀବନ !

*କେଶବ ଚନ୍ଦ୍ର ଶତପଥୀ*

ନିଜ ଜୀବନର ସୁଖ ସଳିତାକୁ
ତିଳ ତିଳ କରି ଜାଳି
ଅନ୍ୟପାଇଁ ଯିଏ ବଞ୍ଚିବା ଶିଖିଛି,
କିଏ ହେବ ତାର ସରି ।୧ ।

ଜୀବନ ଧରିଲେ ଯାତନା ଆସଇ
ଏ କଥା ଜାଣେନା କିଏ
ମଧୁ ବାଣ୍ଟିଦେଇ ହଳାହଳ ପିଏ
ନୀଳକଣ୍ଠ ଏକା ସିଏ ।୨ ।

ସଙ୍କଟେ ପଡିଲେ ପ୍ରିୟ ପରିଜନ
କରେନା ଟିକେ ବି ଡେରି
ଦଧୀଚି ପରିକା ଅସ୍ଥି ଯାଚିଦିଏ
ଅନେକ ଜୀବନ ହାରି । ୩ ।

ପୂରୁ କି ନ ପୂରୁ ତା ଜୀବନ ପାତ୍ର
ଭ୍ରମରେ ନ ଥାଏ କେବେ
ଦୁଃଖ ବୈତରଣୀ ପହଁରି ପହଁରି
ମରତେ ଅମର ଲଭେ । ୪ ।

ମିଳିନାହିଁ ବୋଲି ଅଭିମାନ ତା'ର
ଦେଖିନି ଶୁଣିନି ଜଣେ
ନିଜ ଭଲମନ୍ଦ ପଛ କରିଦେଇ
ଅନ୍ୟର ସପନ ବୁଣେ । ୫ ।

ସୁଖ ରାତି ପାହେ ସଅଳ ସଅଳ
ଦୁଃଖ ରାତି ଭାରି ଲମ୍ବା
ସୁଖ ନେବା ପାଇଁ ଟଣାଭିଡା ହେଲେ
ଦୁଃଖକୁ କେ ନେବ ଅବା । ୬ ।

ସୁଖ ଜୀବନରେ ଲୋଡିଲାନି ବୋଲି
ବୈକୁଣ୍ଠେ ରଖିଲା ଥାନ
ସଦା ସୁହାସିନୀ ଚିର ବିଜୟିନୀ
ଏମିତି କାହିଁ ଜୀବନ । ୭ ।

ଅଧ୍ୟକ୍ଷ, ଡି.ଏ.ଭି. ପବ୍ଲିକ ସ୍କୁଲ, ଚନ୍ଦ୍ରଶେଖରପୁର
ଓ ଆଞ୍ଚଳିକ ନିର୍ଦ୍ଦେଶକ, ଡି.ଏ.ଭି. ଅନୁଷ୍ଠାନ ସମୂହ,
ଓଡିଶା (ଜୋନ-୧), ଭୁବନେଶ୍ୱର-୨୧
ମୋ.: ୯୪୩୭୦୪୯୫୪୬

✠✠✠✠


ଭରିଛ କେତେ ମତେ

# ଚାରୁଚିତ୍ର

*ମନଜ୍ୟୋସ୍ନା ସାମଲ*

ସେ କେଉଁ ଆଲୋକ ସତେ !
ଜାଣି ନ ଥିଲି ମୁଁ ଭିଜିଯିବି ବୋଲି
ପରାହତ କରି ପୂର୍ଣ୍ଣ କରିବ
ହାତ ଧରି ମୋର ବାଟ କଢାଇବ
ଅଲଗା କରିବ ମୋ ନିଜଠାରୁ ମୋତେ ॥

ଆଖିରେ ଆଲୋକ ଖେଳ !
ମୂର୍ତ୍ତିମାନ ହୁଏ ଭ୍ରମରେ ପକାଏ
ମୁଁ ଭୁଲିଯାଏ ପ୍ରାପ୍ତି କି ପ୍ରାରବ୍ଧ
ଭବିତବ୍ୟ ଛାୟା, ଭୂତ ଭବିଷ୍ୟତ କାଳ ॥

ସେ କେଉଁ ଆଲୋକ ବିନ୍ଦୁ !
ସ୍ୱାତୀ ନକ୍ଷତ୍ରରେ ମିଳିତ ହେବକି
ପିଆସୀ  ମୁଁ ସତେ ମୁକୁଳା ଶାମୁକା
କେତେଜନ୍ମରୁ ଜୀବନ ମୋହର ନିର୍ମମ ଉଦାସୀନ
ଶିଶିର ଟୋପାରେ ହୋଇ ରୂପାନ୍ତର
କଅଁଳ ମୁକ୍ତାର ଦେବ ଉପହାର
ପୋଛିଦେବ କି ମୋ ନିଭୃତ ଆତ୍ମାରୁ
ଜନମ ମରଣ ଥିଲା ଯେତେ ବ୍ୟବଧାନ ॥

ସେ କେଉଁ ଆଲୋକ ରେଖା !
ଭଗ୍ନ କୋଣାର୍କେ ଆତୁରା ଜୀବନେ
ଅଙ୍କୁରାଇଦେଲା କଳ୍ପ ପାଦପ
ମହକିତ ମୋର ଏ ସାରା ଶରୀର
ଚେତନା ଚୈତନ୍ୟ କଲା ଏକାକାର
କେବେ ଲୁଚିଯାଏ କେବେ ପୁଣି ଦିଏ ଦେଖା ॥

ସେ କେଉଁ ଆଲୋକ ଚକ୍ର !
ବିସ୍ମରଣ ହୁଏ ଚିହ୍ନା ଅଚିହ୍ନାର ସବୁ ଉପଚାର
ଅପସରି ଯାଏ ପରସ୍ତ ଧୂଳିର
ଆଜି ମୋ ଆଶାୟୀ ମନ
କି ସ୍ୱପ୍ନରେ ମୋହାଚ୍ଛନ୍ନ,
ହେବ କେବେ ସତ୍ତାହୀନ ॥

ଚକିତେ ରହିଛି ଚାହିଁ
ନିତ୍ୟ ବୃନ୍ଦାବନେ ଭେଟିବି କି ଯାଇ
ଛାୟାଚ୍ଛନ୍ନ ମୋ ଚଞ୍ଚଳ ନୟନ
ସୁଗନ୍ଧି ପୁଷ୍ପର ପ୍ରୀତିର ଚନ୍ଦନ ଦେଇ ॥

ମନୋମୟ, ଏଲ୍ – ୧୧୦,
ବରମୁଣ୍ଡା ହାଉସିଂ କଲୋନୀ, ଭୁବନେଶ୍ୱର – ୩,
ସେଲ୍ – ୯୭୭୮୫୭୫୯୦୪

# ଆମେରିକାରୁ ଭାରତ

*ନାରାୟଣ ସାହୁ*

ଜନ୍.... ! ଆମାରିକାର ବୋଷ୍ଟନ୍ ସହରରେ ଥିବା ଏକ ପ୍ରତିଷ୍ଠିତ କମ୍ପାନୀର ଜଣେ ବରିଷ୍ଠ କର୍ମଚାରୀ । ମୋଟା ଅଙ୍କର ଦରମା । ମାସକୁ ପାଞ୍ଚ ହଜାର ଡଲାର । ଜନ୍‌ର ଦିନ ଆରମ୍ଭ ହୁଏ ସକାଳ ନ'ଟାରୁ । ଫେରିବା ସମୟ ତା' ହାତରେ ନ ଥାଏ । ତେବେ ଫେରିବା ବେଳକୁ ରାତି ନ' ଦଶ ହୋଇଯାଏ । କେହି କିଛି କହିବାକୁ ନାହାନ୍ତି । ଏକୁଟିଆ ମଣିଷ । ବୋଷ୍ଟନ୍ ସହରର ଏକ ଅପରିଚିତ ସ୍ଥାନରେ ଜନ୍ ରହେ । ଖାଇବା ପିଇବା ବାହାରେ । ବେଳେବେଳେ ସ୍ନାକ୍‌ସ ପ୍ରସ୍ତୁତ କରିଥାଏ ନିଜପାଇଁ । ତା ଘରକୁ କେହି ଆସନ୍ତି ନାହିଁ । ଛୁଟିଦିନ ମାନଙ୍କରେ ଜନ୍ ପାର୍କର ଗୋଟିଏ କୋଣକୁ ବସେ । ପାର୍କର ଫୁଲକୁ ଦେଖେ । ନିକଟରେ ଖେଳୁଥିବା ଛୋଟଛୋଟ ପିଲାମାନଙ୍କୁ ଦେଖେ । ଫୁଲଟି ଗୋଟିଏ ଦିନ ପରେ ମଉଳିଯାଏ । ପିଲାମାନେ ଦିନେ ବଡହେବେ । ବୟସ ବଢ଼ିଚାଲିବ । ସେମାନେ ସଂସାର କରିବେ । ବଂଶ ବିସ୍ତାର ଜାରି ରହିବ । ଗୋଟିଏ ଜେନେରେସନ୍‌ରୁ ଆଉ ଗୋଟିଏ ଜେନେରେସନ୍‌କୁ ଲମ୍ବିଚାଲିବ ବଂଶର ଡୋର ... । ଏଇ କ'ଣ ଜୀବନ ?

ଜୀବନକୁ ନେଇ ଭାବି ବସେ ଜନ୍ । ନିତିଦିନିଆ ଅଫିସ୍ । ଘରୁ ଅଫିସ୍ .... ଆଉ ଅଫିସ୍‌ରୁ ଘର । ବଞ୍ଚିବା ପାଇଁ ଚାକିରୀ । ନା ଚାକିରୀ ପାଇଁ ବଞ୍ଚିବା ! ଏଇ କ'ଣ ଜୀବନ? ବିବ୍ରତ ବୋଧ କରେ ଜନ୍ । କିଏ ଦେବ ତାର ପ୍ରଶ୍ନର ଉତ୍ତର ? ଅଫିସ୍ ଯିବା ବନ୍ଦକରେ । ଅଫିସ୍‌ରୁ ଖବର ଆସେ । ହେଲେ ଜନ୍ ସେ ସବୁକୁ ଖାତିର କରେନା । ଜୀବନର ରହସ୍ୟ ଅନ୍ୱେଷଣରେ ବାହାରେ ଜନ୍ ।

ଆମେରିକାରେ ସାଧୁ ସନ୍ଥ ବିଦ୍ୱାନ ସମସ୍ତଙ୍କୁ ପଚାରେ । କେହି ତା'ର ସନ୍ତୋଷଜନକ ଉତ୍ତର ଦେଇପାରନ୍ତି ନାହିଁ । ଏକଦା ପାଳିତ ହୋଇଥିବା ଅନାଥ ଆଶ୍ରମକୁ ଯାଏ ଜନ୍ । ଯେଉଁଠି ତା ଜୀବନର ବାରବର୍ଷ ବିତିଛି । ଅନାଥ ଆଶ୍ରମର ପରିଚାଳକ ତାକୁ ଗୋଟେଇ ଆଣିଥିଲେ ଏକ ଡଷ୍ଟବିନ୍ ଭିତରୁ । ତା'ର ପିତାମାତାଙ୍କର ପରିଚୟ ସିଏ ଜାଣେନି । ବୟସ ବଢେ । ଅନାଥ ଆଶ୍ରମର ପରିବେଶରେ ନିଜକୁ ଖାପଖୁଆଇ ପାରେନି ଜନ୍ । ପାଠ ପଢେ । ଗ୍ରାଜୁଏଟ୍ ହୁଏ । ପଢାଖର୍ଚ୍ଚ ପାର୍ଟଟାଇମ୍ କାମରୁ ଯୋଗାଡକରେ । ଚାକିରୀ କରେ । ଅନ୍ନସଂସ୍ଥାନର ବନ୍ଦୋବସ୍ତ ହୁଏ । ତଥାପି ଅପୂର୍ଣ୍ଣ ଜୀବନ ।

ଜୀବନର ଅର୍ଥ କ'ଣ ନ'ଟାରୁ ଛ'ଟା ଅଫିସ୍ ? ଅଫିସ୍‌ରୁ ଘର ଆଉ ଘରୁ ଅଫିସ୍ ? ଖାଇବା ପାଇଁ ବଞ୍ଚିବା .... ଆଉ ବଞ୍ଚିବା ପାଇଁ ଖାଇବା ! ନିଜ ଭିତରେ ଅଶ୍ୱସ୍ତି ବୋଧକରେ ଜନ୍ । ଜୀବନର ମାନେ କଣ ? କିଏ ଦେବ ଏଇ ସତ୍ୟର ସନ୍ଧାନ ? ଚାକିରୀ ଛାଡିଦିଏ ଜନ୍ । ଜୀବନର ରହସ୍ୟ ବୁଝିବା ପାଇଁ ତାର ମନ ବ୍ୟାକୁଳ ହୋଇଉଠେ । ସ୍ୱାମୀ ଶଙ୍କରାନନ୍ଦ ଗିରିଙ୍କଦ୍ୱାରା ପ୍ରତିଷ୍ଠିତ ଆଶ୍ରମରେ କିଛିଦିନ କଟାଏ ଜନ୍ । ଯୋଗାସନ, ସତ୍‌ସଙ୍ଗ ଭିତରେ ସମୟ କାଟେ । ତଥାପି ତାର ପ୍ରଶ୍ନର ଉତ୍ତର ମିଳେନି । ଆମିଷ ଭୋଜନ ସେ ଛାଡିଦିଏ । ପୂରାପୂରି ଶାକାହାରୀ ପାଲଟିଯାଏ । ଭାରତୀୟ ମୁନିଋଷିଙ୍କ ପରି ଦାଢି କେଶ ବଢିଯାଏ । ତା ପାଇଁ ଆମେରିକା କ୍ରମଶଃ ଅଶାନ୍ତ ହୋଇଉଠେ । କିଏ ଦେବ ତାକୁ ମୁକ୍ତିର ପଥ ?

ବଡବଡ ଲାଇବ୍ରେରୀ ଘାଣ୍ଟେ । ରାମକୃଷ୍ଣ, ବିବେକାନନ୍ଦ, ରମଣମହର୍ଷି, ରବୀନ୍ଦ୍ରନାଥ, ଗାନ୍ଧି, ଶିବାନନ୍ଦ, ଯୋଗାନନ୍ଦଙ୍କ ଜୀବନୀ ଅଧ୍ୟୟନ କରେ । ଭାରତରେ ମାଟି ପାଣି ପବନ ପ୍ରତି ମମତା ବଢେ । ହୁଏ ତ ଭାରତ ମାଟିରେ ତାକୁ ତା' ପ୍ରଶ୍ନର ଉତ୍ତର ମିଳିଯାଇପାରେ ! ସେଇ ଆଶାରେ ସେ ଆମେରିକା ଛାଡେ । ଭାରତରେ ସେ ପହଞ୍ଚି ଋଷିକେଶକୁ ତାର ଲକ୍ଷ୍ୟସ୍ଥଳୀ ଭାବେ ଗ୍ରହଣ କରିନିଏ । ଭାରତୀୟ ପାଣି ପବନ ପରିବେଶ ତାକୁ ନୂଆ ଜୀବନ ଦିଏ । ମାତ୍ର ଈଶ୍ୱରଙ୍କ ସାନ୍ନିଧ କାହିଁ ? କିଏ ଦେବ ତାକୁ ମୁକ୍ତିର ମାର୍ଗ ? ମନ ଆନ୍ଦୋଳିତ ହୁଏ । ଯେଉଁ ଆଶା ନେଇ ସେ ବୋଷ୍ଟନ୍ ଛାଡି ଭାରତରେ ପହଞ୍ଚିଥିଲା, ସେ ଆଶା କ'ଣ ଆଶାରେ ରହିଯିବ ?

ଯାଗାକୁ ଯାଗା ଘୂରିବୁଲେ ଜନ୍ ସତ୍ୟର ସନ୍ଧାନରେ । ହେଲେ ସତ୍ୟ କାହିଁ ? ଈଶ୍ୱର କାହାନ୍ତି ? ମୁକ୍ତି କାହିଁ ? ଅବସ୍ଥାଚକ୍ରରେ ବୁଲିବୁଲି ଜନ୍ ପହଞ୍ଚିଯାଏ ଯୋଗାନନ୍ଦଙ୍କ ଆଶ୍ରମରେ । ପୁଣି ସେହି ଏକା ପ୍ରଶ୍ନ 'ମୁଁ କେମିତି କେବେ ଈଶ୍ୱରଙ୍କୁ ପାଇବି ?' ଆଶ୍ରମ ଭିତରୁ ଏକ ଦିବ୍ୟ ସତ୍ତା ବିଳପି ଉଠେ – "ତୁମେ କଅଣ ଭାବୁଛ ଯେ ଏକ ମହିମାମୟ ମୂର୍ତ୍ତି ବିଶ୍ୱର କୌଣସି ସୁବିମଳ ସ୍ଥାନରେ ଏକ ସିଂହାସନ ଅଳଂକୃତ କରି ବସିଥିବେ ? ସେ ଯାହାହେଉ, ମୁଁ ଦେଖୁଛି ତୁମେ ଭାବୁଛ ଯେ

ଭଗବାନଙ୍କୁ ପାଇବାର ପ୍ରମାଣ ହେଲା ଋଦ୍ଧି, ସିଦ୍ଧି ହାସଲ କରିବା । ତା' ନୁହେଁ, ଜଣେ ବ୍ୟକ୍ତି ବିଶ୍ୱବ୍ରହ୍ମାଣ୍ଡକୁ ଆୟତ୍ତ କରିବାର ଶକ୍ତି ଅର୍ଜନ କରିପାରନ୍ତି, କିନ୍ତୁ ସେ ଦେଖିବେ ଯେ ଭଗବାନ୍ ଯେଉଁ ଦୂରରେ, ସେହି ଦୂରରେ । ବାହ୍ୟ ଶକ୍ତିର ପ୍ରଦର୍ଶନ କୌଣସି ବ୍ୟକ୍ତିର ଆଧ୍ୟାତ୍ମିକ ଅଗ୍ରଗତିର ପରିମାପକ ନୁହେଁ; କେବଳ ଧ୍ୟାନାନନ୍ଦର ଗଭୀରତା ହିଁ ତା'ର ଏକମାତ୍ର ମାପକାଠି ।"

ଜନ୍‌ଙ୍କ ହୃଦୟ ବିସ୍ତାରିତ ହୁଏ । ମନ ଭିତରେ ଚୈତନ୍ୟ ଜାଗ୍ରତ ହୁଏ । କ୍ରିୟାଯୋଗ ପ୍ରତି ସେ ଆକର୍ଷିତ ହୁଅନ୍ତି । ପରମହଂସ ସତେ ଯେମିତି ତାଙ୍କୁ ବୁଝାଇ ଚାଲିଥିଲେ, "କ୍ରିୟାଯୋଗ ଏକ ସରଳ ମନୋକାୟିକ ପ୍ରଣାଳୀ; ଏହାଦ୍ୱାରା ମନୁଷ୍ୟର ରକ୍ତ ଅଙ୍ଗାରଶୂନ୍ୟ ହୋଇ ଅମ୍ଳଜାନ ଦ୍ୱାରା ପରିପୁଷ୍ଟ ହୁଏ । ଏହି ଅତିରିକ୍ତ ଅମ୍ଳଜାନର ପରମାଣୁ ପ୍ରାଣସ୍ରୋତରେ ପରିଣତ ହୋଇ ମସ୍ତିଷ୍କ ଓ ମେରୁଦଣ୍ଡସ୍ଥିତ ଚକ୍ରଗୁଡ଼ିକୁ ସଂଜୀବିତ କରେ । ଦୂଷିତ ରକ୍ତକୁ ଜମିବାକୁ ନ ଦେଇ ଯୋଗୀ, ଶରୀରର ତନ୍ତୁ ଗୁଡ଼ିକରେ ଅବକ୍ଷୟ କମ୍ କରିବାକୁ ଅଥବା ନିବାରଣ କରିବାକୁ ସମର୍ଥ ହୁଏ । ଉଚ୍ଚକୋଟୀର ଯୋଗୀ ତାର ଶରୀରର କୋଷଗୁଡ଼ିକୁ ଶକ୍ତିରେ ରୂପାନ୍ତରିତ କରିପାରେ । ଏଲିଜା, ଯିଶୁ, କବୀର ଏବଂ ଅନ୍ୟାନ୍ୟ ମହାପୁରୁଷମାନେ 'କ୍ରିୟା' ସାଧନ କିମ୍ବା ସେହିପରି ଏକ ସାଧନ ପ୍ରକ୍ରିୟାରେ ସିଦ୍ଧହସ୍ତ ଥିଲେ, ଯାହା ଫଳରେ ସେମାନେ ଇଚ୍ଛାନୁସାରେ ସେମାନଙ୍କ ଶରୀରକୁ ପ୍ରକଟ ବା ଅପ୍ରକଟ କରି ପାରୁଥିଲେ ।"

ଯୋଗଗୁରୁ ପ୍ରାଚୀନ ଋଷି ପତଞ୍ଜଳିଙ୍କ ମତରେ କ୍ରିୟାଯୋଗ ହେଉଛି ଶାରୀରିକ ଶୃଙ୍ଖଳା, ମାନସିକ ସଞ୍ଜମ ଓ ପ୍ରଣବ ଧ୍ୟାନ । ଧ୍ୟାନାବସ୍ଥାରେ ଯେଉଁ ପ୍ରଣବ ଧ୍ୱନି ବା ଓଁକାର ଉଚ୍ଚାରିତ ହୁଏ, ପତଞ୍ଜଳି ତାକୁ ଭଗବାନ୍ ବୋଲି କହିଛନ୍ତି ।

ଈଶ୍ୱର, ମୁକ୍ତି ଓ ପ୍ରଣବ – ଏ ସବୁ ଜନ୍ ପାଇଁ କ୍ରମେ ରହସ୍ୟମୟ ହୋଇଉଠୁଥିଲା । ଜିଜ୍ଞାସା ପ୍ରବୃତ୍ତି ତା ଭିତରେ ବଳବତ୍ତରହୋଇ ଉଠୁଥିଲା । ମୁଁ କିଏ ? ଏ ବିଶ୍ୱ ସୃଷ୍ଟି ହେଲା କିପରି ? ଏହାର ସୃଷ୍ଟିକର୍ତ୍ତା କିଏ ? ଏହାର ଆଧିଭୌତିକ କାରଣ କ'ଣ ? ଏ ସମସ୍ତ ପ୍ରଶ୍ନର ଉତ୍ତର କେବଳ ଆଧ୍ୟାତ୍ମିକ ଅନ୍ୱେଷା ହିଁ ଦେଇପାରେ ଯାହାର ନାମ 'ଯୋଗ' । ଯାହାକୁ ଶଙ୍କରାଚାର୍ଯ୍ୟ 'ଆତ୍ମୋପଲବ୍ଧି' ନାମ ଦେଇଛନ୍ତି ।

ଜିଜ୍ଞାସାର ଅନ୍ୟନାମ ଜନ୍ । ଭାରତୀୟ ଯୋଗଦର୍ଶନ ଜନ୍ ଭିତରେ ଏକ ପ୍ରତ୍ୟୟ ସୃଷ୍ଟିକରେ । ପ୍ରାଣାୟାମ ସାଧନା ଦ୍ୱାରା ସେ ପ୍ରାଣବାୟୁକୁ ନିଜ ଇଚ୍ଛାନୁଯାୟୀ ପରିଚାଳିତ କରିବାରେ ସକ୍ଷମହୁଏ । ଏ ସବୁ ସମ୍ଭବ ହୁଏ ରାଞ୍ଚିର ଯୋଗାନନ୍ଦ ଆଶ୍ରମ ଦ୍ୱାରା ଶ୍ରୀକୃଷ୍ଣଙ୍କର ଅର୍ଜୁନ ପ୍ରତି ପ୍ରଦତ୍ତ ଉପଦେଶ ତା କର୍ଣ୍ଣଗହ୍ୱରରେ ପ୍ରତିଧ୍ୱନିତ ହୁଏ – 'ଯୋଗୀ ଶରୀର ସଂଯମୀ ତପସ୍ୱୀ ମାନଙ୍କଠାରୁ, ଏପରିକି ଜ୍ଞାନମାର୍ଗ ଓ କର୍ମମାର୍ଗ ଅନୁସରଣକାରୀଙ୍କଠାରୁ ମଧ୍ୟ ଉଚ୍ଚତର ବୋଲି ବିବେଚିତ ହୋଇଥାଏ; ହେ ଅର୍ଜୁନ ତୁମେ ଯୋଗୀ ହୁଅ' । (ଭଗବତ୍ ଗୀତା, ଷଷ୍ଠ ଅଧ୍ୟାୟ, ୪୬)

ଭାରତୀୟ ଦର୍ଶନ ଓ ଜନ୍ ଭିତରେ ଆସ୍ଥାଭାବ ସୃଷ୍ଟିକରେ । ଗୀତା ଭାଗବତ କୋରାନ୍‌ର ତତ୍ତ୍ୱ ଭିତରକୁ ସେ ପ୍ରବେଶ କରିବାକୁ ଚେଷ୍ଟାକରେ । ଏବଂ ନିଜ ଉଦ୍ୟମରେ ସଫଳ ହୁଏ । ଅବଶ୍ୟ ଏଥିପାଇଁ ଆଶ୍ରମର ସାଧୁମୁନି ତାକୁ ସାହାଯ୍ୟ କରନ୍ତି । ନିରାଡମ୍ବର ଭାବେ ଗଡ଼ିଚାଲେ ଜୀବନର ପ୍ରାଣପ୍ରବାହ । ହଠାତ୍ ଦିନେ ଯୋଗ ବିଦ୍ୟାଳୟକୁ ପରିଦର୍ଶନରେ ଆସନ୍ତି ପ୍ରଫେସର ପ୍ରସନ୍ନ ପ୍ରଧାନ ଦମ୍ପତି । ଯୋଗ ବିଦ୍ୟାଳୟର ଏଇ ନୂତନ ସାଧକଙ୍କ ଉପରେ ଦୃଷ୍ଟି ନିବଦ୍ଧ ହୁଏ । ଜିଜ୍ଞାସୁ ଦୃଷ୍ଟିରେ ଚାହିଁ ରହନ୍ତି ପ୍ରଧାନ ଦମ୍ପତି । ଆଶ୍ରମର ଜନୈକ ସାଧୁ ପରିଚିତ କରାଇ ଦିଅନ୍ତି ଜୟାନନ୍ଦ ସହିତ । କଣ୍ଠସ୍ୱର ଓ ଚେହେରା ବେଶ୍ ପରିଚିତ । କିନ୍ତୁ ଠିକ୍ ଭାବେ ଚିହ୍ନି ପାରନ୍ତି ନାହିଁ ପ୍ରଧାନ ଦମ୍ପତି ।

ନୂତନ ସାଧୁଙ୍କ ପୂର୍ବାଶ୍ରମ କଥା ପଚାରି ବସନ୍ତି । ହସନ୍ତି ଜୟାନନ୍ଦ ଓରଫ ଜନ୍ । ବୋଷ୍ଟନ୍ ସହରର କୌଣସି ଏକ କମ୍ପାନୀରେ ଜନ୍ ପ୍ରଫେସର ପ୍ରଧାନଙ୍କ ପୁଅ ସହିତ ଚାକିରୀ କରୁଥିଲେ । ଜନ୍ ମଧ୍ୟ ତାଙ୍କ ବୋଷ୍ଟନ୍ ଘରକୁ ପୁଅ ସହିତ କେତେଥର ଆସିଛି । ସାଥିରେ ଭୋଜନ ମଧ୍ୟକରିଛି ।

ଜନ୍‌ର ଚାକିରୀ ଛାଡ଼ିବା କଥା ପ୍ରଫେସର ପ୍ରଧାନ ପୁଅ ପାଖରୁ ଶୁଣିଥିଲେ । ହେଲେ ଜନ୍ କେଉଁଠି, ସେ ବିଷୟରେ କିଛି ଖବର ରଖି ନ ଥିଲେ । ଦୀର୍ଘଦିନ ପରେ ରାଞ୍ଚିର ଯୋଗାନନ୍ଦ ଆଶ୍ରମରେ ପ୍ରଧାନ ଦମ୍ପତି ତାଙ୍କୁ ଆବିଷ୍କାର କରୁଥିଲେ ଜୟାନନ୍ଦଙ୍କ ଭିତରେ । ହଠାତ୍ ପ୍ରଧାନଙ୍କ ମୁହଁରୁ ବାହାରିଲା – 'ଜନ୍ ତମେ କ'ଣ ଆମେରିକାରେ ଏ ସବୁ କରିପାରି ନଥାନ୍ତ' ?

ହସିହସି ଉତ୍ତର ଦେଇଥିଲେ ଜନ ଓରଫ ଜୟାନନ୍ଦ - ଆମେରିକାରେ ସ୍କୁଲ ଅଛି ହେଲେ ଶିକ୍ଷକ ନାହାନ୍ତି । କମ୍ପ୍ୟୁଟର ମାଧ୍ୟମରେ ମଣିଷ ବହୁତ କିଛି କରିପାରେ । ହେଲେ ସାତ୍ତ୍ୱିକ ଆନନ୍ଦ ସେଥିରୁ ମିଳିବ କିପରି ? ଏ ସବୁ ପାଇଁ ଗୁରୁର ଆବଶ୍ୟକତା ରହିଛି । ଯୋଗ ପ୍ରଣାୟମ ଆଦି ଏମିତି ପ୍ରକ୍ରିୟା ଯାହା ବିନା ଗୁରୁରେ ସମ୍ଭବ ନୁହେଁ ।

ପ୍ରଫେସର ଦମ୍ପତି ଚାହିଁ ରହିଥିଲେ ଜୟାନନ୍ଦଙ୍କ ମୁହଁକୁ । ହସିହସି ଦୟାନନ୍ଦ କହି ଚାଲିଥିଲେ–"ଭାରତ ଯଦି ଆମେରିକା ପାଖରେ ପହଞ୍ଚିପାରୁଛି, ତେବେ ଆମେରିକା କାହିଁକି ଭାରତ ପାଖକୁ ଆସିପାରିବ ନି ?"

ପ୍ରଫେସର ଦମ୍ପତି ବାଷ୍ପରୁଦ୍ଧ ହୋଇ କେବଳ ଦେଖୁଥିଲେ ଏଇ ନବୀନ ସାଧୁଙ୍କୁ .... ତାଙ୍କ ଭିତରେ ଆତ୍ମପ୍ରତ୍ୟୟ ସୃଷ୍ଟି କରିଥିବା ଭାରତୀୟ ଦର୍ଶନକୁ.... । ସଂଧ୍ୟା ହୋଇଯାଇଥିଲା । ପ୍ରଫେସର ପ୍ରଧାନ ଫେରି ଆସିଥିଲେ ନିଜ ବାସଭବନକୁ ।

ପ୍ରଫେସର, ବିଭାଗୀୟ ମୁଖ୍ୟ,
ଓଡ଼ିଆ ଭାଷା ସାହିତ୍ୟ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ
ମୋ: ୯୪୩୭୯୧୯୧୨୩

# ସେଇ ସୁଜାତା

*ବିଜୟଲକ୍ଷ୍ମୀ ମହାନ୍ତି*

ସୁଜାତା ମଧ୍ୟବିତ୍ତ ପରିବାରର ସ୍ନାତକ ପଢିଥିବା ଝିଅ । କଥା କହିବାରେ ଧୀର ଆଉ ବେଶ୍ ଧୈର୍ଯ୍ୟର ସହିତ ଗୁରୁଜନ ଓ ବଡ ମାନଙ୍କର କଥା ଶୁଣେ । ପୁଣି ମାଆକୁ ରୋଷେଇ ଓ ଅନ୍ୟାନ୍ୟ ଘରକାମରେ ସାହାଯ୍ୟ କରିବା ତା'ର ଘରେ ପ୍ରଧାନ କାମ । ଦେଖିବାକୁ ଗଲେ ରକ୍ଷଣଶୀଳ ପରିବାରର ଗୋଟିଏ ସର୍ବଗୁଣସମ୍ପନ୍ନା ଝିଅଟିଏ । ପୂରା ଏକତା କପୁର ଧାରାବାହିକ ଚରିତ୍ର ପରି । ବାହାରକୁ ଗଲେ ଯଦି ବିଳମ୍ବ ହୁଏ, ଭାଇ ଯାଇ ସାଥୀରେ ନେଇ ଫେରନ୍ତି । ମା ବାପାଙ୍କ ଜ୍ଞାତସାରରେ ବନ୍ଧୁ ବାନ୍ଧବ ଅବା ସାଙ୍ଗସାଥୀରେ ମିଳାମିଶା, ପ୍ରିୟ ବାନ୍ଧବୀ ମାନଙ୍କ ପାଖକୁ ଯାଏ ସୁଜାତା । ସମାଜର ନୀତି, ନିୟମ, ଅଧିକାର, ବୈଷମ୍ୟ ପ୍ରତି କିଛି ବିଦ୍ରୋହ ନାହିଁ ମନରେ । 'ଯାହା ହେଉଛି ଠିକ୍ ହେଉଛି ଓ ଯାହା ହେବ ତା ବି ଠିକ୍ ହେବ' ଏଇଟା ତା'ର ଅତୁଟ ବିଶ୍ୱାସ ।

ବହୁ ସାମାଜିକ ବ୍ୟବସ୍ଥା ପ୍ରତି ତା ମନରେ ପ୍ରଶ୍ନ ଉଠିଲେ ବି ସିଏ କେବେ ସେ ସବୁକୁ ପ୍ରକାଶ କରିବାର ଅଭିପ୍ରାୟ ରଖି ନି । ବିଶେଷ କରି ନରେନ୍ ସହିତ ତା'ର ବିବାହ ପରେ । ବାପା ମାଆ ବହୁ ବରଘର ଖୋଜିବା ପରେ ନରେନ୍ ପରି ଯୋଗ୍ୟ ବରପାତ୍ରଟିଏ ପାଇ ଖୁସି ମନରେ କନ୍ୟାଦାନ କରିଛନ୍ତି । ନରେନ୍‌ର ସେମିତି କିଛି ବଦଭ୍ୟାସ ନାହିଁ ବୋଲି ଗୁପ୍ତରେ ବାପା ମା ଖବର ରଖୁଥିଲେ ବିବାହର ଅନେକ ପୂର୍ବରୁ । ନରେନ୍ ମଧ୍ୟ ସୁଜାତାର ମଉସାଙ୍କର ଦୂର ସମ୍ପର୍କୀୟ । ମଉସା ନରେନ୍‌ଙ୍କର ଘର, ବାପା ମା ଓ ସେମାନଙ୍କର ଆଚାର ବ୍ୟବହାର ବିଷୟରେ ସବୁ ଜାଣି ନିଜେ ଯେମିତି ବିବାହ ପ୍ରସ୍ତାବ ଦେଲେ, ଏ କଥା ମଉସା, ବାପା ଓ ମାଆଙ୍କ ଭିତରେ ସୀମିତ ରହିଲା । ବାପା ମା ବି ବରଘର କେତେବେଳେ ଲୁଚାଛପାରେ ଦେଖି ଆସିଲେ । ସୁଜାତା କଥା କେହି ମନକୁ ନେଇ ନାହାନ୍ତି ନା ବି ନରେନ୍ କେବେ ଜାଣତରେ ଝିଅ ଦେଖିବାକୁ ଆସି ସୁଜାତା ଘରେ କୁଣିଆ ହୋଇଛି । ଏମିତି ବାହାରେ ଅଜାଣତରେ ଦେଖିଛି କି ନାହିଁ କେହି ଜାଣି ପାରି ନାହାନ୍ତି ।

ସୁଜାତା କିନ୍ତୁ ଶାଶୂ ଘରେ ସାଜିଛି ସୁନା ବୋହୂ । ଶାଶୂ ଶଶୁରଙ୍କର ମନ କିଣି ନେଇଛି । ସାଇଭାଇରେ ବି ବୋହୂର ଆଚାର ବ୍ୟବହାରରେ ସାହିଟା ସାରା ଭୁରି ଭୁରି ପ୍ରଶଂସା । ପାଖ ପଡିଶା ଅପା ନାନୀ ମାନେ ବେଶ୍ ଚର୍ଚ୍ଚା ପାଇ ଅତି ଆଦରରେ ଧାଇଁ ଆସନ୍ତି ସୁଜାତା ପାଖକୁ । ସାନସାନ ପିଲାଙ୍କୁ କଥା କହି ଚକୋଲେଟ୍ ଦେଇ ନିଜର କରିଦେଇଛି । ସବୁବେଳେ ପଲେ ପିଲା ଆବୁରି ବସିଛନ୍ତି ସୁଜାତାକୁ । ବୋହୂ ପରଷା ଖାଲି ଘର ଲୋକ କାହିଁକି, ସାଇ ଭାଇର ବଡ ସାନ କେତେ ଅପା, ନାନୀ, ମାଉସୀ ପିଇସୀ, ଅଜା ଆଇ ଖାଇ ଗଲେଣି, ସମସ୍ତେ ବୋହୂର ବ୍ୟବହାର, ଚାଲିଚଳଣ, ରୋଷେଇ ସବୁପାଇଁ ସୁଜାତାର ଶାଶୂଙ୍କୁ ବଧେଇ ଜଣାଉଥାଆନ୍ତି । ଏମିତି ବୋହୂ ଭାଗ୍ୟରେ ଥିଲେ ମିଳେ ବୋଲି ସମସ୍ତେ କହୁଛନ୍ତି ।

ସୁଜାତା କେବଳ ଜଣେ ଆଦର୍ଶ ବୋହୂ ଓ ସୁଗୃହିଣୀ ନୁହନ୍ତି, ସିଏ ବି ଜଣେ ସ୍ନେହମୟୀ ମାଆ । ସମୟକ୍ରମେ ଦୁଇଟି ସନ୍ତାନର ମା ହୋଇଛି ସିଏ । ଏମିତି ପରିବାର ମଧ୍ୟରେ ସମୟ ଗଡିଚାଲିଛି । ଧୀରେଧୀରେ ଅନେକ ପ୍ରଶ୍ନ ଉଙ୍କି ମାରିଛି । ସୁଜାତା ନିଜେ ବୁଝି ପାରୁନି ତା ମନରେ କଅଣ ଆନ୍ଦୋଳିତ ହେଉଛି । ସିଏ ନିଜେ ଜାଣିନି କି ପ୍ରତିଭା ତା ଠାରେ ଲୁଚି ରହିଛି, କିନ୍ତୁ ବହୁ ସମୟରେ ମନ ତାର ଉଦ୍‌ବେଳିତ ହେଉଛି । ବହୁ ଆଗ୍ରହ ତାର, କିଛି ଗୋଟେ କରି ଦେଖାଇଦେବ ଦୁନିଆକୁ ସିଏ ଶାଶୂଘରର ରୋଷେଇଘର ଚାରି କାନ୍ଥ ମଧ୍ୟରେ ଆବଦ୍ଧ ହୋଇ ରହିନାହିଁ, ତାର ନିଜସ୍ୱ ପ୍ରତିଭା ରହିଛି । ବହୁ ଆଗ୍ରହ ରହିଛି ନୂଆ ନୂଆ କାମ କରିବା ପାଇଁ । ବହୁ ସମୟରେ ଆଶା କରିଥିଲା, କେତେ କଅଣ ହେବ, ବହୁ ଆଶା କରିଥିଲା, ପାଇଲଟ୍ ହୋଇ ପାରିଲେ, ନୀଳ ଆକାଶର ବାଦଲ ଭିତରେ ଘର କରିବ ଅବା ଜଣେ ପ୍ରଶାସନିକ ଅଧିକାରୀ ହେଲେ କେତେ ସାହାଯ୍ୟ କରିପାରିବ ନିଜ ସମାଜକୁ । ସବୁ ବୟସରେ ସବୁ ସମୟରେ ସାହାଯ୍ୟ କରିପାରିବ ମଣିଷ ସମାଜର ଯଦି ଜଣେ ଚିକିତ୍ସକ ହୋଇପାରିବ । ଗଲାଣି ତ ସେ ସମୟ । ତଥାପି ଅନେକ ବାଟ ଅଛି ନିଜର କଳାନୈପୁଣ୍ୟ ପ୍ରଦର୍ଶନ କରି ନିଜକୁ ସମାଜରେ ପ୍ରତିଷ୍ଠିତ କରିବା ପାଇଁ । ବେଳ ଗଡି ଯାଇନି । କେବଳ ପରିବାର ଓ ପତି ପରମେଶ୍ୱରଙ୍କର କିଛିଟା ରହିଛି ମଞ୍ଜୁର ।

ନିଜର ଆବଶ୍ୟକତା ଅତି ସାଧାରଣ । ମନର ମଣିଷ ହସି ହସି ପଦେ କଥା ହୋଇଗଲେ ତା ଦୁଃଖ ଚାଲିଯାଏ । ପୁଅ ଝିଅ ଦୁଇଟା

ସ୍କୁଲରୁ ଫେରି ଆସିଲେ ମନଟା ସୁଜାତାର ପୂରିଉଠେ । ଘରଟି ସେଇ ଛୁଆ ଦୁଇଟାଙ୍କର ଅଳିଅର୍ଦଳି ଓ କୋଳାହଳରେ ଆନନ୍ଦମୟ ହୋଇ ଉଠୁଛି । ନିଜର ଗୃହିଣୀ ଜୀବନର ମମତାରେ ଭରି ଉଠୁଛି ସୁଜାତାର ମାତୃହୃଦୟ । ପିଲାମାନେ ସ୍କୁଲକୁ ଚାଲିଗଲେ ମନଟା ତା'ର ଛଟ ପଟ ହୁଏ ସେ ଦୁହିଙ୍କ ପାଇଁ । ଯିବାରୁ ଆସିବାଯାଏ ମନ ଦକ୍ ଦକ୍ ସେମାନଙ୍କ ଚାଲିରୁ ପଢା ବିଷୟ ଯାଏ । ବାପା ତାଙ୍କର ଏମିତି ଚିନ୍ତା କରୁଥିବାର ଅନୁଭବ କରୁନି ସୁଜାତା । କେବେ ବି ସିଏ ଶୁଣିନି ନରେନ୍ ପିଲା ଦୁଇଟ ଚାଲିଗଲା ପରେ ଟିକିଏ ଚିନ୍ତା କରିବାର ସେମାନଙ୍କର ଅନୁପସ୍ଥିତିରେ । ସୁଜାତା ବାପା ଓ ମା ମଧ୍ୟରେ ଏଇ ପିଲା ଦୁହିଁଙ୍କ ପାଇଁ ହୃଦୟରେ ରହିଥିବା ସ୍ନେହ ଆଉ ପିତୃପ୍ରେମକୁ ତୁଳନା କରେ । କେତେ କଠୋର ହୃଦୟ ସତରେ ବାପାମାନଙ୍କର । ଚିନ୍ତାଦକା ଟିକିଏ ବି ନାହିଁ ଜନ୍ମ ଦେଇଥିବା ପୁଅ ଝିଅଙ୍କ ପାଇଁ । ଭଗବାନ ସ୍ନେହମମତା ଦେବାରେ ବି ଏମିତି ଭେଦଭାବ ବି ଦେଇଛନ୍ତି ଚକିତ ହୁଏ ସିଏ ଚିନ୍ତା କଲା ବେଳକୁ ।

ଅଜାଣତ ମନ ମଧ୍ୟରେ ଏପରି ଭାବନା ଉଙ୍କି ମାରି ରୂପ ନେଇ ପାରେନି ଭାବିବା ପାଇଁ ଆଗକୁ । କହିବା ତ ଦୂର କଥା । ମୁହୂର୍ତ୍ତଟିଏ ନରେନ୍ ପାଖରେ ବସି ଦି ପଦ କଥା ହୋଇଗଲେ ସବୁ ପାସୋରିଦିଏ ସୁଜାତା । ବହାଘର ପରେ ନୂଆ ପରିବାରରେ ଚଳିବାରେ ତାର ଯାହା ବି ଦରକାର, ସେ ସବୁର ଆଶାକରେ ସିଏ ନିଜର ମଣିଷଠାରୁ । ଟିକିଏ ଊଣା ହୋଇଗଲେ, ନିଃସହାୟ ଲାଗେ ସୁଜାତାକୁ । ବନ୍ଦିନୀ ପରି ଲାଗେ । ସୁଜାତା ବୋହୂ ହିସାବରେ ମୂଲ୍ୟାୟନ କରିଛି ନିଜକୁ । ନରେନ୍ ବି ସମୟରେ ମନରୁ ଦୂରେଇ ରହି ବେଳେବେଳେ ଦାର୍ଶନିକ ପରି ଅଭିଭାଷଣ ଦିଅନ୍ତି । ଘରେ ସାହିରେ ସମସ୍ତେ କେତେ କେତେ କଥା କହନ୍ତି ଆଉ ଆଶା କରନ୍ତି । ସୁଜାତା ନିଜର ମନର ମଣିଷକୁ ନିଜ ପକ୍ଷର ବୋଲି ମନରେ ଧରି ବସିଥିଲେ ବି ସିଏ କରଛଡା ଦେଇ ଆହୁରି ଆଶା କରନ୍ତି ତା ଠାରୁ । ମଣିଷ ମନଟା ସତରେ ଲେମ୍ବୁ ପରି । ବେଶୀ ଚିପୁଡିଲେ ଯାହା ହୁଏ ।

ବିଭାଘର ଯୁଗଟାଏରୁ ଅଧିକ ହୋଇଗଲେ ବି ସୁଜାତା ମନରୁ ଲିଭି ନି କେତେ କଥା । ସେ ସବୁ ତା ନିଜସ୍ୱ ନ ହେଲେ ବି ତା ମୁଣ୍ଡରେ ଉଲୁଗୁଣା ପରି ରହିଛି । କେତେ କଥା ବନେଇ ଚୁନେଇ ଯିଏ ଟାହି ଟାପରା କରନ୍ତି, ସୁଜାତା ସତ୍ୟଟା ପ୍ରକାଶ କରି ନିଜକୁ ରକ୍ଷା କରିପାରେ ନି । ଏଥିରେ ଘରର ବା ଶାଶୂ ଶଶୁରଙ୍କର ମାନ ସମ୍ମାନ ଜଡିତ ଥାଏ । କଥା ମାଜି ମୋଟ କରିବାକୁ ଆଦୌ ଚାହେନ ସିଏ । କିନ୍ତୁ ସତକଥାଟି କହିଦିଏ ନିଜର ମଣିଷଟିକୁ । ମାତ୍ର ପାଏ ନି ନିଜ ମନର ମଣିଷଠାରୁ ସମାଦର, ସମବେଦନା । ନରେନ୍ କଥାଟା ପସନ୍ଦକରି ମୃଦୁଭାବରେ ଥଟ୍ଟା କଲେ ବି ଏହା ସୁଜାତାର ସରଳ ମନରେ ଗ୍ରହଣୀୟ ହୁଏ ନା । ଅପ୍ରକାଶ୍ୟ ଭାବରେ ଦି ଠୋପା ଲୁହ ଝରେଇ ଦେଇ ଚୁପ୍ ରହେ । ବହୁତ ବିଷୟ ଉଠାଏ ନାହିଁ ସୁଜାତା, କାଳେ ପ୍ରକାଶରେ ନରେନ୍ ଭାବିବେ ସିଏ ମତାନ୍ତର କରୁଛି ବୋଲି । କେତେବେଳେ ପିଉସୀଶାଶୂ ଅବା ତାଙ୍କ ପୁଅଙ୍କ ବିଷୟ ଉଠିଲେ ଚୁପ ହୋଇଯାଏ ସିଏ । କାରଣ ସିଏ କେତେକଥା ଶୁଣିଛି ସେମାନଙ୍କର ମୁହଁରୁ । ପରିବାରର କଥା ହେଲେ ବି ସୁଜାତା ହୋଇଗଲା ଦୋଷୀ । ସୁଜାତା ଜାଣେ ସିଏ କେଉଁଠି ଆଉ ଦୋଷ କେଉଁଠି । ନିଜେ କାହିଁକି ସେ କଥା ଉଖାରି ଲୁହ ଗଡେଇବ ? ଏମିତି ଅନେକ ବିଷୟ ସିଏ ବି ନରେନ୍ ସହ ଆଲୋଚନା କରିବାକୁ ଆଗ୍ରହୀ ହୁଏନି ।

ଅନେକ କଥା ମନକୁ ଆସୁଛି ସୁଜାତାର । ତା ଜାଗାରେ ଆଉ କିଏ ଥିଲେ ଘରଟା କୁରୁକ୍ଷେତ୍ର ପାଲଟିଯାଇ ଥାଆନ୍ତା । କିନ୍ତୁ ଅଜଣା କୋହରେ ମନଟା ଭରି ଗଲେ ବି ମୋହ ଲାଗି ରହିଛି ପିଲା ଦି'ଟା ଙ୍କର ମା' ଡାକରେ । ପିଲା ଦି ଜଣଙ୍କର ଶୁଖିଲା ମୁହଁ ମନେ ପଡିଗଲେ ମନର ସବୁ ଚିନ୍ତା ଧୋଇଯାଏ ସମୁଦ୍ରଧାରର ବାଲି ଗାର ପରି । କିନ୍ତୁ ତା'ର ଆନ୍ତରିକତା କମିଯାଇଛି ନରେନ୍ ସହ ଅନ୍ତରଙ୍ଗ ହୋଇ ଅନେକ ପାରିବାରିକ ଜଞ୍ଜାଳ ମୁଣ୍ଡେଇବାକୁ । ତା ନିଜ ସାଙ୍ଗ ଓ କ୍ଲାସମେଟ୍‌ମାନେ କେତେ ସୁଖ ଆଉ ଶାନ୍ତିରେ ଅଛନ୍ତି । ଅତି କମ୍‌ରେ ନରେନ୍ ପରି ସହାନୁଭୂତିହୀନ ସ୍ୱାମୀ କାହାର ନ ଥିବେ ।

ଦୁଃଖରେ ଭାଙ୍ଗିପଡେ ସୁଜାତା । ସମାଜଟା ସେମିତି । କାଳକ୍ରମେ ଯେତିକି ବାଛ ବିଚାର ଥିଲା ସବୁ ଅବିଚାର ଘନୀଭୂତ ହେଉଥିଲା ମହିଳାମାନଙ୍କ ମୁଣ୍ଡରେ । ଜଣା ନାହିଁ କିଏ ମନୁ କିଏ କୌଟଲ୍ୟ କିଏ ସାଇତି ରଖିଛି ସେମାନଙ୍କର ନାରୀ ମାରଣ କୂଟନୀତିକୁ । ନିଶ୍ଚିତ ଭାବରେ ସେମାନେ ଅବିବାହିତ ଥିବେ ଅବା ଅତି ଅସାମାଜିକ ପତ୍ନୀ ସଂସର୍ଗରେ ଆସିଥିବେ । ଅବା ନିଜ ପାରିବାରିକ ଜୀବନକୁ ରାଜାଙ୍କ ପାଖରେ ବିକ୍ରି କରିଦେଇଥିବେ । ନାରୀ ସମ୍ବନ୍ଧିତ ସବୁ ଧର୍ମ, ନୀତି, ଧର୍ମ ପ୍ରଚାର ଫିକା ପଡିଗଲା ବର୍ତ୍ତମାନର ନାରୀ ସଶକ୍ତିକରଣ ଯୁଗରେ, ଯେତେବେଳେ ସମାଜ ପ୍ରକୃତି ଓ ପ୍ରାକୃତିକ ସାମ୍ୟତା ଅବଲୋକନ କଲା । ସତରେ କୋଟି କୋଟି ଲୋକ ସହସ୍ରାବ୍ଦଧରି ଭୁଲି ଯାଇଥିଲେ ଲୋକସଂଖ୍ୟାର ପ୍ରତି ଦୁଇ ଜଣରେ ଜଣେ ନାରୀ । ଗୋଟିଏ ସଂପୂର୍ଣ୍ଣ ମନୁଷ୍ୟ ମୃତ୍ୟୁ ଏଡାଇବା ପାଇଁ ଦି ଭାଗ ହୋଇଛି, ମଣିଷ ଶରୀରକୁ ପୁରୁଷାନୁକ୍ରମେ ଜୀବନ୍ତ ରଖିବାକୁ । ସେଇ ଅଦୃଶ୍ୟ ସୃଷ୍ଟିରେ ଲିଙ୍ଗ ଭେଦ ମଣିଷ କରିଛି, ନିର୍ଯାତନା ଦେଉଛି ନାରୀକୁ । ସମାଜଟା ତ ପୁଷ୍କରିଣୀର ଜଳ ଉପର ସମତଳ କ୍ଷେତ୍ର । କିଏ ଭାସିବ କିଏ ବୁଡିବ ନୀତି, ଧର୍ମ ଓ ରାଜନୀତି କହିବ । ସେଥିରେ ବୁଡିଯାଇଛନ୍ତି ନାରୀ ସମାଜ ।

ଖାଲି ସମାଜରେ ବୁଡି ଯାଇ ନି ନାରୀ, ସମାଜର ସବୁ ସଭା ମହାସଭାମାନଙ୍କରୁ ନାରୀ ମାରଣ ନୀତି ଆମଦାନୀ ହୋଇଛି ପାରିବାରିକ କ୍ଷେତ୍ରକୁ । ଘରେ କାଳେ କିଏ ନାରୀମାନଙ୍କ କଥା ଶୁଣିବ, ସେଥିପାଇଁ ଅଛି ଅନେକ ଟାହି ଟାପରା ସେହି ବକରା ସ୍ୱାମୀମାନଙ୍କୁ, ପୁରୁଷତ୍ୱର ଆହ୍ୱାନ ଦେଉଥିବା ଆକବରୀ ଘୋଡା ଅଣ୍ଡା କାହାଣୀ । ଅଛପା ନ ଥିବ ପାଠକମାନଙ୍କୁ । ଆକବର କୁଆଡେ ଦିନେ ଚାହିଲେ ଜାଣିବାକୁ, ତାଙ୍କ ରାଜ୍ୟରେ କିଏ ନିଜ ସ୍ତ୍ରୀ କଥାରେ ପରିଚାଳିତ । ବିର୍‌ବଲ ଦାୟିତ୍ୱ ନେଲେ ନିର୍ଣ୍ଣୟ କରିବାକୁ ସାରା ଆଗ୍ରା ସହରାଞ୍ଚଳରେ କେତେ ପ୍ରକୃତ ପୁରୁଷ

ଅଛନ୍ତି । ଚାଲାକ୍ ବିରବଲ୍ ସହରର ମୁଖ୍ୟ ଗମନାଗମନ ପଥରେ ପ୍ରତିନିଧି ସହ ନିଜେ ବସିଗଲେ ପ୍ରତିଟି ପୁରୁଷଙ୍କୁ ଗୋଟିଏ ପ୍ରଶ୍ନ ପଚାରି ନିଜ କଥାରେ ଚାଲୁଥିଲେ ପୁରୁଷଭାବରେ ଓ ସ୍ତ୍ରୀ କଥାରେ ଚାଲୁଥିଲେ ଇତର ଭାବରେ ଗଣିବାକୁ । ପୁଣି ପ୍ରତି ପୁରୁଷଙ୍କ ପାଇଁ ପୁରସ୍କାରର ତୁରନ୍ତ ବ୍ୟବସ୍ଥା ଥିଲା । ଇତରଙ୍କ ପାଇଁ ଗୋଟିଏ ଅଣ୍ଡା ଓ ନିଜ ଇଚ୍ଛାରେ ଚାଲୁଥିବା ପୁରୁଷଙ୍କପାଇଁ ଗୋଟିଏ ଘୋଡା । ସନ୍ଧ୍ୟାରେ ଦେଖିଲା ବେଳକୁ ସମସ୍ତେ ନେଲେ ଅଣ୍ଡା, ମାତ୍ର ଜଣେ ନେଇଛନ୍ତି କଳା ଘୋଡାଟିଏ । ବିର୍‌ବଲ ମନରେ ତୃପ୍ତ ହେଲେ ସାରା ଆଗ୍ରାରେ ଜଣେ ହେଲେ ବି ପୁରୁଷ ଅଛନ୍ତି । ତାଙ୍କ ନାଁ ଘୋଷି ଘୋଷି ସମ୍ରାଟଙ୍କ ଦିଗକୁ ଦି ପାଦ ଚାଲିଛନ୍ତି କି ନାହିଁ ସେହି ପୁରୁଷପୁଙ୍ଗବ କଳା ଘୋଡାରେ ଦ୍ରୁତ ବେଗରେ ପହଞ୍ଚି ଅନୁରୋଧ କରୁଛନ୍ତି, କଳା ଘୋଡା ବଦଳରେ ଧଳା ଘୋଡା ନେବାକୁ । ବିର୍‌ବଲ୍‌ଙ୍କ କୌତୂହଳ ଦୂର କରିବା ପାଇଁ ପୁରୁଷପୁଙ୍ଗବ ଉତ୍ତର ଦେଲେ, "ମୋ ସ୍ତ୍ରୀ କହିଛି, ତୁରନ୍ତ କଳାଘୋଡା ଫେରସ୍ତ ଦେଇ ଧଳାଘୋଡାଟିଏ ଆଣ ।" ବିର୍‌ବଲ୍ ତାଙ୍କର ପରିସଂଖ୍ୟାନ ବଦଳାଇଲେ । ସୁଜାତା ଏ କଥା ସ୍ୱୟଂ ନରେନ୍ ଠାରୁ ଶୁଣିଛି । କିନ୍ତୁ ସମଗ୍ର ଆକବରଙ୍କ ଆଗ୍ରାରେ ସିନା ସ୍ତ୍ରୀ କଥା ନ ମାନିବା ପୁରୁଷ ନଥିଲେ, କିନ୍ତୁ ଦୁନିଆଁରେ ଅଛନ୍ତି ଜଣେ, ଏଇ ଘରେ ଅଛନ୍ତି ସେ । ସେ ସ୍ୱୟଂ ନରେନ୍ ।

ସୁଜାତା ମନରେ ଆସେ ବହୁତ ଭଲରେ ଥିଲେ ବି ଶାଶୂଘରେ ସମସ୍ତେ ପୁରୁଷକୈନ୍ଦ୍ରିକ, ପୁଅର ଆଦର ଅଧିକ, ଝିଅ ବୋହୂ ଇତର ଲୋକ ପରି ମୂଲ କରାଯାଆନ୍ତି । ପୁଅଟିଏ ଜ୍ୱର ହେଲେ, ତା ପାଇଁ ଘରେ ସମସ୍ତେ ଯେତିକି ବ୍ୟସ୍ତ, ଝିଅଟି ପାଇଁ ତଫାତ୍ ରହୁଛି, ବାଧେକି ପଡିଲେ ବା ମରି ହଜିଗଲେ କମ୍ ବ୍ୟସ୍ତ ହେବାଭଳି ଲାଗେ କେତେକଙ୍କୁ । ଜାଣିହେବା ଭଳି ଧାରଣା ଆସିବ, କନ୍ୟାଟିକୁ ଉପେକ୍ଷା କରାଯିବାର ଆନ୍ତରିକତା ରହିଛି ସବୁଠାରେ । ଖାଲି ନରେନ୍‌ଙ୍କ ପରିବାର କାହିଁକି, ତାଙ୍କର ବନ୍ଧୁବାନ୍ଧବମାନେ ସବୁ ଏମିତି ବାଛବିଚାରରେ ଧୁରନ୍ଧର । ନରେନ୍‌ଙ୍କର ମାମୁଁପୁଅ ଭାଇ ରାଖାଲଙ୍କର ଅପଡ ହେଲା ତାଙ୍କ ସ୍ତ୍ରୀ ସ୍ମୃତି ଅପାଙ୍କ ସହ । ଦି ଟା ମାସର ମନାନ୍ତର । ଏଇଟା ଛାଡପତ୍ରର ରୂପ ନେଲା, ଦିନେ ରାତି ନ ପାହୁଣୁ ସ୍ମୃତି ଅପାଙ୍କୁ ବିଦା ହେବାକୁ ପଡିଲା, କୋର୍ଟ କଚେରୀକୁ ଯିବା ତ କେତେ ଦିନ ଲାଗିଗଲା, କିନ୍ତୁ ସ୍ମୃତି ଅପା ବିଦା ହେବା ଦିନ ସନ୍ଧ୍ୟାରୁ ତାଙ୍କର ଦ୍ୱିତୀୟ ପତ୍ନୀ ସବିତା ଆସି ଘରେ ପଶିଲେ । ଏଇଟା ମରଦପଣିଆ । ଖାଲି ସୁଜାତା ଶାଶୂଘରେ କାହିଁକି, ପାଖ ପଡିଶା, ସାଇଭାଇ, ଗାଁ ଗଣ୍ଡା ପୂରା ସମାଜରେ ବଳବତ୍ତର ରହିଛି । ସରକାର, ଆଇନ ଅଦାଲତ ଓ ଅନେକ ସଂସ୍ଥା ତ ଏ ଦିଗରେ ଅଛନ୍ତି । କାହା ଆଖିକୁ ଦେଖାଯାଉନି ?

କାଗଜରେ ପଢୁଛି କେତେ ଦିଗରୁ ନାରୀସଂହାର କରାଯାଉଛି । ଭୃଣ ଅବସ୍ଥାରେ ବି ଏପରି ନାରକୀୟ କାର୍ଯ୍ୟ ମନକୁ ଆସୁଛି ସେଇ ଅସୁର ଭାବଧାରୀ ପିତାମାତାଙ୍କର । ସେଇ ମା'ଟି ବି ଭାବିପାରୁନାହିଁ ସିଏ କଅଣ କରିବାକୁ ଯାଉଛି । ପରିବାରରେ ଟୁପୁରୁଟାପର ହେଉଛନ୍ତି, "ହ! ଚାରି ଚାରିଟା ଦୋହିତା ଜନ୍ମ କରି କ'ଣ ଏମିତି ଗର୍ହିତ କାମ କରିପକାଇଲା ।" ଗର୍ଭପାତ ପରେ ଦେଖିଲା ବେଳକୁ ପଛେ ଦେଖନ୍ତୁ କି ପୁତ୍ରଟିର ହତ୍ୟା କରିପକାଇଛନ୍ତି, କିନ୍ତୁ ସେଇ କନ୍ୟାମାରଣ ମନୋଭାବ ଦୂର ହେଉନି । କନ୍ୟା ଭୃଣହତ୍ୟା ପଦ୍ଧତି ଅସମ୍ଭବ, ବିଜ୍ଞାନ ଅସମର୍ଥ, ବହୁ ପୁତ୍ର ଭୃଣହତ୍ୟା ଅଜଣା ବା ଅପ୍ରକାଶିତ ଭାବରେ ଘଟିଯାଏ କନ୍ୟା ମାରିବା ଅଭିପ୍ରାୟରେ । ଏଇଟା ସତ୍ୟ ଓ ହିସାବରୁ ଜଣାପଡିଲେ ବି କେତେକ ସେଇ ମନୋବୃତ୍ତି ନେଇ ପିଶାଚ ଘାତକମାନଙ୍କ ପାଖକୁ ଯାଆନ୍ତି, ଯିଏ ହତ୍ୟା କରିବା ଜାଣନ୍ତି, ଭୃଣର ଲିଙ୍ଗ ଠଉରାଇବାରେ ପଛେ ନିଶ୍ଚିତ ନ ହୁଅନ୍ତୁ । କିନ୍ତୁ ସୁଜାତା ମନେ ମନେ କ୍ଷମା ଦିଏ ନି ସେହି ବାପ ମା ଙ୍କୁ, ଯିଏ ସୃଷ୍ଟିର ପାହାଚରେ ରହି ବିନାଶର ବାଟ ଖୋଜନ୍ତି । ମନକୁ ଆସୁଛି ସୁଜାତାର ସାମାଜିକ ସ୍ତରରେ କୌଣସି ମତେ ଭୃଣହତ୍ୟା, ବୋହୂ ମାରଣ, କନ୍ୟା ହତାଦର ଆଦି ବିଷୟରେ ସମାଜରେ ଏକ ଆହ୍ୱାନ ଦେବାକୁ ।

ନରେନ୍ ଯେ ମଦ୍ୟପ ବା ଖରାପ ମଣିଷ, ସେମିତି କିଛି ନୁହେଁ । ସିଏ ନିଜ ଦୁନିଆଁରେ ରହନ୍ତି । ସୁଜାତାର ସୁଖ ଦୁଃଖରେ ସିଏ ଧାର ଧାରନ୍ତି ନାହିଁ । ଏମିତି ବି ନୁହେଁ କି ସିଏ ସୁଜାତାକୁ ବାନ୍ଧି ରଖିଛନ୍ତି । କିନ୍ତୁ ସୁଜାତାର ସମସ୍ତ ନାରୀସୁଲଭ ଗୁଣର ସିଏ ପ୍ରଶଂସକ ଆଉ ଅସମ୍ଭବ ଆଶାବାଦୀ । ସୁଜାତା ନିଜର କର୍ତ୍ତବ୍ୟରେ ଟିକିଏ ଅବହେଳା ନ କରି ତାହାର କାମକୁ ଆଖିପିଛୁଳାକେ ସାରି ଦେବ । ସୁଜାତାର କାର୍ଯ୍ୟଦକ୍ଷତା ଓ ସୁଗୃହିଣୀ ହେବାର ଯୋଗ୍ୟତା ନରେନ୍ ପକ୍ଷରୁ ପୁରସ୍କାର ! ଭାବି ନ ପାରିଲେ ବି ସୁଜାତା ନରେନ୍‌ର ମତିଗତିରେ ଅତି ମାତ୍ରାରେ ଶୋଷିତ ।

ପନ୍ଦରବର୍ଷ ହେଲାଣି ବିଭାଘର । ସୁଜାତାକୁ ବହୁତ ଭଲରେ ରଖିଛନ୍ତି । ନିଜର ଘର, ଗାଡି, ପୁଅ ଆଉ ଝିଅ ସମସ୍ତେ ଭଲରେ ଅଛନ୍ତି । ଏ ସବୁ କଅଣ ନାରୀର ସୁଖ ଓ ଶାନ୍ତି ପାଇଁ ପର୍ଯ୍ୟାପ୍ତ ନୁହେଁ? ଏହା ହୋଇ ପାରେ ସୁଜାତା ଓ ନରେନ୍ ଙ୍କ ମଧ୍ୟରେ ଅଲିଖିତ ଚୁକ୍ତି । ଗଣିତର କେତେକ ସାଧାରଣ ହିସାବ ମନରେ ଉଠେ ସୁଜାତାର । କେବଳ ନରେନ୍ ନୁହେଁ, ପୁରୁଷ ଯାହା ଦିଏ ତା ସ୍ତ୍ରୀକୁ, ଦି ଗୁଣ ଫେରିପାଇବାକୁ ଆଶା କରେ । ସ୍ୱାମୀ-ସ୍ତ୍ରୀ ସମ୍ପର୍କଟା ବି ବ୍ୟବସାୟ ନୁହେଁ ତ କଅଣ ? ପୁରୁଷ ଓ ବ୍ୟବସାୟୀ ଭିତରେ କେତେ ବା ଅନ୍ତର ? ବ୍ୟବସାୟୀ କମ୍ ଦରରେ କିଣି ବେଶୀରେ ବିକେ ତା ମାଲ । ପୁରୁଷ ସେମିତି । ଅଳପ ଦେଇ ଅନେଇଥିବ ବେଶୀ ପାଇବାକୁ । ଭାଗ୍ୟବାନ ସିଏ ଏହି ଅଦୃଶ ବ୍ୟବହାରିକ ମାୟାରେ । ସଫଳ ଓ ଗର୍ବିତ ଏହାର ଲାଭରେ । ନାରୀ ପୁରଷକୁ ସଫଳ କରାଇ ଭାଗ୍ୟବତୀ ବୋଲାଏ ।

ଯେଉଁ ନାରୀ ମୁହଁ ପୋତି ସବୁ ସହିଯାଏ, ପରିବାର ଓ ସ୍ୱାମୀର ଅଜସ୍ର କଳ୍ପନାକୁ ବାସ୍ତବ କରେ ତାର ସ୍ମିତ ହସଟା ମୁହଁର ସତ ହସ ନୁହେଁ । ଅନ୍ୟମାନଙ୍କୁ ସୁଖ ଶାନ୍ତିରେ ରଖିବାର କଳା । ଏହା ସୁଜାତାର ବହିପଢା ଗଳ୍ପ ନୁହେଁ, ଅଙ୍ଗେ ନିଭେଇ ଚାଲିଥିବା କଥା, ପନ୍ଦର ବର୍ଷର ଅନୁଭୂତି । ସିଏ ଦେଖୁଛି ପଡୋଶୀ ଘରର ଓ ସାଇ ଭାଇର ସ୍ତ୍ରୀ ମାନଙ୍କୁ । ସ୍ୱାମୀ ପାଖରେ ଅଳି କରି ଅବା ପରିବାରରେ ବିଦ୍ରୋହ କରି ନିଜ ପ୍ରାପ୍ୟ ଜାହିର କରୁଛନ୍ତି । ନିଜ ପାଇଁ ଅନର୍ଥରୁ ଅର୍ଥ ପାଇବାକୁ ସୁଜାତା ଭାବି

ପାରେ ନା । ଅନ୍ୟ ମାନଙ୍କୁ ଅଶାନ୍ତି ଦେଇ ସିଏ କି ଶାନ୍ତି ପାଇବ ? ଭାବୁଛି ଯେମିତ ଜୀବନ ଚାଲିଛି ଚାଲିଥାଉ । ନିଜ ଗୁଣର ଅପଚୟ କରିବ କାହିଁକି ? ପିଲାମାନଙ୍କ ପାଇଁ ବାତ୍ସଲ୍ୟ ପ୍ରେମରୁ ସେମାନେ କାହିଁକି ବିରତ ହେବେ ? କୌଣସି ସ୍ୱାମୀ ସ୍ତ୍ରୀ ରାଗ ରୋଷ ଏମାନଙ୍କ ମନରେ ଆବିଳତା ନ ଆଣୁ । ଏହି କାରଣରୁ ସହାସ୍ୟ ବଦନରେ କାମ କରିଚାଲେ ସୁଜାତା, ପିଲା ଦି ଟା ତାର ପ୍ରାଣ, ହେଲେ ସେମାନେ ଜାଣନ୍ତି ନି ମା ତାଙ୍କର କୌଣସି କାରଣରୁ ବିରସ ମନା । ଘରଟା ଗଠନ ଆଉ ଅର୍ଥ ସର୍ବସ୍ୱ ନୁହେଁ, ଏହାର ମାନସିକ ପରିବେଶ ହିଁ ନିର୍ମଳତାର ମୁଖ୍ୟ ଉପାଦାନ । ଘର ଆଉ ଅର୍ଥ ନ ଥାଇ ବି ପରିବାର ଶାନ୍ତିରେ ଥିବାର ଦେଖାଯାଏ ।

ବହୁବାର ସୁଜାତା ମନକୁ ଆସିଛି, ନରେନ୍‌କୁ ପଚାରିବ, ମନ କଥା କହିବ । କିନ୍ତୁ ଏତେଦିନ ଧରି ସାହାସ ଜୁଟେଇ ପାରିନି । ଅବଶ୍ୟ ସୁଯୋଗର ଅବକାଶ ପାଇଛି, ମାତ୍ର ମନରେ ଦ୍ୱିଧା ଆସିଛି କାଳେ ନରେନ୍ କଥାଟା ଗ୍ରହଣ ନ କରି ରାଗିଯିବେ । ଏଇଟା ଏମିତି ଗୁରୁତର ସମସ୍ୟା ହୋଇପାରିବାର ସମ୍ଭାବନାକୁ ଏଡାଯାଇ ପାରିବ ନି । ସବୁଦିନ ପାଇଁ ଅନର୍ଥ ଲାଗି ରହିବ । ଅଭିମାନୀ ସୁଜାତା । ନିଜେ ଅଶାନ୍ତିରେ ରହୁ ପଛେ ସ୍ୱାମୀକୁ ନିଜପାଇଁ ଅସ୍ୱାଚ୍ଛନ୍ଦ୍ୟରେ ରଖିବାକୁ ଚାହେ ନି । ବହୁ ବର୍ଷ ବିତିଯାଏ ଅସମାହିତ ମନର ବେଦନା । ବୋଧହୁଏ ବାଟ ନାହିଁ ସମାଧାନର । ଏମିତ ତ ସବୁରି ଘରର ଲୀଳା, ସୁଜାତା ବା ସେ ଅଠାକାଠିରୁ ବର୍ତ୍ତିବ କିପରି ?

ଦିନକର ତାର ଭାବନାଆକାଶରୁ ଓହ୍ଲାଇ ଆସିଲା ସୁଜାତା । ସାହିର ଛୋଟ ପିଲାଟି ପାଖରେ ଠିଆହୋଇ ଡାକୁଛି । ଆନନ୍ଦ ମହାପାତ୍ର ଓଡିଆ ଅଧ୍ୟାପକଙ୍କର ପୁଅ । ବଣ୍ଟି ବୋଲି ସମସ୍ତେ ଡାକନ୍ତି, ତଳ ଶ୍ରେଣୀରେ ପଢେ । ବିଚରା ସ୍କୁଲ ମାଗାଜିନକୁ କବିତାଟିଏ ଲେଖିଦେବାକୁ ଜିଦ୍ ଧରିଛି, ବାପା ବି ତାର ସଂଶୋଧନ କରିବାକୁ କଥାଦେଇଥିଲେ । ହେଲେ, ଦୂର ଗାଁରେ ଜେଜେ ମା ଗୁରତର ଭାବେ ଅସୁସ୍ଥ । ଡାକ୍ତରଖାନାରେ ଭର୍ତ୍ତିହୋଇଛନ୍ତି । ଆନନ୍ଦବାବୁ ସବୁ କାମ ଛାଡି ମା କୁ ଦେଖିବାକୁ ଚାଲିଯାଇଛନ୍ତି । ବିଚରା ବଣ୍ଟିର ଚାରା ନାହିଁ ଲେଖିଥିବା ଗୀତଟି ଦେଖାଇବାକୁ ବାପାଙ୍କୁ । ଧାଇଁ ଆସିଛି ସୁଜାତା ପାଖକୁ । ଲେଖା ଦେବାକୁ ସମୟ ହୋଇଗଲା ବୋଲି ଆଣ୍ଟିଙ୍କ ପାଖକୁ ଆସିଛି ଦେଖାଇଦେଇ ମାଗାଜିନ୍ ପାଇଁ ଦେଇଦେବ ।

ସୁଜାତା ନିଜ ବୁଦ୍ଧିମତାରୁ ବାଳକଟିର ଲେଖାଟିକୁ କାଟଛାଟ କରି ସେହି ଭାବର ନୂଆ କଳେବର ଦେଇଛି । କୌଣସି କାରଣରୁ ସ୍କୁଲ ମାଗାଜିନ୍ ଆରମ୍ଭ ହୋଇଛି ସେଇ ମନକିଣା କବିତାରୁ । ଏବେ ବିଦ୍ୟାଳୟରେ ବଣ୍ଟିର ଅଜସ୍ର ପ୍ରଶଂସା । ଆନନ୍ଦବାବୁ ମାଆ ତାଙ୍କର ସୁସ୍ଥ ହେବା ପରେ ଘରକୁ ଫେରିଛନ୍ତି । ପୁଅର ପ୍ରଶଂସା ଶୁଣି ଧାଇଁ ଆସିଛନ୍ତି ସୁଜାତା ପାଖକୁ କୃତଜ୍ଞତା ଜଣାଇବାକୁ । ଗୁଣ ଚିହ୍ନିଛନ୍ତି ସୁଜାତା ଠାରେ । ଲେଖାର ଶୈଳୀ, ପ୍ରକାଶ ଓ ଶବ୍ଦ ସଂଯୋଜନା କ୍ଷେତ୍ରରେ ସିଏ ସୁଜାତାର ଲେଖାରେ ବାସ୍ତବତାର ପ୍ରତିମୂର୍ତ୍ତି ଦେଖୁଛନ୍ତି । ସୁଜାତାକୁ କେତେଗୁଡିଏ କବିତା, ପ୍ରବନ୍ଧ ଲେଖିବାକୁ ଅନୁରୋଧ କରିଛନ୍ତି । ତାଙ୍କର ଛାତ୍ର ଓ ରିସର୍ଚ୍ଚ ସ୍କଲାର ମାନେ ପ୍ରକାଶନର ଦାୟିତ୍ୱ ନେଇ ସୁଜାତାର ସାହିତ୍ୟ ଓ ରଚନା କଳାର ବିକାଶ କରି ସାହିତ୍ୟ ଜଗତରେ ପ୍ରକାଶ କରିବାର ଅଭିପ୍ରାୟ ପ୍ରକାଶ କରିଛନ୍ତି । ଅନେକ ରଚନାପ୍ରେମୀ ଛାତ୍ର ମାନଙ୍କୁ ନେଇ ସିଏ ନିଜେ ଯେଉଁ 'ସବୁଜ ଆସର' ଗଢିଛନ୍ତି, ତାହାର ମୁଖ୍ୟ ଆଭିମୁଖ୍ୟ ଏମିତି ଛପି ରହିଥିବା ପ୍ରତିଭାର ପରିପ୍ରକାଶ । ଏମିତି ବହୁ ପ୍ରବର୍ତ୍ତନା ଦେଇଛନ୍ତି ସୁଜାତାକୁ । ସାହିତ୍ୟ କ୍ଷେତ୍ରପାଇଁ, କୌଣସି ବ୍ୟକ୍ତିଗତ କୃତଜ୍ଞତା ବା ସମ୍ପର୍କ ପାଇଁ ନୁହେଁ ।

ସୁଜାତା କିନ୍ତୁ ଦୁଇଟି ସର୍ତ୍ତ ରଖିଛି ଆନନ୍ଦବାବୁଙ୍କ ଛାତ୍ର ମାନଙ୍କ ମଧ୍ୟରୁ ପ୍ରତ୍ୟୁଷ ବାରିକ ସହ । ପ୍ରଥମଟି ହେଲା ସୁଜାତା ଯେତିକି ଲେଖା ଦେବ, ସେଥିରେ ଛଦ୍ମନାମ ରହିବ କାରୁବାକି, ଦ୍ୱିତୀୟଟି ହେଉଛି କୌଣସି ଉଦଘାଟନ ଅବା ଉନ୍ମୋଚନ ଉତ୍ସବରେ ସୁଜାତା ରହିବ ନାହିଁ । ଅବଶ୍ୟ ଆନନ୍ଦବାବୁ ଓ ଆସରର ସବୁ ସଭ୍ୟ ରାଜି ହୋଇଛନ୍ତି ଏଥିରେ । ସେମାନେ ମନେକରନ୍ତି ସୁଜାତା କୌଣସି କାରଣରୁ ଟିକିଏ ଲାଜକୁଳି ନିଜର ନାମ ପ୍ରକାଶ କରିବାରେ, ସେଥିରେ କିଛି ବାଧବାଧକତା ନାହି କବିତା ବା ପ୍ରବନ୍ଧ ସୃଷ୍ଟି କରିବାରେ ।

ପ୍ରଥମେ ଏମାନେ ସୁଜାତାର ଲେଖାଗୁଡିକୁ ଖବରକାଗକରେ ସାପ୍ତାହିକ ଓଡିଆ ସ୍ତମ୍ଭରେ ପ୍ରକାଶ କରିବାର ସୁଯୋଗ ପାଇଛନ୍ତି, 'କାରୁବାକି' ଛଦ୍ମ ନାମରେ । କେତେଗୁଡିଏ ସାମାଜିକ ସମସ୍ୟାକୁ ନେଇ ସମାଧାନର ବାଟ କାଢୁଥିବା ରଚନା ଗୁଡିକ ଉପସ୍ଥାପିତ ହେବ ଅଜଣା ସାହିତ୍ୟିକଙ୍କଦ୍ୱାରା । ପାଠକ ମାନଙ୍କ ଆଦର ସମ୍ବଳରେ ଏହାର ପ୍ରକାଶନ ଚାଲୁରହିବ । ସୁଜାତା ବାସ୍ତବିକ ଏମିତି ସୁଯୋଗ ଅପେକ୍ଷାରେ ହିଁ ଥିଲା । ଘରେ ବସି ଅସୁମାରି ସାହିତ୍ୟ ଓ ରଚନା ବିଷୟରେ ପରିଚିତ, ଦୂରଦର୍ଶନ ତଥା ଖବରକାଗଜ ମାଧମରେ ସବୁ ସାମାଜିକ ସମସ୍ୟା ସହ ପରିଚିତ । କିନ୍ତୁ ତା ର ଦୃଷ୍ଟିକୋଣ ଅଲଗା । ସିଏ ଅସମ୍ଭବ କାମ ବିଷୟରେ ବିଶେଷ ଚିନ୍ତା କରେ ନା, ବରଂ ସରଳ ସମାଧାନ ପନ୍ଥା ଉପରେ ଗୁରୁତ୍ୱଦିଏ । ଏମିତି ସବୁ ଭାବ ଫୁଟାଏ ଲେଖା ଗୁଡିକରେ । ଗୋଟିଏ ଲକ୍ଷ୍ୟ ତା'ର, ପ୍ରତିଟି ଶବ୍ଦ ମନଛୁଇଁବ, ପ୍ରତିଟି ବାକ୍ୟ କଥା କହିବ, ରଚନାଟି ସକାରାତ୍ମକ ଭାବରେ ପଥପ୍ରଦର୍ଶକ ହେବ । ଭଗବାନଙ୍କୁ କୃତଜ୍ଞତା ଜଣାଏ ତାକୁ ଏହି ସୁଯୋଗ ଦେଇଥିବାରୁ । ସମାଜରେ ଏମିତି ବହୁ ନାରୀ ଅଛନ୍ତି, ଯେଉଁମାନେ କେବଳ ବଞ୍ଚିଛନ୍ତି । ପ୍ରତିଭା ଅବା ଆତ୍ମସମ୍ମାନ ସେମାନଙ୍କପାଇଁ କେବଳ ଅଭିଧାନର ଶବ୍ଦ ମାତ୍ର । ଶିକ୍ଷା, ସ୍ୱାସ୍ଥ ଓ ସମ୍ବେଦନା ସେମାନଙ୍କପାଇଁ ସ୍ୱପ୍ନ । ସେ ସବୁ ବିଷୟରେ ମୁକ୍ତ ଚିନ୍ତାଧାରାରେ ଲେଖା ଯାଇପାରେ । ବହୁତ ରହିଚି ପ୍ରସଙ୍ଗଗତ ସାମ୍ପ୍ରତିକ ସମସ୍ୟା ।

ଆସ୍ତେଆସ୍ତେ କାରୁବାକି ଓ ସାମାଜିକ ପ୍ରସଙ୍ଗ ଗୁଡିକ ବହୁ ଲୋକପ୍ରିୟ ହୋଇପାରିଛି । ରବିବାର ସକାଳୁ ଖବରକାଗଜ ପାଇଲେ,

ସମସ୍ତେ କ୍ରୋଡପତ୍ରର ବାମ ପଟୁ ପଢ଼ା ଆରମ୍ଭ କରନ୍ତି କାରୁବାକି ଲେଖିଥିବା ଆଜିର ସମସ୍ୟା ପାଖରୁ । ଅବିକଳ ଚିତ୍ର, ବାସ୍ତବ ଚରିତ୍ର, କଳ୍ପନାଶୂନ୍ୟ ବ୍ୟବହାର ଓ ବାସ୍ତବିକ ସମାଧାନ ପନ୍ଥା । ନୂଆ କିଛି ନ ଲାଗିଲେ ବି ଅସମ୍ଭବ ପରିପ୍ରକାଶ ସତ୍ୟ ଓ ନିର୍ଭୀକତାର, ମାନବିକତାର । ହୋଇ ଥାଉ ପାରିବାରିକ ବୋଝ, ସ୍ୱାସ୍ଥ୍ୟ ସମସ୍ୟା ସାମାଜିକ ବିପଥ ଅବା ଆତଙ୍କବାଦୀର ଆତ୍ମଗୋପନ । ବିଶେଷ ଭାବରେ ଅବହେଳିତ ନାରୀସମାଜ, ଶିଶୁ ସମାଜ, ଖାଦ୍ୟ, ପାନୀୟ ଓ ପରିମଳ ବ୍ୟବସ୍ଥା । ଏମିତି ଅନେକ କଥା ।

ଅଫିସ୍ ସ୍ତରରୁ ହେଉ କି ବନ୍ଧୁମାନଙ୍କ ପ୍ରରୋଚନାରେ ନରେନ୍ ବି ରବିବାର ସକାଳ ଖବରକାଗଜ ଧରିରଖେ । ନରେନ୍ ପଢ଼ିଥାଏ କେବଳ ସେଇ କାରୁବାକି ଲେଖାକୁ । ମନରେ ଗୋପନ କରିପାରେନି ନିଜର ପସନ୍ଦକୁ । କହିପକାଏ ସୁଜାତାକୁ, ଲେଖାଟା ବେଶ୍ ଭଲ ଲାଗୁଛି, ସତରେ ଏମିତି ମନଛୁଆଁ କଥାର ଧାର ସରିଗଲେ ତ ମନ ଦୁଃଖ ହେବା ବାସ୍ତବିକ, ମାତ୍ର କାରୁବାକି ପାଖରେ ପ୍ଲଟ ବା ଭାବନାର ଅନ୍ତ ନାହିଁ । ସୁଜାତା ମନରେ ସନ୍ଦେହ ଆସେ, କାଳେ ନରେନ୍ ଜାଣି ପାରିଥିବେ ସୁଜାତା ଏମିତି ଲେଖୁଛି ବୋଲି । ସେଥିପାଇଁ ସିଏ ସତର୍କ ନ ରହିଲେ ବି ନିଶ୍ଚିତ, ସିଏ କାରୁବାକି ବୋଲି ନରେନ୍ ଜାଣିବାର ଅବକାଶ ନାହିଁ । ନିଜ ଅଭିଳାଷରେ ପିଲା ମାନଙ୍କୁ ପଢାଉଛନ୍ତି ଏଠିକାର ଆନ୍ତର୍ଜାତୀୟ ମାନ ସମ୍ପନ୍ନ ବିଦ୍ୟାଳୟରେ । ଇଂରେଜୀ ମାଧ୍ୟମ ପାଇଁ ସୁଜାତା ଯାହା ମନରେ ଦୁଃଖ କରେ । ପୁଣି ଟିଉସନ୍ ପରେ ଟିଉସନ୍ ଖଞ୍ଜିଦେଇ ନିଜକୁ ବ୍ୟସ୍ତ ରଖନ୍ତି ନରେନ୍ । ଘରେ ପହଞ୍ଚିବା ପୂର୍ବରୁ ଚିନ୍ତା କରି ଆସିଥାଏ ଇଣ୍ଟରନେଟ୍ ଲଗାଇ ସେୟାର ଟ୍ରେଡ୍‌ରେ ବସିଯିବେ । ଅଯଥା ସମୟ ଅପଚୟ କରିବେ କାହିଁକି ? ସ୍ତ୍ରୀ ପାଖରେ ଦି ପଦ କଥାରୁ କଅଣ ମିଳିବ ? ଏହି ସୂତ୍ରକୁ ଆଧାର କରି ସୁଜାତା ନିଶ୍ଚିତ ଯେ କାରୁବାକିକୁ ନରେନ୍ ପ୍ରଶଂସା କରିପାରିନ୍ତି, କିନ୍ତୁ କାରୁବାକି ତାଙ୍କ ପାଖରେ ଅଛି ବୁଝିବାର ଶକ୍ତି ନାହିଁ । ଯିଏ ଏତେ ବ୍ୟସ୍ତ, ଏତେ ସମୟାନୁଗତ ସିଏ ବି ସୁଜାତାର ଲେଖା ରଚନା କାଗଜ ଖୋଜିବା କି ଦେଖିବାର ଅବକାଶ ପାଇବେ ବା କିପରି ?

ଗଭୀର ଅନୁଚିନ୍ତନରେ ସୁଜାତା ଦେଖୁଛି, ସ୍ୱାମୀଙ୍କର ଅଜ୍ଞାତରେ ନିଜର ଏତେ ବଡ ରଚନା ସାମ୍ରାଜ୍ୟ ଗଠନ ଯେମିତି ତା'ର ଦୋଷତୃଟି । ସିଏ ସଦା ସର୍ବଦା ଆଗ୍ରହୀ, ନରେନ୍ କିପରି ସୂଚନା ପାଆନ୍ତୁ କି କାରୁବାକି ତାଙ୍କ ପାଖରେ । କାରୁବାକିର ସହସ୍ର ପ୍ରଶଂସାରେ ତା'ର ଯାଏ ଆସେ କଅଣ ? ନରେନ୍ ବ୍ୟତୀତ ପିଲା ଦୁଇଟି ମଧ୍ୟଜାଣିବା ଆବଶ୍ୟକ । ସିଏ କିନ୍ତୁ ଏ ଦିଗରେ ଏତେ ଆଗେଇ ଯାଇଛି, ବହୁଦିନ ଯାଏ ଜଣାଇ ପାରିନି ନିଜର ଏହି କୃତିତ୍ୱର । ଏ କଥା ଶୁଣାଇବାର ଆଗ୍ରହ ଆସ୍ତେଆସ୍ତେ ତା ମନରେ ଭୟରେ ପରିଣତ ହୋଇଛି । ସାପ୍ତାହିକ ଲେଖା ବ୍ୟତୀତ ଅସଂଖ୍ୟ ରଚନା, ପୁସ୍ତକ, କବିତା ବଜାରରେ କିଣିବାକୁ ଉପଲବ୍ଧ । କିଛି ଆର୍ଥିକ ଉପାର୍ଜନ ଯାହା ସୁଜାତାର ଲେଖିକା ଭାବରେ । ଉତ୍ସର୍ଗ କରି ଦେଇଛି ଦୁଃସ୍ଥ, ଦରିଦ୍ର ଓ ଅବହେଳିତ ଶିଶୁ ଓ ମହିଳା କଲ୍ୟାଣ ପାଇଁ । ନିଜ ଇଚ୍ଛାରେ କେତେ ଗରୀବ ନିସହାୟ ଅର୍ଥଗତ କାରଣରୁ ବିଦ୍ୟାଳୟ ଛାଡୁଥିବା ପିଲାଙ୍କ ଘରକୁ ଧାଇଁଯାଏ, ପିଲାଟିର ମୁହଁ ପୁଣି ଫେରାଇଆଣେ ବିଦ୍ୟାଳୟ ଆଡକୁ ।

ତାହାର ଦୁଶ୍ଚିନ୍ତାର କାରଣ ସାଜିଛି ଏବେ ଆନନ୍ଦ ବାରିକଙ୍କର ଜିଦ୍ । କାରୁବାକୀ ଛଦ୍ମନାମରେ ପ୍ରକାଶିତ ସମସ୍ତ ପ୍ରବନ୍ଧ ସଂକଳିତ ହୋଇଛି 'ନାରୀ ଓ ସମାଜ' ପୁସ୍ତକଟିରେ । ସାହିତ୍ୟ ଅକାଦେମି ତରଫରୁ ପୁରସ୍କାର ପାଇଁ ମନୋନୀତ ହୋଇଛି । ପୂର୍ବରୁ ପୁସ୍ତକମେଳାରେ ସର୍ବାଧିକ ବିକ୍ରି ହେଉଥିବା ଅନେକ ପୁସ୍ତକ ରଚିତ ହୋଇଥିଲା ସୁଜାତାଦ୍ୱାରା । 'ଅଭିମାନୀ' ପୁସ୍ତକଟି ଏବେ ବି ବଜାର ମାଡିବସିଛି । ସବୁଥର ସୁଜାତା ପରଦାର ଆଢୁଆଳରେ ରହିପାରିଛି ସେଇ ସବୁଜ ଆସର ଉଦ୍ୟମରେ । ଏଥର ସମସ୍ତେ ଜିଦ୍ ଧରିଛନ୍ତି ସୁଜାତା ଦେବୀ ସମ୍ମାନ ଗ୍ରହଣ କରିବେ ସାହିତ୍ୟ ଅକାଦେମିର ଉତ୍ସବରେ । ସିଏ ବାଧ୍ୟ ହେଉଛି ନିଜେ ମନ୍ତ୍ରୀ ତଥା ମୁଖ୍ୟ ଅତିଥିଙ୍କ ହାତରୁ ମର୍ଯ୍ୟାଦା ନେବ ।

ବୁଦ୍ଧି ହଜି ଗଲା ସୁଜାତାର । କଅଣ କହି ଜଣାଇବେ ସ୍ୱାମୀଙ୍କୁ, ପିଲାମାନଙ୍କୁ ? ବ୍ୟସ୍ତ ଓ ବିବ୍ରତ ସୁଜାତା । କହିବାକୁ ଅକ୍ଷମତା ପ୍ରକାଶ କରୁଛି ସିଏ । ତାହା କି ପରିସ୍ଥିତି ଆଣିବ, ଅଜଣା ଭୟରେ କୁହୁଳିବାକୁ ଲାଗିଲା ସୁଜାତା । ପାଞ୍ଚିଲା, ଝିଅ ହାତରେ ଜଣାଇଦେବ ନରେନ୍‌କୁ । କିନ୍ତୁ ଦୋ ଦୋ ପାଞ୍ଚ ହୋଇ ତା ବି କରିପାରିଲା ନି । ଦିନ ପାଖ ହୋଇ ଆସିଲାଣି ପୁରସ୍କାର ଗ୍ରହଣ ପାଇଁ । ବିତରଣ ପୂର୍ବଦିନ ନିଜର ସମସ୍ତ ସାହିତ୍ୟିକ କୃତିକୁ ନାଲି କପଡାରେ ବାନ୍ଧି ଠାକୁରଘର ସାମନାରେ ରଖି ତା ଉପରେ ଧଳା ଲଫାପାରେ ସ୍ୱାମୀ ଓ ପିଲାମାନଙ୍କପାଇଁ ଚିଠି ଟିଏ ରଖିଦେଲା । ଚିଠିଟିରେ ଲେଖାଥିଲା, "ମୁଁ ତୁମକୁ ଆଜି ପର୍ଯ୍ୟନ୍ତ ଲୁଚାଇ ରଖିଥିଲି ମୋର ଲେଖା ବିଷୟରେ, ସେ ଖବରକାଗଜର କାରୁବାକୀ ଛଦ୍ମନାମଟି ହିଁ ମୋର । ମୁଁ ଭଗବାନଙ୍କ ପାଖରେ ଚିରଋଣୀ, ସେ ମୋତେ ଭଲ ପରିବାର, ବାପା ମାଆ, ସ୍ୱାମୀ ଓ ପୁଅଝିଅ ଦେଇଛନ୍ତି, ମୋର ସମସ୍ତ ସାହିତ୍ୟ କ୍ଷେତ୍ରର କୃତିତ୍ୱରେ ସେମାନଙ୍କର ଦୃଢ ଅବଦାନ ରହିଛି । ମୁଁ ସାଧାରଣ ସ୍ନାତକ ପଢିଛି, ମାତ୍ର ମୋ ରଚିତ ପୁସ୍ତକ ସ୍ନାତକୋତ୍ତର ପାଠ୍ୟକ୍ରମର ଅନ୍ତର୍ଭୁକ୍ତ । ଏଇଟା ଭଗବାନଙ୍କର ମୋ ପ୍ରତି ଆଶୀର୍ବାଦ ବ୍ୟତୀତ ଅନ୍ୟ କିଛି ନୁହେଁ । କାଲି ପୁରସ୍କାର ବିତରଣ ଉତ୍ସବ, ପ୍ରଥମଥର ମୁଁ ମୋର ପରିଚୟ ନେଇ ଲୋକଲୋଚନକୁ ଆସୁଛି । ମୋର ପରିବାର ମୋ ପାଖରେ ଥିଲେ ମୋତେ ବହୁତ ଖୁସୀ ଲାଗିବ । ମୋର ସମସ୍ତ ଦୋଷ ତୃଟିକୁ କ୍ଷମା ଦେବ । ମୁଁ ବାପା ମାଆଙ୍କ ଆଶୀର୍ବାଦ ପାଇଁ ଘରକୁ ଯାଉଛି, କାଲି ଭେଟ ହେବ ।"

ଘରର ଚାବି ପଡୋଶୀ ଘରେ ଦେଇ ସୁଜାତା ବାପଘରକୁ ବାହାରିଲା । ବାପା ମା ଚାଳିଶ କିଲୋମିଟର ହେବ ଦୂରରେ ରହନ୍ତି, ସେମାନେ ଝିଅକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ, ସୁଜାତାଠାରୁ ଶୁଣି ସେମାନଙ୍କର ଚକ୍ଷୁ ଆନନ୍ଦାଶ୍ରୁରେ ଭରିଗଲା । ଅନ୍ୟ ସମ୍ପର୍କୀୟ ମାନେ ଶୁଣିଲେ, ସୁଜାତା ହିଁ କାରୁବାକି, ଏ କଥା ଯେତିକି ଆଚମ୍ବିତ ଲାଗିଲା, ସୁଜାତା ନିଜକୁ ଏତେ ଦିନ ଲୁଚାଇ ନିଜର ପ୍ରତିଭାର ବିକାଶ କରିପାରିଛି ତାହା ସେତିକି ଆନନ୍ଦରେ ଭରିଦେଲା ।

ଘରେ ନରେନ୍ ଅଫିସ୍‌ରୁ ଫେରିଆସି ଚିଠି ପଢିଲେ, ପିଲାମାନେ ବି ଜାଣିଲେ । ସମସ୍ତେ ବହୁତ କାନ୍ଦିଲେ । ସୁଜାତାର କୃତିତ୍ୱପାଇଁ ଯେତିକି ଆନନ୍ଦ ଆସୁଥିଲା, ନରେନ୍ ସୁଜାତାକୁ ଶତ ପ୍ରତିଶତ ଅବହେଳା କରିଥିବାର ପଶ୍ଚାତ୍ତାପ ତାଙ୍କ ମନକୁ ବିଷଣ୍ଣ କରିଦେଲା । ଜୀବନର ଯେଉଁ ସବୁ ରଚିପୂର୍ଣ୍ଣ ମୁହୂର୍ତ୍ତଗୁଡିକୁ ସିଏ ନିଜର ହେୟ ମନୋଭାବରୁ ହରାଇ ସାରିଛନ୍ତି ବୋଲି ଜାଣିଲେ, ସେଥିପାଇଁ ନିଜକୁ କ୍ଷମା କରିପାରିଲେ ନାହିଁ । ସୁଜାତାର ମଧୁର ବ୍ୟବହାର ଓ ବିନା ଅଳିରେ ଅନେକ କିଛି ଆଶା କରୁଥିବା ତା ମୁହଁର ଛବି ନରେନ୍‌କୁ ଯେତିକି ବିଷାଦରେ ଭରିଦେଲା, ନିଜର ଅର୍ଥଲାଳସା, ଅପ୍ରକାଶ୍ୟ ଭାବରେ ଘରକାମ ଓ ପିଲା ମାନଙ୍କର ପାଠପଢାରେ କୌଣସି ନିଷ୍ପତ୍ତି ନେବାରେ ଯେପରି ସୁଜାତାକୁ ଅବହେଳା କରୁଥିଲେ, ସେଥିପାଇଁ ଅନୁତପ୍ତ ହେଲେ । ସତରେ ସିଏ କୌଣସି ଦିନ ସୁଜାତାର ସୁଗୁଣର ପ୍ରଶଂସା କରିନାହାନ୍ତି, ତାର ଦୁଃଖ ବୁଝି ନାହାନ୍ତି, ସିଏ କଅଣ ଚାହୁଁଛି ପଚାରି ନାହାନ୍ତି, କେବଳ ସିଏ ତାଙ୍କ ଘର ସମ୍ଭାଳିବାରେ ଅର୍ଦ୍ଧାଙ୍ଗିନୀ । ତାଙ୍କୁ କୌଣସି ସ୍ୱାଧୀନତା ଦେଇ ନାହାନ୍ତି ନରେନ୍ । ଘର ଚାରିକୋଣ ମଧ୍ୟରେ ଆବଦ୍ଧକରି ନିଜ ବିବାହିତା ସ୍ତ୍ରୀ ଭାବରେ ଯାହା ଭରଣ ପୋଷଣ କରୁଛନ୍ତି । ସେ ଯେ ଏତେ ପ୍ରତିଭାର ଅଧିକାରିଣୀ, ଜାଣି ନ ପାରିବା ତାଙ୍କ ନିଜର ମୂର୍ଖାମି ହିଁ ମୂର୍ଖାମି । ଏହି ଅନୁତାପରେ ନରେନ୍ ଶୋଇପାରିଲେ ନି ରାତିରେ । ପରଦିନ ପିଲାମାନଙ୍କୁ ଧରି ସାହିତ୍ୟ ଅକାଦେମି କାର୍ଯ୍ୟକ୍ରମରେ ଯୋଗଦେଲେ ।

ବହୁ ପରିଚୟ ପରେ ପ୍ରଶଂସାର କରିତାଳି ମଧ୍ୟରେ ସୁଜାତା ନିଜର ସମ୍ମାନ ଗ୍ରହଣ କଲେ, ନିଜେ କହିବାକୁ ଭୁଲିଲେ ନାହିଁ, ତାଙ୍କର ସ୍ୱାମୀ ଓ ପିଲାମାନେ ତାଙ୍କୁ ସାହିତ୍ୟ ସୃଷ୍ଟି କରିବାରେ ଅକୁଣ୍ଠ ସାହାଯ୍ୟ କରିଛନ୍ତି ବୋଲି । ନରେନ୍ କଅଣ ମନରେ ଭାବିଯାଉଥିଲେ, ତା କେହି କଳ୍ପନା କରି ପାରିବେ ନି । ସିଏ ଯଦି ତିଳେମାତ୍ର ସାହାଯ୍ୟ କରିପାରିଥାଆନ୍ତେ, ନିଜକୁ ଦୋଷୀ ଭାବରେ ଚିନ୍ତା ଆସନ୍ତା ନାହିଁ । ପରକ୍ଷଣରେ ଯେତେବେଳେ ଟିଭି ସାକ୍ଷାତକାରରେ ତାଙ୍କୁ ପଦେ କହିବାକୁ ପଡିଛି ସିଏ କହିଛନ୍ତି, "ମୋର ପରିଚୟ ହିଁ ସୁଜାତା, ଦୁନିଆଁକୁ ମଣିଷ ଭାବରେ ଆଖିଖୋଲି ପୁନର୍ବାର ଦେଖିବାର ଆହ୍ୱାନ ଦେଇଛନ୍ତି ସୁଜାତା, ପରିପୂର୍ଣ୍ଣ କରିଦେଇଛନ୍ତି ମୋ ସଂସାର ସୁଜାତା । ମୁଁ ଗର୍ବିତ ସୁଜାତା ଆଜି ପ୍ରମାଣ କରିଦେଇଛନ୍ତି ନାରୀ ପ୍ରତିଭା କେବେ ଘର ଚାରି କୋଣ ମଧ୍ୟରେ ଆବଦ୍ଧ ହୋଇ ରହି ପାରିବ ନାହିଁ । ମୁଁ ଗର୍ବିତ ସୁଜାତା ପାଇଁ, ସୁଜାତାର ସ୍ୱାମୀ କହିବା ମୋର ପରିଚୟ । ଧନ୍ୟବାଦ ।"

ସୁଜାତାର ଆଖି ଛଳଛଳ ହୋଇଗଲା । ସ୍ୱାମୀଙ୍କର ଏହି ଅଭିବ୍ୟକ୍ତିରେ ଆହ୍ଲାଦ ଓ ଆତ୍ମସନ୍ତୋଷ ଲାଭକରୁଥିଲା ସୁଜାତା । ସ୍ୱାମୀଙ୍କୁ ବୁଝାଉଥିଲା– "କ'ଣ ସବୁ ତୁମେ କହି ଯାଉଛ ? ମୁଁ ତୁମର ସେଇ ସୁଜାତା ।"

ଯୁଗ୍ମ ନିର୍ଦ୍ଦେଶିକା ଏବଂ ସହଯୋଗୀ ଅଧ୍ୟାପିକା,
ଶ୍ରୀ ଶ୍ରୀ ବିଶ୍ୱ ବିଦ୍ୟାଳୟ
ମୋ: ୯୪୩୭୯୬୫୩୯୪

*(ବିଜୟିନୀ ମାଡାମ୍ ତାଙ୍କପାଇଁ ଏକ ପ୍ରେରଣାର ଉତ୍ସ । ସବୁବେଳେ ମାଡାମ୍ ମନେପଡନ୍ତି ଏବଂ ସେପରି ଜଣେ ପଥ ପ୍ରଦର୍ଶକ ପାଇ ସେ ଭଗବାନଙ୍କ ନିକଟରେ ଋଣୀ । ଏହି ଗଳ୍ପଟି ମାଡାମ୍‌ଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମର୍ପିତ)*



# ଜନନୀ

**ଉଦ୍ଧବ ଚରଣ ନାୟକ**

"ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରିୟସୀ"
"A mother is a mother still the holiest thing alive."
(The Three Grave)

ପୃଥିବୀରେ ପୁଣି ଜନନୀ କାହାର ନାହିଁ ? ପଶୁ, ପକ୍ଷୀ, କୀଟ, ପତଙ୍ଗ, ତରୁଲତା ଓ ମଣିଷ ସମସ୍ତଙ୍କର ମା' ଅଛି । ସମସ୍ତେ ଜନ୍ମଗ୍ରହଣ କରନ୍ତି ମାତୃଗର୍ଭରୁ । ସନ୍ତାନଟିଏ ପାଇଁ ଜନନୀଠାରେ ଉଦ୍‌ବେଗ ଦେଖାଦିଏ ଗର୍ଭସଂଞ୍ଚାର ପୂର୍ବରୁ । ଜ୍ଞାନଶୀଳ ପିତାମାତା ସୁସନ୍ତାନଟିଏ ପ୍ରାପ୍ତି ପାଇଁ କଠୋର ନିୟମ ମାନି ଚଳନ୍ତି । ତାହା ସେମାନଙ୍କ ପାଇଁ "କାମାର୍ଥେ କ୍ରିୟତେ ଭାର୍ଯ୍ୟା" ନ ହୋଇ "ପୁତ୍ରାର୍ଥେ କ୍ରିୟତେ ଭାର୍ଯ୍ୟା" ହୋଇଥାଏ । ନାରୀର ଗର୍ଭସଂଞ୍ଚାର ହେଲେ ସେ ଦେଖିବାକୁ ପାଏ ଶାଶୂ, ଶ୍ୱଶୁର, ନଣନ୍ଦ, ଭାଉଜ ପ୍ରଭୃତିଙ୍କର ଆନନ୍ଦପୂର୍ଣ୍ଣ ମୁଖମଣ୍ଡଳ । ଏହା ଦେଖି ତା' ମନରେ ଆସେ ଅଫୁରନ୍ତ ଆନନ୍ଦ ସେ ମା' ହେବାକୁ ଯାଉଛି ବୋଲି ।

ଗର୍ଭାବସ୍ଥାରେ ମା' ବିଭିନ୍ନ ନିୟମ ପାଳନ କରିଥାଏ । କ'ଣ ଖାଇବାକୁ ହେବ– କ'ଣ ଖାଇବାକୁ ହେବ ନାହିଁ ଏକଥା ସେ ଶାଶୂ ଓ ଯା'ମାନଙ୍କଠାରୁ ଜାଣିବାକୁ ପାଏ । ତା'ର ସନ୍ତାନଟି କିପରି ସୁଖରେ ପ୍ରସବ ହେବ, ଦୀର୍ଘାୟୁ ସନ୍ତାନ ସେ ଜନ୍ମକରିବ ଏଥିପାଇଁ ସେ ଠାକୁର ଠାକୁରାଣୀଙ୍କ ପାଖରେ ବ୍ରତ ରଖେ । ଏ ହେଉଛି ଭାରତୀୟ ଜନନୀ । ଯେ କି ସନ୍ତାନ ପୃଥିବୀକୁ ଆସିବାପୂର୍ବରୁ ତା'ର ଦାୟିତ୍ୱ ବହନ କରିଥାଏ ଆପେ ଆପେ । ମା'ର ଉଦ୍‌ବେଗ ବଢ଼ିଥାଏ ତା'ର ଗର୍ଭସ୍ଥ ସନ୍ତାନ ପାଇଁ । ରସ୍କିନ ଯଥାର୍ଥରେ କହିଛନ୍ତି– "Mother's heart is always with her children" ସବୁବେଳେ ମା' ମନରେ ଉଦ୍‌ବେଗ ଗର୍ଭରେ ସନ୍ତାନ ଥିବାଯାଏ । ମନରେ ଅନେକ ଆଶଙ୍କା ମୋ ପିଲାର କିଛି ଅନିଷ୍ଟ ହେବନାହିଁ ତ ? ଦଶମାସ ଗର୍ଭ ସମୟ ମା'କୁ ପ୍ରତ୍ୟେକ ଗୋଟିଏ ଗୋଟିଏ ଯୁଗପରି ଲାଗେ ।

ପ୍ରସବ ଯନ୍ତ୍ରଣା ଆରମ୍ଭ ହୁଏ– ଏ ଯନ୍ତ୍ରଣା ବଡ଼ କଷ୍ଟଦାୟକ ଜନନୀ ପାଇଁ । ଅନ୍ୟମାନଙ୍କ ପାଇଁ ଏହା କେବଳ ସହାନୁଭୂତି ପ୍ରଦର୍ଶକ ମାତ୍ର । ସନ୍ତାନଟିଏ ସୁଖରେ ଧରାଧାମକୁ ଆସିଗଲେ ମା'ମନ ଆନନ୍ଦରେ ଫାଟିପଡ଼େ । ଏହାପରେ ପ୍ରତ୍ୟେକ କ୍ଷଣ, ପ୍ରତ୍ୟେକ ମୁହୂର୍ତ୍ତକୁ ସେ ତାର ସନ୍ତାନପାଇଁ ଅଜାଡ଼ିଦିଏ । ଶିଶୁ କାନ୍ଦିଲେ ମା' ଅସହାୟ ହୋଇପଡ଼େ । ଶିଶୁ ଆଣ୍ଠେଇଲେ, ଗୁରୁଣ୍ଡିଲେ ମା' ଆନନ୍ଦିତ ହୁଏ । ପିଲାଟି ହସଖୁସିରେ ଖେଳେ, ନାଚେ କୁଦେ । ଯେତେବେଳେ ମା'କ୍ଷୀର ଖାଇବା ପାଇଁ କାନ୍ଦି କାନ୍ଦି ଆସି ମା' ପାଖରେ ପହଞ୍ଚେ– ମା' ମନରେ ସେତେବେଳେ କି ଆନନ୍ଦ ! ! ଶିଶୁଟିକୁ ମା' ଖୁଆଇ ଦେବାବେଳେ ସେ ଅଝଟ କଲେ, "ଆ ଜହ୍ନମାମୁ ଶରଗ ଶଶି...ମୋ କାହ୍ନୁ ହାତରେ ପଡ଼ରେ ଖସି" ଗୀତ ଗାଇ ଗାଇ ତାକୁ ଖୁଆଇଦିଏ । ଶିଶୁଟି ନ ଖାଇଲେ ମା'ତାକୁ ଭୟ ଦେଖାଏ; "ହେଇ ବାଇଆ ଆସିଲାଣି... ତୋତେ ତାକୁ ଦେଇଦେବି" । ଏହି ଡରାଇବା ଭିତରେ ମା' ମନରେ ପୂରି ରହିଥାଏ ଅନାବିଳ ସ୍ନେହ, ଅଫୁରନ୍ତ ଆନନ୍ଦ । କାରଣ ତାର ସନ୍ତାନ ଯେମିତି ହେଲେ ଖାଇ ପିଇ ଆନନ୍ଦରେ ରହୁ । ସନ୍ତାନ ଖେଳିସାରି ଘରକୁ ଫେରୁ । ମା' ତା ବାଟକୁ ଅନେଇ ବସିଥାଏ । ମା' ଯେତେ ପରିଷ୍କାର ଲୁଗା ପିନ୍ଧିଥାଉ ପଛେ ତାକୁ କୋଳେଇ କାଖେଇ ତା' ଦେହରୁ ସେହି ପଣତ କାନିରେ ଧୂଳି ଝାଡ଼ିଦିଏ ।

ମା' ହୃଦୟରେ କ'ଣ ଅଛି ଅଭିଶାପ ? ନା ଭରି ରହିଛି ଆଶୀର୍ବାଦ ! ସେ ଅଧୀରା ନୁହେଁ – ସହିଷ୍ଣୁ । ତେଣୁ ତାକୁ କୁହାଯାଏ ପୃଥିବୀଠାରୁ ବଡ଼ । ପିଲାକୁ ତା'ର ପାଞ୍ଚବର୍ଷ ପୂରିଲେ, ସେ ତାକୁ ସ୍କୁଲକୁ ପଠାଏ । ପିଲାର ମଙ୍ଗଳ କାମନା କରି ମା ସଦା ବ୍ରତ, ଓଷା, ପୂଜା ପାଠ କରେ । ଶିକ୍ଷା ସମାପ୍ତି ପରେ ମା' ଠାକୁରଙ୍କ ପାଦତଳେ ଶରଣ ପଶେ ମୋ' ପିଲା କେମିତି ଭଲ ଚାକିରି କରି ଆନନ୍ଦରେ ରହୁ । ଭଲ ମଣିଷ ହେଉ । ପିଲାଟି ବିଦ୍ୟାସମାପନ ପରେ କାମିନୀ କାଞ୍ଚନ ଘେନି ସଂସାର କ୍ଷେତ୍ରରେ ଆବଦ୍ଧ ହୁଏ । କେତେକ ବ୍ୟକ୍ତି କାମିନୀ କାମନାରେ ମୁଗ୍ଧହୋଇ ମାତାଙ୍କ ପ୍ରତି ଅବିଚାର କରନ୍ତି । ଅତ୍ୟାଚାର ଆରମ୍ଭ କରିଦିଅନ୍ତି । ହେଲେ ମା' ଆନନ୍ଦ ମନରେ ପୁତ୍ରର ଅତ୍ୟାଚାରକୁ ସହିଯାଏ । ବରଂ ପୁତ୍ରର କେମିତି ଅମଙ୍ଗଳ ନ ହେଉ ସେକଥା ସେ ବିଶ୍ୱବିହାରୀଙ୍କ ନିକଟରେ ପ୍ରାର୍ଥନା କରେ । ମା' କହେ ମୋର ପଇସା କଉଡ଼ି ଦରକାର ନାହିଁ । ସେ ଯେଉଁଠାରେ ଅଛି ସୁଖରେ ଥାଉ । ଶାନ୍ତିରେ ରହୁ । ମା'ମଙ୍ଗଳା ତାକୁ ଘଣ୍ଟ ଘୋଡ଼େଇ ରଖିଥାଆନ୍ତୁ ।

ଅନ୍ୟପକ୍ଷରେ ଆଉ ଗୋଟିଏ କଥା ଦେଖାଯାଏ । ଏହା ଏକ ଅଦ୍ଭୁତ କଥା । ଅନେକ ଏପରି ଘଟଣା ଆଖି ଆଗରେ ଦେଖିଛନ୍ତି । ପୁତ୍ର ବାହା ନହେବାଯାଏ ମା' ଆଖିକୁ ନିଦ ଆସେନାହିଁ । ପୁତ୍ର ବିବାହ ପାଇଁ ଅନିଚ୍ଛା ପ୍ରକାଶ କଲେ ମା' ଜୀବନ ବିସର୍ଜନ କରିବା ପାଇଁ ମଧ୍ୟପଛାଏ ନାହିଁ । ପୁତ୍ରର ବିବାହ ପାଇଁ ଯେଉଁ ମାତା ଅଡ଼ି ବସେ, ସେହି ମାତା ପୁତ୍ରର ବିବାହ ପରେ ଶାଶୂ ବୋହୂ କଳିର ପ୍ରଧାନ ଅଭିନେତ୍ରୀ ସାଜେ । ଏକଥା ବହୁ ସ୍ଥାନରେ ଆମେ ଦେଖିବାକୁ ପାଏଁ । ଏପରିକି ଅନେକ ନବବିବାହିତା ମହିଳା ଏଥିପାଇଁ ଆତ୍ମହତ୍ୟା କରିବା ପାଇଁ ପଛଘୁଞ୍ଚା ଦିଅନ୍ତି ନାହିଁ । ଏପରି କାଣ୍ଡ ଘଟେ କେବଳ ଗରିବ, ନିମ୍ନ ମଧ୍ୟବିତ୍ତ ବା ଉଚ୍ଚମଧ୍ୟବିତ୍ତ ପରିବାରରେ ନୁହେଁ– ଏପରି କାଣ୍ଡ ଘଟେ ବହୁତ ପ୍ରତିଷ୍ଠିତ ପ୍ରଭାବଶାଳୀ ତଥା ତଥାକଥିତ ଉଚ୍ଚଶିକ୍ଷିତ ପରିବାରରେ । ଏପରି ସମାଜରେ ଉଚ୍ଚ ପ୍ରତିଷ୍ଠା ଲାଭ କରିଥିବା ଶାଶୂର ଇଙ୍ଗିତରେ ବୋହୂକୁ ହତ୍ୟା କରିବାର ଘଟଣା ଦେଖିବାକୁ ବିରଳ ନୁହେଁ । ଏହାର କାରଣ ଖୋଜିବସିଲେ ସହଜରେ ମିଳିଯାଏ । କେଉଁଠି ଯୌତୁକପିଶାଚୀ ଶାଶୂ ଯୋଗୁ ଏପରି ଘଟିଥାଏ ।

ଆଉ ଗୋଟିଏ କଥା ହେଲା– ଯେଉଁ ମାତା ଏତେଦିନଯାଏ ନିଜ ସ୍ନେହର ପ୍ରତିଦାନ ପୁତ୍ର ନିକଟରୁ ନପାଇ ମଧ୍ୟସନ୍ତୁଷ୍ଟ ଥିଲେ । କିନ୍ତୁ ଏବେ ସେ ଏକ ନବାଗତ ବାଳିକା ପ୍ରତି ପୁତ୍ରର ମମତା ଦେଖି ଅସହିଷ୍ଣୁ ହୋଇପଡ଼ନ୍ତି । ଈର୍ଷାନ୍ଧ ହୋଇ ଉଠନ୍ତି । ମନରେ ଭାବନ୍ତି କାଲି ସକାଳୁ ପର ଘରର ଗୋଟିଏ ଝିଅ ଆସି ମୋ' ପୁଅର ଏତେ ଆପଣାର ହୋଇଗଲା ! ଆମେ ତାକୁ ଦେହର ରକ୍ତ ଦେଇ ପାଳନ ପୋଷଣ କରି ପର ହୋଇଗଲୁ । ଦୋଷ ମୋ ପୁଅର ନୁହେଁ । ଦୋଷ ଏ ବୋହୂର ନିଶ୍ଚୟ । ସେ ବୋହୂ ଏଥିପାଇଁ ଦାୟୀ । କାରଣ ସେହି ବାଳିକାର ବୁଦ୍ଧିରେ ପରିଚାଳିତ ହୋଇ ମୋ ପୁତ୍ର ମୋ ପ୍ରତି ଉଦାସୀନ । ଦୋଷ ପୁତ୍ରର ନୁହେଁ । ଏଥିପାଇଁ ବୋହୂ ନିଶ୍ଚିତ ଦୋଷୀ । ତା'ରି ଶିକ୍ଷାରେ ପରିଚାଳିତ ହୋଇ ଆଜି ମୋ ପୁତ୍ର ମୋ ପ୍ରତି ଉଦାସୀନ ହୋଇଯାଇଛି । ଏଇଠି ଏପରି ଭାବିବା ବା ଏପରି ଚିନ୍ତାଧାରା ପୋଷଣ କରିବା କେବଳ କୁ-ମାତାର, ସୁ-ମାତାର ନୁହେଁ । ସୁମାତା ଏପରି ସ୍ଥଳେ ଭାବେ ବୋହୂ ମୋ' ପାଇଁ ପର ନୁହେଁ । ପୁତ୍ର ମୋର ଆପଣାର ହେଲେ ବୋହୂ ବି ମୋ ପାଇଁ ଆପଣାର । କେବଳ ବିଶ୍ୱବିଦ୍ୟାଳୟର ଡିଗ୍ରୀ ଲାଭ କରିଥିବା ମାତା ଯେ ସୁମାତା ହୋଇପାରିବ ଏହା ଠିକ୍ ନୁହେଁ । ସେଥିପାଇଁ ଗୃହଶିକ୍ଷା ନିହାତି ଦରକାର । ଗାଁ ଗହଳିରେ ଗୋଟିଏ କଥା ପ୍ରଚଳିତ ଅଛି– "ତାଙ୍କ ଘରର ଶିକ୍ଷା ଦୀକ୍ଷା ଯାହା ସେପରି ସେ କାମ କରିବ" ଅର୍ଥାତ୍; ଘରେ କ'ଣ ସ୍କୁଲ୍ କଲେଜ ନା ବିଶ୍ୱବିଦ୍ୟାଳୟ ଅଛି । ଘରେ ଅଛି ଚାଲିଚଳଣ, ଆଚାର ବିଚାର, ସଣ୍ଣା । ମୁଁ ଗୋଟିଏ କଥା ମୋ ଆଖିରେ ମୋ ଗାଁରେ ଦେଖିଛି । ଜଣେ ମଧ୍ୟବିତ୍ତ ପରିବାରର ବ୍ୟକ୍ତି ତାଙ୍କର କିରାଣୀ ପୁଅ ପାଇଁ ଜଣେ ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀଙ୍କ ଘରୁ ଝିଅଟିଏ ଆଣିଲେ । ପୁଅର ମା' ନିରକ୍ଷର । ହେଲେ ଅଚାର ବିଚାରରେ ବହୁ ଉଚ୍ଚରେ । ସେହି ବୋହୂଟି ଭଲ ପଡ଼ିଲା ନାହିଁ । ହେଲେ ସେହି କିରାଣୀ ମା' ଶାଶୂ ବୋହୂକୁ କଅଁଳେଇ ସାଉଁଳେଇ ବହୁତ ବୁଝାସୁଝା କରନ୍ତି । କହନ୍ତି ତୁ ଯାହା କଲେବି ମୋର ବୋହୂ । ମୋର ପାଞ୍ଚଟା ଝିଅ ଅଛନ୍ତି । ତୋ ଦୁର୍ଗୁଣ ମୁଁ ବାହାରେ ଗାଇଲେ, ତୋ ସହିତ କଳି କଲେ ମୋ ଝିଅମାନେ ପରଘରେ ହଇରାଣ ଭୋଗିବେ । ଉଧାରକୁ ବଦଳ । ତୁ ଯାହା କଲେବି ମୋ ଘରର ଲକ୍ଷ୍ମୀ, ମୋ ଘରର କୁଳବଧୂ । ତୋ ବାପାକୁ ପୁଅଟିଏ ଦେଇ ମୁଁ ଝିଅଟିଏ ପାଇଛି । ତୁ ଏମିତି ହେଲେ ଚଳିବ ମା' । ସତରେ ସେହି ବୋହୂ ଶାଶୂର ବ୍ୟବହାରରେ ପୂରା ବଦଳିଗଲା । ବଡ଼ ଘରର ଅହଂ ଅପ୍ରକାଶିତ କଲାନି । ଏ ହେଉଛି ସୁମାତା । ଆଉ କେତେଜଣ ଶାଶୂ ବା ପୁଅର ମା' ଅଛନ୍ତି ସେମାନେ ଅର୍ଥସର୍ବସ୍ୱ । ସେମାନଙ୍କର ଝିଅ ନଥାନ୍ତି । ସେମାନେ କେଉଁଠୁ ବୁଝିବେ ମା'ଝିଅର ସଂପର୍କ କଣ ? ଏଣୁ ସେମାନେ କହନ୍ତି ବୋହୂ ଚାକିରି କରିନଥିଲା । ମୋ ପୁଅକୁ ହାତ ମୁଠାରେ ରଖି ସାରିଲାଣି । ଭାବି ପୁଅ ବୋହୂ ଭିତରେ ଅମେଳ ସୃଷ୍ଟି କରନ୍ତି । ପୁଅ ବୋହୂକୁ ଦେଖିଲେ କେମିତି ଚିଡ଼ିଚିଡ଼ା ହେବା ସେଥିପାଇଁ ଚୁପଚାପ୍ ରଂଜକ ଖଞ୍ଜି ଦିଅନ୍ତି । ମଜ୍ଜା ଦେଖନ୍ତି । ବୋହୂ କାନ୍ଦୁଥାଏ । ଶାଶୂ ମଜା ଦେଖୁଥାଏ । ପୁଅକୁ ହସ ଖୁସି ଆନନ୍ଦ ଓ ବୋହୂର ପ୍ରେମରୁ ବଂଚିତ କରି ମା' ବାହାବା ମାରୁଥାଏ । ମୁଁ ଯାହା କହିବି ମୋ ପୁଅ ମୋ କଥା ନିଶ୍ଚେ ମାନିବ । ଏପରି ଅହେତୁକ ସ୍ନେହ ପୁଅକୁ, ପୁଅର ଦାମ୍ପତ୍ୟ ଜୀବନକୁ ଚୁରମାର୍ କରି ଦଅନ୍ତି । ଶେଷରେ ବୋହୂ କେଉଁଠି ଆତ୍ମହତ୍ୟା କରେ ତ, ଚିରଦିନ ପାଇଁ ବାପାଘରେ ଆସି ରହେ । ଏମାନେ କି ପ୍ରକାର ମାତା । ଏମାନେ କୁମାତା... ।

ମା' ବା ଜନନୀକୁ କୁହାଯାଏ ପିଲାର ପ୍ରଥମ ଶିକ୍ଷୟିତ୍ରୀ । "A mother's face is the child's first book." ମା'ର ସ୍ୱର୍ଗୀୟ ସୁଖକୁ ଆମେ ଶିଶୁ ବେଳରୁ ଅନେଇବାରେ ଅଭ୍ୟସ୍ତ । ତା ପାଟିରୁ ଯାହା ବାହାରେ ହେବା ଆମ ପାଇଁ ଅମୃତତୁଲ୍ୟ । ଜନନୀ ତାର ଶିଶୁକୁ ମାନବୋଚିତ ଶିକ୍ଷା ପ୍ରଦାନ କରିଥାଏ । ମାତା ଆମର ଆଦିଗୁରୁ । ଅନେକ ଗୁରୁଙ୍କ ମଧ୍ୟରୁ ସେ ଶ୍ରେଷ୍ଠତମା । ଏଇ ତାର ବାପା ବୋଲି ସେ ଚିହ୍ନାଇ ନଦେଲେ ଆମେ ବାପା ବୋଲି ଚିହ୍ନେ ନାହିଁ କି ବାପା ବୋଲି ଡାକେ ନାହିଁ । ମା'ର କଥା ବେଦର ଗାର । ମା' ସମ୍ପର୍କରେ ବିଶିଷ୍ଟ ଚିତ୍ରକର ବେନ୍ ୱେଷ୍ଟ୍ (Ben West) କହନ୍ତି– "Kiss from my mother made me a painter." ମା'ଙ୍କ ଚୁମ୍ବନ ମୋତେ ଚିତ୍ରକରରେ ପରିଣତ କରିଛି ।

ନାରୀଜାତିର ଶିକ୍ଷାରେ ଉନ୍ନତି ଘଟିଲେ ଆମେ ସୁମାତା ପାଇପାରିବା । ଜନନୀ ମାତ୍ରେ ହିଁ ସନ୍ତାନର ମଙ୍ଗଳକାରିଣୀ ଏଥିରେ ସନ୍ଦେହ ନାହିଁ । ହେଲେ ଯେଉଁ ମାତାଙ୍କ ପାଖରେ ହିତାହିତ ଜ୍ଞାନ ବିଦ୍ୟମାନ ତାଙ୍କୁ ହିଁ ସୁମାତା ବୋଲି କୁହାଯାଏ । ସୁମାତାର କର୍ତ୍ତବ୍ୟ କ'ଣ ? ପ୍ରଥମ କଥା ହେଲା ମାତାର ସନ୍ତାନର ଲାଳନପାଳନ ବିଷୟରେ ଧାରଣା ଥିବା ଆବଶ୍ୟକ । ସାହିତ୍ୟ, ଗଣିତ ଓ ପୁରାଣ ଶାସ୍ତ୍ରରେ ଟିକିଏ ଧାରଣା ରହିବା ଦରକାର । ରାମାୟଣ ମହାଭାରତର ପ୍ରମୁଖ ଚରିତ୍ର ସଂପର୍କରେ ସମ୍ୟକ୍ ଧାରଣା ରହିବା ବିଧେୟ । ଦ୍ୱିତୀୟରେ– ମାତା

ପିଲାମାନଙ୍କୁ ଭୂତ, ପ୍ରେତ, ଡାଆଣୀ ଚିରଗୁଣୀ କଥା କହି ଭୟଭୀତ କରାଇବ ନାହିଁ । ସାହସିକ କଥା କହି ପିଲା ମନରେ ସାହସ ସଂଚାର କରିବ । ନିଜର ସନ୍ତାନ କାହା ସହିତ କାଳିଗୋଳ କଲେ ନିଜ ସନ୍ତାନର ଦୋଷ ଦେଖି ତାକୁ ସେହି ପ୍ରକାରରେ ସଂଶୋଧନ କରିବ । ସନ୍ତାନକୁ ଧୀର ନମ୍ର ଭାବରେ ଶାସନ କରିବ । ଚତୁର୍ଥରେ ପାଠ ପଢ଼ାରେ ମନ ଦେଉନଥିବା ସନ୍ତାନକୁ ଭୟ ପ୍ରଦର୍ଶନ କି ମାଡ଼ ମାରି ପଠନ ନିମନ୍ତେ କହିବା ପରିବର୍ତ୍ତେ ପ୍ରୋତ୍ସାହନ ଭଙ୍ଗୀରେ ତାକୁ ପାଠରେ ମାନ ଦେବାକୁ ପ୍ରଭାବିତ କରିବ । ଯେମିତି ମନଦେଇ ପାଠ ପଢ଼ିଲେ ତୋତେ ଅମୁକ ଆଣିଦେବି, ତୋ ପାଇଁ ଏଇଆ କରିଦେବି ଇତ୍ୟାଦି । ପଞ୍ଚମରେ ମାତା ନିଜ ସନ୍ତାନ ନିକଟରେ କେବେହେଲେ କାହାରି ନିନ୍ଦା କରିବେ ନାହିଁ । ମିଥ୍ୟା କଥା କହିବେ ନାହିଁ । ମାତା ସର୍ବଦା ଆଦର୍ଶ ଚରିତ୍ରର ହେବା ଦରକାର ।

ଷଷ୍ଠରେ- ପୁତ୍ର ବିବାହ କରି ସାରିବାପରେ ପୁତ୍ର-ପୁତ୍ରବଧୂ ଓ ତାଙ୍କର ଅନ୍ୟାନ୍ୟ ନୂଆ ବନ୍ଧୁବାନ୍ଧବମାନଙ୍କ ପ୍ରତି ମାତା ସାବଧାନତାର ବିଚକ୍ଷଣ ଭାବରେ ବ୍ୟବହାର କରିବା ଉଚିତ । ଦେଶ କାଳ ପରିବର୍ତ୍ତନ ପରିପ୍ରେକ୍ଷୀରେ ନିଜର ଆଚାର ବ୍ୟବହାରକୁ ପରିବର୍ତ୍ତନ କରିବାହେବେ । ପୁତ୍ରବଧୂ ଆଗରେ ପୁତ୍ରକୁ ବା ପୁତ୍ର ସମ୍ମୁଖରେ ପୁତ୍ରବଧୂକୁ ଗାଳିମନ୍ଦ ଆଦୌ କରିବେ ନାହିଁ । ଯାହାରି ଭୁଲ୍ ଦେଖିଲେ ଏକାନ୍ତ ଭାବରେ ଗୋପନତା ସହକାରେ ସେମାନଙ୍କ ବ୍ୟକ୍ତିଗତ ଭାବରେ ଡାକି ବୁଝାଇ ଦେବା ସୁମାତାର ପରମ କର୍ତ୍ତବ୍ୟ ।

ଶେଷରେ ଗୃହଟି ଗୋଟିଏ କ୍ଷୁଦ୍ରରାଜ୍ୟ । ମା ହେଉଛି ରାଜ୍ୟର ରାଣୀ ବା ଉଚ୍ଚ ଶାସନ କର୍ତ୍ତ୍ରୀ । ଏଣୁ ରାଜ୍ୟ ଶାସନରେ ଯେପରି ସାମ, ଦାନ, ଦଣ୍ଡ, ଭେଦ ଓ ଉପେକ୍ଷା ନୀତି ବ୍ୟବହାର କରାଯାଏ ଠିକ୍ ସେହିପରି ଏହି ନୀତି ଅବଲମ୍ବନ କରିବା ଦରକାର । ଯେପରି ଭେଦ ଓ ଦଣ୍ଡନୀତି ଥିଲା ବା ଆଦୌ ପ୍ରୟୋଗ କରାନଯାଏ ସେଥିପ୍ରତି ଦୃଷ୍ଟି ଦେବେ । ସାମ, ଦାନ ଓ ଉପେକ୍ଷାନୀତି ଯେତେ ଅଧିକ ବ୍ୟବହାର କରେ ମଙ୍ଗଳଦାୟକ ହେବ ।

ଦୁନିଆରେ କୁମାତା ବି ଅଛନ୍ତି ? ଶଂକରଙ୍କ ମତରେ- "କୁପୁତ୍ରୋ ଜାୟେତ, କ୍ୱଚିଦପି କୁମାତା ନ ଭବତି" ଅର୍ଥାତ୍; କୁପୁତ୍ର ଦେଖାଯାଆନ୍ତି କିନ୍ତୁ କୁମାତା କଦାପି ଦେଖାଯାଆନ୍ତି ନାହିଁ । ଏହା ସତ୍ୟ ହେଲେବି ପୂରାପୂରି ସତ୍ୟ ହୋଇନପାରେ । ଆମେ ଗୋଟିଏ କଥା ଲକ୍ଷ୍ୟ କରିବା, କରିଛେ ମଧ୍ୟ- ଅନେକ ସମୟରେ ମା' ନିଜର ପୁତ୍ରକୁ ବିଦ୍ୟାଧ୍ୟୟନ ନିମନ୍ତେ ପାଖଛଡ଼ା କରିବାକୁ କୁଣ୍ଠିତ ହୁଏ । ପୁଅ ବରଂ ମୂର୍ଖ ହେଉ- ହିଡ଼ମାଟି ହିଡ଼ରେ ଦେଇ ସେ ପାଖରେ ଥାଉ । ଏହା ହେଉଛି ପୁତ୍ରମୋହ । ମୋହବଶତଃ ମା'ମାନେ ଏପରି କରିଥାଆନ୍ତି ସିନା, ଏହା ହେଲା ମା'ଙ୍କର ଭୟ । ପିଲାକୁ କାନ୍ଦିବାବେଳେ ଭୂତପ୍ରେତ କଥା କହି, ନାନା ଭୟ ଦେଖାଇ ତାକୁ ଚପେଇ ଦେଲେ ସେ ପୁତ୍ର ଭବିଷ୍ୟତରେ କାପୁରୁଷ ପରି କାର୍ଯ୍ୟ କରେ । ଦୁଃସାହସିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରେ ନାହିଁ ଇତ୍ୟାଦି... । ଏଣୁ ଏସବୁ ହେଲା ମା'ର ଦୁର୍ଗୁଣ । ଏଣୁ ମା' ତ ସ୍ନେହଦାୟୀ ନିଶ୍ଚୟ । କିନ୍ତୁ ସୁମାତା ହୋଇପାରେ ନାହିଁ । ଆମେ ଜାଣୁ ମା' କଦାପି କୁମାତା ହୋଇପାରିବ ନାହିଁ । ସର୍ବଦା ସେ ତାର ସନ୍ତାନ ପ୍ରତି ଅନାବିଳ ସ୍ନେହ ଅଜାଡ଼ି ଦେଇ ରଖିଥାଏ । ଆମର ଗୋଟିଏ କଥା ପ୍ରଚଳିତ ଅଛି ।

"ପିତା ମାତା ସୁକଲ୍ୟାଣେ ପୁତ୍ର ହୁଏ ସୁଖୀ
ସୁପୁତ୍ର ହୋଇଲେ ସିନା କୁଳ ଧର୍ମ ରଖି ।"

ହେଲେ ଆମେ କେଉଁ ପ୍ରକାର ପୁତ୍ରକୁ ସୁପୁତ୍ର ବୋଲି କହିବା ? ଯେଉଁ ପୁତ୍ର ଆପଣାର ସୁକର୍ତ୍ତବ୍ୟ ଦ୍ୱାରା ପିତାମାତାଙ୍କର ସନ୍ତୋଷବିଧାନ କରେ, ପିତାମାତା ଓ ମାତୃଭୂମିକୁ ଗୌରବାନ୍ୱିତ କରେ, ଯାହାର ଜୀବନ ଲୋକକଲ୍ୟାଣ ପାଇଁ ଉତ୍ସର୍ଗୀକୃତ ସେହି ଏକା ସୁପୁତ୍ର ।

ପିତାମାତାଙ୍କୁ ଦେବଦେବୀ ଭାବରେ ପ୍ରୀତି, ଶ୍ରଦ୍ଧା ଓ ଭକ୍ତି କରିବା ହେଲା ପୁତ୍ରର ପ୍ରଥମ କର୍ତ୍ତବ୍ୟ । ମାଙ୍କ ପ୍ରତି ଯେଉଁ ପୁତ୍ର ବିରାଗଭାବ ପ୍ରଦର୍ଶନ କରେ ସେ ଅନ୍ୟ କାହାଦ୍ୱାରା ଅନୁରାଗଭାଜନ ହୋଇପାରେ । ସେ ହି ନରାଧମ । ଦ୍ୱିତୀୟତଃ ଏ ପୃଥିବୀରେ ମା'ଠାରୁ ମଙ୍ଗଳାକାଂକ୍ଷୀ କେହି ନାହାନ୍ତି । ଯେକୌଣସି କାର୍ଯ୍ୟ କରିବା ପୂର୍ବରୁ ମା'ଙ୍କର ଅନୁମୋଦନ ଗ୍ରହଣ କରିବା ଉଚିତ । ତୃତୀୟତଃ ପୁତ୍ର ବିବାହ କରିସାରିବା ପରେ ଖୁବ୍ ସାବଧାନତା ସହକାରେ ମା'ଙ୍କ ପ୍ରତି ବ୍ୟବହାର କରିବା ଉଚିତ । ନିଜ ସ୍ତ୍ରୀକୁ ଖୁବ୍ ଭଲପାଉଥିଲେ ବି ତାହା ମା'ଙ୍କ ପାଖରେ ପଚାରିବା ପୂର୍ବରୁ ପ୍ରକାଶ କରିବ ନାହିଁ କି ସ୍ତ୍ରୀର ପକ୍ଷଧରି ମା'ଙ୍କ ସହିତ କୌଣସି ପ୍ରକାର ଯୁକ୍ତିତର୍କ ଅବା ଆଲୋଚନା କରିବ ନାହିଁ । ଚତୁର୍ଥତଃ ପିତାମାତା ଯେତିକି ବୃଦ୍ଧାବସ୍ଥା ଆଡ଼କୁ ଗତି କରୁଥିବେ ସେମାନଙ୍କୁ ସେତିକି ଅଧିକ ସୁଖ ସ୍ୱାଚ୍ଛନ୍ଦ୍ୟରେ ରଖିବା ପାଇଁ ଉଦ୍ୟମ ଅବ୍ୟାହତ ରଖିବା ଉଚିତ । ବିଧବା ମାତାକୁ ଏପରି ବ୍ୟବହାର ଦେଖାଇବ, ଯେପରି ସେ ତାଙ୍କ ମୃତ ପତିଙ୍କର ଅନୁଶୋଚନାରେ ଦୁଃଖିତ ହେବାକୁ ପଡ଼ିବ ନାହିଁ । ପାଣ୍ଡବମାନେ ସୁପୁତ୍ର ବୋଲି ଭାରତ ପ୍ରସିଦ୍ଧ । ବନବାସ କାଳରେ ସେମାନେ ମାତାଙ୍କୁ ଛାଡି ରହିନାହାନ୍ତି । ଚାଲି ଚାଲି ମା'ଙ୍କର ପାଦରେ କଷ୍ଟ ଦେଖାଦେବାବେଳେ ପାଣ୍ଡବମାନେ ତାଙ୍କୁ କାନ୍ଧରେ ବସାଇ ନେବା ଆଣିବା କରୁଥିଲେ । ଅର୍ଜୁନ ଲାଖ ବିନ୍ଧି ଦ୍ରୌପଦୀଙ୍କୁ ପ୍ରାପ୍ତ ହେଲେ । ପାଞ୍ଚଭାଇ ଯାକ ମା'ଙ୍କ ଆଦେଶରେ ଦ୍ରୌପଦୀଙ୍କୁ ପତ୍ନୀ ରୂପରେ ଗ୍ରହଣ କଲେ । ଧାର୍ମିକ ଯୁଧିଷ୍ଠିର ମଧ୍ୟ ମାତୃ ଆଦେଶର ନ୍ୟାୟ ଅନ୍ୟାୟ ବିଚାର ନକରି ମା'ଙ୍କର ଏହି ଆଦେଶକୁ ସାଦରେ ଗ୍ରହଣ କରିନେଇଥିଲେ । ଅର୍ଜୁନ ଏକାକୀ ଦ୍ରୌପଦୀଙ୍କର ପାଣିଗ୍ରହଣ କରିଥିଲେ ଅନ୍ୟ ଚାରିଭାଇ ଆଦୌ ଅସନ୍ତୋଷ ପ୍ରକାଶ କରିନଥାନ୍ତେ । ହେଲେ ମାତୃବାକ୍ୟ ପାଳନ କରି ପାଞ୍ଚଭାଇ ଯାକ ମା'ଙ୍କ ଆଦେଶକୁ ସ୍ୱୀକାର କରିନେଇଥିଲେ । ଏହାହିଁ ପ୍ରକୃତ ମାତୃଭକ୍ତି । ଶ୍ରବଣକୁମାରଙ୍କ ମାତୃପିତୃ ଭକ୍ତି କଥା କ'ଣ କାହାକୁ ଅଜଣା ?

ଶ୍ରୀମଦ୍ ଶଙ୍କରାଚାର୍ଯ୍ୟ ସନ୍ନ୍ୟାସୀ ବ୍ରତ ଗ୍ରହଣ ନିମନ୍ତେ ମା'ଙ୍କର ଅନୁମତିକୁ ଅପେକ୍ଷା କରି ରହିଥିଲେ । ମା'ଙ୍କର ଆଦେଶ ପାଇବା ମାତ୍ରେ ସେ ସନ୍ନ୍ୟାସୀ ହୋଇ ଗୃହ ତ୍ୟାଗ କରିଥିଲେ । ଚୈତନ୍ୟଦେବଙ୍କ ଜୀବନରେ ମଧ୍ୟସେଇ କଥା । ସେ କୌଣସି ମତେ ମାତା ଶଚୀଦେବୀଙ୍କଠାରୁ ସନ୍ନ୍ୟାସୀ ଧର୍ମ ପାଇଁ ଆଦେଶପ୍ରାପ୍ତ ହୋଇଥିଲେ । ସେ ନୀଳାଚଳବାସୀ ଥିବା କାଳରେ ପ୍ରତ୍ୟେକ ବର୍ଷ ନିଜର କୁଶଳ ସମ୍ବାଦ ସହିତ ଜନନୀଙ୍କ ପାଖକୁ ଜଣେ ଶିଷ୍ୟକୁ ପଠାଇଥିଲେ । ସେ ତାଙ୍କର ଭକ୍ତ ଓ ଶିଷ୍ୟମାନଙ୍କ ଗହଣରେ ଥିବାବେଳେ ପ୍ରକାଶ କରୁଥିଲେ- ମୁଁ ନିଷ୍ଠୁର ସନ୍ନ୍ୟାସ ଜୀବନ ଧାରଣ କରିବା ପରେ ମୋର ପୂଜନୀୟା ମା'ଙ୍କ ଶ୍ରୀଚରଣ ତଳେ ବସି ପେଟପୂରାଇ ତାଙ୍କର ସେବା କରିପାରିଲି ନାହିଁ । ଶ୍ରୀରାମକୃଷ୍ଣ ମା'ଙ୍କ ସେବା ପାଇଁ ସର୍ବଦା ବ୍ୟାକୁଳ ଥିଲେ । ଭକ୍ତମାନଙ୍କ ଗହଣରେ ଉନ୍ମତ୍ତ ଥିବାବେଳେ ଦକ୍ଷିଣେଶ୍ୱରଠାରେ ଗୋଟିଏ ଗୃହରେ ମା'ଙ୍କୁ ଆଣି ରଖିଥିଲେ । ସେ ଭାବୁଥିଲେ କାଳେ ମା'ଙ୍କ ମନରେ ଦୁଃଖ ହେବ, ତାଙ୍କୁ ଛାଡ଼ି ମୁଁ ମୋର ଭକ୍ତମାନଙ୍କ ଗହଣରେ ସଦା ଉନ୍ମତ୍ତ ହୋଇ ରହିଛି ବୋଲି । ପ୍ରତିଦିନ ସେ ଦୁଇଓଳି ମା'ଙ୍କ ପାଖକୁ ଯାଇ ତାଙ୍କ ପଦରଜ ମସ୍ତକରେ ଧାରଣ କରି ମଧୁର ଓ ଭକ୍ତିଭରା ଆଳାପ କରୁଥିଲେ ।

ଆମ ଓଡ଼ିଶାର ଭକ୍ତକବି ରାୟ ବାହାଦୂର ମଧୁସୂଦନ ରାଓଙ୍କ ମାତୃଭକ୍ତିକଥା ମଧ୍ୟଏଠାରେ ଉଲ୍ଲେଖଯୋଗ୍ୟ । ଅବଶ୍ୟ ମଧୁସୂଦନ ରାଓ ବାଲ୍ୟକାଳରୁ ପାଞ୍ଚବର୍ଷ ବୟସରୁ ମାତୃହରା ହୋଇଥିଲେ । ହେଲେବି ମାତୃକୋଳ ସନ୍ତାନ ନିମନ୍ତେ କିପରି ନିରାପଦ ଓ ପ୍ରେମମୟ ସେକଥା ସେ ସ୍ୱରଚିତ କବିତାରେ ଅତ୍ୟନ୍ତ ଆବେଗ ସହକାରେ ବ୍ୟକ୍ତ କରିଛନ୍ତି-

"ମାତାର ଅମୃତବକ୍ଷ ସ୍ୱର୍ଗସୁଖ ଜିଣି ହେ,
ଅତି ସୁଖମୟ
କାହିଁ ପଟାନ୍ତର ତାର ରାଜ୍ୟବିଭବ କି ଛାର
କାହିଁ ଆଉ ସନ୍ତାନର ସେପରି ଆଶ୍ରୟ ହେ,
ସେପରି ଆଶ୍ରୟ... ।"

ଆଉ ଗୋଟିଏ କଥା ଆମେମାନେ ମନେପକାଇବା । ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ମା'ଙ୍କର ଆଦର୍ଶ ଓ ପୁତ୍ରସ୍ନେହ । ସେହିପରି ମା'ଙ୍କଠାରୁ ମଧୁବାବୁ ନୈତିକ ଶିକ୍ଷା ଲାଭ କରିଥିବା କେତୋଟି ଶିକ୍ଷଣୀୟ କଥା । ମଧୁବାବୁଙ୍କ ମା' ଥିଲେ ଜଣେ ଉଦାର ହୃଦୟା ନାରୀ । ତାଙ୍କର ନାମ ପାର୍ବତୀ ଦେବୀ । ସେ ଥିଲେ ଅତ୍ୟନ୍ତ ଦୟାବତୀ ମହିଳା । ସେତେବେଳେ ଓକିଲାତି କରି ମଧୁସୂଦନ ଯେଉଁ କେତେ ଟଙ୍କା ମା'ଙ୍କ ହାତରେ ଦେଉଥିଲେ, ମା' ସେଇଟାକୁ ଦୁଃଖୀ ରଙ୍କିଙ୍କ ମଧ୍ୟରେ ବାଣ୍ଟି ଦେଉଥିଲେ । ସେ ପୁତ୍ର ମଧୁସୂଦନକୁ ଗୋଟିଏ କଥା ଶିଖାଇଥିଲେ- "ଆଲୋ ସଖୀ ! ଆପଣା ମହତ ଆପେ ରଖି ।" ମାଆଙ୍କର ଏହି ଉକ୍ତିଟି ମଧୁସୂଦନଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା । ମା' ପାର୍ବତୀ ଦେବୀ ପୁତ୍ରକୁ ମଧ୍ୟଆଉଗୋଟିଏ ଉପଦେଶ ଦେଇଥିଲେ- "ସମସ୍ତଙ୍କ ପଛରେ ରହି ନିଜ କାର୍ଯ୍ୟ କରିବୁ ।" ପୁଣି ସେହି ମାତା ମଧୁସୂଦନଙ୍କୁ ଶିଖାଇଥିଲେ- "ଉଚ୍ଚପଦସ୍ଥ ଲୋକଙ୍କ ସହ ମିଶି ସମ୍ମାନ ପାଇବା ପାଇଁ ଚେଷ୍ଟା କରିବ ନାହିଁ । ଗୋଲାପ ଗଛରିପାଖର ଘାସ ଗୋଲାପ ଫୁଲର ସୁବାସ କିମ୍ବା ରଙ୍ଗ ପାଏ ନାହିଁ ।" ଆଉ ଗୋଟିଏ ମଧୁବାବୁଙ୍କ ବାଲ୍ୟଜୀବନର କଥା ଏଠାରେ ଉଲ୍ଲେଖଯୋଗ୍ୟ :

"ଦିନକର କଥା ମଧୁବାବୁ କୌଣସି କାରଣରୁ ରାଗିକରି ଖାଇବି ନାହିଁ ବୋଲି ମା'ଙ୍କୁ ମନା କରିଦେଲେ । ମା' ପୁଅର କଥା ଶୁଣି ଆଉ ବାଧ ନକରି ଶୋଇପଡ଼ିଲେ । ରାତିରେ ମଧୁବାବୁଙ୍କୁ ଭୀଷଣ ଭୋକ ହେଲା । ସେ ମା'ଙ୍କୁ ଉଠାଇ ଖାଇବାକୁ ମାଗିଲେ । ମା' ଧୀର ଗମ୍ଭୀର ସ୍ୱରରେ କହିଲେ- ତୁ ପରା କହିଛୁ ଆଜି ଖାଇବୁ ନାହିଁ, ତୋ କଥା ତୁ ରଖିବୁ ନା ନାହିଁ ।" ମଧୁସୂଦନ ମା'ଙ୍କର କୋମଳ ଭାଷାର କଠୋର ଆଦେଶ ଶୁଣି ସୁନାପିଲାପରି ତୁନି ହୋଇ ଶୋଇପଡ଼ିଲେ । ମଧୁସୂଦନ ଦାସ ଖ୍ରୀଷ୍ଟିୟାନ୍ ହୋଇଯିବା ପରେ ଗାଁକୁ ଯିବାବେଳେ, ମା' ତାଙ୍କର ଖାଇବା ପିଇବା ତତ୍ତ୍ୱ ନେଉଥିଲେ । ସେ ଗାଁ ବାହାରେ ଗୋଟିଏ କୋଠା ତିଆରି କରି ସେଠାରେ ଗାଁକୁ ଯିବା ସମୟରେ ରହୁଥିଲେ । ମଧୁସୂଦନ ମନ୍ତ୍ରୀ ଥିବାବେଳେ (ବିହାର ଓଡ଼ିଶାର) ମଧ୍ୟାହ୍ନ ଭୋଜନ ଓ ରାତ୍ରୀଭୋଜନ ପାଇଁ ତାଙ୍କୁ ଡକାଗଲେ ସେ ମନା କରୁଥିଲେ । ୧୯୨୧ ମସିହା ଫେବୃୟାରୀ ୬ ତାରିଖରେ ସେ ଏ ସମ୍ପର୍କରେ ଲେଖିଥିଲେ-

"Personally I don't put any value to the invitation to dinner or other functions. From an early age I was taught by my dear mother not to seek honour by means of association with men of higher stations of life. The grass around the rose does not acquire either the sweet scent or the colour of the flower.

କାବ୍ୟମାନଙ୍କରେ ପାଇଥିବା ମା'ଙ୍କର ଉପଦେଶକୁ ସବୁବେଳେ ସେ ମନେରଖି କାର୍ଯ୍ୟ କରୁଥିଲେ ଓ ମା'ଙ୍କର ଉପଦେଶ ବାକ୍ୟକୁ ଉଦାହରଣ ପ୍ରଦାନ କରି ଚଳୁଥିଲେ । ଆଃ, କି ମାତୃଭକ୍ତି ! ଏମାନେ ହିଁ ସୁପୁତ୍ର । ପିତାଙ୍କର ମୃତ୍ୟୁପରେ ମଧୁବାବୁ ତାଙ୍କର ମା' ପାର୍ବତୀ ଦେବୀଙ୍କୁ କଟକ ଆଣି ଆସିଥିଲେ । ହେଲେ ନିଜ ଘରକୁ ନୁହେଁ । କାରଣ ସେ ତ ଖ୍ରୀଷ୍ଟିୟାନ, ମା' କଣ ତାଙ୍କ ଘରେ ରହିବେ ? ପାର୍ବତୀ ଦେବୀ ଥିଲେ ରାଧାକୃଷ୍ଣଙ୍କର ଉପାସିକା । ଧର୍ମପ୍ରାଣା ମହିଳା । ମଧୁବାବୁ କଟକ ସହର ମହାନଦୀ କୂଳରେ ବକ୍ସିବଜାର ପାଖରେ ଗୋଟିଏ ସୁନ୍ଦର ମଠ ରାଧାକୃଷ୍ଣଙ୍କ ମନ୍ଦିର ଥାଇ ମନ୍ଦିରଟି ନିର୍ମାଣ କରିଥିଲେ । ସେଠାରେ ସେ ମା' ପାର୍ବତୀ ଦେବୀଙ୍କୁ ରଖାଇଲେ । ତାଙ୍କ ସହ ମଧ୍ୟ ଅନ୍ୟ ମହିଳା ମାନେ ରହିଲେ । ମଧୁବାବୁ ପ୍ରତ୍ୟହ ମା'ଙ୍କୁ ଏଠାରେ ଦର୍ଶନ କରି ପ୍ରଣାମ ଜଣାଉଥିଲେ । ଏହି ଜାଗା 'ମାତାମଠ' ନାମରେ ଆଜି ପରିଚିତ ।

ଓଡ଼ିଶାର ଆଉଜଣେ ମାତୃଭକ୍ତ ହେଲେ ନେତାଜୀ ସୁଭାଷଚନ୍ଦ୍ର ବୋଷ । ଯିଏକି ଆମ କଟକ ସହରରେ ଏକ ଆଭିଜାତ୍ୟପୂର୍ଣ୍ଣ ବଙ୍ଗୀୟ

ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ମାତୃଭକ୍ତି ଓ ମାତୃପ୍ରେମ ଘଟଣା ମଧ୍ୟଏଠାରେ ଉଲ୍ଲେଖଯୋଗ୍ୟ ।

ନେତାଜୀ ସେତେବେଳେ ଥାଆନ୍ତି ଜର୍ମାନୀରେ । ଭାରତରେ ଇଂରେଜମାନେ ସୁଦୃଢ଼ । ଇଂରେଜ ସରକାରଙ୍କର ନେତାଜୀଙ୍କ ବଡ଼ ଭୟ । ଫଳରେ ଇଂରେଜ ସରକାର ବାରମ୍ବାର ମିଥ୍ୟା ଖବର ପ୍ରଚାର କରୁଥାଆନ୍ତି- "ନେତାଜୀଙ୍କର ଦେହାନ୍ତ ହୋଇଯାଇଛି । ନେତାଜୀ ଏହି ଖବର ଶୁଣୁଥାଆନ୍ତି ହେଲେ ତାଙ୍କର କୌଣସି ପ୍ରତିକ୍ରିୟା ନଥାଏ । ନିଜର ମୃତ୍ୟୁ ଖବର ଶୁଣି ସେ ବଡ଼ ଗମ୍ଭୀର ଆଉ ଉଦାସ । ଆଉ ଦିନେ ଏହି ଖବର ବି ନେତାଜୀ ହଠାତ୍ ରେଡିଓରୁ ଶୁଣିଲେ । ହେଲେ ଏ କ'ଣ ? ଏଥର ଏ ଖବର ଶୁଣିବା ମାତ୍ରକେ ତାଙ୍କ ଆଖିରୁ ଥପ୍ ଥପ୍ ହୋଇ ଲୁହ ବୋହିପଡ଼ିଲା । ସେ ଜୋର୍‌ରେ କାନ୍ଦି ଉଠିଲେ । ତାଙ୍କର ସହକର୍ମୀମାନେ ଏକଥା ଜାଣିଲେ । ସେମାନେ ନେତାଜୀଙ୍କୁ ବୁଝାଇଲେ- ଏହି ଖବର ଶୁଣି ଆପଣ ଭାଙ୍ଗିପଡ଼ନ୍ତୁ ନାହିଁ । ଆପଣ ଜାଣିଛନ୍ତି ନା ନାହିଁ, ଆମ ଭାରତରେ ଗୋଟିଏ ପ୍ରବାଦ ପ୍ରଚଳିତ ଅଛି । ଜୀଇଁଥିବା ଲୋକର ମରିବା ଖବର ପ୍ରଚାରିତ ହେଲେ ତା'ର ଆୟୁଷ ବଢ଼ିଯାଏ ବୋଲି । ନେତାଜୀ ଆଖିରୁ ଲୁହ ଲୁହ ପୋଛି କହିଲେ, "ହଁ ଭାଇମାନେ ! ଏକଥା ମୁଁ ଭଲଭାବରେ ଜାଣେ ।" ଏମିତି ଖବର ହଜାରବାର ପ୍ରଚାର ହେଲେ ସେଥିପ୍ରତି ମୋର ଖାତିର ନାହିଁ । ହେଲେ ଗୋଟିଏ କଥା ପାଇଁ ମୋ ମନ ଦୁଃଖ । ସାଙ୍ଗମାନେ ପଚାରିଲେ ସେଇଟା କ'ଣ ? ନେତାଜୀ କିଛି ସମୟ ଗୁମ୍ ମାରି ବସିପଡ଼ିଲେ । ତା'ପରେ ରୁଦ୍ଧ କଣ୍ଠରେ କହିଲେ, ମୋତେ ଦୁଃଖ ଲାଗୁଛି ଯେ, ମୋ ମା' ଯେତେବେଳେ ଏଇ ଖବରଟି ଶୁଣିବେ, "ତାଙ୍କର ପୁଅ ଏହି ଇହଜଗତରେ ନାହିଁ ବୋଲି... ତେବେ ତାଙ୍କ ହୃଦୟଟା କ'ଣ ହେବ ? ଏତିକି କହୁ କହୁ ନେତାଜୀଙ୍କ ମୁହଁରୁ ଆଉ ଦୁଇଟୋପା ଲୁହ ବୋହିପଡ଼ିଲା... ଏ ହେଉଛି ମାତୃପ୍ରେମ । ଏ ହେଉଛନ୍ତି ଜଣେ ସୁପୁତ୍ର ।

ସୁମାତା, କୁମାତା ଓ ସୁପୁତ୍ର ପରି ସଂସାରରେ କୁପୁତ୍ର ବି ଅଛନ୍ତି । ଯେଉଁ ପୁତ୍ର ମାତାପିତାଙ୍କର ଇଚ୍ଛାନୁରୂପରେ କାର୍ଯ୍ୟ ନକରି ନିଜଇଚ୍ଛାରେ ନାନା କାର୍ଯ୍ୟ କରି ଦୁର୍ନାମ ଅର୍ଜନ କରେ, ଫଳରେ ସମାଜରେ ଅମଙ୍ଗଳ ସାଧିତ ହୁଏ ସେହି ପୁତ୍ରକୁ କୁହାଯାଏ କୁପୁତ୍ର । କେତେକ ପୁତ୍ର ଇଂରାଜୀ ଶିକ୍ଷା ପ୍ରାପ୍ତ ହେବାପରେ ବା ଉଚ୍ଚଶିକ୍ଷିତ ହେବାପରେ ଆପଣାର ମା'କୁ ତୁଚ୍ଛ ବା ହେୟ ଜ୍ଞାନକରେ, ସେ ବ୍ୟକ୍ତି ନିଶ୍ଚିତ କୁପୁତ୍ର ଭାବରେ ଗଣ୍ୟ । ଆଉ ଗୋଟିଏ କଥାହେଲା ବିବାହ ପରେ ଯେଉଁ ପୁତ୍ର ନିଜର ପ୍ରାଣପ୍ରିୟା ସୁନ୍ଦର ଯୁବତୀ ସ୍ତ୍ରୀର ମୁଖଦର୍ଶନ ନକରି ମା'ଙ୍କ ସହ ଦ୍ରୋହ ଆଚରଣ କରନ୍ତି, ଏପରିକି ମାତୃସଙ୍ଗ ତ୍ୟାଗକରି ଅଲଗା ରହନ୍ତି- ସେମାନେ ମଧ୍ୟ କୁପୁତ୍ରରେ ଗଣା । ପୁରାଣରେ ପରଶୁରାମଙ୍କ କଥା ରହିଛି । ଅନେକ ପରଶୁରାମଙ୍କୁ ମାତୃଦ୍ରୋହୀ ବୋଲି କହିଥାଆନ୍ତି । କାରଣ ପରଶୁରାମ ମାତୃହତ୍ୟା କରିଥିଲେ । ଏହି ଉପାଖ୍ୟାନଟି ଶ୍ରବଣ କରିବାପରେ ଆମେ ଚିନ୍ତାକରିବା ପ୍ରକୃତରେ ପରଶୁରାମ କ'ଣ ମାତୃଦ୍ରୋହୀ ଥିଲେ ?

ପରଶୁରାମଙ୍କ ମା' ରେଣୁକାଦେବୀ । ପିତାଙ୍କ ନାମ ଜମଦଗ୍ନି । ନିଜେ ରେଣୁକା ସ୍ନାନପାଇଁ ଯାଇଥିଲେ ନଦୀକୁ । ସେଠାରେ ସେ ଦେଖିବାକୁ ପାଇଲେ ରାଜା ଚିତ୍ରରଥ ମହିଷୀଙ୍କ ସହ ଜଳକେଳି କରୁଛନ୍ତି । ଏ ଦୃଶ୍ୟ ଦେଖି ରେଣୁକା କାମାର୍ତ୍ତ ହୋଇଉଠିଲେ । କାମ ବଶରେ ଜର୍ଜରିତା ହୋଇ ସେ ଆଶ୍ରମକୁ ପ୍ରତ୍ୟାବର୍ତ୍ତନ କଲେ । ଜମଦଗ୍ନିଙ୍କ ଆଶ୍ରମର ପରିବେଶ ପୂରାପୂରି ପବିତ୍ର । ସେଠାରେ ବାସ କରୁଥିବା ଲୋକମାନଙ୍କ ଦେହରୁ ସଦା ପବିତ୍ର ତେଜ ନିର୍ଗତ ହୁଏ । କିନ୍ତୁ କାମାଦଗ୍ଧା ରେଣୁକା ହୋଇପଡ଼ିଥାନ୍ତି ଶୂନ୍ୟ ଓ ନିଷ୍ପ୍ରଭ । ଜମଦଗ୍ନି ସମସ୍ତ ଘଟଣା ନିମିଷକ ମଧ୍ୟରେ ଜାଣିପାରିଲେ । ସେ ନିଜର ଏହି ବ୍ୟଭିଚାରିଣୀ ସ୍ତ୍ରୀର ମୁଖ ନଚାହିଁବା ପାଇଁ ଇଚ୍ଛା କଲେ । ତାଙ୍କର ପାଞ୍ଚପୁତ୍ର । ସେଠାରେ ଉପସ୍ଥିତ ଥିଲେ ଚାରିପୁତ୍ର । ସେମାନେ ହେଲେ, ରୁମଣ୍ୱାନ, ସୁଷେଣ, ବସୁ ଓ ବିଶ୍ୱାବସୁ । ଋଷି ଜମଦଗ୍ନି ଏହି ପୁତ୍ରମାନଙ୍କୁ ଆଦେଶ ଦେଲେ ଏହିପରି ମା'ଙ୍କୁ ହତ୍ୟା କରିବା ପାଇଁ । ହେଲେ କୌଣସି ପୁତ୍ର ରାଜି ହେଲେ ନାହିଁ । ପିତାଙ୍କ ଆଦେଶ ଅବମାନନା କରିବାରୁ ଋଷି ଜମଦଗ୍ନି ସେମାନଙ୍କୁ ଅଭିଶାପ ଦେଲେ । ଅଭିଶାପ ବଳରେ ଏହି ଚାରିପୁତ୍ର ଜଡ଼ ପାଲଟି ଗଲେ ।

ଜଗଦଗ୍ନିଙ୍କର ସାନ ପୁଅ ପରଶୁରାମ । ସେ କୌଣସି କାରଣରୁ ଅନ୍ୟ କାର୍ଯ୍ୟପାଇଁ ବାହାରକୁ ଯାଇଥିଲେ । ଏହି ସମୟରେ ପରଶୁରାମ ସେଠାରେ ଆସି ପହଞ୍ଚିଲେ । ଏବେ ପଡ଼ିଲା ପରଶୁରାମଙ୍କ ପାଳି । ପିତା ଜମଦଗ୍ନି ମାତୃହତ୍ୟା କରିବା ପାଇଁ ନିର୍ଦ୍ଦେଶ ଦେବାରୁ ପରଶୁରାମ ତତ୍‌କ୍ଷଣାତ୍ ପାଳନ କଲେ । ପୁତ୍ର ଆଦେଶ ପାଳନ କରିଥିବାରୁ ଋଷି ଜମଦଗ୍ନି ବର ଦେବାପାଇଁ ପ୍ରତିଜ୍ଞା କଲେ । ପରଶୁରାମ କହିଲେ, "ବାପା ! ଯଦି ବର ଦେବାକୁ ଇଚ୍ଛା କରୁଛନ୍ତି ତେବେ ମୋତେ ଏହିବର ଦିଅନ୍ତୁ ମୋର ଜନନୀ ଯେପରି ଶୀଘ୍ର ପୁନର୍ଜୀବନ ଲାଭ କରିବେ । ଆଉ ମୁଁ ଯେ ତାଙ୍କୁ ହତ୍ୟା କରିଥିଲି ସବୁଦିନ ପାଇଁ ତାଙ୍କ ସ୍ମୃତିପଥରୁ ଅନ୍ତର୍ନିହିତ ହୋଇଯିବ । ମୋତେ ମାତୃହତ୍ୟା ଦୋଷ ଲାଗିବ ନାହିଁ । ଆଉ ଜଡ଼ ହୋଇ ରହିଥିବା ମୋର ଭ୍ରାତାଗଣ ଚେତନା ଲାଭ କରିବେ । ପିତା ଜମଦଗ୍ନି 'ତଥାସ୍ତୁ' ବୋଲି କହିଦେବା ଫଳରେ ପରଶୁରାମ ତାଙ୍କର ସମସ୍ତ ବରର ଫଳମାନ ପ୍ରାପ୍ତ ହୋଇଗଲେ । ଏଠାରେ ଋଷି ଜମଦଗ୍ନିଙ୍କର ସମସ୍ତପୁତ୍ର ମାତୃଭକ୍ତ । ପ୍ରଥମ ଚାରିଜଣ ମାତୃ ହତ୍ୟାପାଇଁ ମନା କରିବା ଦ୍ୱାରା ସେମାନଙ୍କର ମାତୃଭକ୍ତି ଦୃଢ଼ତର ହେଇଛି । ପରଶୁରାମ ମାତୃ ହତ୍ୟାକରି ପିତୃଦତ୍ତ ବର ଦ୍ୱାରା ମା'ଙ୍କୁ ପୁନର୍ବାର ବଞ୍ଚାଇଲେ । ଏହା ମଧ୍ୟତାଙ୍କ ମାତୃଭକ୍ତିର ପରାକାଷ୍ଠା ପ୍ରଦର୍ଶନ କଲେ ।

ମାତା ଗୃହରେ ମୁଖ୍ୟ ତଥା କେନ୍ଦ୍ର ସ୍ୱରୂପା । ଯେଉଁ ଘରେ ମା' ଗୃହରେ କେନ୍ଦ୍ର ସେହିଠାରେ ଶାନ୍ତି ଚିରକାଳ ବିଦ୍ୟମାନ କରେ । ପୁଅ, ଝିଅ, ବୋହୂ, ନାତି, ନାତୁଣୀ ଆଦି ଗୃହର ସମସ୍ତ ସଦସ୍ୟ ସେହି ଗୃହ ଲକ୍ଷ୍ମୀ ମା'ଙ୍କର ଅନୁଗତ ହେଲେ ସେ ଘର ସ୍ୱର୍ଗ ରୂପରେ ବିରାଜିତ ହୁଏ । ପରସ୍ପର ମଧ୍ୟରେ ସ୍ନେହ, ଶ୍ରଦ୍ଧା ବୃଦ୍ଧି ଘଟେ । କବି ଯଥାର୍ଥରେ କହିଛନ୍ତି-

"ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର,
ବୈକୁଣ୍ଠ ସମାନ ଆହା ଅଟେ ସେହି ଘର ।"

ଏ. ବି. ଆଲକଟ୍ ଯଥାର୍ଥରେ କହିଛନ୍ତି- "Where there is a mother in the home matters speed well." ଅର୍ଥାତ୍ ଯେଉଁ ଗୃହରେ ଜନନୀ ବିଦ୍ୟମାନ ସେଠାରେ ସମସ୍ତ ବିଷୟ ସୁରୁରୁ ରୂପେ ସମ୍ପନ୍ନ ହୁଏ । ଏହା ହିଁ ମାତୃଭକ୍ତିର ପୁରସ୍କାର । ସମସ୍ତେ ଜାଣିପାରିବେ ଆଉ ବୁଝିପାରିବେ ମାତୃଭକ୍ତିର ପୁରସ୍କାର ଓ ମାତୃନିଗ୍ରହର ତିରସ୍କାର ହାତେ ହାତେ ମିଳିଯାଏ । ସୁତରାଂ ଜଗଜ୍ଜନନୀଙ୍କ ଆବିର୍ଭାବ ଓ ତାଙ୍କ ପ୍ରତି ପ୍ରୀତି, ସ୍ନେହ, ଶ୍ରଦ୍ଧା ଓ ଭକ୍ତି ସମ୍ପନ୍ନ ହେବା ସମସ୍ତଙ୍କର ଆନନ୍ଦପୂର୍ଣ୍ଣ କର୍ତ୍ତବ୍ୟ ହେବା ଉଚିତ ।

ଏହି ଲେଖାଟି ଶେଷ କରିବାବେଳେ ମୋର ଏତିକି ମନେପଡୁଛି- ମୁଁ ୧୯୬୦ ମସିହାରେ ହାଇସ୍କୁଲ୍‌ର ଛାତ୍ର ଥିବାବେଳେ ମୋର ସାନ ତୃତୀୟ ଭଉଣୀଟି ପଢୁଥିଲା ୩ୟ ଶ୍ରେଣୀରେ । ତାର ପଢ଼ା ବହିରେ 'ମା' ବୋଲି ଗୋଟିଏ ପଦ୍ୟ ରହିଥିଲା । ତାର ପ୍ରଥମ ପଦଟି ହେଲା-

"ମା' ବୋଲି ଯେଉଁ ନାଆଁଟି କିଏ ବାଛିଲା ସତେ
ତାକୁ ବଳି ଆଉ ମଧୁର କିଛି ନ ଲାଗେ ମୋତେ ।"

ଏଣୁ ମା' ହିଁ ମା' ତାର ବିକଳ୍ପ ନାହିଁ ।

ମା' ନାହିଁ ଯାହାର,
ସାହା ନାହିଁ ତାହାର ।

ଇ-୧୯୨, ବରମୁଣ୍ଡା ହାଉସିଂବୋର୍ଡ଼ କଲୋନୀ
ଭୁବନେଶ୍ୱର-୭୫୧୦୦୩
ମୋ: ୯୪୩୮୨୯୯୧୭୪

✠✠✠✠



# ତଲ୍ଲୀନତା:  ବୟସାତୀତ ଯୌବନ

*ଫକୀର ମୋହନ ସାହୁ*

"ମୋର ମନ ଇତସ୍ତତଃ  ହୋଇ ଏ ଦିଗ ସେ ଦିଗକୁ ଦୌଡୁନାହିଁ । ମୋ ମନରେ ଅନ୍ୟ କିଛି ଭାବନା ନାହିଁ । ମୁଁ ଯାହା କରୁଛି ସେଥିରେ ପୂର୍ଣ୍ଣଭାବରେ ନିମଜ୍ଜିତ । ମୋର ଶରୀରରେ ଅପୂର୍ବ ପୁଲକ । ବାହାରର ଶବ୍ଦ କିଛି ଶୁଣାଯାଉ ନାହିଁ । ସମଗ୍ର ବିଶ୍ୱ ମୋ ଠାରୁ ବିଚ୍ଛିନ୍ନ ହୋଇଗଲା ପରି ଲାଗୁଛି ।"

ଉପର ଉଦ୍ଧୃତିରେ ବର୍ଣ୍ଣନା କରାଯାଇଥିବା ଅନୁଭୂତି ଆପଣ ଅନୁଭବ କରୁଛନ୍ତି କି ? ଅନୁଭବ କରୁଥିଲେ, କେତେଥର ଏଭଳି ଶାରୀରିକ ଅନୁଭୂତି ପାଇଛନ୍ତି ?କଅଣ ଏପରି ଇନ୍ଦ୍ରିୟାନୁଭୂତିର ସୂତ୍ରପାତ କରିଛି ? କେତେ କାଳଧରି ଏପରି ସମୟର କରଗତ ହୋଇଛନ୍ତି ? କେଉଁ ଘଟଣାରେ ଆପଣ ସ୍ୱାଭାବିକ ଅବସ୍ଥାକୁ ଫେରି ଆସିଛନ୍ତି ?

ବର୍ଣ୍ଣନା କରାଯାଉଥିବା ମାନସିକ ସ୍ଥିତିକୁ ତଲ୍ଲୀନତା କୁହାଯାଏ । ଏପରି ମାନସିକତାରେ ତନ୍ମୟଭାବ ବା ନିମଜ୍ଜିତ ରହିବାର ଭାବ ପ୍ରତିଫଳିତ । କହିବା ଅନାବଶ୍ୟକ ଯେ, ତଲ୍ଲୀନତା ହିଁ ଆନନ୍ଦାନୁଭୂତିର ରାଜମାର୍ଗ ।

ଆନନ୍ଦାନୁଭୂତି ଏକ ସହଜ କଥା ନୁହେଁ, ଏହା ଗୋଟିଏ ପ୍ରଜାପତି । ତାକୁ ଧରିବାକୁ ଚେଷ୍ଟାକଲେ ସିଏ ଉଡିଯିବ । ସ୍ଥିର ଓ ଅବିଚଳିତ ରହନ୍ତୁ, ସେ ହୁଏତ ପାଖ ଗଛବୁଦାରେ ବସି ଆପଣଙ୍କୁ ବିମୋହିତ କରିବ । ସେଥିପାଇଁ ଅନେକ ବିଶେଷଜ୍ଞ ଆନନ୍ଦର ଅନ୍ୱେଷଣ ପ୍ରକ୍ରିୟାକୁ ତୃଟିପୂର୍ଣ୍ଣ ବୋଲି ବିବେଚନା କରନ୍ତି ।

ଆନନ୍ଦାନୁଭୂତିର ସ୍ୱଷ୍ଟ ପରିପ୍ରକାଶ ହେଉଛି ତଲ୍ଲୀନତା । ଏହା ବୟସ ଉପରେ ନିର୍ଭର କରେ ନି । କିଶୋର ବା ଯୌବନକାଳରେ ଏହାର ଅନୁଭବ ଯେପରି ସମ୍ଭବପର, ବାର୍ଦ୍ଧକ୍ୟରେ ମଧ୍ୟ ସେପରି ସହଜ । ଯୌବନରେ ଯେଉଁ ଉଦ୍ଦାମତା ଥାଏ, ଉତ୍ସୁକତା ଥାଏ, ମଗ୍ନ ହୋଇଯିବାର ଦୁର୍ବାର ଉପାଦାନ ଥାଏ, ପୂର୍ବ ଓ ପର ବୟସରେ ସେପରି ଅନୁଭୂତିର ସମ୍ଭାବନାକୁ ଅସମ୍ଭବ ବୋଲି କୁହାଯାଇ ନ ପାରେ । କେବଳ ବୟସର ଉର୍ଦ୍ଧ୍ୱରେ ମନୁଷ୍ୟ ନିମଗ୍ନତାର ବଶବର୍ତ୍ତୀ ହୋଇପାରେ ।

ସେହିପରି କୌଣସି ଏକ ପେଶା ଅବା ବୃତ୍ତି ତଲ୍ଲୀନତାର ନିର୍ଦ୍ଧାରକ ହୋଇ ନ ପାରେ । ଜଣେ ଦିନ ମଜୁରିଆ ବି ଏହାର ଅନୁଭବ ପାଇପାରେ । ଲେଖକ, ଶିଳ୍ପୀ, ଚିତ୍ରକର, ସ୍ଥପତି, ପର୍ବତାରୋହୀ, ଚେସ୍ ଖେଳାଳୀ ତଥା ଯେ କୌଣସି ବ୍ୟବସାୟର ଅଧିକାରୀ ଏପରି ଅନୁଭବ ପାଆନ୍ତି । ଏହାର କାରଣ ଓ ଉତ୍ସ ସମ୍ପର୍କରେ ସୂଚନା ଦେବା ପୂର୍ବରୁ ଏହାର ସ୍ୱରୂପ ଜାଣିବାକୁ ହେବ । ତଲ୍ଲୀନତାର ସୂଚକ ଗୁଡିକୁ ଚିହ୍ନିତ କରିବାକୁ ପଡିବ ।

ତଲ୍ଲୀନତାର ପ୍ରଥମ ସୂଚକ ହେଉଛି ଆହ୍ୱାନପୂର୍ଣ୍ଣ କାର୍ଯ୍ୟରେ ଅଭିନିବେଶ । ଦକ୍ଷତା କ୍ଷେତ୍ରରେ ପ୍ରତ୍ୟେକ ବ୍ୟକ୍ତି ସ୍ୱତନ୍ତ୍ର । ପ୍ରତ୍ୟେକଙ୍କର ଆକଳନ ପୃଥକ୍ । କେତେକ ନିଜକୁ ଅଧିକ ଦକ୍ଷ ବିବେଚନା କରିବା ବେଳେ ଅନ୍ୟ କେତେକ ନିଜକୁ କମ୍ ଦକ୍ଷତାସମ୍ପନ୍ନ ବୋଲି ମୂଲ୍ୟାୟନ କରନ୍ତି । ତଲ୍ଲୀନତା ଅନୁଭବ କ୍ଷେତ୍ରରେ ବ୍ୟକ୍ତିର ଦକ୍ଷତାକୁ ଚାହିଁ କାର୍ଯ୍ୟଟି ଆହ୍ୱାନପୂର୍ଣ୍ଣ ହେବା ଉଚିତ । ଦକ୍ଷତା ତୁଳନାରେ କାର୍ଯ୍ୟଟି ଖୁବ୍ ସହଜ ହୋଇଗଲେ ବ୍ୟକ୍ତି ବିରକ୍ତି ଅନୁଭବ କରିବ । ଅପରପକ୍ଷରେ ଦକ୍ଷତା ତୁଳନାରେ କାର୍ଯ୍ୟଟି କଷ୍ଟକର ହେଲେ, ବ୍ୟକ୍ତି ଉଦ୍‌ବିଗ୍ନ ହୋଇପଡିବ । ସୁତରାଂ ତଲ୍ଲୀନତାର ଅନୁଭବ ପାଇଁ ଦକ୍ଷତା ଓ କାର୍ଯ୍ୟ ସମାନୁପାତୀ ହେବା ଉଚିତ ।

ଦ୍ୱିତୀୟତଃ ତଲ୍ଲୀନତାର ଅନୁଭବ ସମୟରେ ଏକାଗ୍ରତାର ମାତ୍ରା ଖୁବ୍ ଅଧିକ ଥାଏ । ମନ ବିଚଳିତ ନ ଥାଏ, ବ୍ୟକ୍ତି ପୂର୍ଣ୍ଣମାତ୍ରାରେ କାର୍ଯ୍ୟଟି ପ୍ରତି ଅଭିନିବିଷ୍ଟ ରହିଥାଏ ।

ତୃତୀୟତଃ ପୂର୍ଣ୍ଣମାତ୍ରାର ଏକାଗ୍ରତା ଫଳରେ ବ୍ୟକ୍ତିର ସ୍ୱଚେତନା ଏକ ନିର୍ଦ୍ଦିଷ୍ଟ ରୂପରେଖ ନିଏ । କାର୍ଯ୍ୟସହିତ ଅସମ୍ପର୍କିତ ଉପାଦାନ ବିଷୟରେ ବ୍ୟକ୍ତିର କୌଣସି ଚେତନା ରହେନାହିଁ । ବାହାର ଜଗତରେ କଅଣ ଘଟିଯାଉଛି, ବାହାରେ କିଏ କଅଣ କହୁଛି, ସେ ସମ୍ପର୍କରେ ଜ୍ଞାତ ନ ଥାଏ । ଅଥଚ ନିଜେ ନିମଜ୍ଜିତ ଥିବା କାର୍ଯ୍ୟକ୍ରମ ବିଷୟରେ ପରିବ୍ୟାପ୍ତ ଚେତନା ରହିଥାଏ । ତଲ୍ଲୀନତାର ସହ ବୀଣାବାଦନ କରୁଥିବା ଶିଳ୍ପୀ ନିଜ ଅଙ୍ଗୁଳିରେ ସୂକ୍ଷ୍ମ କାମରେ ଅଭିନିବିଷ୍ଟ ରହନ୍ତି । ତେଣୁ ବାହ୍ୟଜଗତରୁ ସେ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡନ୍ତି ।

ଚତୁର୍ଥତଃ ତଲ୍ଲୀନତା ଅନୁଭବ କରୁଥିବା ବ୍ୟକ୍ତିଙ୍କ ପାଇଁ ସମୟର ପ୍ରବାହ ଭିନ୍ନ ରୂପନିଏ । ଆମ ସାଧାରଣ ଜୀବନରେ ମିନିଟ୍, ଘଣ୍ଟା ଏବଂ

ଦିନ ସବୁ ଯେଉଁ ଗତିରେ ଅତିକ୍ରାନ୍ତ ହୁଏ, ତଲ୍ଲୀନତାର ଅନୁଭବ ସମୟରେ ସେଭଳି ଗତିଶୀଳତାର ଅନୁଭବ ଘଟି ନ ଥାଏ । ତଲ୍ଲୀନତା ଅନୁଭବ କରୁଥିବା ବ୍ୟକ୍ତି କ୍ଷେତ୍ରରେ ସମୟ ଖୁବ୍ ଦ୍ରୁତଗତିରେ ଚାଲିଗଲା ପରି ମନେହୁଏ । କେତେ ଘଣ୍ଟା ମାତ୍ର କେତେ ମିନିଟ୍ ପରି ଅନୁଭବ ହୁଏ । ସମୟ ତଡ଼ିତ୍ ବେଗରେ ବହିଗଲାପରି ବୋଧ ହେଲେ ହେଁ ସ୍ଥଳ ବିଶେଷରେ ଏହା ଦୀର୍ଘତର ବୋଧହୁଏ । ମୋଟ ଉପରେ ସମୟର ରୂପାନ୍ତର ଘଟି ସଂକୁଚିତ ଅବା ବିସ୍ତାରିତ ହେବାପରି ବୋଧହୁଏ ।

ପରିଶେଷରେ କୁହାଯାଇପାରେ ଯେ, ତଲ୍ଲୀନତାର ଅନୁଭବ ପରିପ୍ରେକ୍ଷୀରେ ବ୍ୟକ୍ତି ନିଜର ଲକ୍ଷ୍ୟବିନ୍ଦୁ ପ୍ରତି ସଜାଗ ଥାଆନ୍ତି । ସେ କେଉଁ ଆଭିମୁଖ୍ୟ ନେଇ କାର୍ଯ୍ୟଟି ସମ୍ପନ୍ନ କରିଛନ୍ତି ଓ କି ପ୍ରକାରର ଫଳାଫଳର ପ୍ରତ୍ୟାଶା ରଖିଛନ୍ତି, ସେ ଦିଗରେ ସ୍ୱଷ୍ଟ ଧାରଣା ରହିଥାଏ ।

ମୋଟ ଉପରେ ତଲ୍ଲୀନତାର ଅନୁଭବ ଆନନ୍ଦାନୁଭୂତିର ଏକ ସ୍ୱଷ୍ଟ ଝଲକ । ଏହି ଝଲକର ମାତ୍ରା ଯେଉଁ ବ୍ୟକ୍ତିର ଜୀବନରେ ଯେତେ ବେଶୀ, ସେ ସେହି ଅନୁପାତରେ ଆନନ୍ଦର ଅଧିକାରୀ । କେଉଁସବୁ ଅବସ୍ଥା ଏପରି ତଲ୍ଲୀନତାର ଅନୁଭବ ମାତ୍ରାକୁ ନିର୍ଦ୍ଧାରଣ କରେ, ସେ ସବୁର ଆଲୋଚନା ଗୋଟିଏ ପ୍ରବନ୍ଧରେ ସୀମିତ କଳେବର ମଧ୍ୟରେ ସମ୍ଭବ ନ ହେଲେ ମଧ୍ୟକେତୋଟି ପରିବେଶର ସୂଚନା ଦିଆଯାଇପାରେ ।

## ତଲ୍ଲୀନତାର ପରିସର:

ତଲ୍ଲୀନତା କେଉଁଠାରେ ଆସିବ ଓ କେତେବେଳେ ଆସିବ, ତାହାର ପୂର୍ବାନୁମାନ କଷ୍ଟକର । କିନ୍ତୁ ଏ କଥା ସତ ଯେ, ତଲ୍ଲୀନତାର ଅନୁଭବ ସମୟରେ ବ୍ୟକ୍ତି ଆତ୍ମବିସ୍ମୃତ ହୋଇପଡେ । ସମୟର ସ୍ରୋତ ତାଙ୍କପାଇଁ ଅଟକି ରହେ କିମ୍ବା ଦ୍ରୁତଗତିରେ ଧାବମାନ କରେ । ଏକାଗ୍ରତାର କମ୍ବଳ ମନପ୍ରାଣକୁ ଏପରି ଆଚ୍ଛାଦନ କରେ, ବାହାର ଜଗତରେ କଅଣ ଘଟିଯାଉଛି, ତାହାର ଧାରଣା ରହେନାହିଁ । ମହାଭାରତର ଦ୍ରୌପଦୀ ସ୍ୱୟଂବରରେ ଅର୍ଜୁନର ତୀକ୍ଷ୍ଣଦୃଷ୍ଟି ଘୂର୍ଣ୍ଣାୟମାନ ମତ୍ସ୍ୟର ଚକ୍ଷୁ ଉପରେ ନିବିଷ୍ଟ ରହିବା ପରି, ବ୍ୟକ୍ତି ଜଣକର ଲକ୍ଷ୍ୟ ଗୋଟିଏ ବିନ୍ଦୁ ଉପରେ କେନ୍ଦ୍ରୀଭୂତ ହୋଇରହେ । କାର୍ଯ୍ୟଟି ସମ୍ପାଦନଦ୍ୱାରା କେତେ ଲାଭ ମିଳିବ, ତାହାର ହିସାବ ତା ପାଖରେ ନ ଥାଏ । କେତେ ପ୍ରଶଂସା ମିଳିବ, ତାହାର ଭାବନା ନ ଥାଏ । କେବଳ କାମଟିର କରିବାର ଆନନ୍ଦାନୁଭୂତିରେ ବ୍ୟକ୍ତି ନିମଜ୍ଜିତ ରହେ ।

ଅବଶ୍ୟ ଆକସ୍ମିକଭାବରେ ଏପରି ଘଟଣାର ଅନୁଭବ ବ୍ୟତୀତ ଯୋଜନାବଦ୍ଧ କାର୍ଯ୍ୟକ୍ରମରେ ତଲ୍ଲୀନତା ଅନୁଭବର ସମ୍ଭାବନା ରହିଛି । ତଲ୍ଲୀନତାର ଅନୁଭବ ଦେଉଥିବା ଏପରି ସବୁ କାର୍ଯ୍ୟ ପ୍ରକୃତରେ କାର୍ଯ୍ୟ ହୋଇରହି ନ ଥାଏ । ମାନସିକ ସ୍ତରରେ ଏହା ଆନନ୍ଦଦାୟକ୍ । ଖେଳର ରୂପନିଏ, କେବଳ ଚେସ୍ ଖେଳିବା ନୁହେଁ, ତଲ୍ଲୀନତା ଦୃଷ୍ଟିକୋଣରୁ ପଢିବା, ନୃତ୍ୟକରିବା, ପର୍ବତାରୋହଣ, ଦଳଗତ ଭାବରେ ମୋଟର ସାଇକେଲ ଚାଳନା, ଗପ କହିବା କିମ୍ବା ଶୁଣିବା ଆଦି କାର୍ଯ୍ୟକୁ ଖେଳର ମର୍ଯ୍ୟାଦା ଦିଆଯାଇପାରେ । ପ୍ରଶ୍ନ ଉଠିପାରେ, କେଉଁ ଖେଳରେ ଆନନ୍ଦାନୁଭୂତିର ଅଧିକ ସମ୍ଭାବନା ରହିଛି ? କୁହାଯାଇପାରେ ଯେ, ବ୍ୟକ୍ତିର ରଚି ଓ ସାମର୍ଥ୍ୟ ସହିତ ସମକକ୍ଷ ହୋଇଥିବା ଖେଳ ବା କାର୍ଯ୍ୟ ଅଧିକ ଆନନ୍ଦାନୁଭୂତି ପ୍ରଦାନ କରିଥାଏ । ବ୍ୟକ୍ତିକୁ ନିଜର ଚୟନପ୍ରକ୍ରିୟା ନିଜେ ଗ୍ରହଣ କରିବାକୁ ହେବ । ଅବଶ୍ୟ ମାନସିକ ବିକାଶ ସହିତ ସମନ୍ୱୟ ରକ୍ଷାକରି ଜୀବନର ବିଭିନ୍ନ ପର୍ଯ୍ୟାୟରେ ନିଜର ଖେଳ ପରିବର୍ତ୍ତନ କରିବା ବାଂଛନୀୟ ।

ଶୃଙ୍ଖଳିତ ଆନନ୍ଦମୁଖର ପରିବାର ତଲ୍ଲୀନତାର ଗୋଟିଏ ସୁନ୍ଦର ମାଧ୍ୟମ ହୋଇପାରେ । ଏପରି ପରିବାର ସମସ୍ତଙ୍କର ଲକ୍ଷ୍ୟ ସୁବିକଶିତ ହୁଏ । ବଡ଼ମାନେ ପିଲାମାନଙ୍କର ଲକ୍ଷ୍ୟ ଓ ରଚି ପ୍ରତି ଯେପରି ଅନୁପ୍ରାଣିତ ରହନ୍ତି, ପିଲାମାନେ ଗୁରୁଜନ ମାନଙ୍କ ଭାବ ଓ ଆବେଗ ପ୍ରତି ସଜାଗ ରହନ୍ତି । ଜୀବନର ପ୍ରାରମ୍ଭିକ ପର୍ଯ୍ୟାୟରେ ପିଲା ଓ କିଶୋର କିଶୋରୀ ମାନଙ୍କର ପରିପକ୍ୱତା ବିକଶିତ ହେଉଥିବା ସ୍ତରରେ ଅନ୍ୟମାନଙ୍କର ସହଯୋଗିତାର ମୂଲ୍ୟବାନ । ମାତ୍ର ବିଶୃଙ୍ଖଳିତ ପରିବାରରେ ସଂଘର୍ଷ ଓ କନ୍ଦଳ ହିଁ ବିକାଶର ଗତିପଥରେ ମୁଖ୍ୟ ପ୍ରତିବନ୍ଧକ । ଏହି ଦୃଷ୍ଟିରୁ ଆନ୍ଦୋଳିତ ପରିବେଶ ପରିବର୍ତ୍ତେ ଆନନ୍ଦଦାୟକ ବାତାବରଣ ସଚେଷ୍ଟ ରହିବା ଏକାନ୍ତ ପ୍ରୟୋଜନ ।

ପ୍ରତି ସଂସ୍କୃତି ନିଜ ଗୋଷ୍ଠୀର ଲୋକମାନଙ୍କପାଇଁ ଆନନ୍ଦର ନିର୍ଝର ସୃଷ୍ଟି କରିଥାଏ । ଇତୁରୀ ଜଙ୍ଗଲରେ ବସବାସ କରୁଥିବା ପିଗ୍ମି ସମ୍ପ୍ରଦାୟରେ ଆନନ୍ଦ ପ୍ରବାହର ସୁଯୋଗ ରହିଛି । ପିଗ୍ମି ମାନଙ୍କର ଗ୍ରାମର ବିକାଶମୂଳକ କାର୍ଯ୍ୟ କିମ୍ବା ଶିକାରକାର୍ଯ୍ୟରେ ବ୍ୟସ୍ତ ନ ଥିବା ସମୟରେ ନାଚ, ଗୀତ, ବାଦ୍ୟଯନ୍ତ୍ର ଏବଂ ଗଳ୍ପକଥନରେ ସମୟ ବିତାନ୍ତି । ସମାଜ ସେମାନଙ୍କର ପ୍ରତି ପିଗ୍ମି ଠାରେ ଆଶା ରଖନ୍ତି ଭବିଷ୍ୟତରେ ଜଣେ ଗାୟକ, ଅଭିନେତା ଅବା ଐତିହାସିକ ହେବାପାଇଁ । ଅନ୍ୟ ସବୁ ବିଦ୍ୟାରେ ଯୋଗ୍ୟତା ଥିଲେ ମଧ୍ୟ କଳାତ୍ମକ ଶୈଳୀ ଅଭାବରୁ ଜଣେ ପିଗ୍ମି ସଂସ୍କୃତିରେ କେହି ଶ୍ରଦ୍ଧାଭାଜନ ହୋଇପାରନ୍ତି ନାହିଁ ।

ଭାରତ ଏକ ବହୁ ସଂସ୍କୃତିର ଦେଶ । ଆମ ଦେଶରେ ପ୍ରଚଳିତ ବିବାହ ପଦ୍ଧତି, ପର୍ବପର୍ବାଣି, ଯାନିଯାତ୍ରା, ନୃତ୍ୟଗୀତ ଆଦି ତଲ୍ଲୀନତାର ଅନୁଭୂତି ଦେଇପାରେ ।

ଭାବ ବା ଆବେଗର ପରିପ୍ରକାଶ ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ । ନୃତ୍ୟ ମାଧ୍ୟମରେ ବିଭିନ୍ନ ଭାବ ଓ ଆବେଗର ପରିପ୍ରକାଶ କରାଯାଇପାରେ । ଦୁଇ ହଜାର ବର୍ଷପୂର୍ବେ ଭାରତରେ ରଚନା କରାଯାଇଥିବା "ନାଟ୍ୟଶାସ୍ତ୍ର"ରେ ବିଭିନ୍ନ ରସର ବର୍ଣ୍ଣନା ରହିଛି । ଏହାକୁ ଆଧାର କରି କ୍ରୋଧ, ବିରକ୍ତି, ଭୟ, ବୀରତ୍ୱ, ହାସ୍ୟ, ପ୍ରେମ, ଶାନ୍ତି, ବିରହ, କରୁଣା, ବିସ୍ମୟ ଓ ଆନନ୍ଦ ପରି ଆବେଗ ନୃତ୍ୟ ମାଧ୍ୟମରେ ପ୍ରକାଶ କରାଯାଇପାରେ ।

ସଫଳତାର ଶୀର୍ଷ ସୋପାନକୁ ଯାଇଥିବା ନୃତ୍ୟଶିଳ୍ପୀଙ୍କ ସାକ୍ଷାତକାର ସମୟରେ ସେମାନେ ନୃତ୍ୟସମୟର ଆତ୍ମବିସ୍ମୃତି ପ୍ରକାଶ

କରନ୍ତି । ନୃତ୍ୟ ପ୍ରଦର୍ଶନ ସମୟରେ ସେମାନେ ଯେ ବାହ୍ୟଜଗତର ଛୋଟବଡ ଘଟଣା ପୂରାପୂରି ଭୁଲିଯାଆନ୍ତି ଏକଥା ସେମାନେ ସ୍ୱୀକାର କରନ୍ତି । ଗଭୀର ଆତ୍ମତୃପ୍ତିର ବଳୟ ସେମାନଙ୍କୁ ଏପରି ଆଚ୍ଛନ୍ନ କରି ରଖେ ଯେ ସେମାନେ ସେହି ସେହି କଥାର ପୁନରାବୃତ୍ତି କରନ୍ତି । ନୃତ୍ୟପରି ଅଭିନୟ ମଧ୍ୟ ଆନନ୍ଦାନୁଭୂତି ପ୍ରଦାନ କରେ । ଦର୍ଶକ ମାନଙ୍କ ସହିତ ଆତ୍ମିକ ସମ୍ପର୍କ ସ୍ଥାପନ କରିବାର ସଫଳତା ସେମାନଙ୍କୁ ବିଭୋର କରେ । କହିବା ବାହୁଲ୍ୟ ଯେ, ନୃତ୍ୟ ଓ ଅଭିନୟପରି ସଙ୍ଗୀତରେ ତଲ୍ଲୀନତା ଅନୁଭବର ଏକ ସୁନ୍ଦର ମାଧ୍ୟମ ।

ଆମ ବ୍ୟବହାରିକ ଜୀବନରେ କଥା ଚିନ୍ତାକରିବା ସମୟରେ, ଆମେ ମୁଖ୍ୟତଃ ଚାପ ଓ ତାପର କଥା ଚିନ୍ତା କରିଥାଉ । ମାତ୍ର କର୍ମ ବଳୟର ଫଳରୁ ଆନନ୍ଦାନୁଭୂତିର କାର୍ଯ୍ୟକରେ । ପ୍ରାୟ ୨୩୦୦ ବର୍ଷ ପୂର୍ବେ ଚୀନ୍ ଦେଶରେ ଟାଓ ସମ୍ପ୍ରଦାୟର ଭାବୁକ ମାନେ "ୟୁ (ଚଙ୍କ)" ଭାବଧାରାର ପ୍ରଖ୍ୟାପକ ଥିଲେ । ଏହାର ଆକ୍ଷରିକ ଅର୍ଥ ହେଉଛି, "ଭୂମିକୁ ସ୍ପର୍ଶ ନ କରି ଚାଲିବା" । 'ୟୁ'ର ଅର୍ଥ ସୁନ୍ଦରଭାବରେ ଗୋଟିଏ ଗଳ୍ପ ମାଧ୍ୟମରେ ସ୍ପଷ୍ଟ କରାଯାଇପାରେ –

"ଗୋଟିଏ ପିଲା ରାଜାଙ୍କ ପାଇଁ କଂସେଇର କାର୍ଯ୍ୟ କରୁଥିଲା । ସେ ପ୍ରାଣୀ ଦେହରୁ ମାଂସ କାଟିଲା ବେଳେ ଅବିଚଳିତ ଭାବରେ କୁଶଳତାର ସହିତ କାମ କରିଚାଲୁଥିଲା । ଥରେ ରାଜା ତା'ର କାର୍ଯ୍ୟ ଦେଖିବାର ସୁଯୋଗ ପାଇଲେ । ସେ ତା'କୁ ପ୍ରଶଂସା କରିବାକୁ ଆରମ୍ଭକଲେ । ପିଲାଟି କହିଲା, "ମୁଁ ମୋ କାର୍ଯ୍ୟକୌଶଳ ବିଷୟରେ କିଛି ଜାଣିନାହିଁ । କେବଳ ଯେଉଁ କାର୍ଯ୍ୟ ମୋତେ କରିବାକୁ ଦେବ, ତାହାର ପ୍ରଣାଳୀ ବିଷୟରେ ମୁଁ ଚିନ୍ତା କରେ । ଏ ଦିଗରେ ମୁଁ ଭାବନା କରେ ଏବଂ ମୋର ଭାବନାକୁ ପ୍ରସାରିତ କରେ । "

କହିବା ଅନାବଶ୍ୟକ ଯେ, କୌଶଳ ଓ ପ୍ରଣାଳୀ ଏକା କଥା ନୁହେଁ । ମନେହୁଏ 'ୟୁ'ର ପରିକଳ୍ପନାରେ ପ୍ରାଚ୍ୟଜଗତର ଚିତ୍ର ସୁସ୍ପଷ୍ଟ । କର୍ମର ଚାପ ଓ ବନ୍ଧନ ମଧ୍ୟରୁ ବାହାରିଯାଇ କର୍ମ ମାଧ୍ୟମରେ ବିମଳ ଆନନ୍ଦଲାଭ କରିବାର ମାନସିକତା ହିଁ 'ୟୁ' ଅନୁଭୂତି । କାର୍ଯ୍ୟ ଓ ଅବସର ପରସ୍ପରର ବିରୋଧୀ ନୁହଁନ୍ତି । କିନ୍ତୁ ନିଷ୍କ୍ରିୟଣପୂର୍ଣ୍ଣ ଅବସର ବିନୋଦନରେ ବୁଡ଼ି ନ ରହି ଚେତନାକୁ ସମ୍ପ୍ରସାରଣ କରିପାରିବା ଭଳି କାର୍ଯ୍ୟରେ ବିନିଯୋଗ ବିଜ୍ଞତାର ପରିଚାୟକ ।

ସାମାଜିକ ପରିସୀମା ମଧ୍ୟରେ ତଲ୍ଲୀନତାର ଅନ୍ୱେଷଣ ଏକ ବିଶିଷ୍ଟ ପ୍ରକ୍ରିୟା । ଆନନ୍ଦମୁଖର ପରିବାର ସମ୍ପର୍କରେ ପୂର୍ବରୁ ସୂଚନା ଦିଆଯାଇଛି । ପରିବାରର ଉର୍ଦ୍ଧ୍ୱକର୍ମ ବନ୍ଧୁତ୍ୱର ବାତାବରଣ ସୃଷ୍ଟିକରି ତଲ୍ଲୀନତାର ସ୍ରୋତ ଗଠନ କରିପାରେ । ବନ୍ଧୁତାର ଆଳରେ କେବଳ ଏକତ୍ର ଖେଳି, ଗପ କରି, ଚା ପାନରେ ବହୁ ସମୟ ବ୍ୟୟ ନ କରି ବନ୍ଧୁତ୍ୱର ସଜ୍ଞା ଅନ୍ୱେଷଣ କରିବାକୁ ପଡିବ । ବନ୍ଧୁଙ୍କର ରଚି ଓ ଆଗ୍ରହ ଅନୁସାରେ ଲୁକ୍‌କାୟିତ ଦିଗକୁ ଆବିଷ୍କାର କରିବାକୁ ପଡିବ । ଆମର କର୍ମକୁଶଳତା ଏବଂ ବିଶିଷ୍ଟ ମାର୍ଗ ହେଉଛି ଅଭିବ୍ୟକ୍ତ କରିପାରିବାର କୌଶଳ । ଗୀତ, ନାଚ, ଅଭିନୟ ଓ ମଜାକଥା କହିବା ମାଧ୍ୟମରେ ଅନ୍ତର୍ନିହିତ ଭାବର ପ୍ରକାଶ ହେଉଛି ଏହି ଧରଣର କୌଶଳ । ଏପରି ସମ୍ବଳର ଉପଯୋଗ କେବଳ ଆମେ ବନ୍ଧୁ ଗହଣରେ ହିଁ କରିପାରିବା । ବୈବାହିକ ଜୀବନର ପରିପ୍ରେକ୍ଷୀରେ ପତି ବା ପତ୍ନୀଙ୍କୁ ଅନ୍ତରଙ୍ଗ ବନ୍ଧୁର ମର୍ଯ୍ୟାଦା ଦେଇ ତଲ୍ଲୀନତା ଅନୁଭବର ସମ୍ଭାବନା ସୃଷ୍ଟି କରାଯାଇପାରେ ।

ତଲ୍ଲୀନତାର ଆଲୋଚନା ପରିସର ମଧ୍ୟରେ ଯୋଗର ଭୂମିକା ସର୍ବସ୍ୱୀକୃତ । ଆଧୁନିକ ଜୀବନ ବେଦନା ଓ ମାନସିକ ଚାପ ସଂଶ୍ଳିଷ୍ଟ ହୋଇଥିବାରୁ ପ୍ରତ୍ୟେକ ମନୁଷ୍ୟ ଶାନ୍ତ ଓ ସ୍ଥିରତା ଆବଶ୍ୟକ କରେ । ପ୍ରାଚୀନକାଳରେ ମୁନିଋଷିମାନେ ଯୋଗର ବିଭିନ୍ନ କୌଶଳ ଅବତାରଣା କରିଥିଲେ । ସଠିକ୍ ଅଭ୍ୟାସ ବଳରେ ଶାରୀରିକ ଓ ମାନସିକ ଦକ୍ଷତା ଉପଲବ୍‌ଧି କରିହୁଏ ।

ପ୍ରାର୍ଥନା ଓ ଧ୍ୟାନ ଦିଗରେ ପ୍ରତି ଧର୍ମର ନିଜସ୍ୱ ଶୈଳୀ ରହିଅଛି । ସବୁଠାରେ ଲକ୍ଷ୍ୟ ରହିଛି ଆନନ୍ଦ ଉପଲବ୍ଧି । ଜୈନ ଧର୍ମରେ ପ୍ରେକ୍ଷାଧ୍ୟାନ ସୁପରିଚିତ । ବୌଦ୍ଧଧର୍ମରେ ବିପାସନା ପଙ୍‌କ୍ତି ପ୍ରଖ୍ୟାପିତ । ଆମ ପରିମ୍ପରାରେ ଜ୍ୟୋତିଧ୍ୟାନ, ଓଁ କାରଧ୍ୟାନ, କ୍ରିୟାଯୋଗ ଭଳି ଶୈଳୀର ପ୍ରୟୋଗ ଦେଖିବାକୁ ମିଳେ । ଶ୍ରୀ ଶ୍ରୀ ରବିଶଙ୍କରଜୀ ତାଙ୍କର ଜୀବନକଳା ପ୍ରଶିକ୍ଷଣ ମାଧ୍ୟମରେ ଧ୍ୟାନର ଲୋକପ୍ରିୟତା ବୃଦ୍ଧି କରିଛନ୍ତି ।

ଯେଉଁ ପ୍ରଣାଳୀଟି ଅନୁସୃତ ହେଉ ପଛକେ, ସାଧନାର ଗଭୀରତା, ତିବ୍ରତା ଓ ନିରବଛିନ୍ନତା ବହୁ ଗୁରୁତ୍ୱପୂର୍ଣ୍ଣ । ଦୀର୍ଘଦିନର ନିବିଡ ଯୋଗାଭ୍ୟାସ ଅବ୍ୟାହର ରଖିଥିବା ବ୍ୟକ୍ତି ନିଶ୍ଚିତ ଭାବରେ ତଲ୍ଲୀନତାର ସ୍ପଷ୍ଟ ଅନୁଭବ ପାଆନ୍ତି, ଏଥିରେ ସନ୍ଦେହ ନାହିଁ । ତଲ୍ଲୀନତାର ସଜ୍ଞା ସ୍ୱରୂପ ଏବଂ ପରିସର ବ୍ୟକ୍ତ କରିବା ପ୍ରଚେଷ୍ଟାରେ ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟକୁ ସ୍ପଷ୍ଟ କରାଯାଇଛି । ତାହା ହେଉଛି ଆନନ୍ଦାନୁଭୂତିର ଉତ୍କର୍ଷ । ତଲ୍ଲୀନତାର ମାଧ୍ୟମ ଭାବରେ କ୍ରୀଡା, ନୃତ୍ୟ, ସଙ୍ଗୀତ, ଅଭିନୟ, ଯୋଗାଭ୍ୟାସ ସମ୍ପର୍କରେ ଆଲୋଚନା କରାଯାଇଛି । ଏଠାରେ ସୂଚନା ଦିଆଯାଇ ପାରେ ଯେ, ଏ ସବୁ ବ୍ୟତୀତ ଅନେକ ଏପରି ମାର୍ଗ ବି ରହିଛି, ଯଦ୍ୱାରା ସମାନ ଫଳପ୍ରାପ୍ତି ହୋଇପାରିବ । ମଣିଷର ସ୍ମରଣ କଳ, ଭାବନାର ବର୍ଣ୍ଣାଳୀ, ପ୍ରାଜ୍ଞଚିନ୍ତନ ଓ ଲକ୍ଷ୍ୟସାଧନର ସଂକଳ୍ପ ଏହି ପଦ୍ଧତି ସମୂହର ସହାୟକ ଭାବରେ କେତେକ ଉଦାହରଣ । ମନସ୍ତତ୍ତ୍ୱ ଓ ପ୍ରୟୋଗାତ୍ମକ ବିଜ୍ଞାନର ସିଦ୍ଧାନ୍ତକୁ ଆଖିରେ ରଖି କେତୋଟି ପରିଚିତ ଦିଗର ବର୍ଣ୍ଣନା ଦିଆଯାଇଥିଲେ ମଧ୍ୟ ତଲ୍ଲୀନତା ପ୍ରୟାସୀ ଆତ୍ମା ଏହାର ଅଗ୍ରଧାବକ ହୋଇପାରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।


ରିସର୍ଚ୍ଚ ପ୍ରଫେସର,

ଜାଭିୟର ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ମୋ: ୯୪୩୭୧୨୧୨୭୯



# ଅବିସ୍ମରଣୀୟ

*ସୂର୍ଯ୍ୟ ନାରାୟଣ ମିଶ୍ର*

ଗତ ଜୁନ ୫ ତାରିଖ (୨୦୧୫) ଦିନ ବନ୍ଧୁ ଇନ୍ଦ୍ରମଣି ଜେନା ଫୋନ୍ କରି ତାଙ୍କଦ୍ୱାରା କୁହାଯାଇଥିବା ଲେଖାଟିର ଅଗ୍ରଗତି ସମ୍ପର୍କରେ ପଚାରିଲେ । ମୁଁ ସମ୍ପୂର୍ଣ୍ଣ ଭାବରେ କଥାଟିକୁ ଭୁଲିଯାଇଥିଲି କାର୍ଯ୍ୟ ବ୍ୟସ୍ତତା ଦୃଷ୍ଟିରୁ । କିନ୍ତୁ ଡଃ ଜେନା ଓ ତାଙ୍କ ପରିବାର ସହ ଦୀର୍ଘ ୩୫ ବର୍ଷର ସମ୍ପର୍କ ମୋତେ କଥାଟିକୁ ପୁନର୍ବାର ଭାବିବାକୁ ସୁଯୋଗ ଦେଲା । ଡଃ ଜେନା ମୋର ସମସାମୟିକ । ଆମ ସମୟର ବିଜ୍ଞାନରେ କୃତିତ୍ୱ ଅର୍ଜନ କରିଥିବା ଅଗ୍ରଧାଡିର ଛାତ୍ର ସିଏ ଥିଲେ । ସେ କଥା ମୁଁ ପାରିବାରିକ ସମ୍ପର୍କ ସ୍ଥାପନା ପରେ ହିଁ ଜାଣିଲି । ତାଙ୍କ ଧର୍ମପତ୍ନୀ ସ୍ୱର୍ଗତା ଡଃ ବିଜୟିନୀ ମହାନ୍ତି ମୋର ଛାତ୍ରୀ ଓ ପରେ ସହକର୍ମୀ । ଡଃ ଜେନା ଡାକ୍ତର ହୋଇଥିବାରୁ ଘରେ ସାମାନ୍ୟତମ ଅସୁବିଧା ହେଲେ ଯୋଗାଯୋଗ କରାଯାଏ ଓ ତୁରନ୍ତ ଆରୋଗ୍ୟ ଲାଭର ସୁଯୋଗ ମିଳେ । ଏଭଳି ସହୃଦୟପୂର୍ଣ୍ଣ ବ୍ୟକ୍ତିଙ୍କ ଅନୁରୋଧ ଏଡାଇ ପାରିଲିନାହିଁ । କିନ୍ତୁ କଅଣ ଲେଖିବି ? ସେ ଦିନସାରା ବହୁତ ଭାବିଲି । ହଠାତ୍ ସେ ଦିନର ତାରିଖଟି ମନେ ପଡିଗଲା । ଏଭଳି ଏକଦିନ ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ଭୁଲିପାରିବି ନାହିଁ । ତେଣୁ ବହୁତ ଘଟଣା ମୋ ମନରେ ଉଙ୍କିମାରୁଥିଲେ ମଧ୍ୟ ଜୁନ ୫ ତାରିଖର ଘଟଣାଟି ମୋତେ ବହୁ ମାତ୍ରାରେ ଆନ୍ଦୋଳିତ କଲା । ଘରେ ଏକୁଟିଆ ଥିବାରୁ କାହାସଙ୍ଗେ ଏ ବିଷୟରେ ଆଲୋଚନା ମଧ୍ୟ କରିପାରିଲି ନାହିଁ ।

୧୯୬୮ ମସିହା ଜୁନ୍ ୫ ତାରିଖ । ସେତେବେଳେ ମୁଁ ପ୍ରଥମବର୍ଷ ବିଜ୍ଞାନ ଛାତ୍ର ହିସାବରେ ପରୀକ୍ଷା ଦେଇଥାଏ । ଫଳ ଅପେକ୍ଷାରେ ଓ ଅଠର ବର୍ଷିଆ ଜୀବନରେ ଖେଳକୁଦ, ମଉଜ, ସିନେମା ଦେଖାରେ ଜୀବନ କଟୁଥାଏ । ଘର ଅପେକ୍ଷା ବାହାରେ ବେଶି ସମୟ କଟୁଥାଏ । ଆମ ପୁରୀର କାଳିକା ଦେବୀସାହି ଓ ମାଟି ମଣ୍ଡପ ସାହିରେ ସାଥିରେ ପଢୁଥିବା ପ୍ରାୟ ଦେଢ ଡଜନ ସାଙ୍ଗ ଥାଆନ୍ତି । ସାହିରେ ମଧ୍ୟ ବହୁ ପ୍ରତିଷ୍ଠିତ ବ୍ୟବସାୟୀଙ୍କ ଘରେ ଖେଳିବାକୁ ପ୍ରଶସ୍ତ ଯାଗା ଥାଏ । ମୁଢି ମସଲା, ପକୁଡି ଆଦି ଆରାମରେ ମିଳେ । ତେଣୁ ଘରକୁ ପଚାରେ କିଏ ? ଘରକୁ ଫେରୁ ଫେରୁ ରାତି ଆଠଟା । ବ୍ରେ ଖେଳରେ ହାରେ, କିନ୍ତୁ ନାଟିସ୍‌ରେ ଜିତେ । କ୍ୟାରମ୍ ଦେଖିବାକୁ ଭଲ ଲାଗେ, ମାତ୍ର ଖେଳେନାହିଁ । ମାଟିନି ସୋ ସିନେମା ଦେଖିବାକୁ ଏକାଠି ପଳାଇଯାଉ । ସେତେବେଳେ ପୁରୀରେ ତିନିଟି ସିନେମା ହଲ୍ ଥିଲା । ଅବଶ୍ୟ ସେ ସଂଖ୍ୟା ଅପରିବର୍ତ୍ତିତ ରହିଛି । ସେ ବର୍ଷ ଶ୍ରୀକୃଷ୍ଣ ସିନେମା ହଲ୍ ରେ 'ହମ୍‌ରାଜ' ସିନେମାଟି ବହୁତଥର ଦେଖିଛି । ପ୍ରିୟ କଳାକାର ରାଜକୁମାର ଓ ସୁନିଲ ଦତ୍ତଙ୍କୁ ବାରମ୍ବାର ଭୂମିକାରେ ଦେଖିବାକୁ ଭଲଲାଗେ । ଏଭଳି ସୁଯୋଗ ଯେ, ରାଜକୁମାର ଓ ମୁଁ ୧୯୮୯ ମସିହାରେ ଦିଲ୍ଲୀରୁ ଲୁଫ୍‌ଥାନ୍ସା ବିମାନରେ ଏକାଠି ଯାତ୍ରୀ ଥିଲୁ ଫ୍ରାଙ୍କ୍‌ଫୋର୍ଟ ପର୍ଯ୍ୟନ୍ତ । ୧୯୯୯ ମସିହାରେ ଏକ ଉତ୍ସବରେ ବାଣୀବିହାର ପ୍ରେକ୍ଷାଳୟରେ ସୁନିଲ ଦତ୍ତଙ୍କ ପାଖରେ ମୁଁ ବସିଥିଲି । ତେଣୁ ଯୁବାବସ୍ଥାର ସେ କଥାଗୁଡିକ ମନେପଡିଗଲେ ବହୁତ ଆନନ୍ଦ ଅନୁଭବ ହୁଏ । ମାତ୍ର ସବୁ ଘଟଣା ଆନନ୍ଦମୟ ହୋଇ ନ ଥାଏ । ଏଭଳି ବିଷାଦମୟ ଘଟଣା ବେଳେ ବେଳେ ଘଟିଯାଏ, ଯାହାକୁ ସାରା ଜୀବନ ଆଦୌ ଭୁଲି ହେବନାହିଁ । ବିଶେଷକରି ସେ ଘଟଣାରେ ନିଜର ସମ୍ପୃକ୍ତି ବିଶେଷ ପ୍ରଭାବ ସୃଷ୍ଟି କରିଥାଏ ।

ଆମ ସାହିର ଅନ୍ୟାନ୍ୟ ସହଧ୍ୟାୟୀଙ୍କ ମଧ୍ୟରେ ଜଣଙ୍କ ନାମ କଦାପି ଭୁଲି ହେବ ନି । ଜମିଦାରୀ ଥିବା ପରିବାର ପୁରୀରେ ବହୁ ପୁରାତନ କୋଠାରେ ରହି ଏଭଳି ସାମାଜିକ ପରିବେଶ ସୃଷ୍ଟି କରିଥାଆନ୍ତି ଯେ, ସାହିର ସମସ୍ତଙ୍କରର ଦୁଃଖକଷ୍ଟ ଯେପରି ତାଙ୍କର । ବିଭିନ୍ନ ବୟସର ବାସିନ୍ଦା ବି ସେଠାରେ ହାଜର । ସେ ସହୃଦୟ ବ୍ୟକ୍ତି ଥିଲେ ସ୍ୱର୍ଗତ ଉମା ଚରଣ ଚାନ୍ଦ । ତାଙ୍କର ବଡ ପରିବାର, ଖୋଲା ଅଗଣା ଓ ବାହାର ଖଞ୍ଜାରେ ଦୁଇଟି ରୁମ୍ ଘରଠାରୁ ପୃଥକ୍ ଭାବରେ ରହିଛି, ଏହା ଘରୋଇ ପରିବେଶ ନଷ୍ଟ କରେ ନି । ସେଠାରେ ଆମର ଆଡ୍ଡା ।ତାଙ୍କର ଦୁଇ ପୁଅ ବାଦଲ ଦାଦା ଓ କମଲ୍ ଦାଦା ଆମକୁ ବହୁ ସ୍ନେହ କରନ୍ତି । ବିଶେଷକରି ମୁଁ ଭଲ ପଢୁଥିବାରୁ ଓ ମୋର ସାଧାରଣଜ୍ଞାନ ଉତ୍ତମ ଥିବାରୁ ସବୁବେଳେ ବିଜ୍ଞାନ ଛାଡି କଳାକୁ ଆସିବାକୁ ପରାମର୍ଶ ଦେଉଥାଆନ୍ତି । ତାଙ୍କର ସାନଭାଇ ବାବାଜୀ କୁମାର ଚାନ୍ଦ ଆମ ସହଧ୍ୟାୟୀ ଓ ଉକ୍ତ ପରିବାରର ସମସ୍ତ ଲକ୍ଷଣ ତା ପାଖରେ ଥାଏ । ଆମ ସାହିତ ଚାରି ପାଞ୍ଚଟି ଚାନ୍ଦ ପରିବାର ଥାଆନ୍ତି ଓ ବିଭିନ୍ନ ଉପାୟରେ ସାହାଯ୍ୟ କରନ୍ତି ।

ଦିନେ ହଠାତ୍ ସାଙ୍ଗ ବାବାଜୀ ଘରକୁ ଆସି ଗୋଟିଏ ନିମନ୍ତ୍ରଣ ପତ୍ର ମୋ ପିତାଙ୍କ ନାମରେ ଦେଲା ଓ କହିଲା ଖରାବେଳେ ଘରକୁ ଆସିବୁ କଥାହେବା । ନିମନ୍ତ୍ରଣ ପତ୍ରଟି ଥିଲା ବଡଭାଇ କମଲ୍ ଦା'ଙ୍କ

ବାହାଘର ବିଷୟରେ । ଜୁନ୍ ୫ ତାରିଖରେ ବାହାଘର । କଟକରେ କନ୍ୟାପିତାଙ୍କ ଘର । ଦଶଦିନ ଥାଏ ଜୁନ୍ ପାଞ୍ଚ ତାରିଖ ହେବାକୁ । ମୁଁ ବୋଉକୁ କାର୍ଡ ଧରାଇ ଦେଇ ଛୁ । କିନ୍ତୁ ବାବାଜୀ କାହିଁ? ମାଉସୀ କହିଲେ ସେ ଦଉତୋଟା ଯାଇଛି କାର୍ଡ ବାଣ୍ଟିବାକୁ । ତୁ ବସୁନୁ । ନଡିଆବଡା ତୋତେ ଭଲ ଲାଗେ । ଖାଇବୁ ଓ ବାବାଜୀ ଆସିଲେ ଦେଖାହେବ । ମୁଁ ପଚାରିଲି, କମଲ୍ ଦା'ଙ୍କ ବାହାଘର କଟକରେ ହେବ ନା ପୁରୀରେ ? ମାଉସୀ କହିଲେ, ନା ରେ, ବରଯାତ୍ରୀ ନେଇ କଟକ ଯିବାକୁ ହେବ । ଲଗ୍ନ ଦିନବେଳା ଅଛି । ଭାସ (ଭାସ୍କର ପାତ୍ର) ଓ ବାବାଜୀ ସେ ସବୁ ବୁଝାବୁଝି କରୁଛନ୍ତି । ମୋ ମନ କିନ୍ତୁ ଅସ୍ଥିର । କାରଣ କଟକ ଯିବାପାଇଁ ଘରୁ ଅନୁମତି ମିଳିବା ଦରକାର । ବୋଉ ତ ରାଜି ହୋଇଯିବ, କିନ୍ତୁ ନନା (ବାପା) ରାଜି ହେବେ କି ନାହିଁ ଜଣାନାହିଁ । ପଚାଶ କି ଶହେଟଙ୍କା ବି ଦରକାର । ବୁଲାଖର୍ଚ୍ଚ ପାଇଁ । କ'ଣ କରାଯିବ, ମୁଁ ଦଶଦିନ ପୂର୍ବରୁ ମାନସିକ ଚାପରେ । ଏମିତି ଭାବୁ ଭାବୁ ବାବାଜୀ ପହଞ୍ଚିଗଲା । ସେ କଥା କହିବା ପୂର୍ବରୁ ମୁଁ ପରାରିଲି, 'ତୋ ସାଙ୍ଗମାନେ ବରଯାତ୍ରୀରେ ଯିବେ ନା ନାହିଁ ?' ସେ ଟିକିଏ ଗମ୍ଭୀର ହୋଇଗଲା ଓ ହସି ହସି କହିଲା, 'ଆରେ ଆମ ଦଙ୍ଗଲ ଯିବେ । ଅସୁବିଧା କଅଣ ? ତୁ ଯିବୁ ନା ନାହିଁ?' ମୁଁ ପଚାରିଲି, 'ତୁ ନେବୁ ନା ନାହିଁ ?' ଏହାପରେ ଘରକୁ ଆସି ସେ ଦିନ କଥା ମନେ ପକାଇଲି ।

ଜୁନ୍ ୫ ତାରିଖ ଯେତିକି ପାଖେଇ ଆସୁଥାଏ, ମନର ଚଞ୍ଚଳତା ବଢି ବଢି ଚାଲିଥାଏ । ବିଜ୍ଞାନ ଛାତ୍ର ହିସାବରେ ଆମେ ଚାରିଜଣ ଏକାଠି ପଢୁଥିଲୁ । ଆମର ଗୋଟିଏ ସାଙ୍ଗ ଗଣେଶ ପାତ୍ର । ଗୋଟିଏ ପ୍ରତିଷ୍ଠିତ ବ୍ୟବସାୟୀ ପରିବାରର ଜ୍ୟେଷ୍ଠପୁତ୍ର । ମନ୍ଦିର ନିକଟରେ ଲକ୍ଷ୍ମୀବଜାରରେ ତାଙ୍କର ବ୍ୟବସାୟ ପ୍ରତିଷ୍ଠାନ । କରଡି ଲେନ୍‌ରେ ତାଙ୍କ ଘର । କିନ୍ତୁ ଗୋଟିଏ ବଡ ନୂଆଘର ମୋଚିସାହିରେ ତାଙ୍କର ନଗଦରେ ତିଆରି ସରିଥାଏ । ଗଣେଶ ତା ବାପାଙ୍କୁ ପଚାରି ସେଠାରେ ଆମେ ରହି ପଢାପଢି କରିବା ସ୍ଥିର ହେଲା । କେବଳ ଖାଇବାପାଇଁ ଆମେ ନିଜ ନିଜ ଘରକୁ ଯାଉଥିଲୁ । ଦୁର୍ଗାପୂଜାଠାରୁ ପାଠପଢା କାର୍ଯ୍ୟକ୍ରମ ଆରମ୍ଭ ହେଲା । ପଢା ହେଉଥିଲା । ଖେଳ ହେଉଥିଲା ଆଉ ସପ୍ତାହରେ ଥରେ ଭୋଜି । ସେଠାରେ ରହିବା ସମୟରେ ମୁଁ ମୋର ଘର ଓ ଘରର ସମସ୍ୟା ପ୍ରାୟ ଭୁଲିଗଲି । ଗଣେଶର ପରିବାରର ସମସ୍ତେ ମୋତେ ଖୁବ୍ ଆଦର କରୁଥିଲେ । ତା'ର ଆମା ଭଲ ଖାଦ୍ୟଟିଏ ତିଆରି କଲେ ଆମ ମାନଙ୍କପାଇଁ ପଠାଇ ଦେଉଥିଲେ । ସେଠାରେ ଥିବାବେଳେ ଦିନେ ଖରାବେଳେ ଚିତ୍ରତାରକା କିଶୋରକୁମାର ଗଣେଶ ନୂଆଘର ପାଖ ଗୋଟିଏ ମୋଚି ଦୋକାନରୁ ବାଘ ଚମଡାର ଚଟି ବିଷୟରେ ବୁଝୁଥିଲେ । ଆମେ ଦଉଡି ଧାପୁଡି ସେଠି ପହଞ୍ଚି ତାଙ୍କୁ ଘେରିଗଲୁ । ମୁଁ ଅଟୋଗ୍ରାଫ୍ ଆଣିଥିଲି । ସେ ମୋଚିକୁ ବୁଝାଇବାପରେ ଦୁଇ ହଳ ଚପଲ କିଶୋରକୁମାର କିଣିଲେ । ଆମେ ଖୁସ୍ ।

ମୋର ମନେ ପଡିଲା । ଗଣେଶ ତ ବାବାଜୀର ବଡଭାଇ ବାହାଘର କଥା ଜାଣି ନ ଥିବ । ତାକୁ ଜଣାଇବି ଓ କହିବି ସାଙ୍ଗହୋଇ ବରଯାତ୍ରୀ ଯିବାପାଇଁ । ଚାରିଟା ବେଳ ପର୍ଯ୍ୟନ୍ତ ଅପେକ୍ଷା କଲି । ତା ଘରେ ଯାଇ ହାଜର । ଗଣେଶ ଗୋଟିଏ କ୍ୟାମେରା ଧରି କ'ଣ ଦେଖୁଥାଏ । ମୋତେ ଦେଖୁ ଦେଖୁ କହିଲା, 'ଦେଖ, ଯାସିକା କ୍ୟାମେରା । ସେ ଦିନ କିଶୋର କୁମାର ବେକରେ ଝୁଲାଇ ନ ଥିଲେ ?' ମୁଁ କହିଲି, 'ଏଇଟା କ'ଣ ସେ ଛାଡିଦେଇ ଗଲେ ?' ସମସ୍ତେ ହସିଲେ । ଗଣେଶ ଆୟା ଆସିଗଲେ ଓ କହିଲେ, 'ସବୁବେଳେ ବକର ବକର ହେଲା କ୍ୟାମେରା ପାଇଁ । କଟକ ଯାଇଥିଲି । ବକ୍ସିବଜାରରେ କାମ ଥିଲା । ରେଭେନ୍‌ସା କଲେଜ ପାଖରେ ଗୋଟିଏ ଦୋକାନରୁ ଏଇଟା ଆଣିଲି । ଗଣେଶର ଆଗ୍ରହ ଯୋଗୁ ଏଇଟି ମଗାଇଥିଲି । ସେ କଲିକତାରୁ କ୍ୟାମେରା ଆଣିଥିଲା । କିନ୍ତୁ ବିଲ୍, ଗ୍ୟାରେଣ୍ଟି ଓ ଖୋଳ ଦେଇନି । ସପ୍ତାହକ ପରେ ଦେବ । କଟକ ଆଉଥରେ ଯିବି ।' ମୁଁ ଏ ସୁଯୋଗକୁ ହାତଛଡା କରିବାକୁ ଦେଲିନି । ଗଣେଶର ଆୟା ବହୁତ ଭଲ କିନ୍ତୁ ତାକୁ ବାହାରକୁ ଆଦୌ ଛାଡନ୍ତି ନାହିଁ । ମୁଁ କହିଲି, ମଉସା, ଆଉ ସାତ ଆଠ ଦିନ ପରେ ଜୁନ୍ ୫ ତାରିଖରେ ଆମେ ସବୁ ବରଯାତ୍ରୀ ହୋଇ କଟକ ଯାଉଛୁ । ଆପଣ ଚାହିଁଲେ ଗଣେଶ ମଧ୍ୟ ଯାଆନ୍ତା । ସେଠାରେ କ୍ୟାମେରା ଦୋକାନରୁ କାଗଜପତ୍ର ମଧ୍ୟନେଇଆସିବୁ । ଆପଣଙ୍କ ପାଖରେ ଦୋକାନର ଫୋନ୍ ଥିଲେ ଏକଥା କହିଦିଅନ୍ତୁ । ସେ କିଛି ନ କହି ଭିତରକୁ ଚାଲିଗଲେ ।

ଜୁନ୍ ଚାରି ତାରିଖଦିନ ସକାଳୁ ମୁଁ ପୁଣିଥରେ ତାଙ୍କ ଘରକୁ ଗଲି । କାରଣ କିଛିଦିନ ହେଲା ଗଣେଶ ମୁହଁ ଶୁଖାଇ ରହୁଥିଲା । ସେ ଚାହୁଁଥିଲା କଟକ ଆମ ସଙ୍ଗେ ଯିବ । ଆମେ ବରଯାତ୍ରୀ ହୋଇ ଯିବାଟା କେବଳ ବାହାନା । ମଜା କରିବାଟା ଥିଲା ପ୍ରକୃତ ଉଦ୍ଦେଶ୍ୟ । କଟକରେ ସେତେବେଳେ ପାର୍ବତୀ ଟକିଜ୍‌ଟିଏ ଥିଲା । ସେଠାରେ ମନୋଜକୁମାର ଓ ୱାହିଦା ରେହମାନଙ୍କର 'ପଥର କେ ସନମ୍' ସିନେମା ଦେଖିବାର ଲକ୍ଷ୍ୟ ଥିଲା । ତେଣୁ ମୁଁ ଯାଇ ପୁନର୍ବାର ଅନୁରୋଧ କଲି । ଆମେ ରାତି ୧୦ଟା ସୁଦ୍ଧା ଫେରି ଆସିବୁ ବୋଲି ମଧ୍ୟ କହିଲି । ଶେଷରେ ତା ଆୟା ରାଜି ହେଲେ । ତାକୁ ହଜାର ଟଙ୍କା ଓ କ୍ୟାମେରାଟି ମଧ୍ୟଦେଲେ । କହିଲେ, ବାହାଘର ଭୋଜି ଡେରି ହେଲେ ସାଙ୍ଗମାନଙ୍କ ସହ ବାହାରେ ଖାଇଦେବ । ଅସୁବିଧା ହେଲେ, ତୁ ଟ୍ୟାକ୍ସି କରି ଫେରି ଆସିବୁ । କ୍ୟାମେରା ଦୋକାନରୁ କାଗଜପତ୍ର ନେଇ ଆସିବୁ । କ୍ୟାମେରାର ବ୍ୟବହାର ବି ଶିଖି ଆସିବୁ । ଆମେ ପୂରା ଖୁସୀ ।

ଜୁନ୍ ୫ ତାରିଖ । ରାତି ଚାରିଟାରୁ ନିଦ ଭାଙ୍ଗିଗଲା । ଗୋଡ ତଳେ ଲାଗୁ ନ ଥାଏ । ନନା ସକାଳୁ ଫୁଲ ତୋଳିବା ଓ ବୁଲିବାକୁ ଯିବା ଭିତରେ ମୁଁ ସବୁକାମ ସାରିଦେଲି । ତାପରେ ସେ ପରିବା ଆଣିବାକୁ ଯାଇଛନ୍ତି ତ ମୁଁ ପଚାଶଟଙ୍କା ଧରି ଚମ୍ପଟ । ନନା ଫେରିବା ପରେ ମୋ କଥା ବୋଉ ସବୁ କହିଲା । ଶୁଣି ନନା ଚିନ୍ତିତ ହୋଇପଡିଲେ ଓ କହିଲେ, 'ଆଜି ପରା ଗ୍ରହ ପ୍ରତି ବିପଦ ଅଛି ।' ନନା ଜଣେ ଉଚ୍ଚକୋଟୀର ଜ୍ୟୋତିଷ । ବୋଉ ଅମଙ୍ଗଳ ଚିନ୍ତା ମନରେ ନ ଧରିବାକୁ କହିଲା ।

କଟକ ସଟଲ୍ ରେ ଆମ ଦଳର ପ୍ରାୟ କୋଡିଏ ଜଣ ସହ ବରଯାତ୍ରୀ ବାହାରିଲେ । ଆମେ ଗୋଟିଏ ବଗିରେ ବସିଲୁ ଓ ଆଉ କାହାରିକୁ ପୂରାଇ ଦେଲୁନି । ମାଳତିପାଟପୁରଠାରୁ ସେ ବଗିକୁ ଯେତେଜଣ ବୁଲା ବିକାଳୀ ଆସିଲେ, ସମସ୍ତଙ୍କଠାରୁ ଖାଇଲୁ । ଗଣେଶ କହିଲା କେହି ପଇସା ଦେବେ ନି । ମୁଁ ସବୁ ଦେବି । ହୋ ହଲ୍ଲା, ଅନ୍ତାକ୍ଷରୀ, ଲୁଡୁଖେଳ ଇତ୍ୟାଦି ମାଧ୍ୟମରେ ଖୋର୍ଦ୍ଧାରୋଡ୍‌ରେ ପହଞ୍ଚିଲୁ । ସେଠାରେ ଗରମ ପୁରି ଆଳୁଦମ୍ ଖାଇଲୁ । ଉଦ୍ଦେଶ୍ୟ ଥିଲା, ବାହାଘର ଭୋଜି ନ ଖାଇ ସିନେମା ଯିବୁ । ସେଥିପାଇଁ ବାଟରେ ପେଟପୂରା ଖାଉଥିଲୁ । ଖୋର୍ଦ୍ଧାରୋଡ୍ ଛାଡିବା ପରେ କିଛି ସମୟ ପରେ ଭୁବନେଶ୍ୱରରେ ଟ୍ରେନ୍ ପହଞ୍ଚିଲା । ସେତେବେଳକୁ ଜୁନ୍ ମାସ ଖରା ଓ ଗରମ । ଆମେ ଥଣ୍ଡାପାଣି ଆଡକୁ ଧାଇଁଲୁ, ପାଣି ପିଇବା ପରେ ହଠାତ୍ ଦେଖିଲୁ ଟ୍ରେନ ଚାଲିଛି । ଦଉଡା ଦଉଡି କରି ଟ୍ରେନ୍‌ରେ ପଶିବାକୁ ଚେଷ୍ଟାକଲାବେଳେ ମୁଁ ଓ ଗଣେଶ ପଡିଗଲୁ । ସେ ଟ୍ରେନ୍ ଖାଇଭିତରେ ଓ ମୁଁ ପ୍ଲାଟଫର୍ମ ଉପରେ । ତା ଉପରେ ଟ୍ରେନ୍ ଚକା ଚାଲିଗଲା ଓ ମୋତେ କିଏ ଜଣେ ଭିଡି ଆଣିଲା । ମୁଁ ଖଣ୍ଡିଆ ଖାବରା ହୋଇ ବଞ୍ଚିଗଲି । ଟ୍ରେନ୍ ରହିଲା । ସମସ୍ତେ ସ୍ତବ୍ଧ । ଲୋକ ଘେରିଗଲେ । ମୋତେ ଫାଷ୍ଟଏଡ୍ ପାଇଁ ନେଇଗଲେ । ଆମ ସାଙ୍ଗମାନେ ଗୋଟିଏ ଗାଡି ଓ ଶବାଧାରଟିଏ ଧରି ପୁରୀ ଫେରିଲୁ ।

ମୋ ପାଇଁ ଜୁନ୍ ୫ ତାରିଖର ଦିନ । ସେଇ ଜୁନ୍ ୫ ପରଠାରୁ ମୁଁ ଦେଖେ କେତେ ଦୁଃସମ୍ବାଦ ନେଇ ଦିନ ଟି ଆସୁଛି । ସେ ଦିନ ଆୟା କି ଅବସ୍ଥାରେ ପୁଅର ମଲାମୁହଁ ଦେଖିଲେ ! ମୋ ଭରସାରେ ଗଣେଶକୁ ଛାଡିଥିଲେ । ମୋର ମନେ ହୁଏ ଗଣେଶ ବୋଧହୁଏ ସେତିକି ଦିନକୁ ଆସିଥିଲା । ତା ପରଠାରୁ ମୁଁ ଗଣେଶ ଘରକୁ ଯାଇନି । ଜୁନ ମାସ ପାଞ୍ଚ ତାରିଖ । ମୋର ମନ ଭାରି ହୋଇଯାଏ । କେନେଡିଙ୍କ ଆତତାୟୀ ହାତରେ ନିଧନ ବି ଇତିହାସରେ ଏହିଦିନ । ମୋ ମନର ସମୟ ଦର୍ପଣରେ ଅଲିଭା କଳାଦାଗ ।

ଅଧ୍ୟାପକ, ରାଜନୀତି ବିଜ୍ଞାନ,
ଉତ୍କଳ ବିଶ୍ୱବିଦ୍ୟାଳୟ
ମୋ: ୯୩୩୭୧୨୫୬୨୯

✠✠✠✠



# ଜୀବନ - ସ୍ୱଭାବ ଓ ସ୍ୱପ୍ନର ସମ୍ଭାର

*ଇନ୍ଦ୍ରମଣି ଜେନା*

ସ୍ୱଭାବ ମଣିଷର ତଥା ପ୍ରାଣୀ ସହ ଜନ୍ମ ନେଇଥିବା ଚରିତ୍ର ବା ଗୁଣ । ଏହା ଜନ୍ମରୁ ନିର୍ଦ୍ଧାରିତ ସହଜାତ ପ୍ରକୃତି । ଏହାର ସ୍ୱତଃ ପରିପ୍ରକାଶ ହୁଏ, ଜଣେ ଅବଚେତନ ମନରେ ବି ଏହାର ପୂର୍ଣ୍ଣ ସଂଶୋଧନ କରିପାରିବା ସମ୍ଭବ ନୁହେଁ । ଅଲକ୍ଷ୍ୟରେ ମଣିଷ ତା ସ୍ୱଭାବର ଚରିତାର୍ଥ କରିଥାଏ । ମଣିଷର ଏହି ପ୍ରକୃତି ଗୁଡ଼ିକ କ୍ରୋଧ, ସନ୍ଦେହ, ଭୟ, ହସ ପରି ଅସୁମାରି ଗୁଣର ସତ୍ତା ବହନ କରିପାରେ । ଦାର୍ଶନିକ, ସାହିତ୍ୟିକ ବା ସାଧାରଣ ଲୋକମାନେ ପ୍ରତ୍ୟେକ ବ୍ୟକ୍ତିର ସ୍ୱଭାବ ବା ପ୍ରକୃତି କଅଣ ଉଲ୍ଲେଖ କରିଥାଆନ୍ତି । କିଏ ସାଧାରଣ ସ୍ୱଭାବର ତ କିଏ ବଦ୍‌ରାଗୀ, କିଏ ସନ୍ଦେହୀ, କିଏ ସଦା ଚଞ୍ଚଳ, କିଏ ମଠୁଆ ଏମିତି ଅନେକ ଗୁଣର ପ୍ରକାଶ କରାଯାଇପାରେ । ଯିଏ ବଦ୍‌ରାଗୀ, ସିଏ କଥା କଥାରେ ସାମାନ୍ୟତମ ବ୍ୟତୀକ୍ରମରେ ଅତିମାତ୍ରାରେ କ୍ରୋଧାନ୍ୱିତ ହୋଇ ପଡୁଥିବେ । ଝିମିଟି ଖେଳରୁ ମହାଭାରତ ସୃଷ୍ଟିକରିପାରୁଥିବେ । ଆଉ ଯିଏ ସନ୍ଦେହୀ ଚରିତ୍ରର ହୋଇଥିବେ, ପ୍ରତି ପଦ କଥାରେ ଅବିଶ୍ୱାସ, ଘୋର ସନ୍ଦେହ, ଅର୍ଥକୁ ଅନର୍ଥ କରି ସଜ ମାଛରେ ପୋକ ପକେଇ ଦେବେ । ଆଉ କେତେକ ଅଛନ୍ତି ଯେଉଁମାନେ ଆପଣଙ୍କୁ ଦେଖିବାମାତ୍ରେ ଶଙ୍କିତ ହୋଇ ପଡିବେ, ଯେମିତି ଆପଣ ତାଙ୍କ ପାଖକୁ ଆସିଛନ୍ତି ଶହେ ହଜାରେ ଉଧାର ନେବାକୁ । ଆଉ ତାଙ୍କ ପାଖରେ ନାହିଁ ଦେବାକୁ ।

ପ୍ରାଣୀ ସହିତ ଜନ୍ମନେଇଥିବା ଏହି ଗୁଣ ଏପରି ଭାବରେ ସମ୍ମିଳିତ ହୋଇଥାଏ, ଏହାକୁ ଅବିଚ୍ଛିନ୍ନ ବା ଅନ୍ତର୍ନିହିତ ବୋଲି କୁହାଯାଇ ପାରେ । ପିଲାଦିନରୁ ଜଣଙ୍କର ସ୍ୱଭାବ ବା ପ୍ରକୃତିକୁ ବିଶ୍ଳେଷଣ କରାଯାଇପାରେ । ଆମର ସାଧାରଣ କଥାରେ କୁହାଯାଉଥିବା କଥା, ତୁଳସୀ ଦୁଇ ପତ୍ରରୁ ବାସେ ଏହା ସୂଚାଇ ଦିଏ ତୁଳସୀଗଛର ପ୍ରକୃତି ଯେପରି ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସ୍ୱତନ୍ତ୍ର ବାସଯୁକ୍ତ, ସେମିତି ଅନେକ ମହାମନିଷୀ ମାନଙ୍କଠାରେ ମାନବିକତାର ମୂଳମନ୍ତ୍ରର ଅୟମାରମ୍ଭ ଦେଖିବାକୁ ମିଳେ । ଏମିତି ପ୍ରତ୍ୟେକ ମଣିଷର ସ୍ୱଭାବଗତ ଗୁଣ ରହିଛି । ନିଜେ ଆପଣ ବିଶ୍ଳେଷଣ କରନ୍ତୁ, ପିଲାଦିନୁ କରିଚାଲିଥିବା କାମରେ, ଦୈନନ୍ଦିନ ବିଚାରଧାରାରେ, ଆଚାର ବ୍ୟବହାରରେ ଆପଣଙ୍କର ନିଷ୍ପତ୍ତି ନିଶ୍ଚିତ ଭାବରେ ଆପଣଙ୍କର ସ୍ୱଭାବ ବା ପ୍ରକୃତି ଉପରେ ନିର୍ଭରଶୀଳ । ଏମିତି ପଣିକିଆ ପରି ଗାଣିତିକ ହୋଇପଡେ ଯେ, ଆପଣଙ୍କୁ ବହୁଦିନଧରି ଜାଣିଥିବା ବନ୍ଧୁ ବା ସମ୍ପର୍କୀୟ ମାନେ କୌଣସି ପରିସ୍ଥିତିରେ ଆପଣ କଅଣ ନିର୍ଣ୍ଣୟ ନେବେ, ତାହା ନିଶ୍ଚିତ ଭାବରେ ଅନୁମାନ କରି ପାରିବେ ।

କେତେଜଣ ଅଛନ୍ତି ଦେଖିବାମାତ୍ରେ ମନପୂରା ହସଟିଏ ହସିଦେବେ, ହସଟା ପୂରା ପେଟରୁ ଆସୁଛି, କେବଳ ମୁଖମଣ୍ଡଳର ଅଗଭୀର ହସ ନୁହେଁ । ଆପଣ ପୂରା ଦୋଷୀ ଥିଲେ ବି ଦି ପଦ ଗାଳି କରିବାକୁ ପଛେଇ ଯିବେ । ଶତ୍ରୁଟିଏ ହୋଇଥିଲେ ଏଇ ହସକୁରା ବା ହସକୁରୀ ମଣିଷଟିର ହସ ଭାଙ୍ଗିପାରିବେ ନି ବ୍ୟବହାରରେ । ମୂଲ୍ୟ ବା କେତେ ଦେବାକୁ ପଡୁଛି ହସ ପାଇଁ, ନିର୍ମଳ ମନରେ ଦିପଦ କଥା ହେବାକୁ ଅବା ନିମିଷକ ଚାହାଣିରେ ବନ୍ଧୁତା କରିବା ପାଇଁ । ଏହି ହସର ମୂଲ୍ୟ ନିଜର ସାମାଜିକତା ଓ ବ୍ୟବହାରିକ ମୂଲ୍ୟବୋଧ ଏପରି କରିଥାଏ, ବହୁଲୋକ ଆକୃଷ୍ଟ ହୋଇପଡନ୍ତି ଟିକିଏ ଦେଖାକରି ହେବାକୁ ଅବା ଘଡିଏ କଥା ହେବାକୁ ।

କହିବା ବାହୁଲ୍ୟ ଯେ ହସି ଦେବାକୁ କିଛି ପଇସା ଖର୍ଚ୍ଚ ହୁଏ ନି । ହସି ଦେବା ଦ୍ୱାରା କାହାର ଚାରିତ୍ରିକ ପତନ ଘଟେନି । ବିପରୀତ ଦିଗରୁ, କ୍ରୋଧିତ ହୋଇଯିବାଦ୍ୱାରା କିଛି ମିଳିଯାଏନି ଅବା ଚରିତ୍ର ଉତ୍ତମ ହୋଇଯାଏ ନାହିଁ । ଏଇଟା ସମସ୍ତଙ୍କୁ ଜଣା । ଅଥଚ ସମସ୍ତେ ହସନ୍ତି ନି କାହିଁକି ? ଜଣକୁ ଦେଖିଲେ, ଓଠରୁ ଚେନାଏଁ ହସ କାହିଁକି ବାହାରି ପଡେ ନି ? ଏଇଟା ମଣିଷର ଚରିତ୍ରଗତ ସ୍ୱଭାବ । ଜଣେ ଚାହିଁଲେ ବି ପ୍ରାକୃତିକ ହସ ଫୁଟିପାରିବ ନି ମୁହଁରେ । ହସଟା କୃତ୍ରିମ ହୋଇପଡିବ, ସ୍ୱଭାବ ପରିବର୍ତ୍ତନର ଅପ୍ରକୃତ ହସ ପାଲଟିଯିବ ନେଫେଡା ହସରେ ।

ଏତେ ବେଦ ପୁରାଣ ଜ୍ଞାନରେ ନିଜର ସ୍ୱଭାବ ବା ପ୍ରକୃତିର ସଂଶୋଧନ ହୋଇଯାଏ ବୋଲି ଭାବିବା ସ୍ୱାଭାବିକ । ଜଣେ ସନ୍ଦେହୀ ସ୍ୱଭାବର ମଣିଷ ଯେତେ ଭାଗବତ ପଢିଲେ ବି ତାର ପ୍ରକୃତି କୁଆଡେ ଯିବ ? କଥାରେ କୁହନ୍ତି, "କୁକୁର ଲାଙ୍ଗୁଡ ବଙ୍କା" । ଏଇଟା କୁକୁର ଲାଞ୍ଜର ପ୍ରକୃତି, ନିଜେ ସୃଷ୍ଟିକର୍ତ୍ତା ବ୍ରହ୍ମା ବାରବର୍ଷ ଚେଷ୍ଟାକରି ବି ସଳଖ କରିପାରିବା ଅସମ୍ଭବ ! ସେମିତି ରାମାୟଣ ବର୍ଣ୍ଣିତ ଉପାଖ୍ୟାନ । ଭବିଷ୍ୟତ କଅଣ ହେବ ଶୁଣି ମଧୁସବୁଆଡେ ସୀତା ହରଣ ରାବଣ ମରଣ ସତର୍କସୂଚନା ଲେଖି ମଧୁବିଙ୍କ ରାବଣ ନିଜ ସ୍ୱଭାବର ପରିବର୍ତ୍ତନ କରି

ପାରିଲା କି ? ସେଥିପାଇଁ ଖାଣ୍ଟି ଓଡିଆରେ କହନ୍ତି, "ଘୁଷୁରି ପ୍ରକୃତି ପଙ୍କେ ଲୋଟେ, ମଣିଷ ପ୍ରକୃତି ମଲେ ତୁଟେ" । ବଞ୍ଚିଥିବା ପର୍ଯ୍ୟନ୍ତ ଜନ୍ମରୁ ପ୍ରାପ୍ତ ସ୍ୱଭାବର ସଂଶୋଧନ ଅସମ୍ଭବ । ଯେମିତି କିଏ ଆମକୁ ଗୋଟିଏ ଗତିରେ ଦୁନିଆଁକୁ ନିକ୍ଷେପ କରିଦେଇଛି । ପିଲାମାନଙ୍କର ମାଙ୍କଡ ଡିଆଁ ଖେଳଣା ପରି କେବଳ ଆମେ ଉପରକୁ ଉଠୁଛେ, ତଳକୁ ଖସୁଛେ, ଇଚ୍ଛା କି ସାଧ ନାହିଁ କିଛି ଆମର ।

ନିଜର ସ୍ୱଭାବର ମୂଳ ଅଂଶଟା ଜୀବନସାରା ବଳବତ୍ତର ରହେ, ଶିକ୍ଷା, ସମାଜ, ବେଦ, ପୁରାଣ, ବୈଜ୍ଞାନିକ ତଥ୍ୟ ଓ ଅଭିଜ୍ଞତା କିଛିଟା ପରିବର୍ତ୍ତନ ଆଣିପାରେ । ସ୍ୱଭାବର ମୂଳୋତ୍ପାଟନ ସମ୍ଭବ ନୁହେଁ । ଉଦାହରଣ ସ୍ୱରୂପ ବାଘଟିଏ ପୋଷାମନାଇ ନିରାମିଷାଶୀ କରିଦେବା ପରି । ସ୍ଥାନ, କାଳ ଓ ପାତ୍ର ବିଶେଷରେ ସ୍ୱଭାବର ପରିପ୍ରକାଶ ଘଟିବ ହିଁ ଘଟିବ । ଏମିତି କି ଯିଏ ସ୍ୱଭାବତଃ କ୍ରୋଧୀ, ସିଏ ନିଜ ଜୀବନ କାଳ ମଧ୍ୟରେ ଅନେକ ସମୟରେ ଏହି କ୍ରୋଧଜନିତ କାରଣରୁ ଅପମାନିତ, ନିର୍ଯାତିତ ଅବା ଦଣ୍ଡିତ ହୋଇ ପାରିବା ଅବିଶ୍ୱସନୀୟ ହୁଏ ନି ଆମର । ପିଲାଦିନରୁ ଚୌର୍ଯ୍ୟ ମନୋବୃତ୍ତି ଭବିଷ୍ୟତରେ ହିଁ ଉଗ୍ର ଅସାମାଜିକ ରୂପ ନେବାଟା ବହୁଗୁଣରେ ସତ୍ୟ ବୋଲି ପ୍ରତିପାଦିତ ହୁଏ । ଶିକ୍ଷା ଓ ସାଧନା ବଳରେ ଜଣେ ଏହାକୁ ଦମନ କରିବାର ସହସ୍ର ଉଦ୍ୟମ ମନର କୋଣରେ ଲୁପ୍ତଥିବା ସ୍ୱଭାବର ଅବଶେଷରୁ ଅଶାନ୍ତ ଇଚ୍ଛା ବିରୁଦ୍ଧ କାର୍ଯ୍ୟରେ ନିର୍ବାହିତ ହୋଇ ସମସ୍ତଙ୍କର ବିଶ୍ୱାସ ବହିର୍ଭୂତ ଦୃଶ୍ୟରେ ପରିଣତ ହୁଏ ।

ଆମ ରାଜ୍ୟର ମୁଖ୍ୟ ସହରର ଜଣେ ଅଭିଜ୍ଞ ପଦାଧିକାରୀ ଥରେ କହିଲେ, ସହରଟାରେ ସିଏ ମଣିଷଟିଏ ଦେଖୁ ନାହାନ୍ତି । କେବଳ ହିଂସ୍ର ଜନ୍ତୁ ମାନଙ୍କଦ୍ୱାରା ପରିପୂର୍ଣ୍ଣ । ବିସ୍ତୀର୍ଣ୍ଣ ଏକାମ୍ର କାନନ ଥିବାବେଳେ ସିନା ଏହା ହିଂସ୍ରଜନ୍ତୁ ଅଧ୍ୟୁସିତ ଥିଲା । ଏବେ ଏତେ ମନ୍ତ୍ରୀ, ପ୍ରଶାସକ, ବିଭିନ୍ନ ଶ୍ରେଣୀର ଶିକ୍ଷିତ ବ୍ୟକ୍ତି ଜନଗଣନାରେ ଉଚ୍ଚଶିକ୍ଷା ବିଶିଷ୍ଟ ସହରରେ ସିଏ କେଉଁଠି ହିଂସ୍ର ବନ୍ୟପଶୁ ଦେଖିବାକୁ ପାଇଲେ ? କିନ୍ତୁ ସିଏ କହିଲେ, "ମୁ ସ୍ୱଭାବ ଦୃଷ୍ଟିରୁ କହୁଛି । କିଏ ବାଘ ପରି ତ କିଏ ଶିଆଳ ପରି । କିଏ ଠେକୁଆ ପରି ତ କିଏ ଭାଲୁ ପରି ।" ବିଶ୍ୱାସ କରିବାକୁ ପଡିବ ସେଇ ପଦାଧିକାରୀଙ୍କୁ । ସିଏ ଯେତେବେଳେ ରାଜଧାନୀର ଭୂସମ୍ପତ୍ତି ନିର୍ଦ୍ଦେଶକ, ସିଏ ଠିକ୍‌ରେ ମୂଲ୍ୟାୟନ କରିଥିବେ ତାଙ୍କ ଉପରେ ପ୍ରୟୋଗ କରାଯାଉଥିବା ବିଭିନ୍ନ ରାଜନୈତିକ, ପ୍ରଶାସକ, ନ୍ୟାୟିକ ଚାପ ଗୁଡିକୁ । ମଣିଷତ୍ୱର ଅବକ୍ଷୟିତ ସ୍ୱଭାବ କେବଳ ତାଙ୍କୁ ଯାହା ଦେଖାଯାଉଥିଲା ।

ସ୍ୱଭାବ ମଣିଷର ଶରୀର ଓ ମନପରି ଆଉ ଗୋଟିଏ ଉପାଦାନ । ଲୋକମାନେ ସାଧାରଣ ଭାବରେ ପ୍ରତି ମଣିଷର ରୂପ ଗୁଣ ସହିତ ସ୍ୱଭାବ ବି ବର୍ଣ୍ଣନା କରନ୍ତି । କହିବେ, "ତାଙ୍କୁ ଅଳ୍ପ କଥା କହିବୁ । ଧୀରେଧୀରେ କହିବୁ । ବାବୁ ଟିକିଏ ବଡ ପାଟିରେ କଥାହେଲେ ଚିଡିଯିବେ ।" ଆଉ କାହାକୁ କହିବେ ମିଛୁଆ । ପ୍ରତି ପଦରେ ଦି ପଦ ମିଛ । ଦିନରେ ଚାନ୍ଦ ଦେଖାଇବା ମଣିଷ । ଏମିତି ସାଧାରଣ ବ୍ୟବହାରରେ ସ୍ୱଭାବ ବିଷୟରେ ସମସ୍ତେ ଅଭିଜ୍ଞ । ସ୍ୱଭାବ ମଣିଷର ବଞ୍ଚିବାରେ ଓ ସମାଜରେ ଚଳିବାରେ ନିର୍ଣ୍ଣାୟକ ହୋଇପାରେ ।

ନିଜ ସ୍ୱଭାବ ବିଷୟରେ ପରିଚିତ ହୋଇ ମଧ୍ୟ ବହୁକ୍ଷେତ୍ରରେ ସଂଶୋଧନ କରିବା ସମ୍ଭବ ହୁଏ ନ । ଯିଏ ସ୍ୱଭାବତଃ କ୍ରୋଧୀ, ସିଏ ଜୀବନରେ ବହୁବାର ନିଜ କର୍ମପାଇଁ ଲଜ୍ଜିତ ବା ଦଣ୍ଡିତ ହୋଇଥିବା ଅସମ୍ଭବ କଥା ହୋଇ ନ ପାରେ । ସେମିତି ମନର କୋଣରେ ଚୋରି କରିବାର ଅଦମ୍ୟ ଲାଳସା କଦାପି କୌଣସି ଶିକ୍ଷାଦ୍ୱାରା ପ୍ରଶମିତ ନ ହୋଇ ସିଧା ସଳଖ ଚୋରି ନ ହେଲେ ବି ଦୁର୍ନୀତିର ରୂପ ନେଇ ପାରେ । ଚୋରି କରିବାର ନିଶା ହିଁ ରୂପ ନିଏ । ନିଜ ନିଶାରେ ଘାରି ହୋଇ ଆଗତ ଭବିଷ୍ୟତ ବା ଲୋକଲଜ୍ୟାକୁ କେବେ ମନକୁ ଆଣି ପାରେ ନି ଚୋର । ଜିନିଷଟିଏ ଚୋରିକରି ଖସିଗଲେ ନିଜେ ନିଜକୁ ବିପଦମୁକ୍ତ ମନେ କରିବା ତାର ଠିକ୍ ବିରାଡି ଆଖିବୁଜି ଦୁଧ ଖାଇବା ପରି । ଚୋରି କରିବାର ସ୍ୱଭାବ ଦିନେ ତାକୁ ଆଇନ ସମ୍ମୁଖକୁ ବା କାରାଗାରକୁ ନେବ, ଏଥିପ୍ରତି ତାର ନିଘା ନାହିଁ ।

ଏମିତି ଆମର ଦୈନନ୍ଦିନ କାର୍ଯ୍ୟ ନିର୍ବାହ କାଳରେ ସ୍ୱଭାବ ଆମର ଏମିତି ଅଜାଣତରେ କାମ କରୁଛି, ଅଥଚ ଆମେ ସତର୍କତା ବଳରେ ସବୁ ସଂଶୋଧନ କରିପାରୁନି । ଅବଶ୍ୟ ଅନେକ କାମ ଆରମ୍ଭ କରିଦେବା ପରେ ଜାଣି ପାରି ମୁହଁ ବଦଳାଇଥାଉ । ଏଇଟା ସ୍ୱଭାବ ଓ ତାର ପରିମାର୍ଜିତ ସଂସ୍କରଣ ବୋଲି କୁହାଯିବ ।

ସେମିତି ମଣିଷ ମନର ଦର୍ପଣ ପରି ଆମେ ବହୁ ସମୟରେ ସ୍ୱପ୍ନ ଦେଖୁ, ଯାହାକି ଆମର ଅତୀତ, ବର୍ତ୍ତମାନ ଓ ସମ୍ଭବତଃ ଭବିଷ୍ୟତ ଦୃଶ୍ୟପଟ୍ଟ ସହ ଜଡିତ । ଆମର ଅପରିସୀମ ମନ ନିଦ୍ରିତାବସ୍ଥାରେ ଅନେକ ବିଷୟାନୁଭବ କରିପାରେ । ମନର ଏହି ଅପ୍ରକୃତ ଦୃଶ୍ୟ କୋଣସି ଚଳଚିତ୍ର ଅପେକ୍ଷା ଆମ ଜୀବନ ସହ ବିଶେଷ ଭାବରେ ସମ୍ପୃକ୍ତ । ଆମ ନିଜତ୍ୱ ସହ ଜଡିତ, ପ୍ରକାରାନ୍ତରେ ଆମର ତିନି କାଳ ସହ ସମ୍ବନ୍ଧିତ । ଆମ ସମାଜରେ ପ୍ରଚଳିତ ଠାକୁର ଠାକୁରାଣୀ ଆମକୁ ସପ୍ନାଇ ଥାଆନ୍ତି, ନିଦ୍ରାରେ ଆଦେଶ ଦେଇ ଥାଆନ୍ତି । ସବୁ ପାରମ୍ପରିକ ସମାଜ ପରି ଆମ ରାଜ୍ୟରେ ଠାକୁରଙ୍କର ସ୍ୱପ୍ନାଦେଶ ବହୁ ମୂଲ୍ୟବାନ । ବହୁ ଦେବାଦେବୀ ମନ୍ଦିର ଓ ବହୁ ଧର୍ମାବତାରଙ୍କର ସୂତ୍ର ହି ସ୍ୱପ୍ନ ।

ସ୍ୱପ୍ନାଦେଶ ବଳରେ ଜଗନ୍ନାଥଙ୍କର ଦାରୁଚୟନ ଓ ନବକଳେବର । ଆମର ଓଡିଆ ଜାତିଟା ସ୍ୱପ୍ନର ସେଇ ଜଗନ୍ନାଥଙ୍କର ନିର୍ଦ୍ଦେଶରେ ହିଁ ଚାଲିଛି । ସ୍ୱପ୍ନର ପ୍ରାଧାନ୍ୟ ଓ ସାମାଜିକ ମୂଲ୍ୟବୋଧ ଏଥିରୁ ସୁସ୍ପଷ୍ଟ । ସେହି ଜଗନ୍ନାଥ ଦିନେ ଓଡିଶା ରାଷ୍ଟ୍ରର ପୁରୁଷୋତ୍ତମଦେବଙ୍କୁ ସ୍ୱପ୍ନାଦେଶ ଦେଇଥିଲେ ଦ୍ୱିତୀୟଥର କାଞ୍ଚିଯୁଦ୍ଧକରି ପ୍ରତିଶୋଧ ନେବାକୁ !

ସ୍ୱପ୍ନ ହିଁ ବ୍ରହ୍ମବିଦ୍ୟାର ତତ୍ତ୍ୱ, ଶୋଇବା ଅବସ୍ଥାରେ ସ୍ଥୁଳଶରୀର ନିଦ୍ରିତଥାଏ, ମାତ୍ର ସୂକ୍ଷ୍ମଶରୀର ଜାଗ୍ରତଥାଏ । ଏହି ସୂକ୍ଷ୍ମ ଶରୀରର ଚିନ୍ତାଧାରା

ହିଁ ସ୍ୱପ୍ନଭାବରେ ମନରେ ରହିଯାଏ । ମାତ୍ର ଆଜିର ଶରୀର ବିଜ୍ଞାନ, ସ୍ନାୟୁ ବିଜ୍ଞାନ ଓ ମନସ୍ତତ୍ତ୍ୱ ମଣିଷ ମନକୁ ଯେମିତି ବିଶ୍ଳେଷଣ କରନ୍ତି, ସ୍ୱପ୍ନ କେବଳ ସ୍ମରଣ ବା ଭାବନାର ବୃତ୍ତଚିତ୍ରଟିଏ । ନିଦର ପ୍ରଥମ ବା ଶେଷକୁ ଏହି ଚିତ୍ରଟି ମନ ଦର୍ପଣରେ ଚଳଚିତ୍ରପରି କ୍ଷିପ୍ରଗତିରେ ଧାବମାନ ହୁଏ । ଏହାକୁ ନିଜେ ବିଶ୍ଳେଷଣ କଲେ, ଅନେକ ଦୃଶ୍ୟ ହି ଅତୀତ ବା ମନକୁ ଆସିଥିବା କଳ୍ପନାସମ୍ଭୂତ ବୋଲି ପ୍ରତୀୟମାନ ହୁଏ । ମାତ୍ର କିୟଦାଂଶରେ ସଠିକ ଭବିଷ୍ୟତ ବାଣୀ ହେଉଥିବାରୁ ସ୍ୱପ୍ନକୁ ସତ୍ୟ ନୁହେଁ ବୋଲି ଆମେ କେବେ ଧାରଣା ଆଣି ପାରୁ ନି ।

ଏହି ସ୍ୱପ୍ନ ଆମର ଜୀବନ ସହିତ ଓ ଆମର ଦୈନନ୍ଦିନ କାର୍ଯ୍ୟ ନିର୍ବାହ ସହିତ ଅଙ୍ଗାଙ୍ଗୀଭାବରେ ଜଡିତ । ଅନେକ ସ୍ୱପ୍ନକୁ ତନ୍ନତନ୍ନ କରି ଦେଖନ୍ତି, ସେହି ବିଷୟରେ କେବେ ଚିନ୍ତା କରିଥିଲେ । ଆଉ କିଏ ସୁଖର ସ୍ୱପ୍ନଟି ସାକାର ହେବାକୁ ଚାତକ ପରି ଚାହିଁ ବସିଥାଏ କେଉଁଦିନ ସତହେବ । ସେମିତି ଦୁଃସ୍ୱପ୍ନ ଆମକୁ ରାସ୍ତାରେ ବାଟ ପରିବର୍ତ୍ତନ କରିବାକୁ ବାଧକରୁଛି । ପଥରୋଧ କରୁଛି କାଳ କାଳ ପାଇଁ କିଛି କରିବା ପାଇଁ । ପ୍ରକାଶ୍ୟ ଭାବରେ ନ ହେଲେ ବି ମନର କୋଣରେ ଆମକୁ ସତର୍କ କରାଉଛି କେଉଁ ଦିଗକୁ ଯିବା ବିପଜ୍ଜନକ ।

ସ୍ୱଭାବ ଓ ସ୍ୱପ୍ନ ଜୀବନର ଅନେକଟା ନିର୍ଣ୍ଣାୟକ ହୁଅନ୍ତି, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ଅନେକ ସମୟରେ ଆମର ସ୍ୱଭାବ ଓ ସ୍ୱପ୍ନ ପ୍ଲାବିତ ମନୋଭାବ ଆମକୁ ଏମିତି ସାମାଜିକ ମୂଲ୍ୟବୋଧରେ ଆଣି ପହଞ୍ଚାଇଦିଏ, ଆମେ ବିଶ୍ୱାସ କରି ପାରୁନି ନିଜକୁ । ଏହା ସମ୍ଭବତଃ ମଣିଷର ପ୍ରକୃତିର ଓ ଅଦୃଶ୍ୟ ମାନସିକତାର ଉଦାହରଣ ହୋଇପାରେ । ଏମିତି କେତୋଟି ସତ କଥାର ଉଦାହରଣ ଏପରି ହୋଇପାରେ, ଆମର ସ୍ୱଭାବ, ପ୍ରକୃତି ଓ ଅଦୃଶ୍ୟ ଗୁଣ କିପରି ଘୃଣା, ଆଶଙ୍କା, ଚୌର୍ଯ୍ୟ ଓ କ୍ରୋଧଦ୍ୱାରା ଆଚ୍ଛନ୍ନ ।

(୧)

## ଗୁଣିଗୁଣିଆ ବୁଢା

ସତରେ ଲୋକଟା ଗୁଣୁଗୁଣୁ ହୋଇଚାଲିଥାଏ । ଅଳ୍ପସମୟ ତା ପାଖରେ ଠିଆ ହୋଇ ରହିଲେ ବିରକ୍ତ ଲାଗିବ । କିଏ କିଏ ବି କହନ୍ତି ଇଏ ଏକାଦଶୀ ଦାସ ନୁହଁନ୍ତି, ବରଂ ଗୁଣୁଗୁଣିଆ ଦାସ । ବାପା ମା କୋଉ ବେଳାରେ ଜନ୍ମ ଦେଇଥିଲେ ତାଙ୍କୁ ଗଣଗଣିଆ ମାଛିଟିଏ ତ । କେବେଠାରୁ ଏକାଦଶୀ ଗୁଣୁଗୁଣୁ ହେବା ଆରମ୍ଭ କଲେଣି କାହାର ହେତୁ ନାହିଁ । ମୋତେ ବିରକ୍ତ ଲାଗିବା ପୂର୍ବରୁ ମୁଁ ତାଙ୍କର ଦୁଃଖସୁଖ ବୁଝି ବିଦା କରିଦିଏ । ସତ କହିବାକୁ ଗଲେ, ମୁଁ ଏହି ଗୁଣୁଗୁଣୁ ଶବ୍ଦଦ୍ୱାରା ଏତେ ବିରକ୍ତ ହୋଇନି, କିଛି ଲୋକ ଏମିତି ଥାଆନ୍ତି, ତାଙ୍କର କଥାବାର୍ତ୍ତା, ଅଙ୍ଗଭଙ୍ଗୀ, ମୁହଁର ଭାବ, ହାତଗୋଡହଲା ନିଶ୍ଚିତ ଶୂନ୍ୟରେ ଦୃଷ୍ଟି ଆକର୍ଷଣ କରିବେ । ଏକାଦଶୀଙ୍କର ଗୁଣୁଗୁଣୁ ଉପରେ ମୋର ଏତେଟା କଟୁଭାବ ଆସିନି । କାରଣ ସିଏ ପୋଷ୍ଟପିଅନ ନ ହେଲେ ହେଁ ସକାଳୁ ମୋର ଦି ଖଣ୍ଡ ଚିଠି ଆସିଥିଲେ, ଡାକଘରର ଚିଠି ଥାକରୁ ଆଣି ପହଞ୍ଚାଇ ଦିଅନ୍ତି । ମୋର ଲକ୍ଷ୍ୟ ତାଙ୍କ ହାତ ଉପରେ ଥାଏ ।

ବାଧ୍ୟ ହୋଇ ଦିନେ ପଚାରି ଦେଲି, ଦାସେ କିଛି ଭାବିବ ନାହିଁ, ତୁମେ କଅଣ ଶିବଙ୍କ ଭକ୍ତ । କାରଣ ମୋ ମନରେ ବଦ୍ଧମୂଳ ଧାରଣା, ସିଏ ସକାଳୁ ଉଠି ଚିତା ଚଇତନ କାଟି ଠାକୁର ପୂଜା ସାରି ଦିନ ସାରା ଠାକୁରଙ୍କର ଗୁଣ କୀର୍ତ୍ତନ କରି ବୁଲୁଥାଆନ୍ତି । ଅଳ୍ପ ପୂଜାରେ ମନ ପୂରେନାହିଁ ଦାସଙ୍କର, ସବୁ ସମୟ ଠାକୁରଙ୍କର ଆରାଧନାରେ ଲାଗିଥାଏ । କାମ ବେଳେ ବା କଥାବାର୍ତ୍ତା ବେଳେ ଯାହା ବିରାମ ମିଳେ ଗୁଣୁଗୁଣୁ ଶବ୍ଦ ଚାରୋଟିକୁ । ସିଏ ମନା କଲେ କିଛି ପୂଜା ବା ଠାକୁରଙ୍କ ନାମ ସିଏ ନେଉ ନାହାନ୍ତି । ବୁଝି ହେଲାନି ତାଙ୍କର ଗୁଣୁଗୁଣୁ ।

ଆଉ ଦିନେ ଦାସେ ହାବୁଡେ ପଡିଗଲେ ମୋର ପ୍ରଶ୍ନର ଉତ୍ତର ଦେବାପାଇଁ । ସାଙ୍ଗରେ ଆଣିଆସିଥିଲେ ତାଙ୍କର ନାତୁଣୀ ଟିକୁ । ଛଅ ବର୍ଷର କୁନି ଝିଅଟି ମୁହଁମାରି ଠିଆ ହୋଇଥିଲା ଦେହ ଭଲ ନ ଥିବାରୁ । ସମୟ ଟିକିଏ ପାଇବାରୁ କହିଲେ, ଏଇ ନାତୁଣୀଟି ହିଁ ମୋର ଏକ ମାତ୍ର ସମ୍ବଳ । ତା କଥା ମନକୁ ଆସିଲେ ମୋତେ ଅନ୍ୟମନସ୍କ ହେବାକୁ ହୁଏ ଓ ମୁଁ କିପରି କଅଣ କରେ ମୁଁ ଜାଣିଶୁଣି ଗୁଣୁଗୁଣୁ ହୁଏନି, ମନକୁ ମନ ତାହା ମୋ ଇଚ୍ଛା ବିରୁଦ୍ଧରେ ପାଟିରୁ ବାହାରିଥାଏ ।

ସନ୍ଦେହ ହେବାରୁ ପଚାରିଲି, "ତୁମର ଘରେ କିଏ କିଏ ସବୁ ଅଛନ୍ତି ?" ସେଇଠୁ ବାହାରିଲା ଖବର, "ଏଇ ନାତୁଣୀର ଜନ୍ମ ସମୟରେ ବହୁ ଅବ୍ୟବସ୍ଥା ଦେଖାଦେଲା, ବୋହୂର ପ୍ରସବ ଘରପାଖ ଡାକ୍ତରଖାନାରେ ହୋଇପାରିଲା ନି । ପ୍ରସବ ପାଇଁ ଏଠାରୁ ରୋଗୀକୁ କଟକ ସ୍ଥାନାନ୍ତର କରିଦେଲେ ଆମ୍ବୁଲାନ୍ସରେ । କଟକରେ ପଡି ପଡି ଏଇ ଝିଅଟି ଜନ୍ମ ହେଲା ପନ୍ଦର ଦିନରେ ।

"ମୋତେ ଛାଡି ସମସ୍ତେ ଛୁଆଟିକୁ ଧରି କଟକରୁ ଫେରୁଥିଲେ ବସ୍‌ରେ । ପୁରୁଣା ବସ୍‌ଟି ଦ୍ରୁତ ଗତିରେ ଭାରସାମ୍ୟ ହରାଇ ରାସ୍ତାକଡର ଗୋଟିଏ ବଡ ବରଗଛ ସହ ଧକ୍କା କରିଦେଲା । ବହୁ ଲୋକ ସେହି ସ୍ପଟ୍‌ରେ ଟଳି ପଡିଲେ । ଆମଘରୁ ମୋ ଛଡା ସମସ୍ତେ ସେହି ବସ୍‌ରେ ଆସୁଥିଲେ ଓ ବସ୍‌ର ଆଗଧାଡିରେ ବସିଥିଲେ । ଆଠଦିନର ଏହି ପିଲାଟି କୌଣସିମତେ ମୃତାହତରୁ ବର୍ତ୍ତିଗଲା ଆଉ ଆପଣଙ୍କୁ କିଛି କହିବାକୁ ମୋର ଶକ୍ତି ନାହିଁ ।"

କିଛି ଆଶ୍ୱାସନା ଦେବାରୁ ଏକାଦଶୀ ବସି ପଡିଲେ । ଗମ୍ ଗମ୍ ଝାଳ ଦମ୍ ଟାଏ ବୋହିଗଲା । ଆଖି ଲୁହରେ ଭରିଗଲା । ଏପଟ ସେପଟକୁ ଚାହିଁ ନାତୁଣୀଟିର ହାତ ଜାବୁଡି ଧରିନେଲେ ସିଏ । ମୁଁ ତାର ଗୁଣୁଗୁଣୁ ଶବ୍ଦର ଅର୍ଥ ବୁଝି ପାରିଲି । ସମ୍ବେଦନା ଲୋଡିବସିଥିବା ଏକାଦଶୀ ଯେ ଗୁଣୁ ଗୁଣୁ ହେଉଛି, ମୋର ସନ୍ଦେହ ରହିଲା ନାହିଁ । ଏମିତି ଅନେକ ପ୍ରାକୃତିକ ବିପତ୍ତିକୁ ନ ବୁଝି ଆମର ଯେ ଅନେକ ଅଦୃଶ୍ୟ ଘୃଣାଭାବ ରହିଛି, ତାର କେତେକ ଉଦାହରଣ ମନେମନେ ଖୋଜିଲି ଓ କେତେକ

ବିଚିତ୍ର ଚରିତ୍ରର ମୂଲ୍ୟ ବୁଝିଲି । ଅକାରଣରେ କାହାକୁ ଘୃଣା କରିବାଟା ହୋଇପାରେ ଆମର ସାମାଜିକ ସ୍ୱଭାବ !

(୨)

## ନିସ୍ତାର

ସେନ୍ ବାବୁଙ୍କର ଅନେକ ଦିନ ହେଲା ଦେହ ଖରାପ ହେଲାଣି । ବୟସ ସତୁରି ଟପି ଯାଇଛି । ପିଲାମାନେ ବେଶ୍ ଯତ୍ନବାନ ପିତା ମାତାଙ୍କର ସ୍ୱାସ୍ଥ୍ୟରକ୍ଷା କରିବାରେ । ପିଲାମାନଙ୍କୁ ମଣିଷ ସେମିତି କରିଛନ୍ତି, ସମସ୍ତେ ପ୍ରତିଷ୍ଠିତ ଆଉ ଯିଏ ଯାହା ବିଦ୍ୟାରେ ପାରଙ୍ଗମ । ବାପା ମାଆଙ୍କର ଯତ୍ନ ନେବାରେ ପିଲାମାନେ ଆଦର୍ଶ ହୋଇଛନ୍ତି । ଦୁହେଁ ସେନ୍ ବାବୁ ଆଉ ଶ୍ରୀମତୀ ସେନ୍ ମଧୁମେହ ବା ଡାଏବିଟିସ୍ ରୋଗରେ ପିଡିତ । ସେଥିପାଇଁ ନିୟମିତ ଚିକିତ୍ସା ଚାଲିଥାଏ । ବାପା ମା ଙ୍କର ଚିକିତ୍ସାରେ କଡାଟିଏ ବି ଊଣା କରନ୍ତି ନାହିଁ ପିଲାମାନେ । ବେଳେ ବେଳେ ସେନବାବୁଙ୍କର ସ୍ମୃତିହାନୀ ଘଟୁଛି, ଦିନର ଅନେକ କଥା ମନେ ରହୁନି । କଅଣ ଖାଉଛନ୍ତି ମନେ ରହୁନି ।

ଦୁଇପୁଅ ଓ ତିନି ଝିଅ ସେନ୍ ବାବୁଙ୍କର । ବଡ ପୁଅ ଚାକିରୀ କରନ୍ତି କଟକରେ, ଯା ଆସ କରନ୍ତି ଭୁବନେଶ୍ୱରରୁ । ସ୍ତ୍ରୀ ଓ ପିଲାମାନେ ଘରେ ରହନ୍ତି, ବଡ ପରିବାରଟିରେ ବାପା ମାଆଙ୍କ କଥା ବୁଝିବାପାଇଁ ଦୁଇ ବୋହୂ ନାତି ନାତୁଣୀ ସବୁବେଳପାଇଁ ଅଛନ୍ତି । ସାନପୁଅ ଭୁବନେଶ୍ୱରର କୋଉ ଅଫିସରେ କାମ କରେ । ହଠାତ୍ ଦରକାର ହେଲେ ସାନ ଧାଇଁ ଆସିବାର ନିଶ୍ଚିତତା ରହିଛି । କିନ୍ତୁ ସେମିତି କିଛି ଦରକାର ପଡିନି ଏ ଯାଏ । ଝିଅମାନେ ମଧ୍ୟ ଦୂରରେ କେହି ନାହାନ୍ତି, ଦୁଇଜଣ ଭୁବନେଶ୍ୱରରେ ଓ ଜଣେ କଟକରେ ନିଜ ନିଜ ପରିବାର ସହ ରହନ୍ତି । ସେମାନେ ବି ଟିକିଏ ମଉକା ପାଇଲେ ସହିଦନଗର ଘରେ ହାଜର । ବାପା ମାଆଙ୍କର ଆଳରେ ବଡ ପରିବାରଟି ସେମିତି ହସଖୁସିରେ ଚାଲିଛି । ପର୍ବପର୍ବାଣି ଆଉ ବିନା ପର୍ବରେ ବି ସେନ୍ ବାବୁଙ୍କ ଘର ଉତ୍ସବମୁଖର ।

ତା ଭିତରେ ଛୋଟ ଛୋଟ ଜରୁରୀ କାଳୀନ ପରିସ୍ଥିତି ଦେଖିବାକୁ ମିଳିଛି । ସେନ୍ ବାବୁ ସ୍ତ୍ରୀ ଆଉ ବଡବୋହୂଙ୍କୁ ତେଲମାଲିସ୍ ବେଳେ କହି ଦେଇଛନ୍ତି ତାଙ୍କର ପରମାୟୁ ଆସନ୍ତା ଜୁଲାଇ ଚଉଦ ତାରିଖ ଯାଏ । ଘରେ ସମସ୍ତେ ନିରବ ହୋଇଯାଆନ୍ତି ଏହି ଦୁଃସମ୍ବାଦରେ । ବୋହୂମାନେ କାନ୍ଦ ଆରମ୍ଭକରି ଦିଅନ୍ତି । ତାଙ୍କ ସହିତ ନାତୁଣୀମାନେ । ପୁଅ ଝିଅ ମାନେ କାରଣ କଅଣ ଖୋଜିବାରେ ଲାଗିଛନ୍ତି ବାପାଙ୍କର ଏମିତି ଦିନ ବାର ହିସାବ କରିବାରେ । ସେନ୍ ବାବୁ କହନ୍ତି ସେଇଟା ତିରିଶ ବର୍ଷ ଆଗରୁ ତାଙ୍କୁ ଜ୍ୟୋତିଷ ବିଶାରଦଙ୍କ ପ୍ରଦତ୍ତ ଖଡିପାଠ ହିସାବ । ସବୁ ତ ସିଏ ନିର୍ଭୁଲ ହିସାବ ଦେଇଯାଇଛନ୍ତି । ଏଇଟା ବି କିପରି ଭୁଲ୍ ହେବ ?

ମାସ ଚାରିଟାର କଥା, ବାପାଙ୍କର ପରମାୟୁ ପୂରିଯିବ, ପୁଅଝିଅ ମାନେ ମନକୁ ବୁଝାଇପାରୁ ନାହାନ୍ତି । ବାପାଙ୍କର ମନର ସବୁକଥା ବୁଝି ତାଙ୍କ ମନର ଆବେଗତାକୁ ପ୍ରଶମିତ କରିବାରେ ସମସ୍ତେ ଚେଷ୍ଟିତ । ବେଶୀ ହେଉଛି ମାଆଙ୍କର ଲୁହ ଆଉ ଭାବପ୍ରବଣ କଥା ଗୁଡିକ ସେନ୍ ପରିବାରକୁ ଯେମିତି ଶ୍ରାବଣ ମାସର ବର୍ଷାରେ ଭିଜାଇ ଚାଲିଛି । ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବାପା ମାଆଙ୍କ କଥା ବୁଝିବା ପାଇଁ ପୁଅ ବୋହୂ ଝିଅ ଜ୍ୱାଇଁ ମାନେ ଯେମିତି ଛୁଟି ନେଇ ପଡିରହିଛନ୍ତି । ଭଲ ଭଲ ଚିଜ ସବୁ ଆସୁଛି ବାପା ବୋଉଙ୍କପାଇଁ । ଡାଇବିଟିସ୍ ରୋଗ ଥିଲେ ବି ଡାକ୍ତରବାବୁଙ୍କୁ ପରାମର୍ଶ କରି ସୁସ୍ୱାଦୁ ଖାଦ୍ୟର ବରାଦ କରୁଛନ୍ତି ପିଲାମାନେ । ଯେତେ ଦାମ୍ ହେଉ ପଛେ, ବଡ ଇଲିସ୍ ମାଛ ବାପାଙ୍କର ଅତି ପ୍ରିୟ । ସେଇଟା ପାଇଁ ଡାକ୍ତର ମନା କରିନାହାନ୍ତି । ପୁଣି ଛେନା ଓ ସେଓ ଫଳ । କିଛି ଟା କାଜୁ, ଅନ୍ୟାନ୍ୟ ନଟ୍ ।

ସାନପୁଅ ବାପାଙ୍କୁ ବହୁତ ଭଲପାଏ । ବାପା ନ ଖାଇଲେ ସିଏ ବି ଖାଇପାରେ ନାହିଁ । ଦିନେ ମାଆଙ୍କୁ କହିଛି, ମା ବାପାଙ୍କର ଗୋଟିଏ ବ୍ରେନ୍ ସ୍କାନିଙ୍ଗ କରିବା । ଆଜି କାଲି ମଣିଷ କେତେ ବର୍ଷ ବଞ୍ଚୁଛି । ବାପାଙ୍କର ସ୍ୱାସ୍ଥ୍ୟ ଏତେ ଭଲ ଅଛି, ବାପା କୋଉଠୁ କୋଉ ହିସାବ ଆଣି ଆମକୁ କନ୍ଦାଉଛନ୍ତି । ମୁଁ ପରାମର୍ଶ କରି ଲେଖାଇ ଆଣିଛି, ବାପାଙ୍କର ସ୍କାନିଂ କରିଦେବା ।

ସ୍କାନିଙ୍ଗରେ ଦୋଷ ବାହାରିଛି । ବ୍ରେନ୍ ରେ ଟ୍ୟୁମର ବାହାରିଛି । କିନ୍ତୁ କ୍ଷତିକାରକ ନୁହେଁ ବୋଲି ରିପୋର୍ଟରେ ଲେଖାଅଛି । ମାତ୍ର ଅଜଣା ଭୟରେ ବିବ୍ରତ ହୋଇ ପଡିଛନ୍ତି ସେମାନେ । ସମସ୍ତେ ମିଶି ବାପାଙ୍କୁ ନେଇ ଡାକ୍ତରଙ୍କୁ ଦେଖାଇବାକୁ ଯାଇଛନ୍ତି । ଡାକ୍ତର ଆଦୌ ବିଚଳିତ ନୁହନ୍ତି ଏହି ରିପୋର୍ଟରେ । ସିଏ କହିବାକୁ ଚାହାନ୍ତି ଏମିତି ଟ୍ୟୁମର ବହୁକାଳ ଧରି ରହିଛି । ଜୀବନ ପ୍ରତି ସେନ୍ ବାବୁଙ୍କର କିଛି କ୍ଷତି କରି ପାରିବନି ।

ପୁଣି ସପ୍ତାହଟିଏ ଯାଇଛି କି ନାହିଁ, ସାନପୁଅ ଡାକ୍ତରଙ୍କୁ ପରାମର୍ଶ କରିବାକୁ ଯାଇଛି । ବାପାଙ୍କର ନିର୍ଧାର୍ଯ୍ୟ ଦିନ ବିଷୟରେ କଥା ହେବାପାଇଁ ଡାକ୍ତର ସେଇଟାକୁ ଆଦୌ ଗୁରୁତ୍ୱ ଦେଇ ନାହାନ୍ତି । କହିଛନ୍ତି ତୁମ ବାପାଙ୍କର କିଛି ସେମିତି ସାଂଘାତିକ ରୋଗ ନାହିଁ, ଆମେ ତାଙ୍କକଥା କେମିତି ବିଶ୍ୱାସକୁ ନେବା ?

ଦି ଦିନ ଯାଇଛି କି ନାହିଁ, ବଡପୁଅ ନିଜେ କାହାକୁ ନ ଜଣାଇ ଡାକ୍ତରଙ୍କ ଚାମ୍ବର ସାମନାରେ ବସିଛନ୍ତି । କିୟୁରେ ତାଙ୍କର ପାଳି ପଡିଲେ ବି ସିଏ ଅନ୍ୟ ରୋଗୀ ମାନଙ୍କୁ ପଠାଇ ଶେଷକୁ ରହିଛନ୍ତି । ଶେଷକୁ ଏକୁଟିଆ ଡାକ୍ତରଙ୍କୁ କିଛି ଗୁପ୍ତରେ ପରାମର୍ଶ କରିବାପାଇଁ ଚାରି ଆଡକୁ ଦୃଷ୍ଟି ପକାଇ ପଚାରୁଛନ୍ତି, "ଡାକ୍ତରବାବୁ, କିଛି ମନେ କରିବେ ନି, ମୁଁ ସେନ୍ ବାବୁଙ୍କ ବଡପୁଅ । ବାପାଙ୍କ ବିଷୟରେ ପଦେ ବୁଝିବାକୁ ଆସିଥିଲି । ବାପାଙ୍କ ମୁଣ୍ଡରେ ଯେଉଁ ଟ୍ୟୁମରଟି ବାହାରିଛି, ସେଇଟା ଆମକୁ ସଂକ୍ରମିତ

ହୋଇପାରେ କି? କିଏ କେତେ ପ୍ରକାର କଥା କହୁଛନ୍ତି, ମୋ ସ୍ତ୍ରୀ ମୁହୂର୍ତ୍ତିଟିଏ ଏଠାରେ ପିଲାପିଲିଙ୍କୁ ନେଇ ରହିବାକୁ ନାରାଜ।"

ପରଦିନ ତିନି ଝିଅ ଜ୍ୱାଇଁ ହାଜର ଡାକ୍ତରଙ୍କୁ ନିଭୃତ ପରାମର୍ଶ କରିବାରେ। ସେମାନେ ଆଉ ନିରାପଦ ମନେକରୁନାହାନ୍ତି ବାପାଙ୍କର ସେବା କରିବାରେ। ଯଦି କିଛି ବାପାଙ୍କପାଇଁ କେଉଁଠାରେ ପୃଥକ୍ ଶଯ୍ୟା ଯୋଗାଡ କରି ଦିଅନ୍ତେ, ସେମାନେ ନିରାପଦ ହୁଅନ୍ତେ। କେବଳ ଯାହା ବଲ ବଲ କରି ଅନାଇଁଥିଲେ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର। କି ନିଶା ଘାରିଛି ସେନ୍‌ଙ୍କ ପରିବାରକୁ?

ସାନପୁଅ ତା ସ୍ତ୍ରୀକୁ ଦେଖାଇବା ଆଳରେ ଡାକ୍ତରଙ୍କୁ ଦେଖାକରି ଖବର ନେଉଛି ବାପାଙ୍କର ଏହି ରୋଗ ଛୋଟ ପିଲାଙ୍କପାଇଁ ବିପଦର କାରଣ ହୋଇ ପାରିବ କି? ସିଏ ବାପାଙ୍କର ରୋଗ ନେଇ ନାଚାର। କାହାର ଦୂରେଇ ଯିବାର ରାସ୍ତା ଥିଲେ ବି ତା ପକ୍ଷରେ ସମ୍ଭବ ନୁହେଁ। ସିଏ ଭୁବନେଶ୍ୱର ଘରେ ବନ୍ଧା। ତେଣୁ ବଡ ଅଶାନ୍ତିରେ ଘରେ ରହିବାକୁ ହେଉଛି।

ନିଜେ ଦେହ ପା ବିଷୟରେ କିଛି ପରାମର୍ଶ ନ କରି ମିସେସ୍ ସେନ୍ ଯେତେ ବୁଝାଇଲେ ବି ସେଇ ପୁଅଝିଅମାନଙ୍କ ପରି ଅବୁଝା ହେଉଛନ୍ତି। ମିଷ୍ଟର ସେନ୍ ସେମିତି କିଛି କଷ୍ଟ ଭୋଗିବା କଥାଟା ଉପରେ ସିଏ ଗୁରୁତ୍ୱ ଦେଉ ନାହାନ୍ତି, ବରଂ ରୋଗଟା ତାଙ୍କର ଦିନୁ ଦିନ ବଢିଯାଉ ନାହିଁ ତ? ତା ସଙ୍ଗେ ସବୁବେଳ ପାଇଁ ପାଖରେ ରହୁଥିବାରୁ ତାଙ୍କ ଜୀବନପ୍ରତି ବିପଦ ନାହିଁ ତ? ଖୁସିରେ ଖୁସିରେ ତାଙ୍କର ଜୀବନଟା କେମିତି ଭଗବାନ ନେଇ ଯାଉ ନାହାନ୍ତି କାହିଁକି?

ସବୁ ଜାଣି ସେନ୍‌ଙ୍କର ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର ଆଶ୍ଚର୍ଯ୍ୟ ହେଉଥିଲେ। ସତରେ ଜ୍ୟୋତିଷ ବିଶାରଦ ଠିକ୍ ଦିନ ଖଡିପାଠ କରିଥିଲେ। ସ୍ତ୍ରୀ ଓ ପିଲାମାନେ ଯେମିତି ଯତ୍ନ ନେଉଥିବେ ତାହା ସେ ଅନୁମାନ କରିପାରୁଥିଲେ। ଜୁଲାଇ ଚଉଦ ବେଳକୁ ମିଷ୍ଟର ସେନ୍ ବଞ୍ଚିଥିଲେ ବି ମରିଯିବା ସହ ସମାନ ହୋଇଯାଇଥିଲେ। ନିସ୍ତାରର ବାଟକୁ ଚାହିଁ ବସିଥିଲେ ସିଏ ଯେତେବେଳେ ବାସ୍ତବତାକୁ ଏଡାଇଯାଇ ପରିବାରବର୍ଗ ତାଙ୍କୁ ଅବାସ୍ତବ କାରଣରୁ କରଛଡା କରି ଦେଇଥିଲେ।

ନଈ ନ ଦେଖି ଲଙ୍ଗଳା ହେବା କଥାପରି ମୃତ୍ୟୁର କୌଣସି ସମ୍ଭାବନା ନଥାଇ ପରିବାର ବର୍ଗ ନିଜ ନିଜର ଜୀବନ ବିପନ୍ନ ବୋଲି ଆତ୍ମରକ୍ଷା ଦୃଷ୍ଟିରୁ ଯେ ଚମକି ପଡି ନିଜର କର୍ତ୍ତବ୍ୟ ଭୁଲିଯାଇଥିଲେ ଓ ସେନ୍ ବାବୁଙ୍କର ମୃତ୍ୟୁକାମନା କରୁଥିଲେ। ସେମାନଙ୍କର ସ୍ୱଭାବ ଚିକିତ୍ସକଙ୍କ ମନକୁ ଅନ୍ଦୋଳିତ କରୁଥିଲା ଯାହା।

(୩)

## ସଳଖ ଗଜାଗଛଟି

ପୁରୁଣା କୀର୍ତ୍ତିରାଜି ଧାରଣକରି ଠିଆ ହୋଇଛି ପୁରୁଣା ପାହାଡ ଦୁଇଟା। ଦୁନିଆଁଟା ଯାକର ଲୋକଙ୍କର ଆକର୍ଷଣ। ହେଲେ ପାଖ ପଡୋଶୀ ଗାଁ ଲୋକମାନେ ଜୀବନଧାରଣ କରନ୍ତି ଏହାପାଇଁ। କିଏ ପଥର କାମରେ ବଞ୍ଚେ ତ କିଏ କାଠ କାଟି ଚଳେ ଅବା କିଏ ଯାତ୍ରୀ ବୁହାଏ ଶଗଡରେ। ଏହି ଜୀବିକା ଚାଲିଛି ଆବହମାନ କାଳରୁ। ପାହାଡ ଦୁଇଟିକୁ ଚାରିକଡର ଗାଁ ଲୋକେ ନଷ୍ଟ କରିପାରି ନାହାନ୍ତି। ବାଘ ଭାଲୁ ହାତୀରେ ପରିପୂର୍ଣ୍ଣ ଜଙ୍ଗଲ, କେତେ ଯେ ଜୀବନ ଯାଏ ବର୍ଷରେ।

ଏଠାରେ କୁଆଡେ ଦୁଇ ହଜାର ବର୍ଷ ତଳର ସନ୍ତକ ରହିଛି, ସେଥିପାଇଁ ଦଳ ଦଳ ପୋଷାକପିନ୍ଧା ବାବୁମାନେ ଆସୁଛନ୍ତି। ଚିତ୍ର ନିଅନ୍ତି ଗୁମ୍ଫା ଉପର ପଥର ଖୋଳା ଲେଖାଗୁଡିକର। ଅଙ୍କାବଙ୍କା ନିରାସ ଗଛରେ ପରିପୂର୍ଣ୍ଣ ପାହାଡ ଦୁଇଟା ଯେତିକି ଗୁମ୍ଫାରେ ବାସସ୍ଥଳୀ ପରି ଜଣାଯାଉଛି, ତାର ମାଟି ଯେମିତି ଆଦିମ କାଳରୁ ଥଣ୍ଡା ରହିଛି ଏହି କର୍କଶ ନିରାସ ଗଛର ଛତ୍ରଛାୟା ତଳେ। ବାବୁମାନେ ବ୍ୟସ୍ତ ଲୋକମାନଙ୍କର ଗଛ କାଟିବା ଜୀବକା ପାଇଁ। କିଛି ନ ହେଲେ ବି ଜାଳ ପାଇଁ ପାହାଡ ଦିଟାକୁ ଲଣ୍ଡା କରିଦେବେ। ହିଂସ୍ରଜନ୍ତୁ ଥିଲେ ଜଙ୍ଗଲର ଅବୟବ ନିରାପଦ ଥିଲା, ଏବେ ସେମାନଙ୍କ ଅନୁପସ୍ଥିତିରେ ବୃକ୍ଷଲତା ଉପରେ ବିପତ୍ତି। ଯାହେ ଦେଖାଯାଉଛି ବର୍ଷ କେତେଟାରେ ସବୁ ଗଛ ସରିଯିବ ପାଖ ଗାଁ ଲୋକମାନଙ୍କ ଜାଳେଣି ହୋଇ।

ପାଖ ଗାଁ ର ଭମର ପଧାନ। ସବୁବେଳେ ପଛେପଛେ ଥାଏ ବାବୁ ମାନଙ୍କର। ଦେଖୁଥାଏ ବାବୁମାନେ କଅଣ କରୁଛନ୍ତି। ଗାଁରେ ଜଣାଇଦିଏ ବାବୁମାନେ କଅଣ କରିଛନ୍ତି। ବାବୁମାନେ ବି କିଛି ଖବର ପାଆନ୍ତି ପାହାଡ ବା ଲୋକମାନଙ୍କ ବିଷୟରେ। ଭମର ବେଶ୍ କର୍ମଠ ଯୁବକ ଜଣେ, ଡର ନାହିଁ ଦିନରେ ଏକାକୀ ବୁଲିବାରେ, ପଚାରିଲେ କହେ, "ମୁଁ ଜଙ୍ଗଲକୁ ଡରିବି? ପିଲାଦିନରୁ ଚଲୁଛି ଏଠାରେ।" ନିଜର ସାହାସର ପରିଚୟ ଦିଏ ସେ କିପରି ଦିନେ ତା'ର ଗୋଡର ଗୋଟିଏ ଅଙ୍ଗୁଳି ଅଧା ତିନି ପା କଟିଗଲା ଦୁର୍ଭାଗ୍ୟରୁ, ବାକି ଟିକିଏ ଲାଖିଥିବା ସେଇ ଅଙ୍ଗୁଳିଟା କାଟି ଫୋପାଡି ରକ୍ତସ୍ରାବ ବନ୍ଦକରି ସିଏ ଆରୋଗ୍ୟ ହୋଇଗଲା। ପରବାଏ ନାହିଁ ଜୀବନକୁ।

ଭମର ପଧାନର ଦୁଃସାହସରେ ବାବୁମାନେ ଚମକି ପଡିଲେ। ସେତିକି ଭରସା ତାଙ୍କ ମନରେ ଆସିଲା ଭମର ହିଁ ପାହାଡକୁ ରକ୍ଷାକରିବ। ଚାରି ଗୁଣା ମଜୁରି ଦେବାର ପ୍ରତିଶ୍ରୁତି ଦେଇ ତାହାର କାମ ବତାଇଲେ ବାବୁମାନେ। ନିଜ ଶକ୍ତି ଅନୁସାରେ ପାହାଡ ଦୁଇଟିର ସୁରକ୍ଷା କରିବ। ଗୋଟିଏ ବି ଗଛ ଯେମିତି କଟା ନ ହୁଏ। କାମ ଠିକ୍ ରେ କରିପାରିଲେ ଚାକରି ନିୟମିତ ହେବ ଓ ମାସିକ ଯଥେଷ୍ଟ ଦରମା ମିଳିବ। କାମ କଲେ ଯେତିକି ମଜୁରି ପାଇବା କଥା, ତା ଅପେକ୍ଷା ବହୁଗୁଣ ମିଳିବ। ନିରକ୍ଷର ଲୋକଙ୍କୁ ଯେମିତି ଭାଷାରେ ବୁଝାଯାଇ ପାରେ।

ବହୁ ଆକର୍ଷିତ ହେଲା ଭମର। ନିଜ ଘରକଥା ଭାବି ପାରୁଥିଲା। ନିଜେ ପାହାଡଟିର ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ କ୍ଷମ ସିଏ। ସବୁ ଗାଁ ବାଲା ପାହାଡ ଚଢନ୍ତି ଟାଙ୍ଗରପଦା ଦେଇ। ସେଇଠି ଜଗିଦେଲେ କେହି ଗଛରୁ ପତରଟିଏ ଛିଣ୍ଡେଇ ପାରିବେ ନାହିଁ। ପ୍ରଥମ ମାସର ଦରମା କିପରି ଖର୍ଚ୍ଚକରିବ

ତାର ପରିକଳ୍ପନା କରୁଥାଏ ଭମର । ସ୍ତ୍ରୀ କାନିରେ ବାନ୍ଧିଦେଇ ଆଶ୍ଚର୍ଯ୍ୟାନ୍ୱିତ କରି ପକାଇବ । ଘରଦ୍ୱାର ସବୁ ଦେଖିଲାପରି ଗଢ଼ି ପାରିବ । ଏ ଖଣ୍ଡମଣ୍ଡଳରେ ଖଣ୍ଡେଅଧେ ଯଦି ଦି ଚକିଆ ଶୂନଗାଡି ଥିବ, ସେ ଖଣ୍ଡିଏ କିଣିବ ।

ଏ ଭିତରେ ମାସେ ଚାଲିଗଲାଣି । ବାବୁମାନେ ଆସିଛନ୍ତି । ହାଲ୍‌ଚାଲ୍ ସବୁ ବୁଝୁଛନ୍ତି ଭମରଠାରୁ । ବାଟ ଓଗାଳି ପାହାଡ ଜଗୁଛି ବୋଲି କହିଲା ଭମର । ପତ୍ରଟିଏ କିଏ ପାହାଡରୁ ନେଇ ନାହାନ୍ତି ବୋଲି ଭମରର ବାଣୀ । କିନ୍ତୁ ବଡବାବୁ ପଚାରୁଛନ୍ତି ସେ ଦିନ ତ ସେମାନେ ଏହି ଯାଗାରେ କଥାବାର୍ତ୍ତା ହେଉଥିଲେ । ସମଗ୍ର ପାହାଡ ମଧ୍ୟରେ ଗୋଟିଏ ସଳଖିଆ ଗଜା ନିରାସ ଗଛ ଏହିଠାରେ ଥିଲା । ସେଇଟା ତ ନାହିଁ । କଅଣ ହେଲା ? କୁଆଡେ ଗଲା ସେଇ ସଳଖ ଗଜା ଗଛଟି ?

ସରଳ ଭମର ମିଥ୍ୟା କହିବା ଜାଣେ ନା । କହିଲା, ବାବୁ, ମୁଁ ସେଇଟିକୁ କାଟି ନେଇଛି । ଲଜ୍ଜିତ ହୋଇ ଜାଗା ଛାଡି ପଳାଇଗଲା । ପାହାଡର ପାହାଚ ଓହ୍ଲାଇବା ସମୟରେ ଅନୁତାପ କରୁଥିଲା ନିଜ ସ୍ୱଭାବ ପାଇଁ । ବିରୋଧ କଲା ତାର ଜୀବନର ସୁଧାରପାଇଁ ।

(୪)

## ଜଗନ୍ନାଥ ଭୋଗ

ଚିନ୍ତାମଣି କ୍ଷମା ପ୍ରାର୍ଥନା କରୁଛି, ଗାଁ ପଞ୍ଚାୟତରେ ପାଟିରେ ତିରଣ ନେଇ ପାଦତଳେ ପଡି ନେହୁରା ହେଉଛି ସାମନ୍ତରାୟଙ୍କ ପାଦତଳେ । ତଥାପି ସାମନ୍ତରାୟ ନିର୍ବିବାକ ହୋଇ ଚାହୁଁ ନାହାନ୍ତି ତା ଆଡକୁ । ଗ୍ରହଣ କରିପାରୁ ନାହାନ୍ତି ଚିନ୍ତାମଣି ମଙ୍ଗରାଜକୁ । ଜଗନ୍ନାଥଙ୍କର ଭୋଗ ଆଣି ସାମନ୍ତରାୟଙ୍କ ଘରେ ବନ୍ଧୁତାର ପୁନଃସ୍ଥାପନାର ଆଶାରେ ଆସିଛନ୍ତି ଚିନ୍ତାମଣି । ସବୁ ଏଡିଦେଇ ପାରିବେ ନବଘନ ସାମନ୍ତରାୟ, ପରମ ଆରାଧ୍ୟ ଶ୍ରୀ ଜଗନ୍ନାଥଙ୍କ ସଙ୍ଖୁଡିଭୋଗକୁ ଉପେକ୍ଷା କରିବାର ଶକ୍ତି ଜଗତରେ ବା କାହାର ଅଛି ?

ତିନିପୁରୁଷର କଳି ତକରାଳ ମଙ୍ଗରାଜ ଓ ସାମନ୍ତରାୟ ପରିବାର ଭିତରେ ଛାମୁପଡା ଗାଁ ଟିରେ । ଗଜପତିଙ୍କ ଅମଳରୁ ଏଇ ପଲ୍ଲୀଟି ବସିଛି ମୁଖ୍ୟ ସହରରୁ ଅନତି ଦୂରରେ । ପାଇକ ବସ୍ତିଟି ଯୁଦ୍ଧ ରହିତ ଓଡିଶାରେ ତ କୃଷିଜୀବୀ ଗ୍ରାମ ହୋଇଥିଲା, ଏବେ ଅପସାରିତ ହେଉଛି ବ୍ୟବସାୟିକ ଗ୍ରାମକୁ । କିଛି ନ ହେଲେ ବି ସହରତଳି ବୋଲି ଜମିବାଡି କୋଟି ମୂଲ୍ୟରେ ଚାଲିଯାଉଛି ଘର ଆଉ ଆପାର୍ଟମେଣ୍ଟ ପାଇଁ । ଛାମୁପଡାରେ କେହି ବିପିଏଲ୍ ଲିଷ୍ଟର ଗରିବ ନାହାନ୍ତି, ସବୁ ଜମିବିକା କୋଟିପତି ।

କୃଷିଭିତ୍ତିକ ଛାମୁପଡା ଦିନେ ଥିଲା ପ୍ରତିଦ୍ୱନ୍ଦ୍ୱିତାର କ୍ଷେତ୍ର । ଗାଁର ଦୁଇଟି ପ୍ରମୁଖ ପରିବାର ମଙ୍ଗରାଜ ଓ ସାମନ୍ତରାୟ ମଧ୍ୟରେ । ଜମିକିଣାରୁ ଆରମ୍ଭକରି ଧାନ ଅମଳ ପର୍ଯ୍ୟନ୍ତ ପ୍ରତି ସ୍ତରରେ କିଏ ଆଗ ବଳିବ ଏଇ ମାନସିକତା ନେଇ ଦୁଇ ପରିବାର ଭିତରେ ହଳବଳଦ, ହଳିଆ ମୂଲିଆ ସବୁଠାରେ ଟାହି ଟାପରା, ଖୁମ୍ପୁରା ଖୁମ୍ପୁରି, ମାର ପିଟ ବା କେବେ ଖଣ୍ଡଯୁଦ୍ଧ । ପିଲାମାନଙ୍କ ମଧ୍ୟରେ ବି ସେମିତି ଜୋର୍‌ଜବରଦସ୍ତି ଗାଁ ଦାଣ୍ଡରେ ତାମସା ସୃଷ୍ଟି କରେ । ଛାମୁପଡାର ଇତର ଲୋକମାନେ ଏମାନଙ୍କୁ ପାଣ୍ଡବ-କୌରବ ବୋଲି ନାମିତ କରନ୍ତି । ତା ବି ଅଦଳ ବଦଳ ଭାବରେ, ଯିଏ ଠିକ୍ କହୁଥାଏ ସିଏ ପାଣ୍ଡବ, ଖଳ ଗୋଷ୍ଠି ହୁଅନ୍ତି କୌରବ ।

ପରିବାରର ଅଭିଭାବକ ମାନଙ୍କ କଥା ନ କହିବା ଭଲ । ସେମାନେ ଦେଖିବାକୁ ଉପରକୁ ସୁନା, ଭିତରେ ଗୋଟିଏ ଗୋଟିଏ ଖଳ ସରଦାର । ସବୁଠୁ ପ୍ରଥମ ମଙ୍ଗରାଜ ହେଉଛନ୍ତି କୁଳମଣି । ଗାଁର କେତେ ଯେ କୁଳ ସିଏ ନିଶ୍ଚିହ୍ନ କରିଦେଲେ ମୁହଁ ଖୋଲି ଲୋକମାନେ ତାଙ୍କୁ ଡାକିଲେ ଶକୁନି ମାମୁଁ । ଲାଳସା ତାଙ୍କର ପୂର୍ଣ୍ଣ ହେଲା ଛାମୁପଡାର ଅଧାରୁ ଅଧିକ ସବୁ କିସମର ଜମିରେ । ଲୋକମାନଙ୍କର ହିତକାରୀ ଓ ମାର୍ଫତଦାର ବନିଲେ ତାଙ୍କର ବିପରୀତ ସାମନ୍ତରାୟ ପରିବାର । ଗରିବ ଗୁରୁବାଙ୍କ ଜମି ସାଉଁଟିବା ବେଳକୁ ଠିଆ ହୋଇଯିବେ ମଙ୍ଗରାଜଙ୍କ ସାମନାରେ । ବାଘ ମୁହଁରୁ ଆହାର ଛଡାଇବା ବେଳର ଯନ୍ତୁ ପ୍ରବୃତ୍ତି ଦେଖାନ୍ତି ମଙ୍ଗରାଜ ମାନେ । ଏମିତି କେନାଲ ବନ୍ଧରେ ଦୁଇ ପରିବାରରୁ କେତେ ଜଣେ ପ୍ରତ୍ୟକ୍ଷ କଳିରୁ ପ୍ରାଣ ହରାଇଛନ୍ତି ।

ରାଗ କେବେ ବା ଥମି ପାରିବାର ଆଶା ନାହିଁ । ତେଜାଇ ଦେଇଛି ଜମିର ମୂଲ୍ୟ । ମାରଣାସ୍ତ୍ର ନେଇ ଏମାନେ ରାତି ଅନ୍ଧାରରେ ବି ଯୁଦ୍ଧରେ ଲାଗିଛନ୍ତି । କେତେ ଟାଟା ସୁମୋ, ବୋଲେରୋ, କେତେ ମୋଟର ସାଇକେଲ୍ ଓ ପିସ୍ତଲ, ପୁଣି ବୋମା । ଘଟଣା ବହୁଳ ଏଇ ଛାମୁପଡା, ଖାଲି ଦୁଇ ପରିବାରର ଚିରାଚରିତ କଳି ପାଇଁ ।

ଗଲା ଦଶ ବର୍ଷର ଦୁଇ ଦୁଇଟି ପଞ୍ଚାୟତ ନିର୍ବାଚନ ସେମାନଙ୍କୁ ସ୍ତବ୍ଧକରିଦେଇଛି । ଗାଁ କଳିର ସୁଯୋଗ ନେଇ ସାମାନ୍ୟ ପ୍ରାର୍ଥୀମାନେ ଛାମୁପଡାର ସମସ୍ତଙ୍କୁ ଟକ୍‌କର ଦେଇ ଜିତାପଟ ହୋଇଯାଉଛନ୍ତି । ଗାଁର ଇତର ପରିବାର ଗୁଡିକ ଇସାରା ଦେଲେଣି, କଳିର ମିମାଂସା କରିଦିଅ । ନ ହେଲେ ଛାମୁପଡା ଦେଶର ସବୁ ଗଣତନ୍ତ୍ର ସୁଫଳରୁ ବଞ୍ଚିତ ହେବ । ଏହି ଆଳରେ ଚାଲିଛି ତାଳିପକା କାମ । ନ ହେଲେ କେହି ପୁରୁଷ ବା ଝିଅବୋହୂ ପଞ୍ଚାୟତରେ ନିର୍ବାଚିତ ହୋଇ ପାରିବେ ନାହିଁ । ତେଣୁ ଚିନ୍ତାମଣିକୁ ବକରା ବନେଇ ନବଘନ ସାମନ୍ତରାୟ ପାଖରେ କ୍ଷମା ପ୍ରାର୍ଥନା ଅଭିନୟ ।

ନବଘନ ଆଲିଙ୍ଗନ କରି ଗ୍ରହଣ କରିଛନ୍ତି ଚିନ୍ତାମଣିକୁ । ହେଲେ କେତେଦୂର ପର୍ଯ୍ୟନ୍ତ, ଜଣାନାହିଁ । ଚିନ୍ତାମଣିଙ୍କ ସ୍ତ୍ରୀ ଲବଙ୍ଗଲତା ସରପଞ୍ଚ ପାଇଁ ପ୍ରାର୍ଥୀନୀ । ଏଇଟା ଛାମୁପଡା ପାଇଁ ସମ୍ମାନର ପ୍ରଶ୍ନ । ନବଘନ ହେଉଛନ୍ତି ସାମନ୍ତରାୟ ମୁଖ୍ୟ ଓ ସତୁରିଟି ନିର୍ଣ୍ଣୟକାରୀ ଭୋଟର ମତ ସାବ୍ୟସ୍ତକର୍ତ୍ତା ।

ସ୍ୱପ୍ନ ଦେଖିଲେ ନବଘନ । ସ୍ୱପ୍ନ ନୁହେଁ ତ ଦୁଃସ୍ୱପ୍ନ । ଚିନ୍ତାମଣିର କ୍ଷମାପ୍ରାର୍ଥନାର ବିପରୀତ ଛବି । ସରପଞ୍ଚ ଲବଙ୍ଗଲତା ତାଙ୍କୁ ବୋକଚା

ବୁହାଇ ଚଲାଉଛନ୍ତି ସ୍ୱପ୍ନାବସ୍ଥାରେ । ଚମକି ପଡି ନିଦ ଭାଙ୍ଗିଗଲା ।

ହାରି ଯାଇଛନ୍ତି ଲବଙ୍ଗଲତା । ନବଘନ କଥା ଦେଇଥିଲେ ବି ଶେଷ ମୁହୂର୍ତ୍ତରେ ନିଜର ସ୍ୱଭାବଗତ କାରଣରୁ ମତ ପରିବର୍ତ୍ତନ କରି ମଣିଷତ୍ୱର ପରିଚୟ ଦେଲେ । ଅତି ଭକ୍ତ ନବଘନଙ୍କ ମନର ଅନ୍ତର୍ନିହିତ ଗୁଣକୁ ମାର୍ଜନା କରି ପାରି ନି ଜଗନ୍ନାଥଙ୍କ ସଙ୍ଖୁଡିଭୋଗ ! ଦୁଃସ୍ୱପ୍ନ ହିଁ ବାଧକ ହେଲା !

କଥାରେ ଅଛି - ମୋତେ ଯେତେ ମାଠୁଥିବୁ ମାଠ, ମୁଁ ସେଇ ଦରପୋଡା କାଠ !

ସମାରୋହ, ୧୨୮, ଡୁମୁଡୁମା (କ),
ଖଣ୍ଡଗିରି, ଭୁବନେଶ୍ୱର-୩୦

✠✠✠✠



# ସଦ୍‌ଗୁରୁ

*ବିଶ୍ୱପ୍ରିୟା ଜେନା*

ମନୁଷ୍ୟ ଜନ୍ମ ଅତି ଦୁର୍ଲଭ । ଏହି ଦୁର୍ଲଭ ଜୀବନ କିପରି ଦିବ୍ୟଜୀବନ ହୋଇ ପାରିବ ? ସମ୍ଭବ କେବଳ ସଦ୍‌ଗୁରୁଙ୍କ ସାନ୍ନିଧ୍ୟଲାଭ କରି ତାଙ୍କଠାରୁ ଶିକ୍ଷା ଗ୍ରହଣ କରିବା ଦ୍ୱାରା । ସଦ୍‌ଗୁରୁଙ୍କର ବ୍ୟକ୍ତିତ୍ୱ ହେଉଛି, ତାଙ୍କର ଈଶ୍ୱରୋପଲବ୍ଧ ହୋଇଥିବ । ସେ ହିଁ କେବଳ ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ଦେଇ ପାରିବାରେ ସମର୍ଥ ହେବେ । ନାନାଦି ଶାସ୍ତ୍ର ଶ୍ରବଣ ଓ ଅଧ୍ୟୟନ ବଳରେ ଯାହା ସମ୍ଭବ ହୋଇନାହିଁ, ସଦ୍‌ ଗୁରୁଙ୍କ ସାନ୍ନିଧ୍ୟ ଲାଭରେ ତାହା ଅନାୟାସରେ ମିଳିଯାଇଥାଏ । ଯେପରି ଅଗଣିତ ତାରକାଙ୍କ ଅଲୋକ ଏକତ୍ର ହେଲେ ସୂର୍ଯ୍ୟାଲୋକ ସହ ସମକକ୍ଷ ହୋଇପାରିବ ନାହିଁ, ସେହିଭଳି ସଦ୍‌ଗୁରୁ ଯେଉଁ ଦିଗ୍ ଦର୍ଶନ ଦେଇଥାଆନ୍ତି, ତାହା ଅଗଣିତ ଶାସ୍ତ୍ରାଧ୍ୟୟନରୁ ମିଳି ନ ଥାଏ । ମଣିଷ ଜୀବନ ତ ଶୈକ୍ଷଣିକ, ଜୀବଜନ୍ତୁ ମାନଙ୍କ ପରି ନୈସର୍ଗିକ ନୁହେଁ ଜୀବନକଳା ପ୍ରାପ୍ୟ ହେବାପାଇଁ ।

ଜନ୍ମରୁ ଆମେ ସମସ୍ତେ ମୂର୍ଖ । ବିଦ୍ୟା ଅର୍ଜନ ପରେ ଜ୍ଞାନର ଆଲୋକରେ ଆମ ଜୀବନର ପୂର୍ଣ୍ଣତା ଆସେ । ଏହି ଜ୍ଞାନାଲୋକ ଯେଉଁ ଦୀପଶିଖାରୁ ଉଦ୍‌ଭାସିତ ହେଉଛି, ସେ ହେଉଛନ୍ତି ଗୁରୁ । କେଉଁ ଆବହମାନ କାଳରୁ ଆମ ସମାଜରେ ଗୁରୁଙ୍କୁ ଭଗବାନ ଦିବାକର ରୂପରେ ଗ୍ରହଣ କରି ଆସିଛି । ଗୁରୁ ହିଁ ସମସ୍ତ ଶୈକ୍ଷିକ କାର୍ଯ୍ୟଧାରାର କେନ୍ଦ୍ରବିନ୍ଦୁ ସ୍ଥାନ ଗ୍ରହଣ କରିନ୍ତି । ଗୁରୁସେବା ଅର୍ଥ ଗୁରୁବାଣୀକୁ ଅକ୍ଷରେ ଅକ୍ଷରେ ପାଳନ କରିବା ।

ସର୍ବଦା ସଦ୍‌ଗୁରୁଙ୍କୁ ଆଶ୍ରା କରିବା ଉଚିତ । କାରଣ ତାଙ୍କର ସହଚର୍ଯ୍ୟ ଆମମାନଙ୍କର ଶିକ୍ଷା ଓ ଜ୍ଞାନପ୍ରାପ୍ତି ପଥକୁ ମଙ୍ଗଳମୟ କରିଥାଏ । ସଦ୍‌ଗୁରୁଙ୍କଠାରେ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରିଦେଲେ, ସିଏ ଅବଶ୍ୟ ଆମକୁ ବାଟ କଢେଇନେବେ ବୋଲି ପିଲାବେଳଠାରୁ ଆମର ମାଆ ମାନେ ଆମକୁ ଶିକ୍ଷା ଦେଇଛନ୍ତି ।

ପିଲାବେଳେ ସବୁ ପିଲାଙ୍କ ପରି ମୋ ମନରେ ଜିଜ୍ଞାସା ସବୁ ଦିଗରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିଲା । ଥରେ ଗୁରୁଙ୍କ ବିଷୟରେ ଜାଣିବା ଦିଗରେ ଆଗ୍ରହ ଆସିଲା । ଯାହା ସବୁ ଗୁରୁଙ୍କ ଗୁରୁତତ୍ତ୍ୱ ଥିଲା, ତାହାକୁ ଟିକିଏ ପରୀକ୍ଷା କରିବା ପାଇଁ ମୋ ମନରେ ଧୃଷ୍ଟତା ଆସିଲା । ବହୁ ମୁନୀଙ୍କ ବହୁ ମତରୁ ଏକ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ପହଞ୍ଚିବା ଉଦ୍ଦେଶ୍ୟରେ ମନକୁ ମନ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିଦେଲି ।

ମା କୁହନ୍ତି, ମା ହେଉଛି ପ୍ରଥମ ଗୁରୁ । ସିଏ ପ୍ରଥମ ଗୁରୁ ହୋଇ ପାରନ୍ତି, ଅନେକ ଗୁରୁ ମାନଙ୍କ ମଧ୍ୟରୁ ଜଣେ । କାରଣ, ଅନାଥାଶ୍ରମରେ ଗୋଟିଏ ଅନାଥ ପିଲା କଥା ମନକୁ ନେଲେ, ସିଏ ମାଆ ନ ଥାଇ ବି ଅନ୍ୟ ଗୁରୁଙ୍କଠାରୁ ଶିକ୍ଷା ପାଇଥାଏ । ତେଣୁ ମାଆ ଏକମାତ୍ର ଗୁରୁ ଅବା ପ୍ରଥମଗୁରୁ ବୋଲି କହିବାରେ ଆପତ୍ତି ଅଛି ।

ଶୈଶବ ବା ଶିଶୁଥିବା ବେଳେ ମୋତେ ଖଡି ଧରାଇ ଜୀବନର ଚଲାପଥରେ ସହାୟକ ହେଉଥିବା ଶିକ୍ଷା ବା ଜ୍ଞାନ ଶକ୍ତି ପ୍ରଦାନ କରନ୍ତି ପ୍ରଥମ ଶିକ୍ଷାଗୁରୁ । ସିଏ ମୋ ହାତ ଧରି ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ନାମରେ ତିନୋଟି ମୁଣ୍ଡଳି ବୁଲାଇ ପ୍ରଥମ ସୋପାନ ଚଢାଇଥିଲେ ।

ପରବର୍ତ୍ତୀ ସମୟରେ - ଅଖଣ୍ଡ ମଣ୍ଡଳାକାରଂ ବ୍ୟାପ୍ତଂ ଯେନ ଚରାଚରଂ – ରୂପରେ ସମଗ୍ର ଅନ୍ତରୀକ୍ଷ ରୂପକ ଗୋଲାକାର ମହାକାଶକୁ କାଳପୁରୁଷ ନାରାୟଣ ରୂପେ ବର୍ଣ୍ଣନା କରାଯାଇଥିବା ଏବଂ ଏହାକୁ ତିନୋଟି ଭାଗରେ ବିଭକ୍ତ କରାଇ ବର୍ଷା ସମୟରେ ସୃଷ୍ଟିକୁ ଦେଖି ବ୍ରହ୍ମାଙ୍କ ଚକ୍ର, ଶୀତ ସମୟରେ ନିରୋଗତା ପାଇଁ ବିଷ୍ଣୁ ଓ ଗ୍ରୀଷ୍ମ ସମୟରେ ଅନାବଶ୍ୟକ ବିଶ୍ୱର ସଂହାର ପାଇଁ ମହେଶ୍ୱର ବା ରୁଦ୍ରଙ୍କୁ ଚକ୍ରରୂପରେ ବର୍ଣ୍ଣନା କରାଯାଇ - ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ............ ଗୁରୁ ହିଁ ସାକ୍ଷାତ ପରଂବ୍ରହ୍ମ ତାହାକୁ ପ୍ରତିପାଦନ କରାଯିବା ଅନୁଭବ କରି ଗୁରୁଙ୍କ ମଧ୍ୟରେ ଈଶ୍ୱରୀୟ ସତ୍ତାର ହୃଦୟଙ୍ଗମ କରେ ।

ମାନସିକ ସ୍ତରରେ ବିକଳାଙ୍ଗ ସନ୍ତାନ ଓ ଗୋଟିଏ ବିଦ୍ୟାଳୟର ପରୀକ୍ଷା ପରିଣାମକୁ ଅନୁଧ୍ୟାନ କଲେ, ସନ୍ତାନ ତାର ଜିଜ୍ଞାସା ଓ ବୋଧଶକ୍ତିକୁ ସତେ ଯେପରି ସେହି ସାକ୍ଷାତ୍ ପରଂବ୍ରହ୍ମ ହିଁ ପ୍ରଦାନ କରିଥାଆନ୍ତି । ତାହା ହିଁ ସମୟେ ସମୟେ ହୃଦ୍‌ବୋଧ ହୋଇଯାଏ । ଏଣୁ ସର୍ବପ୍ରଥମରେ ସେହି ଗୁରୁଙ୍କୁ ପ୍ରଣିପାତ କରେ ।

ଜ୍ଞାନ ହିଁ ଅମୃତ ଓ ଅମୃତର ସ୍ୱାଦ ସର୍ବଶ୍ରେଷ୍ଠ, ତାହାକୁ ପ୍ରତିପାଦିତ କରାଇବା ପାଇଁ ଜୀବନରେ ଗୁରୁଙ୍କ ଆବଶ୍ୟକତା ହୋଇଥାଏ । ଗୁରୁଙ୍କୁ

ଛାଡିଦେଲେ ମନର ଚିକିତ୍ସା କରିବାକୁ କେହି ନାହିଁ । ଗୁରୁ ହିଁ ଈଶ୍ୱର ଦର୍ଶନ ଓ ଈଶ୍ୱର ପ୍ରାପ୍ତିର ମାଧ୍ୟମ ହୁଅନ୍ତି, ତାହା ମଧ୍ୟଜାଣିବାକୁ ଥାଏ ।

ବିଷୟାସକ୍ତ ମନକୁ ଅନାସକ୍ତ ମନରେ ପରିଣତ କରିପାରନ୍ତି ଗୁରୁ । ମନ ଶରୀରକୁ ନିୟନ୍ତ୍ରଣ କରୁଥିବା ବେଳେ, ଗୁରୁ ଶିଷ୍ୟର ମନ ନିୟନ୍ତ୍ରଣ କରନ୍ତି । କଳୁଷିତ ମନ ଅସ୍ୱଚ୍ଛ ଦର୍ପଣ ପରି ସଦ୍‌ଗୁରୁଙ୍କ ଆଶୀର୍ବାଦରେ ମନର ସ୍ୱରୂପ ବୁଝିଗଲେ ମନର ବିସ୍ତାର ମଧ୍ୟ ତେଣିକି । ଜୀବନର କିଛି ପାହାଚ ଚଢିବାର ମଧ୍ୟମାବସ୍ଥାରେ ମଧ୍ୟଏ ଉକ୍ତି ଆମକୁ ଭାବ ବିହ୍ୱଳିତ କରିଥାଏ ।

ଗୁରୁଙ୍କୁ ଶିଷ୍ୟ ବା ସାଧକ ପଥ ପ୍ରଦର୍ଶକ ବା ଈଶ୍ୱର ତୁଲ୍ୟ ମନେ କରେ । ଗୁରୁ ଭଗବତ ପ୍ରାପ୍ତିରେ ସହାୟକ ହୁଅନ୍ତି । ଦୁନିଆର ପାର୍ଥୀବ, ମାନସିକ ଓ ଆଧାତ୍ମିକ ସ୍ତରରେ ବହୁ ସାମୟିକ ଦ୍ୱନ୍ଦ୍ୱରେ ପ୍ରତି ମୁହୂର୍ତ୍ତରେ ଆମେ ବୁଦ୍ଧିବଣା ହେଉଛେ । ଗୋଟିଏ ସମୟରେ କେଉଁ ଦିଗକୁ ଯିବା, ତାହା ସ୍ଥିର କରିବା ଆମ ପକ୍ଷରେ ସହଜ ନୁହେଁ । ପାଠ ହେଉ ବା ଜୀବନ ରକ୍ଷା ପରିସର ହେଉ, ଗବେଷଣା ହେଉ ଅବା ସାମାଜିକ ସ୍ତର ହେଉ ଅନେକ ସମୟରେ ଆମେ ଦୋଛକିରେ ଠିଆ ହୋଇ କୁଆଡେ ଗତି କରିବୁ ଏ ନେଇ ସମାଧାନ କରିପାରୁନି । ଲକ୍ଷ୍ୟ ଆମର ଯେଉଁ ଅନନ୍ତ ଆକାଶର ସ୍ଥିର ଧ୍ରୁବତାରା ଉପରେ ଥାଏ, ତାହା ଭ୍ରଷ୍ଟ ହୋଇଥାଏ ଅନେକ ମାୟାଜାଲରେ ।

ଅଧାବାଟରେ ଆଗକୁ ପଛକୁ ଚାହିଁଲେ, ରାହା ଦିଶେ ନାହିଁ । ବୃନ୍ତଚ୍ୟୁତ ପୁଷ୍ପପରି ନିଜକୁ ଦୁନିଆଁରେ ହଜାଇ ଦେଲାବେଳକୁ ହତାଶ ହେବାକୁ ପଡିଥାଏ । ମନରେ ଦ୍ୱନ୍ଦ୍ୱ ଆସେ, ଯଦି ଗୁରୁଙ୍କର ମାର୍ଗଦର୍ଶନରେ ଗବେଷଣା କରିଥାଆନ୍ତି, ଏମିତି ନିଷ୍ଫଳା ହୋଇ ନ ଥାଆନ୍ତି । ଦୁନିଆ ସମୁଦ୍ରର ଗଭୀରତା ଅକାତ କାତ, ସବୁ ସରଳ ଓ ସହଜ ଜଣାଗଲେ ହେଁ, ଗନ୍ତବ୍ୟ ରାସ୍ତା ବିଷମ, କଣ୍ଟକିତ ଓ ହିଂସ୍ରଜନ୍ତୁ ଅଧୁସିତ । କେବଳ ଗୁରୁ ହି ବହୁ ଅଭିଜ୍ଞ ଏହି ପଥ ଓ ଏହାର ସ୍ଥାନ, କାଳ, ପାତ୍ର ଅବସ୍ଥାନ ସହ । ତାଙ୍କ ଆଶ୍ରାବିନା ଯାତ୍ରା ଆରମ୍ଭ କରିବା ମୂର୍ଖାମି, ଲକ୍ଷ୍ୟହୀନ ଦୀର୍ଘ ମହାସମୁଦ୍ର ଯାତ୍ରା ପରି ।

ଆମ ସମସ୍ତଙ୍କ ଜୀବନକାଳରେ କେତେ ଗୁରୁଙ୍କ ସଂସ୍ପର୍ଶରେ ଆମେ ଆସିଥାଉ । ଆଶ୍ରମ ଶିକ୍ଷା କାଳରେ ମାତାଗୁରୁ, ପିତାଗୁରୁ, ଶିକ୍ଷାଗୁରୁ, ଦୀକ୍ଷାଗୁରୁ, ମନଗୁରୁ ଓ ଭିକ୍ଷାଗୁରୁଙ୍କ ସମ୍ପର୍କରେ ଜାଣି ହେଇଥିଲା । ନୈତିକତା ଓ ବ୍ରହ୍ମଚର୍ଯ୍ୟ ପାଳନ ଥିଲା ଆଶ୍ରମ ଜୀବନର ମୂଳ ଲକ୍ଷ୍ୟ । ଆଶ୍ରମ ଶିକ୍ଷା ସମାପ୍ତ ତଥା ସଂସାରରେ ପ୍ରବେଶ ପୂର୍ବରୁ ଗୁରୁ ଶିଷ୍ୟ ମନକୁ ପରୀକ୍ଷା କରୁଥିଲେ । ଏହା ସମାଜ ସଂସ୍କାର କ୍ଷେତ୍ରରେ ସୁଫଳ ଆଣୁଥିଲା । କୁଳଗୁରୁ ଥିଲେ ଶିଷ୍ୟର ବିବାହଠାରୁ କୁଳରକ୍ଷା ପର୍ଯ୍ୟନ୍ତ ସବୁଥିରେ ଦିଗ୍‌ଦର୍ଶକ ।

ଶ୍ରୀ ରାମକୃଷ୍ଣ ପରମହଂସ ଶିଷ୍ୟ ଗ୍ରହଣ କରିବା ପୂର୍ବରୁ ସେମାନଙ୍କର ଛାତି, ଜିଭ, ଆଖି, ପାପୁଲି ଆଦି ପରୀକ୍ଷା କରି ଶିଷ୍ୟ ବାଛୁଥିଲେ । ଯିଏ ଗୁରୁଗିରି କଥା କହୁଥିଲା, ଶ୍ରୀ ରାମକୃଷ୍ଣ ତାଙ୍କୁ ପଚାରୁଥିଲେ, ଗୁରୁ ହେବା ପାଇଁ ଈଶ୍ୱରଙ୍କ ଠାରୁ ଆଦେଶ ପାଇଛ ? ଅର୍ଥାତ୍ ନିଜର ଉପଲବ୍ଧି ହୋଇ ନ ଥିଲେ କାମନା ବାସନାରୁ ମୁକ୍ତ ହୋଇ ନ ଥିଲେ ଜଣେ ଅନ୍ୟକୁ କିପରି ଶୁଦ୍ଧତାର ଏବଂ ସିଦ୍ଧିର ମାର୍ଗ ବତାଇବ ?

ହଁ, ଏହା ସତ୍ୟ, ଆଜି ଅଛନ୍ତି ଗୁରୁ । କେବଳ ବଦଳି ଯାଇଛି ସେ କାଳର ସଂଜ୍ଞା । ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ସମାଜ ଓ ଶାସନରେ ଗୁରୁଙ୍କ ସ୍ଥାନ ସମ୍ପର୍କରେ କୌଣସି ନୀତିଗତ ନିଷ୍ପତ୍ତି ନେଇନାହିଁ । ଏଣୁ ଏହା ସମ୍ବେଦନହୀନ ମଣିଷ ସୃଷ୍ଟି କରୁଥିବାରୁ ଆଜି ଆମେ ପଶ୍ଚାତଗାମୀ ।

ଶାସନ ଗୁରୁଙ୍କୁ ନୁହେଁ, ଗୁରୁ ହିଁ ଶାସନକୁ ମାର୍ଗଦର୍ଶନ କରାନ୍ତି । ତେବେ ପ୍ରଭୁଙ୍କ ପାଖରେ ମୋର ଗୋଟିଏ ପ୍ରାର୍ଥନା, ପ୍ରଭୁ ମୋତେ ସେହିଭଳି ଗୁରୁ କରନ୍ତୁ ନାହିଁ, ଯାହାର ସନ୍ତାନ ଭ୍ରଷ୍ଟାଦେଶ ପାଇଁ ମୋ ଦ୍ୱାରା ବିତରଣ କରାଯାଇ ଥିବା ଜ୍ଞାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିପାରୁ । ସେଭଳି କରନ୍ତୁ ନାହିଁ ବାନପ୍ରସ୍ତର ଶ୍ରାଦ୍ଧକରି ଚତୁର୍ମାସରେ ରାଜାର ମହଲରେ ତାକୁ ପ୍ରଶ୍ନ ନ ପଚାରିପାରୁ । ସେଭଳି କରନ୍ତୁ ନାହିଁ, ଯିଏ ଉଚ୍ଚପଦସ୍ଥ ଭ୍ରଷ୍ଟଛାତ୍ର ସମ୍ମୁଖରେ ମୌନବ୍ରତୀ ଓ ନତମସ୍ତକ ଗୁରୁ ହେଉ । ପ୍ରଭୁ ମୋତେ ଟିଭି ଚାନେଲେ ଜରିଆରେ କର୍ମ ଓ ବିଦେଶୀ ସଂସ୍କାର ପରିଣାମରେ ପରିପକ୍ୱ ମସ୍ତିଷ୍କରେ ଏକାକି ବୃଦ୍ଧାଶ୍ରମକୁ ଯିବାର ଜ୍ଞାନ ବିତରଣର ମାଧ୍ୟମ ନ କରିବାକୁ ପ୍ରାର୍ଥନା ।

ଆଧାତ୍ମିକ ଯୁଗର ଗୁରୁପରମ୍ପରା ଆଜି ଦେଖିବାକୁ ମିଳେନା । ନାହିଁ ବି ମନ୍ତ୍ରଦୀକ୍ଷା ଅଥବା ଆଧାତ୍ମିକ ଶକ୍ତିର ହସ୍ତାନ୍ତରୀକରଣ ଅବା ଶକ୍ତିସଂଚାର । ପୁରାଣଯୁଗର ଗୁରୁକୃପା ଅବା ଆତ୍ମପ୍ରଚେଷ୍ଟା ବି ଆଜି ଦେଖିବାକୁ ମିଳେନା ।

ଶିକ୍ଷାର ଗୋଟିଏ ପଟେ ଗୁରୁ ରହିଲେ, ଅନ୍ୟପକ୍ଷରେ ଅଛନ୍ତି ଶିଷ୍ୟ । ଯେଉଁ ଶିଷ୍ୟ ଗୁରୁଙ୍କର ନିର୍ଦ୍ଦେଶ ଗୁଡିକୁ ନିଷ୍ଠାର ସହିତ ପାଳନ କରନ୍ତି ଓ ନିଜର ଲକ୍ଷ୍ୟସ୍ଥଳକୁ ଯିବାକୁ ସଦା ଉଦ୍ୟତ, ସିଏ ହିଁ ପ୍ରକୃତ ଶିଷ୍ୟ । ଗୁରୁ ଶିଷ୍ୟ ମଧ୍ୟରେ ଯେଉଁ ବିଷୟରେ ଶିକ୍ଷାଦାନର ଆବଶ୍ୟକତା ଥାଏ, ସେହି ଦିଗ ହିଁ ଗୁରୁତ୍ୱପୂର୍ଣ୍ଣ । ଏହି ଦିଗ ବ୍ୟତୀତ ଅନ୍ୟଦିଗରେ ଗୁରୁଙ୍କର କାର୍ଯ୍ୟାବଳୀର ଅନୁକରଣ ଅବା ବ୍ୟାଖ୍ୟା ଅନାବଶ୍ୟକ । ଜଣେ ସାଧକ ହିସାବରେ ଗୁରୁଙ୍କର ଅନେକ ପ୍ରକାର କାମ ଥାଇପାରେ, ତେଣୁ ଗୁରୁଙ୍କର ସମାଲୋଚନା ନୈତିକତା ବିରୁଦ୍ଧ ।

ଗୁରୁ ପ୍ରକୃତ ଜ୍ଞାନନେତ୍ର ଖୋଲି ଦିଅନ୍ତି । ଦେଖି ନ ଦେଖି ପାରୁଥିବା ଶିଷ୍ୟର ସୁପ୍ତଜ୍ଞାନ ଜାଗରିତ ହୁଏ, ଅଧ୍ୟାତ୍ମ ଅବା ଗବେଷଣା ଦିଗର ସମସ୍ତ ପ୍ରାକ୍ ଆବଶ୍ୟକତା ପୂରଣ କରି ସାଧନା ପଥରେ ଆଗେଇବାକୁ ଆଲୋକିତ କରିଦିଅନ୍ତି ସେହି ତିମିତାଚ୍ଛନ୍ନ ପଥକୁ । ଗୁରୁସେବା ପ୍ରାଚୀନ ଅଧ୍ୟାତ୍ମବାଦର ମୂଳମନ୍ତ୍ର ଥିଲା । ସ୍ୱେଚ୍ଛାକୃତ ଭାବରେ ଗୁରୁଙ୍କର ସେବା କରିବା, ନମ୍ରତା, ନିର୍ବିକାର ଓ ପ୍ରେମର ସହିତ

ଗୁରୁସେବା କରିବା ଶିଷ୍ୟର ପ୍ରଥମ କର୍ତ୍ତବ୍ୟ ଭାବରେ ପର୍ଯ୍ୟାପ୍ତ ପୁରାଣ ବର୍ଣ୍ଣନା ଦେଖିବାକୁ ମିଳେ । ଶିଷ୍ୟ ସର୍ବଦା ଗୁରୁଙ୍କର ଆଜ୍ଞାବହ । ମାତ୍ର ଏହା ଦାସତ୍ୱ ନୁହେଁ, ବରଂ ପିତୃତୁଲ୍ୟ ଭକ୍ତି । ଏହା ଗୁରୁଙ୍କର ମହାନ ବ୍ୟକ୍ତିତ୍ୱ ପାଖରେ ସମର୍ପଣ । ଆଜିକାଲିର ଶିକ୍ଷାକ୍ଷେତ୍ରରେ ଗୁରୁ ଏମିତି ଦେବତା ସମ ସ୍ଥାନ ପାଇବାର ଦେଖିବାକୁ ମିଳେନା । ଶିକ୍ଷାକ୍ଷେତ୍ରରେ ସତ୍ୟତା, ନୈତିକତାର ଉଚ୍ଚସ୍ଥାନ ରହିଛି । ଆଜିର ଛାତ୍ର ଠିକ୍ ଟିକୁ ଠିକ୍ କହିବାରେ ସତ୍ୟର ଅପଳାପ ହେଉ ନି, କାହାରି ଅହଂଭାବ ନଷ୍ଟ ହେଉନାହିଁ । ଗୁରୁ କେବେ ଭୁଲ୍ କରି ବସିବେନି, ସବୁବେଳେ ସତ୍ୟ ଓ ଠିକ୍ ର ସମର୍ଥନ କରିବେ । ଛାତ୍ର ଯଦି ଠିକ୍ ବାଟରେ ଶିକ୍ଷାଲାଭ କରୁଛି, ସେଇଟା ଶିକ୍ଷାଗୁରୁଙ୍କର କୃତିତ୍ୱ । ଆଧ୍ୟାତ୍ମିକ ଗୁରୁଙ୍କର ପ୍ରାଣାନ୍ତକ ପରୀକ୍ଷା ଆଜିର ଶିଷ୍ୟପାଇଁ ପ୍ରଜୁଜ୍ୟ ନୁହେଁ, ତଥାପି ଗୁରୁ ନିଜ ଅନ୍ତରର ସହ ନିଜ ଛାତ୍ରକୁ ନିଜେ ମୂଲ୍ୟାୟନ କରନ୍ତି । ଅନେକ ବର୍ଷ ତଳର ଛାତ୍ରମାନଙ୍କର କର୍ମସାଧନାକୁ ମଧ୍ୟ ।

ପ୍ରଭୁ ମୋତେ ଶିକ୍ଷାଗୁରୁ କରାନ୍ତୁ, ମୋର ଜ୍ଞାନରେ କୃଷ୍ଣବଳରାମ ତୁଲ୍ୟ ଦେବ ସନ୍ତାନ ମଧଖୁଦଭଜା ଖାଇ ସମାଜର ଖୁଦ ଭିକ୍ଷାର ପରିବେଶରେ ଜୀବିତ ରହି ମଣିଷ ପାଇଁ ସୃଷ୍ଟି କରିବେ ସାମାଜିକତା, ପରସ୍ପରର ସହାବସ୍ଥାନ ଓ ପ୍ରତ୍ୟକ୍ଷ ଅନୁଭବ । ଯୌବନ ଓ ଇନ୍ଦ୍ରିୟଗୁଡିକର ପରାଭବରୁ ମୁକ୍ତି ପାଇବାର ଶିକ୍ଷା ଗୁରୁ ହିଁ ମୁକ୍ତି କରିପାରନ୍ତି କ୍ଷୟଶୀଳ ଏଇ ସମାଜକୁ । ସମାଜରେ ଜ୍ଞାନ ଓ ଭାବମାର୍ଗର ପ୍ରତିଷ୍ଠା ପାଇଁ ଏହାର ଚରମ ଆବଶ୍ୟକତା ରହିଛି ।

କଟକ
ମୋ: ୯୩୩୮୧୨୬୮୮୧

✠✠✠✠



# HEALING

*Tanaya Jena*

My existence in the universe in this temporal frame is definite but this does not quench my quest for understanding the essence of my existence. We have come a long way from the mystical beginnings of the study of cosmology and the origins of the Universe. After the inception of the Big Bang Theory of Sir Edward Hubble, no longer could the Universe be considered infinite. That boils down to the fact that The Universe has a beginning and an end. Life for all its complexity is woven out of just thirty or so different molecules, constructed from some of the most abundant elements in the Universe namely, oxygen, hydrogen, carbon, nitrogen, sulphur, phosphorous etc. It is really noteworthy that we are after all made up of 'star dust'. Many milestones in the history of evolution like Charles Darwin's theory of Natural selection, Theory of Malthus etc have come up to answer the existence of the world of living beings as a law of chemistry and evolution rather than Supernatural creation.

The creation of human beings along with the amazing animal world and the plant kingdom around them is very complex. Being the most evolved ones of all living beings, humans are gifted with a large brain to body ratio so that they can exercise advanced functions like emotions, linguistic skills, memory, creativity, innovation, temporal and spatial perception, mathematical calculations, stereognostic capabilities etc. Whatever may be the underlying mystery, we, humans don't know whom to acknowledge our existence to. My intellect fails to answer me the reason for my selection to be born as a human being. More intriguing query is what the purpose of my life is.

Trying to answer myself, I trace my life from the beginning-my birth. I was born as the first child of Dr Indramani Jena and Late Prof Bijoyini Mohanty in Jagatsingpur. Evolving as a tiny embryo to a viable fetus in the dark and warm womb of my mother, I stepped into this alien world. My overwhelmed parents comforted me and led me into this new world. I grew up happily with all the love and care of my parents. At the age of three, I was gifted with a precious gift- my younger brother. Both of us grew up together and uniquely we had no issues to differ on. Growing up in a milieu, where my parents were early risers and voracious readers, I started imbibing these qualities as a child. Getting excellent scores in academics with simultaneous good performance in Hindustani vocal music was due to the sincere efforts and inspiration of my mother. Mummy was a very god-fearing person. She offered prayers daily and thanked God for everything around her. I also infused her habits from a very young age. Daily morning and evening prayers were a must in my routine. I was delighted to offer fresh and colourful flowers, lighting the 'diya', lighting incense sticks and doing the 'puja' amidst the jingle of the holy bell - one of my favourite acts as a child. This way, I found myself connected and close to God. Apart from that, I had a regular habit of putting my demands in front of God in the immediate post-prayer period- may it be the good health of my family members or a hint of possible questions in the forthcoming exams or good scores in exam. Thanking God for listening to me was also a very important aspect of my connection to Him. Without questioning who God is? Where He lives? How He helps us? I comforted myself with the belief that I have a 'Supreme Father' who is always there for me.

Seeing the nobleness of my father's profession, I dreamt of becoming a doctor someday- healing the diseased. Not an easy assignment, nonetheless impossible- with God's grace and lots of academic struggle, I qualified in the Pre-medical

test. I had to pursue my medical degree in Berhampur, about 160 kms from Bhubaneswar. I had to stay in a hostel. Even in a busy four seater room, I managed a cozy corner for my 'puja'. I continued my connection with God for a couple of years despite my busy study schedule. Gradually, I found myself too busy in the usual classroom teaching, hospital wards and library of my college- a complete stretch of about 12 hours out of my hostel. To suit my lifestyle, I continued my morning prayers though not as elaborate as before and stopped doing the evening prayers. In due course of time, my morning prayer became shorter and I don't remember exactly when, how and why I stopped doing my prayers completely. But I thought of God in my times of need- exams, ill health- and thanked him for taking care of everything at the right time. By His grace, I completed my bachelor degree, got married, was blessed with a baby daughter and did my post-graduation. During that time, I touched the lives of many needy and ailing people. I was able to bring smiles on their faces. I thoroughly thanked God to have chosen me for such a noble cause. My job satisfaction was at the acme despite lesser financial incentives of my friends in other professions.

In 2011, I joined as a Senior Resident in the Department of Obstetrics and Gynaecology in my alma mater- MKCG Medical College, Berhampur. It was a golden opportunity to sharpen my professional skills and learn its nuances. Although my professional life was at its optimum, my personal life was comparatively neglected. My daughter stayed with my parents in Bhubaneswar. I also had to stay away from my husband who was working in Sunabeda, about 350 kms from Berhampur. I felt extremely lonely at the rented flat where I stayed. Even after a decade of our marriage, we could not plan to stay at one place. I found myself getting suffocated with the workload in the absence of the cushion of a family to look back at home. In the cold silence of my house, one day I asked God if he is unaware of my problems. I blamed Him for being insensitive to my circumstances. I felt He could not hear me at that time. Then I thought that perhaps He is angry with me as I have stopped my daily prayers since long. My punctuated silent communications were not enough to appease Him. I tried to catch up with my neglected spiritual sojourn- restarted doing my prayers, did Yoga, listened to spiritual retreats.

Few months after this emotional transition, I got a chance to try for a post in the hospital attached to the firm where my husband worked. I and my parents were overjoyed. Our joy was momentary as I was declared unfit for that post. I was almost sure that God was no more a well-wisher of mine. Dejected at my state, I resigned from my job in Berhampur and came back to Bhubaneswar- at least I could stay with my parents and my baby. I tried my hands at some medical institutes and even got a decent job. Contrary to my previous state, although I was paid nicely, I could not add value to my work. Due to odd working hours, I could not afford even one quality hour with my family. My mother was not keeping well. Hence, I decided to quit my job in Bhubaneswar and work with my father in his Nursing home. I got flexible working hours and I could spend some time with my mother. But the untimely death of my beloved Mummy shook my Faith in God to the roots.

After Mummy passed away, I am staying with Daddy and Shree. The absence of my mother has highlighted the importance of my father for me. I come to hospital with Daddy. In hospital, he is busy with his patients and rest of the time he spends constructively in academics or pampering his granddaughter. I try to spend my time in hospital with the few patients who visit me. Most of the time my daughter keeps me busy. Her requirements are my priority. Our routine life is punctuated by occasional visits of my brother, sister-in-law and my husband. From professional point of view, I could not match my own expectations in spite of good career records. My profession had stalled. Decades of hard work in academics had gone down the drain. I had consoled myself that this is my life- monotonous or whatsoever. God was nowhere to help me balance my personal and professional life. God was not there or my Faith in Him had dimmed to the minimum?

Where was my Faith? Even deep down..... There was nothing but emptiness and darkness... If there be God- please forgive me. When I raised my thoughts to Him, there was emptiness.... How painful was the unknown pain- I had no Faith. Repulsed, empty, no faith, no love, no zeal,.... What did I labour for? If the Supreme Father was indifferent to me, how could anybody else care for me? I felt that nobody in this world ever felt as miserable as me. This could only be experienced and the ocean of literature cannot afford to describe my feelings in words. The

internal noise and restlessness was unbearable. In search of Peace, I decided to go through the ideas of an expert in order to heal myself. Spontaneously the name of Nobel peace Prize winner, Mother Teresa flashed into my mind then. I went through her sayings and was surprised to see the concept of 'Spiritual dryness' had already been described by her. I continued my search for the antidote of my terrible state in her quotes. It seemed as if Mother Teresa was the medium of conversation and buffer between God and me. Though I experienced the feelings relevant to the context of my life during the spiritual discourse, I am sure everybody would get answers in their own perspective. I never knew God was so close to me- as if listening and talking to me one to one. Probably that is why Mother Teresa says, whenever we suffer and are in pain, God is very close to us. While going through her verses, I felt as if she was interacting with me and answering each of my internal queries.

I would like to share the incident which touched my soul.

1. WHAT IS MY PRESENT STATE AND WHY?

"**Loneliness and the feeling of being unwanted is the most terrible poverty**." In my view, only those who were hungry and homeless are poor. In the midst of my family members and materialistic comfort, how could I feel lonely? I realised that it was my perspective and was solely due to lack of love and peace in me.

2. WHERE DO I FIND PEACE AND LOVE?

"**Love begins by taking care of the closest ones- the ones at home.** Love begins at home, and it is not how much we do... but how much love we put in the action. We may just do the work for the sake of work. Working without love is slavery. If we do it for the respect and love of God, we try to do it as beautifully as possible." I was dumbfounded to go through these lines. I thought, I was not successful professionally and that is why I have to keep myself engaged at home. Actually God had given me a chance to discover Love in my way. I am Jack of all trades and master of none at home. The further lines in the quotes were- "There are many people who can do big things, but there are very few who will do the small things. We ourselves feel that what we are doing is just a drop in the ocean. But the ocean would be less because of that missing drop." Now, the miracle is not that I do this work, but that I am happy to do it.

"**If we have no peace, it is because we have forgotten that we belong to each other**." I stay in my home trying to connect with the outer world through the cell phone, internet, and news paper. But am I really emotionally close enough to my parents, siblings, spouse and child that they can confide in me fully? Genuinely, I feel that I have neglected them. A talk over cup of tea with my parents, some leisure time with my siblings, a stroll in the park with my husband and regular pre- nap story telling sessions with my baby would do wonders to break the glass ceiling between us.

3. HOW DO I RESTART MY PRAYERS?

"**Prayer is not asking.** Prayer is putting oneself in the hands of God, His disposition and listening to His voice in the depths of our hearts. Holiness does not consist in doing extraordinary things. **It consists in accepting, with a smile, what God sends us.** It consists in accepting and following the will of God." This is what I pinned for- the lost sentiment of proximity to God. My eyes swelled with tears when I found the solutions to my emotional turmoil, so close to me. I was like Paulo Coelho's Santiago- looking for the treasure everywhere else but found it right inside me. Whatever duties I am assigned, they are well planned by God and are purposeful. I may be too myopic to get even a glimpse of His will for me. Now "I know God won't give me anything I can't handle. I just wish he didn't trust me so much."

4. AFTER ATTAINING PEACE AND LOVE, HOW CAN I BE MYSELF ALWAYS?

"**Humility is the mother of all virtues**- purity, charity and obedience. If you are humble, nothing will touch you- neither praise nor disgrace. If you are blamed, you will not be discouraged. If somebody praises you, you won't be bloated up because you know what you are." Yes, humility is very difficult to cultivate but we can do so by accepting humiliations cheerfully. Arduous concept but worth trying.

5. WHY DID THIS EPISODE OF LONELINESS AND SPIRITUAL DRYNESS CROP UP IN ME?

"**If you judge people, you have no time to love them.**" That is so true, I judged the people around me on several grounds, I accused God of being deaf and

blind to my inconveniences and that is why I felt so much detached from them. I stopped loving them. "God doesn't require us to succeed; he only requires that you try." Now that I know my shortcomings, I will try my best to level them up.

This was 'The Interaction' between God and me. It felt like a heavy downpour in a hot and arid desert. I am left full with love and confidence that God can never abandon me. Whatever is happening is destined to happen. Whatever we feel for Him, he forgives us and heals us. This episode has healed me to the inner self.

**"THANK YOU O LORD FOR BEING WITH ME THROUGH OUT"**

Samaroh, 128, Dumuduma (A),
Khandagiri, Bhubaneswar-30.
Mobile: 8763666031

✠✠✠✠



# A GIFT OF MOTHERS

***Somnath Prasad Jena***

In a small village in the heartland of the Kingdom of Panchala lived a healer named Manu. He had grown up in hardships of a poor upbringing, but through the grace of god and tireless hard work he had turned into a healer. He, during his youth, had healed many prominent businessmen, soldiers and the king's men and was known throughout the kingdom for his power to heal all ailments of the body and mind, but even with this brilliance he always was a poor man. Manu was married to Vijayaa, daughter of a goldsmith, who brought into Manu's life of hardships a bounty of happiness and love. After their marriage Manu's home was not only filled with happiness but he soon grew rich, not by any wealth brought by his newly married bride, but by the riches poured upon him by his work. Manu would go about healing the people in his village, and the kingdom; Vijayaa would teach the children in the village how to read and write. Manu never realized the cause of the change in his fortune.

They were blessed with two sons, the elder Saras and the younger Rudra. The two were contrasting in all aspects of life, and this their parents soon realized. While Saras was a mild, loving, hard working human being, Rudra grew up to be an aggressive and competitive individual. But what was inculcated in their hearts was a sense of responsibility for their family and the kingdom. During their childhood Saras mostly stayed at home with his parents, helping them out in all their household activities, reading and learning the art of healing from his father and always appreciated the love of his parents. Rudra on the other hand was always out wandering the village and nearby hills and learnt the art of wrestling, sword fighting and archery. He, at an early age, lacked the attachment with his parents and often passed his days hungry staying away from home. This contrast in their characters had startled Manu and he was worried about the younger son's health and his future, but there was never a speck of worry in the mind of Vijayaa.

Vijayaa's relationship with Rudra was special, she had realized when his younger son was in her womb that he would be different from any other individual she had known and she was prepared to raise him in a unique manner. Rudra's natural aggression was reflected in the way he learnt to even stand and walk, which he did without holding the hands of his parents. During his childhood his regular absence from home and his periods of hunger reflected upon his poor health. His mother knew Rudra could not tolerate hunger but went hungry because he was proud enough to not to ask anybody for anything and soon his mother devised a solution to this, she told him that as a mother she only wanted him to do one thing for her in her life and it was to never go hungry. In spite of being an arrogant and proud individual he could never disobey his mother.

Rudra found himself in far off villages learning the arts of warfare as he always felt he was destined to learn them for a greater purpose. But with the slightest hint of hunger and the promise to his mother within him he would go to any nearby house and asked for food, forgetting any sense of pride and ego within him. Sometimes he was scolded, sometimes he was treated as a beggar, but once in a while he would come across a mother who would treat him as his own mother would, wash his tired hands and serve him food with all the love and affection he needed, but he never yearned for. In his journey of learning his art he had come across many villages, many mothers who saw a son in him and treated him like their own.

As the days passed by Manu, Vijayaa and Saras spent life together in the village but Rudra was not

with them. Now he had grown to be a warrior and worked for the King's army, won him many battles. He had become a warrior of the highest order without whom the King's army was incomplete and felt the purpose of his life was fulfilled. He never realized that he had left behind his old parents at home and his attachment with them seemed like a fading memory.

During his tenure in the king's army, at the time of march to one of the kingdom's boundary to defend the kingdom he fell ill. The whole army had to stop for a day for one sick warrior. The king decided that this wait could make him lose the kingdom and he decided to march on without Rudra. Rudra was now stranded sick and alone in an unknown village far away from capital of his kingdom. He was hungry once again, the memory of his family might have faded but the promise to his mother was quite alive within him. His stature of a warrior was now reduced to a sick hungry beggar, but there was never any sense of pride to go to the nearby houses and ask for food. He soon met a new mother, who took her in and cared for him and healed him. During his recovery all he could think of was his family, he realized it was this one promise to his mother that had saved his life. He now yearned for the love of his mother. He bid farewell to the mother who had taken him in, a stranger, a sick hungry beggar and healed him like she would treat her own son.

He walked a few weeks to reach his home, never in his life he had felt such a sense of belongingness and his heart was filled with anticipation to meet his father, his brother and his ever loving mother. He saw a crowd around his house and was puzzled as to what was going on that nearly the whole village surrounded his house with gloomy faces. On entering the threshold he saw his mother lying in the bed and his father and brother taking care of her. Rudra rushed to embrace his mother and he could feel that her body was burning with fever. He looked at his father, the greatest healer, and asked him why his powers as a healer were unable to help his mother. His father stayed silent and embraced him as he welcomed him to her side. Now the family was complete. Vijayaa asked Rudra to come near him and whispered into his ears, "Thank you for keeping your promise and never going hungry. I know of all the mothers who raised you as I was within each one of them who washed your hands, who fed you, who cared for you and healed you. I am your mother and shall be your mother for all eternity. You shall now keep another promise which is to take care of your family. This family shall not be restricted to your brother and your father but shall include all the mothers in this kingdom." Saying this she took her last breath and the family broke into tears. The villagers rushed in and the sense of grief had struck the whole village as Vijayaa had been a teacher and a loving mother to all the children of the village.

A few days passed by, the family was still mourning the loss of their beloved Vijayaa. Rudra never felt so lonely and helpless ever in his life and in these moments of despair he would often meditate in a nearby hillock. In a state of trance or a dream he saw the figure of his mother dressed as a goddess and tell him that she was destined to stay on earth for as long as she did and she would protect him and their family in life and beyond. He got out of this trance and found himself alone on this hillock. He rushed to his father and narrated the whole event and asked for forgiveness for questioning his father on his mother's passing away. Manu could now realize the love, happiness and prosperity showered upon him by Vijayaa was not merely by a woman but was that of a goddess who was with him in the best days of his life. Rudra would go on to realize that his mother's gift to him was a ***gift of mothers***, who he shall always have, even in her passing away and shall find Vijayaa in each of the mothers.

Rudra always prayed to god to be born from the womb of Vijayaa in all the lives he shall have on this earth plane and ever since Manu, Vijayaa, Saras and Rudra have time and again appeared and re-appeared on the earth plane as group souls and shall do so for all eternity.

Samaroh, 128, Dumuduma (A),
Khandagiri, Bhubaneswar-30.
Mobile: 9861117573

✠✠✠✠

# PRAYER ELEVATES

***Sarojini Pattanaik***

Prayer is a marvelous faculty which is only present in human nature as innate or inborn. It enables the individuals to reach his inner self and also to transcend his small and narrow self. It is always directed towards higher truths and powers that are beyond us. Prayer is a power of empowerment and most important vehicle of the dialogue between the man and the Divine -- in whichever way you may conceive of the Divine.

Prayers, at their best are deep meditations leading to a greater understanding, clarity and finally to the 'Light' which is again inherently present in human nature. Prayers, in this sense, are instruments of self-perfection. Prayer has the sole power to remove the dark clouds of ego and ignorance which has veiled the light which is eternally present with in us — the *atman*. This atman or individual self is in fact, identical with the universal consciousness, which is the totality of Everything - Brahman. As this individual consciousness and universal consciousness are identical it is but natural on the part of individual consciousness to unite with the universal consciousness. It is only through prayer and meditation that this union happens. Sri Aurobindo, a great yogi and seer poet of 20th century has said in his epic poetry Savitri:

"We are sons of God and must be even as He
His human portion we must grow Divine
Our Life is a Paradox with God for the key"

We, the sons of God can be elevated to "His" status by this prayer and meditation. Prayers in its truest sense are directed for this type of elevation in human consciousness. All significant prayers are prayers, hymns or invocations to "Light". It is not begging to the supreme power as ordinarily common people do. To beg God to satisfy one's selfish demands or even in the worst form to harm others is a perversion of the original intention of prayer: to establish unity and to elevate to the divine consciousness.

Prayers to God work best when they are the first option in any situation (both in misery and happiness) and not resorted to as the last option when all else fails.

It should be always of the form: O'Lord "Let Thy will be done". Prayers, in this form, certainly elevate human will to be mingled with the Divine's will and then whatever happens in this life is accepted as the best.

Someone has rightly said: "Prayer is not a **spare wheel** that you will put out when in trouble but **steering wheel** that directs you to the right path throughout".

Ex. Reader in Philosophy
S.C.S (A) College, Puri

✠✠✠✠

# ଜୀବନ: ସ୍ୱପ୍ନ ଚରିତ୍ରର ବିଶେଷତ୍ୱ

*ତପସ୍ୱିନୀ ପଟ୍ଟନାୟକ*

ସ୍ୱପ୍ନର ରହସ୍ୟ ଅଦ୍ୟାବଧି ଅବଗୁଣ୍ଠିତ ହୋଇରହିଛି । ନା ମନସ୍ତତ୍ତ୍ୱ ନା ସ୍ନାୟୁ ବିଜ୍ଞାନ କେହି ବହୁ ଉନ୍ନତ ପରୀକ୍ଷଣରୁ ମଧ ନିର୍ଦ୍ଦିଷ୍ଟ ଉତ୍ତରରେ ପହଞ୍ଚି ପାରିଛନ୍ତି । ସ୍ୱପ୍ନ ହି ସ୍ୱପ୍ନ ଭାବରେ ରହିଛି । ପ୍ରତ୍ୟେକ ଲୋକ ଧାରଣା କରନ୍ତି, ସ୍ୱପ୍ନ ସମ୍ପୂର୍ଣ୍ଣ ମିଥ୍ୟା ବା ଅମୂଳକ ନୁହେଁ କି ସମ୍ପୂର୍ଣ୍ଣ ସତ୍ୟ ନୁହେଁ । ଅନେକ ସମୟରେ ସତ ହୁଏ, ଅନେକ ବେଳେ ମିଥ୍ୟା । ଅବଶ୍ୟ ପ୍ରତିଟି ହଁ / ନାଁ ନିଷ୍ପତ୍ତିଗତ ଉତ୍ତର ମାଧ୍ୟମରୁ ଅନେକାଂଶରେ ସତ ବା ମିଛ ହେବା ସ୍ୱାଭାବିକ । କିନ୍ତୁ କେତେକ ସମ୍ବେଦନଶୀଳ ବିଷୟରେ ସ୍ୱପ୍ନ ବହୁ ହୃଦୟସ୍ପର୍ଶୀ ବିବରଣୀ ଦେଇପାରେ । କିଏ କହେ ମୃତ ବ୍ୟକ୍ତି ମୃତ୍ୟୁ ସଂକ୍ରାନ୍ତ ବହୁ ତଥ୍ୟ ସ୍ୱପ୍ନ ମାଧ୍ୟମରେ ବ୍ୟକ୍ତ କରି ଦେଇଛି । ଗୋଟିଏ ଦିଗରୁ ସ୍ୱପ୍ନ ଦେଖିବା ଦୃଷ୍ଟିରୁ ବିଚାର କଲେ ସବୁବେଳେ ସ୍ୱପ୍ନ ଦେଖୁଥିବା ଲୋକକୁ ଗୁରୁତ୍ୱ ଦିଆଯାଏ । କିନ୍ତୁ ଦୁଇଟି ଦିଗରୁ ଚାହିଁଲେ, ଜଣେ ସ୍ୱପ୍ନ ଦେଖିବାକୁ କେତେ ପ୍ରବଣ ଏହା ଏକ ପାର୍ଶ୍ୱ, ସ୍ୱପ୍ନ ଚରିତ୍ରକୁ ଯଦି ଅନେକ ଲୋକ ଦେଖନ୍ତି, ସେଇଟା ଅନ୍ୟ ଗୋଟିଏ ଦିଗ । ଆମେ ଦ୍ୱିତୀୟ ପାର୍ଶ୍ୱରୁ ସ୍ୱପ୍ନାବସ୍ଥା ବିଶ୍ଳେଷଣ କରିବା । ଏଇଟା ପ୍ରାଚ୍ୟ ତଥା ପାଶ୍ଚାତ୍ୟ ଆଧ୍ୟାତ୍ମିକତାର ମୂଳ ଅଂଶ ଭାବରେ ସ୍ୱୀକୃତ । ସବୁ ଧର୍ମର ମୂଳ ଦେବାଦେବୀ ସ୍ୱପ୍ନ ସମ୍ଭୂତ ।

ଇତିହାସରେ ସ୍ୱପ୍ନର ପଲା ଭାରି ହୋଇ ପଡିଛି । ସ୍ୱପ୍ନର ବୃତ୍ତାନ୍ତ ଅତି ପୁରାତନ ଲେଖାରୁ ଜଣାଯାଇଥାଏ । ଭାରତୀୟ ବେଦ ପୁରାଣ ମାନଙ୍କରେ ସ୍ୱପ୍ନକୁ ସତ୍ୟ ଓ ଦେବତାଙ୍କ ଭାଷା ବୋଲି ସମ୍ମାନ ଦିଆ ଯାଉଛି । ଦେବତା ମାନେ ନିଜର ଭାବ ମଣିଷର ସ୍ୱପ୍ନରେ ହିଁ ପ୍ରକାଶ କରୁଥିଲେ । ପୃଥିବୀର ବହୁ ଦେଶରେ ସ୍ୱପ୍ନକୁ ଦେବାଦେଶ ଭାବରେ ଗ୍ରହଣ କରାଯାଏ । ସ୍ୱପ୍ନ ମନର ଗୋଟିଏ ସୂକ୍ଷ୍ମ ପଦ୍ଧତି । ମନବିଶ୍ଳେଷଣର ଅତି ଦରକାରୀ ଉପାଦାନ ଭାବରେ ଚିକିତ୍ସକକୁ ସାହାଯ୍ୟ କରିଥାଏ ନିଦାନ ଚିହ୍ନିବାରେ ଓ ଚିକିତ୍ସା ପ୍ରଦାନ କରିବାରେ । ଚିକିତ୍ସା ବିଜ୍ଞାନ ଓ ମନସ୍ତତ୍ତ୍ୱ ଗବେଷଣା କ୍ଷେତ୍ରରେ ଫ୍ରଏଡ୍‌ଙ୍କ ଠାରୁ ଆରମ୍ଭକରି ହାର୍ଟମାନ ଓ ଆମାଚରଙ୍କ ପର୍ଯ୍ୟନ୍ତ ସ୍ୱପ୍ନକୁ ଏକ ବ୍ୟବହାରିକ ଉପାଦାନ ଭାବରେ ଗ୍ରହଣ କରିବାରେ ଲାଗିପଡିଛନ୍ତି, ଏକ ପ୍ରଧାନ ବିଷୟବସ୍ତୁ ହୋଇପଡିଛି ମନର ଗଭୀର ଗହ୍ୱରକୁ ଦେଖିବାରେ । ଆଧୁନିକ ବିଜ୍ଞାନ ସମ୍ମୁଖରେ ସ୍ୱପ୍ନ ଏକ ଆହ୍ୱାନ ଭାବରେ ଦଣ୍ଡାୟମାନ । ନିଃସନ୍ଦେହରେ ସ୍ୱପ୍ନ ମଣିଷ ମନର ସୂକ୍ଷ୍ମ ଚିନ୍ତାରୁ ଉଦ୍ଭବ, ତେଣୁ ମନର ଅସଲ ଅଳନ୍ଧୁ ଏଥିରେ ନିଶ୍ଚିତ ଲାଗିଯିବ ଓ ବ୍ୟାଧି ସମ୍ପର୍କିତ ବହୁ ତଥ୍ୟ ପ୍ରକାଶିତ ହେବ । ପୁଣି ମାନସିକ ଆଶା ଆକାଂକ୍ଷା ଲାଗି ରହିବ ସ୍ୱପ୍ନ ବିଷୟରେ ।

ଖ୍ରୀଷ୍ଟପୂର୍ବ ଦୁଇହଜାର ବର୍ଷପୂର୍ବେ ମିଶର ଦେଶରେ ସ୍ୱପ୍ନକୁ ବେଶ୍ ପ୍ରାଧାନ୍ୟ ଦିଆଯାଉଥିଲା । ଏମିତି କି ମନ୍ଦିରରେ ସ୍ୱପ୍ନ ଭିତ୍ତିରେ ରୋଗ ଚିକିତ୍ସା କରାଯାଉଥିଲା । ଚିକିତ୍ସାବିଜ୍ଞାନର ଜନକ ହିପୋକ୍ରାଟିସ୍ ସ୍ୱପ୍ନ ବିଷୟରେ ରୋଗୀଠାରୁ ତଥ୍ୟ ସଂଗ୍ରହ କରୁଥିଲେ । ଖ୍ରୀଷ୍ଟାବ୍ଦ ତୃତୀୟ ଶତାବ୍ଦୀ ବେଳକୁ ଗ୍ରୀସ୍‌ରେ ହେରୋଫିଲିୟସ୍ ମତବ୍ୟକ୍ତ କରିଥିଲେ, ସ୍ୱପ୍ନ ହେଉଛି ମନର ଆଶାପୂରଣର ସୂଚକ । ସେମିତି ଆରିଷ୍ଟୋଟଲ୍ ବି ସ୍ୱପ୍ନକୁ ଭବିଷ୍ୟତ ଭାଷ ବୋଲି କହୁଥିଲେ । ମାତ୍ର ଏବେ ସେହି ହଜାର ହଜାର ବର୍ଷ ପୂର୍ବଭଳି ସ୍ୱପ୍ନାଭାସ ବଳରେ ଅର୍ଥ ବିନିଯୋଗ କରନ୍ତି ଜୁଆ ଆଉ ଘୋଡାଦୌଡ ଡର୍ବି ରେସ୍‌ରେ । ଆଜିର ଟେଲିପାଥି ବା ବିନା ଇନ୍ଦ୍ରିୟ ସହାୟତାରେ ସ୍ୱତଃ ଭାବର ଆଦାନ ପ୍ରଦାନ ପରି ବିସ୍ମୟକର ପ୍ରକ୍ରିୟାରେ ମନସ୍ତତ୍ତ୍ୱବିତ୍ ମାନେ ସ୍ୱପ୍ନକୁ ଏକ ମାଧ୍ୟମ ବୋଲି ଅନୁମାନ କରନ୍ତି ।

ଯାହା ହେଲେ ବି ସ୍ୱପ୍ନଦେଖିବା ବ୍ୟକ୍ତିକୈନ୍ଦ୍ରିକ ହୋଇପଡିଛି ସ୍ୱପ୍ନର ସମସ୍ତ ମତ, ଗବେଷଣା ଓ ସ୍ୱପ୍ନର ବିବରଣୀ । ଦେଖିବାବାଲାର ଅହଂ ବା ଆତ୍ମନ୍ ସ୍ୱପ୍ନରେ ବିଶେଷ ଅଭିନୟକରେ ସ୍ୱପ୍ନ ଚିତ୍ରରେ ବୋଲି ସମସ୍ତେ କହନ୍ତି । ଫ୍ରଏଡ୍ ସବୁବେଳେ ସବୁଠାରେ ତାଙ୍କର ଯୌନ ଉପପାଦ୍ୟ ଆଣିଥିବେ ସ୍ୱପ୍ନର ମୂଳବସ୍ତୁ ଭାବରେ । ଏତ୍‌ଦବ୍ୟତୀତ ସିଏ ମଧ୍ୟ ପିଲାଦିନର ସ୍ମରଣରୁ ବହୁ ଦୃଶ୍ୟ ସ୍ୱପ୍ନକୁ ଚାଲିଆସେ ବୋଲି ମତ ଦେଇଛନ୍ତି, ଯାହାକି ବିଗତ ଶତାବ୍ଦୀରେ ଗବେଷଣାର ମୂଳାଂଶ ହୋଇଛି । ସ୍ୱପ୍ନ ଦେଖୁଥିବା ବ୍ୟକ୍ତିର ମାନସିକ, ଆଧ୍ୟାତ୍ମିକ ଓ ଆର୍ଥିକ ଅବସ୍ଥା ମଧ୍ୟ ସ୍ୱପ୍ନ ବିଷୟରେ ପ୍ରତିଫଳିତ ହେବାର ପରିସଂଖ୍ୟାନ ନିଶ୍ଚିତ ଭାବରେ ବିଶ୍ଳେଷଣର ସୂତ୍ର ହୋଇ ରହିଛି ।

ସ୍ୱପ୍ନର ପୃଥିବୀ ନିଦରେ ଆମର ବାସ, ଦୃଷ୍ଟି ସେତେବେଳେ ପ୍ରକୃତ ବଞ୍ଚିରହୁଥିବା ପରିବେଶରୁ ବାହାରି ଦୂର ପରିବେଶକୁ ଚାଲିଯାଏ । ଅନେକ ସମୟରେ ଆମର ମନର ଗହୀର କୋଠରି ମଧ୍ୟରେ ସଞ୍ଚିତଥିବା ସୁନ୍ଦର ଶୀତଳ ଆଦର୍ଶ ଓ ମନର ଆକର୍ଷକ ସ୍ଥାନ ବା ବସ୍ତୁ ବା ପ୍ରେମର

ମଣିଷ ସ୍ୱପ୍ନ ମାଧ୍ୟମରେ ଆମର ନିକଟତର ହୁଏ, ଆମ ବାସ୍ତବ ଜୀବନକୁ ମଧ୍ୟ ନିଶ୍ଚିତ ଭାବରେ ପ୍ରଭାବିତ କରେ, ଧାରଣାକୁ ପ୍ରକୃତ ଦେଖୁଥିବା ବା ଉପଲବ୍ଧି କରୁଥିବା ବସ୍ତୁଠାରୁ ନିଶ୍ଚିତ ଭାବରେ ବଦଳାଇ ଦିଏ । ସେଥିପାଇଁ ଆମ ଭାଷାରେ ଦିବାସ୍ୱପ୍ନ ଭାବରେ ଯେଉଁ ଶବ୍ଦ ରହିଛି ତାହା ଏକ ବାସ୍ତବ ଶବ୍ଦ, ପ୍ରକୃତକୁ ସ୍ୱପ୍ନ ଭାବରେ ଦିନକୁ ରାତି ଭାବରେ ଦେଖୁଥିବାର ଅସଙ୍ଗତ ପରିକଳ୍ପନା । ଯେଉଁ ସ୍ୱପ୍ନାଧିକାରୀ ନିଜକୁ ଶତ ପ୍ରତିଶତ ସ୍ୱପ୍ନ ରାଜ୍ୟରେ ବାସ କରନ୍ତି, ସିଏ ମାନସିକ ବିକାରଗ୍ରସ୍ତ ବା ରୋଗୀ ବୋଲି ସମାଜ ଗ୍ରହଣ କରେ । ସ୍ଥଳ ବିଶେଷରେ ସିଏ ଯେତେ ବଳିଷ୍ଠ ଭକ୍ତିଭାବର ଉଦାହରଣ ହୋଇଥାଆନ୍ତୁ ପଛେ । ଏମିତି ଅନେକ ସମ୍ବେଦନଶୀଳ ବିଷୟ ମନସ୍ତତ୍ତ୍ୱବିତ୍ ମାନଙ୍କର ପାଠ କରିବାର ବିଷୟ ହୋଇରହିଛି । ଏହିପରି ଚେଇଁଥିବା ଅବସ୍ଥାରେ ସ୍ୱପ୍ନାବସ୍ଥାରେ ରହିଥିବା ବ୍ୟକ୍ତି ଯେ ମାନସିକଗ୍ରସ୍ତ, ସ୍ୱପ୍ନର ବିବରଣକୁ ପ୍ରକୃତ ବୋଲି ଧାରଣାକରୁଥିବା ପରିସ୍ଥିତି ଦୈନନ୍ଦିନ ଜୀବନରେ ବିସ୍ଫୋରକ ହୋଇପାରେ ।

ବିଜ୍ଞାନ ଓ ମସ୍ତିଷ୍କର ବିଦ୍ୟୁତ ପରିମାପକ ସୂକ୍ଷ୍ମ ଯନ୍ତ୍ରାଦି ସ୍ୱପ୍ନକୁ ସରଳରେ ପଢି ପାରିବାର ସୁବିଧା ଯୋଗାଇ ଦେଇଛି ନିଶ୍ଚିତ, କିନ୍ତୁ ଏ ଯାବତ୍ ଏମିତି ସିଧାସଳଖ ବାଟ ମିଳି ପାରି ନି । କୌଣସି ସୂତ୍ର ବା ଯନ୍ତ୍ର ସ୍ୱପ୍ନକୁ ଏମିତି ସରଳ ଭାବରେ ଅର୍ଥ କରିପାରିବା ବାଟ ବତାଇ ପାରିନାହାନ୍ତି । ନିଦ୍ରାପଦ୍ଧତି ଅଧ୍ୟୟନରେ ନିଦ ହେବା ବା ଭାଙ୍ଗିବା ବେଳର କ୍ଷିପ୍ର ଚକ୍ଷୁ ବୁଲୁଥିବା (ଆର୍.ଇ.ଏମ୍) ସମୟରେ ସ୍ୱପ୍ନ ବହୁତ ଆସେ, ମନେ ରହିପାରେ ବୋଲି ମତ ଆସେ । ଗାଢ ନିଦ୍ରା ସମୟର ସ୍ୱପ୍ନ ବହୁତ ସମୟରେ ସ୍ମୃତିରେ ରହେନାହିଁ ବୋଲି ଧାରଣା ରହିଛି । ମାତ୍ର ସବୁଠାରେ କ୍ରମ ବ୍ୟତୀକ୍ରମ ରହିଛି, ସ୍ୱପ୍ନ ଦେଖିଲାବାଲାର ସ୍ୱପ୍ନସ୍ମରଣରେ ମଧ୍ୟ ତାରତମ୍ୟ ଦେଖାଦିଏ । ପୁଣି ମସ୍ତିଷ୍କର ବିଦ୍ୟୁତ୍ ପରିମାପ (ଇ.ଇ.ଜି.) ରାତିସାରା ରେକର୍ଡିଂ କରି ସ୍ୱପ୍ନ ସହ ମିଳାଇ ଏମିତି କିଛି ସନ୍ତୋଷଜନକ ଉତ୍ତରରେ କେହି ପହଞ୍ଚି ପାରିନାହାନ୍ତି ।

ସ୍ୱପ୍ନ ହି ସ୍ୱପ୍ନ ହୋଇ ରହିଛି । ଜୀବନର ବିସ୍ମୟ ଭାବରେ । ଉତ୍ସୁକତାର ଉପାଦାନ ଭାବରେ । ସୁଖ ସ୍ୱପ୍ନଟିଏ ପାଇଁ କିଏ ବା ଆଗ୍ରହୀ ନୁହନ୍ତି ?

କିନ୍ତୁ ଉପରୋକ୍ତ ଆଲୋଚନାରେ ମୋର ଲେଖିବା ବିଷୟବସ୍ତୁ ସମ୍ପୂର୍ଣ୍ଣ ଉହ୍ୟ ରହିଗଲା । ମୋର କହିବାର ମର୍ମ ହେଲା ସବୁ ଗବେଷଣା ସବୁ ଅର୍ଥ ରହିଗଲା ସ୍ୱପ୍ନ ଦେଖିଲାବାଲା ଉପରେ । ସ୍ୱପ୍ନର ସମାନ ବିଷୟ ବା ଚରିତ୍ର ଏକା ହେଲେ, ବହୁ ଲୋକ ଜଣେ ମଣିଷକୁ ସ୍ୱପ୍ନରେ ଏକା ସମୟରେ ଦେଖିଲେ ଆମେ ପ୍ରଚଳିତ ପଦ୍ଧତିରେ କିପରି ଅର୍ଥ କରିବା ? ସମସ୍ତେ ମାନସିକ ବ୍ୟାଧିଗ୍ରସ୍ତ ? ନା ସ୍ୱପ୍ନ ଚରିତ୍ର ବଳଶାଳୀ ?

କିନ୍ତୁ ଓଡିଶା ଆମର ଚାଲିଛି ସ୍ୱପ୍ନରେ । ଆମ ବଡ ଠାକୁରଙ୍କର ସବୁଯାକ ଅଲୌକିକତା ଏହି ସ୍ୱପ୍ନ ମାଧ୍ୟମରେ । ସବୁ ସ୍ୱପ୍ନ ଦେଖନ୍ତି ପୁରୀ ଗଜପତି ମହାରାଜା ବା ଠାକୁରଙ୍କର ସମ୍ମାନୀୟ ପୂଜକ ସମ୍ପ୍ରଦାୟ ! ଯଦି କେହି ସାଧାରଣ ଲୋକ ବି ପ୍ରକାଶ କରେ ବଡ ଠାକୁରଙ୍କ କଳ୍ପନା, ସିଏ ବି ଖବର ଦେଇ ପୁରସ୍କୃତ ହୁଏ ତଥା ଠାକୁରଙ୍କର କଳ୍ପନା କାର୍ଯ୍ୟକାରୀ ହୁଏ । ଏମିତି ଚାଲିଛି କେତେ ସହସ୍ରାବ୍ଦ । ଆମର ସ୍ୱପ୍ନ, ଆମର ବଡ ଠାକୁର, ଆମ ଭକ୍ତିମାର୍ଗର ବିଶ୍ୱବ୍ୟାପୀ ଅଭିନନ୍ଦନ !

ଏମିତି ଗୋଟିଏ ଅଲୌକିକ ନହେଲେ ବି ଅସାଧାରଣ ଘଟଣା ମୋତେ ଲାଗେ ଟିକିଦେଈ (ବିଜୟିନୀ ମହାନ୍ତି) ଙ୍କର ତିରୋଧାନ ପରେ । ବହୁ ସ୍ୱପ୍ନ ବହୁ ଲୋକ ଦେଖିଛନ୍ତି ଅର୍ଥପୂର୍ଣ୍ଣ ଭାବରେ । ସବୁଗୁଡିକ ଶୁଣିବାପରେ ମୁଁ ନିଜେ ଆଶ୍ଚର୍ଯ୍ୟାନ୍ୱିତ ଓ ସ୍ୱପ୍ନ ବିଷୟରେ ଅନେକ ତଥ୍ୟ ଖୋଜିଛି ଏଗୁଡିକ ଅର୍ଥପୂର୍ଣ୍ଣ କି ନିରର୍ଥକ ବୁଝିବା ପାଇଁ । ଜଣେ ସିନା ସ୍ୱପ୍ନପ୍ରବଣ ହେଲେ ବାରମ୍ବାର ସ୍ୱପ୍ନ ଦେଖିବେ । ଏତେ କମ୍ ଦିନ ଭିତରେ ବହୁ ସଂଖ୍ୟାରେ ଲୋକ ସ୍ୱପ୍ନ ଦେଖିବା ମୋ ମନରେ ଆଶ୍ଚର୍ଯ୍ୟ ଜନ୍ମାଏ । ସବୁ ବୃତ୍ତାନ୍ତ ଶୁଣିବାପରେ ମୋତେ ଅଳ୍ପରେ କହିବାକୁ ହେବ ସେଇ ଚିରାଚରିତ ପଶ୍ଚିମ ଜଗତର ମାନସିକ ରୋଗୀ ମାନଙ୍କର ମନ ଓ ସ୍ୱପ୍ନ ବିଶ୍ଳେଷଣ ଠାରୁ ଆମ ପଦ୍ଧତିରେ ଯିଏ ସ୍ୱପ୍ନର ମୁଖ୍ୟ ତାଙ୍କୁ ହିଁ ଗୁରୁତ୍ୱ ଦିଆଯାଏ । ଯେତେବେଳେ ପଶ୍ଚିମ ଜଗତରେ ସ୍ୱପ୍ନର ନକାରାତ୍ମକ ଗୁଣଗୁଡିକୁ ଦେଖାଯାଏ, ଆମର ବେଦ ପୁରାଣଗତ ଅଭିଜ୍ଞତାରୁ ଆମେ ସାପକୁ ଫ୍ରଏଡ୍ ଖରାପ ଅର୍ଥରେ ନ ନେଇ ଶିବ ମନ୍ଦିରର ନିମନ୍ତ୍ରଣ ଭାବରେ ଗ୍ରହଣ କରୁ । ଯେଉଁ ସଭ୍ୟତାରେ ଯାହା, ସେହି ସ୍ୱପ୍ନ ସାପର ବି ବିବିଧ ଅର୍ଥ ବାହାରିଥାଏ ସେହି ପଶ୍ଚିମରେ ।

ସେହି ହେତୁ ସବୁ ସ୍ୱପ୍ନର ବିଷୟ ଗୋଟି ଗୋଟି କରି ବୁଝିବାପରେ ମୁଁ କେତେଗୁଡିଏ ଆଶ୍ଚର୍ଯ୍ୟଜନକ ବିଷୟ ଲକ୍ଷ୍ୟ କଲି । ଅନ୍ୟୁନ କୋଡିଏ ଜଣ ବିଜୟିନୀ ମହାନ୍ତିଙ୍କୁ ସ୍ୱପ୍ନରେ ଦେଖିଥିବେ, ପାଠପଢା ଅବସ୍ଥା ବା କେଉଁଝରର ଶିକ୍ଷା ବିଷୟଗତ ସମ୍ମିଳନୀରେ ଯୋଗଦାନ କରୁଥିବା ବେଶରେ । ବହୁ ଲୋକ ଦେଖନ୍ତି ବିଜୟିନୀ ମହାନ୍ତିଙ୍କୁ ଦେବ ମନ୍ଦିରଭିତରେ । କେତେବେଳେ ଜଗନ୍ନାଥଙ୍କ ପାଖରେ ଗହମ ରଙ୍ଗର ପାଟଶାଢୀ ପିନ୍ଧି ବା କେତେବେଳେ ନିଜେ କଥା ହେଉହେଉ ଠାକୁର ମୂର୍ତ୍ତିକୁ ପରିବର୍ତ୍ତିତ ହୋଇଯାଆନ୍ତି । ସିଏ ପୁଣି ନିଜ ସ୍ୱାମୀଙ୍କୁ ବାର ବାର କରି ସ୍ୱପ୍ନରେ କହୁଥାଆନ୍ତି, ସିଏ ସବୁବେଳେ ପାଖେପାଖେ ଅଛନ୍ତି । ସ୍ୱାମୀ ଡାକ୍ତର ଜେନା ଖୁବ୍ କମ୍ ବିଶ୍ୱାସ କରନ୍ତି ଦେବଦେବୀ ବା ସ୍ୱପ୍ନାଭାସରେ ।

ତଥାପି ସିଏ ସ୍ୱପ୍ନରେ ଦେଖନ୍ତି, ସାବିତ୍ରୀ ଅମାବାସ୍ୟା ପୂର୍ବରୁ ବିଜୟିନୀ ଅନୁରୋଧ କରନ୍ତି ନୂଆଶାଢୀଟିଏ କିଣିଦେବାକୁ ଆସନ୍ତା ପର୍ବପାଇଁ । ନିଜେ ଗୋଟିଏ ରଙ୍ଗ ଦେଖାନ୍ତି ପିନ୍ଧିଥିବା ଶାଢୀରୁ । ଶାଢୀଟିଏ ବି କିଣାଯାଏ, ପୁଣି ଆଉ ଜଣେ ବଡଭଉଣୀ ଏ ବିଷୟରେ ଅଜଣା ଥାଇ ସାବିତ୍ରୀଦିନ ସ୍ୱପ୍ନ ଦେଖନ୍ତି, ବିଜୟିନୀ ନୂଆଶାଢୀ ପିନ୍ଧି ଓଷା କରିଛି । ଦେଈଙ୍କୁ ମିଠା ଆମ୍ବ ଖାଇବାକୁ ଦେବାକୁ ପିଲାଙ୍କୁ କହୁଛି । ତା ସହିତ ମିଠା ଆମ୍ବ ବାଛି ବାଛି ଦେଈଙ୍କୁ ସାଥୀରେ ଦେବାକୁ କହୁଛି । କୌତୁହଳ ସହିତ ଡାକ୍ତର ଜେନା ଦେଈଙ୍କୁ ପଚାରିଛନ୍ତି, ବିଜୟିନୀ ସ୍ୱପ୍ନରେ ଓଷାକରି ଯେଉଁ ନୂଆଶାଢୀ


ପିନ୍ଧିଥିଲା ତାର ଧଡିର ରଙ୍ଗ କିପରି ଥିଲା ? ଦେଇ ଦେଖିଥିବା ଶାଢୀର ଧଡି ଯେ କିଣା ହୋଇଥିବା ଶାଢୀ ସହ ପୂରା ମିଶିଯାଉଥିଲା ଆଶ୍ଚର୍ଯ୍ୟଜନକ ଭାବରେ । ତେବେ କଅଣ ବିଜୟିନୀ ଙ୍କର ଉପସ୍ଥିତି ଅନୁଭବ କରନ୍ତି ଅନେକ ?

ବହୁତ ଗୁଡିଏ ସ୍ୱପ୍ନ ଅନେକ ବନ୍ଧୁ, ଛାତ୍ରଛାତ୍ରୀ, ସାଙ୍ଗ ଓ ସହକର୍ମୀମାନଙ୍କର । ପ୍ରତ୍ୟେକ ସ୍ୱପ୍ନର ସକାରାତ୍ମକ ଅର୍ଥ ରହିଛି, ଏହି ବିଷୟରେ ତନ୍ନତନ୍ନ କରି ବର୍ଣ୍ଣନା କରିବା କଷ୍ଟକର । କିନ୍ତୁ ବର୍ତ୍ତମାନ ପ୍ରଶ୍ନ ଉଠୁଛି, ଆମେ ବିଜୟିନୀ ମହାନ୍ତିଙ୍କର କର୍ତ୍ତୃକ କିଛି ହେଉଥିବା ବିଶ୍ୱାସ କରି ପାରିବା ନାହିଁ । ବରଂ ସିଏ ବଞ୍ଚିଥିବା ଅବସ୍ଥାରେ ଅନେକଙ୍କ ମନକୁ ଏପରି ପ୍ରଭାବିତ କରିପାରିଛନ୍ତି ଯେ, ସମସ୍ତେ ଘାରି ହେଉଛନ୍ତି ତାଙ୍କର ଅନୁପସ୍ଥିତିରେ । ହସ ହସ ସରସ ମୁଖମଣ୍ଡଳ ତାଙ୍କର ପଶିଯାଇଛି ଅନେକଙ୍କର ମନର ନିଭୃତ ପ୍ରକୋଷ୍ଠକୁ, ଯେଉଁଠାରୁ ସ୍ୱପ୍ନର ଅନେକ ସ୍ମରଣ ଜନିତ ଉପାଦାନ ପଶିଯାଏ ସ୍ୱପ୍ନରେ । ତାଙ୍କର ପାଠ ଓ ବାଗ୍ମିତା ତୁହାଇ ତୁହାଇ ସମ୍ମିଳନୀ କକ୍ଷକୁ ନେଇଯାଏ ସେଇ ସ୍ମରଣଶକ୍ତି । ଘରେ ବି ଠାକୁର ପୂଜା ଓ ନିଷ୍ଠା ସ୍ୱାମୀ ପୁଅ ଝିଅଙ୍କୁ ଏପରି ବହୁବର୍ଷର ଖୋରାକ ଦେଇଛି ମନର ସ୍ମରଣକୁଞ୍ଜକୁ, ତାହା ସେହି ମତେ ସ୍ମରଣ ଆସୁଛି । ଏଇଟା ଆଧାତ୍ମିକ ବା ଭୌତିକ ନୁହେଁ, ଏହା ମାତ୍ର ଅନ୍ୟ ମନରେ ବଞ୍ଚିରହିବାର ପଦ୍ଧତି, ଶାରୀରିକ ଅବର୍ତ୍ତମାନରେ ମାନସିକ ଉପସ୍ଥିତି ଅତି କମ୍ ରେ ପୁରୁଷଟିଏ ଲାଗିବ ସ୍ମରଣରେଖା ଭାବରେ ଲିଭିଯିବାକୁ ।

ଆମର ଭାରତୀୟ ବା ଓଡିଆ ସଭ୍ୟରାରେ କୌଣସି ଶକ୍ତି ବା ବ୍ୟକ୍ତି ସ୍ୱପ୍ନରେ ଆସିଲେ, ସିଏ ହିଁ ବଳବାନ, ଗୋଟିଏ ଗୋଟିଏ ବା ବହୁ ମନକୁ ଆସି ବଞ୍ଚିବାର ପ୍ରମାଣ ଦେଖାଉଛି ବୋଲି କିଏ କିଏ ଭାବନ୍ତି । ସାଧାରଣ ଭାବେ ଏହାକି କହନ୍ତି,ସପନାଇବା ? ଠାକୁର ତ ସ୍ୱପ୍ନରେ ଆସନ୍ତି ବା ସ୍ୱପ୍ନାନ୍ତି । ଆମେ ସ୍ୱପ୍ନରେ ଦେଖୁଥିବା ଚରିତ୍ର ଉପରେ ଗୁରୁତ୍ୱ ଦେଉ । ଏଇଟା କେତେବେଳେ ଦୈବବାଣୀ ତ କେତେବେଳେ ଅଭିଶାପ ହୋଇପାରେ । ଏହି ଦୃଷ୍ଟିରୁ ଆମେ କେବଳ ବିଜୟିନୀ ମହାନ୍ତି କାହିଁକି ଅନେକ ସାମାଜିକ ଚରିତ୍ରର ସ୍ୱପ୍ନାଭାସ ଆଲୋଚନା କରିପାରିବା ।

ଏ୨-୩୧୧, ମିନାଲ,
ସାକିବିହାର ରୋଡ, ଅନ୍ଧେରି, ମୁମ୍ବାଇ-୭୨
ମୋ: ୦୯୮୭୦୪୩୩୮୯୦

✠✠✠✠



# ଜୀବନ - ଶାନ୍ତି ଓ ସାଧନା ପ୍ରଣୋଦିତ

*ପଙ୍କଜିନୀ ଜେନା*

ଜୀବନ ବିଷୟରେ ଚିନ୍ତା କଲେ, ମଣିଷ ନିଜ ଶରୀର ଓ ମନରୁ ଦୂରକୁ ଯାଇ ଚିନ୍ତାକରେ । ସମସ୍ତଙ୍କୁ ଜୀବନ ସମାନ ଆୟତନର ମନେ ହୁଏନି । ଯେତିକି ଚିନ୍ତକ, ସେତିକି ଜୀବନର ପ୍ରକାରଭେଦ । କାହାକୁ ଜୀବନ ପାଣି ଫୋଟକା ପରି ଦିଶେ ତ କାହାକୁ ଦିବ୍ୟସୁନ୍ଦର ସମୁଦ୍ର ତଟର ଧଳା ଶଙ୍ଖ ପରି ଦେଖାଯାଏ । ଏହା କେବଳ ବସ୍ତୁବାଦ ଓ ଆଧ୍ୟାତ୍ମିକତା ମଧ୍ୟରେ ପ୍ରଭେଦ ନୁହେଁ । ନିଜ ନିଜର ଜ୍ଞାନ, ଭାବନା ଓ କଳ୍ପନାପ୍ରସୂତ ଗୋଟିଏ ଗୋଟିଏ ଉଦାହରଣକୁ ନେଇ ଅନେକ ଜୀବନକୁ ଦେଖନ୍ତି । କିନ୍ତୁ ଜୀବନପାତ୍ର ଭାବରେ ନିଜକୁ ଏତେଟା ନିଷ୍କ୍ରିୟ, ନଶ୍ଚେଷ୍ଟ ଅବା ଅପ୍ରତିରୋଧୀ ବୋଲି ଚିନ୍ତା କରାଯାଇ ନ ପାରେ । ସେହି ଜଗତର ମହାନ ଶକ୍ତିମାନ କିୟଂଦଶ ଶକ୍ତି ସହିତ ଆମର ଶରୀର, ମନ, ପ୍ରାଣ ଦେଇ ଆମକୁ ତାଙ୍କ ସୃଷ୍ଟ ସଚରାଚର ଭୂଖଣ୍ଡରେ ଜୀବନ ବିତାଇବା ପାଇଁ ପ୍ରେରଣ କରଛନ୍ତି ।

ଆମକୁ ଯେତିକି ଆଧ୍ୟାତ୍ମିକତା ଦେଇଛନ୍ତି, ତା ବଳରେ ଆମେ ସେଇ ଶକ୍ତିମାନଙ୍କର ସତ୍ତା ଅନୁଭବ କରୁ, ତାଙ୍କୁ ପୂଜାକରୁ, ଆମକୁ ଏ ଧରାଧାମରେ ସୃଷ୍ଟି କରିବା ନିମନ୍ତେ ନିଜର କୃତଜ୍ଞତା ଜଣାଉ । କିନ୍ତୁ ସିଏ ଆମକୁ କେବଳ ତାଙ୍କର ଗୁଣକୀର୍ତ୍ତନ କରି ବଞ୍ଚିରହିବାକୁ ଗଢିନାହାନ୍ତି, ତାଙ୍କ ପ୍ରଦତ୍ତ ଶକ୍ତିର ବିହିତ ଉପଯୋଗ କରି ନିଜର ସର୍ବମୟ ଉନ୍ନତି ସାଧନ କରିବାକୁ, ବ୍ୟକ୍ତିଗତ, ସମାଜଗତ ପ୍ରତିଟି ଦିଗରୁ । ମଣିଷର ଶରୀର ଯେପରି ଆବଶ୍ୟକତା ଅନୁସାରେ ବିବର୍ତ୍ତିତ ହେଉଛି, ମନର ପରିସରକୁ ସେମିତି ସତ୍ୟରୁ ସତ୍ୟତର, କ୍ଷୀଣରୁ କ୍ଷୀଣତର ଓ ଅଦୃଶ୍ୟରୁ ଅଦୃଶ୍ୟତର ବିଷୟ ଆସି ନୂଆ ନୂଆ ତଥ୍ୟ ଉପସ୍ଥାପନ କରି ବୌଦ୍ଧିକ ବିକାଶ କରୁଛି । ଜୀବନକୁ ବିଭିନ୍ନ କୋଣରୁ ଦେଖନ୍ତି ସମସ୍ତେ । କିଏ କହେ ମୂଲ୍ୟହୀନ ତ କିଏ ମୂଲ୍ୟବାନ । କିନ୍ତୁ ଏହାର ପରିମାପକ କଅଣ ହୋଇପାରେ ? ଯଦି ଆମେ ସମୟକୁ ତୁଳନା କରିବା, ଅକଳନ ସମୟ ପାଖରେ ଗୋଟିଏ ଜୀବନ କିଛି ନୁହେଁ । ନା ନିର୍ଜୀବ ନା ଜୀବ କାହାର କ୍ଷୀଣ ଅବସ୍ଥିତି ସମୟ ତରାଜୁରେ ମାପି ହେବ ନାହିଁ । ଏମାନଙ୍କର ଆୟତନ ବିନ୍ଦୁ ବା ବିସର୍ଗ ହୋଇପାରିବନି ସମୟ ପାଖରେ । ଏମିତିକି ସୀମିତ ସମୟକୁ ଧରିଲେ, ଯଦି ଆମେ ସହସ୍ରାବ୍ଦକୁ ଧରିବା, ମୁଷ୍ଟିମେୟ ଧାର୍ମିକ ଅବା ପରୋପକାରୀ ଲୋକମାନଙ୍କ ବ୍ୟତୀତ ଅନ୍ୟକାହାର ପୃଥିବୀ ବକ୍ଷରେ ଜୀବନ କଟାଇଥିବାର ସ୍ମୃତି ବା ଇତିହାସ ମିଳିବ ନାହିଁ । ମାତ୍ର ଏକଶତ ବର୍ଷ ମଧ୍ୟରେ ବି ଗୋଟିଏ ପରିବାରରେ କେତେ ପୁରୁଷ ସମାହି ହୋଇଯାଇଥିବ । ମାତ୍ର ବର୍ଷ ମାସ ଅବା ଦିନ ହିସାବରେ ଦେଖ଼ି ଆମେ ଆମର ମୂଲ୍ୟବାନ ଜୀବନ, ଆମର ସନ୍ତୁଳିତ ଜୀବନ ପ୍ରବାହ ପ୍ରତି ମୁହୂର୍ତ୍ତରେ ଆମ ଅବସ୍ଥିତି ବିଷୟରେ ଚେତନା ଆସେ । ସବୁବେ ଆମର ଜୀବନ ପରିପାର୍ଶ୍ୱସ୍ଥ ଜଡଜଗତ, ଜୀବଜଗତ, ମଣିଷସମା ସମାଜର ମାନବିକ ଦୃଷ୍ଟିକୋଣ, ମାନସିକତା ଓ ବୌଦ୍ଧିକତା ପରିସ ସହିତ ଭାରସାମ୍ୟ ରଖି ଆମେ ଦଣ୍ଡାୟମାନ ହୋଇପାରୁ । ଏଇଟା ସେହି ଅଦୃଷ୍ଟ ମହାଶକ୍ତିର ସର୍ଜନା ।

ଶ୍ରୀମଦ୍ ଭାଗବତଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କର୍ମକରିବାକୁ ଦେଇଥି ଉପଦେଶ ଦୁନିଆଁର ସବୁଠାରୁ ବଳିଷ୍ଠ ମନ୍ତ୍ର । ଜୀବନର କୌଣ ନକାରାତ୍ମକ ଭାବନା ଆମର କର୍ମକ୍ଷେତ୍ରରେ ଆମ ସାଧନାରୁ ବିରତ କରି ଉଚିତ ନୁହେଁ । ସାଧନା ଜୀବନର ଲକ୍ଷ୍ୟ, ଆଜୀବନ ପଦ୍ଧତି । ପ୍ରତି ମୁହୂର୍ତ୍ତ ଏଥିପାଇଁ ମୂଲ୍ୟବାନ । ସୁଦୀର୍ଘ ଯାତ୍ରାପଥରେ ବହୁ ଅନ୍ତରାୟ ବାଧାବିଘ୍ନ ଆସିବା ସ୍ୱାଭାବିକ, ବିନା ଅନ୍ତରାୟରେ ଅନାୟା କାର୍ଯ୍ୟସାଧନାକୁ ମଧ ଜୀବନ ଗୁରୁତ୍ୱ ଦିଏନି । ନିଜ ଅସୀମ ଧୈର୍ଯ୍ୟ ଅଧ୍ୟବସାୟ ବଳରେ କର୍ମକ୍ଷେତ୍ରରେ ଲିପ୍ତରହିବା ହିଁ ଜୀବନସଂଗ୍ରାମ । ଜୀବନସଂଗ୍ରାମ କ୍ଷେତ୍ରରେ ଆଧ୍ୟାତ୍ମିକତାର ପ୍ରୟୋଗ ବହୁ ସମୟ କୌତୁହଳ ସୃଷ୍ଟିକରିଥାଏ । ଏହି ମାର୍ଗ ଅବଲମ୍ବନକରି କିଛି ଯୌଗିକକ୍ରି ସାଧନ କରି ସିଦ୍ଧିଲାଭ କରିବାର ଆଶା ରଖିଥିବା ବ୍ୟକ୍ତି ନିରାଶ ହେ ନିଶ୍ଚିତ । ଆଧ୍ୟାତ୍ମିକତା ମଣିଷର ଅନ୍ତର୍ନିହିତ ଶକ୍ତି, ଯାହାର ସାଧ ସମୟସାପେକ୍ଷ, ଦୀର୍ଘ ସମୟ ହିଁ ସିଦ୍ଧିର ପ୍ରମାଣ ଦିଏ ।

ଆଜିର ମଣିଷ ନିଜର ପରମ ବିଭବ, ଦିବ୍ୟ ଉପାଦାନ ଶାନ୍ତିକ୍ଷେତ୍ର ବିଚଳିତ । ଶାନ୍ତି ପବିତ୍ର ହୃଦୟରେ ବାସକରେ । ମିଥ୍ୟାବାଦୀ ଓ ସ୍ୱାର୍ଥପ ବ୍ୟକ୍ତିର ହୃଦୟରୁ ଶାନ୍ତି ଅପସରି ଯାଏ । ବ୍ୟସ୍ତତା, ବ୍ୟାକୁଳତା, ବିଶୃଙ୍ଖଳ ଦ୍ୱନ୍ଦ୍ୱ, ଆନ୍ଦୋଳନ, ହିଂସା ଆଦି ଶାନ୍ତିର ବିପରୀତ ଦିଗ । ଶାନ୍ତିର ପ ହେଉଛି ନିରବତା, ମଧୁରତା, ସୌନ୍ଦର୍ଯ୍ୟ, ପ୍ରକୃତି ଓ ବାସ୍ତବତା ।

ମହାମୟଙ୍କର ମହାସ୍ରୋତରେ ଜୀବନପ୍ରବାହ କାଳରେ ଆମେ ଭାବ ରାଜ୍ୟରେ ଏହି ମହାଶକ୍ତିଙ୍କର ସମ୍ରାଜ୍ୟର ଦାୟାଦ ଭାବରେ ଜୀବନପ ଧାରଣ କରି ଭବିଷ୍ୟତକୁ ଆଗେଇ ଚାଲିବା ବ୍ୟତୀତ ଅନ୍ୟ ଗତି ନାହିଁ

ଶ୍ରୀଧର ନିବାସ, ୭୯, ଡୁମୁଡୁମା (କ), ଖଣ୍ଡଗିରି, ଭୁବନେଶ୍ୱର-୩
ମୋ- ୦୮୦୯୩୭୭୩୨୬୭

✠✠✠✠


ନ ଦେଲ କିଛି ବୋଲି
କହିବି କି ହେ ଆଉ

# ଏକାନ୍ତ ଦୁର୍ଲଭ

*ସୁଷମା ମିଶ୍ର*

କେଉଁ ରୂପ ନେଇ କେଉଁ କ୍ଷଣରେ
କିଏ ସେ ଜନ୍ମ ନେବ ମହୀମଣ୍ଡଳରେ
ଅଛିକି ନିଜ ଆୟତ୍ତରେ ।
କେହି ଅଜାତ ଜନ୍ମିବା ଆଗରୁ
ଲୋଡି ପାରେନି ଆପଣାର ଜନ୍ମ !
ସୃଷ୍ଟିର କୋଳରେ ଭୂମିଷ୍ଠ ହେବାର ମୁହୂର୍ତ୍ତ
ସବୁରି ପାଇଁକି ନୁହେଁ କି ଅଯାଚିତ !
ଅଦୃଶ୍ୟ ଜଗତକାରଙ୍କ ଦୃଶ୍ୟମାନ ଜଗତରେ
ଆୟୁଷ୍କାଳ ଭୋଗିଲା କାଳରେ
କେହି କ'ଣ ଭେଦିପାରେ ଜନ୍ମ ରହସ୍ୟ !
ଅନୁଭବୀ ସାଜିଲା ଦିନରୁ ଦୁନିଆର ଅଙ୍ଗନରେ
କେତେ ବିଚିତ୍ର ଲାଗୁଛି ଚଉପାଖରୁ ଯେ ଅନ୍ତରୀକ୍ଷ
ବିସ୍ଫାରିତ ହୋଇଯାଇଛି ମୋ ବଶୀଭୂତ ନେତ୍ର
କେତେନା କେତେ ପ୍ରାପ୍ତି ମତେ ଆଲିଙ୍ଗି ନେଉଛି
ସାଉଁଟିବାରେ ଲାଗିଛି ମୁଁ ପ୍ରତିଟି ଅନୁଭବରୁ
ଜୀବନର ବିନ୍ଦୁ ବିନ୍ଦୁ ସ୍ୱାଦ ।
ମୋ ସୁଖରେ ଦୁଃଖରେ ସମଭାଗୀ ହୋଇଛି
ମାଟିରୁ ଆକାଶ
ଆକାଶକୁ ଖୁମ୍ବ ହୋଇ ମୋ ପାଇଁକି ରହିଛନ୍ତି
ଯେତେ ପରିଜନ
ଭଲରେ ମନ୍ଦରେ ମୋତେ ବେଢ଼ି ରହିଛି
ପରିଚିତ କୋଳାହଳରୁ ଅଚିହ୍ନା କୂଜନ !
ପବନ ଆଉଁଷି ଦେଇଛି
ଯେତେଥର ମୁଁ ନୟାନ୍ତ ହୋଇଛି ପ୍ରତିକୂଳତାରେ,
ନଈ ମତେ ଶିଖାଇଛି
ଦୁଇ ପାଖ ଯୋଡିବାକୁ ବିଭାଜିତ କାଳରେ,
ସମୁଦ୍ର ମତେ ଦେଇଛି
ସିନ୍ଧୁଏ ଉଦ୍‌ବେଳନ ଭଲପାଇବାର,
ପାହାଡ ମୋତେ ଚଢ଼ାଇ ଦେଇଚି ସ୍ୱପ୍ନର ପାହାଚ
ଛୁଇଁବାକୁ ଶୀର୍ଷବିନ୍ଦୁ ସଫଳତାର ।
ଯେବେଠାରୁ ନିଠେଇ ଦେଖିଛି ପରିପାର୍ଶ୍ୱକୁ
ପ୍ରେମେଇ ଯାଇଛି ଭିତରେ
କେତେବଡ ଭାଗ୍ୟ ମୋର
ମୁଁ ଜନ୍ମ ଘେନିଛି ଏଇ ସୁନ୍ଦର ପୃଥିବୀରେ ।
ଅନନ୍ତ ସୃଷ୍ଟିର ଭାବୟିତ୍ରୀ ସାଜିଲା ଦିନରୁ
ଲୁଟିଛି ମୁଁ ଜୀଇଁବାର ପ୍ରକୃତ ଆନନ୍ଦ,
ଆନନ୍ଦିତ ହେଲାବେଳେ ତଥାପି ମୁଁ ବେଳେ ବେଳେ ଗଣୁଛି
ପ୍ରମାଦ
ବିତାଇ ମୁଁ ଆସିଲିଣି ଅଧାରୁ ଅଧିକ କାଳ
ଆୟୁଷର ଅସ୍ତାଚଳେ ଅଛି ବୋଲି ଆଉଥରେ ଉଦିତ ସକାଳ ।
ମହାକାଳ ଆସିବତ ଦିନେ, ବୁଜିବାକୁ ଜୀବନର ଦୀପ ।
ଜନ୍ମପରି ମରଣକୁ କିଏ ବା ଜାଣିଛି ।
ବଞ୍ଚିବାକୁ ଚାହିଁଲେ ବି ମୃତ୍ୟୁର ଗାରକୁ କେବେ
ମଣିଷ ଲଙ୍ଘିଛି ।
ଜଣା ନାହିଁ ଜୀବନ ସେପାରି କଥା
ମୃତ୍ୟୁ ପରେ ପୁନର୍ଜନ୍ମ କେତେ ଦୂର ସତ୍ୟ ।
ଲଭିଥିବା ଚଳନ୍ତି ଜନ୍ମରେ
ଲାଗେ ମୋତେ ଏକାନ୍ତ ଦୁର୍ଲଭ
ଜୀବନର ବହମାନ ସ୍ରୋତ ।
ଗ୍ରାସିବା ଆଗରୁ ଆସି ଅନାହୂତ କାଳ
ମୋ ଭିତରେ ସଞ୍ଚିଥିବି ବଞ୍ଚିବାର ମୋହ ।
ଅନ୍ତିମ ପ୍ରଶ୍ୱାସ କାଳେ
ସୃଷ୍ଟିମଧୁ ଢୋକି ନେବି ଗଙ୍ଗାଜଳ ପରି
ବିଶ୍ୱର ବିସ୍ମୟ ପାଶେ ଶେଷ ଲୟ ଥାପି ଦେବି ନିଜକୁ ବିସ୍ମରି ।

"ସ୍ପନ୍ଦନ", ଏମ୍ ଆଇ.ଜି ୩୯, ଫେଜ୍ -୧, ଖଣ୍ଡଗିରି ଏନକ୍ଲେଭ୍,
ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୩୦

# ନଦେଲ କିଛି ବୋଲି ......

*ଲକ୍ଷ୍ମୀଧର ତ୍ରିପାଠୀ*

ଏହା ଅଭିଯୋଗ ନୁହେଁ କି ଅଭିମାନ ନୁହେଁ, ବରଂ ଏକ ସମର୍ପିତ ସ୍ୱୀକାରୋକ୍ତି କେବଳ ପ୍ରାପ୍ତି-ଅପ୍ରାପ୍ତି, ଆନନ୍ଦ-ବିଷାଦ, ଆଶା-ନିରାଶା, ଅନୁରାଗ-ବିରାଗ, ଶ୍ରଦ୍ଧା-ଅଶ୍ରଦ୍ଧା ପରି ଯାବତୀୟ ସକାରାତ୍ମକ ଓ ନକାରାତ୍ମକ ଭାବର ଏହା ହେଉଛି ସ୍ଥିତପଜ୍ଞ ଉଚ୍ଚାରଣ । ଚରମ ସନ୍ତୋଷର ଉପଲବ୍ଧିରେ ସମଗ୍ରମତ୍ତା ଯେତେବେଳେ ଆପ୍ଲୁତ ହୋଇଯାଏ, ସେତେବେଳେ ସମସ୍ତ ଜାଗତିକ ବସ୍ତୁ ପ୍ରତିଥିବା ସକଳ ମୋହର ବିନାଶ ଘଟେ । ଏବଂ ଅହଂଶୂନ୍ୟ ମହନୀୟ ମହାଭବରେ ବିଚରଣ କରିବାର ଏକାନ୍ତିକ ସ୍ପୃହାଦ୍ୱାରା ପାହାଚ ପରେ ପାହାଚ ଅତିକ୍ରମି ଯିବାର ସାମର୍ଥ୍ୟ ସ୍ୱତଃ ସୃଷ୍ଟି ହୋଇଯାଏ । ଲକ୍ଷ୍ୟ ହୁଏ ନିକଟତମ, ପଥ ହୁଏ ସୁଗମ । ପଙ୍ଗୁର ଗିରି ଲଘିଂବାର ବିଶ୍ୱାସ, ଉତ୍ସାହ ଆଉ ପ୍ରେରଣା ଛାଏଁ ଛାଏଁ ଉଦ୍‌ଜୀବିତ ହୁଏ । ଭରସା ଆସେ । ନିଜକୁ ସମର୍ପି ଦେବାର ନିଷ୍ପତ୍ତି ବଳବତ୍ତର ହୁଏ । ଇତରଠାରେ ନୁହେଁ, ବରଂ ମହତ୍ତର ଠାରେ ନିଜକୁ ସମର୍ପିପାରିବାର ଅଭିନବ ପୁଲକରେ ରୋମାଞ୍ଚ ଆସେ ।

ସେ ହିଁ ପରମ, ସେ ହି ପ୍ରେୟ, ସେ ହିଁ ଶ୍ରେୟ, ସେ ହିଁ ପୂର୍ଣ୍ଣ, ପୁଣି ପୂର୍ଣ୍ଣତର, ଆଉ ପୂର୍ଣ୍ଣତମ । ଏଥିରେ ସନ୍ଦେହ ନାହିଁ, ଯୁକ୍ତି ନାହିଁ, ତର୍କ ନାହିଁ, କେବଳ ସମର୍ପଣ ଆଉ ସମ୍ପୂର୍ଣ୍ଣ ସମର୍ପଣ । ମୁଁ କେହି ନୁହେଁ । ମୋର କିଛି ନୁହେଁ । ଦେଖଇ ନେତ୍ର ଯାହା ଚଉଦିଗର, ଏ ସବୁର ସ୍ରଷ୍ଟା ମୁଁ ନୁହେଁ କି ସେ ସବୁର ଅଧୀଶ୍ୱର ମଧ୍ୟ ମୁଁ ନୁହେଁ । ମୁଁ କେବଳ ନିମିତ୍ତମାତ୍ର । ଏ ଧରାପୃଷ୍ଠରେ ମୁଁ ପାଦ ଥାପିବା ବେଳେ ଯାହାଥିଲା, ସେ ସବୁ ମୋର ନୁହେଁ, ଆସିବା ପରେ ଯାହା ଅଛି, ତା ବି ମୋର ନୁହେଁ, ମୋ ଯିବା ପରେ ଯାହା ବି ରହିଯିବ, ସେ ସବୁରେ ମୋର ବା କ'ଣ ଅଧିକାର ଅଛି ? ତଥାପି ଅଚିନ୍ତନୀୟ, ଅକଳ୍ପନୀୟ ଭାବେ ମୋତେ ଯାହା ମିଳିଛି, ସେ ସବୁ ତ ମୋ ପାଇଁ ଯଥେଷ୍ଟ । ସୁସ୍ଥ-ସବଳ-ସୁନ୍ଦର ଶରୀର, ଦୟା-କ୍ଷମା-ସ୍ନେହ-ପ୍ରେମ-ତ୍ୟାଗ-ତିତିକ୍ଷା ପରି ମାନବୋତ୍ତର ଗୁଣରାଜି, ଜ୍ଞାନ-ବୁଦ୍ଧି-ବିବେକ-ବିଚାର ପରି ମାନବିକ ମୂଲ୍ୟବୋଧ, ଧନ-ମାନ-ଯଶ-ଗୌରବ ଭରା ସ୍ୱଚ୍ଛନ୍ଦ ଜୀବନ ପିତା-ମାତା-ପୁତ୍ର-ପୌତ୍ରାଦିରେ ପରିପୂର୍ଣ୍ଣ 'ବୈକୁଣ୍ଠ ସମାନ' ସଂସାର, 'ବସୁଧୈବ କୁଟୁମ୍ବକମ୍' ଆଦର୍ଶର ଭାବରାଜିରେ ବନ୍ଧା ସମାଜ – ଏ ସବୁକୁ ଅଯାଚିତ ଭାବରେ ମୋତେ ଯିଏ ପ୍ରଦାନ କରିଛି, ତାଙ୍କ ପାଖରେ ପୁଣି ଅଭିଯୋଗ, ଅଭିମାନ ରାଗ ରୁଷା ରହିବ କାହିଁକି ? ଯଦି ରହେ ଏହା କେବଳ ବ୍ୟକ୍ତି ସ୍ୱାର୍ଥ୍ୟର ପରିଚାୟକ ନୁହେଁ କି ? ହୁଏ ତ ଏହା ଛଳନା ମାତ୍ର ।

ସଚରାଚର ଯିଏ ସ୍ରଷ୍ଟା, ଯିଏ ପାଳନକର୍ତ୍ତା ସିଏ ଆଦୌ ଅପରିଣାମଦର୍ଶୀ ନୁହନ୍ତି ନିଶ୍ଚୟ । ଯିଏ ଯେଉଁଠି ହେବା କଥା, ଯେଉଁଠି ଯାହା ରଖାଯିବା କଥା, ଯାହା ପାଇଁ ଯାହା ଖଞ୍ଜାଯିବା କଥା, ଯିଏ ଯେତେବେଳେ ତିଷ୍ଠି ରହିବା କଥା – ଏ ସବୁର ଯଥାଯଥ ଉପଯୋଗକରି ସୃଷ୍ଟି ଶୃଙ୍ଖଳିତ ଓ ସୌନ୍ଦର୍ଯ୍ୟମୟ ଭାବରେ ଗଢି ଆସୁଥିବା ସେହି ପରମସ୍ରଷ୍ଟା କାହା ପ୍ରତି ଆଦୌ ପକ୍ଷପାତିତା କରି ନାହାନ୍ତି । ସବୁଥିରେ ତାଙ୍କର ଦକ୍ଷତାର ନିଦର୍ଶନ, "ଜଳ ସ୍ଥଳ ବନଗିରି ଆକାଶ, ତୁମ ଲୀଳା ସବୁଠାରେ ପ୍ରକାଶ", ସବୁଠି ତାଙ୍କର ଉପସ୍ଥିତି । "କରି କରାଉ ଥାଏ ମୁହିଁ, ମୋ ବିନୁ ଅନ୍ୟ ଗତି ନାହିଁ" – ସବୁରି ମୂଳରେ ସିଏ, ଖାଲି ଉପଲବ୍ଧି କରିପାରିଲେ ହେଲା ।

ସୃଷ୍ଟିର ବୈଚିତ୍ର୍ୟପାଇଁ, ସୋନ୍ଦର୍ଯ୍ୟ ପ୍ରକାଶ ପାଇଁ ଦିବା-ରାତ୍ର, ସକାଳ-ସଂଧ୍ୟା, ଆଲୋକ-ଅନ୍ଧାର, ସର୍ଜନ-ବିସର୍ଜନ ପରି ବିପରୀତମୁଖୀ ପ୍ରକ୍ରିୟା ଗୁଡିକର ଯେତିକି ଆବଶ୍ୟକତା ଅଛି, ବୈଚିତ୍ର୍ୟମୟ ଜୀବନ ପାଇଁ ଜୀବନ-ମୃତ୍ୟୁ, ଯୌବନ-ଜରା, ସୁଖ-ଦୁଃଖ, ପ୍ରାପ୍ତି-ଅପ୍ରାପ୍ତି, ବିଶ୍ୱାସ-ଅବିଶ୍ୱାସ, ଆସ୍ଥା-ଅନାସ୍ଥା ଆଦିର ମଧ୍ୟ ସେତିକି ପ୍ରୟୋଜନ ଅଛି । ଗୋଟିଏ ନ ଥିଲେ, ଅନ୍ୟଟି ନିଷ୍ପ୍ରଭ, ଭିତ୍ତିହୀନ, ଅବାନ୍ତର । ତେଣୁ ଏହାର ଯଥାଯଥ ବିନିଯୋଗ ମଧ୍ୟରେ ଭରି ରହିଛି ସୃଷ୍ଟିର ପ୍ରକୃତ ରହସ୍ୟ ।

ସ୍ରଷ୍ଟାଙ୍କର ଏହି ରହସ୍ୟକୁ ଯିଏ ଯେତେଭାବରେ ଉପଲବ୍ଧି କରିଛି, ସିଏ ସେତେ ନିର୍ମୋହ, ସେତିକି ନିର୍ଲିପ୍ତ । ତା ପାଇଁ ସୁଖ ବି ଯେତିକି, ଦୁଃଖ ବି ସେତିକି । ପ୍ରାପ୍ତି ଯାହା ଅପ୍ରାପ୍ତି ମଧ୍ୟ ସେଇଆ । ସକାରାତ୍ମକ ହେଉ କି ନକରାତ୍ମକ ହେଉ ସବୁଠି ସେ କେବଳ ଅନୁଭବ କରେ "ଈଶ୍ୱର ଯାହା କରନ୍ତି, ପ୍ରାଣୀର ମଙ୍ଗଳ ପାଇଁ" । ସୁଖ ବି ମଙ୍ଗଳ, ଦୁଃଖ ବି ମଙ୍ଗଳ । ଯନ୍ତ୍ରଣା ମଙ୍ଗଳ ତ ଆଶ୍ୱସ୍ତି ବି ମଙ୍ଗଳ । ସବୁଥିରେ ଈଶ୍ୱରଙ୍କର ମଙ୍ଗଳମୟ ସତ୍ତା । ଏହି ମଙ୍ଗଳ ଭାବନା ହିଁ "ଚରମ ସନ୍ତୋଷ"ର ପରିଚାୟକ । ଏହା ହିଁ ମାନବ ଜୀବନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଏଇ

ଉପଲବ୍ଧି ହିଁ ସର୍ବୋତ୍ତମ ଉପଲବ୍ଧି ।

ସୃଷ୍ଟିର ସର୍ବଶ୍ରେଷ୍ଠ ସଂରଚନା ହେଉଛି ମାନବ । ଚେତନାର ଉନ୍ମୀଳନ ପାଇଁ, ବିବେକର ଅନୁମୋଦନ ପାଇଁ, ବିଚାରଶକ୍ତିର ନିୟୋଜନ ପାଇଁ, ବିବେକ ଓ ବୁଦ୍ଧିର ଯଥାଯଥ ଉପସ୍ଥାପନ ପାଇଁ ମାନବର ଏହି ସ୍ୱତନ୍ତ୍ରତା । ମାନବିକତାର ନିର୍ମୋକ ମଧ୍ୟରେ ପାଶବିକ ବା ଆସୁରିକ ପ୍ରବୃତ୍ତିକୁ ପ୍ରଶୟ ଦେବା ଆଦୌ ଏହି ସ୍ୱତନ୍ତ୍ରତାର ଉଦ୍ଦେଶ୍ୟ ନୁହେଁ । କିନ୍ତୁ ଆଜିର ସ୍ୱାର୍ଥସର୍ବସ୍ୱ ମାନବ ଏହି ନୈସର୍ଗିକ ଭାବଧାରାକୁ ହୃଦୟଙ୍ଗମ ନ କରି ସ୍ରଷ୍ଟାଙ୍କର ପରମ ବାଦାନ୍ୟତାକୁ ଉପହାସ କରେ, ଅବମାନନା କରେ । ପରମ ଦୟାଳୁ, ପରମ କାରୁଣିକ ସ୍ରଷ୍ଟାଙ୍କର ତା ପ୍ରତି ଥିବା ବାଦାନ୍ୟତାକୁ ମଧ୍ୟ ସ୍ୱୀକାର କରିବାକୁ କୁଣ୍ଠିତ ହୁଏ । ନିଜର ବାହୁବଳ, କ୍ଷମତା, କୌଶଳ ଓ କୁଟିଳ ବୁଦ୍ଧି ଉପରେ ବରଂ ଯଥେଷ୍ଟ ଆସ୍ଥା ଓ ଭରସା ରଖି ଅହଂକାର ସର୍ବସ୍ୱ ଜୀବନକୁ ଅଦରି ନେଇ କ୍ରମେ ହିଂସ୍ର ଓ ଅମଣିଷ ପାଲଟିଯାଏ । ଏହାକୁ ଉତ୍ତରଣ ତ କହି ହେବ ନାହିଁ ବରଂ ଆତ୍ମହତ୍ୟା କହିବା ଯୁକ୍ତିଯୁକ୍ତ ହେବ । ଜାଣିଶୁଣି ଯିଏ ମୃତ୍ୟୁର ଅତଳ ଗହ୍ୱର ମଧ୍ୟକୁ ନିଜକୁ ନିଜେ ନିକ୍ଷେପ କରିବାକୁ ପ୍ରୟାସୀ ହେଲା ସିଏ ଆତ୍ମଘାତୀ ନୁହେଁ ତ ଆଉ କଅଣ ? କେବଳ ସେତିକି ନୁହେଁ, ନିଜ ପାଇଁ ସେ ଯେତିକି ଶତ୍ରୁ, ଭବିଷ୍ୟତ ଦାୟାଦ ମାନଙ୍କ ପାଇଁ ତତୋଽଧିକ ଉତ୍ତରଦାୟୀ ।

ଯେଉଁଠି କୃତଜ୍ଞତା ନାହିଁ, ସେଠି ନମ୍ରତା ନାହିଁ କି ସମ୍ଭ୍ରମତା ମଧ୍ୟ ନାହିଁ । କେବଳ ଅହଂମନ୍ୟତା, ପରଶ୍ରୀକାତରତା କିମ୍ବା ହୀନମନ୍ୟତା ହୁଏତ ସେଠାରେ ଭରପୂର ହୋଇ ରହିଥାଏ । ମହାଭାରତ ଯୁଦ୍ଧକ୍ଷେତ୍ରରେ ସମ୍ମୁଖରେ ଯୋଦ୍ଧୃବେଶରେ ସଜ୍ଜିତ ଆତ୍ମୀୟ ସ୍ୱଜନମାନଙ୍କୁ ଦେଖି ଗୋଟିଏ ସମୟରେ ନିଦ୍ରାଜୟୀ ଅର୍ଜୁନଙ୍କୁ ଅବସାଦଗ୍ରାସ କରିଗଲାପରି ମାନବକୁ ଏହିସବୁ ଶତ୍ରୁମାନେ ଆତ୍ମୀୟତାର ଦ୍ୱାହିଦେଇ ଦୁର୍ବଳ କରିଦିଅନ୍ତି । ତା' ଭିତରେ ଥିବା ମାନବିକ ଆବେଦନକୁ କୋରି ଖାଇ ତା'ର ଅଜାଣତରେ ନିଃଶେଷ କରିଦିଅନ୍ତି । ମୋହଗ୍ରସ୍ତ ଅର୍ଜୁନଙ୍କ ହୃଦୟରୁ ଅବସନ୍ନଭାବ ଦୂର କରିବାପାଇଁ ଶ୍ରୀମଦ୍ ଭଗବଦ୍‌ଗୀତାର ୨ୟ ଅଧ୍ୟାୟରେ ଶ୍ରୀକୃଷ୍ଣ କହୁଛନ୍ତି,

"କ୍ଳୈବ୍ୟଂ ମା ସ୍ମ ଗମଃ ପାର୍ଥ ନୈତତ୍ତ୍ୱୟ୍ୟୁପପଦ୍ୟତେ ।
କ୍ଷୁଦ୍ର ହୃଦୟଂ ଦୌର୍ବଲ୍ୟଂ ତ୍ୟକ୍ତୋତ୍ତିଷ୍ଠ ପର ନ୍ତ ପ । ।"
(ଶ୍ଳୋକ-୩)

ହେ ଅର୍ଜୁନ, ନପୁଂସକତା ପ୍ରାପ୍ତ ହୁଅନାହିଁ । ତୁମପକ୍ଷରେ ଏହା ଉଚିତ ନୁହେଁ । ହେ ଶତ୍ରୁ ତାପନ ! ହୃଦୟର ତୁଚ୍ଛ ଦୁର୍ବଳତା ତ୍ୟାଗକରି ଯୁଦ୍ଧ କରିବାକୁ ଠିଆ ହୋଇଯାଅ । ଠିକ୍ ସେମିତି ମାନବକୁ ଏହିସବୁ ତୁଳନାମୟ ଅନ୍ତରଙ୍ଗ ଶତ୍ରୁ ମାନଙ୍କୁ ବିନାଶ କରିବାପାଇଁ ବିଚାର, ବିବେକ, ଜ୍ଞାନ, ବୁଦ୍ଧି ଆଦି ଅସ୍ତ୍ର ଗୁଡିକୁ ଶାଣିତ କରି ପ୍ରୟୋଗ କରିବାକୁ ପଡିବ । ବାହ୍ୟ ଶତ୍ରୁ ହେଉ କି ଅନ୍ତଃଶତ୍ରୁ, ମାନବିକତାର ସୁରକ୍ଷା ପାଇଁ ଶତ୍ରୁବିନାଶ ଅବଶ୍ୟ ଯଥାର୍ଥ ।

ତେଣୁ "ହେ ଜ୍ଞାନଦାତା ଭଗବାନ - ଦିଅ ମୋତେ ସଦ୍‌ବୁଦ୍ଧି ଦିଅ ସଦ୍‌ଜ୍ଞାନ" । ଯେଉଁ ଦିବ୍ୟଜ୍ଞାନବଳରେ ଅନ୍ତତଃ ମୁଁ ମୋର ଅନ୍ତରଙ୍ଗ ମିତ୍ର, ଶତ୍ରୁ ଏବଂ ମୋ ନିଜକୁ ଚିହ୍ନିବାପାଇଁ ସକ୍ଷମ ହୁଏ । ମୋତ ସ୍ରଷ୍ଟା ସେଇ "ସହସ୍ର ଶୀର୍ଷା ପୁରୁଷ ସହସ୍ରାକ୍ଷ ସହସ୍ରପାତ୍"ଙ୍କର ପରମାତ୍ମା ସ୍ୱରୂପକୁ ଉପଲବ୍ଧି କରିବାର ସହଜ, ସରଳ ମାର୍ଗଟିଏ ଅନ୍ୱେଷଣ କରିବାରେ ସମର୍ଥ ହୁଏ । ତାଙ୍କ ପାଖରେ ସମର୍ପଣ କରିବାପାଇଁ ନିଜକୁ ଯୋଗ୍ୟତମ ରୂପେ ପ୍ରସ୍ତୁତ କରିପାରେ । ତେବେ ସିନା ଏ ଜନ୍ମର ସାର୍ଥକତା ଆସିବ ।

ଜୀବନରେ କ'ଣ କେତେ ପାଇଲି କେତେ ହରାଇଲି, କ'ଣ ରଖିଦେଇ ଯିବି ବା କ'ଣ ସାଙ୍ଗରେ ନେଇଯିବି ସେଇଟା ଗୁରୁତ୍ୱପୂର୍ଣ୍ଣ ନୁହେଁ । ବରଂ ଏ ଜନ୍ମରେ ମୋର ସ୍ରଷ୍ଟା ଓ ପ୍ରାଣଦାତାଙ୍କର ମୁଁ କେତେ ନିକଟତର ହୋଇପାରିଛି ବା ମୁଁ ତାଙ୍କୁ ମୋ ପାଖକୁ କେତେ ଆକର୍ଷିତ କରିପାରିଛି ତାହା ହିଁ ବିଚାର୍ଯ୍ୟ । ଏମିତିରେ ତ "ଜୀବନପାତ୍ର ମୋ ଭରିଛ କେତେ ମତେ....." । ଅମୃତ ହେଉ କି ବିଷ ସବୁ ତୁମର ଭିଆଣ । ବିଷରେ ତୁମେ, ଅମୃତରେ ମଧ୍ୟ ତୁମେ । ଭଲରେ ତୁମେ, ମନ୍ଦରେ ବି ତୁମେ । "ଈଶ୍ୱର ସର୍ବଭୁତାନାଂ" । ତେଣୁ "ନ ଦେଲ କିଛି ବୋଲି କହିବି କି ହେ ଆଉ" । ଯାହା ଦେବାର ଥିଲା ସବୁ ତ ଦେଇ ସାରିଛ । ତୁମର ପ୍ରତିଟି ଦାନକୁ ମୁ ହୃଦୟର ସହିତ ସ୍ୱୀକାର କରି ସାରିଛି । ଅନୁଭବ କରି ସାରିଛି ତୁମେ ହିଁ ହେଉଛ "ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଚ୍ୟତେ, ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବା ବଶିଷ୍ୟତେ" । ତୁମର ସେହି ପୂର୍ଣ୍ଣ ସ୍ୱରୂପ ମଧ୍ୟରେ ନିଜକୁ ନିମଜ୍ଜିତ କରିବାପାଇଁ ଏବଂ ନିଜ ଜୀବନ ପାତ୍ରର ସମସ୍ତ ଶୂନ୍ୟସ୍ଥାନକୁ ତୁମର ପୂର୍ଣ୍ଣମୟ ପ୍ରେମରାଶିରେ ଭରି ଦେବାକୁ ମୁଁ ବ୍ୟାକୁଳ । ଏହି ବ୍ୟାକୁଳତା ହିଁ ମୋତେ ତୁମର ନିକଟତମ କରିପାରିବ । ମୋର ଜନ୍ମ ଜନ୍ମାନ୍ତରର ତପସ୍ୟା, ସାଧନା, କର୍ମ ତୁମକୁ ମୋ ସହ ଅନ୍ତରଙ୍ଗ ହେବାକୁ ଆକର୍ଷିତ କରିବ ।

ଶ୍ରୀମଦ୍ ଭଗବଦ୍‌ଗୀତାର ଦଶମ ଅଧ୍ୟାୟ ଭକ୍ତିଯୋଗରେ ଅର୍ଜୁନଙ୍କୁ ଉପଦେଶ ଦେଇ ଶ୍ରୀକୃଷ୍ଣ କହିଥିଲେ -

"ମୟେବ ମନ ଆଧତ୍ସ୍ୱ ମୟି ବୁଦ୍ଧିଂ ନିବେଶୟ ।
ନିବସିଷ୍ୟସି ମୟ୍ୟେବ ଅତ ଉର୍ଦ୍ଧ୍ୱଂ ନ ସଂଶୟ । ।"
(ଶ୍ଳୋକ-୮)

ଅର୍ଥାତ୍, ହେ ଅର୍ଜୁନ ! ତୁମେ ମୋ ଠାରେ ମନ, ବୁଦ୍ଧି ନିବେଶ କଲେ ତୁମେ ମୋ ଠାରେ ହିଁ ନିବାସ କରିବ, ଏଥିରେ ସଂଶୟ ନାହିଁ । ତେଣୁ ସମର୍ପଣ ହିଁ ଏହି ଅପୂର୍ବ ସୁଯୋଗ ପ୍ରଦାନ କରିବାରେ ସମର୍ଥ । ଶୁଦ୍ଧ ମନ, ଶୁଦ୍ଧ ବୁଦ୍ଧି, ପବିତ୍ର ଆତ୍ମାକୁ ପରଂବ୍ରହ୍ମଙ୍କ ପାଦପଦ୍ମରେ ଅର୍ପଣ କରିପାରିଲେ ମାନବ ଜୀବନ ସାର୍ଥକ ହୋଇପାରିବ ।

ଅଧ୍ୟାପକ, ଓଡିଆ ଭାଷା ଓ ସାହିତ୍ୟ ବିଭାଗ,
ନେତାଜୀ ସୁଭାଷ ସ୍ମାରକୀ ସିଟି କଲେଜ, ରାଜାବଗିଚା, କଟକ
ମୋ : ୯୪୩୭୭୩୭୬୭୯୭

# ନିମିତ୍ତମାତ୍ର

*ଗୌରାଙ୍ଗ ଚରଣ ଲେଙ୍କା*

ଆମ ଓଡିଆ ଘରେ ପିଲାଟିଏ ଜନ୍ମହେଲେ ଆମେ ଧାଇଁଯାଉ ଅବଧାନ ବା ଗ୍ରହାଚାର୍ଯ୍ୟଙ୍କ ପାଖକୁ, ଗୋଟିଏ ଜାତକ ତିଆରି କରିବା ପାଇଁ । ଏଥିପାଇଁ ବିଶେଷ ଭାବରେ ଆବଶ୍ୟକ ହୋଇଥାଏ ଜନ୍ମ ହେବାର ନିର୍ଭୁଲ ସମୟ । ଆଜିକାଲି ପରି ପୂର୍ବରୁ ଗାଁ ଗହଳିରେ ସମୟ ଜାଣିବାପାଇଁ ଘଣ୍ଟାଟିଏ ବି ନ ଥିଲା । ଦିନବେଳେ ଆକାଶରେ ସୂର୍ଯ୍ୟଙ୍କର ଅବସ୍ଥିତି ସମୟ ସୂଚାଉଥିଲା । ରାତିରେ ଜନ୍ମସମୟ କେତେ ଘଡି, କେତେ ପ୍ରହର ଚନ୍ଦ୍ର ନକ୍ଷତ୍ରାଦିଙ୍କର ସ୍ଥାନ ନେଇ ସ୍ଥୁଳ ଭାବରେ ନିରୂପିତ ହେଉଥିଲା । ସେହି ଆନୁମାନିକ ସମୟକୁ ଗ୍ରହଣ କରି ଗ୍ରହାଚାର୍ଯ୍ୟ ସେହି ସମୟରେ ଗ୍ରହନକ୍ଷତ୍ର ମାନଙ୍କର ଜ୍ୟୋତିଷିକ ସ୍ଥିତି ନିର୍ଘଣ୍ଟ ବିଶ୍ଳେଷଣ କରି ଜନ୍ମକୋଷ୍ଠୀଟିଏ ତିଆରି କରୁଥିଲେ । ଗୃହକର୍ତ୍ତା ମନଖୁସିରେ ଜ୍ୟୋତିଷଙ୍କୁ ଯଥାସମ୍ଭବ ଧନରତ୍ନ ପ୍ରଦାନ କରୁଥିଲେ ।

ଏହି ଜାତକରେ ଗ୍ରହାଚାର୍ଯ୍ୟ ମହାଶୟ "ବୀର ଶ୍ରୀ ଗଜପତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର ବିରାଧିବୀରବର" ଅମୁକ ଗଜପତିଙ୍କର ଅମୁକ ଅଙ୍କରେ ଅମୁକ ସନ, ମସିହା, ମାସ, ଦିନ, ପକ୍ଷ, ତିଥି, ନକ୍ଷତ୍ର, ବାର, ବେଳା, ଦଣ୍ଡ, ଲିତା, ବିଲିତା ଇତ୍ୟାଦି ଉଲ୍ଲେଖି କରି ପିଲାଟିର ରାଶିନାମ ଓ ଶ୍ରଦ୍ଧାନାମ ପ୍ରଦାନ କରୁଥିଲେ । ଆମ ସମାଜରେ ଜାତକର ମହତ୍ତ୍ୱ ମଧ୍ୟଖୁବ୍ ବେଶୀ । ବିଭାଘର, ବ୍ରତଘର, ବିଦ୍ୟାରମ୍ଭ, ଗୃହନିର୍ମାଣ, ଗୃହପ୍ରବେଶ, ଜ୍ୱର ରୋଗରେ ଜ୍ୟୋତିଷ ମହାଶୟ କୋଷ୍ଠୀ ସାଧନ କରି ଯଥାଯୁକ୍ତ ଉପଦେଶ ଦେଉଥିଲେ । ଆଜିକାଲି ବହୁ ଶିକ୍ଷିତ ଓ ପ୍ରତିଷ୍ଠିତ ବ୍ୟକ୍ତି ମଧ୍ୟ ଜ୍ୟୋତିଷଙ୍କ ପରାମର୍ଶରେ ହାତରେ ବିଭିନ୍ନ ପଥରବସା ମୁଦ୍ରିକା ପରିଧାନ କରୁଛନ୍ତି । ବିଭାଘରରେ ପୁଅଝିଅଙ୍କ ଜାତକ ମେଳ ହେଲେ 'ରାଜଜୋଟକ' ତ ଅମେଳ ହେଲେ 'ନାଗ ନାଡି' ବୋଲି ଶବ୍ଦାର୍ଥ ପ୍ରଚଳିତ ଅଛି ।

ଜାତକଟିରେ ଆଉ ଗୋଟିଏ ତଥ୍ୟ ଜ୍ୟୋତିଷ ମହାଶୟ ଉଲ୍ଲେଖ କରିଥାଆନ୍ତି । ତାହା ହେଉଛି - ପିଲାଟିର ପରମାୟୁ । ପତ୍ୟେକ ଜାତକରେ ପରମାୟୁ ୧୨୦ ବର୍ଷ ବୋଲି ଉଲ୍ଲେଖ ଥାଏ । କେବେ କାହା ଜାତକରେ ୧୨୦ ବର୍ଷରୁ କିଛି କମ୍ ଅବା କିଛି ବେଶୀ ଲେଖା ହୋଇ ନ ଥାଏ । କିନ୍ତୁ ଆମେ ଆଜି ପର୍ଯ୍ୟନ୍ତ କାହାକୁ ଏତେ ବର୍ଷ ଜୀବିତ ଥିବା ଦେଖି ନାହେଁ । ଏହି ସନ୍ଦେହ ମୋଚନ ପାଇଁ ଲେଖକ ବହୁ ଜ୍ୟୋତିର୍ବିଦ୍ୟା ପଣ୍ଡିତଙ୍କୁ ପଚାରିଛନ୍ତି । କିନ୍ତୁ କାହାରି ଉତ୍ତର ମନର ସଂଶୟ ଦୂର କରିପାରି ନାହିଁ ।

ପିଲା କଅଣ ବଡ କଅଣ, ପିତା ଖାଇବାକୁ କାହାକୁ ସ୍ୱାଦ ଲାଗେନାହିଁ । କିନ୍ତୁ ଆମେ ପିତା ଖାଇବାର କାରଣ ଆମର ଗୁରୁଜନ ମାନଙ୍କ ଉପଦେଶ । ଗୁରୁଜନଙ୍କ ଉପଦେଶକୁ ଆମେ ସର୍ବଦା ସମ୍ମାନ କରୁ । ତାଙ୍କର ଦୀର୍ଘ ଅଭିଜ୍ଞତାରୁ ସେମାନେ ଆମକୁ ଉତ୍ତମ ମାର୍ଗରେ ଯିବାକୁ ପଥପ୍ରଦର୍ଶନ କରାଇଥାଆନ୍ତି । ସେମାନଙ୍କ ଉପଦେଶ କରିପାରିବ ପ୍ରତ୍ୟେକ ଜଟିଳ ପ୍ରଶ୍ନର ସମାଧାନ । ସେଇ ଗୁରୁମାନଙ୍କର ଗୋଟିଏ ଉପଦେଶ ହେଉଛି –

"ରୁଚୁ ନ ରୁଚୁ ଖାଆ ପିତା
ବୁଝୁ ନ ବୁଝୁ ପଢ ଗୀତା"

ଗୀତା ଅର୍ଥାତ ମୁନିପୁଙ୍ଗବ ବ୍ୟାସଦେବଙ୍କ ରଚିତ ଶ୍ରୀମଦ୍ ଭାଗବତ ଗୀତା । ଅତି ପ୍ରାଚୀନ ଭାରତୀୟ ଆଧ୍ୟାତ୍ମିକ ଶାସ୍ତ୍ରମାନଙ୍କ ମଧ୍ୟରେ ଅନ୍ୟତମ, ଏହା ସ୍ୱୟଂ ଭଗବାନ ଶ୍ରୀକୃଷ୍ଣଙ୍କ ଶ୍ରୀମୁଖରୁ ନିସୃତ । ମହାମୁନି ବ୍ୟାସଦେବ ହଜାର ହଜାର ବର୍ଷତଳେ ମହାଭାରତ ପରି ମହାନ୍ ଗ୍ରନ୍ଥର ପରିକଳ୍ପନା କରିଛନ୍ତି । ଏହାର କଥାବସ୍ତୁ ଏକ ପାରିବାରିକ କଳହରୁ ମହାସଂଗ୍ରାମରରେ ପରିଣତି । ଧୃତରାଷ୍ଟ୍ର ଜନ୍ମରୁ ଅନ୍ଧ । ତାଙ୍କର ଶତ ପୁତ୍ର । ଜ୍ୟେଷ୍ଠପୁତ୍ର ଦୁର୍ଯ୍ୟୋଧନ ମହାମାନୀ, ମାନଗୋବିନ୍ଦ । ଏହି ପରିବାରକୁ କୌରବ କହନ୍ତି । ସାନ ଭାଇ ପଣ୍ଡୁ । ତାଙ୍କର ପାଞ୍ଚପୁଅ ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ ଓ ସହଦେବ । ଏମାନେ ପଞ୍ଚୁପାଣ୍ଡବ । ପାଣ୍ଡବ ମାନେ ଦୁର୍ଯୋଧନଙ୍କୁ ପାଞ୍ଚଖଣ୍ଡ ପଡା ମାଗିଲେ – ହସ୍ତିନା, ବାରୁଣା, ଇନ୍ଦ୍ରପ୍ରସ୍ଥ, ଯମପ୍ରସ୍ଥ ଓ ଜଇନ୍ତା । ମହାମାନୀ ଦୁର୍ଯୋଧନ କୁଚକ୍ରୀ ମାତୁଳ ଶକୁନିଙ୍କ ପରାମର୍ଶରେ ଦୂତ ଭାବେ ଯାଇଥିବା ଜଗତ୍ପତି ଶ୍ରୀକୃଷ୍ଣଙ୍କୁ କହିଲେ – "ବିନା ଯୁଦ୍ଧେ ନ ଦେବି ମୁଁ ସୂଚ୍ୟଗ୍ର ମେଦିନୀ ।" କୌରବମାନଙ୍କ ପକ୍ଷରେ ରହିଲେ ସପ୍ତରଥୀ - ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ, ଦାନବୀର କର୍ଣ୍ଣ, ଭୂରିଶ୍ରବା, ଜୟଦ୍ରଥ, ଶଲ୍ୟଙ୍କ ବ୍ୟତୀତ ଅଶ୍ୱତ୍ଥାମା, ସୋମଦତ୍ତ, କୃତବର୍ମା ଇତ୍ୟାଦି । ପାଣ୍ଡବ ମାନଙ୍କ ପକ୍ଷରେ

ରହିଲେ ମହା ଧନୁର୍ଦ୍ଧାରୀ କାଶୀରାଜା, ମହାରଥୀ ଦ୍ରୁପଦ ରାଜପୁତ୍ର ଶିଖଣ୍ଡୀ, ଧୃଷ୍ଟଦ୍ୟୁମ୍ନ, ବିରାଟ ରାଜା, ଦ୍ରୁପଦ ରାଜା, ସାତ୍ୟକି, ଦ୍ରୌପଦୀଙ୍କ ପଞ୍ଚସୂତ, ସୁଭଦ୍ରାନନ୍ଦନ ଅଭିମନ୍ୟୁ ଇତ୍ୟାଦି । ମଧ୍ୟମ ପାଣ୍ଡବ ଅର୍ଜୁନଙ୍କ ମସ୍ତକରେ ଶ୍ରୀହରି ମୁକୁଟ ମଣ୍ଡନ କଲେ । ହସ୍ତରେ ପିନାକଧନୁ, ଅକ୍ଷୟ ତୂଣୀର ଓ ପାଶୁପତ ଶର । ନନ୍ଦିଘୋଷରଥରେ ଅର୍ଜୁନଙ୍କୁ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ କରି ନିଜ ହାତରେ ସୁଦର୍ଶନ ଚକ୍ର ଧାରଣକରି ସାରଥି ହେଲେ ସ୍ୱୟଂ ନାରାୟଣ । ରଥ ରହିଲା ସମର ପ୍ରାଙ୍ଗଣର ମଧ୍ୟସ୍ଥଳରେ, ଯେଉଁଠି କୌରବ ସେନାପତି ଭୀଷ୍ମଙ୍କର ସେନାଛାଉଣୀ ଅବସ୍ଥିତ । ସେମାନଙ୍କୁ ଦେଖି ବିଷର୍ଣ୍ଣ ବଦନରେ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ କହିଲେ – "କୌରବ ଥାଟରେ ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, ମାତୁଳ ଶଲ୍ୟ, ଦୁର୍ଯ୍ୟୋଧନାଦି ଭାଇ ଓ ଆତ୍ମୀୟ ସ୍ୱଜନ ।" ଏପରି କହୁକହୁ ଅର୍ଜୁନଙ୍କର ଅବସ୍ଥା ଟଳମଳ, ଶରୀର ଶିଥିଳ, ଗାଣ୍ଡିବ ଧନୁ ଖସିପଡୁଛି ବାରମ୍ବାର । ମନରେ ଆସେ ଅସୀମିତ ଭୟ ଓ ଭ୍ରାନ୍ତିର ଚିତ୍ର । ତୁଚ୍ଛ ରାଜ୍ୟ ପାଇଁ ସେ ଆତ୍ମୀୟସ୍ୱଜନଙ୍କୁ ବିନାଶ କଲେ କୁଳକ୍ଷୟ ଓ ମିତ୍ରଦ୍ରୋହ ପାପ ହେବ । କୁଳଧର୍ମ ନଷ୍ଟହେଲେ କୁଳସ୍ତ୍ରୀ ମାନେ ବର୍ଣ୍ଣସଙ୍କର ଜାତ କରିବେ । ପିତୃପୁରୁଷମାନେ ପିଣ୍ଡ ଗ୍ରହଣ କରିବେ ନାହିଁ । ନର୍କକୁଣ୍ଡରେ ପଡିବେ ।

ଅର୍ଜୁନ ମୋହମାୟାଗ୍ରସ୍ତ ହୋଇ ନିଜର କର୍ତ୍ତବ୍ୟ ପଥରୁ ବିଚ୍ୟୁତ ହେବା ଦେଖି ଶ୍ରୀଭଗବାନ ଯେଉଁ ଆଧ୍ୟାତ୍ମିକ ବାଣୀ ଶୁଣାଇଲେ, ତାହା ମହାମୁନୀ ବ୍ୟାସଦେବଙ୍କ କୃତ ଶ୍ରୀମଦ୍ ଭାଗବତ ଗୀତା । ଅଷ୍ଟାଦଶ ଅଧ୍ୟାୟରେ ୭୦୦ ଶ୍ଳୋକଗୁଚ୍ଛର ଏହି ପବିତ୍ର ମନୁଷ୍ୟ ଜୀବନର ଅମୂଲ୍ୟ ଗ୍ରନ୍ଥ । ଏଥିରେ ଶ୍ରୀ ଭଗବାନ କୃଷ୍ଣ ଅର୍ଜୁନଙ୍କୁ ଉପଦେଶଛଳରେ କହୁଛନ୍ତି – "ଏ ଶରୀର ପଞ୍ଚଭୂତ (କ୍ଷିତି, ଆପ, ତେଜ, ମରୁତ୍ ଓ ବ୍ୟୋମ) ରୁ ଜାତ । ପଞ୍ଚଭୂତ ବିଶିଷ୍ଟ ଶରୀର କେଉଁଠାରୁ ଆସେ ଓ କେଉଁଠାକୁ ଯାଏ, କେହି ଜାଣେନାହିଁ । ଏ ଶରୀର ଅନିତ୍ୟ ଓ ଅସତ୍ୟ । କେବଳ ଜୀବାତ୍ମା ସତ୍ୟ ଓ ନିତ୍ୟ । ଲୁଗା ପୁରୁଣା ହେଲେ, ଆମେ ପୁରୁଣା ବସ୍ତ୍ରକୁ ଛାଡି ନୂତନ ବସ୍ତ୍ର ପରିଧାନ କରୁ । ସେହିପରି ଆତ୍ମା ପୁରୁଣା ଘଟକୁ ଛାଡି ନୂତନ ଘଟରେ ଆଶ୍ରୟ ନିଏ ।"

ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଲେ, ଅର୍ଜୁନ କ୍ଷତ୍ରିୟ ହୋଇଥିବାରୁ କ୍ଷତ୍ରିୟର ଧର୍ମ ପାଳନ କରିବା ଉଚିତ । କ୍ଷତ୍ରିୟର ଧର୍ମ ହେଉଛି – ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ କରିବା । ଧର୍ମଯୁଦ୍ଧରେ ମୃତ୍ୟୁହେଲେ ସ୍ୱର୍ଗପ୍ରାପ୍ତି ହୁଏ । ଶ୍ରୀକୃଷ୍ଣ ସମସ୍ତ ଜୀବଙ୍କର ଈଶ୍ୱର ଓ ପ୍ରତ୍ୟେକ ଜନ୍ମମୃତ୍ୟୁ ତାଙ୍କର ଇଙ୍ଗିତରେ । ଯେତେବେଳେ ଧର୍ମର ବିନାଶ ହୁଏ, ଅଧର୍ମ ବଢେ । ସେତେବେଳେ ଶ୍ରୀକୃଷ୍ଣ ସଂସାରରେ ଆବିର୍ଭୂତ ହୋଇ ଅଧର୍ମକୁ ବିନାଶ କରି ପୃଥିବୀରେ ଧର୍ମ ସ୍ଥାପନା କରନ୍ତି । ପାପୀମାନଙ୍କୁ ବିନାଶ କରି ସାଧୁମାନଙ୍କୁ ରକ୍ଷାକରନ୍ତି ।

ଦଶମ ଅଧ୍ୟାୟର ବିଭୂତ ଯୋଗରେ ଶ୍ରୀଭଗବାନ ଶ୍ରେଷ୍ଠତ୍ୱର ଉପମା ଦେଇ କହିଛନ୍ତି – "ଆଦିତ୍ୟ ମାନଙ୍କ ମଧ୍ୟରେ ସେ ବିଷ୍ଣୁ, ଜ୍ୟୋତିଷ୍କ ମଧ୍ୟରେ ସୂର୍ଯ୍ୟ, ମରୁତଙ୍କ ମଧ୍ୟରେ ମରୀଚି, ନକ୍ଷତ୍ରଙ୍କ ମଧ୍ୟରେ ଚନ୍ଦ୍ର, ବେଦ ମାନଙ୍କ ମଧ୍ୟରେ ସାମ, ଦେବତାଙ୍କ ମଧ୍ୟରେ ଇନ୍ଦ୍ର, ଇନ୍ଦ୍ରିୟଙ୍କ ମଧ୍ୟରେ ମନ, ରୁଦ୍ରଙ୍କ ମଧ୍ୟରେ ଶଙ୍କର, ଯକ୍ଷଙ୍କ ମଧ୍ୟରେ କୁବେର, ପର୍ବତ ମଧ୍ୟରେ ସୁମେରୁ, ପୁରୋହିତଙ୍କ ମଧ୍ୟରେ ବୃହସ୍ପତ, ସେନାପତିଙ୍କ ମଧ୍ୟରେ କାର୍ତ୍ତିକେୟ, ଜଳାଶୟଙ୍କ ମଧ୍ୟରେ ସମୁଦ୍ର, ମହର୍ଷିଙ୍କ ମଧ୍ୟରେ ଭୃଗୁ, ଶବ୍ଦତରଙ୍ଗ ମଧ୍ୟରେ ଏକାକାର ଓଁକାର, ଯଜ୍ଞ ମଧ୍ୟରେ ଜପଯଜ୍ଞ, ପର୍ବତ ମଧ୍ୟରେ ହିମାଳୟ, ବୃକ୍ଷ ମଧ୍ୟରେ ଅଶ୍ୱତ୍ଥ, ଦେବର୍ଷି ମଧ୍ୟରେ ନାରଦ, ଗନ୍ଧର୍ବଙ୍କ ମଧ୍ୟରେ ଚିତ୍ରରଥ, ସିଦ୍ଧପୁରୁଷଙ୍କ ମଧ୍ୟରେ କପିଳମୁନି, ଅଶ୍ୱ ମଧ୍ୟରେ ଉଚ୍ଚୈଃଶ୍ରବା, ଗଜ ମଧ୍ୟରେ ଐରାବତ, ମାନବମାନଙ୍କ ମଧ୍ୟରେ ସମ୍ରାଟ, ଅସ୍ତ୍ର ମଧ୍ୟରେ ବଜ୍ର, ଧେନୁ ମଧ୍ୟରେ କାମଧେନୁ, ସର୍ପଙ୍କ ମଧ୍ୟରେ ବାସୁକି, ନାଗଙ୍କ ମଧ୍ୟରେ ଅନନ୍ତ, ଜଳଦେବତାଙ୍କ ମଧ୍ୟରେ ବରୁଣ, ଦୈତ୍ୟଙ୍କ ମଧ୍ୟରେ ପ୍ରହ୍ଲାଦ, ପଶୁଙ୍କ ମଧ୍ୟରେ ସିଂହ, ପକ୍ଷୀଙ୍କ ମଧ୍ୟରେ ଗରୁଡ, ଧନୁର୍ଦ୍ଧାରୀଙ୍କ ମଧ୍ୟରେ ରଘୁନାଥ, ମତ୍ସ୍ୟଙ୍କ ମଧ୍ୟରେ ମଗର, ନଦୀଙ୍କ ମଧ୍ୟରେ ଗଙ୍ଗା, ବିଦ୍ୟା ମଧ୍ୟରେ ଅଧ୍ୟାତ୍ମା, ଯୁକ୍ତିତର୍କ ମଧ୍ୟରେ ସିଦ୍ଧାନ୍ତ, ସମାସ ମଧ୍ୟରେ ଦ୍ୱନ୍ଦ୍ୱ, ସଂହାର ମଧ୍ୟରେ ମୃତ୍ୟୁ, ଭାବନା ମଧ୍ୟରେ ଭବିଷ୍ୟତ, ନାରୀଙ୍କ ମଧ୍ୟରେ କୀର୍ତ୍ତି, ଶ୍ରୀ, ବାଣୀ, ସ୍ମୃତି, ଧୃତି, କ୍ଷମା, ଛନ୍ଦ ମଧ୍ୟରେ ଗାୟତ୍ରୀ, ମାସ ମଧ୍ୟରେ ମାର୍ଗଶୀର, ଋତୁ ମଧ୍ୟରେ ବସନ୍ତ, ଛଳନା ମଧ୍ୟରେ ଜୁଆଖେଳ, ଉଦ୍ୟମ ମଧ୍ୟରେ ଜୟ, ଯାଦବଙ୍କ ମଧ୍ୟରେ ବାସୁଦେବ, ମୁନିମାନଙ୍କ ମଧ୍ୟରେ ମୁନିଶ୍ରେଷ୍ଠ ବାସୁଦେବ, ପଞ୍ଚୁପାଣ୍ଡବଙ୍କ ମଧ୍ୟରେ ଶତ୍ରୁଜୟୀ ଧନଞ୍ଜୟ, କବିଙ୍କ ମଧ୍ୟରେ ଦାନବ ଗୁରୁ ଶୁକ୍ରାଚାର୍ଯ୍ୟ, ବିଜୟ ଆକାଂକ୍ଷୀ ବ୍ୟକ୍ତିଙ୍କ ମଧ୍ୟରେ ଧର୍ମନୀତି, ଗୁପ୍ତବିଷୟର ମୌନ ତତ୍ତ୍ୱଜ୍ଞାନୀ ପଣ୍ଡିତଙ୍କ ମଧ୍ୟରେ ଦିବ୍ୟଜ୍ଞାନ ହିଁ ସର୍ବୋତ୍ତମ ।"

ସେ ସମସ୍ତ ଭୌତିକ ଜଗତର ଉତ୍ପତ୍ତିର ସ୍ଥାନ । ତାଙ୍କ ବିନା କେହି ସ୍ଥାବର ଜଙ୍ଗମରେ ତିଷ୍ଠିପାରିବେ ନାହିଁ ।

ଏ ସମସ୍ତ ଶ୍ରୀଭଗବାନଙ୍କ ଶ୍ରୀମୁଖ ନିସୃତ ବାଣୀ ଶୁଣି ଅର୍ଜୁନ ବିଶ୍ୱରୂପ ଦର୍ଶନକରିବାକୁ ଉତ୍କଣ୍ଠା ପ୍ରକାଶ କରିବାରୁ ତାଙ୍କୁ ଦିବ୍ୟଦୃଷ୍ଟି ପ୍ରଦାନ କରି ମହାପ୍ରଭୁ ତାଙ୍କର ଅଲୌକିକ ବିଶ୍ୱରୂପ ଦର୍ଶନ କରାଇଲେ । ଅର୍ଜୁନ ଦେଖିଲେ ଅସଂଖ୍ୟ ବ୍ରହ୍ମାଣ୍ଡ । କେତେବେଳେ ଭୀଷ୍ମ, ଦ୍ରୋଣ, କର୍ଣ୍ଣାଦି ଯୋଦ୍ଧାଗଣ ଶ୍ରୀହରିଙ୍କ ମୁଖଗହ୍ୱରର ତୀକ୍ଷ୍ଣ ଦନ୍ତମୂଳରେ ବିଦୀର୍ଣ୍ଣ ହେଉଛନ୍ତି । ଏହା ଦର୍ଶନ କରି ଅର୍ଜୁନଙ୍କର ମୋହ ଭଙ୍ଗ ହେଲା । ସେ ଉପଲବ୍ଧି କଲେ, ଶ୍ରୀକୃଷ୍ଣ ଜନାର୍ଦ୍ଦନ ହେଉଛନ୍ତି ସଂସାରର ସର୍ବମୟ କର୍ତ୍ତା । ସେ ସୃଷ୍ଟି, ସ୍ଥିତି ଓ ପ୍ରଳୟର ଆଧାର । ସଂସାର ତାଙ୍କର ଇଙ୍ଗିତରେ ପରିଚାଳିତ । ତା ପରେ ଅର୍ଜୁନ କୃତଜ୍ଞତା ଜ୍ଞାପନ କରି ଶ୍ରୀକୃଷ୍ଣଙ୍କୁ ପ୍ରଣାମ କଲେ ଓ ଗାଣ୍ଡିବ ଧାରଣ କଲେ । ମହାଭାରତ ଯୁଦ୍ଧକ୍ଷେତ୍ରରେ କୌରବଙ୍କ ସହିତ ଯୁଦ୍ଧ କରିବାକୁ ଅଣ୍ଟା ଭିଡିଲେ ।

ଅର୍ଜୁନଙ୍କୁ ଶ୍ରୀକୃଷ୍ଣ କହିଲେ ବିଶ୍ୱରୂପ ଦର୍ଶନରେ ସିଏ ଦେଖାଇଛନ୍ତି କେତେବେଳେ ଭୀଷ୍ମ, ଦ୍ରୋଣାଦି ଯୋଦ୍ଧାଗଣ ତାଙ୍କଦ୍ୱାରା ନିଧନ ହୋଇ ସାରିଛନ୍ତି । ଏହି ମହାଭାରତ ଯୁଦ୍ଧରେ ଅର୍ଜୁନ କେବଳ ନିମିତ୍ତମାତ୍ର ।

ତେଣୁ ଉପସ୍ଥିତ ଯୁଦ୍ଧରେ ଅର୍ଜୁନ ସେମାନଙ୍କୁ ବିନାଶ କଲେ, କେବଳ ଅର୍ଜୁନଙ୍କର ଯଶବୃଦ୍ଧି ଓ ରାଜ୍ୟଲାଭ ହେବ । ତେଣୁ ସର୍ବମୟ କର୍ତ୍ତା ହେଉଛନ୍ତି ଶ୍ରୀକୃଷ୍ଣ । ସେ ଏହି ସୃଷ୍ଟିର ହର୍ତ୍ତା, କର୍ତ୍ତା ଓ ବିଧାତା । ସକଳ ପ୍ରଶ୍ନର ସିଏ ହିଁ ଏକମାତ୍ର ଉତ୍ତର ।

ଗୀତାର ମୂଳ ମନ୍ତ୍ର ହେଉଛି -

❖ ଶରୀର ନଶ୍ୱର, ଆତ୍ମା ଅମର ।

❖ ମୋହମାୟା ଅଳୀକ, ଫଳାଫଳପ୍ରତି ଧ୍ୟାନ ନ ରଖି ନିଜ କର୍ମ ସମ୍ପାଦନ କରିଚାଲ ।

❖ ଜୀବନ କାଳରେ ଜୀବ ନିମିତ୍ତମାତ୍ର, ଦୁନିଆଁରେ ପାଦ ଦିଏ ଶୂନ୍ୟହାତରେ, ବିଦାୟ ନିଏ ବି ସେପରି; ଚଳନ୍ତି ଦୁନିଆଁରେ ସେହି ସର୍ବମୟ ହିଁ ଦଇବ ବିଧାତା ।

❖ ପଞ୍ଚଭୂତରୁ ଗଠିତ ଶରୀର ଉପାଦାନ ବିବର୍ତ୍ତନ ବୃତ୍ତକୁ ଚାଲିଯାଏ, ଆତ୍ମା କେବଳ ଅମର ନୂତନ ଶରୀର ପରିବର୍ତ୍ତନ କରି ଚିର ଅମର ।

❖ ସର୍ବଦା ସେହି ସର୍ବମୟ କର୍ତ୍ତାଙ୍କର ଆଶ୍ରିତ ହୁଅ, ତାଙ୍କଦ୍ୱାରା ଆଲୋକିତ ହୁଅ; ତାଙ୍କର ଦର୍ଶନ ଚିନ୍ତା, ଭୟ ଓ ଶୋକରୁ ମୁକ୍ତକରି ଆନନ୍ଦ ପ୍ରଦାନ କରିବ ।

❖ ଶ୍ରୀମଦ୍ ଭାଗବତ ଗୀତା ଆମ ଆଧ୍ୟାତ୍ମିକତାର ସ୍ୱର୍ଗୀୟ ଉତ୍ସ - ଏହାର ପଠନ, ପାଳନ ଓ ପ୍ରସାର ମାନବିକତାର ନିଦର୍ଶନ ।

ଦେଉଳି ସାହି, ତୁଳସୀପୁର, କଟକ
ମୋ: ୯୪୩୭୧୭୨୭୩୪

✠✠✠✠



# ପ୍ରକାଶିତ ଜୀବନ

*ଶରତ କୁମାର ମହାନ୍ତି*


ଜନ୍ମରୁ ଆରମ୍ଭ ହୋଇ ମୃତ୍ୟୁରେ ଶେଷ ହେଉଥିବା ସମୟର ଅବଧିକୁ ଜୀବନରେ ପ୍ରକାଶ ବୋଲି ଧରିନିଆଯାଏ । କିନ୍ତୁ ଜୀବନର ଅବର୍ତ୍ତମାନରେ ବି ଜୀବନର ସତ୍ତା ଅପ୍ରକାଶ ଭାବରେ ଥାଏ । ଜୀବନ ପ୍ରକାଶରେ ହିଁ ତା'ର ପରମ ଲକ୍ଷ୍ୟ ତାକୁ ପ୍ରାପ୍ତହୁଏ । ଅପ୍ରକାଶରୁ ପ୍ରକାଶ ହୁଏ କେବଳ ପରମ ଲକ୍ଷ୍ୟର ପ୍ରାପ୍ତି ଉଦ୍ଦେଶ୍ୟରେ । ଦୁଃଖର ବିଷୟ ଜୀବନ ପ୍ରକାଶ ପାଇବାପରେ ଲକ୍ଷ୍ୟଚ୍ୟୁତ ହୋଇଯାଏ । ସଦ୍‌ଜ୍ଞାନ, ସତ୍‌ସଙ୍ଗ ମାଧ୍ୟମରେ ପ୍ରକାଶିତ ଜୀବନ ଲକ୍ଷ୍ୟ ପଥରୁ ଦୂରେଇ ରହିପାରେନା । ତେଣୁ ସଦ୍‌ଜ୍ଞାନ ତାକୁ ତା'ର ପରମ ଲକ୍ଷ୍ୟସ୍ଥଳୀ ନିକଟରେ ପହଞ୍ଚାଇବାକୁ ତା ଠାରେ ପାତ୍ରତା ନିର୍ମାଣ କରେ ଏବଂ ସତ୍‌ସଙ୍ଗ ମାଧ୍ୟମରେ ହୃଦୟଙ୍ଗମ କରିଥିବା ଭକ୍ତି ତାକୁ ତା'ର ପରମ ଲକ୍ଷ୍ୟସ୍ଥଳୀ (ମୋକ୍ଷ) ପ୍ରାପ୍ତ କରାଏ ।

ଜୀବନର ଲକ୍ଷ୍ୟ ହିଁ ମୋକ୍ଷପ୍ରାପ୍ତି । ଯଦି ଜୀବନ ଏ ଲକ୍ଷ୍ୟ ପଥରୁ ପଥଚ୍ୟୁତ ହୁଏ, ତେବେ ଜୀବନର ମାନେ କିଛି ନ ଥାଏ । ସେ ଜୀବନ ପ୍ରକାଶରେ ଯାହା, ଅପ୍ରକାଶରେ ବି ତାହା । ବେଳେବେଳେ ଅପ୍ରକାଶିତ ଜୀବନ ମଧ୍ୟ ପ୍ରକାଶିତ ଜୀବନଠାରୁ ଲାଭଦାୟକ ହୋଇଥାଏ । ଜୀବନ ଉପରେ ସ୍ୱାର୍ଥ, ଅହଂକାର କବ୍‌ଜା କରିନେଲେ ଜୀବନ ଉନ୍ନତିର ସ୍ୱପ୍ନ ଦେଖିବା ଭୁଲିଯାଏ । ସ୍ୱାର୍ଥ ଓ ଅହଂକାରର ଭଉଁରି ଭିତରେ ଏମିତି ଫସିଯାଏ ଯେ ସେଥିରୁ ଉଦ୍ଧାର ପାଇବା ତା' ପାଇଁ ଅସମ୍ଭବ ହୋଇପଡେ । ସେତେବେଳେ ସେ ଉଦ୍ଧତ ଚରିତ୍ରର ଚରମ ଶିଖରରେ ପାଦ ରଖି ସଂସାରର ବହୁ କ୍ଷତି ସାଧନ କରିଥାଏ । ତେଣୁ ସ୍ୱାର୍ଥ ଓ ଅହଂକାରକୁ ଜୀବନରୁ ଦୂରେଇ ରଖିବାରେ ହିଁ ଜୀବନ ଲାଭଦାୟକ ହୋଇଥାଏ । ଯେପରି ଛିଦ୍ରଥିବା ପାତ୍ରରେ ଜଳ ଭର୍ତ୍ତିକଲେ ସେ ପାତ୍ରରେ ଜଳ ସଞ୍ଚିତ ହୋଇ ରହିବା ପରିବର୍ତ୍ତେ ଜଳଶୂନ୍ୟ ହୋଇଯାଏ, ସେହିପରି ସ୍ୱାର୍ଥ, ଅହଂକାର ରୂପୀ ଛିଦ୍ର ଜୀବନରେ ଈଶ୍ୱରୀୟ ଅନୁକମ୍ପାକୁ ସଞ୍ଚିତ କରି କଦାପି ରଖି ପାରେ ନା । ଈଶ୍ୱରୀୟ ଅନୁଦାନସମସ୍ତଙ୍କ ଉପରେ ସମାନ ଭାବରେ ବାଣ୍ଟି ହୋଇବୃଷ୍ଟି ହୁଏ । ହାୟ ! ଏ ଜୀବନ ନିଜର ପାତ୍ରତା ଅଭାବରୁ ସେ ସମ୍ପଦ ସବୁକୁ ହାତଛଡା କରିଦିଏ । ଜୀବନରେ ଯେତେବେଳେ ଦୟା, କ୍ଷମା, ସ୍ନେହ, ପ୍ରେମ, ସେବା, ସଂଯମ ପରିଲକ୍ଷିତ ହୁଏ, ସେତେବେଳେ ତା'ର ପାତ୍ରତା ବୃଦ୍ଧିପାଏ । ଏହି କାରଣରୁ ତା ଉପରେ ଦୈବୀ ସମ୍ପଦ ଏତେ ପରିମାଣରେ ଅଜାଡି ହୋଇଯାଏ ଯେ, ସେ ଚିରକାଳ ଆନନ୍ଦରେ କଟାଇଥାଏ ।

ଶରୀର ମାଧ୍ୟମରେ ଜୀବନ ପ୍ରକାଶିତ ହୁଏ ସତ, କିନ୍ତୁ ଶରୀର ଜୀବନ ନୁହେଁ । ଶରୀର ତ ଜୀବନର ରଥ ସଦୃଶ । ଅନେକ ଶରୀରକୁ ହିଁ ଜୀବନ ବୋଲି ମାନି ନେଇଥାଆନ୍ତି । ତେବେ ତାହା କଣ ଠିକ୍ ? ଯଦି ଶରୀର ଜୀବନ ହୁଏ, ତେବେ ସେ ଜୀବନର ଅସ୍ତିତ୍ୱ କ'ଣ ? ଏହା ଯେ, ଏହାର ଆରମ୍ଭ ଏକମାତ୍ର ଶୁକ୍ରାଣୁ ଆଉ ଏକମାତ୍ର ଡିମ୍ବାଣୁର ସମିଶ୍ରଣ । ଯଦି ତାହା ଜୀବନ ହୁଏ, ତେବେ ସେ ଜୀବନର କିଛି ଅସ୍ତିତ୍ୱ ନ ଥାଏ । ଦିନେ ନା ଦିନେ ସେ ମୃତ୍ୟୁରୂପୀ ଶେଷରେ ପରିଣତ ହେବ । ସେତେବେଳେ ତା'ର ଅସ୍ତିତ୍ୱ କଅଣ ଥିବ ? ମୁଠାଏ ପାଉଁଶ ବା ଦୁଇଖଣ୍ଡ ଅସ୍ଥି କଙ୍କାଳ । ଯେଉଁ ମୁଠାଏ ପାଉଁଶ ଦଲକାଏ ପବନରେ ଗୋଟିଏ ଜାଗାରୁ ଅନ୍ୟଯାଗାକୁ ଉଡିଯାଉଥିବ ଆଉ ସେହି ଦୁଇଖଣ୍ଡି ଅସ୍ଥି କଙ୍କାଳ ଉପରେ ଯେତେବେଳେ ଜୀବଜନ୍ତୁ ପାଦ ପକାଇ ଚାଲିଯାଉଥିବେ, ତା ଉପରେ ମଳ ମୂତ୍ର ପରିତ୍ୟାଗ କରୁଥିବେ, ସେତେବେଳେ ତା'ର ଅସ୍ତିତ୍ୱ କେତେ କଦର୍ଯ୍ୟ ହେଉଥିବ ତାହା ଆମ ବିଚାର ବାହାରେ । ଯେଉଁମାନେ ଶରୀରକୁ ହିଁ ସବୁକିଛି ବୋଲି ଭାବି ନିଅନ୍ତି, ସେମାନେ ଯେ କେତେ ଭୁଲ୍ କରି ବସନ୍ତି, ସେମାନେ ଅବଶ୍ୟ ଜାଣି ପାରନ୍ତି ନାହିଁ । ଶରୀରକୁ ଜୀବନ ବୋଲି ଭାବି ନେଇଥିବା ମଣିଷ କାମ, କ୍ରୋଧ, ସ୍ୱାର୍ଥ, ଲୋଭ, ମୋହ, ଗର୍ବ ଓ ଅହଂକାରର ଅଗ୍ନିକୁଣ୍ଡରେ ସ୍ୱତଃ ଝାସ ଦେଇ ଥାଏ । ପରିଣାମ ଏତେ ଭୟଙ୍କର ହୁଏ ଯେ, ତାହା ବର୍ଣ୍ଣନା କରିବା ଦୁଃଖଦ ପରିବେଶ ସୃଷ୍ଟି କରିପକାଏ । ତେବେ ଜୀବନକୁ ଶରୀର ନ ଭାବି ତାକୁ ସ୍ୱତନ୍ତ୍ର ବୋଲି ଭାବିବା ଦରକାର । ଏହା ପରମାତ୍ମାଙ୍କର ଅଂଶ । ଈଶ୍ୱରଙ୍କ ସହ ଏକାକାର ହେବା ଏହାର ପରମ ଲକ୍ଷ୍ୟ ହେବା ଦରକାର ।

ଈଶ୍ୱରଙ୍କ ବ୍ୟତୀତ ସବୁ ଅପୂର୍ଣ୍ଣ । ପୂର୍ଣ୍ଣତା ପ୍ରାପ୍ତି ଉଦ୍ଦେଶ୍ୟରେ ସମସ୍ତେ ତତ୍ପରତା ପ୍ରକାଶ କରିବା ଉଚିତ୍ । ଅପୂର୍ଣ୍ଣରୁ ପୂର୍ଣ୍ଣତା ଆଡକୁ ଗତି କରିବାକୁ ଜୀବନର ପ୍ରକାଶ ତଥା ପୂର୍ଣ୍ଣତା ମିଳିବ ସେତିକିବେଳେ, ଜୀବନ ଯେତେବେଳେ ନିଜର ପୁରୁଷାର୍ଥ ବଳରେ ପାତ୍ରତା ନିର୍ମାଣ କରି ଈଶ୍ୱରାଭିମୁଖୀ ହୋଇଥାଏ । ଜୀବନ ନିଜକୁ ପରମେଶ୍ୱରଙ୍କର

# ଜୀବନ ପ୍ରିୟତମ
# ହରିଛ ମୋ ଭରମ



# ୪. ଜୀବନ ପ୍ରିୟତମ ହରିଛ ମୋ ଭରମ

# ମୃଗତୃଷ୍ଣା

*ସରୋଜିନୀ ନାୟକ*

ଶୂନ୍ୟବାସୀ ମହାପାତ୍ର ହେଉଛନ୍ତି ଅନନ୍ତପୁର ଗ୍ରାମର ଖାନଦାନୀ ମହାପାତ୍ର ପରିବାରର ଦାୟାଦ ଆଉ ଏହି ପରିବାରର ପ୍ରତିପତ୍ତି ସମସ୍ତ ସୁବର୍ଣ୍ଣପୁର ଅଞ୍ଚଳରେ ଖ୍ୟାତ । ଲୋକ କହନ୍ତି ଯୁଗ ବଦଳୁଛି, ରାଜା ବଦଳୁଛି, ହେଲେ ଅନନ୍ତପୁର ହିଁ ଅନନ୍ତପୁର ହୋଇ ଆଦିମ କାଳରୁ ରହିଆସୁଛି ଏଇ ମହାପାତ୍ର ପରିବାର ପାଇଁ । ଗାଁ ଟିର ବିନ୍ୟାସ ସେମିତି ରହିଛି । ରାଜା ବା ଶାସନ ପଶି ପାରିନାହିଁ ଏଇ ଗାଁର ବକ୍ଷ ଭେଦ କରି । ସାମାଜିକ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ମହାପାତ୍ର ପରିବାର ନେତୃତ୍ୱ ଅତୁଳନୀୟ ।

କୁଷୁନି ମହାପାତ୍ରଙ୍କ ପୁଅ ଶୂନ୍ୟବାସୀ, ଆଜିକା ଯୁଗରେ ଟିକିଏ ଅଧିକା ଧର୍ମାର୍ଥୀ । ତାଙ୍କ ଧର୍ମବଳରେ ସିଏ ସିନା ଏବେ ଅନନ୍ତପୁରରେ ଧର୍ମବୀର ଯୁଧିଷ୍ଠିର, କିନ୍ତୁ ଶାସନର ଶିକ୍ଷା, ସେବା, ବିଜ୍ଞାନ ସବୁ ଗାଁ ଟିକୁ ମର୍ତ୍ତ୍ୟ ପାତାଳ ପରି ମନ୍ଥି ଦେଇ ସାରିଲେଣି । ଅଶୀବର୍ଷ ବୟସରେ ଦେଖୁଛନ୍ତି ଗାଁ ଟିରେ ଯୁଗାନ୍ତର । ତାଙ୍କ ଗାଁରେ ଜାତିଭେଦ ନ ଥିଲା ବୋଲି ଗାନ୍ଧିବାଦୀ ମାନେ ଆଦର୍ଶଗ୍ରାମର ମର୍ଯ୍ୟାଦା ଦେଇଥିଲେ, ହେଲେ ଏବେକାର ବିପ୍ଳବ ଲୋକମାନଙ୍କର ଜୀବନକୁ ଏମିତ ପରିବର୍ତ୍ତିତ କରିଛି, ପାରିବାରିକ, ସାମାଜିକ ଓ ଆଧ୍ୟାତ୍ମିକ ସ୍ତରରେ ବହୁ ପ୍ରଭାବ ଶୂନ୍ୟବାସୀ ଙ୍କୁ ଅସ୍ଥିର କରିପକାଇଛି ।

କୁଷୁନି ମହାପାତ୍ର ବହୁ ବର୍ଷର ପ୍ରତୀକ୍ଷା ପରେ ଗୋସେଇଁଙ୍କ ଆଶ୍ରାର ଫଳ ସ୍ୱରୂପ ପାଇଥିଲେ ଏକମାତ୍ର ପୁତ୍ର ଶୂନ୍ୟବାସୀ । ମାତ୍ର ଶୂନ୍ୟବାସୀ ହୋଇଥିଲେ ସମର୍ଥାପୁର ଗ୍ରାମର ଯୋଗୀ ମହାପାତ୍ରଙ୍କର ଜ୍ୱାଇଁ, ଯୋଗୀଙ୍କର ଏକମାତ୍ର କନ୍ୟା ଧରିତ୍ରୀ ହୋଇଥିଲେ ଅନନ୍ତପୁର ମହାପାତ୍ର ପରିବାରର କୁଳବଧୂ । ତାଙ୍କର ତିନୋଟି ସନ୍ତାନ ସୂର୍ଯ୍ୟକାନ୍ତ, ଚନ୍ଦ୍ରକାନ୍ତ ଆଉ କନ୍ୟା ଅପରାଜିତା । ଏମାନେ ସବୁ ମଣିଷ ହୋଇ ଉଡିଚାଲିଗଲେଣି ଅନନ୍ତପୁର ପରିସରରୁ ସୁଦୂର ଇଂଲଣ୍ଡ, ଆମେରିକା ଓ ଜାପାନକୁ ।

ଏଇଠୁ ପଡିବ ମହାପାତ୍ର ପରିବାରର ଯବନିକା । ଅନନ୍ତପୁର ବିଶ୍ୱଦରବାରର ସ୍ୱାର୍ଥୀ ଅଭିଯାନରେ ଟଳି ପଡିଛି, କର୍ମବୀର କୁଷୁନି ମହାପାତ୍ର ଓ ତାଙ୍କ ସୁପୁତ୍ର ଦାୟାଦ ଧର୍ମବୀର ଶୂନ୍ୟବାସୀଙ୍କ ଅନ୍ତେ ମହାପାତ୍ର ପରିବାରର ଅତି ଅନିଶ୍ଚିତ ଭବିଷ୍ୟତ । ବଡପୁଅ ସୂର୍ଯ୍ୟକାନ୍ତ ଆଉ ବୋହୂ ରଶ୍ମି ଦୁହେଁ ବାଣିଜ୍ୟ ବିଭାଗରୁ ଉତ୍ତୀର୍ଣ୍ଣ ହୋଇ ଆମେରିକାର ବ୍ୟାଙ୍କ କର୍ମଚାରୀ । ସାନପୁଅ ଚନ୍ଦ୍ରକାନ୍ତ ବୋହୂ ଜ୍ୟୋସ୍ନା ସରବରାହ କ୍ଷେତ୍ରରେ ଉତ୍କର୍ଷ ସାଧନ କରି ସୁଦୂର ଜାପାନରେ । ଆଉ ଝିଅ ଅପରାଜିତା, ସରବରାହ କ୍ଷେତ୍ରରେ ଚାକିରି କରୁଥିବା ବେଳେ ଚିକାଗୋରେ ଜଣେ ମାର୍କିନ ସହକର୍ମୀଙ୍କୁ ବାହାହୋଇ ଆମେରିକାର ନାଗରିକ । ହଜି ଗଲେଣି ସେମାନେ ଅନନ୍ତପୁର ଦୃଷ୍ଟିପଟ୍ଟରୁ ଅନେକ ଯୁଗରୁ, ସ୍ମୃତି ରହିଛି ମହାପାତ୍ର ମାନଙ୍କର, ଆଶାର ଅଙ୍କୁର ମରି ସାରିଲାଣି, ବିଳାପ ରହିଛି ରକ୍ତ ସମ୍ପର୍କର ।

ଶୁନ୍ୟବାସୀଙ୍କର ଏବେ ପାଞ୍ଚ ଜଣ ନାତି ନାତୁଣୀ, ସମସ୍ତେ ବଡ ହୋଇଗଲେଣି, କିନ୍ତୁ ଦୁର୍ଭାଗ୍ୟକ୍ରମେ କାହାକୁ ସିଏ ଦେଖି ନାହାନ୍ତି । ଯାହା ଚିତ୍ରରେ । ସେମାନଙ୍କର ସମୟ ନାହିଁ ଅନନ୍ତପୁର ଆସି ଦିନଟିଏ ବାପା ମାଆଙ୍କୁ ଦେଖିବାକୁ ଅବା ପିଲାମାନଙ୍କୁ ତାଙ୍କର ଜନ୍ମସ୍ଥାନ ଦେଖାଇବାକୁ । ବର୍ଷ ବର୍ଷର ଅପେକ୍ଷାରେ ମଉଳି ଯାଇଛି ମହାପାତ୍ର ଦମ୍ପତିଙ୍କର ପୁଅବୋହୂ, ନାତି ନାତୁଣି ଦେଖିବାର ଅଦମ୍ୟ ଇଚ୍ଛା । ଶୁନ୍ୟବାସୀ ଶୁଣି ଚକିତ ହୁଅନ୍ତି ଜାପାନ ପୁଅ ମାନଙ୍କର ପିତୃଭକ୍ତିର କୃତ୍ରିମ ଅଭିନୟ, ଇଂଲଣ୍ଡର ପୁଅମାନଙ୍କର ନିଜ ଘରେ ଆତିଥ୍ୟ ଆଉ ପଇସା ସର୍ବସ୍ୱ ବିଦେଶ ଜୀବନ । ସିଏ ନିଜ ଧର୍ମାର୍ଥରେ ବୁଝନ୍ତି ଦୁନିଆଁକୁ । ଆମ ଦେଶ କଥା ଅବଶ୍ୟ ସେମାନେ ଦେଖୁ ନାହାନ୍ତି କି ତୁଳନାକୁ ନେଉ ନାହାନ୍ତି, ଏଠାରେ ବି କିଛି କମ୍ ନୁହଁନ୍ତି ପିଲାମାନେ । ବାପା ମା ଙ୍କର ସାମାଜିକ ସୁରକ୍ଷାକାରୀ ସନ୍ତାନ ମାନେ ବି ବାପା ମାଆ ଦୁହିଙ୍କୁ ଭାଗ ବାଣ୍ଟି ନିଅନ୍ତି ଦାନା ଗଣ୍ଡେ ପାଇଁ । କୋହ ଆସୁଛି ମହାପାତ୍ରଙ୍କ ମନରେ, ରୋଷ  ଅବା ଅନୁତାପ ନୁହେଁ, ପଶ୍ଚାତାପ ଦୃଷ୍ଟିରୁ ।

ମଣିଷ, ଜୀବଜନ୍ତୁ, ବୃକ୍ଷଲତା, କୀଟପତଙ୍ଗ ସମସ୍ତଙ୍କର ଜୀବନ ଅଛି । ସେମାନେ ଯାହାକିଛି ବି କରନ୍ତି, ତା ପଛରେ ଆନନ୍ଦ ପ୍ରାପ୍ତିର ଆଶା ରହିଥାଏ । ପ୍ରଭୁ ସବୁରି ପାଇଁ ଆବଶ୍ୟକ ପଡି ଖଞ୍ଜି ଦେଇ ଥାଆନ୍ତି । ତହିଁରୁ ଅଧିକତର ଇଚ୍ଛା ଓ କାମନା ନିଶ୍ଚିତ ଦୁଃଖ ଓ ବିନାଶର କାରଣ ହୋଇଥାଏ । ସାମାଜିକ ଅଭିଜ୍ଞତା ମଣିଷ ମୁଣ୍ଡରେ ପୂରାଇଛି, ସୁଖ ଓ ଦୁଃଖ ଜୀବର କୃତକର୍ମର ଫଳ । ପୁଣି ସେହି କର୍ମ ତାହାର ପୂର୍ବ ଅର୍ଜିତ କର୍ମର ଗୁଣ ବହନ କରିଥିବା ପ୍ରାରବ୍ଧ ।

ମାନବ ପ୍ରଭୁଙ୍କ ସର୍ଜନାର ଶ୍ରେଷ୍ଠତମ ଜୀବ । ସିଏ ତାହାର କର୍ମ ଅନୁସାରେ ଅସତ୍ କର୍ମରେ ଦାନବ ଓ ସତ୍ କମରେ ଦେବ ଭାବରେ ପ୍ରସ୍ଫୁଟିତ ହୋଇଥାଏ । ତେବେ ମଣିଷ ଏତିକି ଜାଣିବାକୁ ହେବ ଯେ, ଯିଏ ଜନ୍ମ ପାଇଛି କେବେ ବି ନିଜ ଇଚ୍ଛା ଅନୁସାରେ ନୁହେଁ । ସେମିତି ମୃତ୍ୟୁ ମଧ୍ୟ ଇଚ୍ଛା ସହିତ ନିହିତ ନୁହେଁ । ଜନ୍ମ ମୃତ୍ୟୁ ନିୟନ୍ତ୍ରଣ କର୍ତ୍ତୃତ୍ୱହୀନ ଏଇ ଅନିର୍ଦ୍ଦିଷ୍ଟ କାଳର ମଣିଷ ଚିନ୍ତଇ – ମୁଁ ବଞ୍ଚିଛି, ମୋର ପୂର୍ବଜନ୍ମର ସୁକୃତି ପାଇଁ, ଏ ଜନ୍ମର କର୍ମଫଳ ପରଜନ୍ମର ପ୍ରାରବ୍ଧ ପାଇଁ ସଞ୍ଚିତ ହେଉଛି ।

ଶୁନ୍ୟବାସୀଙ୍କର ବିସ୍ମୟ । ମଣିଷ ଏତେଟା ହିସାବୀ ଓ କୃପଣ ହେବା ଆଦୌ ପ୍ରାକୃତିକ ନୁହେଁ । ଯିଏ ଆମକୁ ସୃଷ୍ଟି କରିଛି, ସିଏ କଅଣ ବଞ୍ଚିବାର ସମସ୍ତ ବ୍ୟବସ୍ଥା କରି ନ ଥିବେ ? ଆମକୁ କେତେ ଦିନ ଏଠି ରହିବାକୁ ହେବ, ସେ ହିସାବ କଅଣ ତାଙ୍କ ପାଖରେ ନ ଥିବ ଯେ, ଆମେ ଏତେ ବ୍ୟସ୍ତ ହେଉଛେ ? ସିଏ ମଧ୍ୟଏଠାରୁ ଅବ୍ୟାହତି ନ ଦେଲେ ଆମେ ମଧ୍ୟ ଚାଲିଯାଇ ପାରିବା ନାହିଁ । ଯଦି ବି ଚାହିବା ଯିବା ପାଇଁ, ସିଏ ପୁଣି ଏଠାକୁ ଟାଣି ଆଣିବେ ।

ଆମେ ଯଦି କାହାକୁ ଭାବିବା ସିଏ ବହୁତ ପାଠ ପଢ଼ିଛନ୍ତି, ବଡ ଚାକିରୀ କରିଛନ୍ତି, ତାଙ୍କର ବଡ ଘର, ବଡ ଗାଡ଼ି, ଅଚଳାଚଳ ସମ୍ପତ୍ତି, ପୁଅ ବଡ ଚାକିରୀ କରିଛି, ଝିଅ ଭଲ ଯାଗାରେ ବିଭା ହୋଇଛି ଆଉ ତାଙ୍କର ଅଜସ୍ର ମାନ ସମ୍ମାନ ଓ ପ୍ରତିପତ୍ତି । କିନ୍ତୁ ତାଙ୍କର କିଛି ଅଭାବ ନାହିଁ ତ ? ଏଇଟା ହୋଇପାରେ ସଂସ୍କାରଜନିତ ଅଭାବ ଅବା ମନଟାକୁ ବିସ୍ତାରିତ କରି ସକାରାତ୍ମକ ଅଭ୍ୟର୍ଥନାର ସଞ୍ଚାର । ଅତି ସରଳରେ ଶୃଙ୍ଖଳିତ ମନୋଭାବ, ସ୍ଥାନ କାଳ ପାତ୍ରର ବିଚାରବୋଧ, ମନୁଷ୍ୟ ମୂଲ୍ୟବୋଧ, ସାମାଜିକ ସଂସ୍କୃତି ପ୍ରତି ଅନୁରକ୍ତି ପରି ଅନେକ ମାନବିକ ଗୁଣର ଅଧିକାରୀ ହେବା ପରିପୂର୍ଣ୍ଣ ଜୀବନର ଆତ୍ମପ୍ରକାଶ ବୋଲି କୁହାଯାଇପାରିବ ।

ଶୁନ୍ୟବାସୀଙ୍କର ମନରେ ଶଂସୟ । ସତରେ କଅଣ ସିଏ ତାଙ୍କ ପିଲାମାନଙ୍କୁ ପରିପୂର୍ଣ୍ଣ ଶିକ୍ଷା ଦେଇପାରିଛନ୍ତି ? ପରିପୂର୍ଣ୍ଣ ମନୁଷ୍ୟ ହେବା ପାଇଁ କୌଣସି ଶିକ୍ଷାଗତ ପାଠ ଖସଡ଼ା ନାହିଁ । ଏହା ପରିବାରର ବ୍ୟବହାରଗତ ଅନୁଶୀଳନ ମାଧ୍ୟମରେ ପ୍ରାପ୍ତ ହୋଇ ପାରେ । ପିଲାଟିଏ ବିଶେଷକରି ପରିବାରରୁ ରୁଚି, ବ୍ୟବହାର, ଚିନ୍ତା ଓ ଚେତନା, ଦୃଷ୍ଟିଭଙ୍ଗୀ ଆଦି ଶିଖିଥାଏ । ପରିବାରରେ ମା ଯଦି ସଚେତନ ହୋଇଥିବେ, ଉଦାର, ମାର୍ଜିତ, ଉନ୍ନତ ଚିନ୍ତାଶୀଳା, ଦୂରଦୃଷ୍ଟିସମ୍ପନ୍ନା ଓ ଶିକ୍ଷା ମନୋବୃତ୍ତିର ହୋଇଥିବେ କୋମଳମତି ଶିଶୁଟିର କଞ୍ଚାମାଟିର ମସ୍ତିଷ୍କରେ ସଞ୍ଚାରିତ ହୋଇ ପାରିବ ଅସାଧାରଣ ଗୁଣରାଶି । ଦାୟିତ୍ୱବୋଧ, କର୍ତ୍ତବ୍ୟ ପରାୟଣତା, ସମୟାନୁବର୍ତ୍ତିତା, ଅଧ୍ୟବସାୟ, ସହନଶୀଳତା ପରି ଅନେକ ସାମାଜିକ ଗୁଣ ଲାଭ କରିଥାଏ ମାତାପିତା ମାନଙ୍କ ଠାରୁ । ସ୍ଥାନୀୟ ତଥା ଦେଶ ମାତୃକାର ପରିଚୟ ପାଇ ଥାଏ ନିଜ ଜନ୍ମ ମାଟିରୁ, ନିଜ ମାତା ପିତାଙ୍କ ଉପଦେଶରୁ । ବହୁ ମାନବୀୟ ଗୁଣର ପରିଚୟ ପାଇଥାଏ ଏଇ ସୂତ୍ରରୁ ଯାହା ଭବିଷ୍ୟତରେ ରୂପାନ୍ତରିତ ହୁଏ ତାକୁ ମଣିଷ ସମାଜରେ ନିଜର ପ୍ରତିଷ୍ଠା ଆଉ ଉତ୍ସର୍ଗ ପାଇଁ । ପ୍ରତିଟି କ୍ଷେତ୍ରରେ ସଂକଟ ଉତ୍ପନ୍ନ ହେଲେ ତାହାର କିପରି ମୁକାବିଲା କରାଯିବ, ତା ବି ଅଭିମନ୍ୟୁ ଭାବରେ ଗଚ୍ଛିତ କରିସାରିଲାଣି ନିଜ ସ୍ମରଣରେ । ପରିବାର ଶୈଶବର ଅଦୃଷ୍ଟ ପ୍ରଥମ ଶିକ୍ଷାୟତନ, ମା ର ସ୍ନେହବୋଳା କଥା ଆଉ ଚାଲି ଶିଖାଇବାର ନୈପୁଣ୍ୟ ସ୍ମୃତିପଟ୍ଟର ଗଭୀରତମ ପ୍ରଦେଶରେ ଶିଳାଲେଖ ପରି ପ୍ରତିଷ୍ଠିତ ହୋଇଥାଏ । ନିଶ୍ଚୟ ଏଇଟା ଜୀବନର ପ୍ରତିଟି ପଦରେ ହାତ ଠାରି ଆଗକୁ ଆଗକୁ ଆକର୍ଷିତ କରିଚାଲେ ।

ସତରେ କଅଣ ତାଙ୍କ ଧରିତ୍ରୀ ଦେବୀ ପିଲା ମାନଙ୍କୁ ପ୍ରଭାବିତ କରିପାରିଛନ୍ତି ସେମାନଙ୍କର ଚରିତ୍ର ଗଠନରେ ? ମାଆ ମାନଙ୍କର ଉଦାହରଣରେ ଆମ ଦେଶର ଇତିହାସ ସମୃଦ୍ଧ । ଜିଜାବାଈ ଦିନେ ଶିବାଜୀଙ୍କର ମାନସପଟ୍ଟରେ ଟାଣି ଦେଇଥିଲେ ମାତୃତ୍ୱର ପରାକାଷ୍ଠା, ଶିବାଜୀଙ୍କୁ ମୁହୂର୍ମୁହୂ ପ୍ରେରଣା ଦେଇ ଚାଲିଥିଲା ଅବିରତ, ଶିବାଜୀଙ୍କ କାନରେ ପ୍ରତିଧ୍ୱନିତ ହୋଇ ଚାଲିଥିଲା ମାତୃବଚନ, ତାଙ୍କର ପରାକ୍ରମର ଉତ୍ସ ହଁ ଜିଜାବାଈ । ସେଇ ମା ର ସାହାସ ଆଉ ଇଚ୍ଛା ସବୁ ବେଳେ ଶିବାଜୀଙ୍କୁ ଟାଣି ନେଇଛି ତାଙ୍କର ଦିଗ୍‌ବିଜୟ ଅଦମ୍ୟ ଉତ୍ସାହ ସହ । ସେମିତି ପୁତୁଳିବାଈଙ୍କର ସତ୍ୟ ସମ୍ବନ୍ଧରେ କେତେକ ଉପଦେଶ ମୋହନଦାସ କରମଚାନ୍ଦ ଗାନ୍ଧୀଙ୍କୁ ମହାତ୍ମା ଭାବରେ ଗଢ଼ି ତୋଳି ଥିଲା ଆଉ ବିଶ୍ୱର ସତ୍ୟ ଆଉ ଧର୍ମର ପଥିକ ଭାବରେ ଯୁଗଯୁଗ ପାଇଁ ରୂପାୟିତ କରିଥିଲା । ପାର୍ବତୀଦେଈଙ୍କର – ଆଲୋ ସଖୀ, ଆପଣା ମହତ ଆପେ ରଖି – ପଦ ଟି ମଧୁବାବୁଙ୍କୁ ଓଡ଼ିଆ ଆଉ ଓଡ଼ିଶା ପାଇଁ ଉତ୍ସର୍ଗୀକୃତ କରି ପାରିଥିଲା । ପାରିବାରିକ ଶିକ୍ଷା ଯେତେ ମାର୍ଜିତ ଓ ଋଦ୍ଧିମନ୍ତ ହେବ, ସମାଜରେ ଅପରାଧ ପ୍ରବଣତା ସେତିକି ହ୍ରାସ ପାଇବ ଏଥିରେ କାହାର ସନ୍ଦେହ ନାହିଁ । ଆଇନ୍ କାନୁନ୍ ରହିବା ଦରକାର ସମାଜ ପାଇଁ, ପରିବାରରୁ ଏହାର ମୂଳଦୁଆ ପଡିଲେ ଏହାର ସୁଫଳ ସମାଜରେ ପ୍ରକାଶିତ ହେବ । ରୋଗ କ୍ଷେତ୍ରରେ ପ୍ରତିଷେଧ ସର୍ବାଦୌ ଅଗ୍ରାଧିକାର ହେବା ପରି ପରିବାର ସ୍ତରରୁ ବିଶ୍ୱପରିବାରର ପରିକଳ୍ପନା ଓ ସାମାଜିକ ଗୁଣରେ ଭୂଷିତ ହେବାପରି ମୂଳଦୁଆ ପଡିପାରିବ ।

ସମୟାନୁବର୍ତ୍ତିତା ଘରେ ଓ ବିଦ୍ୟାଳୟରେ ପିଲା ମୁଣ୍ଡରେ ଆଦର୍ଶ ଭାବରେ ପ୍ରତିଷ୍ଠା କରି ଦିଆଯାଏ । ମୋ ବାପା ମୋ ପାଇଁ ସମୟ ସଚେତନର ପ୍ରଥମ ଓ ପ୍ରଧାନ ଉତ୍ସ । ସକାଳୁ ଶଯ୍ୟାତ୍ୟାଗରୁ ଆରମ୍ଭ କରି ସ୍କୁଲକୁଯିବା, ଘରପାଠ ଯଥାସମୟରେ ସମ୍ପାଦନ କରିବା ତଥା ନିର୍ଦ୍ଦିଷ୍ଟ ସମୟ ଶୋଇବା ପାଇଁ ଯେତିକି ଶିକ୍ଷା ଦେଇଛନ୍ତି, ମୋତେ ସେଥିପାଇଁ ବହୁ ସୁବିଧା ମିଳେ ରେଳ ଷ୍ଟେସନରେ, ବସ୍ ଷ୍ଟାଣ୍ଡରେ, ସଭାସମିତିରେ, କାରଣ ବାପାଙ୍କର ଉପଦେଶ ବଳରେ ଅଧ ଘଣ୍ଟାଏ ଆଗରୁ ମୋତେ ପହଞ୍ଚିବାକୁ ପଡେ, ମୁ ସବୁ ଧାଡିରେ ପ୍ରଥମରେ ରହେ ।

ଜୀବନର ରଙ୍ଗମଞ୍ଚରେ କୋଉ କାଳରୁ ପଡିରହିଥିବା ମାଟି, ଧାତୁ ଅବା ଟଙ୍କାକୁ ପ୍ରକୃତ ଧନ ଭାବରେ ଗଣତି କରି ହେବ ନି । ବରଂ

ପ୍ରତିଟି ମନରେ ପୂରି ରହିଥିବା ସ୍ନେହ, ପ୍ରେମ, ଶ୍ରଦ୍ଧା, ଭକ୍ତି, ବିଶ୍ୱାସ ହିଁ ଅସଲ ଧନ । ପରସ୍ପରକୁ ମନର ରଜ୍ଜୁରେ ବାନ୍ଧି ରଖିଛି, ସେଇ ବଳରେ ଦୁନିଆଁ ଗଢିଛି । ଆଜିର ବ୍ୟାଙ୍କ ମାନଙ୍କରେ ଅଳଙ୍କାର ଜମା ପାଇଁ ଲକର୍ ପୂର୍ଣ୍ଣଥିବା ବେଳେ ହୃଦୟ ବ୍ୟାଙ୍କ ଖାଲି ପଡି ଯାଉଛି ଆତ୍ମୀୟତା, ବିଶ୍ୱାସ ଆଉ ପ୍ରେମ ରୂପକ ମୂଲ୍ୟବାନ ସମ୍ପତ୍ତିରୁ । ଘରେ ବାହାରେ ଅଶାନ୍ତିର ଘୂର୍ଣ୍ଣିବାତ୍ୟା । ହେଲେ ପରିବାର ମର୍ତ୍ତ୍ୟର ବୈକୁଣ୍ଠପୁର, ଯାହାର ପ୍ରତି ସଦସ୍ୟ ଅମୃତସାଗରର ବିନ୍ଦୁ । ଏଥିରେ ବାପା ମାଆଙ୍କର ଦାନ ହେଲା – ବା (ବାୟୁ), ପା (ପାଣି), ମା (ମାଟି), ଆ (ଆକାଶ) ପରି ଚାରୋଟି ପଦାର୍ଥ, ତା ସହିତ ଦେବଦେବୀ ମାନଙ୍କର ଦାନ ହେଉଛି – ତେଜ । ହେଲେ ମଣିଷ ସାରା ଜୀବନ ଦେବତା ମାନଙ୍କ ପାଖରେ ଅନୁଗତ ଥିବାବେଳେ ବହୁ ସମୟରେ ବାପାମାଆଙ୍କ ପାଖରେ ବିପରୀତ ରୂପ ଧାରଣ କରୁଛି । ବାପା ମାଆ ଭାଇଭାଇ ମଧ୍ୟରେ ବଣ୍ଟରା ହେଉଛନ୍ତି ପରିବାରର ପଦାର୍ଥ ଭାବରେ । ପିଲା ମାନଙ୍କର ନବ ଚେତନା – ଲାଳନ ପାଳନ, ଶିକ୍ଷାଦାନ ଓ ପୂର୍ଣ୍ଣାଙ୍ଗ ମନୁଷ୍ୟ ଭାବରେ ଗଢି ତୋଳିବା ବାପାମାଆଙ୍କର କର୍ତ୍ତବ୍ୟ । ସତରେ ସମୟର ଖର ସ୍ରୋତ ଦିନେ ଏହାର ଉତ୍ତର ଦେବ, ବିବେକଠାରୁ ନାହିଁ ବଡ ଆଲୁଅ, ସମୟ ଠାରୁ ନାହିଁ ବଡ ସୁଅ । ପ୍ରତ୍ୟେକଙ୍କୁ ଏହାର ସମ୍ମୁଖୀନ ହେବାକୁ ପଡେ ।

ସାମାନ୍ୟ ଉପହାରଟିଏ କିଏ ଦେଲେ, ତାକୁ ରିଟର୍ଣ୍ଣ ଉପହାର ଦେଉଛେ । ତେଣୁ ପିଲାମାନଙ୍କର କର୍ତ୍ତବ୍ୟ କଅଣ ସେମାନେ ବିଚାର କରିବେ । ଯେଉଁମାନେ ବାପା ମାଆଙ୍କୁ ଜୀବନ୍ତ ଠାକୁର ବୋଲି ବୁଝନ୍ତି, ସେମନେ ସମୟ ସ୍ରୋତରେ ଯାଇ ତାହା ହିଁ ଭୋଗ କରନ୍ତି । ସବୁବେଳେ ଖାଲି ଧନଦାସ ହୋଇ ଜୀବନର ପ୍ରକୃତ ରାସ୍ତାକୁ ଏଡାଇ ଚାଲିଲେ ଦୁନିଆଁର ନିଷ୍ଠୁର ଖାଲରେ ପଡିଯିବାର ସମ୍ଭାବନା ରହିଛି ।

ସେଥିପାଇଁ  କଥାରେ ଅଛି, ବାହା ହେଲା ପରେ ପୁଅ ଝିଅଙ୍କୁ ଚିହ୍ନିବ, ବୁଢା ହେଲା ପରେ ସ୍ତ୍ରୀକୁ ଚିହ୍ନିବ । ଯେ ପର୍ଯ୍ୟନ୍ତ ରୋଜଗାର କରିପାରୁଥିବ, ସମସ୍ତଙ୍କ ଆବଶ୍ୟକତା ପୂରଣ କରି ପାରୁଥିବ, ସମସ୍ତେ ମୁଣ୍ଡରେ ଟେକି ଧରି ଥିବେ, ଯେବେ ଅକ୍ଷମ ହୋଇଯିବ, ସମସ୍ତେ ମୁହଁ ବୁଲେଇଦେବେ । ସମାଜରେ ବରିଷ୍ଠ ନାଗରିକ ଭାବରେ ସମ୍ମାନ ପାଉଥିଲେ କଅଣ ହେଲା, ପରିବାରରେ ଅଲୋଡା ଆଉ ଅବହେଳିତ । ଅଜା, ଆଈ, ଜେଜେ, ଜେଜେମା  ହୋଇ ପାରନ୍ତି ଜ୍ଞାନଗାରିମାର ଆଧାର, ସବୁ ସମସ୍ୟାର ସରଳ ସମାଧାନ କରିପାରନ୍ତି । ସେଥିପାଇଁ ପିଲାମାନେ ଯାହା ବାପା ମାଆ ମାନଙ୍କୁ କହି ପାରନ୍ତି ନି, ତାହା ପରିବାରର ବୟୋଜ୍ୟେଷ୍ଠ ମାନଙ୍କୁ ପ୍ରକାଶ କରିବାରେ ଲାଜ ନାହିଁ ।

ଶୂନ୍ୟବାସୀ ମହାପାତ୍ରଙ୍କୁ ସାଂସାରିକ ବନ୍ଧନ, ଅତୀତର ଆକର୍ଷଣ ସବୁ ନଗଣ୍ୟ ବୋଧ ହେଲା । ସମାଜ ସେବା ଭଳି ମହତ୍ କାର୍ଯ୍ୟରେ ସେ ନିଜକୁ ନିୟୋଜିତ କରିଦେଲେ ସମର୍ପଣ ଭାବ ଆସିଗଲେ, ତେଣିକି କର୍ତ୍ତବ୍ୟ ସମ୍ପାଦନ ନିମିତ୍ତ ଅଙ୍ଗୀକାରବଦ୍ଧତା ଆସିଯାଏ । ଏହା ଦାୟିତ୍ୱବୋଧ ପ୍ରତି ମୁହୂର୍ତ୍ତରେ ସଚେତନ କରାଇଥାଏ । ବର୍ତ୍ତମାନ ସେ ବହୁତ ଖୁସିରେ ଅଛନ୍ତି । ଜ୍ଞାନବଳରେ ଏକ ବସ୍ତୁବାଦୀ ସଫଳ ଜୀବନ ଜଣେ ବଞ୍ଚିପାରେ କିନ୍ତୁ ଆଧ୍ୟାତ୍ମିକ ଜୀବନ ପାଇଁ ବିବେକ ହିଁ ଏକ ଆଲୋକବର୍ତ୍ତିକା । ଏକ ଦେହ ସର୍ବସ୍ୱ ଓ ବସ୍ତୁସର୍ବସ୍ୱ ଜୀବନ ଉର୍ଦ୍ଧ୍ୱରେ ଏକ ଆନନ୍ଦମୟ ଦିବ୍ୟଜୀବନ ସମ୍ଭବ, ଏହା ସେ ଭଲଭାବେ ବୁଝିପାରିଛନ୍ତି । ନିଜସ୍ୱ କ୍ଷୁଦ୍ରତାକୁ ଅତିକ୍ରମକରି ଏକ ବୃହତ୍ତର ସତ୍ୟ ଆଡକୁ ଅଗ୍ରସର ହୋଇଛନ୍ତି । ତେଣୁ ତାଙ୍କର ସମସ୍ତ ଧନସମ୍ପତ୍ତି ସମାଜସେବାରେ ଲଗାଇଦେଇଛନ୍ତି ।

ଧରିତ୍ରୀ ଦେବୀ ପିଲାମାନଙ୍କୁ ଝୁରିଝୁରି ଦୁର୍ବଳ ହୋଇଗଲେଣି । ମା ମନ ତ । ଆଜିକାଲି ଅଧିକାଂଶ ସମୟ ଠାକୁରଘରେ କଟୁଛି । ପ୍ରଭୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ଫଟୋକୁ ପୁଅ, ଝିଅ ଭଳି ଭଲପାଉଛନ୍ତି । କେମିତି ତାଙ୍କୁ ସଜାଇବେ, ଭଲ ଭୋଗ ସଜାଡିବେ ସେଥିରେ ତାଙ୍କର ସମୟ ଯାଉଛି । ସବୁବେଳେ ଠାକୁରଙ୍କୁ ଡାକୁଛନ୍ତି, ମୋ ପିଲାମାନେ ଯେଉଁଠି ଥାଆନ୍ତୁ, ଭଲରେ ଥାଆନ୍ତୁ । କେତେ ଆଶା କରିଥିଲେ, ପିଲାମାନେ ବଡହେଲେ ଆମର ସେବା କରିବେ, ଆମ ପାଖରେ ଶେଷ ସମୟକୁ ଥିବେ । ହେଲେ ଈଶ୍ୱରଙ୍କଠାରୁ କିଏ ବଡ ରଖିଲାବାଲା ଅଛି ? ସେ ଦେବଦୂତପରି କାହାରିକୁ ସାହାଯ୍ୟ କରିବାପାଇଁ ପଠାଇଦେବେ । ତାଙ୍କ ଗୁମାସ୍ତାଙ୍କ ସ୍ତ୍ରୀ  ରନ୍ଧାବଢାଠାରୁ ଘଷାମୋଡା ପର୍ଯ୍ୟନ୍ତ ସବୁକାମ କରି ଦେଉଛନ୍ତି । ତଥାପି କେଉଁଠି କେମିତି କିଛି ବରାଦ ରହିଯାଇଛି । ଧରିତ୍ରୀ ଦେବୀଙ୍କର ପୂର୍ଣ୍ଣ ବିଶ୍ୱାସ ଦିନେ ନା ଦିନେ ପିଲାମାନେ ତାଙ୍କପାଖକୁ ଆସିବେ । ଦେଖାଯାଉ, ସମୟ ସ୍ରୋତ ତାଙ୍କୁ କେଉଁଠାରେ ପହଞ୍ଚାଉଛି ।

ଈଶ୍ୱରଭକ୍ତି ମନୁଷ୍ୟର ଆତ୍ମବଳକୁ ଦୃଢୀଭୂତ କରେ । ସେଥିପାଇଁ ଧରିତ୍ରୀ ଦେବୀ ଅଭିମାନୀ ବଦଳରେ ସ୍ୱାଭିମାନୀ ସାଜିଛନ୍ତି । ଅଭିମାନ ତ ଏକ ରୁଗ୍ଣ ମାନସିକତା । ଏ ପରିସ୍ଥିତିରେ ସିଏ ଅଭିମାନ କରି ସ୍ୱାଭାବିକ ଭାବରେ ବଞ୍ଚିପାରିବେ ନି । ଈର୍ଷା, ଅସହିଷ୍ଣୁତା ବଦଳରେ ଏକ ଅପୂର୍ବ ପବିତ୍ର ଜୀବନ କାଟୁଛନ୍ତି । ଈଶ୍ୱର ଭକ୍ତିରେ ମନରେ ଏତେ ଆନନ୍ଦ ଓ ଶାନ୍ତି ଆସୁଛି ସିଏ ଜୀବନର ପୂର୍ଣ୍ଣତା ଅନୁଭବ କରୁଛନ୍ତି । ସେଇ ଆନନ୍ଦ ତ୍ୟାଗର, ଉଦାରତାର, ଭଲପାଇବାର । ଭଲପାଇବାଟା ପିଲାଦିନେ ଆପେଆପେ ମିଳିଯାଏ । ଯୌବନକାଳରେ ନିଜକୁ ଖୋଜିବାକୁ ପଡେ । ବାର୍ଦ୍ଧକ୍ୟରେ ଭିକ୍ଷାରେ ମିଳେ, ଜଣେ ଦୟାକଲେ ତ ଦେବ, ନ ହେଲେ ନାହିଁ । କିନ୍ତୁ ଈଶ୍ୱର ସବୁବେଳେ ତୁମକୁ ଭଲପାଉଥିବେ ।

ତେଣୁ ଶୂନ୍ୟବାସୀ ଆଉ ଧରିତ୍ରୀଙ୍କୁ ମରିଚିକା ପଛରେ ଦଉଡିବାକୁ ପଡୁନି । ସେତିକି ତ ଜୀବନର ସାର୍ଥକତା । ସଂସାରର ପାର୍ଥିବ ବନ୍ଧନ ତୁଚ୍ଛ ମନେହେଲେ, ପରମାତ୍ମାଙ୍କଠାରେ ବିଶ୍ୱାସ ଅତୁଟ ହୋଇଯାଏ । ଶୂନ୍ୟବାସୀଙ୍କ ଭାବନାରେ ପୁନଃଶ୍ଚ ଧର୍ମ ପଥ । ସମୟ ପାଖ ହେଲାଣି । ଧରିତ୍ରୀଙ୍କୁ କହିସାରିଲେଣି, ନ ହେଲା ତ ନାହିଁ । ପୁଅ ବୋହୁ ନାତି ନାତୁଣୀଙ୍କୁ ନ ଦେଖି ପାରିଲେ କଅଣ ଅଭାବ ରହିଯିବ ? ପ୍ରତି ପ୍ରଚଳିତ ପରମ୍ପରାରେ ସତ୍ୟତା ଯେତେ ଥାଉ ବା ନ ଥାଉ, ତହିଁର ଦାର୍ଶନିକ ଦିଗ

ସୁସ୍ପଷ୍ଟ । ଶ୍ମଶାନକୁ ଶବ ଗଲାବେଳେ ସଂକୀର୍ତ୍ତନ କରାଯାଏ, ଇଶ୍ୱରଙ୍କର ନାମ ଜପ କରାଯାଏ, ରାସ୍ତାରେ ବିଞ୍ଚାଯାଏ ଖଇ କଉଡି । ଯେତେ ବଡ ଲୋକ ହୋଇଥାଉ ପଛକେ, ଅଥବା ଯେତେ ନିକମା ହୋଇଥିଲେ ବି ସେଇ ଖଇ କଉଡି । ଏଇଟା ମନରେ ପଶିଲେ ଗର୍ବ ଆଉ ଅହଙ୍କାର ପାଇଁ ଅନୁତାପ କରିବା ହିଁ ସାର । ମଣିଷର ସଞ୍ଚୟ ମନୋବୃତ୍ତି ଯେତିକି ଅଧିକ, ତହାର ଦାନଶୀଳତା ସେତିକି ସଙ୍କୁଚିତ । ଅନେକ ଲୋକ ନିଜ ଝାଳବୁହା ଧନକୁ ଦାନ କରିବାକୁ କୁଣ୍ଠାବୋଧ କରିନ୍ତି । ସହଜଲବ୍ଧ ବା ଠକି ଆଣିଥିବା ପଇସା ଦାନାର୍ଥେ ଖର୍ଚ୍ଚ କରିବାକୁ କୁଣ୍ଠା ନ ଥାଏ । କଷ୍ଟଲବ୍ଧ ଧନ ଖାଦ୍ୟ ଅବା ବାସ ପାଇଁ ସିନା ଖର୍ଚ୍ଚ ହେବ, ଦାନ ଦେବା ବେଳକୁ ମନ ମଉଳିଯିବ । ଆଜି କାଲି ଦାନୀ କର୍ଣ୍ଣ ନାହାନ୍ତି ଯିଏ ରୋଷେଇ ହୋଇଥିବା ଖାଦ୍ୟ ଦାନ କରିଦେବେ ।

କିନ୍ତୁ ମନକୁ ଆସୁନି, ନିଜ ପେଟଟିର ଆୟତନ, ନିଜ ଶରୀରର ଉଚ୍ଚତା । ଅଳପ ଖାଦ୍ୟରେ ପୂରିଯିବ ପେଟ, ନିଜ ହାତର ଚଉଦ ପାଆ ଲମ୍ବ ଶରୀର ଢାଙ୍କିବାକୁ ଲାଗିବ ସୀମିତ ବସ୍ତ୍ର । ବାସ ପାଇଁ ଲୋଡା ଅଳ୍ପ ଆୟତନର ଜାଗା ଆଉ ଗୃହ । କିନ୍ତୁ ମନରେ ତାହାର ହେଜ ନାହିଁ କି ସିଏ ପ୍ରକୃତିସ୍ଥ ହୋଇପାରୁନି ଏଇ ସ୍ୱପ୍ନିଳ ଧରାଧାମରେ । ରାବଣ ସବୁବେଳେ ସଚେତନ ଥିଲା କି ସୀତା ହରଣ ରାବଣ ମରଣ । ଆଜିର ମଣିଷ ମାତୃଭାଷାକୁ ଉଦ୍ଧାର କରୁଛି – ସନ୍ତାନ ମଣିଷ ହେଲେ, ଧନ କାହାପାଇଁ ସଞ୍ଚୁ ? ସନ୍ତାନ ମଣିଷ ନ ହେଲେ, ଧନ କାହାପାଇଁ ସଞ୍ଚୁ ? ସବୁ ଜାଣି ବି ସବୁ ମନେ ରଖି ବି ଲୋଭ ସୃଷ୍ଟି କରିଛି ମୃଗତୃଷ୍ଣା ର ବଳୟ । ମୃତ୍ୟୁପରକୁ ବି ଲୋଭର ମାତ୍ରା କିଛି କମ୍ ନୁହେଁ । କାହିଁକି ବହୁତ ଅର୍ଥ ବିଶିଷ୍ଟ ଜୀବନ ବିମା ପଲିସି ? ନିଜ ଚଳିବା ପାଇଁ ଗୋଟିଏ ବଖରା ନୁହେଁ, ଅନେକ ବଖରା ବିଶିଷ୍ଟ ରାଜପ୍ରାସାଦ ସମ ବାସଗୃହ, ଅନେକ ଜମିବାଡି, ଆସବାବ ପତ୍ର ଆବଶ୍ୟକ ତାହାର ଥାଟ ବାଟ ଆଉ ଦେଖାଣିଆ ଚଳଣି ପାଇଁ ।

ଶୂନ୍ୟବାସୀ ଏବେ ଆଶ୍ଚର୍ଯ୍ୟ, ତାଙ୍କର ସନ୍ତାନ ସନ୍ତତି ପଇସା ପଛରେ ଚୁମ୍ବକଶକ୍ତି ପରି ଆକର୍ଷିତ । ଦୂରରେ ଦେଖିପାରୁଛନ୍ତି ଖଇ, କଉଡି ପ୍ରସଙ୍ଗ । ଶେଷ ନିଶ୍ୱାସ ପରେ ପଡି ରହେ ମାଟି ଶରୀର, ଲୋଭ ନାମକ ମାୟା ପଶି ପାରିବ ନାହିଁ ସତ୍ୟଧର୍ମୀ ଏଇ ମର ଶରୀରରେ । ଏହାକୁ ପ୍ରତିପାଦନ କରିବା ପାଇଁ ଖାଦ୍ୟର ପ୍ରତୀକ ଖଇ ଓ ଧନର ପ୍ରତୀକ କଉଡି ବିଞ୍ଚାଯାଇଥାଏ ଶବାଧାର ସହିତ । ଜନ୍ମ ବେଳେ ଯେମିତ ଶୂନ୍ୟ ହାତରେ ଆଗମନ, ମୃତ୍ୟୁ ବେଳେ ମଧସେହିପରି ଖାଲି ହାତରେ ପ୍ରସ୍ଥାନ । କେତେ ରହିଲା କେତେ ଗଲା ସବୁ ହିସାବ ରଦ୍ଦ ସେଇ ମୁହୂର୍ତ୍ତରୁ । ଧନ ଗଦାରେ ଆଲେକଜାଣ୍ଡାର ହୁଅନ୍ତୁ ବା ସୁଲତାନ ମାମୁଦ ହୁଅନ୍ତୁ, ଜୀବନ ଚାଲିଗଲା ପରେ ସେ ସବୁ ମୃତ ଦେହ କଡରେ ଜମା ହୋଇ ପଡିଥିବ । ଏଇ ବସୁମାତା କୋଳରେ ଜନ୍ମନେଇ ବାହୁବଳରେ ଅର୍ଜନ କରି ଭୋଗ କରିଯାଅ, ଏଠାରୁ କିଛି ବୋହି ନେବାର ଉପାୟ ନାହିଁ । ଏହା ଜାଣି ବି ପ୍ରତି ମଣିଷ ଅଜଣା ମାୟାଗ୍ରସ୍ତ ।

କିନ୍ତୁ ବିଶାଳ ଚିନ୍ତା ବ୍ୟକ୍ତ କରାଯାଇଛି ସବୁ ଧର୍ମଗ୍ରନ୍ଥ ଗୁଡିକରେ, ନିଜର ବ୍ୟକ୍ତିତ୍ୱର ପ୍ରତିଷ୍ଠା ଓ ଭାବଧାରାର ପରିଚୟ ପ୍ରଦାନ । ଆଚରଣ, ଉଚ୍ଚାରଣ, ବେଶ, ପୋଷାକ, ବ୍ୟବହାର, ମନୋବୃତ୍ତି, ସହାନୁଭୂତି, ଦୟା ବଳରେ ସମାଜରେ ଓ ସମସ୍ତଙ୍କ ମନରେ ବସି ରହିବ ଜଣେ କାଳ କାଳ ଉଦାହରଣ ହୋଇ । ମଧୁର କଥା ଏବଂ ବିନୟଭାବ ବଳରେ ପ୍ରିୟଜନ ମାନଙ୍କର ପ୍ରୀତିଭାଜନ ହୋଇପାରିବା କଷ୍ଟକର ନୁହେଁ, ଏଥିପାଇଁ କିଛି ଖର୍ଚ୍ଚ ହୋଇଯାଏ ନାହିଁ । ପ୍ରେମ ବଳରେ ଜଣେ ବାନ୍ଧି ହୋଇପାରିବ ଅନେକ ଲୋକଙ୍କ ସହିତ, ମଣିଷତ୍ୱର ଉଦାହରଣ ହୋଇ ପାରିବ ବହୁ ଦିନ ପର୍ଯ୍ୟନ୍ତ । ଇହଧାମରୁ ଚାଲିଯିବା ପରେ ବି ମନେ ପଡିଲେ, ହସ ହସ ମୁହଁଟି କହିବା ଭାଷାରେ ନିଜର ହୋଇଯାଉଥିବ ।

ଶୂନ୍ୟବାସୀ ଙ୍କର ସ୍ମୃତିଚାରିତ ହେଉଛି । ମନେ ପଡୁଛି ସେ ଦିନର ଗୁରୁବାଣୀ, ଯାହା ପ୍ରବଚକ ଚେତାଉଥିଲେ, ସେଇଟା ଗପ ଟିଏ ଉଦାହରଣ ଭାବରେ । ରାଜାଙ୍କର ଚାରି ରାଣୀ । ରାଜା ସବୁ ଠାରୁ ବେଶୀ ଭଲ ପାଆନ୍ତି ସାନ ରାଣୀଙ୍କୁ । ତାଙ୍କ ସହ ବହୁ ସମୟ କଟାଉଥିଲେ ରାଜା । ଅଜସ୍ର ଖର୍ଚ୍ଚ ବି କରୁଥିଲେ ତାଙ୍କପାଇଁ । ଅନ୍ୟ ରାଣୀମାନେ ମଧରାଜାଙ୍କର ଠାରୁ ନିଜର ହକ୍ ଯଥାମତେ ପାଉଥିଲେ, କେହି ଅବହେଳିତ ନ ଥିଲେ ।

ରାଜାଙ୍କର ଅନ୍ତିମ ସମୟ ଆସିଗଲା ବୋଲି ତାଙ୍କୁ ଜଣା ପଡିଗଲା । ସିଏ ପ୍ରଥମେ ସାନରାଣୀଙ୍କୁ ପଚାରିଲେ, ମୁଁ ଆରପାରିକୁ ଯିବାକୁ ସମୟ ଆସିଗଲା, ତୁମେ ମୋ ସାଙ୍ଗରେ ଯିବ ? ସାନ ରାଣୀ ତତ୍କ୍ଷଣାତ୍ ଉତ୍ତର ଦେଲେ – ତୁମର ବୟସ ହେଲେଣି, ତୁମେ ଯାଇପାର, ମୁଁ କାହିଁକି ଯିବି ? ରାଜା ଦୁଃଖୀ ହୋଇଗଲେ ।

ରାଜା ମନ ଦୁଃଖରେ ତୃତୀୟରାଣୀଙ୍କ ପାଖକୁ ଯାଇ ସେଇ ପ୍ରଶ୍ନ ପଚାରିଲେ । ସିଏ ଉତ୍ତର ଦେଲେ – ତୁମ ସହ ମୁଁ ଯିବି ନି । ତୁମ ଅନ୍ତେ, ମୁଁ ଅନ୍ୟ ପାଖକୁ ଚାଲିଯିବି । ରାଜା ଦୁଃଖରେ ଅଧିକ ମ୍ରିୟମାଣ ହୋଇଗଲେ ।

ଦ୍ୱିତୀୟ ରାଣୀଙ୍କ ପାଖକୁଯାଇ ସେଇ ପ୍ରଶ୍ନ କଲେ, ଯାହା ସିଏ ସାନ ଓ ତୃତୀୟ ରାଣୀଙ୍କୁ କରିଥିଲେ । ଆହୁରି ମଧକହିଥିଲେ, ମୁଁ ତ ତୁମପାଇଁ କିଛିଟା ସମୟ ଦେଇଛି ଓ ତୁମର ଅନେକ ଆବଶ୍ୟକତା ପୂରଣ କରିଛି । ତୁମେ ମୋତେ ମନା କରନାହିଁ, ମୋ ସହ ସାଥି ହୋଇ ଚାଲ । ଦ୍ୱିତୀୟରାଣୀ କହିଲେ, ଏତେ ଯଦି ବାଧ କରୁଅଛ, ମୁଁ ଶ୍ମଶାନ ପର୍ଯ୍ୟନ୍ତ ଯିବି, ତା ପରେ ନୁହେଁ । ରାଜାଙ୍କର ଘୋର ମନ ଦୁଃଖ ହେଲା, ସିଏ ନିଜର ରାଣୀ ମାନଙ୍କର ମତିଗତି ରେ ବିବ୍ରତ ହୋଇ ପଡୁଥିଲେ । ମନେ ପଡୁଥିଲା ତାଙ୍କର, କାହିଁ କୁଆଡେ ଗଲା ସେ ପୁରୁଣା ସତୀ ବେଳର ସମାଜ, ଏ ରାଣୀମାନେ ତ ଏମିତି ମନୋବୃତ୍ତିର ଯେ, ଏମାନେ ମୁହଁ ସମ୍ଭାଳି ହଁ ଟିଏ ବି ମାରୁ ନାହାନ୍ତି, ରୋକଠୋକ୍ ମନା କରୁଛନ୍ତି । ଜୀବନଟା ଯାକର ସମ୍ପର୍କ, ଏତେ ଅଗଭୀର ଆଉ ଉପରଠାଉରିଆ । ମରିବାକୁ ଗଲାବେଳକୁ ବି ଏମାନଙ୍କର ଟିକିଏ ସହାନୁଭୂତି ଆସୁନି ମନକୁ ।

ଶେଷକୁ ରାଜା ତାଙ୍କରପାଟରାଣୀଙ୍କପାଖକୁ ଯାଇ ସେହିଭଳି ପ୍ରଶ୍ନ କଲେ । ସବୁଠାରୁ ପୁରୁଣା ଆଉ ପ୍ରଥମ ରାଣୀ କହିଲେ, ମୁଁ ସବୁବେଳେ ତୁମ ସାଥୀରେ ଅଛି ଆଉ ତୁମେ ଯୁଆଡେ ଯିବ, ମୁଁ ଯିବି ।

ସେ ରାଜା କିଏ ଆଉ ରାଣୀମାନେ କିଏ ? ରାଜା ହେଉଛନ୍ତି ଆତ୍ମା, ସାନ ରାଣୀ ହେଉଛନ୍ତି ଶରୀର, ତୃତୀୟ ରାଣୀ ହେଲେ ଧନ ସମ୍ପତ୍ତି, ଦ୍ୱିତୀୟ ରାଣୀ ହେଉଛନ୍ତି ବନ୍ଧୁବାନ୍ଧବ ଆଉ ପ୍ରଥମ ରାଣୀ ହେଲେ ଧର୍ମ ଆଉ ସଂସ୍କାର, ଯାହାପାଇଁ ରାଜା ମୋଟେ ସମୟ ଦେଇ ନାହାନ୍ତି ।

ଆତ୍ମା ତ ଅଜର, ଅମର ଓ ଅବିନାଶୀ । ଏହା ଯେବେ ଗୋଟିଏ ଶରୀର ତ୍ୟାଗ କରି ନବ ଶରୀର ଧାରଣ କରେ, ତାହାର ପୂର୍ବ ସଂସ୍କାର ତା ସହିତ ଲାଗି ରହିଥାଏ । ଏଇଟିକୁ ଆଉ ମୂଳରୁ ଆରମ୍ଭକରିବାକୁ ଦରକାର ନାହିଁ । ଆଜିର ପିଲାମାନେ ଏ ଦିଗରେ କିଛି ଜାଣନ୍ତି ନି । ଶରୀର ସହିତ ଆତ୍ମାର ଯୋଗକୁ ଜନ୍ମ ଆଉ ବିୟୋଗକୁ ମୃତ୍ୟୁ ବୋଲାଯାଇଥାଏ । ମହାଜାଗତିକ ଖେଳକ୍ରମେ ଜନ୍ମ ରେ ଖୁସି ହେବା ଅଥବା ମୃତ୍ୟୁରେ ବିଚଳିତ ହେବା ଅର୍ଥହୀନ । ନିଜର ସୀମିତ ଅଭିନୟ କିପରି ଆଶାଜନକ ଉପାୟରେ ସମ୍ପାଦିତ ହେବ ମନ ଆଉ ଧ୍ୟାନ ସିଆଡକୁ ରହିବା ଉଚିତ । ସେଥିପାଇଁ ଆମର ଅଭିନୟର ଭୂମିକା ନ ସରିବା ପର୍ଯ୍ୟନ୍ତ ଆମକୁ ଧୈର୍ଯ୍ୟର ସହିତ ଅପେକ୍ଷା କରିବାକୁ ପଡିବ । କବି ଲେଖିଛନ୍ତି –

କେହି ରହି ନାହିଁ ରହିବେ ନାହିଁଟି ଭବରଙ୍ଗ ଭୂମି ତଳେ
ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡିବେ କାଳ ବଳେ ।

ପ୍ଲଟ୍ ନଂ–୮୯୯, ଅଭୟ ଲେନ୍, ସତ୍ୟନଗର, ଭୁବନେଶ୍ୱର
ମୋ: ୯୩୩୭୫୩୮୨୨୦

✠✠✠✠



# ଅସମାପ୍ତ କାହାଣୀ – ପ୍ରତିରୂପ .. .. ..

*ବିଜୟିନୀ ମହାନ୍ତି*

ସବୁଦିନ ନିଜ ଘରେ ଠାକୁର ମାନଙ୍କୁ ଯତନରେ ଫୁଲ ଦିଅନ୍ତି ରାଧିକା ଦେବୀ । ବୟସ ତେପନ ଟପି ଗଲାଣି । ପୁଅ ଝିଅ ଦୁହେଁ ପାଠ ପଢ଼ା ସାରି ବାଟ ଧରିଲେଣି, ଦୁଇଜଣଙ୍କର ବାହାଘର ବି ସରିଯାଇଛି । ଦୂରରେ ସେମାନେ ଚାକିରି କରନ୍ତି, କଦବା ଛୁଟି ମିଳିଗଲେ ଘରକୁ ଆସନ୍ତି । ସ୍ୱାମୀ ନିରାକାର ମହାପାତ୍ର ଜଣେ ଖ୍ୟାତନାମା ଇଂଜିନିୟର । ଚାକିରିର ଶେଷମୁଣ୍ଡରେ ପହଞ୍ଚି ଯାହା ଛଟପଟ ହେଉଛନ୍ତି କେମିତ ଜଲ୍‌ଦି ଏହା ସରିବ । ପିଲାମାନେ ପାଠ ପଢ଼ିବା ପର ଦିନଠାରୁ ଚାକିରି ଆରମ୍ଭ କରି ଏତେ ଦରମାର ପ୍ୟାକେଜ୍ ପାଉଛନ୍ତି ଯେ ନିରାକାର ବାବୁ ନିଜେ ନିଜର ଚିରାଚରିତ ସରକାରୀ ଦରମା ଓ ଉପୁରି ମିଶାଇ ନିରୁତ୍ସାହିତ ହେଉଛନ୍ତି ଅଧିକ ଦିନ ରହିବାକୁ । ନିଜେ ଗୋଡ ଟେକିଛକି ବସିଛନ୍ତି ଚାକିରି ସାରି ପେନ୍‌ସନ୍ ଗଣ୍ଡାକ କେମିତି ଠିକ୍‌ରେ ପାଇବେ ।

ରାଧିକା ଦେବୀ ଜୀବନଟା କଟାଇଛନ୍ତି ଘରକରଣା କାମରେ । ପିଲାମାନଙ୍କୁ ସ୍ନେହ ଆଦରରେ ବଢ଼ାଇଛନ୍ତି । ନରହରି ବାବୁଙ୍କର ସୁନାର ସଂସାରକୁ ସିଏ କରିଛନ୍ତି ପ୍ରେମମୟ । ପୁଅ ଝିଅ ଦୁହେଁ ମାଆ ପାଖରେ ଏତେ ଆପଣାର କେହି ନ ଦେଖିଲେ ବିଶ୍ୱାସ କରିବେ ନାହିଁ । ଏବେ ବି ଘରକୁ ଆସିଲେ ସେମାନେ ମା କାନିରେ ମୁହଁ ହାତ ପୋଛନ୍ତି । ଚାକିରିଜୀବନରେ ନରହରି ବାବୁ କେବେ ଚାକର ବାକର ଘରଦ୍ୱାର ତଥା ପର୍ବପର୍ବାଣୀ ବାବତରେ ହଇରାଣ ହୋଇ ନାହାନ୍ତି । ଯେବେ କୌଣସି ମୁଣ୍ଡବ୍ୟଥା ଆଣିବେ ଘରକୁ ବାବୁ, ସଙ୍ଗେସଙ୍ଗେ ଅମୃତାଞ୍ଜନ ମାଲସ କରି ଆରୋଗ୍ୟ କରିଦେବେ ରାଧିକା ଦେବୀ । ଠାକୁର ଠାକୁରାଣୀ ମାନଙ୍କଠାରେ ଅଟଳ ଭକ୍ତି ଥିଲା ରାଧିକା ଦେବୀଙ୍କର । ମନର ଦୃଢ଼ ବିଶ୍ୱାସ ରଖିଥିଲେ ସବୁ ଦେବାଦେବୀ ତାଙ୍କର ଶୁଭ କାମନା କରୁଛନ୍ତି ପୂଜା ବଳରେ ।

ଘରକାମରେ ତ ରାଧିକା ଦେବୀଙ୍କର ସମ୍ପୂର୍ଣ୍ଣ ଅଧିକାର, କେବେ କାହାକୁ ଚା କପ୍ ଟିଏ ବି ଧୋଇବାକୁ ଦେବେ ନି । ଏମିତି କି ଅତି ଅସୁବିଧା ହେଲେ ଚା ପଛକେ ଥର୍ମୋଫ୍ଲାସ୍କରେ ବଜାରରୁ କିଣାହୋଇ ଆସିବ, ନରହରିବାବୁ ଚୁଲିମୁଣ୍ଡକୁ ଯିବେନ । ସତରେ ନରହରି ବାବୁ ଏମିତି ହୋଇଛନ୍ତି ଯେ ପାଣି ଟିକିଏ ଗରମ କରିବାକୁ ଅକ୍ଷମ । ଏ ସବୁ ରାଧିକା ଦେବୀଙ୍କର କୃତିତ୍ୱ ବଳରେ ହୋଇ ପାରିଛି । ସିଏ ସୁନ୍ଦର ପରିବାରଟିଏ ଗଢ଼ିବାକୁ ବିବାହ ପୂର୍ବରୁ ଯେଉଁ ମାନସିକ କରିଥିଲେ, ତାହା କରିବାରେ ସମର୍ଥ ହୋଇଛନ୍ତି । ତାଙ୍କର ବାପା ବର ଖୋଜି ଖୋଜି ଯେତେବେଳେ ନରହରି ମହାପାତ୍ରଙ୍କପରି ନୂଆ ଚାକିରି କରିଥିବା ଯୁବ ଇଂଜିନିୟରଙ୍କୁ ପାଇଲେ, ନରହରି ବାବୁଙ୍କର ବୁଢ଼ୀ ମା ବ୍ୟତୀତ କେହି ସମ୍ପର୍କୀୟ ନ ଥିଲେ, ଗାଁରେ ଜମିବାଡି ନଥିଲା, ଖାଲି ଯାହା ଥିଲା ବଖୁରିଏ ଚାଳଘର । ବିଶ୍ୱବିଦ୍ୟାଳୟରେ ଦର୍ଶନ ବିଭାଗରେ ପ୍ରଥମ ବର୍ଷରେ ପଢ଼ା ଆରମ୍ଭ କରିଥିଲେ ରାଧିକା । ଏମିତି ସୁଯୋଗଟିଏ ପାଇ ରାଧିକାଙ୍କର ବିବାହ ସମ୍ପନ୍ନ କରିଦେଇଥିଲେ । ରାଧିକା ଚିରକାଳ ପାଇଁ ପାଠକୁ ଜଳାଞ୍ଜଳି ଦେଇ ଦେଇଥିଲେ, ପଣ କରିଥିଲେ ସ୍ୱାମୀଙ୍କର ଆଶା ପୂରଣ କରିବେ ସମ୍ପୂର୍ଣ୍ଣ ଗୃହିଣୀ ଭାବରେ ।

ରାଧିକାଙ୍କର ବଡ ଦୁର୍ବଳତା ହେଲା ଠାକୁରପୂଜା । ସକାଳୁ ସଞ୍ଜଯାଏ ଅନେକ ସମୟ ଚାଲିଯାଏ ଏଇକାମରେ । ବଡିସକାଳୁ ଫୁଲଚାଙ୍ଗୁଡିଟି ପୂରାଇ ଆଣନ୍ତି ଠାକୁର ଘରକୁ । ପୁଣି ସବୁ ଠାକୁରଙ୍କୁ ମୂର୍ତ୍ତି ମୂର୍ତ୍ତି କରି ସିନ୍ଦୂର ଚନ୍ଦନ ଦିଅନ୍ତି । ବାଛି ବାଛି ଫୁଲରେ ସଜାନ୍ତି ଜଣ ଜଣ କରି ଠାକୁରଙ୍କୁ । ମହାଦେବ ଓ ତାଙ୍କର ସମ୍ପର୍କୀୟମାନଙ୍କୁ ବେଲପତ୍ର ଦେବାର ବିଧି ପାଳନ୍ତି । ପୁଣି ଜଗନ୍ନାଥଙ୍କୁ ଆଉ ଲକ୍ଷ୍ମୀ ଠାକୁରାଣୀଙ୍କୁ ତୁଳସୀପତ୍ର ଦିଅନ୍ତି । ଫୁଲରେ ବି ସେମିତି ତାଙ୍କର ବିବେଚନା ରହିଛି । ମା ମଙ୍ଗଳା ଓ ମା ଦୁର୍ଗାଙ୍କ ପାଇଁ ଲାଲ ମନ୍ଦାର ଲୋଡା ପଡେ । ପିଲାଦିନରୁ ଦେଖିଶୁଣି ଅଭ୍ୟାସ ହୋଇ ଗଲାଣି ।

ଏମିତି ଦିନେ ଦିନେ ମନକୁ ଆସୁଛି ଯେ, ବେଲପତ୍ର ନ ମିଳିଲେ ଶିବପାର୍ବତୀଙ୍କୁ ଯୋଡହସ୍ତରେ ଅନୁନୟ ହୋଇ କହିବାକୁ ପଡେ – ପ୍ରଭୋ ଦୋଷ କ୍ଷମାକରିଦିଅ । ସେମିତି ବି ତୁଳସୀ କି ମନ୍ଦାର ଫୁଲ ନ ଘଟିଲେ ଦିଅଁକୁ ଦୋଷ ଗୁହାରି କରିବାକୁ ହୁଏ । ଖାଲି ସେତିକି ନୁହେଁ, ଦେବାଦେବୀ ବି ଦିନର ସବୁ ଭଲ ମନ୍ଦ ପାଇଁ ଦାୟିତ୍ୱ ନିଅନ୍ତି । ଯେଉଁଦିନ ହାଟରେ ସ୍ୱାମୀଙ୍କର ପାଞ୍ଚଶହ ଟଙ୍କା ପକେଟ୍ ମାର୍ ହୋଇଯିବ, ରାଧିକାଙ୍କ ମନକୁ ପାପ ଛୁଇଁବ । ଆଜି ଠାକୁରଙ୍କ ପୂଜା ଠିକ୍ ଭାବରେ ହୋଇପାରି ନ ଥିଲା, ଯେଉଁଥିପାଇଁ ଦୁଃଖରେ ପଡିଲେ ସ୍ୱାମୀ । ଅନେକ ସମୟରେ

ଏହି ପରି ଅନର୍ଥର କାରଣ ହୋଇଛି ଘର ପୂଜାର ପ୍ରଭାବରେ । କେତେ ବେଳେ ସ୍ୱାମୀଙ୍କର ପଦୋନ୍ନତି କିଛି ଦିନ ଗଡି ଯାଇଛି ତ କେବେ ଦରମା ମିଳି ନି । ଏଥିପାଇଁ ମଝିରେ ମଝିରେ ବଡ ପୂଜାଟିଏ ବସାନ୍ତି ସିଏ । ବେଶ୍ ଝୁଣା ଧୂପ ଦେଇ ଭୋଗ ବସାଇ ମାନସିକ ପୂଜା କରନ୍ତି ।

ପିଲା ମାନଙ୍କର ପରୀକ୍ଷା ପାଇଁ ପୁଅ ଝିଅ ଯେତିକି ପଢନ୍ତି, ମା ତା ଠାରୁ ଅଧିକ ସମୟ ଅଧିଆ ପଡି ଥାଆନ୍ତି ଠାକୁରଘରେ । ଅବଶ୍ୟ ପୁଅଝିଅ ଦୁଇଟିଙ୍କୁ ସିଏ ମନ ଯୋଗ ସହକାରେ ପଢାଇଛନ୍ତି, କିନ୍ତୁ ସିଏ ନିଶ୍ଚିତ ଯେ, ଠାକୁରଙ୍କର ବିନା ଆଶୀର୍ବାଦରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଅସମ୍ଭବ । ପିଲାଙ୍କ ପରୀକ୍ଷାବେଳ ମାନେ ପୂର୍ଣ୍ଣକୁମ୍ଭ, ନଡିଆ, ମା ତାରିଣୀଙ୍କ ପାଖକୁ ଯାଉଁଳି ନଡିଆ ପଠାଇବା ସବୁ ବିଧିମତେ କରନ୍ତି ସିଏ । ପିଲାମାନେ ଭଲକଲେ ଠାକୁର ଖୁସିରେ କରିଛନ୍ତି, ଟିକିଏ କମିଗଲେ, ମନେମନେ ରାଧିକା ମନେପକାଇବେ ସେଦିନ ପୂଜାର ଅନିଚ୍ଛାକୃତ ବିଭ୍ରାଟ । ଫୁଲଟିଏ ମିଳି ନ ଥିଲା ଅବା ନଡିଆରେ ପାଣି ନ ଥିଲା ଅବା ଘିଅ ବତି ଜଳୁ ନ ଥିଲା ଅବା ଏମିତ ଆଉ କିଛି ।

ନିରାକାର ଶୁଣିଶୁଣି ଅଭ୍ୟସ୍ତ ହୋଇ ଗଲେଣି ରାଧିକାଙ୍କର ପୂଜା ବ୍ୟାଖ୍ୟାନ । ଏମିତି ଠାକୁରଙ୍କ ନାଁରେ କହି ସବୁର ବ୍ୟାଖ୍ୟା କରି କରି ସିଏ ଦିନକୁ ଦିନ ବିଭିନ୍ନ ଘରର ପ୍ରସଙ୍ଗ ଆଣୁଛନ୍ତ । କିଏ ରୋଗରେ ପଡିଲେ ଠାକୁରାଣୀଙ୍କର ଅଣପୂଜାରୁ ଅବା ଜିତାପଟ ହେଲେ କୋଉ ଫୁଲର ମାଳ ଲଗାଇଥିବାରୁ ଠାକୁରଙ୍କ ଗଳାରେ । ଦିନେ ହସି ହସି ନିରାକାର ପଚାରି ଦେଲେ ରାଧିକାଙ୍କୁ, "ତୁମର ଦର୍ଶନ ବିଭାଗରେ କଅଣ ବହୁ ଦେବାଦେବୀ ଚଳପ୍ରଚଳ ହେଉଥିଲେ ?" ଉତ୍ତର ପାଇଲେ – ସିଏ ପାଠ ପଢିଛନ୍ତି କେବଳ ଧର୍ମ ଉପରେ । ଆଧୁନିକ ବିଜ୍ଞାନ ପଢିବା ପୂର୍ବରୁ ତ ବୋହୂ ହୋଇ ପଳାଇଆସିଛନ୍ତି ଏଠାକୁ ।

ଅଳ୍ପ କେତେଦିନ ହେବ ରାଧିକା ଦୁଇ ଆଣ୍ଠୁରେ ଟିକିଏ ମୃଦୁ ବ୍ୟଥା ଅନୁଭବ କରୁଛନ୍ତି, ସକାଳୁ ଉଠିଲା ବେଳକୁ ଯାହା ଭାରି ଲାଗୁଛି । କାମ କରିବାରେ ଆଣ୍ଠୁ ତାଙ୍କୁ ପଛରୁ ଯେମିତ ଟାଣି ଧରୁଛି । ସେଥିପାଇଁ ନରହରି ତାଙ୍କର କଂସାରିଝର ଗାଁରୁ ଦୂର ସମ୍ପର୍କୀୟା ଭଉଣୀ ପ୍ରମିଳାକୁ ଆଣିଛନ୍ତି । ନିଆଶ୍ରୀ ମହିଳା ସିଏ, କିଛି ଦିନେ ଘରକାମ ଚଳାଇ ନେଲେ ରାଧିକା ଟିକିଏ ବିଶ୍ରାମ ପାଇବ । ଇଚ୍ଛା ନ ହେଲେ ହେଁ ଟିକିଏ ବିଶ୍ରାମ ନେଇଛନ୍ତି ରାଧିକା ରୋଷେଇଘରୁ, ଠାକୁର ଘରୁ ନୁହେଁ । ଏଇଟା ଟିକିଏ ବଢି ଯାଇଛ ।

ଦିନ ପନ୍ଦରଟାରେ ବହୁ ଉପଶମ ପାଇଛନ୍ତି ରାଧିକା ନିଜ ରୋଗରୁ । ଆୟୁର୍ବେଦୀ ମଲମ ଓ ସକାଳ ବ୍ୟାୟାମ ବଳରେ । ସମୟ ଟିକିଏ ପାଇଲେ ପଡୋଶୀ ମାନଙ୍କ ଘର ଟିକିଏ ବୁଲି ଆସନ୍ତ । ପଡୋଶୀ ମାନେ ତାଙ୍କୁ ସାଙ୍ଗ କଲେଣି ଏଥର ରାମେଶ୍ୱର ମନ୍ଦିର ବେଢାରେ ହେଉଥିବା ପ୍ରବଚନରେ ଯୋଗ ଦେବାକୁ । ସକାଳୁ ମାତ୍ର ଘଣ୍ଟାଟିଏ ।ଏ ବର୍ଷ ଆସୁଛନ୍ତି ସ୍ୱାମୀ ସୁଗମାନନ୍ଦ ସରସ୍ୱତୀ । ତାଙ୍କର ବହୁତ ପ୍ରଶଂସକ । ବିଗତ ବର୍ଷମାନଙ୍କରେ ଯେତେ ପ୍ରବଚନ ଆୟୋଜିତ ହୋଇଛି, ଆୟୋଜକବୃନ୍ଦ ବହୁ ଚେଷ୍ଟା କରି ମଧ୍ୟତାଙ୍କର ସନ୍ଧାନ ପାଇ ନ ଥିଲେ ।

ନିକଟ ପଡିଶାଘର ପାର୍ବତୀ ଦେବୀ କହିଲେ, ରାଧିକା ଅପା, ତୁମକୁ ମୁଁ ସବୁବର୍ଷ ଡାକୁଛି । ତୁମେ ତ ଏତେ ପୂଜାପଣା କରୁଛ । କାମ ଅଛି ବୋଲି କହି ସମୟ ପାଇନ ମନ୍ଦିରରେ ଘଣ୍ଟାଏ ପ୍ରବଚନ ଶୁଣିବାକୁ । ପନ୍ଦର ଦିନ ପାଇଁ ମନ ପବିତ୍ର କରିବା । ଏଥର ତ ବାବୁ ଘରେ ରହୁଛନ୍ତି, ପୁଣି ନଣନ୍ଦ ନାନୀ ଆସିଯାଇଛନ୍ତି । ଆପଣ ଏଥର ଗଲେ ଆମ ମାନଙ୍କୁ ଶାନ୍ତି ଲାଗିବ । ରାଧିକା ରାଜି ହୋଇ ଛନ୍ତି ଓ ବଡ ଆଗ୍ରହରେ ଆଗ ଧାଡିରେ ସ୍ଥାନ ଅଧିକାର କରି ଆଧ୍ୟାତ୍ମିକ ବାଣୀ ଶୁଣିବାରେ ମଗ୍ନ ।

ସ୍ୱାମୀ ସୁଗମାନନ୍ଦ ସ୍ଥିର ଚିତ୍ତରେ ମନ ଭେଦିବା ପରି କହିଚାଲିଛନ୍ତି, ଈଶ୍ୱର ସର୍ବମୟ, ସବୁଠାରେ ସବୁବେଳେ ପରିପୂର୍ଣ୍ଣ ହୋଇ ରହିଛନ୍ତି । ଏହି ଜଗତର ସମସ୍ତ ରୂପ, ଶବ୍ଦ ଓ କାର୍ଯ୍ୟ ଈଶ୍ୱରଙ୍କର ହି ଲୀଳା । ଦୁନିଆରେ ଏମିତି କିଛି ନାହିଁ ଯାହା ଈଶ୍ୱରଙ୍କ ଅନୁପସ୍ଥିତିରେ ଘଟୁଛି ବା ଘଟିବ । ଏଇଟା ରାଧିକାଙ୍କୁ କିଛି ନୂଆ ଲାଗୁନି, ଏଇ କଥା ଶୁଣିଶୁଣି ତ କାନ ବଧିରା ହୋଇ ଗଲାଣି ତାଙ୍କର । ମନ ପୂରାନ୍ତି ନି କଥାଟିର ଭିତରକୁ । ଏବେ ସ୍ଥାନ କାଳ ଦୃଷ୍ଟିରୁ ସିଏ ବୁଝୁଛନ୍ତି ଈଶ୍ୱରଙ୍କ ପରିଚୟ । ସତରେ ଆମ ଦୃଷ୍ଟିସୀମା କାହିଁକି ସାରା ବିଶ୍ୱବ୍ରହ୍ମାଣ୍ଡରେ ଯାହା ସବୁ ଘଟୁଛି, ସେଇଟା ସ୍ୱତଃ ହେଉ ବା କାହା ଦ୍ୱାରା ହେଉ ଆମର ଉପସ୍ଥିତି ତାହାକୁ ପ୍ରଭାବିତ କରିପାରିବ ନାହିଁ । ଆମେ ନ ଜନ୍ମିଥିଲେ ବି ଆମ ଅନୁପସ୍ଥିତିରେ ସେହି ଜଗତ ସେମିତି ଚାଲିଥାଆନ୍ତା । କ୍ଷୀଣ କାଳର ଜୀବନରେ ଆମେ ମାତ୍ର ପରିବ୍ରାଜକ ପରି ଦେଖୁଛୁ ଯାହା ।

ପୁଣି ସୁଲଳିତ ସ୍ୱରରେ ସ୍ୱାମୀ ସୁଗମାନନ୍ଦ କହିଚାଲିଛନ୍ତି, ଈଶ୍ୱର ମନୁଷ୍ୟ କଳ୍ପନାର ଊର୍ଦ୍ଧ୍ୱରେ । ବିଶ୍ୱ ବ୍ରହ୍ମାଣ୍ଡର ନିୟାମକ ହିଁ ଈଶ୍ୱର । ବୈଜ୍ଞାନିକ ଉପାୟରେ ଈଶ୍ୱରଙ୍କର ପ୍ରମାଣ କରାଯାଇ ନ ପାରେ । ଏହାର ଅର୍ଥ ବୁଝିବା ସହଜ ନୁହେଁ । ଯାହାଟା ଘଟୁଛି ବା ଯାହା ଘଟିଚାଲିଛି, ତାହା ହିଁ ସତ୍ୟ, ତାହାର ନିୟନ୍ତା ହିଁ ଈଶ୍ୱର । ଏଥିରେ ବିଳୟ ନାହିଁ । ଏଇ ଗୁରୁ ଗମ୍ଭୀର ଶବ୍ଦଗୁଡିକର ରହସ୍ୟ ବୁଝିବାକୁ ଚେଷ୍ଟା କରୁ ନାହାନ୍ତି ରାଧିକା । ସତରେ ଅନେକ ଏହି ଗତାନୁଗତିକ ସତ୍ୟାର୍ଥ ଗୁଡିକୁ ଶୁଣିଶୁଣି ଶୁଆ ପରି ଗାଇଯିବେ, କିନ୍ତୁ ପ୍ରକୃତ ରହସ୍ୟ ଭିତରକୁ ପଶି ପାରିବେନାହିଁ ।

ଚିନ୍ତାବିହ୍ୱଳ ରାଧିକା ଦେବୀ । ମହାଭାରତ ଯୁଦ୍ଧରେ ଚକ୍ର ପରି ଈଶ୍ୱର ସବୁର କର୍ତ୍ତା, ଆମେ ମାନେ ସବୁ ଉପଲକ୍ଷ । ଏ ଜଗତ ଅଳୀକ । ଏହାର ସତ୍ୟତା ମୃଗତୃଷ୍ଣାର ଜଳପରି, ଆକାଶର ନୀଳରଙ୍ଗପରି । ମରୁଭୂମିର ମରିଚିକା ଜଳ ପଛରେ ଧାଇଁଧାଇଁ ଅବା ଆକାଶର ନୀଳବର୍ଣ୍ଣ ଅନ୍ୱେଷଣରେ ଉଡିଉଡି ଯେମିତି ନିରାଶ ହେବାକୁ ପଡିବ, ଏଇ ଦୁନିଆଁ ଆଉ ମଣିଷ ଜୀବନ ସେମିତି । ସେଦିନ ମନ୍ଦିରରୁ ଫେରିବା ବାଟରେ ରାଧିକା ଦେବୀ ମନଦୁଃଖରେ କହୁଥାନ୍ତି ପାର୍ବତୀଙ୍କୁ – ଆମ ଗଠନ ଓ ଜୀବନ ଏମିତି ଭ୍ରମରେ ଖଞ୍ଜା ହୋଇଛି, ପାଣି ଫୋଟକାର ପରମାୟୁ ସହ ଏ ଅସୀମ ସମୟସ୍ରୋତରେ କିଏ ବା ତାହାର ହିସାବ ରଖିବ ?

ପର ଦିନର ସକାଳ । ପ୍ରବଚକଙ୍କ ଚେତନା । ସତ୍ୟମେବ ଜୟତେ, ସତ୍ୟ ହିଁ ଭଗବାନ । ସତ୍ୟର ଅନ୍ୟନାମ ଭଗବାନ, ଭଗବାନଙ୍କର ଅନ୍ୟନାମ ସତ୍ୟ । ଜୀବନର ସକଳ ମହତ ଗୁଣ ବା ସଦ୍‌ଗୁଣ ସତ୍ୟ ର ଅନ୍ତର୍ଭୁକ୍ତ । ଏହାକୁ ଧର୍ମ ଆଲୋକ, ଅହିଂସା, ପତିବ୍ରତା, ସଦ୍ ଭାବନା, କ୍ଷମା ଓ ଶାନ୍ତି ରୂପରେ ଆମେ ପାଉ । ଜୀବନ ପଥରେ ଚାଲିବା ବେଳେ ସତ୍‌ପଥଚ୍ୟୁତ ହେବାର ଯଥେଷ୍ଟ ସମ୍ଭାବନା ଅଛି । ବିଶାଳ ଧରିତ୍ରୀର ଉନ୍ମୁକ୍ତ ଆକାଶ ତଳେ ଇନ୍ଦ୍ରିୟ ଲାଳସାରେ ସତ୍ୟଚ୍ୟୁତ ହେବାର ବହୁ ସମ୍ଭାବନା ରହିଛି । ଏଥିପାଇଁ ଗୀତାର ଭଗବାନ ଶ୍ରୀକୃଷ୍ଣଙ୍କର ଉପଦେଶ ମନରେ ସତ୍ୟ, କର୍ତ୍ତବ୍ୟ ଓ କର୍ମମୟତାର ଜାଗରଣ ସୃଷ୍ଟି କରେ । ଈଶ୍ୱର ଆଉ ସତ୍‌ପଥ ସହିତ କର୍ମକାର ଭାବରେ ରହିବାର ବିବେଚନା ପାର୍ଥିବ ମଣିଷ ମନରେ ସତ୍ୟ ଓ କର୍ମର ସଂଯୋଗ କରେ ।

ଏଥିରେ ରାଧିକା ଦେବୀଙ୍କର ହୃଦବୋଧ ହୁଏ । କର୍ମକ୍ଷେତ୍ରରେ ସତ୍ୟବନ୍ତ ଓ ବିବେକବନ୍ତ ହେବା ଶ୍ରେୟସ୍କର । ସେଇ ସୃଷ୍ଟିରେ ଜଣେ କାହିଁକି ମଣିଷ ହୋଇଛି ? କାହିଁକି ବିବେକ ଓ ବିବେଚନା ଶକ୍ତି ପାଇଛି ? ଏହି ବିଚାରଶକ୍ତି କଅଣ ତାର ଚିନ୍ତାର କାରଣ ? ଆସନ୍ତାକାଲିକୁ କଅଣ ସମସ୍ୟା ରହିଛି ସେପରି ଚିନ୍ତା ଆସିବାର କାରଣ ? ଛୋଟଛୋଟ ଜୀବ ମାନେ ଏପରି ଚିନ୍ତା କରିପାରୁଥିବେ ଏଇଟା କଳ୍ପନାର ବାହାର । ମଣିଷ ଚିନ୍ତା ଶକ୍ତି ଦ୍ୱାରା ଏମିତି ଛଟପଟ କାହିଁକି ? ଜଗତଟା ଯେତେବେଳେ ସ୍ୱୟଂଚାଳିତ, ସ୍ୱୟଂନିୟନ୍ତ୍ରିତ ଆମର ଚିନ୍ତା କାହିଁକି ? ଅବଶ୍ୟ ଏହି ଯୁକ୍ତି ଅନନ୍ତ ସମୟ ପାଇଁ ପ୍ରଯୁଜ୍ୟ, କ୍ଷୀଣକାଳର କର୍ମମୟ ଜୀବନପାଇଁ କର୍ମରୁ କ୍ଷାନ୍ତି ପାଇଁ କଦାପି ନୁହେଁ ।

ଘରକୁ ଫେରିଆସି ରାଧିକାଦେବୀ ଟିକିଏ ବସନ୍ତି । ସତରେ ପ୍ରବଚନ ଘଣ୍ଟାକ ତାଙ୍କୁ ଅନ୍ୟ ଗୋଟିଏ ଦୁନିଆକୁ ଟାଣି ନେଉଛି । ଏଇଟା ହୋଇପାରେ ପ୍ରବଚକଙ୍କର କାରିଗରୀ । କିନ୍ତୁ ଏବେ ଘରେ ପୂଜା କଲାବେଳେ କେତେକ ନୂଆ ଧାରା ମନକୁ ଆସେ । ପୁରୁଣା ଛୋଟଛୋଟ କଥାଗୁଡାକ ମନର ଅନ୍ଧାରିଆ ଗଳି ପରି ଜଣାଯାଏ । ଠାକୁର ଏତେ ମତରେ ମୂର୍ତ୍ତି ହୋଇ ଯାହା ପୂଜାଘରେ ବସିଛନ୍ତି, ଏହା ଆମର ମାନସିକତା ଛଡା ଆଉ କିଛି ନୁହେଁ । ଏତେ ବଡ ପ୍ରଶସ୍ତ ବିଶ୍ୱବ୍ରହ୍ମାଣ୍ଡର କୋଣରେ ବସି ମନେ ମନେ ସିଏ ଠାକୁରଙ୍କୁ ଧରି ଯାହା ଅର୍ଥ ବାହାର କରୁଛନ୍ତି । ବିଶ୍ୱବ୍ରହ୍ମାଣ୍ଡ ନିଜ ଅଲିଖିତ ସମ୍ବିଧାନ ଅନୁସାରେ ଚାଲିଛି, ଯେଉଁଟା ପ୍ରକୃତ ସେଇଟା ସତ୍ୟ । ଯେଉଁଟା ସତ୍ୟ ସେଇଟି ଈଶ୍ୱର । କଳ୍ପନା, ଅପୂର୍ଣ୍ଣ ଆଶା ଆକାଂକ୍ଷା ସବୁ ମାୟା ବା ଭ୍ରମ ।

ଆଉ ଦିନେ ସ୍ୱାମୀ ସୁଗମାନନ୍ଦ ଜୀବନର ଆନନ୍ଦମୟ ଆଲୋକମୟ ପଥ ଉପରେ ତାଙ୍କର ବକ୍ତବ୍ୟ ରଖନ୍ତି । ଜୀବନ ପାଇଁ ଶାନ୍ତିର ସ୍ଥାନ ବହୁ ଉଚ୍ଚରେ ଏବଂ ଏହା ଏକ ଦିବ୍ୟ ବିଭବ । ଏହା ପବିତ୍ର ହୃଦୟରେ ହି ବିରାଜମାନ କରେ, ସ୍ୱାର୍ଥପର ଓ ଅମଣିଷ ମାନଙ୍କ ପାଖରୁ ଅପସରି ଯାଏ । ସଂସାରୀ ମାନଙ୍କ ହୃଦୟରେ ଏହାର ସ୍ଥାନ ନାହିଁ କାରଣ ଧନ ଓ କର୍ମ, ଇନ୍ଦ୍ରିୟ ନିଗ୍ରହ ଓ ଆଧ୍ୟାତ୍ମିକ ମନୋଭାବ ଅଭାବରୁ ଯେତେ ଚାହିଲେ ମଧ୍ୟଏମାନେ ଶାନ୍ତି ପାଇପାରନ୍ତି ନାହିଁ । ପୁଣି ବର୍ତ୍ତମାନ ଜଗତବିସ୍ତୃତ ରାଜନୀତି ଓ ଅର୍ଥନୀତିର ଜଗତୀକରଣ ସାଧାରଣ ମଣିଷକୁ ବହ୍ମାଣ୍ଡର ଶ୍ରେଷ୍ଠତମ ସମ୍ପଦ ଠାରୁ ଦୂରେଇ ନେଉଛି । ସବୁ କ୍ଷେତ୍ରରେ ସତ୍‌ସଙ୍ଗମାନଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବ ରହିଛି । ସନ୍ଥ ସନ୍ୟାସୀ ମାନଙ୍କ ସାହଚର୍ଯ୍ୟରେ ଅବା ସେମାନଙ୍କର ନିସୃତ ବାକ୍ୟଦ୍ୱାରା ଅଳଙ୍କୃତ ପୁସ୍ତକ ମାଧ୍ୟମରେ ଜଣେ ସତ୍‌ସଙ୍ଗ ଲାଭକରିପାରେ । ନିଜର ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବା ଉପରେ ଓ ଶାକାହାରୀ ହେବାପାଇଁ ସଦୁପଦେଶ ଦେଇଛନ୍ତି ସେ ।

ପ୍ରବଚନ ମାଧ୍ୟମରେ ସିଏ ସାମାଜିକ ଗଠନକୁ ଗୁରୁତ୍ୱ ଦେଲେ ପରସ୍ପର ମଧ୍ୟରେ ନିର୍ମଳ ପ୍ରେମଧର୍ମ ବଳରେ । ଏହାଦ୍ୱାରା ଅସମ୍ଭବ ସମ୍ଭବ ହୋଇପାରିବ । ପ୍ରେମ ଗୋଟିଏ ଧର୍ମ, ଏହାକୁ ଗୋଟିଏ ବିଦ୍ୟା ବା ବିଜ୍ଞାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ସମାଜରେ ପ୍ରତିଷ୍ଠିତ ମହାତ୍ମାମାନେ, ସାଧୁମାନେ, ମହାପୁରୁଷମାନେ ଏହି ଗୁଣ ବଳରେ ବିଶାଳ ଜନରାଶି ପାଖରେ ନିଜର ହୋଇଯାଆନ୍ତି । ଯେଉଁମାନେ ଏହି ପବିତ୍ର ଧର୍ମରୁ ଦୂରରେ ରହନ୍ତି, ସେମାନଙ୍କୁ କେହି ଚିହ୍ନନ୍ତି ନାହିଁ । ମଣିଷ ହୋଇ ମଣିଷ ପଦବାଚ୍ୟ ହୋଇପାରନ୍ତି ନାହିଁ । ପ୍ରେମ ହିଁ ସତ୍ୟ ଓ ପ୍ରକାରାନ୍ତରେ ଭଗବାନ ।

ବହୁ ବିଷୟରେ ଆଲୋଚନା କରିବା ପରେ ପ୍ରବଚନ ସମାପ୍ତ ହୋଇଛି । ଏବେ ରାଧିକା ଦେବୀ ଘରେ ରହି ନରହରି ବାବୁଙ୍କୁ ଶିଖି ଆସିଥିବା ମନ୍ତ୍ରର ପଦେ ପଦେ ନ ଜାଣିବା କଥା ଖୋଲୁଛନ୍ତ । ଭଗବାନଙ୍କ ବିଷୟରେ ବେଳେବେଳେ ଆଲୋଚନା ଚାଲେ । କେବେ କେବେ ଦୂରଦର୍ଶନ ବା କୌଣସି ସିରିଆଲ୍ ସେମାନଙ୍କୁ କେତେ ପ୍ରସଙ୍ଗ ସହ ଜଡିତ କରିଥାଏ ।

ଦୁଇଜଣ ଏକମତ ଭଗବାନ ଅଛନ୍ତି । ନରହରି କୁହନ୍ତି, ମଣିଷ ତ ଏକମାତ୍ର ଜନ୍ତୁ ଯିଏ ବିବେଚନା ବା ଚିନ୍ତା କରିପାରେ, ଆଜି ପର୍ଯ୍ୟନ୍ତ ପୃଥିବୀ ଯେତିକି ମଣିଷ ଜନ୍ମ ଦେଇଛି, ସମସ୍ତେ ଏଇ ଅଦୃଷ୍ଟ ଭଗବାନଙ୍କ ବିଷୟରେ ଭାବିଛନ୍ତି, ତାଙ୍କୁ ଖୋଜିଛନ୍ତି, ମାନିଛନ୍ତି ଅବା ମାନି ନାହାନ୍ତି । ତେଣୁ ଭଗବାନ ହାତୀଠାରୁ ବଡ ପ୍ରାଣୀ ହୋଇପାରନ୍ତି, ଅନ୍ଧ ମଣିଷ ଏହି ବିଶ୍ୱମୟଙ୍କୁ ନିଜେ ଉପଲବ୍ଧିକରୁଥିବା କାରଣ ନେଇ ବର୍ଣ୍ଣନା କରିପାରିବ । ତଥାପି ଭଗବତ୍‌ପ୍ରାପ୍ତି ବା ଭଗବାନଙ୍କ ଅସ୍ତିତ୍ୱ ବିଷୟରେ ଜ୍ଞାନ ସରଳ ନୁହେଁ । ସେହି ତତ୍ତ୍ୱ ଆହରଣ କରିବା ଆଇନଷ୍ଟାଇନଙ୍କର ଆପେକ୍ଷିକ ତତ୍ତ୍ୱପରି କଷ୍ଟକର ।

ନରହରିଙ୍କର ଗାଁରେ ଭଗବାନ ସର୍ବତ୍ର ବିଦ୍ୟମାନ । ତାଙ୍କ ଗାଁରେ କେହି ଟିକିଏ ବଡେଇ ହୋଇ ମୁଁ କରିଛି ବୋଲି କହିଲେ ଉତ୍ତର ପାଇଯିବ ଭାଗବତରୁ । "ମୁଁ କହି ଅଯଥା ଗର୍ବ କରନାହ" । "କରି କରାଉ ଥାଏ ମୁହିଁ, ମୋ ବିନୁଁ ଅନ୍ୟଗତି ନାହିଁ ।" ଏମିତି ବି ନରହରିବାବୁ ବହୁଥର ଶଶୁରଙ୍କଠାରୁ ଶୁଣିବାକୁ ପାଇଛନ୍ତି କେତେବେଳେ ନିଜେ ଟଙ୍କାଏ ମସାଏ ସାହାଯ୍ୟ କରଛନ୍ତି କହିଲେ ଘର ପାଇଁ ଅବା ଭଉଣୀ ବାହାଘରକୁ । କିନ୍ତୁ

ଗ୍ରାମବାସୀ ମାନେ ସବୁବେଳେ ଭାଗବତକୁ ଦ୍ୱାହି ଦିଅନ୍ତି ନି, ମୋହ ସେମାନଙ୍କୁ ବାଧା ଦେଇ ପାରେ ନାହିଁ ଅର୍ଥାଗମ ବା ଜୀବନ ଧାରଣ ପନ୍ଥା ଅବଲମ୍ବନ କରିବା କ୍ଷେତ୍ରରେ । ଆଧ୍ୟାତ୍ମିକ ମୂଲ୍ୟବୋଧ ସେମାନଙ୍କୁ ନିରୁତ୍ସାହିତ କରି ନି ଜୀବନଧାରଣ ପନ୍ଥା ଅବଲମ୍ବନ କରିବାରେ । ବ୍ୟବସାୟରେ ଲିପ୍ତ ହେବାକୁ । କର୍ମଠ ଗ୍ରାମବାସୀ ।

ନରହରି ବାବୁ ମଧ୍ୟ ଭଗବତଭକ୍ତି ପରି ଦୁର୍ବୋଧ୍ୟ ବିଷୟରେ କିଛି କହିବା ସପକ୍ଷରେ ନ ଥିଲେ । କିନ୍ତୁ କହିଲେ, ମଣିଷ ନିଜର ବୌଦ୍ଧିକ ବିକାଶ ସହିତ ଯୁଗଯୁଗ ଧରି ତାହାର ନିୟନ୍ତା କିଏ ଖୋଜି ଆସିଛି । ଶାସ୍ତ୍ର, ପୁରାଣ ଓ ଇତିହାସ କଳ୍ପନାରେ କେତେ କେତେ ରୂପରେ ଠାକୁର, ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଆଦିର ରଚନା କରିଅଛି । ମାତ୍ର ବୈଜ୍ଞାନିକମାନେ ଯେବେ ସମର୍ଥ ହୋଇଛନ୍ତି ବା ତଥ୍ୟଭିତ୍ତିକ ଗବେଷଣାର ଗୋଟିଏ ସ୍ତରରେ ପହଞ୍ଚିଛନ୍ତି, ପ୍ରଥମେ ଖୋଜିଛନ୍ତି, କେଉଁଠି ଅବସ୍ଥିତ ସ୍ୱର୍ଗ ? କେଉଁଠି ପାତାଳ ? ଈଶ୍ୱର ସବୁଠି ଅଛନ୍ତି, ତେଣୁ ତାଙ୍କର ସତ୍ତା କେହି ପାଇପାରିବେ ନାହିଁ ।ଏହାର ଅର୍ଥ ଭଗବାନ ବର୍ତ୍ତମାନର ପରିବେଶରେ ଗୋଟିଏ ଏକକ, ଯାହା ସବୁଠାରେ ମିଳିବ ଏବଂ ଏହାର ସ୍ୱଭାବସୁଲଭ ଗୁଣ ହେଲା ସତ୍ୟଧର୍ମରେ ପରିଚାଳିତ । ବିବେକ ସବୁ ଜୀବ ମାନଙ୍କମଧ୍ୟରେ ମଣିଷକୁ ସ୍ୱତନ୍ତ୍ର କରିଛି ଏବଂ ଏହି ବିବେକ ବଳରେ ହଜାର ହଜାର ବର୍ଷ ଧରି ବିଶ୍ୱପୃଷ୍ଠରେ ଜନ୍ମ ନେଉଥିବା ଅସଂଖ୍ୟ ମଣିଷ ଖୋଜି ବୁଲିଛନ୍ତି ନିଜର ଜନ୍ମବୃତାନ୍ତ ଓ ସୃଷ୍ଟିକର୍ତ୍ତାଙ୍କୁ । ଏଥିପାଇଁ ପ୍ରତ୍ୟେକ ଚିନ୍ତାଶୀଳ ମନୁଷ୍ୟ ନିଜର ବକ୍ତବ୍ୟ ରଖିଯାଇଛନ୍ତି କିଛି ଯୁକ୍ତି ଓ ଉଦାହରଣ ସହିତ ଭଗବାନଙ୍କ ସ୍ଥିତି ଓ ମନୁଷ୍ୟଜାତିର ଉତ୍ପତ୍ତି ନେଇ ।

ଅଗଣିତ ବିବେକବାନ ବ୍ୟକ୍ତି ନିଜ ବିବେଚନା ଓ ସମସାମୟିକ ସାମାଜିକ ଓ ତଥ୍ୟପୃଷ୍ଟ ବିଜ୍ଞାନ ବଳରେ ଭଗବାନଙ୍କର ସନ୍ଧାନ କରିଛନ୍ତି, କାହାର ତପ ବଳରେ ଜୀବନଟା ସମର୍ପିତ ହୋଇଛି, କିଏ ନିଜର ଯୁକ୍ତି ଉପସ୍ଥାପନ କରି ଯୁଗାନ୍ତକାରୀ ଆଧ୍ୟାତ୍ମିକ ଉପପାଦ୍ୟ ସୃଷ୍ଟି କରି ମହାମାନବ ଭାବରେ ମଣିଷ ସମାଜରେ ପରିଗଣିତ । ସେମିତି ସଭ୍ୟତାର ସକାଳରୁ ଅବଧି ମଣିଷର କଳ୍ପନା, ଯୁକ୍ତି, ସାମାଜିକ ଭାବଧାରାରେ ସୃଷ୍ଟି ସଭ୍ୟତାର ନିଦର୍ଶନ । ଏମିତି ହଜାର ହଜାର ବର୍ଷର ଭାରତୀୟ ସଭ୍ୟତା ଗୁଡିକରେ ଭଗବାନଙ୍କୁ ନେଇ ଯେତିକି ଅନୁସନ୍ଧାନ, ଯୁକ୍ତିତର୍କ ଓ ବେଦ ବେଦାନ୍ତ ଶାସ୍ତ୍ର ପୁରାଣରେ ମହାମାନବିକତାର ଉଦାହରଣ ମିଳେ, ତାହା ବିଶ୍ୱବାସୀଙ୍କୁ ଏହି ସନାତନ ଧର୍ମର ମାନବୀୟ, ଜୀବଦୟା ତଥା "ବସୁଧୈବ କୁଟୁମ୍ବକମ୍" ପରି ମାର୍ଜିତ ଦେବସୁଲଭ ସାମାଜିକ ଭାବର ଆଦର୍ଶ ଚକିତ କରିଦେଇଛି । ଭଗବାନ, ଦେବତା, ଈଶ୍ୱର ସବୁ ଭିନ୍ନ ଭିନ୍ନ ସମୟରେ ବିଭିନ୍ନଭାବରେ କଳ୍ପିତ । କିନ୍ତୁ ଏହା ସର୍ବସମ୍ମତ ଯେ ଭଗବାନ ଅଛନ୍ତି ଓ ସିଏ ସତ୍ୟର ଅନ୍ୟନାମ । ଯିଏ ନାସ୍ତିକ, ଯିଏ ଭଗବାନଙ୍କୁ ତାହାର ଅବିଶ୍ୱସନୀୟ କାରଣରୁ ସ୍ୱୀକାର କରେ ନି, ସିଏ କିନ୍ତୁ ଭଗବାନଙ୍କୁ ଅନ୍ୟ ନାମ ବା ଅନ୍ୟ ଦୃଷ୍ଟିରେ ସ୍ୱୀକାର କରିଥାଏ ।

ବିଗତ ଅର୍ଦ୍ଧ ସହସ୍ରାବ୍ଦ ମଧ୍ୟରେ ଜଳ ସ୍ଥଳ ଓ ଆକାଶକୁ ବିଶ୍ଳେଷଣ କରୁଥିବା ବିଜ୍ଞାନ ମଧ୍ୟଖୋଜି ବୁଲିଛି ସମସ୍ତ ଶକ୍ତିର ଜୀବନଧାରାର ପ୍ରତୀକ ଭଗବାନଙ୍କୁ । ଶେଷ ପର୍ଯ୍ୟନ୍ତ ଅନନ୍ତ ମହାଶୂନ୍ୟରୁ ଯେତିକି ତଥ୍ୟ ଅବଗତ ହୋଇଛି, ଶରୀରର ଅଭ୍ୟନ୍ତରର ଅଣୁ ପରମାଣୁ ସ୍ତର ପର୍ଯ୍ୟନ୍ତ ଯାଇ ଜୀବନ, ଜୀବନଧାରା ଓ ସୃଷ୍ଟି ତତ୍ତ୍ୱ ମାର୍ଜନା କରାଯାଇଛି । ଗୋଟିଏ ସାଧାରଣ ଉଦାହରଣ ବଳରେ କାଳ୍ପନିକ, ଆଧ୍ୟାତ୍ମିକ ଓ ବୈଜ୍ଞାନିକ ଭଗବତ ଧାରଣାର ସକାରାତ୍ମକ ଭାବ ଦେଖିବାକୁ ମିଳିବ । ତଥାକଥିତ ଧାତବ ପଦାର୍ଥରୁ ଗଠିତ ଡିଜିଟାଲ୍ ଘଣ୍ଟାଟିଏ ପରି ମଣିଷ ଜୀବନ । ଖୋଦିତ ହୋଇ ସଞ୍ଚିତ ଅଛି ଭବିଷ୍ୟତ କେତେ ଦିନକୁ ଦେଖେଇ ଚାଲିବ ଦିନବାର । ତା ପରେ ଶେଷ, ଆଉ ଆସିବ ନାହିଁ ଦିନବାରର ଧାରା । ସେମିତି ଜୈବ ପଞ୍ଚଭୂତରେ ଗଠିତ ପ୍ରାଣୀ ଇନ୍ଦ୍ରିୟାଦି କୌଶଳରେ ଜୀବନର ସନ୍ତୁଳନ ରଖି ସାମାଜିକ ଧର୍ମର ଅଭିଜ୍ଞତା ବଳରେ ମାନବିକତା ଓ ମହନୀୟତାର ଉଦାହରଣ ହୋଇପାରିବ ।

ଏହି ତତ୍ତ୍ୱରେ ଚାଳିତ ଜୀବନ ପ୍ରବାହ ବୁଦ୍ଧିମାନ ମଣିଷକୁ ବିଷାଦଗ୍ରସ୍ତ କରିଦିଏ । ବିଷାଦ ଦୂର କରିବା ପାଇଁ ପ୍ରାଣୀବିଜ୍ଞାନୀ ମାନେ ଅମର ମଣିଷ ସୃଷ୍ଟିକରିବାର ଯେତେ ଆଶା ବାନ୍ଧୁଛନ୍ତି, ତାହା ତଥାକଥିତ ସୃଷ୍ଟିଶକ୍ତି ଆଗରେ ପରାଜିତ ହୋଇ ପଡୁଛି । ମଣିଷ ଅମର ହୋଇ ପାରିବ ନାହିଁ, ଏଇଟା ଲିପିବଦ୍ଧ ହୋଇ ରହିଛି । ଜୀବନ ପ୍ରବାହର କ୍ଷୁଦ୍ରତମ ଜୀବକୋଷକୁ ପରୀକ୍ଷାଗାର ଗବେଷଣାରେ ବଂଶବୃଦ୍ଧିକରି ଚାଲିଲେ, ଗୋଟିଏ ସ୍ତରରେ ଆଉ ଏହା ବଢୁନାହିଁ, ବୁଢା ହୋଇଯାଉଛି, ସୃଷ୍ଟିଶକ୍ତି ହରାଉଛି । ଜୀବ କସ୍ମିନକାଳେ ଅମର ହୋଇ ପାରିବ ନାହିଁ, ଏଇଟା ନିରାଟ ସତ୍ୟ ।

କିନ୍ତୁ ଭଗବାନ ମଣିଷକୁ ଅମର କରିଛନ୍ତି ଏହି ପ୍ରକାର ସୃଷ୍ଟି ତତ୍ତ୍ୱକୁ ବାଟ କାଟି ଯିବାର ଏକ ଉପମାର୍ଗ ଦେଇ । ଜୀବନକାଳରେ ପ୍ରଜନନ କ୍ଷମତା ବଳରେ ସୃଷ୍ଟି ଆରମ୍ଭରୁ ପ୍ରାପ୍ତ ସମସ୍ତ ଗୁଣର ଶରୀରାନ୍ତର କରିଦେଇ । ସେହି ପଞ୍ଚଭୂତ କର୍ତ୍ତୃକ ଜନ୍ମ ନେଇ ସନ୍ତାନ ସନ୍ତତି ମାନେ ବାପ ମାଆଙ୍କର ବଂଶକଣିକା ବଳରେ ସେମାନଙ୍କର ପ୍ରତିରୂପକୁ ଦୀର୍ଘଜୀବୀ କରିଥାଆନ୍ତି । ତେବେ ଭଗବାନ ଯେ ନିଜ ସତ୍ୟର ବାଟକାଟି କରି, ଆମକୁ ଅମର କରି ଅଛନ୍ତି ଏମିତି ଆମେ କାହିଁକି ଅର୍ଥ ନ କରିବା ? ମନର ଯଦି ଶରୀରାନ୍ତର ଅଛି, ଶରୀରର ମଧ୍ୟପ୍ରତିରୂପ ରହିଛି । ସେଇଟା ଦୃଷ୍ଟି ସମ୍ମୁଖରେ ସମୟ ସ୍ରୋତକୁ ଜୟକରି ଗଡଚାଲିଛି ।

(ଅସମାପ୍ତ ରଚନାର ପାଣ୍ଡୁଲିପିରୁ)

✠✠✠✠

# ଅନୁଚିନ୍ତା - ଆଜିର ଜୀବନ

*ପ୍ରଫୁଲ୍ଲ କୁମାର ମହାପାତ୍ର*

ପ୍ରଖ୍ୟାତ ଅଣୁବିଜ୍ଞାନୀ ମରିସ୍ ଏଡିଙ୍ଗଟନ୍ କହିଥିଲେ, "Events donot happen, we go past them". ତାଙ୍କର ଏହି ଉକ୍ତିଟି ଜୀବନର ଏକ ଶିକ୍ଷଣୀୟ ସତ୍ୟ ପ୍ରକାଶ କରେ । ଜୀବନର ଯାହା ସବୁ ଘଟଣା ଦୁର୍ଘଟଣା ଆମ ସାମନାକୁ ଆସୁଛି, ସେ ସବୁର ନିରବଦ୍ରଷ୍ଟା ହୋଇ ସେଥିପାଇଁ ଭାଗ୍ୟକୁ ନିନ୍ଦିବା ବହୁ ଲୋକଙ୍କର ଜୀବନ ଦର୍ଶନ ହୋଇଥାଏ । ଭାରତୀୟ ନୀତି ପରମ୍ପରାରେ କର୍ମବାଦ ଏଭଳି ଜୀବନାଦର୍ଶର ଗୋଟିଏ ପ୍ରମୁଖ କାରଣ ବୋଲି ଧରିନିଆ ଯାଇଥାଏ । ମାତ୍ର କର୍ମବାଦରେ ଅଦୃଷ୍ଟ ବ୍ୟତୀତ ପୁରୁଷକାରର ମଧ୍ୟ ପ୍ରଭୂତ ପ୍ରଭାବ ରହିଛି – ଏ କଥା କର୍ମବାଦରେ ବିଶ୍ୱାସ କରୁଥିବା ପ୍ରାୟ ସବୁଲୋକ ଜାଣନ୍ତି । ନିଜ ପ୍ରଚେଷ୍ଟା ଦ୍ୱାରା ଘଟୁଥିବା ଘଟଣାର କେବଳ ଯଥୋଚିତ ସାମନା କରାଯାଇପାରେ, ଏ କଥା ନୁହେଁ; ଘଟିଯାଇଥିବା କେତେକ ଘଟଣାର କୁଫଳକୁ ମଧ୍ୟଅନେକାଂଶରେ ପ୍ରତିହତ କରିହୁଏ ବୋଲି ଶାସ୍ତ୍ର ସମର୍ଥନ ରହିଛି । 'ଦୈବାୟତ୍ତ କୁଳେ ଜନ୍ମ ମଦାୟତ୍ତ ପୌରୁଷମ୍' କର୍ଣ୍ଣଙ୍କର ଏହି ଉକ୍ତିର ତାତ୍ପର୍ଯ୍ୟ ସମସ୍ତେ ଜାଣନ୍ତି । ଘଟଣା ସବୁକୁ ନିଷ୍କ୍ରିୟ ଭାବରେ ଚୁପଚାପ୍ ଅତିକ୍ରମ ନ କରି ସେ ସବୁର ଯଥୋଚିତ ସାମନା କରି ଜୀବନକୁ ସୁପରିଚାଳିତ କରିବାର ସାମର୍ଥ୍ୟ ଊଣା ଅଧିକେ ସବୁ ସଚେତନ ବ୍ୟକ୍ତିଙ୍କର ଅଛି । ଘଟଣାକ୍ରମକୁ ଅତିକ୍ରମ କଲାବେଳେ ନିରବଦ୍ରଷ୍ଟା ନ ହୋଇ ସେଗୁଡିକର ସୁଫଳ ସଂଗ୍ରହ କରି ଜୀବନକୁ ସଜେଇବାରେ ଉତ୍କୃଷ୍ଟ ଜୀବନାଦର୍ଶ ପ୍ରତିଫଳିତ ହୋଇଥାଏ । କାଳେକାଳେ ଅସୁମାରି ବହୁବିଧ ଘଟଣାସବୁକୁ ନେଇ ଜୀବନ ବିତି ଚାଲିଛି ଏବଂ ସବୁକାଳରେ ସମସାମୟିକ ପରିସ୍ଥିତିର ଉପଯୁକ୍ତ ପ୍ରତିକାର କରିବାର ଶିକ୍ଷା ମୁନିଋଷି ଓ ଚିନ୍ତାନାୟକମାନେ ଦେଇ ଆସିଛନ୍ତି । ପରିବର୍ତ୍ତିତ ପରିସ୍ଥିତିରେ ଭଲମନ୍ଦ, କର୍ତ୍ତବ୍ୟ ଅକର୍ତ୍ତବ୍ୟ ଓ ଧର୍ମଧାରଣା ଆଦି ନୀତି ପ୍ରତ୍ୟୟର ପୁନର୍ବ୍ୟାଖ୍ୟା ମଧ୍ୟ କରାଯାଇଛି । କିନ୍ତୁ ସବୁ ସମୟରେ ମଣିଷର ଚିନ୍ତା ଓ ଅନ୍ଧବିଶ୍ୱାସବିବର୍ଜିତ ଧର୍ମୀୟ ଭାବନାର ପ୍ରାସଙ୍ଗିକତା ଅତୁଟ ରହିଛି । ବିକଳ୍ପ ବିଭାବବିଶିଷ୍ଟ ଆମ ସଂସ୍କୃତିର ଯଥାର୍ଥ ଅବବୋଧ ଏବଂମୂଲ୍ୟବୋଧ ବିଷୟରେ ମୁକ୍ତ ମାନସିକତା ସମସାମୟିକ ଅନେକ ସମସ୍ୟାର ସୁଧାର ଦିଗରେ ସହାୟକ ହେବ । (ଶେଷୋକ୍ତ ମତରେ ଯୁକ୍ତିସମର୍ଥିତ ବିଷଦ ଆଲୋଚନାରେ ଆଗ୍ରହୀ ପାଠକେ ଏହି ଲେଖକର ପୁସ୍ତକ ଭିନ୍ନଦୃଷ୍ଟିର ସାହାଯ୍ୟ ନେଇ ପାରନ୍ତି, ଯାହା କଳିଙ୍ଗ ପ୍ରକାଶନ, ଭୁବନେଶ୍ୱର ଦ୍ୱାରା ପ୍ରକାଶିତ)

ଏହି ପରିପ୍ରେକ୍ଷୀରେ ସାଂପ୍ରତିକ ଜୀବନରେ ଘଟୁଥିବା କିଛି ବିଶେଷ ଘଟଣା ଓ ତହିଁରୁ ଉପୁଜୁଥିବା କେତେକ ସମସ୍ୟାର ଆଲୋଚନା କରି ସେଗୁଡିକର ଯଥୋଚିତ ପ୍ରତିକାର ଦିଗରେ ସଚେତନ ବ୍ୟକ୍ତିଙ୍କର ସକ୍ରିୟ ଭୂମିକା ଦର୍ଶାଇବା ଏହି ପ୍ରବନ୍ଧର ଉଦ୍ଦେଶ୍ୟ ।

ବିଗତ କିଛିକାଳ ଧରି, ବିଶେଷ କରି ବିଂଶ ଶତାବ୍ଦୀର ଶେଷାର୍ଦ୍ଧରୁ ଏ ପର୍ଯ୍ୟନ୍ତ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅଭୂତପୂର୍ବ ପ୍ରଗତି ଘଟିଛି । ଏହାର ପ୍ରଭାବରେ ଆମ ଜୀବନ ଓ ବିଶ୍ୱାସଧାରାର ଦ୍ରୁତ ପରିବର୍ତ୍ତନ ମଧ୍ୟ ଘଟିଚାଲିଛି । ଜୀବନଧାରଣର ସ୍ୱାଚ୍ଛନ୍ଦ୍ୟ, ମୁଣ୍ଡପିଛା ଆୟ ଓ ସ୍ୱାସ୍ଥ୍ୟବ୍ୟବସ୍ଥା, ଚିକିତ୍ସା ବିଜ୍ଞାନ, ପରିବେଶ ଜ୍ଞାନ ଏସବୁ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଦେଖାଦେଇଛି । ନିଯୁକ୍ତି ଯୋଗ୍ୟତା ଓ ବ୍ୟବସାୟିକ ସଫଳତା ଶିକ୍ଷାର ମାପକାଠି ହୋଇଥିବା ସ୍ଥଳେ ମୋଟ ଜାତୀୟ ଉତ୍ପାଦର ବୃଦ୍ଧି, ଉନ୍ନତ ମୁଣ୍ଡପିଛା ଆୟ, ଏପରିକି ଦୃଷ୍ଟି ଆକର୍ଷକ ବିଳାସପୂର୍ଣ୍ଣ ଉପଭୋଗ ଆର୍ଥିକ ପ୍ରଗତିର ସୂଚକାଙ୍କ ହୋଇଛି । ଆଉ ଏସବୁର ସାଧଭାବରେ ଶିଳ୍ପାୟନ ଓ ସହରୀକରଣକୁ ପ୍ରାଧାନ୍ୟ ଦିଆଯାଉଛି ।

ପ୍ରଗତିର ଏହି କୋଳାହଳ ଭିତରେ ଆମେ କ'ଣ ପାଉଛୁ ଏବଂ କ'ଣ ସବୁ ହରାଇବସୁଛୁ, ତା'ର ହିସାବ ରଖିବାକୁ ସମୟ କି ଆଗ୍ରହ ନାହିଁ । ଏଣେ ଶିଳ୍ପାୟନଲବ୍ଧ ପ୍ରାଚୁର୍ଯ୍ୟ ଆମ ଆବଶ୍ୟକତା ପୂରଣ କରିବା ପରିବର୍ତ୍ତେ ସେହି ଆବଶ୍ୟକତାର ମାତ୍ରାବୃଦ୍ଧି କରିଚାଲିଛି । ବିଜ୍ଞାନର ପ୍ରସାର ଫଳରେ ଆମ ଜ୍ଞାନ ଓ ବିଚାରକ୍ଷମତା ବଢିବା ତୁଳନାରେ ବୈଜ୍ଞାନିକ ପ୍ରକ୍ରିୟାର ବିନାଶକାରୀ ଦିଗରେ ସ୍ୱଷ୍ଟଭାବରେ ବୃଦ୍ଧିଘଟୁଛି । "ବିଦ୍ୟା ବିବାଦାୟ ଧନଂ ମଦାୟଂ" ନୀତିରେ ବିଜ୍ଞାନ ପ୍ରଯୁକ୍ତିବିଦ୍ୟାର କୁପରିଣାମ ସାଂପ୍ରତିକ ଜୀବନଯାତ୍ରାକୁ ଅଶାନ୍ତ ଓ ଉଦ୍‌ବେଳିତ କରୁଛି । ଆଧୁନିକ ଦୁନିଆ ହିଟ୍‌ଲରଙ୍କ ଅମାନୁଷିକ ସଂଖ୍ୟାଲଘୁ ଜିଉ ସମ୍ପ୍ରଦାୟ ଉପରେ ନିର୍ମମ ଗଣସଂହାର ଦେଖିଛି, ଦେଖିଛି ପରିମାଣୁ ବୋମା ପ୍ରୟୋଗର ପ୍ରଳୟ । ଖାଲି ସେତିକି ନୁହେଁ, ବିଗତ ଛଅ ଦଶନ୍ଧିରୁ ଅଧିକକାଳ ସାରା ବିଶ୍ୱ, ସମଗ୍ର ସଭ୍ୟଜଗତ ତଥାକଥିତ ଜ୍ଞାନଦୀପ୍ତ ପ୍ରଖର

ପ୍ରଭାବଶାଳୀ ମଣିଷ ଅସହାୟ ଭାବରେ ସମ୍ଭାବ୍ୟ ଆଣବିକ ଯୁଦ୍ଧର ପ୍ରଚ୍ଛନ୍ନ ଭୟ ଭିତରେ ବଞ୍ଚିବାକୁ ବାଧ ହେଉଛି । ଏହି ପରିସ୍ଥିତିରେ ବିଜ୍ଞାନ ଭିତରୁ ବଞ୍ଚିବାର ନିଶ୍ଚିତ ପ୍ରତିଶ୍ରୁତି ଓ ସ୍ୱାଚ୍ଛନ୍ଦ୍ୟସଂପନ୍ନ ଜୀବନର ସମ୍ଭାବନା ଖୋଜିବା ଅସମ୍ଭବ ନ ହେଲେ ମଧ୍ୟକଷ୍ଟସାଧ ମନେ ହେଉଛି । ବିଜ୍ଞାନର ଛତ୍ରଛାୟାତଳେ ନିଜକୁ ନିରାପଦ ମଣିବା ବଦଳରେ ବିନାଶର ଆଶଙ୍କା ଆଜିର ମଣିଷକୁ ତ୍ରସ୍ତ, ବିବ୍ରତ କରିପକାଉଛି । ସୁଜଳା ସୁଫଳା ଶସ୍ୟଶ୍ୟାମଳା ଗାଁ ସବୁ ସହରକୁ ପଟ ପାଲଟୁଛନ୍ତି, ସହର ସବୁ ନଗରକୁ ବଢ଼ିବାରେ ଲାଗିଛନ୍ତି । ଛୋଟ ଛୋଟ କାରଖାନା ବଡ ବଡ ବହୁଜାତୀୟ ସଂସ୍ଥା ପାଲଟି ନିଜର ମଦମତ୍ତ ଅସ୍ତିତ୍ୱ ପ୍ରସାର କରିବାରେ ବ୍ୟସ୍ତ । କିନ୍ତୁ ଯେଉଁ ଜନପଦର ପାଣି ପବନ ଓ ଅନ୍ତରଙ୍ଗ ପରିବେଶରେ ଆମେ ପୁଷ୍ଟ ହେଉଛୁ, ତା ବିଷୟରେ ଚିନ୍ତା କରିବାକୁ ଆମେ ଭୁଲିଯାଉଛୁ । ସାରା ବିଶ୍ୱର ସମୃଦ୍ଧି, ଜାଗତିକ ପରିବେଶର ସୁକ୍ଷ୍ମ ସନ୍ତୁଳନ ବ୍ୟବସ୍ଥା – ଏସବୁ ନେଇ ବିଶ୍ୱସ୍ତରରେ ମାନସମନ୍ଥନ ବଢ଼ିଚାଲିଛି, ମାତ୍ର ନିକଟତମ ଚୌହଦୀ ଆମର ଦୀପତଳ ଅନ୍ଧାର ଭିତରେ ହଜିଯାଉଛି । ଫେସ୍‌ବୁକ୍, ଟ୍ୱିଟର ଆଦି ଇଲେକ୍‌ଟ୍ରୋନିକ୍‌ସ ଗଣମାଧ୍ୟମ ସାହାଯ୍ୟରେ ଆମେ ବହୁ ଲୋକଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ପାଉଛୁ ସତ, ମାତ୍ର ଖୁବ୍ କମ୍ ଲୋକଙ୍କୁ ଅନ୍ତରଙ୍ଗତାର ବନ୍ଧନରେ ବାନ୍ଧିପାରୁଛୁ । ପାଖଘର ପଡୋଶୀର ଦୁଃଖସୁଖରେ ସମଭାଗୀ ହେବା ତ ଦୂରର କଥା, ତାଙ୍କ ଭଲମନ୍ଦର ଖବର ରଖିବାର ମାନସିକତା ଏବେ ବିରଳ ହୋଇପଡିଛି । ଜଗତୀକରଣର ମହାଭାବରେ ଉଦବୁଦ୍ଧ ହୋଇ ସମଗ୍ର ଜନସମାଜରେ ଆବଶ୍ୟକତା ଓ କଲ୍ୟାଣ ପ୍ରତି ଅଭୂତପୂର୍ବ ସଚେତନତା ଆମ ଭିତରେ ସୃଷ୍ଟି ହେଉଛି, ମାତ୍ର ଅତି କମ୍ ସଂଖ୍ୟକ ଲୋକ ଆଜି ଆମ ପ୍ରତ୍ୟକ୍ଷ ଦାୟିତ୍ୱ ଓ ସମବେଦନାର ପାତ୍ର ।

ବୈଜ୍ଞାନିକ ପ୍ରଗତିର ବିରୋଧ କରିବା କିମ୍ବା ମଧ୍ୟଯୁଗୀୟ ଜୀବନଧାରାକୁ ଝୁରିହେବା ପ୍ରବନ୍ଧର ଉଦ୍ଦେଶ୍ୟ ନୁହେଁ । କିନ୍ତୁ ବିଜ୍ଞାନଲବ୍ଧ ଜ୍ଞାନକୌଶଳର ଦୁରୁପଯୋଗ ସାଂପ୍ରତିକ ସ୍ଥିତିରେ ସବୁଠୁ ବଡ ସମସ୍ୟା ହୋଇ ଛିଡା ହୋଇଛି । ଏହାକୁ ଅଣଦେଖା କରି ହେଉନାହିଁ । ଆଧୁନିକ ମଣିଷର ଦୁର୍ଦ୍ଦମ ଜିଗୀଷାର ଅଗ୍ନିସ୍ଫୁଲିଙ୍ଗ ଭିତରେ ଜିଜ୍ଞାସାର ଦୀପଶିଖା ନିଷ୍ପ୍ରଭ ହେଉଛି । ଜିଜ୍ଞାସା ଯଦି ଜିଗୀଷାର ରୂପନିଏ ତେବେ ଲବ୍ଧ ଜ୍ଞାନର ସଦୁପଯୋଗ ପ୍ରାଧାନ୍ୟ ହରାଏ ଏବଂ ଜ୍ଞାନୀର 'ପ୍ରଭୁ' ମାନସିକତା ପରୋକ୍ଷରେ ପ୍ରଚ୍ଛନ୍ନ ଭାବରେ ଆତ୍ମପ୍ରକାଶ କରେ । ଜ୍ଞାନକୌଶଳ ବଳରେ ପ୍ରକୃତିକୁ ଆଜ୍ଞାଧୀନ କରିବା, ସମଗ୍ର ଜୀବଜଗତର ସର୍ବମୟ କର୍ତ୍ତା ହେବାର ଆତ୍ମତୃପ୍ତି ଭିତରେ ଆମେ ପ୍ରାୟ ଭୁଲି ଯାଉଛୁ ଯେ, ପ୍ରକୃତି ଓ ଜୀବଗୋଷ୍ଠୀ ଭିତରେ ଆମେ ମଣିଷମାନେ କେବଳ ଏକ ଅନ୍ୟତମ ପ୍ରଜାତି, ଏବଂ ଏହି ପ୍ରଜାତି ଅନ୍ୟମାନଙ୍କ ତୁଳନାରେ ସର୍ବକନିଷ୍ଠ ଏବଂ ସୃଷ୍ଟିର ବହୁ ପରବର୍ତ୍ତୀ ପର୍ଯ୍ୟାୟରେ ସମ୍ଭୂତ । ଅବଶ୍ୟ ମଣିଷ ସବୁ ପ୍ରଜାତି ଭିତରେ ଶ୍ରେଷ୍ଠ, ମାତ୍ର ଏହି କାରଣରୁ ତାର ଅନ୍ୟ ପ୍ରଜାତିଙ୍କ ଉପରେ ପ୍ରଭୁତ୍ୱ ଦେଖାଇବା ଯଥାର୍ଥ ନୁହେଁ । ମଣିଷର ଶ୍ରେଷ୍ଠତ୍ୱ ତା'ର ଅନ୍ତର୍ନିହିତ ବିଚାରକ୍ଷମତା ଏବଂ ମାନବୀୟ ମୂଲ୍ୟବୋଧ ଯୋଗୁ ଉପଲବ୍ଧ । ଏହି ବିଚାରକ୍ଷମତା ଓ ମୂଲ୍ୟବୋଧର ଆଧାରରେ ବିଜ୍ଞାନର ସଦୁପଯୋଗ ସମ୍ଭବ ହୋଇପାରିବ । ଅନ୍ୟଥା ବିଜ୍ଞାନ କେବଳ ବିନାଶର ବାଟଫିଟାଇବ ନାହିଁ, ଅବକ୍ଷୟୋନ୍ମୁଖୀ ଅଥବା ଅସ୍ପଷ୍ଟ, ଅନିଶ୍ଚିତ ମୂଲ୍ୟବୋଧର ମଧ୍ୟସହାୟକ ହେବ ।

ଉଦାହରଣ ରୂପେ ପରିମଳ ବ୍ୟବସ୍ଥା, ଚିକିତ୍ସାବିଜ୍ଞାନର ଅଗ୍ରଗତିକୁ ବିଚାର କରାଯାଉ । ଏହି କ୍ଷେତ୍ରରେ ଗବେଷଣାର ଉତ୍କର୍ଷ ହେତୁ ମଣିଷ ଆଜି ଦୀର୍ଘ ଜୀବନ ଲାଭ କରିପାରୁଛି । କିନ୍ତୁ ତା ଫଳରେ ଆମ ମୂଲ୍ୟବୋଧରେ ଅଦ୍ଭୁତ ପରିବର୍ତ୍ତନ ଘଟୁଛି ଏବଂ କିଛି ଗୁରୁତ୍ୱପୂର୍ଣ୍ଣ ନୀତି ପ୍ରତ୍ୟୟର ସଂଜ୍ଞା ମଧ୍ୟଦିନକୁ ଦିନ ଅସ୍ପଷ୍ଟ, ଅନିଶ୍ଚିତ ଅଥବା ବିବାଦୀୟ ହେବାରେ ଲାଗିଛି । ଯାହା ଫଳରେ ଚିକିତ୍ସାବିଜ୍ଞାନ କ୍ଷେତ୍ରରେ ଭିନ୍ନଭିନ୍ନ ନୀତି ସଂକଟର ଉଦ୍‌ଭବ ହେବାର ଦେଖାଯାଉଛି । ଦୀର୍ଘଜୀବନ ନିରାମୟ ତ ହେଉନାହିଁ, ବରଂ କଷ୍ଟ ଓ ଯନ୍ତ୍ରଣା ଏପରି ଜିଇଁବାର ଆନୁଷଙ୍ଗିକ ଅବସ୍ଥା ହେବାର ଦୃଷ୍ଟାନ୍ତବହୁଳ ହେଉଛି । ମେଡିକାଲ ଏଥିକ୍ସରେ ବହୁଚର୍ଚ୍ଚିତ ପ୍ରଶ୍ନ ହେଉଛି – ଏପରି ଦୁଃଖଦ ଅବସ୍ଥା ଭୋଗୁଥିବା ବ୍ୟକ୍ତିପାଇଁ ଆଉ ଅଧିକ କାଳ ବଞ୍ଚିବା ଉଚିତ ହେବ ନା ତାଙ୍କ ହିତ (?) ଦୃଷ୍ଟିରୁ ତାଙ୍କର ସହଜମୃତ୍ୟୁ ଘଟାଇବା ଅଧିକ ସମୀଚୀନ ହେବ? କଣେ ଯନ୍ତ୍ରଣା ଜର୍ଜରିତ ଦୁରାରୋଗ୍ୟ ବ୍ୟାଧିଗ୍ରସ୍ତ ଲୋକଟିର ଦୁର୍ବିସହ ଜୀବନକୁ ଯଥାର୍ଥ ଜୀବନ ବୋଲି କୁହାଯିବ କି? ଦୀର୍ଘକାଳ ଧରି ଚେତନାରହିତ 'ବ୍ରେନ ଡେଡ୍' ଅବସ୍ଥାରେ ରହିଥିବା ଲୋକଟିର ଜୀବନ "ଜୀବନ" ପଦବାଚ୍ୟ ହେବ କି? ଏଠି କେବଳ ବଞ୍ଚିବାର ଆବଶ୍ୟକତା ଉପରେ ପ୍ରଶ୍ନ ଉଠୁନାହିଁ । 'ଜୀବନ'ର ସଜ୍ଞା ମଧ୍ୟ ବଦଳାଇବାର ଅବକାଶ ଉପୁଜୁଛି । ଦୁର୍ନିବାର ଯନ୍ତ୍ରଣାରୁ ମୁକ୍ତି ଦେଇ ରୋଗୀଟିଏ ମୃତ୍ୟୁ ଘଟାଇଥିବା କିମ୍ବା ଚିକିତ୍ସା ଓ ଲାଇଫ ସପୋର୍ଟଯନ୍ତ୍ର ବନ୍ଦ କରିଦେଇଥିବା ଚିକିତ୍ସକଙ୍କୁ ହତ୍ୟାଦୋଷ ଲାଗିବା ଉଚିତ ହେବ କି? ଏପରି କରିବା ନୈତିକତା ବିରୋଧି କାର୍ଯ୍ୟ ହେବ କି? ଏଠାରେ ମନେପଡେ ନାଟ୍ୟକାର ଶ୍ରୀ କୁଞ୍ଜ ରାଏଙ୍କର "ଅଗ୍ନିସ୍ନାନ" ନାଟକରେ ଉଦ୍‌ବେଳିତ ବ୍ୟାକୁଳ ଚେତନା । 'ପାରାପ୍ଲେଜିଆ' ନାମକ ଦୁରାରୋଗ୍ୟ ଯନ୍ତ୍ରଣାସଙ୍କୁଳ ବ୍ୟାଧିରେ ପୀଡିତ ଅସହାୟ ପୁତ୍ରଟିର ଦୁଃଖରେ ମ୍ରିୟମାଣ ହୋଇ ଦୁଃଖବିଧୁରା ଜନନୀ ତାର ହାତ ପାଆନ୍ତାରେ ରଖିଦେଇଛନ୍ତି ଏପରି ଏକ ବିଷାକ୍ତ ଔଷଧ, ଯାହାର ମାତ୍ରାଧିକ ସେବନରେ ପ୍ରାଣହାନି ଘଟିବା ଅବଶ୍ୟମ୍ଭାବୀ । ପରିଣାମ ତାହା ହିଁ ହୋଇଛି ଏବଂ ମାତ୍ରାଧିକ ବିଷାକ୍ତ ଔଷଧ ସେବନ ହେତୁ ପୁତ୍ର ମୃତ୍ୟୁବରଣ କରିଛି । ଯନ୍ତ୍ରଣା ଜର୍ଜରିତ ଆତ୍ମଜ ପାଇଁ ମୃତ୍ୟେତର ବିକଳ୍ପ ନ ଦେଖି ଜନ୍ମଦାତ୍ରୀ ଜନନୀ ଏଠି ଯାହା କଲେ, ତାହା କ'ଣ ପୁତ୍ରହତ୍ୟା ଦୋଷରେ ଗଣନା ହେବ କି? ଅବା କ'ଣ ତାହା ନିର୍ବିବାଦରେ ଅନୈତିକ ଆଚରଣ ବୋଲି କୁହାଯାଇ ପାରିବ? ଏ ସମସ୍ତ ପ୍ରଶ୍ନ ଅତ୍ୟନ୍ତ ଜଟିଳ ଏବଂ ଅତିମାତ୍ରାରେ ବିବାଦୀୟ । କିନ୍ତୁ 'ଆପଦ୍ ଧର୍ମ'ର ଆଧାରରେ ନୀତି ଓ ମୂଲ୍ୟବୋଧର ମୁକ୍ତ ବିଚାର କରି ଏଗୁଡିକର ଉତ୍ତର ଖୋଜିଲେ ଜନମଙ୍ଗଳକାରୀ ସୁଫଳ ମିଳିବାର ସମ୍ଭାବନା ଅଧିକ ହେବ ।

ମୂଲ୍ୟବୋଧ ଓ ନୈତିକତା ପରିପ୍ରେକ୍ଷୀରେ ବୈଜ୍ଞାନିକ ପ୍ରଗତିର ଅନ୍ୟ ଏକ ଦିଗର ଆଲୋଚନା କରିବା । ଆୟୁର୍ବିଜ୍ଞାନର ଚମତ୍କାରୀ ସଫଳତା ଫଳରେ ଦୀର୍ଘଜୀବୀ ହେବାରେ ସକ୍ଷମ ହୋଇଥିବା ଆମ ବର୍ଷୀଆନ ଗୁରୁଜନ ମାନଙ୍କ କଥା ବିଚାର କରିବା । ଏପରି ଲୋକେ ସାଧାରଣତଃ ଦୁର୍ବଳ, ରୋଗାକ୍ରାନ୍ତ ହୋଇ ବଞ୍ଚନ୍ତି ଏବଂ ସନ୍ତାନ ସନ୍ତତି କିମ୍ବା ପରିବାର ଲୋକଙ୍କ ସେବା ସହାନୁଭୂତି ଉପରେ ନିର୍ଭର କରିଥାଆନ୍ତି । କିନ୍ତୁ ବିଗତ ଦିନମାନଙ୍କରେ ଏଭଳି ଲୋକଙ୍କ ପ୍ରତି ପରିବାରବର୍ଗ ଯେଉଁଭଳି କର୍ତ୍ତବ୍ୟ ସମ୍ପାଦନ କରୁଥିଲେ, ତାହା ସାଂପ୍ରତିକ ସ୍ଥିତିରେ ଦେଖିବାକୁ ମିଳୁନାହିଁ । ଏହାର କାରଣ ହୁଏତ ଅନେକ । ଜୀବିକା ଓ ସଫଳତା ପଛରେ ଧାଇଁ ଧାଇଁ ନୟାନ୍ତ ଆଜିର ମଣିଷ, ଯାହା ପାଖରେ ବୟସ୍କ ଗୁରୁଜନମାନଙ୍କ ପାଇଁ ସମୟ ତ ନାହିଁ, ସେମାନଙ୍କ ସଙ୍ଗେ ଏକତ୍ର ରହିବା ମଧ୍ୟସମ୍ଭବ ହେଉନାହିଁ । ଫଳରେ 'ସେବା', କର୍ତ୍ତବ୍ୟ' ଓ 'ଦାୟିତ୍ୱ' ଆଦି ନୀତି ପ୍ରତ୍ୟୟ ଗୁଡ଼ିକର ସଂଜ୍ଞା ଓ ଢାଞ୍ଚାରେ ଉଦ୍‌ବେଗଜନକ ପରିବର୍ତ୍ତନ ପରିଲକ୍ଷିତ ହେଉଅଛି । ପାରିବାରିକ ଦାୟିତ୍ୱ ଆଜି ସମାଜ, ଅନୁଷ୍ଠାନ କିମ୍ବା ଶାସନ ବ୍ୟବସ୍ଥାର ଦାୟିତ୍ୱରେ ରୂପାନ୍ତରିତ ହେବାରେ ଲାଗିଛି । ଅଥବା ତାଲିମପ୍ରାପ୍ତ ପ୍ରଫେସନାଲଙ୍କ ହାତରେ ବୟସ୍କ ମାନଙ୍କର ସେବା ନ୍ୟସ୍ତ କରି ପରିବାର ଲୋକମାନେ ଓ ସନ୍ତାନ ସନ୍ତତି ମାନେ କର୍ତ୍ତବ୍ୟ' ସମ୍ପାଦନ କରିବାର ଦେଖାଯାଉଛି । ଉଭୟ କ୍ଷେତ୍ରରେ ସେବା ଓ କର୍ତ୍ତବ୍ୟ ଅଧିକରୁ ଅଧିକ ଅବୈକ୍ତିକ ଓ ଆବେଗଶୂନ୍ୟ ହେବାରେ ଲାଗିଛି । ପରିବାର ବିଶେଷ କରି ସନ୍ତାନ ମାନଙ୍କର ଏପରି ଭାରାର୍ପିତ କର୍ତ୍ତବ୍ୟ ସମ୍ପାଦନ ବ୍ୟବସ୍ଥାରେ କର୍ତ୍ତବ୍ୟ ଓ ଦାୟିତ୍ୱ କେବଳ ଅବୈକ୍ତିକ ହେଉନାହିଁ, ଏଥିରେ କୃତ୍ରିମତାର ଦୁଃଖଦ ଚିତ୍ର ସ୍ପଷ୍ଟ ହୋଇ ଉଠୁଛି । ହୁଏତ ଏଥିପାଇଁ ଆଧୁନିକ ଜୀବନଧାରା ଓ କାର୍ଯ୍ୟଶୈଳୀ ଅନେକାଂଶରେ ଦାୟୀ, ଯାହା ଫଳରେ ପିଲାମାନଙ୍କର ପିତାମାତାଙ୍କ ପାଇଁ ସମୟ ନାହିଁ, ଏପରିକି ପିତାମାତାଙ୍କର ମଧତାଙ୍କ ପିଲାପିଲିଙ୍କ ପାଇଁ ସମୟ ନାହିଁ । କିନ୍ତୁ ଥରେ ଭାବନ୍ତୁ, ସମୟ କାହିଁକି ନାହିଁ ? ଉପାର୍ଜନ, କ୍ୟାରିଅର୍ ଆଉ ସଫଳତାକୁ ଅନୁଧାବନ କରିବାର ଲକ୍ଷ୍ମଣ ରେଖାଟି କେଉଁଠି ? ଆବଶ୍ୟକତା ଯେତେବେଳେ ଲୋଭର ରୂପ ନେଇ ବଢ଼ିବଢ଼ି ଚାଲେ, ତା'ର ସୀମା ଖୋଜିବା ନିରର୍ଥକ ହୋଇପଡ଼େ । ଏ ପ୍ରସଙ୍ଗରେ ଯଥାର୍ଥରେ କୁହାଯାଇଛି –

ଇଚ୍ଛତି ଶତୀ ସହସ୍ରଂ, ସହସ୍ରୀ ଲକ୍ଷମିହତେ ।
ରକ୍ଷାଧୀପସ୍ତଥା ରାଜ୍ୟଂ, ରାଜ୍ୟସ୍ଥ ସ୍ୱର୍ଗମିହତେ । ।

ଆଧୁନିକ ମଣିଷ ପାଇଁ ତ ଆକାଶ ହିଁ ପରିସୀମା (Sky is the limit) । ଲୋଭ ଆଉ ଉଚ୍ଚାକାଂକ୍ଷାର ସୀମା ହିଁ ନ ଥାଏ । ପ୍ରଗତି ଓ ସଫଳତାର ଇଏ କି ବିଚିତ୍ର ବିଡମ୍ବନା !

ଆଧୁନିକ ଜୀବନର ଆବଶ୍ୟକତା ପୂରଣ କରିବାପାଇଁ ଅର୍ଥ ଉପାର୍ଜନ ଅବଶ୍ୟ ପ୍ରୟୋଜନ, ସ୍ୱଚ୍ଛନ୍ଦ ଜୀବନ ଯାପନ ପାଇଁ କିଛି ପ୍ରମୁଖ ଆବଶ୍ୟକୀୟ ସାମଗ୍ରୀ କିଣିବାର ସାମର୍ଥ୍ୟ ଅବଶ୍ୟ ବାଂଛନୀୟ । କିନ୍ତୁ ମାନବୀୟ ମୂଲ୍ୟବୋଧ, ସ୍ନେହ, ପ୍ରେମ, ସମ୍ପର୍କ-ବନ୍ଧନ ଭଳି ଯେଉଁସବୁ ଅମୂଲ୍ୟ ସମ୍ପଦ ଅର୍ଥଦ୍ୱାରା କିଣି ହେବନାହିଁ, ଅର୍ଥ ସଂଗ୍ରହଣ ପ୍ରକ୍ରିୟାରେ ସେ ସବୁକୁ ହରାଇ ବସିବା ବାଂଛନୀୟ ହେବ କି ? ବିଜ୍ଞାନର ଅଗ୍ରଗତି, ଆର୍ଥିକ ସମୃଦ୍ଧି ସଙ୍ଗେସଙ୍ଗେ ଉପଯୁକ୍ତ ମୂଲ୍ୟବୋଧ, ଧର୍ମୀୟ ବିଶ୍ୱାସ ଓ ନୈତିକ ଚେତନାର ହ୍ରାସ ଘଟିବା ମଧ୍ୟ ଆଜିର ଜୀବନରେ ପରିଦୃଷ୍ଟ ହେଉଛି ।

ତତ୍ତ୍ୱ ଓ ତର୍କ ଦୃଷ୍ଟିରୁ କିନ୍ତୁ ଏ ଦୁଇଟି ଭିତରେ କୌଣସି ଅନିବାର୍ଯ୍ୟ ସମ୍ପର୍କ ନାହିଁ । ଅର୍ଥାତ୍ ବିଜ୍ଞାନ ଏବଂ ଧର୍ମ, ଦର୍ଶନ ଭିତରେ କିଛି ଗୁରୁତ୍ୱପୂର୍ଣ୍ଣ ବିରୋଧ ନାହିଁ । ସେପରି ହୋଇଥିଲେ ଆଇନ୍‌ଷ୍ଟାଇନ୍ ଓ କାପ୍ରାଙ୍କ ଭଳି ସମ୍ଭ୍ରାନ୍ତ ବୈଜ୍ଞାନିକ ମାନେ ପ୍ରାଚ୍ୟ ପରମ୍ପରାର ଆଧ୍ୟାତ୍ମିକ ପ୍ରଜ୍ଞାଭିତରେ ବିଜ୍ଞାନର କିଛି ଦାର୍ଶନିକ ଯଥାର୍ଥତା ଖୋଜି ନ ଥା'ନ୍ତେ । ଜୀବନ ଓ ଜଗତ ସମ୍ପର୍କରେ ପରମ ସତ୍ୟର ଉପଲବ୍ଧି ପାଇଁ ବୈଜ୍ଞାନିକ ତଥ୍ୟ ଓ ଯୁକ୍ତି ଅପେକ୍ଷା ଆଧ୍ୟାତ୍ମିକ ପ୍ରଜ୍ଞା ଏବଂ ଅନ୍ତରାତ୍ମାର ନିର୍ଦ୍ଦେଶ ଶ୍ରେଷ୍ଠତର ମାଧ୍ୟମ ବୋଲି ଆଇନ୍‌ଷ୍ଟାଇନ୍ ତାଙ୍କ ପୁସ୍ତକ 'Out of my later years'ରେ ମତବ୍ୟକ୍ତ କରିଛନ୍ତି । ବିଶିଷ୍ଟ ପଦାର୍ଥବିଜ୍ଞାନୀ ଫ୍ରିଟ୍‌ଜଫ୍ କାପ୍ରା ସମସାମୟିକ ପଦାର୍ଥବିଦ୍ୟାର ଉପଯୁକ୍ତ ଦାର୍ଶନିକ ଆଧାରରେ ଅନ୍ୟତମ ବିଶିଷ୍ଟ ପଦାର୍ଥବିଜ୍ଞାନୀ ରୋଜର୍ ପେନସରୋଜ୍ ତାଙ୍କ ଲେଖାମାନଙ୍କରେ ବିଶେଷକରି ତାଙ୍କ ପୁସ୍ତକ 'Emperor's New Mind'ରେ ବିଜ୍ଞାନ ଓ ଦର୍ଶନର ଗଭୀର ସଂପର୍କରେ ଉଲ୍ଲେଖ କରିଛନ୍ତି ।

ଦାର୍ଶନିକ ମୁକ୍ତ ବିଚାର ଏବଂ ମାନବୀୟ ମୂଲ୍ୟବୋଧକୁ ପ୍ରାଧାନ୍ୟଦେଇ ଅନ୍ୱେଷଣ କଲେ, ବିଜ୍ଞାନଲବ୍ଧ ଜ୍ଞାନର ସଦୁପଯୋଗ କରିବାର ପଥ ସୁଗମ ହେବ । ଏହି ଦୃଷ୍ଟିରୁ ଆଜିକାଲିର ଚିକିତ୍ସା ବିଜ୍ଞାନ, ଜୀବ ବିଜ୍ଞାନ ଓ ପରିବେଶ ବିଜ୍ଞାନ ଆଦି ବିଭିନ୍ନ କ୍ଷେତ୍ରରେ ନୈତିକତା ଓ ନୀତି ଦର୍ଶନର ଉପଯୋଗ ଉପରେ ଗୁରୁତ୍ୱ ଦିଆଯାଉଛି । ନୀତି ଦର୍ଶନର ତାତ୍ତ୍ୱିକ ଆଧାରରେ ସୁପ୍ରତିଷ୍ଠିତ ହେଲେ ବିଜ୍ଞାନର ସୁଫଳ ମିଳିବା ଅବଶ୍ୟାମ୍ଭାବୀ । ଏହି ପରିପ୍ରେକ୍ଷୀରେ ବିଜ୍ଞାନ ଓ ଦର୍ଶନ ଉଭୟର ବିଶିଷ୍ଟ ଦ୍ରଷ୍ଟା ରେନେ ଦେକାର୍ତ୍ତ ଯଥାର୍ଥରେ ବିଜ୍ଞାନକୁ ପ୍ରାୟୋଗିକ ଦର୍ଶନ ବୋଲି ଅଭିହିତ କରିଥିଲେ । ନୈତିକ ଓ ଦାର୍ଶନିକମାନସିକତାରେ ବିଜ୍ଞାନର ଉପଯୋଗ ହୋଇପାରିଲେ ଦେକାର୍ତ୍ତଙ୍କ ଉକ୍ତିର ଯଥାର୍ଥତା ଉପଲବ୍ଧ ହେବ ଏବଂ ଆମ ଜୀବନରେ ଭବ୍ୟ ସମୃଦ୍ଧିର ସମ୍ଭାବନା ସମୁଜ୍ଜ୍ୱଳ ହେବ ।

(ଗତ ପୂଜାସଂଖ୍ୟା ଆବର୍ତ୍ତରେ ପ୍ରକାଶିତ ପ୍ରବନ୍ଧର ପରିବର୍ଦ୍ଧିତ ପ୍ରକାଶ)

*ଶୌନକ,* ଏଚ୍. ଆଇ. ଜି.–୧୯୪
କଳିଙ୍ଗ ବିହାର, ଭୁବନେଶ୍ୱର–୭୫୧୦୧୯
ମୋ: ୯୪୩୭୧୦୧୫୧୧

✠✠✠✠

# ବ୍ୟବସାୟ

*ଶିବ ପ୍ରସାଦ ରଥ*

ମାଧବବାବୁ ଟହଲ ମାରୁଛନ୍ତି ବହୁତଳ ଡାକ୍ତରଖାନାର ଆଇ.ସି.ୟୁ. କକ୍ଷ ସାମନାରେ । ମାସେ ପୂରିବାକୁ ମାତ୍ର ଦିନଟିଏ ଅଛି ଏଠାରେ ରହିବାର । ହେଲେ ତାଙ୍କର ସ୍ତ୍ରୀ ଦମୟନ୍ତୀ ଦେବୀ ଏବେ ବି ସେମିତି ଚେତାଶୂନ୍ୟ ହୋଇ ଭେଣ୍ଟିଲେଟର୍ ମାଧ୍ୟମରେ ଯାହା ବଞ୍ଚି ରହିଛନ୍ତି । ଜ୍ୱର କାରଣରୁ ଏଠାରେ ଭର୍ତ୍ତି ହୋଇଥିଲେ । ସାଧାରଣ ୱାର୍ଡରେ ଚେତା ଚାଲିଯିବାରୁ ଏଠାକୁ ସ୍ଥାନାନ୍ତର କରାଯାଇଛି । ଅଣତିରିଶ ଦିନ ହେବ ମୃତ୍ୟୁସହ ସଂଗ୍ରାମ କରି ସିଏ ବଞ୍ଚିରହିଛନ୍ତି ବୋଲି ଏଠିକାର ଇନଚାର୍ଯ ଚିକିତ୍ସକ କହୁଛନ୍ତି ।

ଦମୟନ୍ତୀ ଯେ ଭଲହେବେ, ଏ ବିଶ୍ୱାସ ମାଧବବାବୁଙ୍କର ନାହିଁ । ବାଆସ୍ତରି ବର୍ଷର ଦମୟନ୍ତୀ ବହୁ ରୋଗରେ ପୀଡିତା । ରକ୍ତଚାପ ଓ ଡାବିଟିସ୍ ପରି ଦୀର୍ଘଦିନର ବ୍ୟାଧିପାଇଁ ବହୁକାଳରୁ ଚିକିତ୍ସିତ ହେଉଛନ୍ତି । ତା ସାଙ୍ଗକୁ ପ୍ରବଳ ଜ୍ୱର । ବାଉଳା ଚାଉଳା ହୋଇ ଏଠାକୁ ଆସିଲେ । ଜୀବନଟି ତାଙ୍କର ପାଚିଲା ଆମ୍ବପରି ବୋଲି ସମସ୍ତେ ଭାବନ୍ତି । କେତେବେଳେ ଝଡି ପଡିବ ଏମିତି ଶଙ୍କା ପରିବାରର ରହିଛି ।

ବ୍ୟସ୍ତହୋଇ ମାଧବବାବୁ ଯେତେବେଳେ ଦାୟିତ୍ୱରେ ଥିବା ଚିକିତ୍ସକଙ୍କୁ ପଚାରନ୍ତି, ସିଏ ତାଙ୍କ ବିଶେଷଜ୍ଞଙ୍କ ସହ ଯୁଟାଇ ଦିଅନ୍ତି । ବିଶେଷଜ୍ଞ ଧଳାକୋର୍ଟ ପିନ୍ଧି ବାହାରକୁ ଆସନ୍ତି । ଟିକିଏ ବି ନିରାଶ ହୁଅନ୍ତି ନି ସିଏ ଦମୟନ୍ତୀଙ୍କର ସ୍ୱାସ୍ଥ୍ୟ ବିଷୟରେ । ମାଧବବାବୁ ନିଜର ପଚସ୍ତରି ବର୍ଷ ବୟସରେ ଜୀବନର ମହକ ତ କେବେଠାରୁ ହରେଇସାରିଲେଣି । ଜୀବନର ସବୁ ଜଞ୍ଜାଳ ସାରି ଦେଇଛନ୍ତି । ଅପେକ୍ଷା ଯାହା ଆର ପାରିକୁ । ଏମିତି ଅନେକ ଥର ସିଏ ଅବସ୍ଥା ଭୋଗିଲେ ବି ଏଥର ଦମୟନ୍ତୀର ଆଶା ହରେଇ ସାରିଲେଣି । ବିଶେଷଜ୍ଞ କେତେଥର ଏମିତି ତାଙ୍କୁ ଆଶ୍ୱାସନା ଦେଇଛନ୍ତି । କାଲିକୁ ଦେଖନ୍ତୁ କଅଣ ପରିବର୍ତ୍ତନ ବୋଲି ପ୍ରତିଥର କହୁଛନ୍ତି, କାହିଁ କିଛି ତ ହେଉନାହିଁ । ଦିନରେ ଅଳ୍ପ କେତେ ସମୟ ଯାହା ଆଇ.ସି.ୟୁ. ଭିତରକୁ ଦେଖିବାକୁ ଛାଡନ୍ତି, ସବୁଦିନ ଦେଖିଲା ବେଳକୁ ସେ ଚେତନାଶୂନ୍ୟ ଶରୀର । ନାକରେ ପେଟରେ ସବୁଆଡେ ନଳି ଲାଗିଛି । ଅକ୍ସିଜେନ୍ ଚାଲିଛି, କଡରେ ଥୁଆହୋଇଥିବା ମନିଟରଟିରେ କିଛି ଦୃଶ୍ୟଚାଲିଛି । ସେଥିରୁ ଦମୟନ୍ତୀ ଯାହା ବଞ୍ଚିଛି । ଆମ ଭାଷାରେ କିଛି କହୁନି, ହାତ ଗୋଡ ହଲାଉନାହିଁ, ଯେତେ ବଡ ପାଟିରେ ଡାକିଲେ ବି ଶୁଣୁନି । ସତରେ କଅଣ ସିଏ ବଞ୍ଚିଛି !

ଦମୟନ୍ତୀ ମାଧବବାବୁଙ୍କୁ କେତେକରି ଶପଥ କରାଇଥିଲା, "ମୋତେ ଡାକ୍ତରଖାନାର ଯମଦଣ୍ଡ ଦେବ ନି । କେବେ ବି ସେ ଆଇ.ସି.ୟୁ. କୁ ନେବ ନି । କେବେ ବି ସେ ଭେଣ୍ଟିଲେଟର୍ ଲଗାଇବ ନି ମୋ ଶରୀରରେ ।" ଏବେ ପରିସ୍ଥିତିକ୍ରମେ ସିଏ ଜ୍ୱରରେ ପଡିବା ହେତୁ ଏଭଳି ମାସଟିଏ ଭେଣ୍ଟିଲେଟର୍ କର୍ତ୍ତୃକ ଯାହା ନିଶ୍ୱାସ ଚାଲିଛି । ଶୁଣିଥିଲା ବୋଧେ କେଉଁଠୁ, ଏମିତି ନୂଆ ଷ୍ଟାଇଲ୍‌ରେ ମରିବାଟା ଚାହୁଁ ନ ଥିଲା ।

ମାଧବବାବୁଙ୍କର ଅଭାବ ନ ଥିଲେ ବି ଡାକ୍ତରଖାନାର ବିଲ୍ ପିଲାମାନେ ପଇଠ କରିଦେଉଛନ୍ତି । ହିସାବ ଦେଖିଲା ବେଳକୁ ଦିନକୁ ହାରାହାରି କୋଡିଏ ହଜାର ଟଙ୍କା । ମଣିଷ ଜୀବନ କଥା, ଟଙ୍କା କିଏ ଗଣୁଛି ।

ରତ୍ନାକର ମହାପାତ୍ର ତ ଦେଢମାସ ରହିବାପରେ ତିନିଦିନ ତଳେ ମୃତ ବୋଲି ଏଠାରୁ ତାଙ୍କର ଶବ ବାହାରିଲା । ସିଏ ବି ସେମିତି ଦମୟନ୍ତୀ ପରି ନିଶ୍ଚଳ ଓ ନିର୍ବାକ ପରି ପଡିଥିଲେ । ସେମିତି ବି ତାଙ୍କର ବିଶେଷଜ୍ଞ ଡାକ୍ତର କହିଚାଲିଥିଲେ । ଟଙ୍କାଗଣି ଗଣି ଗୋଟିଏ ପୁଅ ଯାହା ହରକତ ହେଉଥିଲା । ତଥାପି ଦଶଲକ୍ଷ ଖର୍ଚ୍ଚ କରିଦେଇଛି ବାପା ପାଇଁ । ଯେତିକି ସମୟ ଏଠାରେ ବାପାଙ୍କୁ ଜଗି ଆଇ.ସି.ୟୁ ସାମନାରେ ବସି ରହେ, ସେତିକି ସମୟ ବାହାରକୁ ଯାଏ ପଇସା ଯୋଗାଡ କରିବାକୁ ।

ଶମ୍ଭୁ ମହାରଣା ବି ଦୀର୍ଘଦିନ ଏଠାରେ ରହିବା ପରେ ମରିଗଲେ । ମୋଟା ବିଲ୍ ଭରଣା କରିପାରିଲେନି ତାଙ୍କର ପୁଅ ଦୁଇଜଣ । ଶେଷକୁ ଝିଅ ପୁନାରୁ ଆସି ଟଙ୍କା ଦେବାରୁ ଶବ ପାଇଲେ । ବହୁ ଗଣ୍ଡଗୋଳ କରିଥିଲେ ପୁଅ ମାନେ । ପଟିଆ ଗୁଣ୍ଡାମାନେ ବି ଡାକ୍ତରଖାନାରେ ପଶି ଭଙ୍ଗାରୁଜା କରିଥିଲେ । ହେଲେ ପୋଲିସ୍ ଆସିବାରୁ ସେମାନେ ପଳାଇଗଲେ ।

ରମେଶ ଡାକୁଆ ବହୁ ଦିନର ହୃଦ୍ ରୋଗୀ, ଅପରେସନ୍ ହୋଇଛି, ହଠାତ୍ ହାର୍ଟ ବନ୍ଦ ହୋଇଗଲା । ଦଶ ମିନିଟ୍ ମଧ୍ୟରେ

ପହଞ୍ଚିଗଲେ ଏଠାରେ, ମାସେ ପର୍ଯ୍ୟନ୍ତ ରହିବା ପରେ ସାଧାରଣ ୱାର୍ଡକୁ ଅପସାରଣ କରିଛନ୍ତି ତ ଶେଷ ! ସତରେ ସିଏ ମାସ ଟିଏ କିପରି ଏଠାରେ ବଞ୍ଚିରହି ଥିଲେ କିଏ ବିଶ୍ୱାସ କରିପାରିଲେ ନାହିଁ । ମାସଟିଏ ଦହଗଞ୍ଜ ହୋଇ ପରିବାରଟା ଡହଳବିକଳ ହୋଇ ପଡିଲେ । ପଇସା ଏତେ ଗୁଡିଏ ଯୋଗାଡ କରିବାକୁ ବହୁତ କଷ୍ଟ ହେଲା, ପୁଣି ଯିବା ଆସିବା, ରାତି ଦିନ ଉଜାଗର ରହି ବାପାଙ୍କର ଅବସ୍ଥା ଜଗି ବାହାରେ ବସି ରହିବା ଦୁରୂହ ବ୍ୟାପାର । ସତରେ ବାପା ବଞ୍ଚିଛନ୍ତି କି ନା ସେ ସନ୍ଦେହ ଭିତରେ । କେହି ତ ବାପା ଆଇ.ସି.ୟୁ. ରେ ପଶିବା ଦିନରୁ ତାଙ୍କ ପାଟିରୁ ପଦଟିଏ କଥାଶୁଣି ନାହାନ୍ତି କି ହାତ ଗୋଡ ହଲାଇବାର ଦେଖି ନାହାନ୍ତି ।

ଶଚିନ୍ ମହାନ୍ତିଙ୍କ ମା ଶୈବ୍ୟା ମହାନ୍ତି । ସିଏ ତ ଦି ମାସ ତଳୁ ଚାଲି ଗଲେଣି । ଏଇ ଆଇ.ସି.ୟୁ. ରେ ତାଙ୍କର ଦେହାନ୍ତ ହେଲା । ଶଚିନ୍ ଆଜି ଆସିଥିଲେ କେତେ କାଗଜପତ୍ର ଦସ୍ତଖତ କରାଇବାକୁ ନିଜର ବୀମାପାଇଁ । କହିଲେ, ମଉସା ଏଠାରେ ଯିଏ ରହିବ ସିଏ ପଇସା ଗଣି ଗଣି ଲଣ୍ଡା ହୋଇଯିବ, ନିଜେ ଘରକୁ ଯାଇ ମୋ ପରି ଲଣ୍ଡା ହେବ । ଦେଖୁ ନାହାନ୍ତି ମୋର ଚୁଟି କେତିକି ଉଠିଛି । ମୋ ବୋଉକୁ ଏଠାରେ ଦି ମାସ ଯାହା ରଖିଲି, ଘରେ ରଖିଥିଲେ ଯାହା ସିଏ ଟିକିଏ ଗୋଡ ଆଉଁସା ପାଇଥାଆନ୍ତା ଝିଅ ବୋହୂଙ୍କର । ମାହାର୍ଦ ଟିକିଏ ଦେଇଥାଆନ୍ତେ ସବୁ ପିଲାମାନେ ଜୀବନ ଗଲାବେଳେ । ଏଠାର ଅଜବ କାଇଦା ପ୍ରାଣ କେତେବେଳେ ଗଲା ଜାଣି ହୁଏନି, ଭିତରେ ଏମାନେ କଅଣ କରୁଛନ୍ତି ଜାଣିବା କଷ୍ଟ । ହାଇଦ୍ରାବାଦୀ ଢଙ୍ଗରେ ପ୍ରଥମରୁ ପଇସା ନେଇ ଏମାନେ କାମ କରନ୍ତି, ନା ମୂଳଚାଲ ନା ସତରେ କେତେ ଖର୍ଚ୍ଚ କିଏ ପଚାରିବାର ଶକ୍ତି ଅଛି କାହାର ।

ମାଧବ ବାବୁ ଏତେ ଦୃଶ୍ୟ ଦେଖି ଦେଖି ତାଙ୍କ ମନଟା ପିତା ହୋଇଗଲା । ସିଏ ଦମୟନ୍ତୀକୁ ଦେଇଥିବା କଥା ନ ରଖି ଏଠାରେ ଯେଉଁ ଆଶାରେ ଆଣି ଆଇ.ସି.ୟୁ. ରେ ଯାହା ରଖିଛନ୍ତି ତାହା ବୃଥା ! ସତରେ ଯିଏ ଅଚେତ ହୋଇ ଏଠାରେ ପଶିଲା କେବଳ ଅଛି ପଇସା ଗଣିବା ପାଇଁ ବୋଲି ସିଏ ଉପଲବ୍ଧ କରୁଛନ୍ତି । ତାଙ୍କ ବେଳର ପୁରୁଣା ସରକାରୀ ଡାକ୍ତରଖାନା ଏବେ ପୁରୁଣା ହୋଇଗଲାଣି । ମୃତ ବୋଲି ଘୋଷଣା କରିବା ପୂର୍ବରୁ ଆଇ.ସି.ୟୁ.ର ଦ୍ୱାହି ଦେଇ ମରିବା ରୋଗୀକୁ ଏଇ ବାଟ ଦେଇ ସ୍ୱର୍ଗକୁ ପଠାଇ ଦିଆଯାଉଛି । ନ ହେଲେ ମୃତକ ନର୍କାଭିମୁଖୀ ହୁଅନ୍ତା ! ଏହିପରି ଯମଦଣ୍ଡ ବିଷୟରେ କିଛି ବୋଧେ ଦମୟନ୍ତୀ ଶୁଣିଥିଲା । ନ ହେଲେ ବଞ୍ଚିଲା ବେଳୁ ମୋତେ କାହିଁକି ଏମିତି ସଂକଳ୍ପ କରାଇ ଥାଆନ୍ତା ?

ଶେଷରେ ବାପାଙ୍କର ବ୍ୟସ୍ତତା ଦେଖି ମାଧବବାବୁଙ୍କ ବଡପୁଅ ତାଙ୍କ ସଢୁର ପୁତୁରାକୁ ଡକାଇଛନ୍ତି । ସିଏ ଜଣେ ସ୍ନାୟୁ ବିଶେଷଜ୍ଞ । ନରେଶ ମହାପାତ୍ର । ନରେଶ ଆସି ଆଇ.ସି.ୟୁ. ର ଦାୟିତ୍ୱରେ ଥିବା ଚିକିତ୍ସକଙ୍କ ସହିତ କଥାବାର୍ତ୍ତା କରିଛନ୍ତି, ସମ୍ପର୍କୀୟା ଦମୟନ୍ତୀଙ୍କୁ ଦେଖିବାକୁ । ଆଶ୍ଚର୍ଯ୍ୟ ହୋଇଛନ୍ତି ମାସଟିଏ ରହି ଏଠାରେ ମସ୍ତିଷ୍କ କାମ କରୁଛି କି ନା ଜାଣିବାକୁ ଇ.ଇ.ଜି ଟିଏ ବି ହୋଇନି । ନିୟମିତ ହେବାର ପ୍ରଶ୍ନ ଉଠୁଛି କେଉଁଠୁ ? ବଞ୍ଚିବାର ସମ୍ଭାବନା ବିଷୟରେ କେହି ଜାଣିବାକୁ ଚାହିଁ ନାହାନ୍ତି । ତତ୍‌କ୍ଷଣାତ୍ ଇ.ଇ.ଜି. କରାହେଲା । ଦମୟନ୍ତୀ ବ୍ରେନ ଡେଡ୍ । ଧରି ନିଅନ୍ତୁ ସିଏ ମୃତ । କେବଳ ତାଙ୍କୁ ବଞ୍ଚାଇ ରଖାଯାଇଛି । ମରିବାର ବୋଧହୁଏ ବହୁଦିନ ଅନ୍ତ ହୋଇଗଲାଣି ।

ମନକୁ ବହୁ ଧିକ୍କାର କଲେ ମାଧବ ବାବୁ । ଦମୟନ୍ତୀ ଥିଲେ ନିଶ୍ଚୟ ତାଙ୍କୁ କହି ଥାଆନ୍ତା, "ଅତି କମ୍ ରେ ଏଥର ମୋତେ ବିଶ୍ୱାସ କର ମୁଁ କାହିଁକି ଏଠାକୁ ନ ଆଣିବା ପାଇଁ ସତର୍କ କରାଇଥିଲି" ! ଏଇଟା ବି ଗୋଟାଏ ଯମଦଣ୍ଡ ନୁହେଁ ତ କଅଣ ? ମରିବା ବେଳକୁ ମରୁଥିବା ଲୋକଟିର କଥାକୁ ଆମେ ଶୁଣୁ ନୁ । ତା'ର ଆନ୍ତରିକ କଥାର ଗୁରୁତ୍ୱ କିଛି ନାହିଁ । ହଁ, ଭଲ ହୋଇପାରୁଥିଲେ ଅବା ଭଲ ହୋଇଯିବାର ଆଶାଥିଲେ, ଏପରି ଚିକିତ୍ସାର ମୂଲ୍ୟ ନିଶ୍ଚିତ ଅଛି । କିନ୍ତୁ ସବୁଯାକ ରୋଗୀ ଯଦି ଏମିତି ଦହଗଞ୍ଜ ହୋଇ ମରନ୍ତି, କି ଲାଭ ଏପରି ଚିକିତ୍ସାରେ ? ପିଲାମାନେ ତ ଆଜିକାଲି ବଞ୍ଚିବା ବେଳେ ବାପା ମାଙ୍କର ଯତ୍ନ ନେଇ ପାରୁ ନାହାନ୍ତି, ଏମିତି ଦେଖାଣିଆ ନୂଆ ମୃତ୍ୟୁଶଯ୍ୟାରେ ଶୁଆଇ ପିତୃ ମାତୃଭକ୍ତିରେ ମନ ଟଣ କରୁଛନ୍ତି ଯାହା ।

ଚେତା ପଶିଲା ମାଧବ ବାବୁଙ୍କ ମୁଣ୍ଡରେ । ଏମିତି ବି ବ୍ୟବସାୟ ଅଛି । ମୃତକ ଉପରେ ବ୍ୟବସାୟ । ବୁଝାସୁଝାରେ ଅବୁଝାରେ ଚାଲିଛି !


୨୫୮, କାନନ ବିହାର

ଫେଜ୍-୨, ପଟିଆ, ଭୁବନେଶ୍ୱର-୨୪

ମୋ: ୮୮୯୫୯୨୬୦୦୨


✠✠✠✠

# ଜୀବନ: ମାୟା ଓ ଛାୟା ଚରିତ୍ର

ଶ୍ୟାମସୁନ୍ଦର ଆଚାର୍ଯ୍ୟ

ପ୍ରକୃତ ଦେଖାଯାଉଥିବା ବା ବୋଧ ହେଉଥିବା ପଦାର୍ଥ ସତ୍ତାହୀନ । ତଥାପି ମଣିଷର ବୁଦ୍ଧିବଶା କରି ମୋହସୃଷ୍ଟି କରିଥାଏ । ଏହା ସୃଷ୍ଟିର ଏକ ମୋହକାରିଣୀ ଶକ୍ତି ଯାହାକି ଆପାତ ପତୀତ ଏବଂ ଆପାତ ସଦୃଶ । ମାୟାର ସାଧାରଣ ଉଦାହରଣ ଭାବରେ ଆମେ ରାମାୟଣରେ ବର୍ଣ୍ଣିତ ସୃପଣଖା-ମାୟାମୃଗ ପରି ଆଖି ପଲକରେ ପରିବର୍ତ୍ତିତ ହେଉଥିବା ବିଶ୍ୱର ଛବିକୁ ଈଶ୍ୱରଙ୍କର ମାୟା ଭାବରେ ଆଧ୍ୟାତ୍ମିକ ଭାଷାରେ ବର୍ଣ୍ଣନା କରାଯାଏ ।

ସୃଷ୍ଟିକର୍ତ୍ତା ସମୟ, ସ୍ଥାନ ଓ ପଦାର୍ଥ ସମ୍ପର୍କରେ ଏମିତି ବର୍ଣ୍ଣାଳି ଗଠନ କରିଛନ୍ତି, ତାହା କଳ୍ପନାତୀତ । ଆଧ୍ୟାତ୍ମିକ ଦୃଷ୍ଟିରୁ କୁହାଯାଇ ପାରିବ ସତ୍ୟତଃ ମିଥ୍ୟା ଅଥବା ମିଥ୍ୟାତଃ ସତ୍ୟ । ପ୍ରକୃତ ଓ ଅପ୍ରକୃତ ମଧ୍ୟରେ ଇନ୍ଦ୍ରଜାଲ । ଇନ୍ଦ୍ରଜାଲ ବୋଲି ଜାଣି ନଥିବା ପର୍ଯ୍ୟନ୍ତ ବିସ୍ମୟକର ହୋଇଥାଏ, ମାତ୍ର ଏହାର ଆପେକ୍ଷିକ ଇନ୍ଦ୍ରଜାଲ ବା ସାଂସାରିକ ମାୟା ଭାବରେ ଜ୍ଞାତ ହୋଇଗଲେ, ବିସ୍ମୟ ଅପସରିଯାଏ ।

ମାୟାର ଧାରାରେ ଜଗତ ପରିଚାଳିତ । ଈଶ୍ୱର ମାୟାବଳରେ ଦୁନିଆଁ ଗଢିଛନ୍ତି । ମନ, ଦେହ, ଇନ୍ଦ୍ରିୟ, ବୁଦ୍ଧି ସବୁ ମାତୃତତ୍ତ୍ୱ ବା ଶକ୍ତି ଭାବରେ ପରିଚିତ । ମାୟା ସୃଷ୍ଟିକର୍ତ୍ତାଙ୍କର ଅନ୍ତର୍ନିହିତ ଅବିଚ୍ଛେଦ୍ୟ ପ୍ରକୃତି । ଉତ୍ତାପ ଯେପରି ଅଗ୍ନିର ଗୁଣ, ମାୟା ସେପରି ଜଗତସ୍ରଷ୍ଟାଙ୍କର ଗୋଟିଏ ଗୁଣ । ଏହି ମାୟା ବ୍ୟାପକ ବିଶ୍ୱର ଶୂନ୍ୟ ମହାଶୂନ୍ୟରେ ସମୟଚକ୍ରରେ ପଦାର୍ଥଗତ ଚରିତ୍ରର ପରିପ୍ରକାଶ ଘଟାଇ ଯେପରି ଅବିଶ୍ୱସନୀୟ ଲୀଳା ରଚାଇଥାଆନ୍ତି, ସେହି ମାୟା ପଥରକୁ କଠିନ କରେ, ଜଳକୁ ତରଳ କରେ ଅବା ବାୟୁକୁ ଅଦୃଶ୍ୟ ରୂପ ଦିଏ । ପୁଣି ଅଧିକ ମାୟାରେ ପରିଚାଳିତ ଜୀବଜଗତ । ପଦାର୍ଥଗତ ସତ୍ତା ନ ଥାଇ ଇନ୍ଦ୍ରିୟାନୁଭୂତି ଜୀବ ମାନଙ୍କୁ ମତିଭ୍ରମ ପରିବେଶରେ ସ୍ଥାପନ କରିଦେଲାପରି ବୋଧହୁଏ । ସେହି ଜୀବଜଗତ ଅନନ୍ତକାଳରୁ ବିବର୍ତ୍ତିତ ହୋଇ ଆସୁଥିଲେ ହେଁ, ମଣିଷକୁ ଯେତିକି ପଞ୍ଚେନ୍ଦ୍ରିୟ ଶକ୍ତିରେ ଗଢାଯାଇଛି ଅବା ସିଏ ଯେତିକି ଅନୁଭୂତି ଶକ୍ତିରେ ଭୂଷିତ ସେତିକିରେ ହିଁ ଲକ୍ଷ୍ୟ କରିପାରିବ । ତାହାର ଦୃଷ୍ଟି ଶକ୍ତି ଯେତିକି ପର୍ଯ୍ୟନ୍ତ, ତାର ତାହାର ଶ୍ରବଣଶକ୍ତି ଯେତିକି ଡେସିବେଲ୍ ପର୍ଯ୍ୟନ୍ତ ସିଏ ସେତିକି ଶୁଣିପାରିବ, ତାର ସ୍ପର୍ଶ, ଅନ୍ୟାନ୍ୟ ଇନ୍ଦ୍ରିୟ ଯେତିକି ସୂକ୍ଷ୍ମ ବା ସ୍ଥୁଳ ଅନୁଭବ ସେତିକି ପର୍ଯ୍ୟନ୍ତ ହେବ । ଏହି ବ୍ୟକ୍ତିଗତ ପ୍ରତୀୟମାନ ଶକ୍ତି ଜୀବ ମାନଙ୍କର ବି ଫରକ୍ ହୋଇପାରେ । ଏମିତି କି ଆମ ପୃଥିବୀରେ ସୃଷ୍ଟ ମଣିଷ ଯେପରି ଇନ୍ଦ୍ରିୟ ଗୁଡିକଦ୍ୱାରା ପରିଚାଳିତ, ଯଦି ବିଶ୍ୱବ୍ରହ୍ମାଣ୍ଡର ଅନ୍ୟ କେଉଁ ଗ୍ରହର ମଣିଷ ଥାଇ ପାରିବେ ସେମାନେ ନିଶ୍ଚିତ ସୃଷ୍ଟିଗତ କାରଣରୁ ବିବିଧତା ପ୍ରଦର୍ଶନ କରିବେ, ଏହା ମାୟା ବା ସୃଷ୍ଟିର ରହସ୍ୟ ।

ମାୟା ବଳରେ ଜଗତ ଦେଖାଯାଉଛି । ଈଶ୍ୱର ଅନନ୍ତ ଶକ୍ତିମାନ ମାତ୍ର ରୂପହୀନ, ନାମହୀନ ଓ ନିର୍ଗୁଣ । ମାୟା ବଳରେ ସବୁଠାରେ ସବୁରୂପରେ ସମସ୍ତ ଶକ୍ତି ସହିତ ବିଦ୍ୟମାନ । କେବଳ ଇନ୍ଦ୍ରିୟ ଶକ୍ତି ବଳରେ ମାୟାର ବିବିଧତା ଅନୁଭୂତ ହୁଏ । ଇନ୍ଦ୍ରିୟ ଶକ୍ତି ନ ଥିଲେ ମାୟା ପ୍ରତୀତିସାଦୃଶ, ମାୟାର ସତ୍ତା ଅଛି କି ନାହିଁ ନିର୍ଣ୍ଣୟ କରିବା କଷ୍ଟକର । ଅର୍ଥାତ୍ ଯଦି ମଣିଷ ପରି ସୂକ୍ଷ୍ମ ଅନୁଭୂତି ସମ୍ପନ୍ନ ଜୀବ ସୃଷ୍ଟି ହୋଇ ନ ଥାଆନ୍ତା, ତେବେ ମାୟାର ଉପାଖ୍ୟାନ ଅନନ୍ତ ସମୟ ସ୍ରୋତରେ ଅନୁଭୂତ ହୋଇ ନ ପାରି ସେମିତି ଅବୋଧ ଅଦୃଶ୍ୟ ହୋଇ ରହିଥାଆନ୍ତା ।

ପୁଣି ସୃଷ୍ଟିକର୍ତ୍ତା ମଣିଷ କାହିଁକି ପ୍ରତିଟି ଜୀବକୁ ମାୟାଜାଲରେ ଛାଡିଦେଇ କିଛିଟା ପରୀକ୍ଷଣ କରନ୍ତୁ ବା ନ କରନ୍ତୁ, ଜୀବ ନିଜ ଜୀବଦ୍ଦଶାରେ ନିଜ ଜୀବନଧାରଣ ପଦ୍ଧତିରେ ବ୍ୟସ୍ତ ରହିବାକୁ ବାଧ୍ୟ । କିଏ ସମୟ ପାଇଲେ ବା ପରିସ୍ଥିତିକ୍ରମେ ଚିନ୍ତା କରିବାକୁ ଅବସର ପାଆନ୍ତି ଜୀବନତତ୍ତ୍ୱ କଅଣ ଜାଣିବାର ଇଚ୍ଛା ନେଇ । ମାୟାଗ୍ରସ୍ତ ଜୀବ ଦେଖେ ତାହାର ସମାଜରେ ବୟସ୍କମାନଙ୍କର ସମୟକ୍ରମେ ଅବା ଆକସ୍ମିକ ନିଧନ । କିନ୍ତୁ ଏହି ମୃତ୍ୟୁ ପ୍ରକ୍ରିୟା କେତେଜଣଙ୍କୁ ଗମ୍ଭୀର କରିପାରୁଛି ? କେତେକାଳକୁ ଚିନ୍ତାଗ୍ରସ୍ତ କରିପାରୁଛି ?ତାହାର ଜୀବନଧାରା ପରିବର୍ତ୍ତନ କରିପାରୁଛି କି ? ଦୁନିଆଁର କେତେ ଲୋକ ନିଜର ଅନ୍ତରଙ୍ଗଙ୍କ ନିଧନ ଦେଖି ଜୀବନ ପ୍ରତି ବିତସ୍ପୃହ ହୋଇ ପଡୁଛନ୍ତି ?

ନା ଏ ସବୁ ମାୟା । ନିଜେ ମନରେ କିଏ ମରିଗଲେ କ୍ଷଣିକ ଯେଉଁ ମୃତ୍ୟୁଭୟ ଆସେ, ତାହା ପ୍ରଥମେ ପ୍ରଥମେ ଟିକିଏ ନିଜେ ମରିବାର

ଚିନ୍ତାରେ ବିଷାଦ ଆଣେ, ବହୁ ମରଣ ଦେଖିବା ପରେ ଦେହସୁହା ହୋଇଯାଏ । ମୃତ୍ୟୁ ଅବଶ୍ୟାମ୍ଭାବୀ ଜାଣି ବି ନିଜେ ମୃତ୍ୟୁ ପ୍ରତି ଉଦାସୀନ ହୋଇଯାଏ ।

ସଂସାରରେ ସନ୍ୟାସୀ ଗୃହୀ ଭାବରେ ଗୃହୀ ମାନଙ୍କୁ ମାୟାଗ୍ରସ୍ତ ବୋଲି କହିଲେ ବି ସେମାନେ ବି ଶିଷ୍ୟ ଗ୍ରହଣ, ଆଶ୍ରମସଂହତି, ଆତ୍ମଗର୍ବ ଦ୍ୱାରା ମାୟାଗ୍ରସ୍ତ । ଜୀବ ଜଗତରେ କିଏ ମାୟାର କରାଳ କବଳରୁ ରକ୍ଷା ପାଇ ପାରିବ ? ମାୟା ହିଁ ଜଗତର ନିୟମ, ସ୍ୱୟଂଚାଳିତ ଦୁନିଆଁ । କିଛି ପଇସାର ଟିକେଟ୍ କାଟି ଆମେ କ୍ଷଣକ ପାଇଁ ସର୍କସ ପାର୍ଟିର ସେଇ ଘୂର୍ଣ୍ଣନଯନ୍ତ୍ରର କାଠଯନ୍ତାରେ ବସିଛେ କେବଳ । ଏହି ନିରାଟ ସତ୍ୟକୁ କେହି ବହୁ ଚିନ୍ତାରେ ମାୟା ବୋଲି ବର୍ଣ୍ଣନା କଲେ ଯାହା ଆଜିର ଅଣୁ ପରମାଣୁ ସ୍ତରର ଗବେଷକ ପ୍ରକୃତିର ସୂକ୍ଷ୍ମ ନିୟମ ବୁଝିବା ବେଳକୁ ସେଇୟା ।

କିଏ ମାୟାରୁ ମୁକ୍ତି ପାଇପାରିବ ? ସମ୍ମାନ ପ୍ରଦର୍ଶନ କରି ମୁହଁରେ ହସ ଖେଳାଇ ପାଦଛୁଇଁ ଅନୁରକ୍ତି ପ୍ରକାଶ କରୁଥିବା ଅନୁରକ୍ତର ସତମିଛ ଭୁଲ୍ ଠିକ୍ ଆଖିକୁ ଦେଖାଗଲେ ବି ବୋଧ ହୁଏନି । ଏଇଟା ଇନ୍ଦ୍ରଜାଲ ନୁହେଁ ତ କଅଣ ? ଏମିତି ମଧୁର ବଚନ ଓ ସୁମିଷ୍ଟ ଭୋଜନରେ ପ୍ରୀତ ବ୍ୟକ୍ତି ମାୟାଗ୍ରସ୍ତ ହୋଇଯିବା ସାଧାରଣ । ସମାଜଟା ଏପରି ବିଭିନ୍ନ ମାୟାର ସୂତାରେ ବୁଣାଯାଇଥିବା ଜାଲ । ହାସ୍ୟଲାସ୍ୟ, ଘରବାଡ଼ି, ନାମ ଯଶ, ମାନ ସମ୍ମାନ, ସ୍ନେହ ସ୍ୱସ୍ତି, କ୍ଷମତା ଗୌରବ, ଆସନ ଉପାଧି ଆଦି ସେଇ ମାୟାଜାଲର ପ୍ରଲୋଭନ ।

ବିଜ୍ଞାନ ଅବଗୁଣ୍ଠିତ ହୋଇ ରହିଥିବା ମାୟାର ପ୍ରକ୍ରିୟାକୁ ଦୃଷ୍ଟିକୁ ଆଣିବାରେ ଯେତିକି ସମର୍ଥ ହୋଇଛି, ପଦାର୍ଥ ବିଜ୍ଞାନର ଆବିଷ୍କାର, ଜୀବ ଜଗତର ବିବିଧତା, ଉଚ୍ଚତର ପ୍ରାଣୀ ମାନଙ୍କର ସ୍ନାୟବିକ ବିକାଶ ଓ ମାନସିକତା, ବୌଦ୍ଧିକତା ମାୟାର ପଦ୍ଧତି ଅନାବୃତ କରେ । ଖାଇବା, ପିଇବା ଆଦିକୁ ମାୟାଚ୍ଛନ୍ନ ବୋଲି କହିବା ଆଧ୍ୟାତ୍ମିକ ଦୃଷ୍ଟିକୋଣ ହୋଇପାରେ, ଏହା ବଞ୍ଚିବାର ଅଦମ୍ୟ ପ୍ରଚେଷ୍ଟା ଅଟେ ପ୍ରାଣୀ ମାନଙ୍କର । ସୃଷ୍ଟି ହେଲା ଜୀବଜଗତର ତିଷ୍ଠିରହିବାର ପ୍ରକ୍ରିୟା, ବିନା ପ୍ରଜନନରେ ପୃଥିବୀ ଜୀବଶୂନ୍ୟ ହୋଇପଡ଼ିବ !

ସୃଷ୍ଟିର ମୂଳରହସ୍ୟକୁ ମାୟା ଭାବରେ ସତ୍ୟତଃ ମିଥ୍ୟା ବା ମିଥ୍ୟାତଃ ସତ୍ୟ ବୋଲି ବ୍ୟାଖ୍ୟନ କରିବାରେ ସମୟ ଉପାଦାନ ଉହ୍ୟ ରହିଯାଏ । ସମୟ ଉପାଦାନ ପ୍ରୟୋଗ ବଳରେ ଆମେ ନିଜର ସ୍ୱଳ୍ପ ସମୟ ଜୀବନକାଳରେ ସୃଷ୍ଟି ବଳୟରେ ନୀତି ନିୟମରେ ଚଳିଲେ, ମାୟା ହିଁ ଆମକୁ ଟାଣୁଛି ଆମେ ମାୟାଗ୍ରସ୍ତ । ମୁକ୍ତି ବି ସେଇ ମାୟାଧୀନ । ମାୟା କେବଳ ଏକ ଛାୟା ଯାହା କେବଳ ଏକ ଚିନ୍ତନ ।

ଅଧ୍ୟାପକ, ରାଜନୀତି ବିଜ୍ଞାନ,
ବ୍ୟାସବିହାର, ବାଲେଶ୍ୱର
ମୋ: ୯୯୪୭୪୧୨୬୪୪

✠✠✠✠



# ଜୀବନ: ଭକ୍ତିର ନିଦର୍ଶନ

**ସୋମନାଥ ବିଷୋୟୀ**

ବର୍ଷାଭିଜା ସେଇ ବୈଶାଖୀ ଅପରାହ୍ଣଟିର ସ୍ମୃତି ଆଜି କାହିଁକି ଏତେ ଉଦ୍‌ବେଳ କରୁଚି ! ଛାତି ଭିତରୁ ଉଠି ଆସୁଚି ଗୋଟାଏ ମୋହମୁକ୍ତିର ଉର୍ଦ୍ଧ୍ୱଶ୍ୱାସ ।

ମୋହମୁକ୍ତିର ନା ମହାମୋହର !
ତମେ ତ ସବୁବେଳେ ଛନ୍ଦ, କପଟ କରି ଆସିଚ ମୋ ସାଥିରେ ।
ଚରମ ପ୍ରତାରଣାରେ ମତେ ବୁଡ଼େଇ ମାରୁଚ ।

ମୁଁ ତମକୁ ମିତ୍ର ବୋଲି କେମିତି ଭାବିବି ? ମିତ୍ର କ'ଣ ପରମ ଶତ୍ରୁପରି ଏମିତି ଦାଉ ସାଧେ ? ଆଉ କେମିତି କେତେ ଦାଉ ସାଧିଲେ ତମ ମନସାଧ ମେଣ୍ଟିବ ?

ମୁଁ ତ ସବୁ କରୁଚି । ସଂସାର ଜାଲରେ ପଡ଼ି ମୋର ଆତ୍ମା-ମାଛଟିକୁ କଲବଲ କରି, ଦେହର ଜ୍ୱାଳାକୁ ସହ୍ୟ କରି ପ୍ରାଣର ପିପାସାକୁ ଉଦ୍‌ବେଳିତ କରି, ଆହାର-ନିଦ୍ରା-ମୈଥୁନରେ ନିଜକୁ ହଜେଇ ଦେଇ- ସବୁ କରୁଚି ।

କ'ଣ କରିଥାନ୍ତି ଆଉ ଅଧିକ !

ତମ ଶତ୍ରୁତା, ତମ ଅହନ୍ତା ମୋ ପଛରେ ଛାଇପରି ଲାଗିଚି । ମୁଁ ଜାଣେ । ତମେ ମୋର ଏକମାତ୍ର ପରମ ଶତ୍ରୁ । ପଦେ ପଦେ ଦାଉ ସାଧି ଲାଗିଚ । ବଞ୍ଚିବାକୁ ଦଉନ କି ମରିବାକୁ ଦଉନ । ଆହା ପଦେ କରୁନ । ସାହା କି ରାହା ଟିକେ ଦଉନ । ଖାଲି ଜଳେଇ ମାରୁଚ । ବୁଡ଼େଇ ମାରୁଚ । ଛଳେଇ ରଖୁଚ । ଛନ୍ଦ କପଟରେ ଭୂତେଇ ଚାଲିଚ ।

ଏମିତି କରୁଚ ଯେ, ମୁଁ ତମକୁ ଏମିତି ଦିନଟିଏ ନାହିଁ, ଏମିତି ଘଡ଼ିଟିଏ ନାହିଁ- ଯେବେ ମନେ ନପକାଇଚି । ନଭାବିଚି । ତମେ ମୋର କିଏ ଯେ, ମୁଁ ତମକୁ ଏତେ ଭାବେ ? ତମେ କାହିଁକି ମୋ ପିଛା ଛାଡ଼ୁନି ! କୁକୁର ରୂପରେ ହେଉ କି ବିଲେଇ ରୂପରେ ହେଉ ମତେ ଅନୁସରଣ କରୁଥାଅ !

ପବନ ଦଲକାଏ ଦେହରେ ଲାଗିଲେ ମୁଁ ଚମକିପଡ଼େ । ଲାଗେ ଯେମିତି ମତେ ତମେ ଧକ୍‌କା ମାରୁଚ । ଅନ୍ଧାର ଘୋଟିଗଲେ ଲାଗେ, ଯେମିତି ତମେ ମୋର ବାଟ ଜଗୁଚ । ସଂସାର ଜଂଜାଳରେ ବିଷାଦିତ ହେଇ ଆତ୍ମହତ୍ୟା କଥା ଭାବିଲା ମାତ୍ରେ ମୋ କାନରେ ଯୋଗୀର କେନ୍ଦରାଗୀତ ହେଇ ଶୁଭିଯାଉଚ !

ଖୋଳ ଝାଞ୍ଜ ମର୍ଦ୍ଦଳରେ ପ୍ରକମ୍ପିତ କରିଦେଉଚ ଘର ଭିତର, କାନ୍ଥବାଡ଼ । ଛାତିତଳ, ଅତଳ ଅନ୍ତର । ଆଖିରୁ ଲୁହ ଝରେଇ, ରକତ ବୁହାଇ ଦେଉଚ । ଘନଘନ ଉର୍ଦ୍ଧ୍ୱଶ୍ୱାସରେ ପକଉଚ, ଉଠଉଚ । ଅଣଚାଶ ପବନ ପରି କୁଆଡ଼ୁ ଆସି ମାତାଲ୍‌ମଣିଷ ପରି ସାରା ଦେହ ଓ ମନକୁ ମୋର ଥରେଇ ଦେଉଚ ।

କାହିଁକି ଏମିତି କରୁଚ !

କି ଅପରାଧ ମୁଁ କରିଚି ତମର !

କେତେ ନିନ୍ଦା ଶୁଣେଇଲ କେତେ ଅପବାଦ ଶୁଣେଇଲ । କେତେ ଖଟେଇ ଏ ଦେହକୁ ମୋର କାଠ କରିଦେଲ । ମନକୁ, ଆତ୍ମାକୁ ପୋଡ଼ିଜାଳି ଅଂଗାର କରିଦେଲ । ତଥାପି ତମର ଦୟା ହେଲାନି ? ହୃଦ ତରଳିଲାନି ? ଏଡ଼େ ଦାରୁଣ ତମେ ? ଏଡ଼େ ପଥର ?

ସତ କହୁଚି, ହେ ମୋର ପରମ ପ୍ରିୟ ଶତ୍ରୁ ! ତଥାପି ତମକୁ ମୁଁ ଖୋଜେ । ପାଏ । ଏକା ଲାଗେନି । ବାଦ ସାଧିଲେ ବି ଦାଉ ସାଧିଲେ ବି ତମେ ମୋର ପାଖରେ ଅଛ ବୋଲି ଭାବେ । ମୁଁ ଏକା ନୁହଁ – ଶତ୍ରୁ ହେଲେବି ଖୁବ୍ ପରିଚିତ ଜଣେ କିଏ ମତେ ଘେରିକରି ରହିଚି, ଜଗିଚି ବୋଲି ମୁଁ ଭାବେ ।

ତମେ ଯେତେବେଳେ ଟିକେ ବେଶୀ ମତେ ଉଚ୍ଛନ୍ନ କରିବାକୁ ଇଚ୍ଛାକର, ବ୍ୟାକୁଳ କରିବାକୁ ଚାହଁ, କଲବଲ-ଦହଗଞ୍ଜ କରିବାକୁ, ଛଟପଟ କରି ମାରିବାକୁ ଭାବ- ମୁଁ ଜାଣିପାରେ । ଅକାରଣରେ ତମେ ମତେ ଦୁଃଖୀ କରିଦିଅ । ନିଃସ୍ୱ-କାଙ୍ଗାଳ କରିଦିଅ ।

ମୁଁ କ'ଣ କମ୍ ଥର ତମର ଏମିତି ଉପସ୍ଥିତିକୁ ଅଂଗେ ନିଭେଇଚି ? ପିଲାଟିଏ ଯେମିତି ଦାଣ୍ଡରେ ଧୂଳି ଖେଳୁ ଖେଳୁ ହଠାତ୍ ମା' କଥା ମନପଡ଼ିବାରୁ ଘର ଭିତରକୁ ପଶି ଆସି ମା'ର ପଣତ ଟାଣେ, କ୍ଷୀର

ପିଇବାକୁ କିମ୍ବା କ'ଣ ଗୋଟେ ଅପୂର୍ବ ଚିଜ ଲାଗି ଅଳିକରେ । ଅଝଟ ହୁଏ- ଠିକ୍ ସେମିତି ଦିନେ ଦିନେ ଗୋଟେ ଗୋଟେ ଅଖଞ୍ଜ ବେଳାରେ ତମେ ମତେ ହଇରାଣ କରିଦିଅ । ମୋ ମନର ପଣତକାନି ଧରି ଟାଣ । ଦେହଟାକୁ ଟଣାଭିଡ଼ା କର । ଆତ୍ମାଟାକୁ ଉଝାଳି ପକାଅ ।

ମୁଁ ଜାଣିପାରେ- ତମେ ଦେହ ଧରିଚ୍, ରୂପ ଘେନିଚ୍ । ଗୋଟେ ଅବୁଝା-ଅଲୌକିକ ଇଚ୍ଛାର ଜୀବନ୍ତ ଶିଶୁଟିଏ ପାଲଟିଯାଇଚ୍ । ଖୁବ୍ ଅଲିଅଳ, ଖେଳ ଲୀଳାପ୍ରିୟ, ଜିଦିଆ ଅମାନିଆ ପିଲା । ଯେତିକି ଧୂଳିଧୂସର, ସେତିକି ସ୍ନେହ କାଂଗାଳ, ଲୁହ ସରସର , ଶ୍ୟାମଳ, ସୁନ୍ଦର, ସୁକୁମାର ।

ବିଜୁଳି ଘଡ଼ଘଡ଼ି ହେଇ, ବାଆ ବତାସ ହେଇ, ମୂଷଳ ବାରିପାତ ହେଇ, ଘୁଡୁଘୁଡୁ, ଘୁମୁଘୁମୁ ମେଘନାଦ ହେଇ, ଦେହକୁ ମନକୁ ଶୀତେଇ ପକେଇ, ଓଦା ସରସର କରିଦେଇ ତମେ ଆସ ।

ଆସ ଯେ ତର ସହେନି ଟିକେ !

ପୂରା ନଙ୍ଗଳା ମୁକୁଳା କରି ପକାଅ । ଲାଜ ମହତ ନେଇଯାଅ । ଦେହକୁ ଓଦାକରି କାଦୁଅରେ ଘଷ୍ଟେଇ ପକେଇ ସୁକୁଟ ଦେଖ । ସୁଖ ପାଅ ।

ଏବେ କହ, ତମେ ପରମ ପ୍ରିୟ ଶତ୍ରୁ କି ପ୍ରିୟ ପରମ ଶତ୍ରୁ ନୁହଁତ ଆଉ କ'ଣ ?

ସେଦିନ ତ ଏମିତି ଗୋଟେ ଅପରାହ୍ଣରେ ହଠାତ୍ ମେଘ ଘୋଟିଆସିଲା । ଆକାଶ ଯେମିତି ଗଡ଼ଗଡ଼ ହେଇ ଫାଟିଯିବ । ବିଜୁଳି ଘଡ଼ଘଡ଼ି ଯେ ନାହିଁନଥିବା । ଏତେ ଘନକଳା ମେଘ ! ଯେମିତିକି ଆଗରୁ କେବେ ମୁଁ ଦେଖିନଥିଲି ।

ଇଏ କ'ଣ ?

ଏ ମେଘର ଇଏ କି ରୂପ ! ଯେତିକି ସୁନ୍ଦର ସେତିକି ଭୟଂକର ! ପୂରା ଭୀମକାନ୍ତ । ଗଂଭୀର ଓ ଶାନ୍ତ ! ଉଦାର ପୁଣି ଅସ୍ଥିର !

ଇଏ ପ୍ରଳୟର ମେଘ ନା ସୃଷ୍ଟିର ?
ଆକାଶର ମେଘ ନା ପୃଥିବୀର ?

ପାହାଡ଼, ପର୍ବତ, ନଈ, ସମୁଦ୍ର, ଅରଣ୍ୟ, ଉପତ୍ୟକା, ପଥପ୍ରାନ୍ତର, ସହର ଜନପଦ ସବୁ ଯେମିତି ଏକାକାର କରିଦେବ । କୀଟ, ପତଙ୍ଗ, ତରୁ, ତୃଣ ସବୁ ଯେମିତି ମିଶେଇ ଏକାଠି କରିପକେଇବ । ପିଣ୍ଡ, ପ୍ରାଣ, ଭୂତ, ଭବିଷ୍ୟ ସବୁ ଯେମିତି ଗଇଁଠାଳି ଦେବ । ସ୍ୱପ୍ନ-ଜାଗରଣକୁ, ଚେତନ-ଅବଚେତନକୁ, ପ୍ରେମ-ପ୍ରତାରଣାକୁ ସୁଦ୍ଧା ଏକାଠି କରିଦେବ । ଦିନରାତି, ଆଲୋକ ଅନ୍ଧାର, ସୁଖ ଦୁଃଖ, ବିଷାଦ-ଆହ୍ଲାଦ- କିଛିର ପାର୍ଥକ୍ୟ ରହିବ ନାହିଁ । କୁଆଡ଼େ ନାହିଁ କୁଆଡ଼େ ଉଡ଼େଇନବ ସବୁ ସ୍ମୃତି-ବିସ୍ମୃତି । ସ୍ତମ୍ଭନ, ମୋହନ, ବୈଶ୍ୟ, ଉଚ୍ଚାଟନ- ସବୁକୁ ଫେଣ୍ଟିଫାଣ୍ଟି ଚିପୁଡ଼ି ପକେଇବ । ରସ ନିଗାଡ଼ି ବୁହାଇ ପକେଇବ ।

ଏମିତି ମେଘ କ'ଣ ଚିରାଚରିତ ହେଇପାରେ !
ଘଷରା, ଘାଗଡ଼ା ହେଇପାରେ !
ପୁରୁଣା ରହଣିଆ ହେଇପାରେ !
ପ୍ରଥା-ପରଂପରା ପରି ହେଇପାରେ !

ଏ ମେଘ, ମେଘ ନା ମହାମେଘ ? ଅଥବା ଅମେଘ ? ଅମୋଘ ନୁହେଁ ତ ? ହେଇପାରେ ଏମିତି ! ହେଇପାରେ ଅନ୍ୟମିତି !

ଏ ମେଘ ତମେ, ତମ ରୂପ, ତମ ଇଚ୍ଛାର ପ୍ରତିମାଛଡ଼ା ଆଉ କ'ଣ ? ମତେ ଭୁଲେଇ ଦେଲେ ଚଳିବନି । ଭୁଟେଇବାକୁ ଚେଷ୍ଟା କଲେ ପାରିବନି ।

ତମକୁ ମୁଁ ଚିହ୍ନିଚି, ବେଶ୍ ଭଲଭାବେ ଚିହ୍ନିଚି । ଖାଲି ଦଗାଦେବା ଛଡ଼ା, ପ୍ରତାରିତ କରିବା ଛଡ଼ା ତମେ ଆଉ କ'ଣ ଜାଣ ? ଦୁଃଖ ଉପରେ ଦୁଃଖ ଲଦିଦିଅ ବୋଝ ଉପରେ ଲଳିତା ବିଡ଼ା ପରି । ଯନ୍ତ୍ରଣାରେ ଛଟପଟ ହେଲାବେଳେ ଅଦୃଶ୍ୟ ରୂପରେ କୋଉଠି ଲୁଚିରହି ଯେମିତି ହସୁଥାଅ । ସୁକୁଟ ଦେଖୁଥାଅ । ଭଗାରୀ ତମଠୁ ବଡ଼ କିଏ ଅଛି ?

କିଛି କୁଆଡ଼େ ନଥାଏ, ଯେମିତି ମେଘପରି ଘୋଟିଆସ, ସେମିତି ଛାତି ଥରେଇ କୋହ ଉଠେଇ ଦିଅ, ଲୁହ ବୁହାଇ ଦିଅ । ଜୀବନ ଜଂଜାଳରେ ତ କେତେ ଘାଣ୍ଟି ହେଇ କେତେ କାନ୍ଦିଚି । କେତେ ଗାଳି କରିଚି ତମକୁ, ଶୋଧିଚି । କାହିଁକି ? ବାଧିଚି ବୋଲି । ବଳଦେବଙ୍କୁ ବାଧିଲାରୁ ସିଏ ତ ପୁଣି ଆପଣାର ମନୋରଥ ଭର୍ତ୍ତି କରି ଗାଳି ଦେଲେ, ମୁଁ କାହିଁକି ନ ଦେବି ?

ହେଲେ ତମେ କ'ଣ ସେ ଗାଳିକୁ ଖାତିର୍ କର ! ସେମିତି ହସୁଥାଅ । ନିଦା ପଥର ପରି, ଚକା ବଇଠି ପରି, କାଠ ପରି । ସେଥିପାଇଁ ପରା ତମ ନାଁ ଦାରୁଭୂତ ମୁରାରୀ । ନିଦାବିଷ୍ଣୁ !

ତମେ କ'ଣ ଏମିତି ମଣିଷକୁ କନ୍ଦେଇବାକୁ ସର୍ଜିଛ ?

ତମ ଇଚ୍ଛା ହେଲେ କନ୍ଦେଇବ, ଇଚ୍ଛାହେଲେ ହସେଇବ ? ନହେଲେ ନାଇଁ ?

କାହିଁକି ଏମିତି ତମର ଇଚ୍ଛା ହୁଏ ଯେ ?
କାହିଁକି କିଏସେ ତମର ନାଁ ଦେଲା 'ଇଚ୍ଛାମୟ' !
ଏମିତି ଇଚ୍ଛାମୟ କ'ଣ କେହି ହୁଏ ? ହୁଅନ୍ତି ?

ଏଇଥିପାଇଁ କେତେ ଅଭିଯୋଗ ତମ ବିରୁଦ୍ଧରେ ? ତମେ କୋଉଠି ଭାରୀ ଦାନୀ ବୋଲାଉଚ୍, ବାନା ଉଡ଼ାଉଚ୍ ପତିତ ପାବନ । ମିଛୁଟାରେ । ଯାହା ଦଉଚ୍ ତାହା ନେଇଯାଉଚ୍ । ଏ ହାତରେ ଦେଇ ସେ ହାତରେ ଝିଙ୍କି ନଉଚ୍ । କେତେ ବଂଶ ବୁଡ଼େଇଚ୍, କେତେ ଝିଅ ବୋହୂଙ୍କ ଇଜ୍ଜତ ନେଇଚ୍ । ତଥାପି ତମର ଏମିତି ଇଚ୍ଛା ଚରିତାର୍ଥ

ହେଇନି ? ଭଣ୍ଡେଇ ଲାଗିଚ୍ଛ ! ଭଳେଇ ଲାଗିଚ୍ଛ ! ତମ ଉପରେ କେହି ନାହିଁ ବୋଲି ? ତମ କତିକି କାହାର ହାତ ପାଉନି ବୋଲି ? କ'ଣ ଯୋର୍ ଯା'ର ମୂଳକ ତା'ର ? ଏକଚ୍ଛତ୍ରବାଦୀ ଶାସନ ? ତମେ ମାରିବ, ତମେ ତାରିବ ? ଖାଲି ତମେ ?

ଦି'ହାତ ନ ଟେକିଲା ଯାଏ ଲୁଗା ଦେଲନି ଦ୍ରୌପଦୀକି । ତକେଇ ରହିଲ । କେତେ କପଟ ତମର ! କେତେ ବାଦ, ଅହଂତା ? ଲକ୍ଷେ ବସ୍ତ୍ର ଦେଲ ଯେ, କୋଉଥିକି ପାଇଲା ? ଲଂଗଳା ହେଇଯାଇଥିଲେ ଆଉ ଅଧିକଟା କ'ଣ ହେଇଯାଇଥାନ୍ତା କି ? ତମେ ଲୁଗା ଦେଲାବେଳକୁ ସିଏ ଲଂଗଳା ହେବା, ତା'ର ଇଜ୍ଜତ ଯିବା ଆଉ କ'ଣ ବାକି ଥିଲା ? କ'ଣ ତେବେ ଦେଲ ? ଏଇଥିପାଇଁ ଦାତା ? ଭାରି ମଜା ଲାଗିଲା ତମକୁ ଦ୍ରୌପଦୀର ସେ ହଟହଟା ନୁହଁ ? ବାଃ ! ଚମତ୍କାର ତମର ଏ ଖେଳ ! ବର୍ଣ୍ଣିବାକୁ ଭାଷା ନାହିଁ ସତରେ !

ଏବେ କହ, ତମେ ଶତ୍ରୁ ନୁହଁ କ'ଣ ମିତ୍ର !
ତମେ ଇ ତ ଅସଲ ଶତ୍ରୁ ! ସାତ ଶତ୍ରୁ ! ପରମ ଶତ୍ରୁ !

ତମଭଳି ଶତ୍ରୁ ଏ ଜଗତରେ ଆଉ କିଏ ଅଛି ? କନ୍ଦେଇ ଦେଇ ଆଖିରୁ ଲୁହ ପୋଛିଦିଅ । ଦଣ୍ଡେ ମାରି ଦଣ୍ଡେ ଜିଆଇ ଦିଅ । ଧନୀ କରି କାଙ୍ଗାଳ କରିଦିଅ । ପୁଣି ଇଚ୍ଛା ହେଲେ କାଙ୍ଗାଳକୁ ଧନୀ କରିଦିଅ ।

ତମେ ପରା ଝୁରେଇ ଝୁରେଇ ମାରିବ ବୋଲି, କଣ୍ଟାରେ ରଖିବ ବୋଲି ପାଞ୍ଚି ଯଶୋଦାକୁ, ରାଧାକୁ ଛାଡ଼ି ମଥୁରାକୁ ଚାଲିଗଲ ! ଧରମ ରକ୍ଷା କରିବାକୁ କପଟ କରି କୌରବ ବଂଶଟାକୁ ବୁଡ଼େଇଦେଲ ? କମ୍ ଦାରୁଣ ତମେ ?

ତମେ ଶତ୍ରୁ ନୁହଁ ?
ତମ ପରି ଆଉ ଶତ୍ରୁ କିଏ ଅଛି ?

କେଡ଼େ ନିଆରା ନିଘନ ତମର ଏଇ ଶତ୍ରୁତା ! ଅରଣ୍ୟର ଘଞ୍ଚତା ପରି, ଆକାଶର ନିବିଡ଼ତା ପରି, ପାହାଡ଼ର କଠୋରତା ପରି, ସାଗରର ଗଭୀରତା ପରି, ପୃଥିବୀର ଗୁରୁତା ପରି, ଝଡ଼ ବତାସ ପରି ଭୂମିକଂପ ପରି, ଧୂ ଧୂ ବୈଶାଖ ପରି, ହାଡ଼ଭଙ୍ଗା ବାଘୁଆ ଶୀତପରି, ବନ୍ୟା ବିପ୍ଳାତ ପରି, ମହାମାରୀ ପରି, କାଳଯମ ପରି ତାଙ୍କର ଏଇ ଶତ୍ରୁତା !

କେଡ଼େ ଅଲଂଘନୀୟ, ଦୁର୍ଦମ, ଦୁର୍ଗମ, ଦୁର୍ଭେଦ୍ୟ !

ଚମଡ଼ା ଉତୁରିଯିବ ସିନା, ହାଡ଼ରୁ ମାଉଁସ ଖସିଯିବ ସିନା, ବଡ଼ରୋଗ ହୋଇଯିବ ସିନା, ପୃଥ୍ୱୀ ନବଖଣ୍ଡ ହେଇଯିବ ସିନା, ଆକାଶ ଗଡ଼ଗଡ଼ ଚଡ଼ଚଡ଼ ହେଇ ଫାଟିଯିବ ସିନା, ନଈ ଶୁଖିଯିବ ସିନା, ସମୁଦ୍ର କୂଳ ଲଂଘିବ ସିନା, ସୂର୍ଯ୍ୟ ପଶ୍ଚିମରେ ଉଇଁବ, ପର୍ବତ ଶୀଖରେ କଇଁ ଫୁଟିବ ପଛେ ତମ ଶତ୍ରୁତାକୁ ଟାଳିବ କିଏ ? କାହାର ସେ ଖେମତା ଅଛି ?

ଏବେ କହ, ତମେ ଶତ୍ରୁ ନୁହଁ ?


ଜୀବନ ସାଂଗରେ ଜଗତକୁ ଗଣ୍ଠି ପକେଇ ତମେ ଖାଲି ଛକି ଛକି ଶତ୍ରୁତା କର ! ଦାଉ ସାଧ !

ତମକୁ କୋଟିଏ ଜୁହାର, କୋଟିଏ ଦଣ୍ଡବତ, କୋଟିଏ ଓଳଗି ହେ ମୋର ପରମ ଶତ୍ରୁ ! ପ୍ରିୟ ଶତ୍ରୁ !

*ଅଧ୍ୟାପକ,*
*ଓଡ଼ିଆ ବିଭାଗ ବେଗୁନିଆ ମହାବିଦ୍ୟାଳୟ*
*ବେଗୁନିଆ, ଖୋର୍ଦ୍ଧା-୭୫୨୦୬୨*
*ଫୋ-୮୩୪୨୦୧୫୦୮୪*






ନୟନ ପଲକରେ
ଲୁଚାଅ ଜାଣି ଜାଣି

# ସ୍ମୃତିର ସ୍ତବକ

*ବିଦେଶୀ ଭଞ୍ଜ*

ଚାହୁଁ ଚାହୁଁ ବିତିଗଲା ଦିନ - ମାସ – ବର୍ଷ ପରେ ବର୍ଷ
ଦେଖୁ ଦେଖୁ ଜଗତର ନାଥ ହେଲେ ନବ ରୂପେ ନବ ପରକାଶ
ତୁମେ କିନ୍ତୁ ବିଜୟିନୀ ବିଜୟ ମୁକୁଟ ପିନ୍ଧି
ସବୁରି ହୃଦୟେ ଘର କରିଗଲ
ସବୁରି ମନରେ ରଙ୍ଗ ବୋଳିଦେଲ
ସଫଳତା ତୁମର ପାଦ ଚୁମି ଚୁମି
ଐଶ୍ୱର୍ଯ୍ୟମୟୀ ଗୋ
ଭରିଦେଲ ଚତୁର୍ଦ୍ଦିଗେ
ତୁମ ଆୟୁଷର ଅପାଶୋରା ସବୁ ସୁବାସ
ଜନମରୁ ମୃତ୍ୟୁ ପର୍ଯ୍ୟନ୍ତ
ଲେଖାହୁଏ ଯେଉଁ କର୍ମ ମହାଯଜ୍ଞ
ଉଲ୍ଲସିତ ହୁଏ ଭାବନା,
ତୁମେ ସେଇ ଯଜ୍ଞେ ଆହୂତି ଦେଇଛ
ସଂସାରୀ ହୋଇ ବି – ମାୟାରେ ଥାଇ ବି
ଏକମାତ୍ର ସେଇ କର୍ତ୍ତବ୍ୟକୁ କରି ଭେଳା
ତପସ୍ୟା ତୁମର ଅମୃତସ୍ପର୍ଶୀ
ଅମର ତୁମରି ସାଧନା,
ନିଜସହ ଆତ୍ମୀୟ ଓ ବନ୍ଧୁ ସହୋଦର
ସଭିଙ୍କ ସ୍ୱପ୍ନକୁ ସଜାଡି ସଯତ୍ନେ
ଗଢିଲ ସଫଳତମ ଇନ୍ଦ୍ରର ମହଲ
ଚିକ୍ ମିକ୍ କରେ ଯିଏ ଅଦ୍ଭୁତ ନିଶାରେ ॥
ଭାବିଲେ ବିସ୍ମୟ ଜାଗେ
ସ୍ୱଳ୍ପାୟୁ ହେଲେ ବି ମଧ
ବିଧାତା ଯେ ଖଞ୍ଜିଥିଲା ତୁମଠାରେ
କୀର୍ତ୍ତିମଖା ଗୌରବର ଅମାପ ଭଣ୍ଡାର ।

ଦୀର୍ଘ ଏକ ଜୀବନକୁ ନେଇ କର୍ମହୀନ ହେଲେ
ସ୍ୱପ୍ନ ସବୁ ଧୋଇ ହୋଇ ଯାନ୍ତି
ଲକ୍ଷଭ୍ରଷ୍ଟ ହେଲା ପରେ ନିରାଶା ମଧ୍ୟରେ
ବଣମଲ୍ଲୀ ହୋଇ ବଞ୍ଚିବାରେ କି ବା ଶ୍ରଦ୍ଧା ଥାଏ
ଯଦି ତାର ମହକକୁ ବାଣ୍ଟି ପାରେ ନାହିଁ ସିଏ –
ଜନ ମନ ପ୍ରାଣେ
ତୁମେ ତ ମମତାଭିଜା ମଧୁର କଣିକା
ତୁମେ ତ ନିର୍ବାଣମୁଖୀ ଆଶାର ବର୍ତ୍ତିକା
ତୁମେ ଆଜି ନାହଁ ଏଠି
ମୁହୂର୍ତ୍ତର ବାସ୍ନାୟିତ ରଜନୀଗନ୍ଧାରେ
ଅଭୁଲା ସ୍ମୃତିରେ ବନ୍ଧା ସବୁତକ ତୁମରି ପରଶ ।
ଚକ୍ରାୟିତ ହୋଇ ଘୂରିବୁଲେ
କିଛି ବ୍ୟଥା – କିଛି ତୃଷ୍ଣା - ଆଉ କିଛି ଦରଦୀ ଭାବନା,
ଯୁଇ - ଯାଇ – ଚମ୍ପକର ବାସ୍ନା ନେଇ ଝାଡିଝୁଡି ହୁଏ
ଜୀବାତ୍ମାରୁ ପରମାତ୍ମା ଯାଏଁ
ସବୁଠାରେ ବାରିହୋଇପଡେ –
ତୁମରି ବାରତା,
ଖାଲି ତୁମେ ନାରୀ ନୁହଁ – ମାଆ ନୁହଁ – ମାନବୀ ବି ନୁହଁ
ଏ ମର୍ତ୍ତ୍ୟର ଜାହ୍ନବୀ ଗୋ ତୁମେ
ତୁମରି ପବିତ୍ର ଧାରେ
ବହିଯାଉ ସବୁ ଦୁଃଖ – ଉଦାସୀ ଭାବନା
ଲିଭିଯାଉ ନିଃସଙ୍ଗତା – ମିଛ ମୋହ ସବୁ
ଏଠାରେ ଜୀବନ ହେଉ
ଶୁଦ୍ଧ ଆଉ କଳକଳ – ଛଳଛଳ
ସୁନ୍ଦର – ସ୍ୱପ୍ନିଳ ଆଉ ତନ୍ମୟ ବତୁରା ।

*ବିଦେଶୀ ଭଞ୍ଜ, ଏମ୍. ଏ. ,ବି. ଏଡ୍.*
*ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ,*
*ସୃଜନିକା, ନିଳାଦ୍ରୀନଗର, ଯାଗମରା, ଖଣ୍ଡଗିରି, ଭୁବନେଶ୍ୱର*
*ମୋବାଇଲ - ୯୪୩୭୦୮୨୧୦୮*

✠✠✠✠

# ଗଙ୍ଗ ଶିଉଳି

***ସ୍ୱଦେଶ ସୁନ୍ଦର ପଟ୍ଟନାୟକ***

ଗୋଟିଏ ସ୍ରୋତରେ ଭାସି ଯାଉଥିବା ଆଞ୍ଜୁଳାଏ ଫୁଲର ପାଖୁଡା ଆମେ ସବୁ । ସ୍ରୋତର ଧାରରେ ଆମେ ବେଳେବେଳେ କିଛିକ୍ଷଣ ପାଇଁ ପରସ୍ପର ସଂସ୍ପର୍ଶରେ ଆସୁ, ସୁଖ ବାଣ୍ଟୁ, ଦୁଃଖ ବାଣ୍ଟୁ, ହସୁ, ଖେଳୁ ପୁଣି ଯେ ଯାହା ସ୍ରୋତରେ ଭାସିଯାଉ ସେହି ଅନନ୍ତ ନୀଳିମା ଆଡକୁ । ଏଥିରେ କାହାର କର୍ତ୍ତୃତ୍ୱ ନଥାଏ । କିଏ ଆଗ ଗଲା ତ କିଏ ପଛ । କାହାର ଭସାଣି କେଉଁଠି କିପରି ଓ କେତେବେଳେ ଶେଷ ହେବ କିଏ ଜାଣେ ? ବିଜୟିନୀଙ୍କ ସାନ୍ନିଧ୍ୟ ବି ସେମିତି ଏକ ରଙ୍ଗଭରା ସୁଗନ୍ଧିଯୁକ୍ତ ଫୁଲଟିଏ ପରି ସମୟ ସ୍ରୋତରେ କିଛିକ୍ଷଣ ପାଇଁ ଆମ ସାଥେ ଭାସି, ଭଉଁରି ଖେଳି ସମସ୍ତଙ୍କୁ ମଧୁର ସ୍ମୃତିରେ ଭିଜାଇ ପୁଣି କେଉଁଆଡେ ଉଭେଇଗଲା ।

ବିଜୟିନୀ ଓ ଇନ୍ଦ୍ରମଣି ବାବୁଙ୍କ ସହ ଆମ ପରିବାରର ସମ୍ପର୍କ ପ୍ରାୟ ଦୁଇ ଦଶନ୍ଧିରୁ ଅଧିକ । ତାଙ୍କ ଝିଅ ଇନି (ତନୟା) ଓ ଆମ ଦ୍ୱିତୀୟ ଝିଅ ଟିକି (ମଞ୍ଜୁଷା) ଦ୍ୱିତୀୟ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଡି.ଏମ୍. ସ୍କୁଲରେ ଏକାଠି ପଢୁଥିଲେ । ଉଭୟଙ୍କ ସମ୍ପର୍କ ଥିଲା ନିଆରା । ତାଙ୍କରି ଜରିଆରେ ହିଁ ଆମ ଦୁଇ ପରିବାର ଏତେ ନିକଟତର ହୋଇ ପାରିଥିଲା । ଆଇ. ଆର. ସି. ଭିଲେଜରେ ପାଖାପାଖି ରହିଥାଉ । ପ୍ରାୟ ସବୁବେଳେ ଦେଖାସାକ୍ଷାତ ହୁଏ । ବିଜୟିନୀ ମୋ ଝିଅକୁ ନିଜ ଝିଅ ପରି ଦେଖୁଥିଲେ । ସବୁବେଳେ ଖୁଆଇ ପିଆଇ ଛାଡୁଥଲେ । ଦେଶ ବିଦେଶ ଗସ୍ତରେ ଗଲେ ଆମ ପିଲାଙ୍କ ପାଇଁ ଛୋଟମୋଟ ଉପହାରଟିଏ ଆଣିବାପାଇଁ କେବେ ଭୁଲୁ ନ ଥିଲେ । ପିଲାମାନେ ବଡ ହେଲେ । ଯେ ଯାହା ରାସ୍ତାରେ ଗଲେ । ତଥାପି ଆମ ଦୁଇ ପରିବାରର ସମ୍ପର୍କ ସେମିତି ରହିଲା । ମୋ ମାନସପଟ୍ଟରେ ସେତେବେଳକାର ବିଜୟିନୀ ଥିଲେ ଏକ ମମତାମୟୀ ମା, ସୁଗୃହିଣୀ ଓ ସ୍ନେହଶୀଳା ପ୍ରତିବେଶିନୀ ।

ମୋ ଚାକିରି ଜୀବନର ସାୟାହ୍ନରେ ଆଇ.ଆଇ.ପି.ଏ. ସଂସ୍ଥାର କାର୍ଯ୍ୟାନୁଷ୍ଠାନ କମିଟିରେ ଅବୈତନିକ କର୍ମକର୍ତ୍ତାରୂପେ ପ୍ରାୟ ପାଞ୍ଚବର୍ଷ ବିଜୟିନୀଙ୍କ ସହ ଏକାଠି କାମକରିବାର ସୁଯୋଗ ମିଳିଥିଲା । ଦକ୍ଷ ପରିଚାଳିକାର ସେ ଥିଲେ ଜଣେ ଜୀବନ୍ତ ନମୁନା । ଯେ କୌଣସି ସମସ୍ୟାକୁ ଅଯଥା ବଢିବାକୁ ନ ଦେଇ ସମୟୋପଯୋଗୀ ସମାଧାନ କରିବାରେ ସେ ଥିଲେ ସିଦ୍ଧହସ୍ତା । ମାନବିକ ଦୃଷ୍ଟିଭଙ୍ଗୀ ଓ ସମ୍ବେଦନଶୀଳତା ତା'ଙ୍କ ସଫଳ ପରିଚାଳନାର ମୁଖ୍ୟ ସୂତ୍ର ଥିଲା । ଉତ୍କଳ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ରୂପେ ସେ ଥିଲେ ତାଙ୍କ ଛାତ୍ର ଛାତ୍ରୀମାନଙ୍କ ଆଦର୍ଶ ରୋଲ୍ ମଡେଲ୍ । ବିଚକ୍ଷଣ ସ୍କଲାର୍ ।

ପ୍ରତ୍ୟେକ ମଣିଷ ତା'ର ଜୀବାବସ୍ଥାରେ ଏକ ଜୀବନ ବଳୟ ସୃଷ୍ଟି କରିଥାଏ । ପ୍ରତ୍ୟେକ ବଳୟ ଏକ କେନ୍ଦ୍ରବିନ୍ଦୁ ଉପରେ ଆଧାରିତ । କେନ୍ଦ୍ର ସ୍ଥିତି ଓ ବଳୟର ପରିସୀମା ହିଁ ବ୍ୟକ୍ତିତ୍ୱର ପରିଚିତି ଓ ସଫଳତାର ମାପକାଠି । ତେବେ ଅଧିକାଂଶ ନିଜ ଜୀବନର ଆଧାର ବିନ୍ଦୁଟି କ'ଣ ଜାଣି ନଥାନ୍ତି । ପୋକଟିଏ ପତ୍ର କାଟୁ କାଟୁ ଅକ୍ଷର ବନାଇଲା ପରି କେବଳ ବାହାବା ନିଅନ୍ତି । ଅନ୍ୟ କେତେଜଣ ଜୀବନବ୍ୟାପୀ ସେହି ବିନ୍ଦୁଟିର ଅନ୍ୱେଷଣରେ ହିଁ ବ୍ୟାପ୍ତ ଥା'ନ୍ତି । ତେବେ ମୋର ଯାହା ମନେହୁଏ, ବିଜୟିନୀ ଖୁବ୍ ଶୀଘ୍ର ଜୀବନର ସେହି ମୂଳ ଆଧାରଟିକୁ ଧରିନେଇଥିଲେ । ବଞ୍ଚିବାର ମାନେଟା କଅଣ ଜାଣି ସାରିଥିଲେ । ନିଜର, ନିଜ ପରିବାରର ତଥା ପାରିପାର୍ଶ୍ୱିକ ସମାଜର ପରିଧି ମଧ୍ୟରେ ଛୋଟ ଛୋଟ ବୃତ୍ତ ଆଙ୍କି ଏକ ସୁନ୍ଦର ଓ ସନ୍ତୁଳିତ ବୃହତ୍ତର ଜୀବନ ବଳୟ ସେ ସୃଷ୍ଟି କରିପାରିଥିଲେ । ଅନ୍ୟ ଠଠରେ ହସ ଚହଟାଇ ପାରୁଥିଲେ ।

ପ୍ରକୃତରେ ତାଙ୍କର ଯେ ଦୁଃଖ ନ ଥିଲା, ତାହା ନୁହେଁ । ଏତେଦିନ ଧରି ରୋଗର କଷ୍ଟ ଓ ମାନସିକ ପୀଡାର କେହି ଟିକିଏ ବିନ୍ଦୁଟିଏର ସୂଚନା ବି ପାଇ ନାହାନ୍ତି । ସବୁବେଳେ ହସହସ । ଗୀତାର ବିଷାଦଯୋଗର ସାର ମର୍ମ୍ମ ସେ ହୁଏତ ଠିକ ବୁଝିଥିଲେ । ଦୁଃଖ ତାଙ୍କୁ ତଳକୁ ଟାଣି ନଥିଲା ବରଂ ଆଧ୍ୟାତ୍ମିକ ଦିଗରେ ଉର୍ଦ୍ଧ୍ୱକୁ, ବହୁ ଉର୍ଦ୍ଧ୍ୱକୁ ନେଇ ଯାଇଥିଲା ।

ସତରେ ସେ ଥିଲେ ଗଙ୍ଗଶିଉଳି ଫୁଲ । ଛୋଟିଆ ଜୀବନ, ଅଥଚ ମହକଭରା । ତାଙ୍କ କଥା ଭାବିଲା ବେଳକୁ କୁନ୍ତଳା କୁମାରୀ ସାବତଙ୍କ 'ଶେଫାଳି ପ୍ରତି' କବିତାର ସେହି କାଳ ଜୟୀ ପଦଟି ମୋ ମନରେ ବାରମ୍ବାର ଗୁଣଗୁଣାଉଛି –

"ତୋହପରି କ୍ଷୁଦ୍ରମୁହିଁ ତୋହ ପରି କ୍ଷଣିକ,
ହସେ ବାସେ ରସେ ମାତ୍ର ଫୁଟିଅଛି ଘଡିକ
ମାଟିରେ ମିଶିବୁ ତୁହି ମାଟିରେ ମିଶିବି ମୁହିଁ
ତଥାପି ମୋ ଆତ୍ମାଫୁଲ ନ ଯିବରେ ମଉଳି
ତେଣୁ ଆଶା ବହି ଦିନ କାଟେ ଗଙ୍ଗଶିଉଳି ।"

ବିଜୟିନୀଙ୍କ ଆତ୍ମାଫୁଲ ମଉଳିନାହିଁ, ମଉଳିବ ନାହିଁ । ପରମେଶ୍ୱରଙ୍କ ଚରଣକମଳରେ ସେ ତ ସଦା ସମର୍ପିତ । ସେଥିପାଇଁ ତାର ଭୁରୁଭୁରୁ ବାସ୍ନା ସର୍ବଦା ଆମମାନଙ୍କୁ ବିମୋହିତ କରିଆସିଛି ଓ କରୁଥିବ ।

ଏନ୍-୩/୩୧୬, ଆଇ.ଆର.ସି. ଭିଲେଜ୍,
ଭୁବନେଶ୍ୱର – ୭୫୧ ୦୧୫,
ମୋ- ୯୪୩୭୪ ୯୦୯୨୭

✠✠✠✠

# ଯୋଗଜନ୍ମା

**ବିଜୟଲକ୍ଷ୍ମୀ ଦାଶ**

ହଠାତ୍ ଏତେ ସକାଳୁ ଫୋନ୍ ଆସିବାରୁ ଛାତି ଭିତରଟା ଥରି ଉଠିଲା । ସକାଳୁ ସକାଳୁ କିଛି ଅଶୁଭ ଖବର ନାହିଁ ତ ? ମନକୁ ମନ ପଚାରି ଫୋନ୍ ଉଠାଇଲି । ତୁମ ଭାଇଙ୍କର ଫୋନ୍ ଥିଲା । ପଚାରିଲେ ଉଠିଲଣି ? ହଁ । କ'ଣ ହେଲା ? ଏତେ ସକାଳୁ ଫୋନ୍ କରିଛ ଯେ ? ହଁ... ଗୋଟେ ବ୍ୟାଡ୍ ନିଉଜ୍ । କହି କାନ୍ଦି ପକାଇଥିଲେ । ଆରେ, ତମେ କାନ୍ଦୁଛ କାହିଁକି ? କ'ଣ ହେଇଛି କୁହ । ପାଟି ତାଙ୍କର ଖନି ମାରି ଯାଉଥିଲା । ବହୁତ କଷ୍ଟରେ ଲଥ୍ କରି ତଳେ ବସିପଡ଼ିଲି । ଏତେ ବଡ଼ ଦୁଃଖ ଖବରଟେ ଶୁଣିବି ବୋଲି ଭାବିନଥିଲି । ନିଜକୁ ନିଜେ ପ୍ରଶ୍ନ ପଚାରିଥିଲି । ଭଗବାନ ଏପରି କାହିଁକି ଯେ କରନ୍ତି ? ଏତେ ଭଲ ମଣିଷ ! ବୟସ ବା କେତେ ? ଆଖିରୁ ମୋର ଲୁହ ଗଡ଼ିଚାଲିଥିଲା । ଆଖିରୁ ଲୁହ ପୋଛି ଧୈର୍ଯ୍ୟ ଧରିବା ପାଇଁ ଚେଷ୍ଟା କରୁଥିଲି । ହେଲେ କିଛି ଭଲ ଲାଗୁନଥିଲା । ସତରେ ଯେମିତି କ'ଣ ଗୁଡ଼ାଏ ହଜେଇ ପକେଇଲା ପରି ଲାଗୁଥିଲା । ତୁମ ମୁହଁ ବାରମ୍ବାର ମୋର ଆଖି ଆଗରେ ନାଚି ଉଠୁଥିଲା । ତୁମେ ଯେମିତି ମୋ ପାଖ ଦେଇ ଚାଲିଯାଉଛ । ହସି ହସି କଣେଇ କଣେଇ ମୋତେ ଚାହୁଁଛ । ଭୁଲି ପାରୁନଥିଲି । କିଛି ସମୟ ପରେ ତୁମ ଭାଇ ଫୋନ୍ କଲେ । କହିଲେ ତୁମେ ସ୍ୱର୍ଗଦ୍ୱାରଠିକି ଚାଲ । ଆମେ ପୁରୀ ଡାକ୍ତରଖାନା ଡେଇଁଗଲୁଣି । ତୁମକୁ ଶେଷଥର ଟିକେ ଦେଖିବା ପାଇଁ ଧାଇଁଗଲି ସ୍ୱର୍ଗଦ୍ୱାର ନିକଟକୁ । ତୁମକୁ ଏପରି ଦେଖିବି ବୋଲି କେବେବି ଭାବି ନଥିଲି । ଫୁଲଗଦା ଭିତରେ ତୁମ ମୁହଁଟି ଭାରି ସୁନ୍ଦର ଦିଶୁଥିଲା । ଅହ୍ୟ ସୁଲକ୍ଷଣୀ ସାଜି ପାଦରେ ଅଳତା, ମଥାରେ ସିନ୍ଦୂର ନାଇଁ ନାଲିଶାଢ଼ୀ ପିନ୍ଧି ତୁମେ ସାଧବ ବୋହୂପରି ସୁନ୍ଦର ଦେଖାଯାଉଥିଲ । ତୁମ ମୁହଁରେ ସ୍ମିତହସ ଫୁଟି ଉଠୁଥିଲା । ବହୁଦିନର ଅବିଶ୍ରାନ୍ତ ଜୀବନରୁ ଦୂରେଇ ଯାଇ ତୁମେ ଚିରନିଦ୍ରାରେ ଶୋଇ ଯାଇଥିଲ । ତୁମ କାନରେ ଭାଇ, ସୋମୁ ଓ ଇନିଙ୍କର କାନ୍ଦ ଯେପରି କିଛି ଶୁଭୁ ନଥିଲା । ସମସ୍ତଙ୍କୁ ଶୋକ ସାଗରରେ ଭସାଇଦେଇ ଚିର ବିଦାୟ ନେଇ ଯୁଇ ଉପରେ ତୁମର ଚିତା ଜଳି ଉଠିଥିଲା । ସମସ୍ତଙ୍କ ଆଖିରୁ ଝରଝର୍ ହୋଇ ବିଦାୟର ଅଶ୍ରୁ ଝରି ପଡୁଥିଲା । ମନ ଭିତରେ ଅସରନ୍ତି କୋହକୁ ଚାପିରଖି ଫେରିଆସିଥିଲି । ହେଲେ ଅପା ତୁମେ କ'ଣ ଭୁଲିହେବା ମଣିଷ ? ବାହାଘର ବେଳେ ତୁମକୁ ଯେତେବେଳେ ପ୍ରଥମେ ଦେଖିଲି ଆଖି ଫେରେଇ ପାରିନଥିଲି । କେତେ ସୁନ୍ଦର ତୁମେ ଦେଖାଯାଉଥିଲ । ତୁମର ହସ ତୁମ କଥା ତୁମ ମୁହଁକୁ ଆହୁରି ସୁନ୍ଦର କରିଦେଉଥିଲା । ସଦ୍ୟ ପ୍ରସ୍ଫୁଟିତ ପଦ୍ମଫୁଲ ପରି ତୁମର ମୁଖମଣ୍ଡଳ ଝଲମଲ କରୁଥିଲା । ତୁମର ସ୍ନେହ, ଶ୍ରଦ୍ଧା ଓ ମିଠା କଥାରେ ମୁଁ ନିଜକୁ ହଜେଇ ଦେଇଥିଲି । ତୁମ ଭାଇ ତ ସବୁବେଳେ ତୁମର କଥା ଗପନ୍ତି । କୁଆଡ଼େ ଟିକେ ବୁଲିଯିବାକୁ କହିଲେ, କୁହନ୍ତି ଚାଲ ଅପା ଘରଆଡୁ ବୁଲିଆସିବା । ତୁମ ଘରକୁ ଗଲେ ତୁମର ଅତି ଆପଣାର କଥା ଶୁଣିବାକୁ ଭାରି ଭଲ ଲାଗେ ।

ସାବିତ୍ରୀ ପୂଜା ଆସିଲେ ତୁମ କଥା ଆହୁରି ବେଶି ମନେପଡ଼େ । ତୁମ ପାଇଁ ଶାଢ଼ୀ, ଚୁଡ଼ି, ପଣସ ନେଇ ଯେତେବେଳେ ତୁମ ଭାଇଙ୍କ ସାଙ୍ଗରେ ଯାଏ ଖୁସିରେ ତୁମର ଗୋଡ଼ ତଳେ ଲାଗେନାହିଁ । ସମସ୍ତଙ୍କୁ ଡାକି ଶାଢ଼ୀ ଚୁଡ଼ି ଦେଖାଇ କୁହ ମାନୁ ମୋ ପାଇଁ ଏସବୁ ଆଣିଛି । ଶାଢ଼ୀକି ଖୋଲି ଦେଖାଇ କୁହ ଶାଢ଼ୀଟା ବଢ଼ିଆ ହୋଇଛି । ତୁମର ଏତେ ଆନ୍ତରିକତାକୁ କେବେବି ଭୁଲିପାରିବିନି ।

ତୁମେ ପୁରୀ ଆସିଲେ ଜଗନ୍ନାଥ ମନ୍ଦିର, ସମୁଦ୍ର କୂଳ ଇତ୍ୟାଦି ଏକାଠି ବୁଲିଯାଉଥିଲେ । ସୋମୁ, ଇନି କେତେ ଖୁସି ହୁଅନ୍ତି । ମୋ ପୁଅ ଝିଅ ବି ତୁମକୁ ଦେଖି ଭାରି ଖୁସି ହୁଅନ୍ତି । ମଝିରେ ମଝିରେ ତୁମକଥା ମନେପଡ଼ିଲେ ତୁମ ଭାଇଙ୍କ ଆଗରେ ତୁମ କଥା ଗପନ୍ତି ।

ସେ ଦିନକୁ ତ ମୁଁ ଜମା ଭୁଲିପାରିବିନି । ଛଅନମ୍ବର ଡାକ୍ତରଖାନାରେ ମୋର ଅପରେସନ୍ ପରେ ଯେତେବେଳେ ମୋର ଚେତା ଫେରି ଆସୁଥିଲା, ମୁଁ ଆଖି ଖୋଲି ପ୍ରଥମେ ତୁମକୁ ମୋ ପାଦତଳେ ବସିଥିବାର ଦେଖିଥିଲି । ତୁମେ ମୋ ଗୋଡ଼କୁ ଆଉଁସୁଥିଲ । ଆଉ ହସି ହସି ପଚାରୁଥିଲ – କେମିତି ଲାଗୁଛି ? ପାଟି ମୋର ଅଠା ଅଠା ହୋଇଯାଉଥିଲା । କଥା ବାହାରୁ ନଥିଲା । ତୁମେ ମୋ ଗୋଡ଼ ଆଉଁସୁଥିବା ଦେଖି ମୋତେ ଜମା ଭଲ ଲାଗୁନଥିଲା । ଯେମିତି ମୁଁ ଗୁଡ଼ାଏ ପାପ କରୁଛି ସେମିତି ମୋତେ ଲାଗୁଥିଲା । ଏବେବି ସେଦିନ କଥା ମନେପଡ଼ିଲେ ମୁଁ ତୁମର ସେହି ସ୍ପର୍ଶକୁ ଅନୁଭବ କରେ । ତୁମର ସେହି ହସହସ ମୁହଁକୁ ମନେପକାଏ । ତୁମର ଦେହ ଖରାପ ହେବା ପରଠାରୁ ତୁମ ମନରେ ଏତେ ଖୁସି ନଥିଲା । ତୁମେ ହସୁଥିଲ କିନ୍ତୁ ହସ ଭିତରେ ତୁମେ ଯେପରି ଅନେକ ଯନ୍ତ୍ରଣାକୁ

ଲୁଚାଇବାକୁ ଚେଷ୍ଟା କରୁଥିଲ । ତୁମର ସମସ୍ତ କଷ୍ଟ ଓ ଦୁଃଖକୁ ବୁକୁତଳେ ଚାପିରଖି ପୂର୍ବପରି ସେମିତି ହସିବାକୁ ଚେଷ୍ଟା କରୁଥିଲ । ତୁମର ହସରେ ଯେପରି କିଛି ଗୋପନୀୟତା ରହିଯାଉଥିଲା । ତୁମ ଭାଇଙ୍କୁ କହିଲି । କହିଲେ, ତୁମକୁ ସେମିତି ଲାଗୁଛି । ଅପା ପୁରା ଠିକ୍ ଅଛନ୍ତି । ଅପା ତୁମଠୁ ଦିପଦ କଥା ଶୁଣିଦେଲେ ମନରେ ଥିବା ସମସ୍ତ ଦୁଃଖ କଷ୍ଟ କୁଆଡ଼େ ପଳାଏ । ତୁମକୁ ଆଦର୍ଶ କରି ପୁଣି କର୍ମପଥରେ ଆଗେଇଯାଏ ।

ଅପା, ତୁମେ ଜଣେ ଯୋଗଜନ୍ମା । ତୁମ ପାଖେ ଭରି ରହିଥିଲା ଅଗାଧ ପାଣ୍ଡିତ୍ୟ । ଅନାବିଳ ପ୍ରେମ । ଅପରିମିତ ମମତା । ତୁମେ ଥିଲ ବିଚାରବନ୍ତ । ତୁମ ଚିନ୍ତା ଓ ଭାବନାରେ ଥିଲା ଶୁଦ୍ଧ ସରଳତା । ଅସରନ୍ତି ସ୍ନେହ ଶ୍ରଦ୍ଧା ବାଣ୍ଟି ତୁମେ ସମସ୍ତଙ୍କୁ ଆପଣାର କରିନେଉଥିଲ । ବନ୍ଧୁବାନ୍ଧବଙ୍କଠାରୁ ଆରମ୍ଭ କରି ଛାତ୍ରଛାତ୍ରୀ ଓ ସହକର୍ମୀମାନଙ୍କ ସହ ତୁମର ଥିଲା ଅତି ନିବିଡ଼ ସଂପର୍କ । ସଂସାର ଯାକର ସବୁ ଭଲ ଗୁଣ ଠୁଳ ହୋଇରହିଥିଲା ତୁମରି ପାଖରେ । ନିଷ୍ଠାପର, କର୍ତ୍ତବ୍ୟ ପରାୟଣା ହୋଇ ତୁମର କର୍ମଗୁଡ଼ିକ ଅକୁଣ୍ଠ ଚିତ୍ତରେ କରିଯାଉଥିଲ । ତୁମେ ଥିଲ ପରୋପକାରୀ, ଦୟାଶୀଳା । କାହାର ଦୁଃଖ ଦେଖିଲେ ତୁମ ଦୁଇ ଆଖିରୁ ଝରି ଆସୁଥିଲା ଲୋତକର ଧାରା । ସ୍ୱପ୍ନ ତୁମର ଥିଲା ଏକ ଆଦର୍ଶ ସଂସାର । ସ୍ୱାମୀ, ପୁତ୍ର, କନ୍ୟା, ବୋହୂ, ଜ୍ୱାଇଁ, ନାତୁଣୀ ତଥା ଆତ୍ମୀୟ ସ୍ୱଜନଙ୍କ ପାଇଁ ତୁମର ତ୍ୟାଗ, ନିଷ୍କାମ ସେବା ଓ ବଳିଦାନ ତୁମକୁ ଆଜି ଅବିସ୍ମରଣୀୟ କରିଛି । ଶୀତଦିନର ଉଷ୍ମତା ଦେଉଥିବା ଚଦରପରି ତୁମେ ଯେଉଁ ସ୍ନେହ ଓ ପ୍ରେମର ଧାରାକୁ ବିତରଣ କରୁଥିଲ, ତାହା ଆଜି ସମସ୍ତଙ୍କ ଅନ୍ତରରେ ଶୂନ୍ୟ ସ୍ଥାନ ସୃଷ୍ଟି କରିଛି । ସୁଖ ଦୁଃଖର ସାଥୀ ସାଜି ନିରନ୍ତର କର୍ମ କରି ଏକ ଜ୍ୱଳନ୍ତ ଆଦର୍ଶର ଦୃଢ଼ ସ୍ତମ୍ଭ ପରି ଠିଆ ହୋଇ ରହିଛି । ସରଳ ନିଷ୍କପଟ ହୃଦୟ ତୁମର, ଯେଉଁଠାରେ ସାନ ବଡ଼ର ବାଛ ବିଚାର ନଥିଲା । ତୁମଠାରୁ ବହୁ ଦୂରରେ ଥିଲା ଗର୍ବ ଆଉ ଅହଂକାର । ଏକ ବିରାଟ ବଟବୃକ୍ଷ ପରି ତୁମେ ସମସ୍ତଙ୍କୁ ଦେଉଥିଲ ଶୀତଳ ଛାୟା ଓ ଆଶ୍ରୟ । ତୁମେ ସର୍ବଗୁଣ ସମ୍ପନ୍ନା । ତୁମେ ଏକ ମହାନ୍ ଆତ୍ମା । ତୁମେ ଚିର ନମସ୍ୟା ।

ବୋଧହୁଏ ତୁମ ଅବିଶ୍ରାନ୍ତ କର୍ମମୟ ଜୀବନର ପରିସମାପ୍ତିର ସମୟ ଆସିଯାଇଥିଲା । ବିଧାତାଙ୍କ ନିଷ୍ଠୁର ନିଷ୍ପତ୍ତି ନିକଟରେ ସମସ୍ତେ ହାର୍ ମାନିଯାଇଥିଲେ । କେହି ତ ବିଶ୍ୱାସ କରିପାରୁନାହାଁନ୍ତି ତୁମେ ନାହଁ ବୋଲି ତୁମ କଥା ଯେତେବେଳେ ମନେପଡ଼େ ତୁମ ହସହସ ମୁହଁ, ଶୋଇବା ଶେଯରେ ତୁମକଥା ବହୁଥର ମନେପଡ଼େ । ଆଖିରୁ ନିଦ ହଜିଯାଏ ।

ତୁମ ଭାଇ ଅନେକଥର ଡାକିଲେଣି ତୁମ ଘରକୁ ଯିବାପାଇଁ, କିନ୍ତୁ ମୁଁ ମନା କରିଦିଏ । ତୁମେ ତ ନାହଁ । ଯେତେ ଧୈର୍ଯ୍ୟ ଧରିଲେବି ତୁମ ଫଟୋ ଆଡ଼କୁ ବାରମ୍ବାର ମୋ ଆଖି ଟାଣି ହୋଇଯାଏ । ତୁମ ଫଟୋକୁ ଚାହିଁ ରହିବାକୁ ଇଚ୍ଛାହୁଏ । କ୍ଲିନିକ୍‌ରେ ସାର୍ ଓ ଇନିଙ୍କ ସାଥେ ଦେଖା ହୋଇ ଚାଲିଆସେ । ତୁମ 'ମୋନାଲିସାର ହସ' ବହିଟି ଯେତେବେଳେ ପଢ଼ିବାକୁ କାଢ଼େ ମୋନାଲିସାର ହସ ମୁହଁଟିରେ ମୁଁ ତୁମରି ମୁହଁକୁ ତୁମରି ହସକୁ ଦେଖେ । ବହିଟି ପଢ଼ି ନପାରି ଆଲମାରିରେ ପୁଣି ରଖିଦିଏ ।

ଅପା ! ତୁମେ ଏକ ସ୍ୱତନ୍ତ୍ର ଚରିତ୍ର । ତୁମ ସ୍ମୃତି ଅବିସ୍ମରଣୀୟ । ଅଲିଭା ଦୀପ ତୁମେ । ତୁମର ଅମର ଆତ୍ମାର ସଦ୍‌ଗତି ହେଉ । ଏତିକି କାମନା କରୁଛି । ତୁମେ ଯେଉଁଠି ଥାଅ ଖୁସିରେ ଥାଅ । ତୁମ ଆଶୀର୍ବାଦ ଆମ ସମସ୍ତଙ୍କ ଜୀବନକୁ ସୁଖମୟ କରୁ ।

**(ମାନୁ)**
ଡୁମୁଡୁମା (କ), ଖଣ୍ଡଗିରି,
ଭୁବନେଶ୍ୱର-୩୦



# HOW I WONDER WHAT YOU ARE !!

***Sujata Priyadarsini***

Regional College campus is my birthplace. Bijoyini Mausi stayed very near to our campus in Unit IX Flat, Bhubaneswar. Mausi was not merely my mama's (Smt. Kamala Sahu) colleague in Rama Devi Women's College. More than that, they shared an enviable relationship. She was mama's loving little sister. Mausa (Dr. Indramani Jena) was a very popular medicine specialist. Their children, Ini (Dr. Tanaya Jena, Gyenicologist) and Somu (Dr. Somnath Prasad Jena, Neuro-Surgeon) were very young then. We were all a family.

Going down the memory lane and reminiscing those sweet memories is always so pleasant. I can still visualise the huge guava tree in our garden. It had three main branches which we (my younger brother Bapi and myself) had distributed as 'private' and 'public'. The one that was 'public' was open to all and anyone could pluck guavas from it. However, it was exclusively with Ini and Somu that we shared the ripe and tasty guavas from all the branches. Mausi would always loughly recollect the incident of how I used to narrate to little Somu about the fairies fixing those guavas on the tree. On all special occasions and festivals there would be an exchange of curries and traditional 'pithas'. A few days prior to my marriage, Mausi had specially invited me for lunch. I am yet to taste such lip smacking dishes prepared with love and care. Her culinary skills were simply amazing. She loved to have 'Dahi vadas' prepared by me. And I always remembered to share whenever I prepared them.

She was a wonderful homemaker. She would keep her house spick and span. Sometimes she would set aside the choicest gifts that Mausa received. Our dinning table still boasts of Mausi's special gift - an unique salt and pepper set. Similarly, a simple handkerchief, which was a present for me bears testimony to her superb aesthetic taste. It was impeccable white in colour with a beautiful swan in fabric painting adorning one corner of the hanky. The four sides had an exquisite lace work. It looked so delicate and beautiful that I have it to this day as a souvenir from her.

On one of my regular trips to Samaroh, I was surprised to discover Mausi, the singer. Her flair for music was given a new identity, when she was taking music lessons and was a certificate holder of the prestigious 'Gandharva University'. Mausa had presented me a video CD with some of her mellifluous songs sung in different programmes, which Papa and I open to see very often. She was a scholar in the true sense of the term. All her life she loved to be a student with an unquenchable thirst for learning. She had a tremendous weakness for good students in the University. She always inspired me for my scholastic activities and rejoiced in my success.

She was a tireless soldier in the sphere of social work, too. Mausa was recounting the aftermath of Supercyclone, 1999. Mausi's heart was in agony for the shelterless, who had to brave the fury of Nature. She immediately planned in her own little way to distribute blankets and other relief materials.

As a teacher *par excellence*, she was literally worshipped by her students. She achieved many laurels in her life, that any one aspires for - the highest degrees of Ph. D.; D. Litt, Research and Publications in addition to her successful guidance in matters of contemporary field. As a litterateur, her creative writing includes many poems, historical accounts, essays and her *magnum opus*, 'a swan song' the novel 'Hasuni Monalisa'.

From Samaroh to Hillside Nursing Home, I feel her overwhelming presence everywhere. Her multifaceted personality establishes her as a versatile genius. Hope, Mausi will remain a role model for us always igniting our minds so as to continue the legacy. She truly justifies H.W. Longfellow's lines:

> "Lives of greatmen all remind us
> We can make our lives sublime,
> And departing leave behind us
> Footprints on the sand of time."

Plot No. 966/B
Prakriti Vihar, Baramunda,
Bhubaneswar - 751003
Mobile: 9437137377

# Mommy

***Manjusha Patnaik***

The word 'foreign' evokes many emotions in young minds of adolescents. Some may consider it as a faraway country, while for some others it is a cherished dream fuelling their ambition. Few others boast about it relentlessly since their uncle's neighbor or cousin's friend is settled somewhere abroad. For a mindless juvenile like me, the word had no meaning beyond the pages of history and geography. But like so many things in life, which has a first, my first formal introduction to 'foreign' was by 'Tanaya Mommy'.

On return from one of her numerous international conferences, Tanaya Mommy had got me a little something from a land in 'foreign', which my adult mind recalls to be Berlin. A small blue jar of white velvety face cream. Of course, the ecstasy of a child to come across such a prized possession had no bounds. It was invaluable. So much so that I allowed it to spoil rather than apply, lest it would get over ! But unknown to her, Tanaya Mommy had gifted me something more precious that a cream to sooth my outer self. She introduced me to myself. With her simple gesture, I ceased to share my identity with hundreds of fellow students in school; not with my siblings, as one amongst the three. I was a person to her, an individual in my own right. By thinking of me as somebody special enough to be gifted a little something 'made in foreign'. Tanaya Mommy made me feel special. She made me …Me.

Like something in life that one accepts as given, I have never questioned how I met Tanaya Mommy. I do not remember the day, the time and the year. I only remember her constant presence throughout my childhood. Equally constant was her infectious smile and warm demeanor. She was the mother of my best friend. But as months rolled into years, I recall being no longer introduced as Ini or Tanaya's friend. Nor was I so-and-so's daughter, living here and studying there. I was simply introduced as 'Our niece'. Nobody bothered to trace the family tree to figure out our exact relation. Nothing had changed for anybody but me. I felt welcomed and part of the family. It took me years, perhaps decades, to unravel the wisdom necessarily the other way round. My relation to Tanaya Mommy was merely 'her daughter's friend'….. but our relationship is far beyond the scope of written words.

Tanaya Mommy to me, or Dr. Bijoyini Mohanty to many others, was truly a source of inspiration. She was a mother, a wife, a teacher, a pragmatic leader, a fine orator and a gifted singer. A household name in my family, she had touched the lives of all of us in her small and big ways. She was a cherished colleague to my father, a motivation to my mother sharing similar aspirations for the children; and an inspiration to my sisters as an accomplished woman professional. She was celebrations personified – the reason behind her vivacious personality. No anguish was large enough to curtail neither her spirits nor any occasion too small for her to celebrate. She toasted our Class X English paper with chocolate ice cream and or +2 Math's paper with vanilla. Her life was a celebration. As so is her death.

Dr. Bijoyini Mohanty was an esteemed academician, a prolific author and an adept public administrator. Volumes may not be able to do justice to her life and the long inventory of her accomplishments. But for me, she was and will continue to be Tanaya Mommy, an ever smiling mother-like personality, who showed unlimited love and affection on me. Today, while I remember her in a land so foreign, literally and otherwise, all I can say is, Thank you Tanaya Mommy, for being a part of my life.

8th July' 2015
65, Shetland Court,
Edison, 08817, New Jersey, USA

✠✠✠✠

# ମିଳନ ମଧୁରାତି
# ପାହିଲା ଚାହୁଁ ଚାହୁଁ



# ମଣିଷ ଜୀବନ: ବିଧିର ବିଧାନ

***ସୁଶୀଲ କୁମାର ପଟ୍ଟନାୟକ***

ଭଗବାନଙ୍କ ଦରବାରରୁ ସଂସାରକୁ ଆସିବା ସମୟରେ ଏ ମଣିଷ ଅନେକ କାର୍ଯ୍ୟ କରିବା ପାଇଁ ଓ ସ୍ରଷ୍ଟାଙ୍କ କଥା ମାନିବାକୁ କଥା ଦେଇ ଆସିଥାଏ । ସ୍ରଷ୍ଟା ମଧ ୮୪ ଲକ୍ଷ ଜୀବଜନ୍ତୁଙ୍କ ସୃଷ୍ଟି କରି ପଚାରନ୍ତି, "ତୋର ସ୍ରଷ୍ଟା କିଏ ?" ଜୀବଜନ୍ତୁ ତଥା ସମଗ୍ର ଜୀବଜଗତ ଏ ପର୍ଯ୍ୟନ୍ତ କହି ଆସୁଥିଲେ, "ମୋର ସୃଷ୍ଟା ମୁଁ" । ସେମାନେ ଭଗବାନଙ୍କୁ ଚିହ୍ନିପାରୁ ନଥିଲେ । ଯେଉଁଦିନ ଏ ମଣିଷକୁ ସୃଷ୍ଟି କଲେ ଏବଂ ସେଇ କଥା ପଚାରିଲେ, ଚାଲକି ବୁଦ୍ଧିଆ ମଣିଷଟି ହାତ ଯୋଡ଼ି ପ୍ରଣାମ ଜଣାଇଲା ଓ କୃତଜ୍ଞତା ସହିତ କହିଲା, "ମୋର ସ୍ରଷ୍ଟା ଓ ଆପଣ, ଆପଣଙ୍କ ବିନା ମୁଁ ସଂସାରର ଆଲୋକ ଦେଖିବା ଅସମ୍ଭବ ।" ଭଗବାନ ଖୁସି ହୋଇଗଲେ ଏବଂ ମନେକଲେ, ତାଙ୍କର ସୃଷ୍ଟି ସାର୍ଥକ ହେଲା । ତେଣୁ ଭଗବାନ ମଣିଷ ପରେ ଆଉ ନୂତନ ସୃଷ୍ଟି କରିନାହାଁନ୍ତି । ମଣିଷକୁ ସବୁ ଶିକ୍ଷା ଦୀକ୍ଷା ଦେଇ ବିବେକ ନାମରେ ଏକ ବିଶେଷ ଗୁଣ (ଯାହା କୌଣସି ସୃଷ୍ଟିକୁ ଦେଇ ନଥିଲେ) ସହିତ ସଂସାରରେ ଛାଡ଼ି ଦେଇଗଲେ । ପ୍ରତ୍ୟେକ କାର୍ଯ୍ୟ ସହିତ ତାଙ୍କ ନାମ ଜପ କରୁଥିବା କହି ଚାଲିଗଲେ । ଏ ମଣିଷର ଟିକେ ବୁଦ୍ଧି ହେଲା ମାତ୍ରେ ସେ ଭୁଲି ଗଲା ସ୍ରଷ୍ଟାଙ୍କୁ, ନିଜସ୍ୱ ଚିନ୍ତାରେ କାର୍ଯ୍ୟ କଲା ସିଏ । ଫଳରେ ଅନେକ ଘାତ ପ୍ରତିଘାତ ଦେଇ ଗତି କଲା ।

କିନ୍ତୁ ସ୍ରଷ୍ଟା ଗୋଟିଏ ପ୍ରାଣୀର ଜନ୍ମ ଦେବା ସହିତ ତାର ଖାଦ୍ୟପେୟ ବାସ, କର୍ମ, ବୁଦ୍ଧି, ବିଚାର ଇତ୍ୟାଦି ସଜାଡ଼ି ଦେଇଥାନ୍ତି । ବେଳେ ବେଳେ ଏହି ସୃଷ୍ଟିରେ ଦେଖାଯାଏ, କିଏ ମାନସିକ ଦୃଷ୍ଟିରୁ ଅନଗ୍ରସର, କିଏ ଦୃଷ୍ଟି ଶକ୍ତିବାଧକ, କିଏ ଶାରୀରିକ ବିକଳାଙ୍ଗ ଯେଉଁମାନଙ୍କୁ ଆମେ ଭିନ୍ନକ୍ଷମ ନାମରେ ନାମିତ କରିଅଛେ । ଏହାର ବିଜ୍ଞାନ ମତରେ କିଛି କାରଣ ଥାଇପାରେ କିନ୍ତୁ ଆଧାତ୍ମିକ ଦୃଷ୍ଟି କୋଣରୁ ପ୍ରାରବ୍ଧର କର୍ମଫଳ ବୋଲି କୁହାଯାଏ ।

କିନ୍ତୁ ସଙ୍ଗୀତର ଶକ୍ତି କିବା ମାନବ, ପଶୁପକ୍ଷୀ, ଉଭିଦ, ବୃକ୍ଷଲତା, ସକ୍ଷମ, ଭିନ୍ନକ୍ଷମ ସମସ୍ତଙ୍କ ଉପରେ ପ୍ରଭାବ ବିସ୍ତାର କରିଥାଏ । କିଏ ଗୀତ ଗାଇ କିଛି ଆନନ୍ଦ ପାଇଥାଏ ତ କିଏ ଶୁଣି ଶୁଣି ଆନନ୍ଦ ଅନୁଭବ କରିଥାଏ । କିଏ ନୃତ୍ୟ ବାଦ୍ୟର କାର୍ଯ୍ୟକ୍ରମରେ ଭାବବିହ୍ୱଳ ହୋଇ ମଜା ନେଇଥାଏ ।

ଏହା ସଙ୍ଗୀତରେ ଥିବା ତାଳର ମହତ୍ୱ ବିଶେଷ ଭାବରେ ପ୍ରଭାବ ପକାଇଥାଏ । ସଙ୍ଗୀତ, ସଙ୍ଗୀତଜ୍ଞମାନଙ୍କୁ ନୁହେଁ ସାଧାରଣ ମଣିଷ ଜୀବନରେ ମଧ ତାଳର ପ୍ରଭାବ ବେଶ୍ ଅନୁଭବ ହୋଇଥାଏ । ପ୍ରତ୍ୟେକ ମଣିଷର କଥା ବାର୍ତ୍ତାରେ ତାଳ ମେଳ ନ ରହିଲେ କଥା ବୁଝି ହୁଏ ନାହିଁ । ଦାନ୍ତ ମଝିରେ ଜିହ୍ୱାର ଯିବା ଆସିବା ଅସୁବିଧା ହେତୁ ଦାନ୍ତର ଆଘାତ ପାଇଥାଏ । ଚାଲିବା ଯଦି ତାଳରେ ନ ହୁଏ ତେବେ ଦୁଇ ଗୋଡ଼ର ଯତିପାତ ରହେନା, ଫଳରେ ଗୋଡ଼ ଛନ୍ଦି ହୋଇ ପଡ଼ିଯାଇଥାଉ ବା ଝୁଣ୍ଟି ଖଣ୍ଡିଆ ହୋଇଥାଉ । ହୃଦ୍‌ସ୍ପନ୍ଦନ ଯଦି ତାଳରେ ନ ହୁଏ, ତେବେ ରକ୍ତଚାପ ପରିବର୍ତ୍ତିତ ହୋଇଯାଏ, ଯାହା ଫଳରେ ମଣିଷ ଅସୁସ୍ଥ ହୋଇପଡ଼େ । ବେଶି ସମୟ ବେତାଳରେ ଚାଲିଲେ ଆମକୁ ଡାକ୍ତରଖାନା ହିଁ ଯିବାକୁ ପଡ଼ିଥାଏ, ବେତାଳର ମାତ୍ର ଅଧିକ ବଢ଼ିଗଲେ ହୁଏତ ଘରକୁ ନ ଫେରି ରାମନାମ ସତ୍ୟ ହୋଇଯାଏ ଅର୍ଥାତ୍ ସବୁଦିନ ପାଇଁ ସତ୍ୟନଗର ବା ସ୍ୱର୍ଗଦ୍ୱାର ଯିବାକୁ ପଡିଥାଏ । ତାଳକୁ ଠିକ୍ ଭାବରେ ଚଳେଇ ପାରିଲେ ତାହା ମଣିଷକୁ ଖେଳେଇ ଖେଳେଇ ନିଏ, ତାଳକୁ ଠିକ୍ ଭାବରେ ଚଳେଇ ନ ପାରିଲେ ଶେଷରେ ତାଳ ହୁଏ କାଳ ।

ଏହି ସଙ୍ଗୀତ ମାଧ୍ୟମରେ ସାଧାରଣ ମଣିଷ ଦିନେ ହୁଏ ଜଣେ କଳାକାର । ନିଜ ପାଇଁ ତଥା ଦେଶ ପାଇଁ ସୁନାମ ଅର୍ଜନ କରିଥାନ୍ତି । ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ, ଦେଶ ଠାରୁ ବିଦେଶ ପର୍ଯ୍ୟନ୍ତ ଚର୍ଚ୍ଚିତ ହୁଅନ୍ତି । କଳାକାର ଶାସ୍ତ୍ରୀୟ ସଙ୍ଗୀତ ଗାଉଥାଉ ବା ଭଜନ ଜଣାଣ, ଓଡ଼ିଶୀ , ସିନେମା ସଙ୍ଗୀତ ଗାଉ ବା ବାଦ୍ୟଯନ୍ତ୍ର ବଜାଉ ଥାଉ ବା ଓଡ଼ିଶୀ ନୃତ୍ୟଙ୍ଗନା ହେଉ, କିନ୍ତୁ ସମସ୍ତ କଳାକାର ଗୋଟିଏ ଭଜନ ଗାଇବାର ଅବଶ୍ୟକତା ରହିଛି, ଭଗବାନଙ୍କୁ କୃତଜ୍ଞତା ଦେବାର ଅଛି,

"ଜୀବନପାତ୍ର ମୋ ଭରିଛ କେତେ ମତେ
ନ ଦେଲ କିଛି ବୋଲି କହିବି କି ହେ ଆଉ ?"

ଏଇ ସଙ୍ଗୀତଟି ସମ୍ପର୍କରେ ମୋର ଯେତେଜଣ ଅନ୍ତରରୁ ଗାଇବା ମୁଁ ମୋ ତାଳ ପରିବେଷଣରେ ଉପଲବ୍ଧି କରିଛି, ସେମାନଙ୍କର ସମ୍ୟକ ଆଭାସ ଦେବା ଏହି ପ୍ରବନ୍ଧଟିର ଉଦ୍ଦେଶ୍ୟ ।

## ସୁନନ୍ଦା ପଟ୍ଟନାୟକ

କବି ବୈକୁଣ୍ଠ ନାଥ ପଟ୍ଟନାୟକଙ୍କ ରଚନା ଯାହାକୁ ନିଜେ ତାଳ ଦେଇ ଅନେକ ସମୟରେ ଗାଉଥିଲେ, ତାଙ୍କ ସୁକନ୍ୟା, ସୁପ୍ରସିଦ୍ଧ ଶାସ୍ତ୍ରୀୟ ସଙ୍ଗୀତଜ୍ଞା, ତରନାରାଣୀ, ଚିରକୁମାରୀ ସୁନନ୍ଦା ପଟ୍ଟନାୟକ ଏହି ଭଜନ ମାଧ୍ୟମରେ ହିଁ ଭଗବାନଙ୍କୁ କୃତଜ୍ଞତା ବାଢ଼ିଥାନ୍ତି ଏବଂ ବିଶ୍ୱ ଦରବାରରେ ଉପସ୍ଥାପିତ କରିଥିବା ହିନ୍ଦୁସ୍ଥାନୀ ସଙ୍ଗୀତର ସୁପ୍ରସିଦ୍ଧ ଗାୟିକା ସୁନନ୍ଦା ପଟ୍ଟନାୟକଙ୍କ ପାଇଁ ଆମେ ସମସ୍ତେ ଗର୍ବିତ ।

ପୁରୁଷୋତ୍ତମ କ୍ଷେତ୍ରର କନ୍ୟା ରତ୍ନଟିଏ, ମାତ୍ର ୧୪ ବର୍ଷରେ ୧୯୪୮ ମସିହାରେ ଆକାଶବାଣୀ କଟକ କେନ୍ଦ୍ରରେ ସଙ୍ଗୀତ ପରିବେଷଣ କରି ଶ୍ରୋତାମାନଙ୍କୁ ଜଣାଇ ଦେଇଥିଲେ କି, ଜଣେ ଓଡ଼ିଆ ଝିଅ କ'ଣ ଗାଇପାରେ । ଓଡ଼ିଶାର ରାଜ୍ୟପାଳ ମାନ୍ୟବର ଆଶାଫ୍ ଆଲିଓନ୍ସ୍ ସଙ୍ଗୀତ ଶୁଣି ରାଜଭବନରେ ପ୍ରାୟ ଅନେକ ସମୟରେ ସଙ୍ଗୀତ ପରିବେଷଣ ପାଇଁ ସୁଯୋଗ ଦେଇଥିଲେ ।

ଥରେ ମାନ୍ୟବର ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ପୁରୀରେ ସୁନନ୍ଦାଙ୍କ ସଙ୍ଗୀତ ଶୁଣି ତାଙ୍କୁ ସଙ୍ଗୀତ ଶିଖିବା ପଇଁ ବୃତ୍ତି ପ୍ରଦାନ କରାଇ ଶାସ୍ତ୍ରୀୟ ଗୁରୁ ପଣ୍ଡିତ ବିନାୟକ ରାଓ ପଟ୍ଟବର୍ଦ୍ଧନଙ୍କ ପାଖକୁ ସଙ୍ଗୀତ ଶିଖିବା ପାଇଁ ପଠାଇବାର ବ୍ୟବସ୍ଥା କରାଇଥିଲେ । ୧୯୫୭ରେ କଲିକତାରେ ଅଲ୍ ଇଣ୍ଡିଆ ସଦରଙ୍ଗ ସଙ୍ଗୀତ ସମ୍ମିଳନୀ (All India Sadaranga Sangeet Samilani) ରେ ସଙ୍ଗୀତ ପରିବେଷଣ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ ଏବଂ ତେରଟି ସ୍ୱର୍ଣ୍ଣ ମୁଦ୍ରା ପୁରସ୍କାର ପାଇଥିଲେ ଓ ତରନାରାଣୀ ଭାବରେ ସମ୍ମାନୀତ ହୋଇଥିଲେ । ସଙ୍ଗୀତ ପାଇଁ ତାଙ୍କର ସାଧନା, ନିଷ୍ଠା ଅବିସ୍ମରଣୀୟ । ସାରା ଜୀବନ ଚିରକୁମାରୀ ହୋଇ ରହିଗଲେ । ଦିନେ ବାଦ୍ୟବିନୋଦ କ୍ଷେତ୍ର ମୋହନ କରଙ୍କ ଘରକୁ ବୁଲି ଆସିଥାନ୍ତି, ମୁଁ ସାର୍ଙ୍କ ପାଖରେ ବସିଥାଏ, ସାର୍ ପଚାରିଲେ, "ଆରେ ଏତେ ବଢ଼ିଆ ସଙ୍ଗୀତ କଲୁ ବିବାହ କଲୁ ନାହିଁ ?", ସଙ୍ଗେ ସଙ୍ଗେ କହିଲେ, "ମଉସା କିଏ କହିଲା ମୁଁ ବିବାହ କରିନି? ମୋ ସ୍ୱାମୀ ସେ କଣରେ ଡ୍ରେସ୍ ପିନ୍ଧି ବସିଛନ୍ତି", ଆମେ ଆଶ୍ଚର୍ଯ୍ୟ ହୋଇଗଲୁ ଘର କଣକୁ ଚାହିଁଲୁ, ତାନ୍‌ପୁରାଟି କପଡ଼ାରେ ଆବୃତ୍ତ ହୋଇ ଥୁଆ ହୋଇଛି । ଏଥିରୁ ମୁଁ ଅନୁମାନ କରିନେଲି ଯେ ସଙ୍ଗୀତ ଭିତରେ ବୁଡ଼ିଯାଇ ତାଙ୍କର ବିବାହର ବୟସ ଚାଲିଯାଇଛି ଏବଂ ସଙ୍ଗୀତ ତାଙ୍କର ଜୀବନ, ସ୍ୱାମୀ, ପିଲାଛୁଆ ବନ୍ଧୁବାନ୍ଧବ ସବୁ କିଛି ।

କିନ୍ତୁ ସଙ୍ଗୀତ ସହିତ ସଂସାରର ଅନେକ ଆବଶ୍ୟକତା ସେ ସ୍ୱାଦ ଚାଖି ନାହାଁନ୍ତି କି ମଣିଷର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ଯେଉଁ କର୍ତ୍ତବ୍ୟ ରହିଛି ସିଏ ସବୁ ପର୍ଯ୍ୟାୟକୁ ଯିବାକୁ ସମୟ ପାଇନାହାନ୍ତି । ଚିରକୁମାରୀ ହୋଇ ରହିଗଲେ । ଭାରତ ବର୍ଷରେ ଆଜି ପର୍ଯ୍ୟନ୍ତ ସୁନନ୍ଦା ପଟ୍ଟନାୟକଙ୍କ ଭଳି ଜଣେ ଗାୟିକା ବାହାରି ନାହାଁନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟ ଗାନ୍ଧର୍ବ ମହାବିଦ୍ୟାଳୟ ତାଙ୍କୁ ସମ୍ମାନ ସୂଚକ ଡକ୍ଟରେଟ ଡ଼ିଗ୍ରି ପ୍ରଦାନ କରିଛନ୍ତି । Life time achievement, Odisha society of America ପ୍ରଦାନ କରିଛି ।

## ବୀଣାପାଣି ମିଶ୍ର - ଶାସ୍ତ୍ରୀୟ ସଙ୍ଗୀତଜ୍ଞ

ଓଡ଼ିଶାର ଜଣେ ମା' ସରସ୍ୱତୀଙ୍କର ବରପୁତ୍ରୀ କହିଲେ କେହି ଅମାନ୍ୟ କରିବେ ନାହିଁ । ଜଣେ ଭଲ ସଙ୍ଗୀତଜ୍ଞ, ଭଲ ମଣିଷ ଏବଂ ଜଣେ ଭଲ ଅମାୟିକ ବ୍ୟକ୍ତିତ୍ୱ ଭାବରେ ତାଙ୍କର ପରିଚୟ ରହିଛି । କଲିକତାର ବିଖ୍ୟାତ ଗୁରୁ ଗିରିଜା ଦେବୀଙ୍କର ପ୍ରିୟ ଶିଷ୍ୟା ଥିଲେ । ଓଡ଼ିଶା ପାଇଁ ସୁନାମ ଆଣିବା ସହିତ ନିଜର ସାଧନା ବଳରେ ନିଜ ପାଇଁ ଅନେକ ଯଶ ଆଣିଥିଲେ । ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସମ୍ମାନ, କେନ୍ଦ୍ରୀୟ ସଙ୍ଗୀତ ନାଟକ ଏକାଡ଼େମୀ ସମ୍ମାନ ସହିତ ଅନେକ ସମ୍ମାନରେ ଭୂଷିତା । ନିଜ କଥାର ମାଧୁର୍ଯ୍ୟରେ ଶତ୍ରୁକୁ ନିଜର କରିବାର କଳା ତାଙ୍କୁ ଭଲ ଭାବରେ ଜଣାଥିଲା । ତାଙ୍କର ସ୍ୱାମୀ ଲୋକନାଥ ମିଶ୍ର ଜଣେ ମାନ୍ୟବର ସାଂସଦ, ମାନ୍ୟବର ରାଜ୍ୟପାଳ ଥିଲେ ମଧ୍ୟ ତାଙ୍କ ରାଜନୈତିକ ଶକ୍ତିର ବିନ୍ଦୁଟିଏ ପ୍ରଭାବ ବିଣାପାଣିଙ୍କ ଉପରେ ପଡ଼ିନଥିଲା । ପିଲାଛୁଆଙ୍କ କଥା ବୁଝିବା ସହିତ ପ୍ରତ୍ୟହ ସନ୍ଧ୍ୟାରେ ସାରା ଭୁବନେଶ୍ୱରରେ ଯଦି ସଙ୍ଗୀତ ଚର୍ଚ୍ଚା କେଉଁଠି ହେଉଥାଏ ବା ତାନ୍‌ପୁରା ତବଲାର ସୁମଧୁର ସ୍ୱର ଶୁଣିବାକୁ ମିଳୁଥାଏ, ତେବେ ସେ ଘରଟି ସେହି କଳାକାରଙ୍କର ।

ପୁରୁଣା ଭୁବନେଶ୍ୱରର ବୀଣାପାଣି ମିଶ୍ରଙ୍କ ପ୍ରଥମ ମହଲା ଠାକୁର ଘର ପାଖ ଘର ରେୟାଜ୍ ଘରକୁ କିଛିଦିନ ପାଇଁ ଯିବାର ସୌଭାଗ୍ୟ ମୋତେ ମିଳିଥିଲା । ମୋ ଗୁରୁ, ପଣ୍ଡିତ ଉମେଶ ଚନ୍ଦ୍ର କର ଅନୁପସ୍ଥିତ ଥିଲେ ମୋତେ କୁହନ୍ତି "ଟିକେ ଆସିବ ବସିବା ।" ମୁଁ ସମୟ ପୂର୍ବରୁ ପହଞ୍ଚିଯାଏ ବୋଲି ଭାରି ଖୁସି ହୁଅନ୍ତି । ସେ ମଧ୍ୟ ଭାରି ସମୟାନୁବର୍ତ୍ତିତା । ସୁମିତ୍ରା ଗରାବଡୁଙ୍କ ସହିତ ତାଙ୍କ ଘରକୁ ଯାଏ ତବଲା ସଙ୍ଗତ କରିବାକୁ, କିଛି ସଙ୍ଗତ କିଛି ଗପସପ, ମଉଜରେ ସମୟ କଟିଥାଏ । ତାଙ୍କ ଘରେ ରୁପାର ବକ୍ସରେ ପାନଡ଼ାଲା । ଅତି ଶ୍ରଦ୍ଧାରେ ସାଦାପାନ ଖଣ୍ଡେ ଭାଙ୍ଗି ମୋତେ ବଢ଼ାଇ ଦିଅନ୍ତି, ନିଜପାଇଁ କିଛି ଭାଙ୍ଗି ରଖନ୍ତି । ଖେୟାଲ ଗାଇବା ସହିତ ଠୁମୁରୀ, ହୋଲି, ଚଇତି ଗାୟନ ସମୟରେ ଆଖି ବନ୍ଦ କରି ଶୁଣିଲେ ଗିରିଜା ଦେବୀଙ୍କ ଅବିକଳ କଣ୍ଠସ୍ୱର ଶୁଣାଯାଏ । ଭାରତର ଅନେକ ମଞ୍ଚ ଅନେକ ବଡ଼ ବଡ଼ ତବଲା ବାଦକଙ୍କ ସହିତ ଯଥା- ପଣ୍ଡିତ ଶାନ୍ତା ପ୍ରସାଦ, ପଣ୍ଡିତ ପହାପୁରୁଷ ମିଶ୍ର, ଆଲା ରଖାଁ ଆଦିଙ୍କ ସହିତ ଗାଇଛନ୍ତି କିନ୍ତୁ ସେ କୁହନ୍ତି କୁନୁ (ପଣ୍ଡିତ ଉମେଶ ଚନ୍ଦ୍ର କର) ସହିତ ମଞ୍ଚରେ ବସିଲେ ତାଙ୍କର ଶତ ପ୍ରତିଶତ ପୋଗ୍ରାମ ଭଲ ହୁଏ । କାରଣ ତାର ଆତ୍ମା ମୋର ଆତ୍ମା ଏକ ହୋଇଯାଏ ମୁଁ ଯାହା ଚାହେଁ, ଯେତିକି ଚାହେଁ ସେ ସେତିକି ବଜାଏ, ଫଳରେ ପୋଗ୍ରାମ ଟି ଭଲ ହୁଏ । ସଙ୍ଗତ ଭଲ ହେଲେ ସଙ୍ଗୀତ ଭଲ ହୁଏ, ସଙ୍ଗୀତ ଭଲ ହେଲେ ଶ୍ରୋତାମାନଙ୍କୁ ଆନନ୍ଦ ପ୍ରଦାନ କରିଥାଏ । ତାଙ୍କର କଥା ସୁମଧୁର, ଚାଲି ମା ଲକ୍ଷ୍ମୀଙ୍କ ପରି, ହସଟି ସଦ୍ୟ ପ୍ରସ୍ଫୁଟିତ ପଦ୍ମଫୁଲ ଭଳି । ଏବେ ମଧ୍ୟ ତାଙ୍କ ହସ ଆଖି ଆଗରେ ନାଚିଯାଏ ।

ଥରେ ଗିରିଜା ଦେବୀ ଭୁବନେଶ୍ୱର ଆସିଥିଲେ ପୋଗ୍ରାମରେ ୧୯୮୨ ମସିହାରେ ତାଙ୍କୁ କଲିକତା ଛାଡ଼ିବାକୁ ମତେ ପଠାଇଥିଲେ । ଦୁଇଦିନ ରହି କଲିକତା ଭ୍ରମଣ କରି ଫେରି ଆସିବା ଦିନ ମୋତେ ତିନୋଟି ସିଗାରେଟ୍ ବଣ୍ଡଲ୍ ଦେଲେ ଲୋକନାଥ ମିଶ୍ରଙ୍କୁ ଦେଇ ଦେବା ପାଇଁ । ମୁଁ ପ୍ରଥମ ହୋଇ କଲିକତା ଯାଇଥାଏ, ସିଗାରେଟ୍ ଆଣିବାକୁ ଦ୍ୱିଧା ପ୍ରକାଶ କରିବା ସତ୍ତ୍ୱେ ସେ ମୋ ବ୍ୟାଗ୍‌ରେ ସେଗୁଡିକ ରଖିଦେଲେ । ରାତି ୯ଟା କାଉଣ୍ଟରରେ ଠିଆ ହୋଇ ହାତ ଗଳେଇଛି ଟିକଟ ପାଇଁ ହଠାତ୍ ୨ ଜଣ କଷ୍ଟମର ଅଫିସର ଆସି ମୋ ବ୍ୟାଗ୍‌ଟିକୁ ଟାଣି ନେଇ ଚେନ୍ ଖୋଲି ସବୁ ଲୁଗାପଟା ଫୋପାଡ଼ି ଦେଲେ ତଳୁ ତିନି ବଣ୍ଡଲ ସିଗାରେଟ ବାହାରିଲା ମୋତେ ସ୍ମଗ୍ଲିଂ କରିବା ପାଇଁ  ନେଉଛୁ କହି ଥାନାକୁ ନେଲେ । ସେତେବେଳକୁ  ମୋ ଦେହରୁ ଝାଳ ବାହାରି ଚୁଡ଼ିଦାର ପଞ୍ଜାବୀ ବର୍ଷା ପାଣିରେ ଭିଜିଲା ଭଳି ଭିଜି ସାରିଲାଣି । ଆଖିରୁ ଅସରାଏ ବର୍ଷା ଆସିଲା ଭଳି ଲୁହଧାର ବହି ଚାଲିଥାଏ । ମୁହଁ ଖରାଧାସରେ ପୋଡ଼ିଗଲା ଭଳି ସମସ୍ତଙ୍କ ଆଖିର ଚାହାଁଣିରେ ପୋଡ଼ି ଯାଉଥାଏ । ଶହ ଶହ ଲୋକ ଗଦା ହୋଇଗଲେଣି ମୁଁ ମଝିରେ ଠିଆ ହୋଇ କାନ୍ଦୁଛି ହାଓ୍ୱଡ଼ା ପୁରୀ ଟ୍ରେନ୍ ଧିରେ ଧିରେ ଛାଡ଼ିବା ଆରମ୍ଭ କରୁଥାଏ । ମୋତେ ରେଲ୍‌ୱେ ଥାନାକୁ ନେବା ବାଟରେ କହିଲେ ଆମ ଦୁଇ ଜଣଙ୍କୁ ଦୁଇ ବଣ୍ଡଲ ଦେଇ ଦେ, ଗୋଟେ ବଣ୍ଡଲ ନେଇ ପଳା, ଆମେ ଛାଡ଼ି ଦେବୁ ମୁଁ କିନ୍ତୁ ରାଜି ନ ହେବାରୁ ଥାନାକୁ ନେଲେ । ଥାନା ବାବୁଙ୍କୁ ସବୁ କଥା କହିଲେ ମୋତେ ପଚାରନ୍ତେ ମୁଁ  କହିଲି ଏ ସିଗାରେଟ୍ ଗିରିଜା ଦେବୀ ଦେଇଛନ୍ତି ଭୁବନେଶ୍ୱର ଯିବି, ମୁଁ ତବଲା ବଜାଏ, ତାଙ୍କ ସାଙ୍ଗରେ ଆସିଥିଲି । ଗିରିଜା ଦେବୀଙ୍କ ନାଁ ଶୁଣି ମୋତେ ବସେଇ ବୁଝେଇଲେ ବ୍ୟସ୍ତ ହୁଅନ୍ତୁନି, ମୁଁ ଗିରିଜା ଦେବୀଙ୍କ ପାଖରେ ଗୀତ ଶିଖେ । ଚା' ଜଳଖିଆ ଦେଇ ଜଣେ କନେଷ୍ଟବଲକୁ ଡାକି ଟଙ୍କା ଦେଇ ଟିକଟ କରେଇ କହିଲେ- ଏ ବାବୁଙ୍କୁ ନେଇ ଯାଅ ସିଟ୍‌ରେ ବସେଇବ ଟ୍ରେନ୍ ଛାଡ଼ିଲେ ତୁମେ ଫେରିଆସିବ । ତାଙ୍କୁ ଧନ୍ୟବାଦ୍ ଦେବା ସହିତ ଭଗବାନଙ୍କୁ କୃତଜ୍ଞତା ଜଣାଇ ସଙ୍ଗୀତକୁ ପ୍ରଣାମ କରି ଫେରିଲି । ଭାବଲି ସଙ୍ଗୀତ ଶିଖିଥିଲି ବୋଲି ଆଜି ଅସମ୍ମାନରୁ ସମ୍ମାନ ପାଇ ଫେରିଲି । ବୀଣାପାଣି ମିଶ୍ର ମଧ ସବୁବେଳେ ନିଜକୁ ଭଗବାନଙ୍କ ପାଖରେ ସମର୍ପିତ କରନ୍ତି ଏବଂ ଗାଇଥାନ୍ତି । "ଜୀବନ ପାତ୍ର ମୋ ଭରିଛ କେତେ ମତେ ................" ତତ୍ ସହିତ ଗାଆନ୍ତି-

"ହେ ମୋତେ ସେହି ରୂପ ଦେଖାଅ ହରି"

ଦର୍ଶନ କରି ମୁକ୍ତି ପାଇବା ପାଇଁ ସବୁବେଳେ ଚେଷ୍ଟିତ ଥିଲେ । ସେ ଥିଲେ ସଙ୍ଗୀତଜ୍ଞ, ସଂସାରୀ, ତଥା ଆଧାତ୍ମିକବାଦୀ ।

## ପ୍ରଫେସର ବିଜୟିନୀ ମହାନ୍ତି

ଆସନ୍ତୁ ଶୁଣିବା ଜଣେ ସଙ୍ଗୀତଜ୍ଞଙ୍କ କଥା ଯିଏ ସଂସାରର ସମସ୍ତ କର୍ମ କରିଛନ୍ତି, ସମସ୍ତ ପ୍ରାପ୍ତି ହୋଇଛନ୍ତି, ପ୍ରତ୍ୟେକ ସୋପାନରେ ଚଢ଼ି ଚଢ଼ି ସର୍ବାଗ୍ରେ ପହଞ୍ଚି ପାରିଥିଲେ । ସେ ଥିଲେ ଏକାଧାରାରେ କର୍ମଜୀବୀ, ସୁଗୃହିଣୀ, ଉତ୍ତମ କନ୍ୟା, ଉତ୍ତମ ଭଗିନୀ, ଉତ୍ତମ ପତ୍ନୀ, ଉତ୍ତମ ମାତା, ଉତ୍ତମ ଅଧ୍ୟାପିକା, ଉତ୍ତମ ପରାମର୍ଶ ଦାତା, ଉତ୍ତମ ଛାତ୍ରୀ, ଉତ୍ତମ ବନ୍ଧୁ, ଉତ୍ତମ ସମାଜ ସେବୀ ।

ଆଶ୍ଚର୍ଯ୍ୟ ଲାଗେ ଜଣେ ଏତେ ମାର୍ଗରେ କିପରି କାର୍ଯ୍ୟ କରି ପାରୁଥିଲେ । ରମାଦେବୀ ମହାବିଦ୍ୟାଳୟରେ ଥିବା ସମୟରେ ମୁଁ ଦେଖିଛି ତାଙ୍କ କାର୍ଯ୍ୟ କରିବାର ଦକ୍ଷତା, ପରେ ବାଣୀବିହାରରେ ବାର୍ଷିକ ଉତ୍ସବ ହେଉ, ପାଠ ପଢ଼ାଇବାରେ ହେଉ ଅବା ପିଲାଙ୍କର ସୁବିଧା ଅସୁବିଧାରେ ହେଉ ପ୍ରତ୍ୟେକ ସ୍ଥାନରେ ତାଙ୍କ କର୍ତ୍ତବ୍ୟ ଭାବି ସବୁ ସ୍ଥଳରେ ପରିସ୍ଥିତିର ଯତ୍ନ ନିଅନ୍ତି । ଜଣେ କନ୍ୟା ଭାବରେ ପିତାମାତାଙ୍କର ସେବାରେ କେବେ ହେଳା କରି ନାହାଁନ୍ତି । ସେଇଟା ସେ ପିତାମାତାଙ୍କର କୃତକର୍ମର ଫଳ ହୋଇପାରେ । ଭଗିନୀ ଭାବରେ ଭାଇ ଭଉଣୀମାନଙ୍କ ସହିତ କି ନିବିଡ଼ ସମ୍ପର୍କ, ନିଃସ୍ୱାର୍ଥପର ପ୍ରେମ, ଭାବ ନ ଦେଖିଲେ ଜଣେ ବିଶ୍ୱାସ କରିପାରିବନି । ପତ୍ନୀ ହିସାବରେ ଶତପ୍ରତିଶତ ସହଯୋଗୀ ପ୍ରତ୍ୟେକ କାର୍ଯ୍ୟରେ, କେବେ ଅଭିଯୋଗ ନାହିଁ, ସୁ ସମ୍ପର୍କର ସେତୁ ଏତେ ଶକ୍ତ ଥିଲା ଯେ, ଟିକିଏ ମନୋମାଳିନ୍ୟ ଶୁଣିବାକୁ ବା ଦେଖିବାକୁ ମିଳି ନି । ଏଭଳି ପତି ପତ୍ନୀ  ଦେଖିବାକୁ ବିରଳ । ପିଲାମାନଙ୍କୁ ସ୍ନେହ ଶ୍ରଦ୍ଧା ପ୍ରଶଂସାରେ କମ୍ ନଥାଏ । ଶାସନରେ କିନ୍ତୁ ବ୍ୟତିକ୍ରମ ନଥାଏ । ପାଠପଢ଼ା, ସଂସ୍କାର, ପରମ୍ପରା, ଇତ୍ୟାଦରେ ମା ହିସାବରେ ପିଲାମାନଙ୍କୁ ଶିକ୍ଷା ଦେବାରେ ଅବହେଳା କରି ନାହାଁନ୍ତି ।

ଆପଣା ଅବା ପର ଏ ଭଳି ତାଙ୍କ ପାଖରେ ଭେଦଭାବ ଦେଖିବାକୁ ମିଳେନି । ଯିଏ ତାଙ୍କ ପାଖରେ ଅସହାୟତା ପ୍ରକାଶ କରି ସାହାଯ୍ୟ ସହଯୋଗ କାମନା କରନ୍ତି ବିନା ସ୍ୱାର୍ଥରେ ବିନା ଚିନ୍ତାରେ ସହଯୋଗର ହାତ ବଢ଼ାଇ ଦିଅନ୍ତି ସିଏ । ବନ୍ଧୁ ଭାବରେ କେବଳ ବିଶ୍ୱାସରେ ସମସ୍ତ କାର୍ଯ୍ୟ କରିଦିଅନ୍ତି । ସଙ୍ଗୀତ ଶିକ୍ଷକ ଭାବରେ ମୋ ସହିତ ଯଦିଓ ସାନ ଭାଇ ଭାବରେ ସମ୍ପର୍କ ଥିଲା, କେବେ ସେ ଭୁଲିଯାଉ ନ ଥିଲେ କି ମୁଁ ଶିକ୍ଷକ ସେ ଛାତ୍ରୀ । ଏଇଟା ତାଙ୍କର ଆଉ ଏକ ମହାନତା । ପରପାଇଁ ଯଦି କାହାର ଆତ୍ମା କାନ୍ଦୁଥାଏ ସେ ସେଥିରେ ମଧ କମ୍ ନଥିଲେ । ୧୯୯୯ ସୁପର ସାଇକ୍ଲୋନ୍ ମହା ତୋଫାନ ସମୟରେ ମୁଁ ରିଲିଫ୍ କାମ କରିବା ଶୁଣି ନାଉଗାଁ ଢ଼ିହସାହି ଇତ୍ୟାଦି ସ୍ଥାନକୁ ମୋତେ ନେଇ ଖାଦ୍ୟ, ବସ୍ତ୍ର, ଔଷଧ ସହିତ ଘରେ ଘରେ ବୁଲି ବାଣ୍ଟିଛୁ ।

ନିଜ ବୃତ୍ତି ବ୍ୟତୀତ, ଅନେକ ସଭା ମଞ୍ଚରେ ମ୍ୟାଡ଼ମ୍ ବକ୍ତା ଭାବରେ ଥାନ୍ତି ମୁଁ ଶ୍ରୋତା ଭାବରେ ଥାଏ, କହି ଆରମ୍ଭ କଲେ ମାନେ ଅନର୍ଗଳ କହିଥାନ୍ତି । ଅନେକ ମଞ୍ଚରେ ମୋ ସହିତ ଥା'ନ୍ତି ବିଶେଷ କରି ସଙ୍ଗୀତ କାର୍ଯ୍ୟକ୍ରମରେ ବାରମ୍ବାର ପଚାରୁ ଥିବେ, "କ'ଣ କହିବି ? "କିନ୍ତୁ କେତେ ଇତିହାସ, ଗପ, ଅନୁଭୂତି ବାଣ୍ଟନ୍ତି ଶ୍ରୋତା ନିରବ  ହୋଇ ବସିଥାନ୍ତି । ମୁଁ ମନେ ମନେ ବେଳେବେଳେ ଭାବେ ଏ ବ୍ୟକ୍ତିତ୍ୱ କ'ଣ, କିନ୍ତୁ ସେ ସମସ୍ତଙ୍କର କାର୍ଯ୍ୟକୁ ପ୍ରଶଂସା କରିବା ଅଙ୍କକୁ ବହୁତ କରି

କହିବା ଆଉ ଏକ ବଦାନ୍ୟତା । ସାଧାରଣ ମଣିଷ ଅନ୍ୟର ପ୍ରଶଂସା କରିବାକୁ ପଛାଉଥାନ୍ତି । ଏତେ କାର୍ଯ୍ୟ ସହିତ ଯଦି କିଏ ଘରକୁ ଆସିଲା ତା ସହିତ ସମ୍ପୂର୍ଣ୍ଣ ସମୟ ଦେବା ଅଧିକ ଆତିଥ୍ୟରେ ଚର୍ଚ୍ଚା କରିବା ତାଙ୍କର ଯେପରି ଆନନ୍ଦ । ତା ସହିତ ଅନେକ ମହତ୍ତ୍ୱ ପୂର୍ଣ୍ଣ ବହି ରଚନା କରି ଯାଇଛନ୍ତି ଯାହା ପାଇଁ ଛାତ୍ର ଛାତ୍ରୀମାନେ ଚିରଦିନ ମନେ ରଖିବେ ଏବଂ ଖଣ୍ଡେ ଉପନ୍ୟାସ ଲେଖି ଯାଇଛନ୍ତି ଏବେ ପ୍ରକାଶିତ "ହସୁନି ମୋନାଲିସା" ସାହିତ୍ୟ ଜଗତରେ ମାଇଲିଖୁଣ୍ଟ ହୋଇ ରହିବ । ଅନେକ ସାହିତ୍ୟ, ସଙ୍ଗୀତ ଅନୁଷ୍ଠାନ ସହିତ ସଭାପତି, ସମ୍ପାଦକ, ଆଜୀବନ ସଭ୍ୟା ରହିଛନ୍ତି । ଏହା ସତ୍ତ୍ୱେ ସଙ୍ଗୀତ ସାଧନାରେ ଆଶାତୀତ ସମୟ ଦେଉଥିଲେ । ଅଳଙ୍କାର ପରୀକ୍ଷା ସମୟରେ ପରୀକ୍ଷକ ସମସ୍ତ ରାଗ ପଚାରିଲେ, ସେ ଯେପରି ଉତ୍ତର ଦେଲେ ଆମେ ଆଶ୍ଚର୍ଯ୍ୟ ହୋଇଗଲୁ । ପରୀକ୍ଷକ କହିଲେ, "କିପରି ଏତେ ରାଗ ପରିଚୟ ମନେ ରଖିଛନ୍ତି ?"

ଜଣେ ସଂସାରୀ, କର୍ମଜୀବୀ ହୋଇ ମଧ୍ୟସଙ୍ଗୀତ କରି ଅନେକ ପ୍ରୋଗ୍ରାମ ଯାହା ଓଡ଼ିଶା ତଥା ଭାରତ ବାହାରେ ମଧ୍ୟସଙ୍ଗୀତ ପରିବେଷଣ କରି ଶାନ୍ତିଲାଭ ପାଇଛନ୍ତି ସେ ମଧ୍ୟକୃତଜ୍ଞତା ଜଣାନ୍ତି ଭଗବାନଙ୍କୁ ତାଙ୍କ ପ୍ରିୟ ଭଜନ ମାଧ୍ୟମରେ । ବହୁ ସମୟରେ ଏହି ସୁଲଳିତ ସଙ୍ଗୀତଟି ଗାଇଥାଆନ୍ତି ।

"ଜୀବନପାତ୍ର ମୋ ଭରିଛ କେତେ ମତେ
ନ ଦେଲ କିଛି ବୋଲି କହିବି କି ହେ ଆଉ ?
ଜୀବନ ପ୍ରିୟତମ ହରିଛ ମୋ ଭରମ
ତରଣୀ ମୋର ତବ ସାଗରେ ବହିଯାଉ ।"

ଏ ଗୀତଟି କେବଳ ତାଙ୍କର ପ୍ରିୟ ନ ଥିଲା, ସିଏ ସଂସାରର ଭ୍ରମ ଓ ସତ୍ୟତା ବିଷୟରେ ସଚେତନ ଥିଲେ, ଏଥିରେ ସନ୍ଦେହ ନାହିଁ । ନିଜେ ଭାବ ବିହ୍ୱଳ ହୋଇ ପଡନ୍ତି ଏଇ କ୍ଲିଷ୍ଟ ସଙ୍ଗୀତଟି ଗାନ କଲାବେଳକୁ, ମନ ବୋଧ କରି ଗାଆନ୍ତି, ଗୀତ ତାଳରେ ବିଶ୍ୱ ଜଗତର ଶୂନ୍ୟ ସ୍ରୋତରେ ବହି ଚାଲନ୍ତି ନିଜ ତରଣୀରେ । ତାଙ୍କ ଜୀବନକୁ ଲକ୍ଷ୍ୟ କଲେ ଏ ଗୀତଟିର ମର୍ମ ଶତପ୍ରତିଶତ ସତ, ସମସ୍ତଙ୍କ ପାଇଁ ନିରାଟ ସତ୍ୟ, ଅଦୃଶ୍ୟ ପରମେଶ୍ୱରଙ୍କ ଉପସ୍ଥିତିର ସନ୍ତକ, ନିଜକୁ ବିସର୍ଜନ କରିଦେବାର ଆଧ୍ୟାତ୍ମିକ ଉଚ୍ଛ୍ୱାସ ।

ସଙ୍ଗୀତ ବିଭାଗ,
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ: ୯୪୩୭୪୯୬୭୪୮



# ଅପରାଜିତା

*ଇନ୍ଦ୍ରମଣି ଜେନା*

ଜୀବନଟାଯାକ ପ୍ରତିଯୋଗିତାରେ ବିତାଇ ହେବା ପରେ ସେମାନେ ଯାହା ଥକା ମାରି ନ ଥିଲେ, ଇତିହାସ ସେମାନଙ୍କୁ ସେମାନଙ୍କର ନ୍ୟାଯ୍ୟ ସମ୍ମାନ ଦେଇଛି । ଜୀବନରେ ଅପରାଜିତା ସେମାନେ । ଜୀବନର ରଣାଙ୍ଗନରେ ସେମାନେ ଜିତାପଟ ନେଇସାରିଛନ୍ତି । ବିଶ୍ୱ ସେମାନଙ୍କର ରଣପ୍ରାଙ୍ଗଣ, ମାନବ ସମାଜ ପକ୍ଷରୁ ସେମାନେ ସେନାଧକ୍ଷ, ସଂଗ୍ରାମ ମଣିଷ ଜାତି ପ୍ରତି କରାଯାଉଥିବା ଅନ୍ୟାୟ, ଅତ୍ୟାଚାର, ଦୁଃଖ, ଦାରିଦ୍ର୍ୟ ଓ ବ୍ୟାଧି ବିରୁଦ୍ଧରେ । ଦେଶ ମାତୃକାର ସେବା ପାଇଁ ।

ଜନ୍ମ ନିଅନ୍ତି ଅନାମଧେୟା ଭାବରେ, ବିଶ୍ୱବନ୍ଦନୀୟା ଭାବରେ ଦିନେ ଯେ ସେମାନେ ନିଜକୁ ଆଦର୍ଶର ଶୀର୍ଷ ସୋପାନରେ ପ୍ରତିଷ୍ଠିତ କରିବେ, ଜୀବନର ମୂଲ୍ୟବୋଧ ସେମାନଙ୍କର ମଣିଷ ପ୍ରକୃତିର ଗୋଟିଏ ଦୁର୍ଲଭ ଦିଗରେ ଗତି କରିବ ତାହା ସମୟ ହିଁ ପ୍ରମାଣ କରିଥାଏ । ନିଜର ଜୀବନକୁ ବାଜି ଲଗାଇ ଦେବାର ଚରମ ଲକ୍ଷ୍ୟ ନିଅନ୍ତି ଅକଳ୍ପନୀୟ ଶକ୍ତି ବିରୁଦ୍ଧରେ । ସେହି ମାନସିକତା କିପରି ଜଣେ ମଣିଷର ମନକୁ ଆସିବ, ଚାରି ଦଉଡି ବନ୍ଧା ଜୀବନର ସୀମିତ ପରିସରକୁ ଉଦ୍ଭାସିତ କରିବ, ତାହା କଳ୍ପନାତୀତ ।

କେଉଁଦିନ ମନରେ ଜୀବନର ମୂଲ୍ୟବୋଧ ଜନ୍ମନେଲା କେଉଁ ବ୍ରାହ୍ମମୁହୂର୍ତ୍ତରେ ଜୀବନକୁ ପଣ ଭାବରେ ଉତ୍ସର୍ଗ କଲେ, ସେଇଟା ନିର୍ଣ୍ଣୟ କରିବା ବହୁ କଷ୍ଟକର, ତଥାପି ସ୍ଥାନ କାଳ ପାତ୍ର ବିଚାରକୁ ନେଇ ମହାମନିଷୀ ମାନଙ୍କୁ ନବଦୃଷ୍ଟିରେ ଅବଲୋକନ କରିବା ପାଇଁ ଆମ ମନରେ ଜିଜ୍ଞାସା ରହିଛ । କଳ୍ପନା କ୍ରମେ, ମନରେ ସେମାନଙ୍କର ବହିଚାଲିଥାଏ ମାନବିକତା ଓ ସାହସିକତାର ଚଳଚଞ୍ଚଳ ସ୍ରୋତସ୍ୱିନୀ ଗଙ୍ଗା । ମହିଳା ଭାବରେ ଜନ୍ମ ହୋଇ ବିଶ୍ୱ ଦରବାରରେ ବିଜୟିନୀ ଭାବରେ କୃତକାର୍ଯ୍ୟ ହେବା ନିଶ୍ଚୟ ଉଜାଣି ସ୍ରୋତରେ ସନ୍ତରଣ କ୍ଷେତ୍ରର ସଫଳତା ବୋଲି ବିବେଚନା କରାଯାଇ ପାରେ । ଅନେକ ବିଶ୍ୱବନ୍ଦନୀୟା ଦେବୀ ମାନେ ଯେ ଇତିହାସ ଓ ମାନବୀୟ ଧାରାର ଅସୀମ ମହାସାଗର ମଧ୍ୟରେ ବତିଘରର ପ୍ରଜ୍ୱଳିତ ଆଲୋକଧାରା ପରି ଆମକୁ ଶକ୍ତିର ମାର୍ଗ ପ୍ରଦର୍ଶନ କରୁଛନ୍ତି, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । କିଏ କହିବ ଜନ୍ମିତ କୁଳ, ଜାତି, ଦେଶ ଅବା ସମୟ ହିଁ ମଣିଷର ଭାଗ୍ୟ ନିର୍ଣ୍ଣୟ କରେ ? ନିୟତିର ସମ୍ପାଦନା ଅଲୌକିକ, ଅବିଶ୍ୱସନୀୟ । ସେମାନେ ପ୍ରମାଣ କରି ଦେଇଛନ୍ତି, ମଣିଷ ମୃତ୍ୟୁଦ୍ୱାରା ବିଚଳିତ ନୁହେଁ, ମନୁଷ୍ୟତ୍ୱ ଅମର ଓ ଇଚ୍ଛାଶକ୍ତି ବଳରେ କୌଣସି ଅସମ୍ଭବ କାର୍ଯ୍ୟ କରିବା ସମ୍ଭବ ।

ନାରୀ ହେଲେ କଅଣ ହେଲା, ମଣିଷ ଜାତିର ତ ଏମାନେ । ସମାଜ ଅନେକ କ୍ଷେତ୍ରରେ ଏମାନଙ୍କୁ ନିଷିଦ୍ଧ କରିଥିଲେ ବି ଏମାନେ ନିଜକୁ ଅସମର୍ଥ ମଣନ୍ତିନି । ଏମିତି ଚିନ୍ତାଧାରର ପରିପ୍ରକାଶ ଦେଖିବାକୁ ମିଳେ ଉଦାହରଣ ଭାବରେ । କିନ୍ତୁ ଜୀବନ ସ୍ରୋତର ଅପ୍ରତିରୋଧୀ ଭାବରେ ନିଜକୁ ସବୁବେଳେ ସେଇ ସୁଅର କ୍ରୀଡନକ ଭାବରେ ଗ୍ରହଣ କରନ୍ତି ନି ଏମାନେ । ମୃତ୍ୟୁଭୟରେ ଆଖି ବନ୍ଦକରି ଶିହରି ଉଠନ୍ତି ନି କେବେ । ମୃତ୍ୟୁର ଅବ୍ୟବହିତ ପୂର୍ବରୁ ନିଜର ଅପୂର୍ବ ସାହାସ ପରିବ୍ୟକ୍ତ କରିଥାଆନ୍ତି । ସେମାନେ ନିଜେ ନିଶ୍ଚିତ ଯେ ମଣିଷକୁ ମୃତ୍ୟୁ ନିଶ୍ଚିହ୍ନ କରିପାରି ନାହିଁ କି କରିପାରିବ ନାହିଁ। ଆସନ୍ନ ମୃତ୍ୟୁଭୟର ଜ୍ୱାଳା ସେମାନଙ୍କୁ ପରାଭୂତ କରିପାରି ନାହିଁ । ନିଜ ଆଦର୍ଶରେ ଚିରଞ୍ଜୀବୀ ଏମାନେ ।

ଏମିତି ରହିଛି ଆମର ଆଲୋଚନାର ତିନୋଟି ଚରିତ୍ର, ଚରମ ସାହସିକତାର ଧ୍ରୁବତାରା .. .. ..

## (୧)

"ମୋ ଝାନ୍‌ସି ମୁଁ କଦାପି ଦେବି ନାହିଁ ।" ................ "ଶ୍ରୀ କୃଷ୍ଣଙ୍କ ଭାଷାରେ, ଯୁଦ୍ଧରେ ଜୟଲାଭ କଲେ, ଲାଭର ଫଳ ଉପଭୋଗ କରିବ । ଯୁଦ୍ଧରେ ପ୍ରାଣତ୍ୟାଗ କଲେ, ସ୍ୱର୍ଗତ୍ୱ ପ୍ରାପ୍ତି ହେବ ।" ................ "ମୁଁ ଯଦି ଯୁଦ୍ଧରେ ହାରିଯାଏ, ମୋର ଶରୀରର କୌଣସି ଅଂଶ ଯେମିତି ବିଦେଶୀ ହାତରେ ପଡି ନ ଯାଏ ।"

୧୮୫୮ ମସିହା, ଜୁନ୍ ୧୮ ତାରିଖ । ଗୋଆଲିୟର ଦୁର୍ଗ କୋଟାର ସରାଇ, ପାଖରେ ଫୁଲ୍ ବାଗ୍ । ଯୁଦ୍ଧବେଶରେ ଥାଇ ମହାରାଣୀ ଲକ୍ଷ୍ମୀ ବାଇ ନିକଟସ୍ଥ ଅଙ୍ଗରକ୍ଷୀ ଆଉ ଦେଶୀ ସୈନିକ ମାନଙ୍କୁ ଅନୁରୋଧ କରିଛନ୍ତି, "ଯଦି ମୁ ଏଇ ଯୁଦ୍ଧରେ ନିଧନ ହୁଏ, ତେବେ ମୋ ଶରୀରର କୋଣସି ଅଂଶ ଯେମିତି ବିଦେଶୀ ଶତ୍ରୁ ହାତରେ ପଡି ନ ଯାଏ ।"

ନିଜେ ଗୋଆଲିୟର ଦୁର୍ଗରୁ ବାହାରି ଘୋଡାରେ ଛୁଟି ଚାଲିଛନ୍ତି ବାହାରକୁ । ବିଲାତି ଜେନେରାଲ ହ୍ୟୁଗ୍ ରୋଜ୍ ପୁଣି ପିଛା କରୁଛି, ଦୁଇ ଦୁଇ ଥର ବିଫଳ ହୋଇ ସାରିଛି ତାଙ୍କୁ ଧରିବାକୁ ଶହ ଶହ ବିଲାତି ସୈନ୍ୟବଳ ସହିତ । ଏଥର ଅନେକ ହିସାର୍ ବାହିନୀ ସୈନ୍ୟ ପହଞ୍ଚିଯାଇ ଛନ୍ତି ଗୋଆଲିୟର ଉପକଣ୍ଠରେ । ମହାରାଣୀ ନିଜେ ମହାଯୋଦ୍ଧା । ଅଶ୍ୱଚାଳନା ଆଉ ଖଣ୍ଡା ଯୁଦ୍ଧରେ କେହି ପୁରୁଷ ବି ସମକକ୍ଷ ହେବେ ନି ତାଙ୍କ ସହିତ । ଘୋଡାର ଲଗାମ ପାଟିରେ ଧରିଛନ୍ତି ରାଣୀ, ଦୁଇ ହାତରେ ଦୁଇଟି ଧାରୁଆ ଖଣ୍ଡା, ଏହି ବୀରବେଶରେ ବହିର୍ଗତ ହେଉଛନ୍ତି କୋଟାରିଆ ସରାଇ ଫୁଲ୍ ବାଗ ଅଞ୍ଚଳରେ । ଦୁର୍ଗରୁ ପାଇଥିବା ଅଶ୍ୱଟି ଶକ୍ତିହୀନ ବୋଲି ରାଣୀ ଜାଣି ସାରିଲେଣି ଅବିଳମ୍ବେ । ଆଉ କିଛି ପ୍ରତିକାର କରିବାର ସମୟ ନାହିଁ । ଅତର୍କିତ ଭାବରେ ମୁହଁ ଓ ଶରୀରରେ ଗଭୀର ଭାବରେ ଖଣ୍ଡାଚୋଟରେ ଆହତ ହୋଇ ପଡି ଯାଇଛନ୍ତି ମହାରାଣୀ ଲକ୍ଷ୍ମୀବାଇ, ନିକଟ ମନ୍ଦିରର ପୂଜକ ଓ ତାଙ୍କର ପାଖ ସୈନ୍ୟ ଟେକି ନେଇଛନ୍ତି ନିଛାଟିଆ ସ୍ଥାନକୁ । ମୁମୂର୍ଷୁ ମହାରାଣୀଙ୍କ ପାଟିରୁ ଶୁଭୁଛି ଶେଷ ଦି ପଦ –

"ହର ହର ମହାଦେବ, ହର ହର ମହାଦେବ
ନମୋ ଶିବାୟ, ନମୋ ଶିବାୟ, ନମୋ ଶିବାୟ,
ବାସୁଦେବାୟ..............."

ଭାରତର ଶିକ୍ଷାକ୍ଷେତ୍ର କାଶୀ ନଗରୀରେ ଜନ୍ମିତା କନ୍ୟା ମନୁ ଦିନେ ଯେ ଭାରତର ସ୍ୱାଧୀନଚେତନାର ବିନ୍ଦୁ ହେବେ, ଏଇଟା କେବଳ ନିୟତିର ନିର୍ଦ୍ଦେଶ ବୋଲି କହିବା ଠିକ୍ ହେବନାହିଁ, ଏଥିରେ ମନୁଙ୍କର ଦୃଢ ମାନସିକତା, ସାହାସ, ଶକ୍ତି ଓ ବିଶ୍ୱାସ ମୂଳ ବୋଲି ସ୍ୱୀକାର କରିବାକୁ ହେବ । ସମଗ୍ର ବିଶ୍ୱରେ ନାରୀଜାତି ଯେତେବେଳେ ଅବଳା ଭାବରେ ଅଭିହିତ, ଯେତେବେଳେ ନାରୀମାନେ ମୁଖ ଆଚ୍ଛନ୍ନ ହୋଇଛି ଓଢଣାରେ, ସେତେବେଳେ ମନୁ ଓରଫ ମଣିକର୍ଣ୍ଣିକା ତାମ୍ବେ ଅଶ୍ୱାରୋହିଣୀ, ଖଡ୍‌ଗଧାରିଣୀ ଓ ପୁରୁଷଠାରୁ କୌଣସି ଗୁଣରେ କମ୍ ନୁହଁନ୍ତି । ଏଥିପାଇଁ ତାଙ୍କର ଶୈଶବ ଗଢି ଉଠିଛି ରାଜ ପରିବାର ପ୍ରୋତ୍ସାହନରେ । ମାଆଙ୍କୁ ହରାଇବସିଲେ ଚାରି ବର୍ଷ ବୟସରୁ । ପିତା ମୋରେପନ୍ତ ତାମ୍ବେ ବନ୍ଧୁ ପେଶୱାଙ୍କ ଉପଦେଷ୍ଟା ଭାବରେ ମରହଟ୍ଟା ରାଜ୍ୟରେ ଯୋଗ ଦେଲେ ।

ମନୁ ନିଜର ସୁନ୍ଦର ରୂପ ଓ ଗୁଣ ବଳରେ ପେଶୱାଙ୍କର ଅତି ଗେହ୍ଲା ହୋଇଗଲେ । ସମବୟସ୍କ ପୁଅ ମାନେ ସେଠାରେ ଥିଲେ ନାନା ସାହେବ ଓ ତାନ୍ତିଆ ତୋପେ । ନାନାସାହେବ ବାଜିରାଓଙ୍କର ପୋଷ୍ୟପୁଅ ଥିଲେ । ଘୋଡାଚଢା, କୁସ୍ତି, ବନ୍ଧୁକ ଚାଳନା, ଧନୁଶର ସବୁଥିରେ ମନୁଙ୍କ ଲକ୍ଷ୍ୟ ଅବ୍ୟର୍ଥ । ପେଶୱା ମନୁଙ୍କୁ ପୁଅ ଭାବରେ ଦେଖୁଥିଲେ ଓ ଛବିଲି ନାମ ଦେଇଥିଲେ । ଏ ସବୁ ସାମରିକ ଶିକ୍ଷା ବ୍ୟତୀତ ମନୁ ନିଜ ଅନେକ ଶାସ୍ତ୍ର ଓ ପୁରାଣ ପଢିଥିଲେ, ବୀର ମାନଙ୍କର ଚରିତ୍ର ଓ ପରାକ୍ରମ ପ୍ରତି ତାଙ୍କର ଆକର୍ଷଣ ଥିଲା । ସିଏ ଭୀମ, ଅର୍ଜୁନ, ରାଣା ପ୍ରତାପ ଓ ଶିବାଜୀଙ୍କର ଜୀବନୀ ପ୍ରତି ଅନୁପ୍ରାଣିତ ଥିଲେ । ଭାଗବତ ଗୀତାର ସ୍ତାବକ ଥିଲେ । ବାପାଙ୍କୁ ପିଲାଦିନେ କହନ୍ତି, ଦେଶରେ ବିଲାତ ଲୋକମାନେ ଭାରତୀୟ ଲୋକମାନଙ୍କୁ ଡରାଇ ରଖିଛନ୍ତି । ଏମାନଙ୍କୁ ମୁକାବିଲା କରିବା ଦରକାର । ଯିଏ ଏମାନଙ୍କୁ ଡରିବ, ସେ ହିଁ ଭୀରୁ ।

ତାଙ୍କର ବିବାହ ହୁଏ ଝାନସିର ମହାରାଜା ଗଙ୍ଗାଧର ରାଓ ନେଓ୍ୱାଲକରଙ୍କ ସହିତ, ତାଙ୍କର ନୂତନ ନାମ ହୋଇଯାଏ ମହାରାଣୀ ଲକ୍ଷ୍ମୀବାଇ । ସିଏ ଜନ୍ମ ଦିଅନ୍ତି ପୁଅ ଦାମୋଦରକୁ, ମାତ୍ର ଚାରି ମାସ ବୟସରେ ସିଏ ପ୍ରାଣ ହରାଏ । ମହାରାଜା ପୋଷ୍ୟପୁଅ ଗ୍ରହଣକରି ଇଷ୍ଟ ଇଣ୍ଡିଆ କମ୍ପାନୀକୁ ଜଣାନ୍ତି ତାଙ୍କର ଉତ୍ତରାଧିକାରୀ ସ୍ୱତ୍ୱ । ସେତେବେଳେ ବଡଲାଟ ଥିଲେ ଡେଲ୍ ହାଉସି । ମହାରାଜା ଗଙ୍ଗାଧର ରାଓ ଦୁଇ ବର୍ଷ ପରେ ପ୍ରାଣତ୍ୟାଗ କରିଛନ୍ତି । ରାଜାଙ୍କ ଆବେଦନ ବିଲାତ ପର୍ଯ୍ୟନ୍ତ ନିର୍ଣ୍ଣୟ ନିମିତ୍ତ ପଠାଯାଇଛି, ବିଦେଶୀ ଓକିଲ ମଧ ନିଯୁକ୍ତ ହୋଇଛନ୍ତି ଅନୁମତି ଆଣିବାକୁ । ହେଲେ, ନିରାଶ ହେବାକୁ ପଡିଛି ମହାରାଣୀ ଲକ୍ଷ୍ମୀବାଇଙ୍କୁ । ଡେଲ୍ ହାଉସି ଜଣାଇଦେଇଛନ୍ତି, ଝାନ୍‌ସି ଇଷ୍ଟ ଇଣ୍ଡିଆ କମ୍ପାନୀର । ରାଣୀଙ୍କର ଝାନସୀ ଉପରେ ଅଧିକାର ନାହିଁ । ରାଣୀ ରାଜପ୍ରାସାଦ ଛାଡି ରାଣୀ ମହଲରେ ବାସ କରନ୍ତୁ ।

ଚମକି ଉଠିଛନ୍ତି ଲକ୍ଷ୍ମୀବାଇ, ମନରୁ ସ୍ୱତଃ ବାହାରି ପଡିଛି ତାଙ୍କର – "ମୋ ଝାନ୍‌ସି ମୁଁ କଦାପି ଦେବି ନାହିଁ ।" ଏ ପର୍ଯ୍ୟନ୍ତ ଫିରିଙ୍ଗି ମାନଙ୍କର କୌଣସି ବିରୋଧ କରି ନ ଥିବା ଲକ୍ଷ୍ମୀବାଇଙ୍କର ମନରେ ବିରୋଧର ଶତ ତରଙ୍ଗ ଉଠି ଆକାଶ ସ୍ପର୍ଶ କରିଛ । କି ଆସ୍ପର୍ଦ୍ଧା ଏ ଇଷ୍ଟ ଇଣ୍ଡିଆ କମ୍ପାନୀର । ଏମାନେ ରାଜା ମହାରାଜା ମାନଙ୍କୁ ଉପଢୌକନ ଦେଇ ବ୍ୟବସାୟ ଆରମ୍ଭ କରିଥିଲେ ଭାରତ ଭୂମିରେ, ଏବେ ବିଶାଳ ସୈନ୍ୟବାହିନୀ ରଖି ଜୁଲମ୍ କରି ରାଜ୍ୟ ପରେ ରାଜ୍ୟ ନେଇ ଶୋଷଣ କରୁଛନ୍ତି ନିଜ ନୀତି ବଳରେ । ଭାରତୀୟ ରାଜନୈତିକ ଓ ଧର୍ମ ପରମ୍ପରାରେ ରାଜା ଅପୁତ୍ରିକ ହେଲେ ପୋଷ୍ୟପୁଅ ଗ୍ରହଣ କରିବେ, ଏମାନେ ଭାରତ ଭୂମିରେ ନିଜର ରାଜ୍ୟଲାଳସାରେ କମ୍ପାନୀ ନିୟମ ଦେଖାଉଛନ୍ତି ? ରକ୍ତ ତାଙ୍କର ତାତି ଉଠିଛି, ସିଏ ମନରେ ନିଷ୍ପତ୍ତି କରିଛନ୍ତି, ଫିରିଙ୍ଗିଙ୍କୁ ବିରୋଧ କରିବେ, ଝାନସିକୁ କଦାପି ସେମାନଙ୍କୁ ଦେବେ

ନାହିଁ ନିଜର ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ।

ବିଶାଳ ସୈନ୍ୟ ବାହିନୀ ଇଂରେଜ ମାନଙ୍କର, ଇଂରେଜ ସୈନ୍ୟଙ୍କୁ ଛାଡି ବହୁଗୁଣା ଦେଶୀ ହିନ୍ଦୁ ଆଉ ମୁସଲମାନ ସୈନ୍ୟ । ମୁଷ୍ଟିମେୟ ଝାନସି ସୈନ୍ୟଙ୍କୁ ନେଇ ସିଏ ବା କଅଣ କରିପାରିବେ ? ମହାରାଜା ଗଙ୍ଗାଧର ରାଓଙ୍କର ଦେହାନ୍ତ ହେବା ପରେ ମହାରାଣୀ ଝାନସିର ସ୍ୱତ୍ତ୍ୱ ପ୍ରତି ଜାଗ୍ରତ ହୋଇପଡିଛନ୍ତି । ବାଇଶ ବର୍ଷର ମହାରାଣୀ ବାଟ ଖୋଜିଛନ୍ତି ଝାନସିର ମୁକ୍ତି ପାଇଁ । ତାଜା ରକ୍ତରେ ତାଙ୍କର ଉନ୍ମାଦନା ସୃଷ୍ଟି ହେଉଛି ଝାନସିକୁ ଫିରିଙ୍ଗି କବଳରୁ ମୁକ୍ତ କରିବାକୁ ।

ଝାନସିରେ ଚାଲିଛି ହଳଦୀ କୁମ୍ କୁମ୍ ପର୍ବ । ରାଜ ମହଲରେ, ଆବାହକ ମହାରାଣୀ ଲକ୍ଷ୍ମୀବାଇ । ନାରୀ ଶକ୍ତିର ଉତ୍‌ଥାନର ସ୍ୱପ୍ନ ସିଏ ଦେଖୁଛନ୍ତି । ଝାନସିର ଘର ଚାରିକୋଣରେ ଓଢଣା ତାଙ୍କି ଆବଦ୍ଧ ହୋଇ ରହିଥିବା ନାରୀଜାତି ଆଦୌ ଶକ୍ତିହୀନା ନୁହେଁ । ଆପଦକାଳରେ ସେମାନଙ୍କର ଶକ୍ତିର ପରିଚୟ ପାଇବ ସମାଜ । ଦେଖିବାକୁ ହଳଦୀ କୁମ୍ କୁମ୍ ପର୍ବ । ମହିଳାମାନଙ୍କ ସୌନ୍ଦର୍ଯ୍ୟବର୍ଦ୍ଧକ ପର୍ବ । ଭିତରେ ଚାଲିଛି ଗୁପ୍ତ ଆଲୋଚନା । ବିନ୍ଦୁଟିଏ ବି ସନ୍ଦେହ ନାହିଁ ଫିରିଙ୍ଗି ମାନଙ୍କର ବଳହୀନା ହିନ୍ଦୁ ନାରୀ ମାନଙ୍କର ପାରିବାର ଶକ୍ତିକୁ । ହଳଦୀ ଲେପନ କାଳରେ ଅସ୍ତ୍ରବଳ, ଅଶ୍ୱବଳ, ବିଦେଶୀଙ୍କୁ ଭୂପତିତ କରିବାର କୌଶଳ ସମ୍ପର୍କରେ ଆଲୋଚନା । ମହିଳା ମାନଙ୍କ ମଧ୍ୟରେ ମୁଖ୍ୟା ନିର୍ଣ୍ଣୟ, ମହିଳା ମାନଙ୍କ ସହାୟକ ଭୂମିକା ପାଇଁ ପ୍ରଶିକ୍ଷଣ ମଧ୍ୟସ୍ୱତନ୍ତ୍ର ଭାବରେ ଆଲୋଚିତ ହୋଇଥିଲା କୁମ୍ କୁମ୍ ବେଳେ । ବହୁ ଅବିବାହିତା, ବିବାହିତା, ବିଧବା ନାରୀମାନେ ଆଗଭର ହୋଇ ଝାନସି ରକ୍ଷାଦଳରେ ଯୋଗଦାନ କରିଥିଲେ । କେତେଦିନ ପରେ ଝାନସିର ଇଂରେଜ ବସତି ଉଠାଇ ନେବାକୁ ପଡିଲା ଇଂରେଜମାନଙ୍କୁ । ସାମାଜିକ ଆକ୍ରମଣରେ ଅନେକ ମୃତାହତ ହୋଇଥିଲେ । କେହି ଏଥିରେ ମହାରାଣୀଙ୍କର କିଛି ପ୍ରୋତ୍ସାହନ ଥିବାର ବି କେହି ଅନୁମାନ କରିପାରି ନ ଥିଲେ ।

ମହାରାଣୀଙ୍କର ସ୍ୱପ୍ନ ଥିଲା, ନିଜ ଆତ୍ମରକ୍ଷା ପାଇଁ ଥିବା ସୈନ୍ୟ ମାନଙ୍କର ଶକ୍ତି ବୃଦ୍ଧିକରି ଝାନସି ଦୁର୍ଗକୁ ଫିରିଙ୍ଗି ମାନଙ୍କର ଗତି ପ୍ରତିରୋଧ କରିବା । ନାରୀ ଜାଗରଣ ଫଳରେ ବହୁ ଯୁବା ଅଶ୍ୱ ଆଉ ତରବାରିରେ ସଜ୍ଜିତ ହୋଇ ଦେଶର ସାମର୍ଥ୍ୟ ବୃଦ୍ଧି କରିବେ । କେବଳ ସେତିକି ନୁହେଁ, ପଡୋଶୀ ଶାସକ ମାନଙ୍କ ସହ ସୁସମ୍ପର୍କ ରକ୍ଷାକରି ସୁପରିଚାଳିତ ଭାବରେ ଇଂରେଜ ମାନଙ୍କର ପ୍ରତିରୋଧ କରିବେ । ନିଶ୍ଚିତ ଭାବରେ ପରିସ୍ଥିତି ମହାରାଣୀ ଲକ୍ଷ୍ମୀବାଇଙ୍କର ସପକ୍ଷରେ ଥିଲା । ଅନେକ ରାଜା ପୋଷ୍ୟପୁଅ ସମସ୍ୟାରେ ପଡି ରାଜ୍ୟ ହରାଇବାକୁ ଚାହୁ ନ ଥିଲେ । ପୁଣି ସାରା ଭାରତରେ ଦେଶୀ ହିନ୍ଦୁ ଓ ମୁସଲମାନ ସୈନ୍ୟ ମାନଙ୍କ ଠାରୁ ମୃଦୁ ଗୁଞ୍ଜରଣ ଶୁଭିବା ଆରମ୍ଭ ହେଉଥିଲା । ଧର୍ମନାଶକ ଗୋରୁ ଓ ଘୁଷୁରି ଚର୍ବିତିଆରି ଏନ୍‌ଫିଲ୍‌ଡ ବନ୍ଧୁକ ଗୁଳିପଟିକୁ ପାଟି ଲଗାଇ ଖୋଲିବାର ବିଧି । ବ୍ରିଟିଶ ଜେନେରାଲ ମାନଙ୍କ ଧମକ, ଯିଏ ବନ୍ଧୁକ ଠିକ୍‌ରେ ବ୍ୟବହାର ନ କରିବ, ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତା ବିରୁଦ୍ଧରେ । ସୈନ୍ୟ ବାହିନୀର ମାନସିକ ବିଦ୍ରୋହ ଦାନା ବାନ୍ଧୁଛି ବୋମା ହୋଇ ଫୁଟିବା ପାଇଁ ।

ଅବଶ୍ୟ ସବୁ ଅସନ୍ତୁଷ୍ଟ ରାଜା ରାଜୁଡା ମାନଙ୍କର କିଛି ଭୂମିକା ଥିଲା ଏହି ଧର୍ମଭିତ୍ତିକ ବିରୋଧକୁ ଉଗ୍ରରୂପ ଦେବା ପାଇଁ । ମହାରାଣୀଙ୍କର ଶକ୍ତି ଓ ଲୋକସମ୍ପର୍କ ଏ ଦିଗରେ ବି କାମ କରିଛି । ଓଡିଶାର ଚାଖି ଖୁଣ୍ଟିଆଙ୍କଠାରୁ ଆରମ୍ଭକରି ଅନ୍ୟାନ୍ୟ ଧାର୍ମିକ ବ୍ୟକ୍ତିବିଶେଷଙ୍କୁ ବି ସୈନ୍ୟ ଶିବିରରେ ଧର୍ମଦ୍ରୋହ ବିଷୟରେ ବିଦ୍ରୋହୀଭାବ ସୃଷ୍ଟି କରିବା ପାଇଁ ମହାରାଣୀଙ୍କର କାର୍ଯ୍ୟଦକ୍ଷତାର ପ୍ରମାଣ ମିଳେ ।

ମହାରାଣୀ ତାଳମେଳ ରଖିଛନ୍ତି ପଡୋଶୀ ଆଉ ବାଲ୍ୟ ବନ୍ଧୁ ତାନ୍ତିଆ ତୋପେଙ୍କ ସହିତ । ଗୁପ୍ତ ନିଷ୍ପତ୍ତି ଝାନସିର ସୁରକ୍ଷା, ଗୋଆଲିୟର ଆକ୍ରମଣ, ବାହାଦୁର ସାହଙ୍କ ସହ ସମନ୍ୱୟ ଆଦି ବିଷୟରେ । ପ୍ରକୃତରେ ଭାରତର ଜନ ଜାଗରଣକୁ ଇଷ୍ଟ ଇଣ୍ଡିଆ କମ୍ପାନୀ ଖାଲି ବିଶ୍ୱ ସ୍ତରରେ ସିପାହି ବିଦ୍ରୋହ ନାମ ସିନା ଦେଉଥିଲା, ଏଥିରେ ରାଜା ରାଜୁଡା ଆଉ ଭାରତୀୟ ଜନତାଙ୍କର ସହଯୋଗକୁ ଆଖିରେ ଦେଖି ବି ପାଟି ଖୋଲିପାରୁ ନ ଥିଲା । ଭାରତ ବର୍ଷରେ ଏମିତି ଇଂରେଜ ବିରୋଧି କାର୍ଯ୍ୟକଳାପ ବହୁ ସ୍ଥାନରେ ଦେଖିବାକୁ ମିଳେ, କର୍ଣ୍ଣାଟକ, ଓଡିଶା ଓ ଅନ୍ୟାନ୍ୟ ସ୍ଥାନ ମାନଙ୍କରେ ଏଭଳି ଘଟଣା ଉନବିଂଶ ଶତାବ୍ଦୀର ପ୍ରଥମ ଓ ଦ୍ୱିତୀୟ ଦଶକରେ ଦେଖିବାକୁ ମିଳେ । କିନ୍ତୁ ସମୁଦାୟ ଇଂରେଜ ଶାସନାଧୀନ ଦେଶରେ ଏଇଟା ପ୍ରଥମ ସ୍ୱାଧୀନତା ସଂଗ୍ରାମ ।

ପ୍ରଥମ ପର୍ଯ୍ୟାୟ ଝାନସି ସୁରକ୍ଷା ଯୁଦ୍ଧରେ ସିଏ ଦୁର୍ଗ ମଧ୍ୟରେ ରହି ଆକ୍ରମଣକାରୀ ଇଂରେଜ ବାହିନୀର ମୁକାବିଲା କରିଛନ୍ତି । ଅଳ୍ପ ଦିନ କେତେଟା ଆଗରୁ ଝାନସି ଦୁର୍ଗ ପ୍ରାଚୀର ମରାମତି କରି ଶକ୍ତ କରିଥାନ୍ତି ମହାରାଣୀ । ଏବେ ଇଂରେଜ ସୈନ୍ୟ ବାହିନୀ ଦେଇଛି ମହାରାଣୀଙ୍କୁ ଆତ୍ମ ସମର୍ପଣ ନିର୍ଦ୍ଦେଶ । ଆତ୍ମ ସମର୍ପଣ ଆଦେଶ ଅମାନ୍ୟ କରି ମହାରାଣୀ ଝାନସି ଦୁର୍ଗରୁ ତୋପ ବର୍ଷା କରୁଛନ୍ତି ଇଂରେଜ ସୈନ୍ୟ ବାହିନୀଙ୍କ ଉପରେ । ତାଙ୍କର ମହିଳା ତୋପ ନିକ୍ଷେପିକା, ମୋତି ବାଇ ଲକ୍ଷ୍ୟ ଭେଦକରୁଥାନ୍ତି ଇଂରେଜ ସୈନ୍ୟଛାଉଣି ଉପରେ । ଝାନସିର ସ୍ଥାନୀୟ ସାମରିକ ବିଶେଷଜ୍ଞ ଖୁଦ୍ ବକ୍ସ ଓ ଗୁଲାମ୍ ଗୁସ୍ ଖାଁ ଦୃଢ ପ୍ରୟାସ କରିଛନ୍ତି ଇଂରେଜ ମାନଙ୍କୁ ଆକ୍ରମଣ କରି ଭୀତତ୍ରସ୍ତ କରିବାରେ । ଏମିତି ଦୁଇ ସପ୍ତାହ କାଳ ଇଂରେଜ ବାହିନୀ ବିଶାଳ କମାଣ ସତ୍ତ୍ୱେ ଝାନସି ଦୁର୍ଗ ଜୟ କରି ପାରି ନ ଥିଲେ । ମହାରାଣୀଙ୍କର ସୈନ୍ୟ, ଅଗଣିତ ମହିଳା ପ୍ରବଳ ପ୍ରତିରୋଧ କରୁଥିଲେ ଶତ୍ରୁଙ୍କୁ । ସମସ୍ତେ ଉତ୍କଣ୍ଠାର ସହ ପ୍ରତୀକ୍ଷା

କରିଥିଲେ ତାନ୍ତିଆ ତୋପେଙ୍କ ଝାନସି ବିରୋଧି ଇଂରେଜଙ୍କ ଉପରେ ପ୍ରତି ଆକ୍ରମଣକୁ । ସେଇଟା ସମ୍ଭବ ହୋଇ ପାରିନି ଅଳ୍ପ ଇଂରେଜ ସୈନ୍ୟଙ୍କର ଝାନସି ମୁହାଁ କୋଡିଏ ହଜାର ତାନ୍ତିଆ ତୋପେଙ୍କ ଦେଶୀ ସୈନ୍ୟଙ୍କୁ ଇଂରେଜି କାଇଦାରେ ମୁକାବିଲା କରି ପାରିବାରୁ ।

ଯେତେବେଳେ ପଲକୁ ପଲ ବିଦେଶୀ ସୈନ୍ୟ ଆସି ଯୋଗ ଦେଉଥାନ୍ତି ସାର ହ୍ୟୁଗ୍ ରୋଜ୍‌ଙ୍କ ଝାନସି ବିରୋଧୀ ବାହିନୀରେ, ଅବସ୍ଥା ଅସମ୍ଭାଳ ହୋଇ ପଡିଲା, ରାଣୀ ଝାନସି ଦୁର୍ଗ ଛାଡିବାକୁ ସମସ୍ତଙ୍କ ଠାରୁ ସୂଚନା ପାଇଲେ । ନିଜର ପ୍ରିୟ ଅଶ୍ୱ ଆରୋହଣ କରି ପଛରେ ପୋଷ୍ୟପୁଅ ଦାମୋଦର ରାଏଙ୍କୁ ବସାଇ ହାତରେ ଖଣ୍ଡା ଧରି କୌଶଳରେ ଝାନସି ଦୁର୍ଗ ଛାଡି ଚାଲିଗଲେ ଗୋଆଲିୟର ଅଭିମୁଖେ ।

ଗୋଆଲିୟରରେ ପହଞ୍ଚି ତାନ୍ତିଆ ତୋପେ ଙ୍କ ସହିତ ଗୋଆଲିୟର ଦୁର୍ଗ ଦଖଲ କରି ନେଇଛନ୍ତି, ବିଦେଶୀ ସୈନ୍ୟ ମାନଙ୍କ ସହିତ ସମ୍ମୁଖୀନ ହେବାକୁ ପଡିଛି, ସେଇ ହ୍ୟୁଗ୍ ରୋଜ୍ ହିଁ ଧାଇଁ ଆସିଛି ଝାନସିରୁ ଗୋଆଲିୟର, ଅଧିକ ସୈନ୍ୟବଳ ସହ । ମହାରାଣୀ ନିହତ ହୋଇଛନ୍ତି ଯୁଦ୍ଧକ୍ଷେତ୍ରରେ ଗୋଆଲିୟର ଦୁର୍ଗରୁ ପାଇଥିବା ନିକମା ଅଶ୍ୱଟି ପାଇଁ ।

ଶତ୍ରୁ ହେଲେ ବି ଅଭିଭୂତ ହୋଇ ପଡିଛନ୍ତି ଇଂରେଜ ଜେନେରାଲ ସାର୍ ହ୍ୟୁଗ୍ ରୋଜ୍ । ଜଣେ ଭାରତୀୟ ନାରୀ, ତାଙ୍କୁ ଓ ତାଙ୍କର ଇଂରେଜ ବାହିନୀକୁ  ପରିଶ୍ରାନ୍ତ କରି ଦେଲାଣି । ଅସଂଖ୍ୟ ଭାରତୀୟଙ୍କୁ ଉତ୍ସାହିତ କରିସାରିଲାଣି ଇଂରେଜ ବିରୁଦ୍ଧରେ । ମାତ୍ର ହ୍ୟୁଗ୍‌ଙ୍କ ମଧ୍ୟରେ ଥିବା ମନୁଷ୍ୟତ୍ୱ ସ୍ପଷ୍ଟ ଭାବରେ କହି ଉଠିଛି, "ମହାରାଣୀ ଲକ୍ଷ୍ମୀବାଇ ଅତି ସୁନ୍ଦର, ଚତୁର, ଧୈର୍ଯ୍ୟବତୀ ଏବଂ ଭାରତର ସମସ୍ତ ବିଦ୍ରୋହୀମାନଙ୍କ ମଧ୍ୟରେ ଅତି ବିପଦ୍‌ଜନକ ।"

ସାରା ଇଂରେଜ ଜାତିର ଦେଶ ଭକ୍ତିର ଉଦାହରଣ ପାଇଛନ୍ତି । ଏଇଟି ଦ୍ୱିତୀୟ ଥର ଜଣେ ଉତ୍ସର୍ଗୀକୃତା ମହିଳାଙ୍କର ନିଜ ଦେଶରେ ଇଂରେଜ ସାମରିକ ଶକ୍ତି ବିରୁଦ୍ଧରେ ଦୃଢ ଅଭିଯାନ । ପ୍ରଥମ ଥର ପ୍ରାୟ ଏକ ଶତାବ୍ଦୀ ପୂର୍ବରୁ ଘଟିଥିଲା ଫ୍ରାନ୍ସରେ, ଜୋଆନ୍ ଅଫ୍ ଆର୍କ ଦୁର୍ଦ୍ଦଶ ଇଂରେଜକୁ ଦେଇଥିଲେ ଦୃଢ ଜବାବ, ଶହେ ବର୍ଷର ଯୁଦ୍ଧରେ କବଳିତ ହୋଇ ଷଷ୍ଠ ଚାର୍ଲସ୍ ରାଜପୁତ୍ରଙ୍କର ମୁକୁଟାଭିଷେକ କରାଇପାରିଥିଲେ ସିଏ ଇଂରେଜମାନଙ୍କୁ ଅସିମୂନରେ ଜବାବ ଦେଇ । ମାତ୍ର ଊଣେଇଶ ବର୍ଷର ଫରାସୀ ଲଳନା ଜୋଆନ୍ । ନିଜେ ଦାବୀ କରିଥିଲେ ଭଗବାନ ତାଙ୍କୁ ପଠାଇଛନ୍ତି ଫ୍ରାନ୍ସକୁ ଇଂରେଜମାନଙ୍କ ହାତରୁ ଛଡାଇ ଆଣିବେ । ଇଂରେଜମାନେ ବଳରେ ନୁହେଁ କୌଶଳରେ ତାଙ୍କୁ ଜୀବନ୍ତ ଭସ୍ମ କରି ଦେଇପାରନ୍ତି ଅଗ୍ନିଦ୍ୱାରା, ମାତ୍ର ସିଏ ଉତ୍ସର୍ଗତାର ଯେଉଁ ଉଦାହରଣ ପ୍ରତିଷ୍ଠା କଲେ, ତାହାର ସମକକ୍ଷ ହେବା ସହଜ ନୁହେଁ ।  ସେହି ଦେଶପ୍ରେମର ସଙ୍କେତ ବହନ କରିଥିଲେ ଲକ୍ଷ୍ମୀବାଇ, ନିଜେ ଯୋଦ୍ଧା ନିଜେ ଅଶ୍ୱାରୋହିଣୀ ଖଡ୍ଗଧାରିଣୀ ଦୁର୍ଗା ।

ଜୋଆନ୍‌ଙ୍କୁ ବଳି ପଡିଲେ ଝାନସିର ମହାରାଣୀ । ବିଶାଳ ଭାରତର ତିରିଶ କୋଟି ଜନରାଶିରେ ଦେଶପ୍ରେମର ଯେଉଁ ଉଦାହରଣ ରଖି ଦେଇଗଲେ, ସେଥିରେ ଇଂରେଜମାନଙ୍କର ଭବିଷ୍ୟତ କଣ୍ଟକମୟ ହିଁ କଣ୍ଟକମୟ ବୋଲି ସୂଚନା ଦେଲେ ନିଜ ଜୀବନର ପ୍ରତିଦାନରେ । ଭାରତୀୟମାନଙ୍କୁ ନୀଚ ଭାବରେ ମୂଲ୍ୟାଙ୍କନ କରୁଥିବା ଇଂରେଜମାନଙ୍କର ଚେତନାର ଉଦୟ ହେଲା ଭାରତର ଗୋଟିଏ ଛୋଟିଆ ରାଜ୍ୟର ରାଣୀଙ୍କର ଆଦର୍ଶରେ ।

ସମ୍ମାନୀୟା, ବନ୍ଦନୀୟା, ମହାରାଣୀ ଲକ୍ଷ୍ମୀବାଇ ପରାକାଷ୍ଠା ସ୍ଥାପନ କରି ଦେଇଗଲେ ମାତୃଭକ୍ତିର ଅର୍ଘ୍ୟରେ । ପରିସ୍ଥିତି ଯାହା ହେଉ ନା କାହିଁକି, ଭାରତୀୟ ମାନଙ୍କର ଆଦର୍ଶ ହୋଇ ରହିବେ । ସେଇ ମହାନ୍ ସ୍ୱାଧୀନ ଚେତନାର ମନିଷୀ ନିଜ ସ୍ୱାର୍ଥ ତ୍ୟାଗ କରି ନିଜର ଜୀବନ ମୂଲ୍ୟରେ ଦେଶପ୍ରେମର ବିରଳ ଉଦାହରଣ ସୃଷ୍ଟି କରି ଦେଇଗଲେ, ଦେଶବାସୀଙ୍କୁ ଏକ ଦିଗ୍‌ଦର୍ଶନ ଦେଇ ଗଲେ ଏବଂ ଜଣେ ମହିଳା ଭାବରେ  ଶକ୍ତିର ନିଦର୍ଶନ ହୋଇ ପାରିଲେ ।

## (୨)

"କିଏ କହେ ବିଜ୍ଞାନ ମଣିଷକୁ ଅସୁଖ ଦେଉଛି ? ମୁଁ ଆଲଫ୍ରେଡ୍ ନୋବେଲଙ୍କ ସହ ସହମତ, ବିଜ୍ଞାନର ଉପାଦେୟତା ମଣିଷ ଆଦରି ନେବ ।" "ବିଜ୍ଞାନ ସୁନ୍ଦର, ବିଜ୍ଞାନ ପ୍ରକୃତିର ଉପାଦାନ, ପ୍ରକୃତିର ତାଳରେ ପାଦ ଦେଇ ଚାଲିଛି ପରିରାଇଜର କାହାଣୀ ପରି ।"

ସରି ସରି ଆସୁଅଛି ୧୯୩୪ ମସିହାର ଜୁନ୍ ମାସ । ଶଯ୍ୟାଶାୟୀ ମେରି ଆଖି ବୁଲାଇନେଉଛନ୍ତି ଅତୀତ ସ୍ମୃତିକୁ । ପାଖରେ ବସିଛି ସାନ ଝିଅ ଇଭ୍ । ବହୁଦିନରୁ ଶଯ୍ୟା ମାଡି ରହିଛନ୍ତି ଫ୍ରାନ୍ସ ମେରି ପାସି ଡାକ୍ତରଖାନାରେ । ରକ୍ତ ରୋଗର ଚିକିତ୍ସା ଚାଲିଛି, ରକ୍ତ ବି ଦିଆ ଚାଲିଛି । ଛଅଷଠି ବର୍ଷର ମେରି । ମାରାତ୍ମକ ବ୍ୟାଧିରେ ଆକ୍ରାନ୍ତ ସିଏ । ଚିକିତ୍ସକମାନଙ୍କର ମତାମତ ତାଙ୍କର ଅତ୍ୟଧିକ ରେଡିୟମ୍ ସଂସର୍ଗ ହେତୁ ଶରୀରର ରକ୍ତରେ ବ୍ୟାଧି ସୃଷ୍ଟି ହୋଇଛି । ସମଗ୍ର ବିଶ୍ୱର ଦୃଷ୍ଟି ରହିଛି ତାଙ୍କ ଉପରେ, ତାଙ୍କ ସ୍ୱାସ୍ଥ୍ୟ ଉପରେ ।  ଅତୁଟ ବିଶ୍ୱାସ ତାଙ୍କର ବିଜ୍ଞାନ ଉପରେ, ପୋଲୋନିଅମ ଓ ରେଡିୟମ ତାଙ୍କର ଆବିଷ୍କାର, ତାଙ୍କର ପୁତ୍ରତୁଲ୍ୟ । ରେଡିୟମ ପକେଟରେ ଧରି ସିଏ ଯାଆନ୍ତି ଯୁଦ୍ଧକ୍ଷେତ୍ରକୁ, ପ୍ରଥମ ବିଶ୍ୱଯୁଦ୍ଧବେଳେ । ବିଶ୍ୱାସ ଅସୁନି ତାଙ୍କ ମନରେ ସିଏ ନିଜ ଆବିଷ୍କାର କରିଥିବା ବସ୍ତୁର ଶିକାର ହୋଇଛନ୍ତି ! କିନ୍ତୁ ତାଙ୍କର ଏହି ରେଡିୟମ ଅଶେଷ ଉପକାରରେ ଆସୁଛି ଜନ ସମାଜର । କର୍କଟ ରୋଗର

ଭୟାନକ କଷ୍ଟରୁ ମୁକ୍ତି ଦେଉଛି ରେଡିୟମ୍ । ଏହାର ଚିକିତ୍ସାରେ ହିଁ ମଣିଷ ଦୁରାରୋଗ୍ୟ କ୍ୟାନ୍ସରରୁ ମୁକ୍ତି ପାଇପାରୁଛି । ପେରିଙ୍କର ମଣିଷ ତନ୍ତୁ ଉପରେ ରେଡିୟମ୍‌ର ପ୍ରଭାବର ଆବିଷ୍କାର ବହୁ ସମ୍ମାନ ଆଣିଛି କ୍ୟୁରି ପରିବାର ପାଇଁ ।

ଭୁଲି ପାରି ନାହାନ୍ତି ୧୯୦୬ ମସିହାର କଳା ବାଦଲଭରା ସଂଧ୍ୟା ତାଙ୍କପାଇଁ ଯେଉଁ ଦୁଃଖସାଗର ବୋହିନେଇ ଆସିଥିଲା । ଦୁର୍ଦ୍ଦିନ ଘୋଟି ଆସିଲା କ୍ୟୁରି ପରିବାରକୁ । ସ୍ୱାମୀ ପେରିଙ୍କର ଗୋଡ ଖସିଗଲା ମଝି ରାସ୍ତାରେ, ମୁଣ୍ଡ ଉପରେ ଲରି ଚକ ଚଢିଗଲା ଓ ସିଏ ଇହଧାମ ତ୍ୟାଗକଲେ । ମେରି ହୋଇଗଲେ ଏକାକିନୀ, ପରୀକ୍ଷାଗାର, ଘର, ବିଶ୍ୱବିଦ୍ୟାଳୟ କେଉଁଠି ନାହାନ୍ତି ପେରି । ଘରେ ଦୁଇ ଛୋଟ ଝିଅ - ଇରିନି ଓ ଇଭ୍ । କେମିତି ଚଳିବ ସଂସାର ? କିନ୍ତୁ ତାଙ୍କ ପରଠାରୁ ପରୋକ୍ଷ ଭାବରେ ଯେମିତି କ୍ୟୁରି ପରିବାରକୁ ଚାହିଁ ରହିଛନ୍ତି ! ସବୁଠାରେ ମେରିଙ୍କର ବିଜୟ ଧ୍ୱଜା ଉଡିଚାଲିଛି । ନୋବେଲ ପ୍ରାଇଜ୍ ପୁନର୍ବାର ଆଉ ଅନେକ ସମ୍ମାନ ଓ ପୁରସ୍କାର । ଝିଅ ଜ୍ୱାଇଁଙ୍କର କୃତିତ୍ୱ । ରେଡିୟମ ସଂଗଠନ ଗଢିବାରେ ସମର୍ଥ ହୋଇଛନ୍ତି ସିଏ ଫ୍ରାନ୍ସରେ । ଅନୁରୂପ ସଂସ୍ଥା ଗଢି ଉଠିଛି ନିଜ ଜନ୍ମମାଟି ପୋଲାଣ୍ଡରେ, ସିଏ ବି ସମ୍ପୃକ୍ତ ତା ସହିତ ।

ଏତେ ଅଳ୍ପ ଦିନର ଦୁନିଆ ମଧ୍ୟରେ ଛାଡି ଚାଲି ଗଲେ ପେରି ! ପ୍ରଥମ ଦେଖାରୁ ଯେମିତି ପିଛା ଧରିଥିଲେ ମେରିଙ୍କର । 'କୁନି ଛାତ୍ରୀ' ବୋଲି ସମ୍ବୋଧନ କରି ବହୁ ସାହାସରେ ପ୍ରସ୍ତାବ ନିଜେ କରିଥିଲେ ମେରିଙ୍କ ପାଖରେ । ମହାନଗର ନିଗମ ପରୀକ୍ଷାଗାରରେ ମେରିଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରିବାର ଆଳରେ ନୁହେଁ, ନିଜ ମନ ଦର୍ପଣରେ ଦେଖିପାରିଥିଲେ ବିଜ୍ଞାନର ଗୋଟିଏ ପରିବାର, ବିଜ୍ଞାନରେ ସମୃଦ୍ଧ କ୍ୟୁରି ପରିବାର । ସେଥିପାଇଁ ସିଏ ଧାଇଁ ଆସିଥିଲେ ଏକାନ୍ତରେ ନିଜର ପ୍ରସ୍ତାବ ବ୍ୟକ୍ତ କରିବାକୁ ତାଙ୍କର 'କୁନି ଛାତ୍ରୀ'ଙ୍କ ପାଖକୁ । ବିବାହ ବନ୍ଧନରେ ଆବଦ୍ଧ ହେବାର ପ୍ରବଳ ଇଚ୍ଛା ପ୍ରକଟ କରି କହିଥିଲେ, ତାଙ୍କର ସ୍ୱପ୍ନ ସାର୍ଥକ ହେବ । ତା ସହିତ ମେରିଙ୍କର ଅନାବିଳ ଦେଶପ୍ରେମ ସହ ଦୁହିଁଙ୍କର ମାନବିକତା ଓ ବୈଜ୍ଞାନିକ ପ୍ରବୃତ୍ତି ଚରିତାର୍ଥ ହେବ । ମେରି ବୁଝି ପାରୁଥିଲେ, ବିଦେଶୀ ପେରିଙ୍କର ପ୍ରେମ ନିବେଦନ । ସିଏ କଅଣ ଫରାସିନୀ ହୋଇ ରହିଯିବେ ପ୍ୟାରିସ୍ ରେ ? ତାଙ୍କର କଳ୍ପନାର ପୋଲାଣ୍ଡ ପାଇଁ ସିଏ କିଛି କରିବେନି ? ପେରି ହସି ହସି କହୁଛନ୍ତି, "ଦରକାର ହେଲେ ସିଏ ବସବାସ ପାଇଁ ପୋଲାଣ୍ଡରେ ନାଗରିକତ୍ୱ ଗ୍ରହଣ କରିବାକୁ ଆଗ୍ରହୀ !"

ନିତାନ୍ତ ଭାବରେ ପେରି ଭଲ ପାଉଥିଲେ ମେରିଙ୍କୁ, ମେରିଙ୍କର ପୁରୁଣା ଫଟୋଟିଏ ପେରିଙ୍କର ଥିଲା ଦ୍ୱିତୀୟ ମେରି । ସେଇଟି ହିଁ ଥିଲା ପେରିଙ୍କର କୁନି ଛାତ୍ରୀ । କଅଣ କରିଥାଆନ୍ତେ ମେରି ସେହି ଫଟୋଟି ରଖି । ପେରିଙ୍କର କଫିନ୍‌ର ଶବାଧାର କଳାକନାରେ ଆବୃତ୍ତ ହେଲାବେଳକୁ ଅଶ୍ରୁସିକ୍ତ ସେଇ ଫଟୋଟିକୁ ରଖିଦେଇ ଥିଲେ ମେରି ପେରିଙ୍କ ପାଖରେ । ମନକୁ ଶାନ୍ତ୍ୱନା ଦେଉଛନ୍ତି ମେରି । ମନେକରନ୍ତି ସିଏ ସବୁବେଳେ ପେରିଙ୍କ ପାଖରେ ହିଁ ରହିଛନ୍ତି । ପେରି ଏକୁଟିଆ ସେପାରିକୁ ଯାଇ ନାହାନ୍ତି । ମେରିଙ୍କର ପ୍ରାଣ ଚାଲିଯାଇଛି ପେରିଙ୍କ ସହିତ, ରହି ଯାଇଛି ଯାହା ନିଷ୍ପ୍ରାଣ ଶରୀର ପିଲା ଦୁଇଟିଙ୍କୁ ମଣିଷ କରିବାକୁ !

ନିଜକୁ ବିଶ୍ୱାସ କରିପାରୁ ନାହାନ୍ତି ମେରି କ୍ୟୁରି, କେମିତି ସିଏ ଦୁର୍ଗମ ପଥ ଦେଇ ତାଙ୍କର ନୋବେଲ ପରିବାର ଗଢି ପାରିଛନ୍ତି ? ସବୁଠାରେ ଅନ୍ତରାୟ ହି ଅନ୍ତରାୟ । କିପରି ଯେ ସିଏ ଅତିକ୍ରମ କରି ବିଜ୍ଞାନ କ୍ଷେତ୍ରରେ ବିଶ୍ୱର ସର୍ବଶ୍ରେଷ୍ଠ ସ୍ଥାନ ଅଧିକାର କରି ପାରିଲେ । ସବୁ ପରାଜୟ କବଳରୁ ବର୍ତ୍ତିଯାଇ ସିଏ ହୋଇ ପାରିଛନ୍ତି ଅପରାଜିତା ।

ଜନ୍ମଭୂମି ପୋଲାଣ୍ଡର କଥା । ମେରିଙ୍କର ପିଲାଦିନର ନାମ ମେରିଆ । ମେରିଆଙ୍କର ଜନ୍ମ ଆଗରୁ ଏହା ଋଷିଆର ଜାର ଦ୍ୱିତୀୟ ଆଲେକଜାଣ୍ଡରଙ୍କର ଶାସନାଧୀନ । ସବୁବେଳେ ସାମରିକ ପୋଷାକ ପିନ୍ଧି ରାଜ୍ୟ ଶାସନ କରୁଥାନ୍ତି ଜାର । ଅଦ୍ଭୁତ ତାଙ୍କର ଶାସନ ଓ ଛତ୍ରଛାୟା ତଳେ ଥିବା ରାଜ୍ୟ ମାନଙ୍କପ୍ରତି ମତିଗତି । ପୋଲାଣ୍ଡ ହାତରେ ବନ୍ଧନର ବେଡି । ପ୍ରତି କ୍ଷଣରେ ତାହାର ଶିକ୍ଷା, ସଂସ୍କୃତି, ଭାଷା ଓ ଜାତୀୟତା ଖଡ୍‌ଗହସ୍ତରେ ଛିନ୍ନ କରନ୍ତି ସିଏ । ମେରିଆଙ୍କ ପରିବାର ଦେଶପ୍ରେମୀ ଭାବରେ ପୈତୃକ ସମ୍ପତିର ଅଧିକାରରୁ ବଞ୍ଚିତ ହୋଇସାରିଛନ୍ତି, ବାପା ମାଆ ନିଜ ଚାକିରି ହରାଇ ନିମ୍ନସ୍ତରରେ ଶିକ୍ଷାଦାନ କରି ଯଥାକଥା ପରିବାରର ବ୍ୟୟ ଭରଣା କରୁଥାଆନ୍ତି । କିନ୍ତୁ ଏହି ପରିବାରର ପିଲାମାନଙ୍କର ଶିକ୍ଷା ଥିଲା ସେମାନଙ୍କର ପ୍ରଧାନ ଆବଶ୍ୟକତା, ସେଥିପାଇଁ ବି ଅର୍ଥର ଅଭାବ ରହିଛି । ଜାରଙ୍କର ଶାସନରେ ଝିଅ ମାନଙ୍କର ଶିକ୍ଷା ମାଧ୍ୟମିକ ସ୍ତରରେ ବନ୍ଦ । କୌଣସି ପରୀକ୍ଷାଗାରରେ ସ୍ଥାନ ନାହିଁ ମହିଳା ମାନଙ୍କପାଇଁ । ଏମିତି ପରିସ୍ଥିତି ମେରିଆଙ୍କର ପରିବାରରେ ଆଣିଛି ଦେଶମାତୃକାର ଆକର୍ଷଣ, ପୋଲାଣ୍ଡର ସ୍ୱାର୍ଥରକ୍ଷା ନିମିତ୍ତ ସାହାଯ୍ୟ ମନୋବୃତ୍ତି । ବାପା ମାଆଙ୍କର ମନୋଭାବ ଖୁବ୍ ପ୍ରଭାବିତ କରିଛି ସମସ୍ତଙ୍କୁ, ବିଶେଷ ଭାବରେ ସର୍ବକନିଷ୍ଠା ମେରିଆଙ୍କୁ । ଜୀବନସାରା ମାତୃଭୂମି ପାଇଁ ମନରେ ତାଙ୍କର ଦରଦ ଭରି ରହିଛି, ନିଜର ସ୍ୱଳ୍ପ ବୃତ୍ତି ଅର୍ଥରୁ ଦାନ କରିଛନ୍ତି ପୋଲାଣ୍ଡର ନିସ୍ୱ ମାନଙ୍କର ଉନ୍ନତିକାରୀ ଜମାରାଶିକୁ । ନିଜର କଷ୍ଟାର୍ଜିତ ପ୍ରଥମ ଆବିଷ୍କାରର ଉପାଦାନ ନାମ ଦେଇଛନ୍ତି ମାତୃଭୂମି ନାମରେ ପୋଲୋନିୟମ ଭାବେ । ମାତୃଭୂମିରେ ପ୍ରତିଷ୍ଠା କରିଛନ୍ତି ରେଡିୟମ୍ ପରୀକ୍ଷାଗାର, ଦାନ କରିଛନ୍ତି ଆମେରିକାରୁ ସମ୍ମାନ ସୂତ୍ରରେ ଲାଭକରିଥିବା ଏକ ଗ୍ରାମ ରେଡିୟମ୍ ।

ବାଲ୍ୟକାଳର ମେରିଆ । ପୋଲାଣ୍ଡର ରାଜଧାନୀ ଓ୍ୱାରସ୍‌ଅ ସହରରେ ପରିବାରରେ ରହନ୍ତି, ଘରର ସମସ୍ତଙ୍କର ଅଶେଷ ଭକ୍ତି ଧର୍ମ ଓ

ଈଶ୍ୱରଙ୍କୁ । ଅବିଜ୍ଞେୟବାଦର ପରିବାର । ଈଶ୍ୱରଙ୍କର ଅସ୍ତିତ୍ୱ କଦାପି ପ୍ରମାଣ ସାପେକ୍ଷ ନୁହେଁ ବୋଲି ବିଶ୍ୱାସ କରନ୍ତି ଏହି ପରିବାର । ଅନେକ ଆଶା କରନ୍ତି ଈଶ୍ୱରଙ୍କ ପାଖରୁ ଆପଦ ବିପଦ କାଳରେ । ମେରିଆଙ୍କର ଜଣେ ଭଉଣୀଙ୍କୁ ଜ୍ୱର ହୋଇଛି, ଦୀର୍ଘଦିନର ଟାଇଫସ୍ ଜ୍ୱର । ଚିକିତ୍ସା ଓ ଈଶ୍ୱରଭକ୍ତିରୁ କିଛି ମିଳିଲା ନାହିଁ । ଅତି ଅଳ୍ପ ବୟସରେ ଚାଲିଗଲା ସିଏ ଆରପାରିକୁ । ସେମାନଙ୍କ ମନରେ ଦାରୁଣ ଦୁଃଖ ଭରିଦେଇ ଗଲା, ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ରଖି ଦେଇ ଗଲା ପ୍ରଶ୍ନବାଚୀ । ସମସ୍ତେ ସନ୍ଦେହ କରି ବସିଲେ ଧର୍ମ ଆଉ ଈଶ୍ୱରଙ୍କୁ । ଅଳ୍ପ ବ୍ୟବଧାନରେ ମେରିଆ ଯେତେବେଳେ ମାଆଙ୍କୁ ହରାଇଲେ ଯକ୍ଷ୍ମାରୋଗରେ, ନିଜକୁ ସମ୍ଭାଳିବା କଷ୍ଟକର ହୋଇପଡିଲା, ଦୁନିଆଟା ଆଉ ସରଳ ମନେ ହେଲା ନାହିଁ ମେରିଆଙ୍କର । ଏହି ଅସହାୟ ଅବସ୍ଥାରେ ସିଏ ପୋଛି ଦେଲେ ମନରୁ ଭକ୍ତିଭାବ । ଏହି ସମୟରୁ ତାଙ୍କ ମନରେ ଉଦ୍ରେକ ହେଲା ଅକାଟ୍ୟ ବିଶ୍ୱାସ ବିଜ୍ଞାନ ଉପରେ, ବିଜ୍ଞାନର ଶକ୍ତି ଉପରେ ଓ ପରୀକ୍ଷାଗାରରେ ତଥ୍ୟ ଆବିଷ୍କାର କରି ସମୃଦ୍ଧକରିବାକୁ ବିଜ୍ଞାନର ପୃଷ୍ଠଭୂମିକୁ । ଜୀବନର ଅନେକ ବିତର୍କରେ ମୁହଁ ଖୋଲିଛନ୍ତି ମେରି । କେତେକ ଯେତେବେଳେ ବିଜ୍ଞାନକୁ ନରସଂହାରର ଉତ୍ସ ଭାବରେ ନାମିତ କରୁଥିଲେ, ସେହି ସଭାରେ ମେରି ନିଜର ଅସମ୍ଭବ ବିଶ୍ୱାସର ବିଜ୍ଞାନର ଶତ ପ୍ରଶଂସା କରୁଥିଲେ । ବିଜ୍ଞାନ ସୁନ୍ଦର, ବିଜ୍ଞାନ ପ୍ରକୃତିର ଉପାଦାନ, ପ୍ରକୃତି ତାଳରେ ପାଦ ଦେଇ ଚାଲିଛି ପରିରାଇଜର କାହାଣୀ ପରି । ନିଜକୁ ପୂର୍ଣ୍ଣପ୍ରାଣରେ ହଜାଇଦେବାକୁ ଚାହୁଁଥିଲେ ସିଏ ବିଜ୍ଞାନ ମଧ୍ୟରେ । ନିଜକୁ ଆଲ୍‌ଫ୍ରେଡ୍ ନୋବେଲଙ୍କପରି ଚିନ୍ତାଧାରାର ବୋଲି ଧରି ନିଅନ୍ତି । ସମାଜ ବିଜ୍ଞାନର ନୂଆ ଆବିଷ୍କାର ମଧ୍ୟରୁ ଭଲଟିକୁ ହିଁ ଆଦରିନେବ ।

ମହିଳା ଭାବରେ ଅନୁକମ୍ପା ପାଉଛନ୍ତି ବୋଲି ଜନରବ ଶୁଣିବାକୁ ପଡିଛି ମେରିଙ୍କୁ ଦ୍ୱିତୀୟ ନୋବେଲ୍ ପ୍ରାଇଜ୍ ପାଇବା ଅବସରରେ । ମହିଳା ଭାବରେ ଓ ବିଦେଶିନୀ ଭାବରେ ସିଏ ଜୀବନରେ ବହୁତ ପରାଭବ ପାଇଛନ୍ତି ଫ୍ରାନ୍ସରେ । ମୋଟ ଉପରେ ସମୟ ଆଦୌ ଅନୁକୂଳ ନ ଥିଲା ମହିଳା ମାନଙ୍କର ଉଚ୍ଚଶିକ୍ଷା ପାଇଁ । ଆହୁରି କଷ୍ଟକର ଥିଲା ପରୀକ୍ଷାଗାରରେ ଗବେଷଣା କରିବାରେ ଓ ପୁରୁଷ ପ୍ରାଧାନ୍ୟ ଆବିଷ୍କାର ଓ ଉଦ୍ଭାବନ ଜଗତରେ ପାଦ ଦେବାରେ । ଟାହି ଟାପରା ଓ ବ୍ୟକ୍ତିତ୍ୱର ସଂହାର ପୁରୁଷମାନଙ୍କର ମଜ୍ଜାଗତ ଅଭିସନ୍ଧି ଥିଲା । ଏହାର ମଧ୍ୟ ଶିକାର ହୋଇଛନ୍ତି ମେରି କ୍ୟୁରି ଦ୍ୱିତୀୟଥର ନୋବେଲ୍ ପୁରସ୍କାର ଜିତି ଷ୍ଟକହୋମ୍‌ରୁ ସମ୍ମାନ ଗ୍ରହଣ କରିବାବେଳେ । ବହୁ ଅପମାନ ଓ ଲାଂଛନା ସହିବାକୁ ପଡିଛି ମେରିଙ୍କୁ । ଏମିତିକି ତାଙ୍କୁ ଷ୍ଟକହୋମ ଯାଇ ପୁରସ୍କାର ଆଣିବାରେ ପ୍ରତିବନ୍ଧକ ସୃଷ୍ଟିକରାଯାଇଥିଲା । ଜଣେ ମହିଳା ଭାବରେ ପାଠ ପଢିବାରେ ବିଶେଷ ବାଧା ପାଇଛନ୍ତି ନିଜ ଜନ୍ମସ୍ଥାନ ୱାରସ୍‌ଅ ସହରରେ । ମାଧ୍ୟମିକ ପାସ କରିଥିଲେ ସ୍ୱର୍ଣ୍ଣପଦକ ସହିତ ତା ଉପରକୁ ପଢିବାକୁ ମନା । ଲୁଚା ଚୋରାରେ ପାଠ ପଢିଛନ୍ତି ଭାସମାନ ବିଶ୍ୱବିଦ୍ୟାଳୟ ପରି ଗୁପ୍ତ ଶିକ୍ଷାନୁଷ୍ଠାନରୁ । ଏପରି ବିଦ୍ୟାନୁଷ୍ଠାନ ଗୁଡିକ ରୁଷଶାସକ ମାନଙ୍କ ଅଜାଣତରେ ଚାଲିଥିଲା । ସରକାରୀ ଦଳ ଦେଖିବାକୁ ପହଞ୍ଚିଗଲେ ସଙ୍ଗେ ସଙ୍ଗେ ଉଭେଇଯାଉଥିଲା । ପରେ ଉଚ୍ଚଶିକ୍ଷାପାଇଁ ଫ୍ରାନ୍ସର ପାରିସ୍ ସହର ଉପଯୁକ୍ତ ଭାବି ମେରି ପାଦ ଦେଇଥିଲେ ସେଠାରେ ।

ଅସୀମ ଧୈର୍ଯ୍ୟ ଓ ଦୃଢପ୍ରତିଜ୍ଞ ଥିଲେ ମେରି । କୌଣସି ପ୍ରତିବନ୍ଧକ ତାଙ୍କର ଅଗ୍ରଗତିର ବାଧା ଦେଇପାରି ନାହିଁ । ଯେତିକି ଯେତିକି ବାଧା ଉପୁଜିଛି କାର୍ଯ୍ୟକ୍ଷେତ୍ରରେ, ଶତସଂହର ବଳ ସହ ସାମନା କରିଛନ୍ତି ମେରି । ପାଠ ପଢାରେ, ପଦାର୍ଥ ବିଜ୍ଞାନ, ତା ପରେ ଗଣିତ ଏଗୁଡିକରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତକରି ସାରିଛନ୍ତି । କେତେକ ବ୍ୟବସାୟିକ ସଂସ୍ଥାମାନଙ୍କର କାମ କରିବା ପାଇଁ ଲୋଡିଛନ୍ତି ପରୀକ୍ଷାଗାରଟିଏ, ପହଞ୍ଚିଛନ୍ତି ପେରିଙ୍କ ପାଖରେ, ଜଣେ ପୋଲାଣ୍ଡବାସୀ ପରିଚୟ କରାଇଦେଇଛନ୍ତି । ବାସ୍ । କୁନି ଛାତ୍ରୀ ଓ ପେରିଙ୍କର ଦାମ୍ପତ୍ୟ ଜୀବନ । ପାଠ ଓ ବିଜ୍ଞାନର ପରିବାର । ମେରି ପ୍ରବର୍ତ୍ତାଇଛନ୍ତି ପେରିଙ୍କୁ, ଡକ୍ଟରେଟ୍ କରିବା ପାଇଁ । ତା ପରେ ନିଜେ କରିଛନ୍ତି ଡକ୍ଟରେଟ୍ ।

କର୍ତ୍ତବ୍ୟନିଷ୍ଠାରେ କେହି ମେରିଙ୍କ ସହ ସମତୁଲ ହୋଇ ପାରିବେ ନାହିଁ । ଟନ୍ ଟନ୍ କଞ୍ଚାମାଲ୍ ପରୀକ୍ଷାଗାରରେ ତରଳାଇ ପାଇଛନ୍ତି ପ୍ରକୃତିର ଜାଜ୍ୱଲ୍ୟମାନ ତିନୋଟି ଉପାଦାନ । ନାମିତ କରିଛନ୍ତି ପୋଲୋନିୟମ, ଥୋରିୟମ୍ ଓ ରେଡିୟମ ଭାବରେ । ବାସ୍ତବରେ ଦୁଃଖ ଆସେ ଦୁଇଜଣଙ୍କର ଆର୍ଥିକ ଅନାଟନ ଓ ପରୀକ୍ଷାଗାରଟିର ଅବସ୍ଥା ଉପରେ ଦୃଷ୍ଟିପାତ କଲେ । କ୍ୟୁରି ଦମ୍ପତିଙ୍କ ପରୀକ୍ଷାଗାର । ଧୂଆଁମୟ, ବରଫ ପରି ଥଣ୍ଡା ଛାତରୁ ପାଣି ଗଳୁଥିବା ପୁରୁଣା ପରିତ୍ୟକ୍ତ ଡାକ୍ତରଖାନାର ବ୍ୟବଚ୍ଛେଦ ଗୃହ । ଯେଉଁଠି ଅନ୍ଧାରରେ ଚକ୍‌ମକ୍ ହୋଇ ଜୁଳୁଜୁଳିଆ ପୋକପରି ବିକିରଣ ହେଉଥାଏ ରେଡିୟମ୍ ରଶ୍ମି । ବିଷୟ ସୀମିତ ନୁହେଁ କ୍ୟୁରି-ଦମ୍ପତି ପାଖରେ । ପଦାର୍ଥ ବିଜ୍ଞାନ, ରସାୟନ ବିଦ୍ୟା ତଥା ଗଣିତ । ସବୁର ପ୍ରୟୋଗ କରିପାରିବେ ଏମାନେ ।

କ୍ୟୁରି-ଦମ୍ପତି । ମାନବିକତାର ଶୀର୍ଷରେ ଦୁଇଜଣଙ୍କର ପ୍ରୟୋଗ । ଜଣେ ଆର ଜଣଙ୍କଠାରୁ ଅଧିକ ମନୁଷ୍ୟତ୍ୱର ପ୍ରତୀକ ବୋଲି ମନେହୁଏ । ପେରି ତ ଡାକ୍ତର ଦମ୍ପତିଙ୍କ ସନ୍ତାନ, ମଣିଷ ଶରୀରର ଗୁରୁତ୍ୱ ସିଏ ହୃଦୟଙ୍ଗମ କରିପାରିବା ସ୍ୱାଭାବିକ । ପେରି ଅଭିଜ୍ଞତାକ୍ରମେ ଅନୁଭବ କଲେ ଯେ, ରେଡିୟମ୍ ମଣିଷର ତନ୍ତୁ କ୍ଷୟ କରିପାରେ । ଏଣୁ କର୍କଟରୋଗରେ ଏହାର ପ୍ରୟୋଗ ମଣିଷ ସମାଜ ପାଇଁ ବହୁ ଉପକାର କରିପାରିବ । ଅନେକ ସେମାନଙ୍କୁ ପରାମର୍ଶ ଦେଲେ, ଏହାକୁ ପାଟେଣ୍ଟକରି ସେମାନେ ବହୁ ସମ୍ପଦର ଅଧିକାରୀ ହୋଇପାରିବେ । ମେରି ଏହା ଶୁଣି ଚିହିଁକି ଉଠିଲେ – "ନା ନା, ମନୁଷ୍ୟ ସେବାର ସାମଗ୍ରୀର

ପାଟେଣ୍ଟ ଅମାନବିକ କାର୍ଯ୍ୟ !" ଏଥିପାଇଁ ଚିର ଦରିଦ୍ର ହୋଇ ରହିଲେ ସେମାନେ । ଏହା ତାଙ୍କର ମହାମାନବିକତା ଓ ବିଜ୍ଞାନଭିତ୍ତିକ ପ୍ରୟୋଗ ମନୋବୃତ୍ତିର ପରିଚୟ ଦିଏ ।

ପ୍ରଥମ ବିଶ୍ୱଯୁଦ୍ଧରେ ମେରି ଚୁପ୍ ହୋଇ ବସି ନାହାନ୍ତି । ସିଏ ଯୁଦ୍ଧର ସୀମାରେ ବହୁ ସଂଖ୍ୟକ ଏକ୍ସ-ରେ ପ୍ରୟୋଗ କରିବାର ନେତୃତ୍ୱ ନେଇଥିଲେ । ପକେଟ୍‌ରେ ଧରି ବୁଲୁଥିଲେ ରେଡିୟମ । ନିଜ ଜୀବନକୁ ବିପଦାପନ୍ନ କରିଥିଲେ ପରୀକ୍ଷାଗାରରୁ ଆରମ୍ଭକରି ଯୁଦ୍ଧକ୍ଷେତ୍ର ପର୍ଯ୍ୟନ୍ତ । କ୍ୟୁରିଦମ୍ପତି କଅଣ ଜାଣନ୍ତି ନାହିଁ କି ରେଡିୟମର ତେଜସ୍କ୍ରିୟ ରଶ୍ମି ବିକିରଣ ମଣିଷର ଶରୀରର ତନ୍ତୁ କ୍ଷୟ କରେ ବୋଲି ? ଜାଣି ବି ପୁତ୍ରତୁଲ୍ୟ ଭାବେ ଧରି ନେଇଥିଲେ ନିଜର ଆବିଷ୍କୃତ ଉପାଦାନଗୁଡ଼ିକୁ । ଏହାର ମୂଲ୍ୟ ସ୍ୱରୂପ ନିଜର ଜୀବନ ବିପନ୍ନ କରି ଦେଇଥିଲେ ମେରି । ନିଜର ରକ୍ତ କର୍କଟ ହୋଇଥିଲା ଓ ଶରୀରରେ ସମ୍ପୂର୍ଣ୍ଣ ରକ୍ତ ପ୍ରସ୍ତୁତିକରଣ ପ୍ରକ୍ରିୟା ବନ୍ଦ ହୋଇଯାଇଥିଲା । ଜୀବନର ଶେଷ ବହୁବର୍ଷ ଶଯ୍ୟାସାୟୀ ହୋଇ ପଡ଼ିଥିଲେ ।

ମେରି ନିଜର ମାନସିକ ଦୃଢ଼ତା, ଅସୀମ ଧୈର୍ଯ୍ୟ ଓ ଅକ୍ଳାନ୍ତ ପରିଶ୍ରମ ବଳରେ ବିଶ୍ୱସ୍ତରରେ ବିଜ୍ଞାନର ଶୀର୍ଷସ୍ଥାନ ଦଖଲ କରି ବସିଥିଲେ । ନିଜ ପରୀକ୍ଷାଗାରର ଧୂସର ଧୂଆଁ ଭିତରେ ଦେଖୁଥିଲେ ପ୍ରକୃତିକୁ । ନିଜର ବୁଦ୍ଧିମତାର ପରିଚୟ ପ୍ରଦାନ କରିଛନ୍ତି ଜୀବନର ପ୍ରତିଟି ପଦରେ । ମହିଳା ଭାବରେ ଉଜାଣି ସୁଅରେ ସନ୍ତରଣ କରି ଅର୍ଜନ କରିଛନ୍ତି ସମସ୍ତ କୃତିତ୍ୱ । ବିଶ୍ୱବନ୍ଦନୀୟା ମେରି କ୍ୟୁରି । ବିଜ୍ଞାନ ତାଙ୍କପାଖରେ ନତମସ୍ତକ ହୋଇ ନିଜର ପୃଷ୍ଠା ଖୋଲିଦିଏ, ସ୍ୱଳ୍ପ ଜୀବନକାଳରେ ବହୁ ଶତାବ୍ଦୀର ଗବେଷଣା ପୂର୍ଣ୍ଣକରନ୍ତି ଏହି ମହିୟସୀ ମହିଳା । ଜୀବନର ସବୁ ସ୍ତରରେ ପାଠ ପଢ଼ିବାଠାରୁ ଗବେଷଣା କରିବା, ନୋବେଲ୍ ସମ୍ମାନ ପାଇବା, ସାମାଜିକ ପ୍ରତିଷ୍ଠା ସବୁଥିରେ ସିଏ ନିର୍ଯାତିତା; କିନ୍ତୁ ତାଙ୍କର ଅଧ୍ୟବସାୟ ଓ ଧୈର୍ଯ୍ୟ ତାଙ୍କପାଇଁ ଆଣିଛି ବିଶ୍ୱବନ୍ଦନୀୟା ସମ୍ମାନ । ତାଙ୍କ ଜୀବନର ଦର୍ଶନ ଆମ ପାଇଁ ସକାରାତ୍ମକ ବଳିଷ୍ଠ ମାନସିକତାପାଇଁ ଚିର ଆହ୍ୱାନ ।

## (୩)

"ମୁଁ ଆଜି ବଞ୍ଚିଛି, କାଲିକୁ ନ ଥାଇ ପାରେ । ମୋର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେବା କରିଚାଲିଥିବି । ଦୃଢ଼ତାର ସହ କହିପାରେ, ମୁଁ ମରିଗଲେ ମୋର ପ୍ରତିଟି ରକ୍ତବିନ୍ଦୁ ଦେଶକୁ ଉଜ୍ଜୀବିତ ଓ ବଳବାନ କରିବ ।"

ଅକ୍ଟୋବର ମାସ ତିରିଶ ତାରିଖ, ୧୯୮୪ ମସିହା । ଆତତାୟୀ ମାନଙ୍କଦ୍ୱାରା ନିହତ ହେବାର ପୂର୍ବ ଦିନର ଭୁବନେଶ୍ୱର ପରେଡ୍ ପଡ଼ିଆର ଏହି ଦେଶପ୍ରେମୀ ଉଦ୍‌ବୋଧନ ଇନ୍ଦିରା ଗାନ୍ଧିଙ୍କର । ନାତି ଦୁଇଜଣଙ୍କର କୋଣସି ଛୋଟ ଦୁର୍ଘଟଣାର ଖବର ପାଇ ଶୀଘ୍ର ଦିଲ୍ଲୀ ଫେରିଯାଇଛନ୍ତି ।

ଗତ କେତେ ଦିନଧରି ତାଙ୍କୁ ଶଙ୍କିତ କରିଛି ତାଙ୍କର ପରିପାର୍ଶ୍ୱ । ମନ୍ତ୍ରୀପରିଷଦ ଉଦବିଗ୍ନ ତାଙ୍କର ନିରାପତ୍ତା ନେଇ । ସିଏ କିନ୍ତୁ ନିଶ୍ଚିନ୍ତ । ଜୀବନକୁ ଏତେ ସତର୍କତାର ସହ ବଞ୍ଚିବା ଅର୍ଥହୀନ । ପରବାୟ ନାହିଁ ଆତତାୟୀ ଦ୍ୱାରା ହଠାତ୍ ପ୍ରାଣ ହରାଇବାରେ । "ଅତିକମ୍‌ରେ ମାଆ ଆଉ ବାପାଙ୍କଠାରୁ କମ୍ କ୍ଲେଶରେ ତ ଜୀବନଟା ଚାଲିଯିବ ।" ଅବଶ୍ୟ ମନର କଥାଟା ପାଟିରୁ ବାହାରି ପଡ଼ିଛି ଭୁବନେଶ୍ୱର ରାଜଭବନରେ ନୈଶ ଭୋଜି ଅବସରରେ ।

ବହୁ ଚେତାବନୀ ପାଆନ୍ତି, ଯମର ଆଗୁଆ ଇସାରା ପାଇବା ପରି । ସେ ସବୁକୁ ଭୟ କରିବାର ଅବକାଶ ନାହିଁ । ଦେଶମାତୃକାର ସୁଗଠନ ପାଇଁ ରାଜନୈତିକ ନିର୍ଣ୍ଣୟ ନେବାରେ ଯଦି ବାଧବାଧକତା ଆସେ, ସେମିତି ଶକ୍ତିକୁ ତାଙ୍କର ଖାତିର ନାହିଁ । କିଏ କହେ, ସାମରିକ ଶକ୍ତି ତାଙ୍କର ନିରାପତ୍ତାର ଦାୟିତ୍ୱ ନେବ, ଆଉ କିଏ ଉପଦେଶ ଦିଏ ତାଙ୍କ ଘରର ନିରାପତ୍ତାରକ୍ଷୀ ଗୋଟିଏ ପ୍ରଦେଶର ଲୋକ ନ ହେବା ଭଲ । ଏପରି ସଙ୍କୁଚିତ ଜୀବନ ତାଙ୍କପାଇଁ ଆଦୌ ସ୍ପୃହଣୀୟ ନୁହେଁ । ଭାରତର ପ୍ରଧାନମନ୍ତ୍ରୀ ହୋଇ ଜୀବନରକ୍ଷା ପାଇଁ ସିଏ ନିରାପତ୍ତାରକ୍ଷୀମାନଙ୍କ ମଧ୍ୟରେ ନିର୍ବାସିତ ଜୀବନ ସପକ୍ଷରେ ନଥିଲେ ।

ଶେଷ ମାସଟି ତାଙ୍କର ମାନସପଟ୍ଟରେ ଦୁଃଖ ଓ ସମ୍ବେଦନା ଆଣିଛି । ପାରିବାରିକ କାରଣ ଅବା ପଞ୍ଜାବ ରାଜନୀତି ତାଙ୍କୁ ଅତ୍ୟଧିକ ଚାପ ଦେଇଛି, ତାଙ୍କ ମନରେ ଅନେକ ଦୁଶ୍ଚିନ୍ତା ଆଣିଛି । ଜୀବନଟା ବିବଶ ଓ ବିଚ୍ଛିନ୍ନ ଲାଗିଛି ତାଙ୍କୁ । ସିଏ ଜୀବନରେ କେବେ ଅସ୍ଥିରମତି ନ ଥିଲେ, କେବେ କୋଣସି ନିର୍ଣ୍ଣୟ ଅସ୍ତବ୍ୟସ୍ତ କରିପାରିନି ତାଙ୍କୁ । ପ୍ରତିଟି ବିଷୟରେ ସିଏ ଦୃଢ଼ ନିଷ୍ପତ୍ତି ନିଅନ୍ତି ଓ ତାହାର କାର୍ଯ୍ୟ ସମ୍ପାଦନରେ କେବେ ବି ନମନୀୟ ହୁଅନ୍ତି ନାହିଁ । ଏବେ ପଞ୍ଜାବ ବିଚ୍ଛିନ୍ନତାବାଦୀ ମାନେ କଅଣ କରିବାକୁ ଯାଉଥିଲେ, ବିଦେଶରୁ ଦେଶ ପର୍ଯ୍ୟନ୍ତ ନରସଂହାର ଆଉ ଆତଙ୍କ । ଦେଶର ଏକାଗ୍ରତା ଯେତେବେଳେ ବିପନ୍ନ, ତାଙ୍କର ଅପରେସନ୍ ବ୍ଲୁ-ଷ୍ଟାର କଅଣ ଏକ ସମୟୋପଯୋଗୀ ପଦକ୍ଷେପ ନୁହେଁ । ସେଇ ଆତଙ୍କତାର ଲହରୀରେ ପଛେ ସିଏ ନିହତ ହୁଅନ୍ତୁ, ଦେଶ ବିଚ୍ଛିନ୍ନ ନ ହେଉ । ଏହା ହିଁ ଥିଲା ତାଙ୍କ ମନର ଗଭୀରତାର ଗୂଢ଼ ତଥ୍ୟ ।

ଅତୀତର ଅନେକ ସ୍ମୃତି ମନରେ ଖେଳି ଯାଉଛି । ପିଲାଦିନରେ ଅତି ଅଲିଅଳି ଥିଲେ ଘରେ । ସମସ୍ତଙ୍କ ଆଖି କୁନି ଇନ୍ଦିରାଙ୍କ ଉପରେ । ସାରା ଦେଶଟାର ଲୋକ ମାନଙ୍କର ଚିନ୍ତାଧାରାର ଆନନ୍ଦଭବନ ହିଁ ରାଜଧାନୀ, ଦେଶ ସ୍ୱାଧୀନତା ସଂଗ୍ରାମର ସବୁସ୍ୱର ତାଙ୍କୁ ବୁଝିବା

କଷ୍ଟକର ହେଲେ ହେଁ କିଛିଟା ଧାରଣା ସୃଷ୍ଟି କରୁଛି ଏଇ ଚପଳମତି ଇନ୍ଦିରା ମନରେ ।

ଗାନ୍ଧିଙ୍କର ପରିକଳ୍ପନା । ଚପଳମତି ପିଲାମାନେ ବି ଅଂଶଗ୍ରହଣ କରିବେ ସଂଗ୍ରାମରେ । ବାନରସେନା ଭାବରେ । ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ଇନ୍ଦିରା । ସେ ଦିନ ସାହାସର ସହ ପୋଲିସ୍ ପାଖଦେଇ କେତେ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ଉପକରଣ ବହନ କରି ନେଇ ସାହାସର ପରିଚୟ ଦେଇଥିଲେ । ମୋତିଲାଲଙ୍କ ନାତୁଣୀ ଓ ଜବାହରଲାଲଙ୍କର କନ୍ୟା କିଛି ସଂଗ୍ରାମ ଉପକରଣ ନେବା ବିଶ୍ୱାସଯୋଗ୍ୟ ହୋଇନି ପୋଲିସ୍‌ର ।

ଦେଶର ତ୍ରିବେଣୀ ସଙ୍ଗମ ସହର ଆଲାହାବାଦରେ ୧୯୧୭ ମସିହା ନଭେମ୍ବର ୧୯ ତାରିଖରେ ବିତ୍ତ ଓ ପ୍ରଭାବଶାଳୀ ପରିବାରରେ ଜନ୍ମ ନେଇଥିଲେ ଇନ୍ଦିରା । ଜେଜେବାପା ମୋତିଲାଲ ତାଙ୍କ ନିଜ ମାତା ଇନ୍ଦ୍ରାଣୀ ନାମ ଆଧାରରେ ଶ୍ରଦ୍ଧାନାମ ରଖିଥିଲେ ଇନ୍ଦିରା, ବାପା ଜବାହରଲାଲଙ୍କର ଦତ୍ତନାମ ପ୍ରିୟଦର୍ଶିନୀ । ଜନ୍ମସମୟ ବଲ୍‌ସେଭିକ୍ ବିପ୍ଳବର ସମସାମୟିକ ଥିବାରୁ ବାପା ମନେମନେ କୁନିଝିଅ ଟିକୁ ବିପ୍ଳବିନୀ ବୋଲି କଳ୍ପନା କରୁଥିଲେ । ସ୍ନେହ ସରାଗଭରା ଆନନ୍ଦଭବନର ପୁଷ୍କରିଣୀରେ ନବ ପ୍ରସ୍ଫୁଟିତ ପଦ୍ମଟିଏ ଥିଲେ ଇନ୍ଦିରା । ସିଏ ଥିଲେ ମୋତିଲାଲଙ୍କର ନୟନ ଜ୍ୟୋତି ଓ ଆନନ୍ଦଭବନର ହୃତ୍‌ପିଣ୍ଡ ।

ନେହେରୁ ପରିବାରରେ କମଳା ଆଉ ତାଙ୍କରି କୋଳର ଇନ୍ଦିରା ଥିଲେ ଭିନ୍ନ । ଆଭିଜାତ୍ୟ ଭରା ପଶ୍ଚିମ ସଭ୍ୟତାରେ ଉତ୍‌ଫୁଲିତ ସ୍ୱରୂପାରାଣୀ, ବିଜୟଲକ୍ଷ୍ମୀ ଓ କ୍ରିଷ୍ଣା ଥିଲେ ସେ ସମୟ ପାଇଁ ଉଗ୍ର ଆଧୁନିକା । ପଛରେ ରହିଥିଲେ କମଳା ନେହେରୁ, ରକ୍ଷଣଶୀଳ କାଶ୍ମୀରୀ ପରିବାରର । ଶିକ୍ଷିତ ହେଲେ ବି ଆଧୁନିକତା ପ୍ରତି ଅନୁରକ୍ତ ନ ଥିଲେ । ଏଥିପାଇଁ ତାଙ୍କୁ ପରିବାରର ଅସଂଖ୍ୟ ମାନସିକ ଯନ୍ତ୍ରଣା ସହିବାକୁ ପଡୁଥିଲା । ଏ ସବୁ ଗଞ୍ଜଣା ମଧ୍ୟରେ ବେଶୀ ଗରୁ ଥିଲା ସ୍ୱାମୀଙ୍କର ନିରବତା । ମାତ୍ର ଏହି ଦୟନୀୟ ପରିସ୍ଥିତିରେ ଏକମାତ୍ର ସହାୟିକା ଥିଲେ ସୁଶ୍ରୀ ଇନ୍ଦିରା । କୋହ ଓ ଅଶ୍ରୁ ମଧ୍ୟରେ ଆଶ୍ୱାସନା ଥିଲେ ସିଏ । ମା'ଙ୍କର ମନର ଯନ୍ତ୍ରଣା କଳନା କରିବା ଯେମିତି ଏଇ କୋମଳମତି କନ୍ୟାଟିର ପ୍ରଧାନ ଦାୟିତ୍ୱ । ମାଆଙ୍କ ପ୍ରତି ହେଉଥିବା ଅବିଚାର ପାଇଁ ସିଏ ନିଜ ପରିଜନ ମାନଙ୍କସହ ମଧ୍ୟକଳି କରିବାକୁ ପଛାଉ ନଥିଲେ ।

ଦେଶର ସ୍ୱାଧୀନତା ସଂଗ୍ରାମ ତାଙ୍କର ଜୀବନକୁ ଓତପ୍ରୋତ ଭାବରେ ଜଡିତ କରିଥିଲା । ତାଙ୍କର ଘର, ପାଠ ଓ ପ୍ରତିଦିନର କାର୍ଯ୍ୟକ୍ରମ ଦେଶମାତୃକା ଉଦ୍ଦେଶ୍ୟରେ ଚାଲୁରହିଥିବା ସ୍ୱାଧୀନତା ସଂଗ୍ରାମର ଅଂଶବିଶେଷ ଥିଲା । ଆନନ୍ଦଭବନର କାନ୍ଥଘଣ୍ଟାର ପ୍ରତିଟି ଟିକ୍ ଟିକ୍ ଶବ୍ଦ ଭାରତବର୍ଷର ସମ୍ବାଦ ଶବ୍ଦାୟିତ କରେ, ମୋତିଲାଲଙ୍କର ଭାରତୀୟ ଜାତୀୟ କଂଗ୍ରେସରେ ନରମ ଭାବଧାରା ତଉଲ ହୁଏ ଜବାହରଲାଲଙ୍କର କଠୋର ମନୋବୃତ୍ତିର ସ୍ୱାଧୀନତା ପ୍ରେମ ସହ । ଏଗାର ବର୍ଷ ବୟସରେ ଜେଜେବାପା କଲିକତା ଅଧିବେଶନରେ ଅଧ୍ୟକ୍ଷ ଆଉ ଡୋମିନିୟନ ଷ୍ଟାଟସ୍‌ର ସମର୍ଥକ, ପରବର୍ଷ କଂଗ୍ରେସର ଲାହୋର ଅଧିବେଶନରେ ପିତା ପୂର୍ଣ୍ଣ ସ୍ୱରାଜ୍ୟର ଦାବିଦାର । ଜବାହରଲାଲ ରାବୀନଦୀକୂଳରେ ନାଲିଧଳା ପୁଣି ସବୁଜ ରଙ୍ଗର ନବକଳ୍ପିତ ସବୁଜ ତ୍ରିରଙ୍ଗୀ ପତାକା ଉଡାଉଛନ୍ତି । ଏମିତି ଅସଂଖ୍ୟ ମୁହୂର୍ତ୍ତର ତରଙ୍ଗରେ ଜାଗରିତ ଶିଶୁ ଇନ୍ଦିରା ।

ମାତ୍ର ଏକାକିନୀ ହୋଇ ପଡିଛନ୍ତି ସିଏ ଆନନ୍ଦଭବନରେ । ପିତା ଆଉ ପିତାମହ କେଉଁ ଦୂର କାରାଗାରରେ ବର୍ଷ ବର୍ଷ ଧରି ବସତି କରିଛନ୍ତି ଦେଶପାଇଁ । ଏମିତି ନଅ ବର୍ଷ ଜବାହରଲାଲ ଥିଲେ କାରାବାସରେ, ଇନ୍ଦିରା ବଞ୍ଚିତା ହୋଇଛନ୍ତି ପିତୃ ସ୍ନେହରୁ । ପାଠପଢା ତାଙ୍କର ବ୍ୟାହତ ହୋଇଛି ଏଇ କାରଣରୁ, ତା ସହିତ ମାଆଙ୍କର ସ୍ୱାସ୍ଥ୍ୟହାନୀ ଆଉ ଗୋଟିଏ ସମସ୍ୟା ସୃଷ୍ଟି କରିଛି ନିଜର ପରିବାରରେ । କମଳା ନେହେରୁ ଯକ୍ଷ୍ମାରୋଗରେ ପଡିଛନ୍ତି, ସେଇ ସମୟରେ ଯକ୍ଷ୍ମା ଦୁରାରୋଗ୍ୟ । ସେଥିପାଇଁ ମନେ କରାଯାଇପାରେ, ଏହି କୋମଳମତି ସମ୍ଭ୍ରାନ୍ତ କନ୍ୟାଟି କିପରି ବିରାଟ ପ୍ରଶ୍ନବାଚୀ ମଧ୍ୟରେ କାଳାତିପାତ କରିଥିବ । ବାଲ୍ୟ ଓ ଶୈଶବକାଳରେ ଇନ୍ଦିରା ଅନେକ ସୁବିଧାରୁ ବଞ୍ଚିତା ହୋଇଥିଲେ ।

ମାତ୍ର ଚଉଦ ବର୍ଷ ବୟସରେ ମହାତ୍ମା ଗାନ୍ଧିଙ୍କ ସ୍ୱାଧୀନତା ସଂଗ୍ରାମର ବାନରସେନା କାର୍ଯ୍ୟକ୍ରମରେ ଯୋଗ ଦିଅନ୍ତି ଇନ୍ଦିରା, ସାଥିରେ ମା କମଳା ବି ଥିଲେ । ଏମାନେ ଇଉଇଙ୍ଗ୍ ଖ୍ରୀଷ୍ଟିଆନ୍ କଲେଜ୍ ପାଖରେ କାର୍ଯ୍ୟକ୍ରମରେ ଥାଆନ୍ତି, ଫିରୋଜ ଜାହାଙ୍ଗିର ଗାନ୍ଧିଙ୍କ ସହ ପରିଚୟ ହୁଏ ସେଠାରେ । ହଠାତ୍ କମଳା ନେହେରୁ ସେଠାରେ ଦୁର୍ବଳ ସ୍ୱାସ୍ଥ୍ୟରେ ଚେତା ହରାନ୍ତି । ସାହାଯ୍ୟ କରନ୍ତି ଫିରୋଜ । ୧୯ ବର୍ଷ ବୟସର ଫିରୋଜ, ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେବାପାଇଁ ପାଠପଢାରୁ ବିରତ ହୁଅନ୍ତି । ବହୁବାର କାରାବରଣ କରନ୍ତି, ସ୍ୱାଧୀନତା ପାଇଁ କାମ କରି । ଲାଲ ବାହାଦୁର ଶାସ୍ତ୍ରୀଙ୍କ ସହିତ ଓ ଜବାହରଲାଲଙ୍କ ସହିତ କାରାବରଣ କରୁଥାନ୍ତି ସିଏ । ୧୯୩୩ ମସିହାରେ, ଯେତେବେଳେ ଇନ୍ଦିରାଙ୍କ ବୟସ ୧୬ ବର୍ଷ, ପାର୍ଶୀ ହେଲେ ମଧ୍ୟ ଫିରୋଜ ପ୍ରସ୍ତାବ ଦିଅନ୍ତି ବିବାହର । କମଳା ମନାକରି ଦିଅନ୍ତି, ଏତେ କମ୍ ବୟସରେ ଝିଅର ବାହାଘର ହେବନି ବୋଲି ।

ତା'ପରେ କମଳାଙ୍କ ରୋଗ ଆଉ ଚିକିତ୍ସା, ଦେଶରେ ଭୋୱାଲି ସ୍ୱାସ୍ଥ୍ୟନିବାସ, ପୁଣି ସାଂଘାତିକ ଅବସ୍ଥାରେ ଇଉରୋପକୁ ଯାଇ ବାଦେନୱେଲର ଓ ଶେଷରେ ଲାସରେ ସ୍ୱାସ୍ଥ୍ୟନିବାସ । ଏ ସବୁ ସେବା ସହ ସମ୍ପୃକ୍ତ ଥିଲେ ଫିରୋଜ ଗାନ୍ଧି । କମଳାଙ୍କର ଅନ୍ତିମ ସମୟରେ ମୃତ୍ୟୁଶଯ୍ୟା ପାଖରେ ଫିରୋଜ ଉପସ୍ଥିତ ଥିଲେ । ଇନ୍ଦିରାଙ୍କ ସହ

ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ପାଠ ପଢୁଥିଲେ ଫିରୋଜ, ତାଙ୍କର ଅନ୍ତରଙ୍ଗ ହୋଇପଡିଲେ । ୧୯୪୨ ମସିହାରେ ସେମାନଙ୍କର ବିବାହ ହେଲା ହିନ୍ଦୁ ରୀତିରେ । ସମଗ୍ର ଭାରତବର୍ଷ ଏହି ବିବାହର ବିରୋଧ କରୁଥିବା ବେଳେ ଇନ୍ଦିରାଙ୍କ ଉପରେ ତାହାର ସାମାନ୍ୟତମ ପ୍ରଭାବ ବି ପଡିଲାନି । ତାଙ୍କର ନିଷ୍ପତ୍ତି ଅଟଳ, ଜାତି, ଧର୍ମ ଏହାର ଅନ୍ତରାୟ ହୋଇ ପାରେନା । ତାଙ୍କର ବିବାହ ପାଇଁ ଚରମ ନିଷ୍ପତ୍ତି ନିଜର ମନୋବଳର ପରିଚାୟକ ।

ଇନ୍ଦିରାଙ୍କର ବ୍ୟକ୍ତିଗତ ଓ ଦାମ୍ପତ୍ୟ ଜୀବନ ଉପରେ ଭାରତୀୟ ରାଜନୀତିର ବେଶ୍ ପ୍ରଭାବ ଅଛି, ଏଇଟା ନିଶ୍ଚିତ ଭାବରେ କୁହାଯାଇପାରେ । ବାପାଙ୍କୁ ସାହାଯ୍ୟ କରିବାକୁ ଯାଇ, ସିଏ ପୂର୍ଣ୍ଣ ସମୟ ବିନିଯୋଗ କରିଛନ୍ତି, ବାପାଙ୍କର ସହକାରୀ ଭାବରେ । ଫିରୋଜଙ୍କର ରାଜନୀତିରେ ପ୍ରବେଶ, ନେହେରୁ ଓ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ ନିଶ୍ଚିତ ଭାବରେ ଦାମ୍ପତ୍ୟ ଜୀବନର ଅନ୍ତରାୟ ହୋଇଥିଲା, ଦୁର୍ଭାଗ୍ୟକ୍ରମେ ଫିରୋଜ ଦ୍ୱିତୀୟଥର ହୃଦ୍‌ଘାତରେ ୫୦ ବର୍ଷ ବୟସରେ ପ୍ରାଣତ୍ୟାଗ କରିଥିଲେ । ଇନ୍ଦିରାଙ୍କର ଅନ୍ତରାତ୍ମା ଅସହାୟତାରେ ଭରିଯାଇଥିଲା, ଦେଶ ଦାୟିତ୍ୱ ତାଙ୍କୁ ବ୍ୟସ୍ତ ରଖୁଥିଲା ସେ ସମୟର ୧୯୬୨ ଚିନା ଯୁଦ୍ଧ ପରିଣାମରେ । ଫିରୋଜଙ୍କର ଅନୁପସ୍ଥିତି ଯେ ମାଆ ପୁଅ ତିନିଜଣ ସବୁବେଳେ ଅନୁଭବ କରୁଥିଲେ । ନିଜେ ପିତା ଓ ମାତା ଉଭୟ ଭୂମିକାରେ ଅଭିନୟ କରି ରାଜୀବ ଓ ସଞ୍ଜୟଙ୍କର ଲାଳନ ପାଳନ କରିଥିଲେ ।

ଜଣେ ଉଚ୍ଚକୋଟିର ରାଜନୈତିକ ନେତ୍ରୀ ଭାବରେ ପରିଚୟ ଦିଅନ୍ତି ଇନ୍ଦିରା । ଯେଉଁ ଦେଶରେ ସିଏ ଜନ୍ମ, ତାହା ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାବରେ ମାତ୍ର ପନ୍ଦର ବର୍ଷର ଇତିହାସ ବହନ କରୁଥିଲା ସିଏ ଦେଶର ପ୍ରଧାନମନ୍ତ୍ରୀ ହେବା ବେଳକୁ । ରାଜତନ୍ତ୍ର ଛାୟାରେ ପ୍ରତିପାଳିତ ବିଲାତର ଉପନିବେଶ ସାଜିଥିଲା ୩୦୦ ବର୍ଷ । ସବୁ ଦେଶ ଠାରୁ ବୃହତ୍ ସମ୍ବିଧାନ ଗଠନ କରି ଦେଶ ଚାହିଁ ବସିଥିଲା ଜଣେ ଲୌହ ପରି ଶକ୍ତ ପ୍ରଧାନମନ୍ତ୍ରୀ । ଜଣେ ମହିଳା ଭାବରେ ଦେଶର ଦାୟିତ୍ୱ ନେବାକୁ ସିଏ ହୋଇପାରିଲେ ଅଦ୍ୱିତୀୟା । ଅଭିଜ୍ଞତାରେ ତାଙ୍କୁ ନୂଆ ବୋଲି ମନେକରିବା ଆଦୌ ସମୀଚୀନ ନୁହେଁ, ସିଏ ପିଲାଦିନରୁ ତାଙ୍କଘରେ ଦେଖି ଆସିଛନ୍ତି ଦେଶପାଇଁ ସଂଗ୍ରାମ, ନିଷ୍ପତ୍ତି, କଠୋର ରଣନୀତି ଆଉ ୧୯୪୭ ମସିହା ଅଗଷ୍ଟ ପନ୍ଦର ମଧ୍ୟରାତ୍ରିରେ ନିଜ ପିତାଙ୍କ ଦ୍ୱାରା ସ୍ୱାଧୀନ ଭାରତର ଜାତୀୟ ପତାକା ଉତ୍ତୋଳନ । ସିଏ ପିତାଙ୍କର ସହକାରୀ ଭାବରେ ଅନୁଭବୀ ଦେଶ ଓ ରାଜ୍ୟ ଶାସନରେ, ରାଜନୈତିକ ଓ କୂଟନୈତିକ ପରିଚାଳନାରେ, ରାଜନୈତିକ ଦଳ ସଂଗଠନରେ ।

କର୍ମର ଆଧାରରେ ସିଏ ଭାରତର ଲୌହମାନବୀ ଭାବରେ ପରିଚିତ । ନିଜ ରାଜନୈତିକ ପରିଚିତି ପ୍ରଦର୍ଶିତ କରିଛନ୍ତି ନିଜର ୨୦ ବର୍ଷର ଶାସନକାଳରେ । ଯୁଗୋପଯୋଗୀ ପଦକ୍ଷେପ ନେଇଛନ୍ତି ଅନେକ ନୀତି ବିଧାନରେ । ସିଏ ଦେଶର ଆଭ୍ୟନ୍ତରୀଣ ବିକାଶ ସହିତ ଆଞ୍ଚଳିକ ଭିତ୍ତିରେ ଦେଶକୁ ଦକ୍ଷିଣ ଏସିଆର ପ୍ରମୁଖ ଶକ୍ତି ଭାବରେ ପ୍ରତିଷ୍ଠିତ କରିପାରିଥିଲେ । କେବଳ ରାଜନୈତିକ ପୃଷ୍ଠଭୂମିରେ ନୁହେଁ, ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ବିକାଶର ଦିଗନ୍ତ ସୃଷ୍ଟି କରିପାରିଥିଲେ । ଦେଶ ପାଇଁ କୌଣସି ନିଷ୍ପତ୍ତି ତାଙ୍କ ମନରେ ଥିଲା ନିଜ ପରିବାର ପାଇଁ ନିଷ୍ପତ୍ତି ନେବା ଭଳି । ନିଷ୍ପତ୍ତିର ଫଳାଫଳ ଉପରେ ତାଙ୍କର ନଜର ଥିଲା, କିଏ କଅଣ ଭାବିବ ଅବା ଗଣତନ୍ତ୍ରର ପରିବର୍ଦ୍ଧିତ ଅମଲତାନ୍ତ୍ରିକ ପ୍ରଶାସନ ମଧ୍ୟରେ ସିଏ ଦେଖାଇ ଦେଇଥିଲେ ଯେ ଭାରତରେ ରେଳ ଠିକ୍ ସମୟ ନିର୍ଘଣ୍ଟରେ ଚାଲିପାରେ, ଅଫିସ୍ ସମୟାନୁବର୍ତ୍ତୀତାରୁ ଦୂରେଇ ନ ପାରେ, ଏମିତି ଅନେକ ପରୀକ୍ଷଣ ।

ତାଙ୍କର କାର୍ଯ୍ୟଧାରାରେ ସୁଚିନ୍ତିତ ଆଉ ବଳିଷ୍ଠ ପଦକ୍ଷେପଗୁଡ଼ିକୁ ବିଶ୍ଳେଷଣ କଲେ ତାଙ୍କର ଶକ୍ତି ଓ ସାହସର ସୂଚନା ମିଳେ । ଦେଶର ସର୍ବବୃହତ ଚଉଦଟି ବ୍ୟାଙ୍କର ଜାତୀୟକରଣ, ରାଜା ରାଜୁଡାମାନଙ୍କର ହାତପାଣ୍ଠି ଉଚ୍ଛେଦ କିଛି ସାଧାରଣ ପଦକ୍ଷେପ ନୁହେଁ ୧୯୭୦ ମସିହା ବେଳକୁ । ଆଉ କିଏ ସେହି ସମୟରେ ଦେଶର ପ୍ରଧାନମନ୍ତ୍ରୀ ଥିଲେ କଅଣ କରିଥାଆନ୍ତେ ସେଇଟା କଳ୍ପନା କରି ହେଉନାହିଁ, କିନ୍ତୁ ନିଶ୍ଚିତ ଏପରି ବଜ୍ରପରି ଶକ୍ତ ନିଷ୍ପତ୍ତି ନେବାରେ ନିଶ୍ଚୟ ବହୁ ବାର ଚିନ୍ତା କରିଥାଆନ୍ତେ । ଦେଶର ଅର୍ଥନୀତିର ସ୍ରୋତକୁ ଏକମୁହାଁ ଭାବରେ ଜନତା ଅଭିମୁଖୀ କରିବାରେ ଏହି ପ୍ରୟାସ ଅଭିନନ୍ଦନୀୟ । ଏଇ ଦୁଇଟି ପଦକ୍ଷେପ ବ୍ୟତୀତ ଦେଶରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ସିଏ ନିଜର ବଳିଷ୍ଠ ନିଷ୍ପତ୍ତି ନେଇଥିଲେ । ଅନେକ ନିଷ୍ପତ୍ତି ନେଇଛନ୍ତି ଦେଶର ଖାଦ୍ୟ ଓ ତୈଳ ସମସ୍ୟା ସମାଧାନ କରିବାରେ, ଦେଶରେ ସବୁଜ ବିପ୍ଳବ ଆଣିବାରେ । ଆଜି ଦେଶ ଖାଦ୍ୟ କ୍ଷେତ୍ରରେ ସ୍ୱୟଂ ନିର୍ଭରଶୀଳ ହୋଇଥିବା ବେଳେ ଆମର ମନେ ପଡେ, ଇନ୍ଦିରା ଆମେରିକାର ଦ୍ୱାରସ୍ଥ ହୋଇଥିଲେ ଦିନେ ଦେଶପାଇଁ ଖାଦ୍ୟ ଅନ୍ବେଷଣରେ । ଆମେରିକାର ରାଷ୍ଟ୍ରପତି ଅନୁରୋଧ କରିଥିଲେ ତାଙ୍କ ସହିତ ନାଚିବା ପାଇଁ । ଉତ୍ତର ପାଇଲେ, "ମୋ ଦେଶବାସୀଙ୍କ ସମ୍ମୁଖରେ ମୋର ଭାବମୂର୍ତ୍ତି ନଷ୍ଟ ହେବ ।" ବହୁ ସମୟରେ ସିଏ ଏହି ବୃହତ ଶକ୍ତିର ଉଜାଣି ସ୍ରୋତରେ ଉପରକୁ ଯାଇଛନ୍ତି । ବିଶ୍ୱରେ ମହିଳା ଭାବରେ କୀର୍ତ୍ତିମାନ ପ୍ରତିଷ୍ଠା କରିଛନ୍ତି ।

ରାଜନୈତିକ ଶକ୍ତିର ରୂପ ତାଙ୍କର ପ୍ରଦର୍ଶନ କରିଛନ୍ତି ଅନ୍ୟାୟ, ଅତ୍ୟାଚାର ଓ ଅମାନବିକତାର ବିରୁଦ୍ଧରେ । ଏମିତିକି ରାଜନୈତିକ ବିରୋଧି ହେଲେ ହେଁ ଅଟଳ ବିହାରୀ ବାଜପେୟୀ ତାଙ୍କୁ ମାଆଦୁର୍ଗା ଭାବରେ ଅଭିହିତ କରିଛନ୍ତି ପାକିସ୍ଥାନ ବିଭାଜନ ଓ ବଙ୍ଗଳାଦେଶ ଗଠନ ପ୍ରକ୍ରିୟାରେ । ବିଶ୍ୱଶକ୍ତି ଭାବରେ ପ୍ରତିଷ୍ଠିତ ଆମେରିକାକୁ ହେୟ ମନେ କରିଥିଲେ ଇନ୍ଦିରା । ଏକାକିନୀ ସହାୟ ହୋଇଥିଲେ ଶୋଷିତ ପୂର୍ବ

ପାକିସ୍ଥାନକୁ ଓ ତାଙ୍କ ପ୍ରଚେଷ୍ଟାରେ ଗଢି ଉଠିଥିଲା ବାଙ୍ଗଲାଦେଶ । ଇନ୍ଦିରାଙ୍କର ଏଇ ସମୟୋଚିତ ପଦକ୍ଷେପ ଦେଶର ମହତ୍ତ୍ୱ ବଢାଇ ଦେଇଥିଲା । ଭାରତ ଦକ୍ଷିଣ ଏସିଆରେ ଏକ ବୃହତ୍ ଶକ୍ତି ଭାବରେ ଆବିର୍ଭୁତ ହେଲା ।

ଭାରତବର୍ଷର ଶକ୍ତିର ଦିନେ ପରିଚୟ ଦେଇଥିଲେ ଇନ୍ଦିରା । ଭାରତର ପଶ୍ଚିମ ସୀମାନ୍ତରେ 'ହସକୁରା ବୁଦ୍ଧ' ଗୋପନ ନାମରେ ପୋଖରାନ୍‌ର ଆଣବିକ ବିସ୍ଫୋରଣ ଭାରତକୁ ବିଶ୍ୱ ଦରବାରରେ ମୁଷ୍ଟିମେୟ ଅଳ୍ପ କେତୋଟି ଆଣବିକ ଶକ୍ତି ସମ୍ପନ୍ନ ରାଷ୍ଟ୍ର ଭାବରେ ପରିଚିତ କରାଇ ପାରିଛି ।

ସ୍ୱାଧୀନତା ପରର ଯୁଦ୍ଧବିଧ୍ୱସ୍ତ ଭାରତର ଖାଦ୍ୟାଭାବ ଦେଶପାଇଁ କରୁଣ ଚିତ୍ର ପ୍ରଦାନ କରୁଥିଲା । ଦେଶର ଜନସଂଖ୍ୟାବୃଦ୍ଧି ଏହାକୁ ଆହୁରି ଜଟିଳ କରୁଥିଲା । ଜନସଂଖ୍ୟା ହ୍ରାସ ଉପରେ ଗୁରତ୍ୱ ଦେଇ ସବୁଜ ବିପ୍ଳବ ସୃଷ୍ଟି କରିଥିଲେ ଇନ୍ଦିରା । ଦେଶର ସମୃଦ୍ଧି ପାଇ ଅନେକ ପରିକଳ୍ପନା, ଅନେକ ପଦକ୍ଷେପ । ବିଶ୍ୱ ମାନଚିତ୍ରରେ ସିଏ ତାଙ୍କର କଳ୍ପିତ ଭାରତବର୍ଷକୁ ବହୁ ଉଚ୍ଚ ସ୍ଥାନକୁ ଟାଣି ନେଇଥିଲେ ।


ଅବଶ୍ୟ ଭାରତବର୍ଷରେ ଏତେ ବର୍ଷ ପ୍ରଧାନମନ୍ତ୍ରୀ ହେବାର ଅବକାଶ କେହି ପାଇ ନାହାନ୍ତି । ଅନ୍ୟ କିଏ ପ୍ରଧାନ ମନ୍ତ୍ରୀ ହୋଇଥିଲେ, ଦେଶ ପାଇଁ କଅଣ ଅଗ୍ରାଧିକାର ଦେଇ ଥାଆନ୍ତେ କହିବା କଷ୍ଟକର, କିନ୍ତୁ ଏତେ ବଡ ତ୍ରିସ୍ତରୀୟ ସର୍ବ ବୃହତ୍ ଗଣତନ୍ତ୍ର ରାଷ୍ଟ୍ରରେ ସିଏ ବହୁ ପରିବର୍ତ୍ତନ ଆଣିଛନ୍ତି । ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି ଦେଶମାତୃକାର ସର୍ବାଙ୍ଗୀନ ଉନ୍ନତି କଳ୍ପେ ନିଜକୁ ବିନିଯୋଗ କରି ପାରିଛନ୍ତି ।

ରାଜନୀତିରେ ଓ ଆମଦେଶ ପରି ବିଶାଳ ଜନରାଶି ବିଶିଷ୍ଟ ରାଷ୍ଟ୍ରରେ କୋଣସି ବଳିଷ୍ଠ ବିଧାନ ଗ୍ରହଣ କଲେ, ତାହାର କାର୍ଯ୍ୟକାରିତା ବେଳେ ଅସଂଖ୍ୟ ସମସ୍ୟା ଦେଖାଦିଏ । ରାଜନୈତିକ ଦଳ, ସୁବିଧାବାଦୀ ସଂସ୍ଥା ଆଉ ବ୍ୟକ୍ତିଗତ ବିରୋଧିମାନେ ଏହାର ସୁବିଧା ନିଅନ୍ତି । ଇନ୍ଦିରା ଗାନ୍ଧିଙ୍କ କ୍ଷେତ୍ରରେ ଅନେକ ବଳିଷ୍ଠ ପଦକ୍ଷେପ କୌଣସି ପ୍ରଧାନ ମନ୍ତ୍ରୀଙ୍କ ପକ୍ଷରେ ହୋଇ ପାରିବା ସମ୍ଭବ ମନେ ହୁଏ ନାହିଁ । ଏଗୁଡିକ ତାଙ୍କର ବ୍ୟକ୍ତିଗତ ଅଭିଜ୍ଞତା ଓ ରାଜନୈତିକ ଆଭିଜାତ୍ୟର ଫଳ ହୋଇପାରେ ।

ଏହି ମହାମନିଷୀ ଦେଶପାଇଁ ନିଜର ଜୀବନ ଦାନ କରିଛନ୍ତି, ନିଜେ ଦେଶର ଏକାଗ୍ରତା ଓ ସଂହତି ପାଇଁ ଦେଶ ବିଚ୍ଛିନ୍ନକାରୀ ଶକ୍ତି ଦ୍ୱାରା ନିହତ ହୋଇଛନ୍ତି । ଏମିତି ଶକ୍ତି ସମ୍ମୁଖରେ ସିଏ ମୁଣ୍ଡ ନୁଆଁଇ ନାହାନ୍ତି, ଦେଶର ଅଖଣ୍ଡତା ପାଇଁ ନିଜେ ଜାଣିଶୁଣି ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି । ଏଇ ଅପରାଜିତା ବହୁ ବାଧାବିଘ୍ନ ସମ୍ମୁଖରେ ନିର୍ଭୟର ସହ ବିଜୟ ପାଇଛନ୍ତି, ସିଏ ରାଜନୀତିଜ୍ଞ, ତାଙ୍କର କାର୍ଯ୍ୟକ୍ଷେତ୍ର ସମାଜ, ରାଜ୍ୟ ଓ ଦେଶ । ସିଏ ନ୍ୟସ୍ତସ୍ୱାର୍ଥ ଗୋଷ୍ଠିର ସମାଲୋଚନାର ଶରବ୍ୟ ହେଲେ ହେଁ ଏଗୁଡିକୁ ଆଦୌ ଖାତିର କରି ନାହାନ୍ତି । ପାରାଜୟ ତାଙ୍କର ଗତିରୋଧ କରି ପାରି ନି । ବିଂଶ ଶତାବ୍ଦୀର ବିଶ୍ୱର ସର୍ବଶ୍ରେଷ୍ଠ ମହିଳା । ସିଏ ସବୁଠାରେ ସବୁ ବେଳେ ଅପରାଜିତା !


ରୋହ, ୧୨୮, ଡୁମୁଡୁମା (କ),
ଖଣ୍ଡଗିରି, ଭୁବନେଶ୍ୱର-୩୦
ମୋ: ୯୮୬୧୦୭୧୪୪୧





ତରଣୀ ମୋର ତବ
ସାଗରେ ବହିଯାଉ

# ତରଣୀ ମୋର ତବ ସାଗରେ ବହିଯାଉ

*ଅଭିନ୍ନ ଚନ୍ଦ୍ର ସାହୁ*

ବାପା ଓ ଆମ ପରିବାରର ଜଗନ୍ନାଥ ହିଁ ଇଷ୍ଟଦେବ । କିନ୍ତୁ ହେତୁ ପାଇଲାଦିନୁ ଫୁଲଚନ୍ଦନ ଦେଇ ବାପା ଜଗନ୍ନାଥଙ୍କୁ ପୂଜା କରିବାର କେବେ ଦେଖିନି । ଜଗନ୍ନାଥଙ୍କର ବାରମାସେ ତେର ଯାତ୍ରା, ଏମିତି କି ସେ ରଥଯାତ୍ରା ଦେଖିବାକୁ ଯିବା ମୁଁ ଜାଣେନି । ଅଥଚ ସେ ଥିଲେ ଜଗନ୍ନାଥଙ୍କ ପରମଭକ୍ତ । ମନେମନେ ସବୁବେଳେ ଜଗନ୍ନାଥଙ୍କୁ ଜପ କରନ୍ତି । ଅତ୍ୟଧିକ ସୁଖ ଦୁଃଖ ମୁହୂର୍ତ୍ତରେ ତାଙ୍କ ତୁଣ୍ଡରୁ ଆପଣାଛାଏଁ ଆପେ ବାହାରିଆସେ, 'ଜଗନ୍ନାଥ, ଜଗନ୍ନାଥ' । ଆମ ପୂଜାଘରେ, ଯେଉଁଠି ଅନ୍ୟାନ୍ୟ ଦେବ ଦେବୀଙ୍କ ସହ ଜଗନ୍ନାଥ ପୂଜା ପାଆନ୍ତି, ସେଠିକି ସେ ଯାଆନ୍ତି ନାହିଁ । ସକାଳେ ସଞ୍ଜେ ମୋ ମା, ମାଉସୀ ଜଗନ୍ନାଥଙ୍କୁ ଫୁଲ ଚନ୍ଦନ ଧୂପ-ଦୀପ ଦେଇ ଯଥାବିଧିରେ ପୂଜା କରନ୍ତି । ବାପା କିନ୍ତୁ ତାଙ୍କ ଧୋତି-ଚାଦର କିମ୍ବା ମଠା ଯୋଡ ପିନ୍ଧି ସେଠି ଯାଇ ଔପଚାରିକ ପୂଜା କରିବାରେ ଆଗ୍ରହୀ ନଥିଲେ । କେବଳ ସନ୍ଧ୍ୟା ହେଲେ ଯେଉଁଠି ଯେମିତି ଅବସ୍ଥାରେ ଥାଆନ୍ତୁ ନା କାହିଁକି, ସେଠି ସେମିତି ବସି ପଡନ୍ତି; ଦୁଇ ଆଞ୍ଜୁଳି ଯୋଡି ଜଗନ୍ନାଥଙ୍କୁ ପ୍ରାର୍ଥନା କରନ୍ତି । ମୁଦ୍ରିତ ଚକ୍ଷୁ, ଧ୍ୟାନ ସ୍ତିମିତ ମୁଦ୍ରା । ମନେହୁଏ ସତେ ଯେମିତି ସେଇ ଅଳ୍ପ କେତେ ମିନିଟ୍ ସେ ସଂସାର ମୋହ-ମାୟା କାଟି ସମ୍ପୂର୍ଣ୍ଣ ସମାଧିସ୍ଥ ହୋଇ ଯାଇଛନ୍ତି । ମୁହଁରେ ସାତ୍ତ୍ୱିକ ପ୍ରସନ୍ନତା, ଜଗନ୍ନାଥଙ୍କ ସହ ତଲ୍ଲୀନ ହେବାର ସମାହିତ ପ୍ରଶାନ୍ତି । ମୋତେ ଲାଗେ ବାପା ଯେଭଳି ନିରାକାର ପରଂବ୍ରହ୍ମ ଜଗନ୍ନାଥଙ୍କୁ ହିଁ ଉପାସନା କରନ୍ତି । ତାଙ୍କରି ସହ ଚାହିଁବା ମାତ୍ରେ ସେ କେତୋଟି ମୁହୂର୍ତ୍ତ ଭିତରେ ଏକାତ୍ମ ହୋଇ ଯାଆନ୍ତି ।

ବାପା ସମ୍ବଲପୁରରେ କିଛିଦିନ ଥିବାବେଳେ ଆର୍ଯ୍ୟସମାଜର ହୋମଯଜ୍ଞ କରିବାକୁ ଓ ନିରାକାର ପରଂବହ୍ମଙ୍କୁ ବୈଦିକ ରୀତିରେ ପୂଜା କରିବାକୁ ତାଙ୍କୁ ଭଲ ଲାଗିଥିଲା, କିନ୍ତୁ ଦୀକ୍ଷା ନେବା ପୂର୍ବରୁ ବାପାଙ୍କୁ କୁହାଗଲା ଆଜୀବନ ବିଶୁଦ୍ଧ ଶାକାହାରୀ ହୋଇ ରହିବାଲାଗି ପ୍ରତିଜ୍ଞା କରିବାକୁ । ବାପା କହିଲେ, "ଏହା ମୋ ପାଇଁ ଏକ ମିଥ୍ୟା ଶପଥପାଠ । ପ୍ରଚଣ୍ଡ ପ୍ରବଞ୍ଚନା ହେବ । ଯାହା ମୁଁ କସ୍ମିନକାଳେ ଆଚରଣରେ ଜୀବନଚର୍ଯ୍ୟାରେ ଅଭ୍ୟାସ କରିପାରିବିନି ସେଭଳି ପ୍ରତିଜ୍ଞା କରିବା ଉଚିତ ହେବ କି ? କାରଣ ପିଲାଦିନରୁ ମୁଁ ଭୀଷଣ ଆମିଷପ୍ରିୟ । ମୋର କହିବାରେ କୌଣସି ଦ୍ୱିଧା ନାହିଁ ଯେ ଆମିଷ ଖାଇବାରେ ମୋର ବାଛବିଚାର, ଏଭଳି କି ବାର ଅବାର ଭେଦ ରହେ ନାହିଁ । ମୋର ବ୍ୟକ୍ତିଗତ ବିଚାରରେ ଜଣେ ଅମିଷ ଖାଇ ବି ବାସ୍ତବ ଜୀବନରେ ଶୁଦ୍ଧାଚାରୀ, ସତ୍ୟନିଷ୍ଠ, ସଦାଚାରୀ ହୋଇପାରେ ।" ଏଇଠି, ବାପାଙ୍କ ଆର୍ଯ୍ୟସମାଜ ସହ ମନାନ୍ତର ନୁହେଁ, ମତାନ୍ତର ହେଲା । ସେ ଆର୍ଯ୍ୟସମାଜୀ ହେଲେ ନାହିଁ । କିନ୍ତୁ ଆର୍ଯ୍ୟସମାଜୀଙ୍କ ବେଦବିହିତ ନିରାକାର ପରଂବ୍ରହ୍ମ ଉପାସନା ପଦ୍ଧତିଦ୍ୱାରା ସେ ପ୍ରଭାବିତ ହୋଇଥିଲେ । ତା' ଛଡା ଦାରୁବ୍ରହ୍ମ ଜଗନ୍ନାଥ ମଧ୍ୟ ନିର୍ଗୁଣ ନିରାକାରଭାବେ ପରିକଳ୍ପିତ ଏବଂ ବିଭିନ୍ନ ଶୂନ୍ୟବାଦୀ ନିର୍ଗୁଣ ସମ୍ପ୍ରଦାୟ ଦ୍ୱାରା ଉପାସିତ ହୋଇଆସିଛନ୍ତି । ଜଗନ୍ନାଥଙ୍କ ପରମଭକ୍ତ ପଞ୍ଚସଖାତ ତାଙ୍କୁ ନିରାକାର ଦାରୁବ୍ରହ୍ମ ଭାବେ ଗ୍ରହଣକରି ଅଜସ୍ର ଭଜନ ଜଣାଣ ଲେଖିଛନ୍ତି । ବାପା ସମ୍ଭବତଃ ସେଇ ପରମ୍ପରାରେ ଜଗନ୍ନାଥଙ୍କୁ ଦେଖିଛନ୍ତି, ପାଇଛନ୍ତି । ସନ୍ଧ୍ୟାର ପବିତ୍ର ମୁହୂର୍ତ୍ତରେ ତାଙ୍କର ଶୂନ୍ୟ ଅଞ୍ଜଳୀରେ ଭାବମୟ ଜଗନ୍ନାଥ ଆବିର୍ଭୂତ ହୁଅନ୍ତି । ଅନ୍ତରର ଗମ୍ଭୀରାରେ ସେ ଜଗନ୍ନାଥଙ୍କୁ ଅନୁଭବ କରନ୍ତି । ସେଥିପାଇଁ ଚରମଦୁଃଖ ବା ଆନନ୍ଦ ବେଳେ ସ୍ୱତଃସ୍ଫୂର୍ତ୍ତଭାବେ ତାଙ୍କ ତୁଣ୍ଡରୁ ବାହାରି ଆସେ, 'ଜଗନ୍ନାଥ, ଜଗନ୍ନାଥ' । ମୁଁ ବାପାଙ୍କଠାରୁ ବିଧିବଦ୍ଧଭାବେ କୌଣସି ଔପଚାରିକ ଦୀକ୍ଷା ନେଇନି । କିନ୍ତୁ ମୋ' ଅଜାଣତରେ ମୋ ଆଚରଣ ଓ ଉଚ୍ଚାରଣରେ ମୁ ସର୍ବୋତଭାବେ ବାପାଙ୍କଦ୍ୱାରା ଦୀକ୍ଷିତ । ଜଗନ୍ନାଥ ହିଁ ମୋର ଇଷ୍ଟଦେବ । ଏବେ ବି ମାତ୍ରାଧିକ ଦୁଃଖ, ଅବସାଦ, କ୍ଳାନ୍ତିର ମୁହୂର୍ତ୍ତମାନଙ୍କରେ ମୋ' ପାଟିରୁ ଆପଣାଛାଏଁ ବାହାରି ଆସେ, 'ଜଗନ୍ନାଥ, ଜଗନ୍ନାଥ' ଏବଂ ତତ୍‌କ୍ଷଣାତ୍ ଦୁଃଖ ଅବସାଦରୁ ଅନେକ ପରିମାଣରେ ଆଶ୍ୱସ୍ତ ହୁଏ । ଏ ସବୁ ବାପାଙ୍କ ପ୍ରତ୍ୟକ୍ଷ ପ୍ରଭାବ ।

ଖୁବ୍ ଛୋଟବେଳର କଥା, ମୋତେ ସେତେବେଳକୁ ଅତି ବେଶୀରେ ଚାରି କି ପାଞ୍ଚ ବର୍ଷ ହୋଇଥିବ । ମଜା ଗପ ଆକାରରେ ବାପାଙ୍କଠୁଁ ରାମାୟଣ, ମହାଭାରତ ଶୁଣେ, ଛୋଟପିଲାଙ୍କୁ ଭଲ ଲାଗିବାଭଳି ଭାଷା ଭାବ ଦେଇ ବାପା ରାମାୟଣ ମହାଭାରତ କାହାଣୀ କହୁଥିଲେ । ଅନୁଗୋଳରେ ପଅଁଷଠି-ସତୁରୀ ବର୍ଷ ତଳେ ଇଲେକ୍ଟ୍ରିସିଟି ନଥିଲା । ଆମଘର ସାମ୍ନାରେ ଏକ ବିରାଟ କରଞ୍ଜଗଛ ଥାଏ । ଖରାଦିନେ ଅସମ୍ଭବ ଗରମ, ଗୁଳୁଗୁଳି । ବିଳମ୍ବିତ ସଞ୍ଜୁଆ ପହରରେ ସେଇ କରଞ୍ଜ ଗଛତଳେ ବାଉଁଶପାଡିଆ ଖଟରେ ବାପା ପାଣି ଛିଞ୍ଚି ଶୀତଳ ସ୍ନିଗ୍ଧ କରିଦିଅନ୍ତି । ତା' ଉପରେ ବାପ-ପୁଅ ଶୋଉ । ଉପରୁ କରଞ୍ଜ ଗଛର ଅଜସ୍ର ଫୁଲ ଝଡି ପଡୁଥାଏ । ସେଇ ମଧୁମୟ ପରିବେଶରେ ସମ୍ପୂର୍ଣ୍ଣ ରାମାୟଣ ମହାଭାରତ ଶୁଣିଛି । ଆମ ଆଦି ନିବାସ କଟକର ଡଗରପଡା । ବାପା ଥିଲେ ସାଇ ରାମଲୀଳାର ଅଭିନେତା ଓ ନିର୍ଦ୍ଦେଶକ । ରାମଲୀଳାର

କାହାଣୀ ସାଙ୍ଗରେ ବିଚିତ୍ର ରାମାୟଣର ଗୀତ ଏଭଳି ଚମତ୍କାର ଭାବେ ଯୋଡି ଦିଅନ୍ତି ଯେ, ସବୁ ଚରିତ୍ର କଥାବସ୍ତୁ ଜୀବନ୍ତ ହୋଇଉଠେ । ଭାରି ମଜା ଲାଗେ । ଛୋଟ ପିଲାବେଳୁ ଏମିତି ମଜାରେ ମଜାରେ ସେ ସବୁ ଶୁଣି ଶୁଣି ଅଧିକାଂଶ ମୁଖସ୍ଥ ହୋଇଯାଇଛି ।

ବାପାଙ୍କଠୁଁ ଗପ ଶୁଣିବା ମୋର ଗୋଟାଏ ମସ୍ତବଡ ଝୁଙ୍କ୍, ବୌଦ୍ଧିକ ବିଳାସ । ବାପାଙ୍କ ମହାପ୍ରୟାଣ ବେଳକୁ ମୋତେ ୨୬ ବର୍ଷ । ଅଧ୍ୟାପକ ଜୀବନ ଆରମ୍ଭ ହୋଇ ସାରିଥାଏ । ସେତେବେଳେ ବି ସୁବିଧା ସୁଯୋଗ ପାଇବାକ୍ଷଣି ବାପାଙ୍କଠୁଁ ଗପ ଶୁଣେ, ତାଙ୍କ ରୋମାଞ୍ଚକର ଜୀବନର ଅଙ୍ଗେ-ନିଭା କାହାଣୀ କହନ୍ତି । ସେଇ କାହାଣୀ ଭିତରେ ଜୀବନକୁ ଗଢିବାର ମେସେଜ୍ ଥାଏ । 'ସମୁଦ୍ରକୁ ଶଙ୍ଖେ', ସେଭଳି ମେସେଜ୍ ଥିବା ଏକ ଜୀବନାନୁଭୂତି । ବାବା କୁହନ୍ତି, ସମୁଦ୍ର ତ ଅନନ୍ତ ଅସୀମ ଜଳର ଭଣ୍ଡାର । ସେହି ଜଳ ଆଣିବାପାଇଁ ଯିଏ ଯେଭଳି ବଡ ବା ସାନ ପାତ୍ର ନେଇଯାଏ ସେ ଗିନାଏ, ଯିଏ ଶଙ୍ଖଟିଏ ନେଇଯାଏ ସେ ଶଙ୍ଖେ, ଯିଏ ମାଠିଆଟିଏ ନେଇଯାଏ ସେ ମାଠିଆଏ ଜଳ ଆଣିବ । ପାତ୍ରର ଆକାର ସହ ଜଳର ପରିମାଣ ସମାନୁପାତିକ । ସେଭଳି ସଫଳତା ଅନନ୍ତ, ଅସୀମ ଆକାଶସ୍ପର୍ଶୀ । ଜୀବନପାତ୍ରକୁ, ଜୀବନ ଯେତିକି ପ୍ରସାରିତ କରିବା ସେତିକି ଅଧିକରୁ ଅଧିକତର ସଫଳତା ହାସଲ କରିବା । ସଫଳ ଭାଗ୍ୟର ଚାବିକାଠି ଆମ ହାତରେ । ଏ ମେସେଜ୍ ନିହାତି ସରଳ ସହଜ ଅଥଚ ମହତ୍ତ୍ୱପୂର୍ଣ୍ଣ, ଏକାନ୍ତ ମାର୍ମିକ ।

ଏଇ ଜୀବନାନୁଭୂତି ଭାଗ୍ୟବାଦ ନୁହେଁ, କର୍ମବାଦ । କର୍ମବାଦରେ ବିଶ୍ୱାସ କରୁଥିଲେ ବାପା । ଈଶ୍ୱର ପ୍ରତି ବ୍ୟକ୍ତିର କପାଳରେ ଭାଗ୍ୟର ଏକ ପୂର୍ବ ନିର୍ଦ୍ଦିଷ୍ଟ ବ୍ଲୁ-ପ୍ରିଣ୍ଟ ବା ନୀଳ ମୁଦ୍ରଣ ଆଙ୍କି ଦେଇ ନ ଥାନ୍ତି । ମନୁଷ୍ୟ ତାର ଶକ୍ତି, ସାମର୍ଥ୍ୟ, ବୌଦ୍ଧିକତା ଓ ଦିବ୍ୟଜ୍ଞାନ ଉପଯୋଗ କରି ନିଜ ଭାଗ୍ୟ ନିଜେ ଗଢେ । ଏହା ହିଁ ପୌରୁଷ ବା ପୁରୁଷାକାର । କଠୋର ପରିଶ୍ରମ, ଅଧିବସାୟ, ସର୍ବୋପରି ବିଭୁକରୁଣା ବଳରେ ମଣିଷ ହୁଏ ନିଜର ଭାଗ୍ୟ ବିଧାତା, ଭାଗ୍ୟର ନିର୍ମାତା ।

ସେଥିପାଇଁ ଜୀବନପାତ୍ର ବା ଜୀବନର ଆଧାରକ ଜଣେ ଯେତିକି ବିଶାଳରୁ ବିଶାଳତର କରିବ ତଦନୁଯାୟୀ ସମାନୁପାତିକ ଭାବେ ସାଫଲ୍ୟ ବା କୃତିତ୍ୱର ଅଧିକାରୀ ହୋଇପାରିବ । ଈଶ୍ୱର ତ କରୁଣାବାରିଧି, କରୁଣାସିନ୍ଧୁ । କିନ୍ତୁ ସେଇ କରୁଣାସିନ୍ଧୁରୁ କରୁଣା ପାଇବା ପାଇଁ ଜୀବନପାତ୍ରକୁ ବିରାଟ-ବିଶାଳ ନ କଲେ ଅଧିକରୁ ଅଧିକତର କରୁଣା ଶମାଇବ କିପରି ? ଈଶ୍ୱର ତ ଦାତାପଣେ ପତାକା ବାନ୍ଧିଛନ୍ତି ! ! ଏହାହିଁ ସଫଳ ଜୀବନଯାତ୍ରା-ସଙ୍ଗୀତର ମୂଳମନ୍ତ୍ର । ଏଇ ପରିପ୍ରେକ୍ଷୀରେ ସବୁଜ କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କର 'ଜୀବନ ପାତ୍ର ମୋ ଭରିଛ କେତେ ମତେ' କାଳଜୟୀ ଜୀବନର ଏକ ଜୈତ୍ର ଗୀତି । ବୈକୁଣ୍ଠନାଥ ପଟ୍ଟନାୟକଙ୍କର ସୁପୁତ୍ରୀ ସୁନନ୍ଦା ପଟ୍ଟନାୟକ ବାବାଙ୍କ ରଚିତ ଏହି ଶାଶ୍ୱତ ଗୀତିକାକୁ ଉଦାତ୍ତ କ୍ଲାସିକ୍ କଣ୍ଠରେ ଲାଳିତ୍ୟ ଓ ଦୃପ୍ତିରେ ସଞ୍ଜୀବିତ କରନ୍ତି । ଟୁନୀମା' (ବିଜୟିନୀ) ମଧ୍ୟ ନିଜ ଆୟସସାଧ୍ୟ ପ୍ରୟାସରେ ପାଖାପାଖି ସେଇ ସିଦ୍ଧିରେ ପହଞ୍ଚିବାର ଉଦ୍ୟମ କରିଛନ୍ତି । ଟୁନୀମା'ର ଶଂସିତ ଗୀତିକାଟି ଥିଲା ଯଥାର୍ଥରେ ସ୍ୱକୀୟ ଜୀବନଭାଷ୍ୟ ନିଜ ତପସ୍ୟାନିଷ୍ଠ ଜୀବନଚର୍ଯ୍ୟାର ସଙ୍ଗୀତାୟନ । ବିଭିନ୍ନ ମଞ୍ଚରେ ପରିବେଷଣ କରୁଥିବା ଏହି ଗୀତିକାର ଭିଡିଓ ରେକର୍ଡିଂର ସିଡି ଡାକ୍ତର ଜେନାଙ୍କ ସୌଜନ୍ୟରୁ ପାଇଛି । ଏଇ ସଙ୍ଗୀତଟି ଗାଇବାବେଳେ ଟୁନୀମା' ନିଜ ଆୟତ୍ତରେ ନ ଥାଏ । ମନେହୁଏ, ନିଜ ଜୀବନଯାତ୍ରାର ଗୀତିମୟ ନିଖୁଣ ନୀଳମୁଦ୍ରଣଟିଏ ସଙ୍ଗୀତ ମାଧ୍ୟମରେ ଉପସ୍ଥାପନ କରୁଛି ।

କେବଳ ଟୁନୀମା' କାହିଁକି ଜୀବନ ଯେଉଁ କ୍ଷଣଜନ୍ମାଙ୍କ ପାଇଁ ଏକ ସାଧନା ବା ତପସ୍ୟା, ସେମାନଙ୍କ ପାଇଁ ଶଂସିତ କବିତା ଏକ ସର୍ବକାଳୀନ ଜୀବନ-ଚର୍ଯ୍ୟା । ବହୁବର୍ଷଧରି 'ଯାତ୍ରା ସଙ୍ଗୀତ' ଶୀର୍ଷକ ଏହି କବିତାଟି ସ୍ନାତକ ପାଠ୍ୟର ଅନ୍ତର୍ଭୁକ୍ତଥିଲା । ଏହାକୁ ଏକ ରହସ୍ୟମୟ ଆଧିଭୌତିକ (ମେଟାଫିଜିକାଲ୍) କବିତା ଭାବେ ବ୍ୟାଖ୍ୟା କରାଯାଇଥାଏ । ଏଥିରେ ପରସ୍ପର ବିରୋଧାଚରଣ କରୁଥିବା ବହୁ ବିରୋଧାଭାସ (ପାରାଡକ୍ସ) କବିତାଟିକୁ ଅଯଥା ଜଟିଳ ଦୁର୍ବୋଧତାର ରହସ୍ୟମୟ ଜାଲରେ ଛନ୍ଦି ଦେଇଛି ବୋଲି କେତେକ ଅଧ୍ୟାପକ ଏହାର ପ୍ରତିକୂଳ ସମାଲୋଚନା କରନ୍ତି । ନିଜର ବକ୍ତବ୍ୟର ଯଥାର୍ଥ୍ୟ ପ୍ରତିପାଦନ କରିବା ପାଇଁ ସେମାନେ କବିତାର ଅୟମାରମ୍ଭ ଉପୋଦ୍‌ଘାତ "ଜୀବନ ପାତ୍ର ମୋ ଭରିଛ କେତେ ମତେ ନ ଦେଲ କିଛି ବୋଲି କହିବି କି ହେ ଆଉ.." ଉଦ୍ଧାର କରି, ଏଥିରେ ପ୍ରଚଣ୍ଡ ଆସ୍ତିବାଚକ ଆଶାବାଦ (ଅପ୍ଟିମିଜିମ୍) ପ୍ରକଟିତ ହୋଇଛି ବୋଲି ଅଭିହିତ କରନ୍ତି । ଅନୁରୂପ ଗଭୀର ଆଶାବାଦ, ସମାନ୍ତରାଳ ଅନ୍ୟପଙ୍‌କ୍ତି ଗୁଡିକ ହେଉଛି, "ଦେଇଛ ପ୍ରିୟାପ୍ରାଣେ ଅମର ପ୍ରିତି ଭରି, ମୋ ଶିଶୁ କ୍ରନ୍ଦନେ ଅମର ମୋର ଆଶା" , ନଶ୍ୱରତା, ମରଣଶୀଳତା ଭିତରେ ଅବିନଶ୍ୱରତା ଅମରତ୍ୱର ସନ୍ଧାନ ଦିଏ ପ୍ରେମ-ପ୍ରୀତି-ବାତ୍ସଲ୍ୟ । ପରବର୍ତ୍ତୀ ବାଙ୍ମୟ ରୂପକଳ୍ପଟିର ଚୟନ ନିହାତି ଦେହଘଷା ପାର୍ଥିବତା ମଧ୍ୟରେ ଅମର ଅପାର୍ଥିବତାର ସନ୍ଧାନ, କବିତାରେ ଚମକ ସୃଷ୍ଟି କରିଛି । "ମୋ ଶିଶୁ କ୍ରନ୍ଦନେ ଅମର ମୋର ଆଶା" ଶିଶୁର ହସ କାନ୍ଦ ମଧ୍ୟରେ ବୈକୁଣ୍ଠ ସମାନ ଗୃହର ଦିବ୍ୟ ଅମର୍ତ୍ତ୍ୟତା ପ୍ରତିବାଦିତ । ଏହି ଆଶାବାଦ ଘନୀଭୂତ ସ୍ଫଟିକାୟିତ (କ୍ରିଷ୍ଟାଲାଇଜ୍‌ଡ୍) କରିବାପାଇଁ ଏକାଧିକ ଚମତ୍କାର ପରିବେଶ ସଂଯୋଜିତ, ଯେଭଳି "ପ୍ରଭାତ ସନ୍ଧ୍ୟାରେ ଖେଳାଇ ରୂପଢେଉ" ମଧ୍ୟରେ ଅରୂପର ସନ୍ଧାନ ପାଇ ପାରିଛନ୍ତି ଦିବ୍ୟଦର୍ଶୀ କବି । କିନ୍ତୁ ଠିକ୍ ପରେ ପରେ – "ନିଜ ବାସନା ଜାଲେ ବିକଳବିଧିତ, ତିମିତ ଅଜ୍ଞାନେ ମିଳେ କି ଅମୃତ, ମିଳନ ମଧୁରାତି ପାହିଲା ଚାହୁଁ ଚାହୁଁ ରେ" ହତାଶା-ନୈରାଶ୍ୟ ପ୍ରତିବିମ୍ବିତ ହେବାଭଳି ମନେହୁଏ । ଯେତେବେଳେ କବି "ପଉଷ ତରୁ ମୁଁ ଗୋ, ପଳିତ ମୋ ପତର" ଏବଂ "ମିଥ୍ୟା ବିପଣୀରେ ବଣିକ, ମରଣ ଯେ" କବି ଅମୃତସ୍ୟ ପରିବର୍ତ୍ତେ ମୃତ୍ୟୁକୁ ସ୍ୱୀକୃତି ଦେଇ ବିଷାଦବାଦୀ (ପେସିମିଜିମ୍)ର ପରିଚୟ ଦେବାଦ୍ୱାରା ଏକ ପ୍ରଚଣ୍ଡ ବିରୋଧାଭାସର ଇଙ୍ଗିତ ଦେଇ ନାହାଁନ୍ତି କି ? ଏହାର ସିଧାସଳଖ ଉତ୍ତର ହେଉଛି ନା । କବି ହତାଶା-ନୈରାଶ୍ୟ-ବ୍ୟର୍ଥତାକୁ ଆଶାବାଦର ଏକ କ୍ୟାନଭାସ୍ ରୂପେ ଗ୍ରହଣ କରିଛନ୍ତି । ଯେଭଳି ବୈଦିକ ଋଷିକବି ଜ୍ୟୋତିକୁ ଆବାହନ

କରିବାପାଇଁ ତମସାର ("ତମସା ମା ଜ୍ୟୋର୍ତିଗମୟ") ଅବତାରଣା କରିବା ଦ୍ୱାରା ଜ୍ୟୋତି ହିଁ ଉଜ୍ଜ୍ୱଳତର ଭାବେ ପ୍ରତିଭାତ ହେଉଛି । ଠିକ୍ ସେଭଳି 'ପଉଷ ତରୁ ମୁଁ ଗୋ ଗଳିତ ମୋ ପତର' ପୃଷ୍ଠପଟରେ ଜୀବତରୁ ପଲ୍ଲବିତ ହେବାର ଉଜ୍ଜ୍ୱଳ ସ୍ୱପ୍ନ ସମ୍ଭାବନାକୁ ଉଜ୍ଜ୍ୱଳତରରୁ ଉଜ୍ଜ୍ୱଳତମ କରିପାରିଛନ୍ତି । କିନ୍ତୁ ଏଥିପାଇଁ ଜୀବନ ଦେବତାଙ୍କ ଅମୃତମୟ ସ୍ପର୍ଶର ଆବଶ୍ୟକତା ରହିଛି, ଅନ୍ୟଥା ଜୀବତରୁ ନବକିଶଳୟ ପଲ୍ଲବିତ ହେବ କିଭଳି ? ପ୍ରାଣପ୍ରାଚୁର୍ଯ୍ୟମୟ ନୂତନ ଜୀବନ ସଞ୍ଚାରିତ ହେବ କିଭଳି ? ସେଥିପାଇଁ ଆହ୍ୱାନ ଦେଇଛନ୍ତି, "ଚାଲରେ ଚାଲ ମନ, ନିତ୍ୟ-ମଧୁବନ ଦେଖିବି ପ୍ରିୟରାସ ଅଦୂର ଗୋଲକରେ ।" କିନ୍ତୁ ଏଇ ମଧୁବନ, ମିଳନର ନିତ୍ୟରାସସ୍ଥଳୀର ଅବସ୍ଥିତି ଆମ ଜୀବନ ପରିଧିର ବାହାରେ ନୁହେଁ, ଭିତରେ । ନିଜ ପ୍ରାଣ-କୁଞ୍ଜରେ ଗମ୍ଭୀରାରେ "ପରାଣ କୁଞ୍ଜେ ମୋ ତା'ର ମୁରଲୀ ଧ୍ୱନୀ", ପ୍ରତିଟି ନିଃଶ୍ୱାସ ପ୍ରଶ୍ୱାସରେ "ତା ଶୁଭ ଆଗମନୀ" ଅନୁଭବ କରିହେବ । ପିଣ୍ଡ ମଧ୍ୟରେ ହିଁ ବ୍ରହ୍ମାଣ୍ଡ ଓ ବ୍ରହ୍ମାଣ୍ଡେଶ୍ୱର ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ସ୍ଥିତି । କବି ଶ୍ରୀକୃଷ୍ଣଙ୍କ ପରମଭକ୍ତ । ସେଇ ଆରାଧ୍ୟ ଦେବତା ଶ୍ରୀକୃଷ୍ଣଙ୍କ ବଂଶୀଧ୍ୱନୀ ଜୀବନକୁ ଉଚ୍ଚାଟିତ କରେ, ଉତ୍ତିଷ୍ଠିତ, ଜାଗ୍ରତ ପ୍ରାପ୍ୟ-ଦରାନ ନିବୋଧତ ମନ୍ତ୍ରରେ ଅଭିମନ୍ତ୍ରିତ କରେ । କବି ରହସ୍ୟବାଦ ନାମରେ, ଜୀବନଠାରୁ ପଳାୟନ କରିନାହାନ୍ତି । ପକ୍ଷାନ୍ତରେ, ବୈକୁଣ୍ଠସମାନ ଗୃହରେ, ଅମର ପ୍ରୀତିମୟୀ ପ୍ରିୟାର ସାନ୍ନିଧ, ସନ୍ତାନ ସନ୍ତତିଙ୍କର ହସକାନ୍ଦର କଳରୋଳ ଭିତରେ ଜୀବନଦେବତାଙ୍କ ସହ ସମ୍ମିଳିତ ହେବାର ସ୍ୱପ୍ନ ଦେଖିଛନ୍ତି । ଏହା ହିଁ ତ ସବୁ ଅନିତ୍ୟତା ଭିତରେ ନିତ୍ୟତା, ମୃତ୍ୟୁ ଚେତନା ଭିତରେ ଅମୃତତ୍ୱର ସ୍ପର୍ଶ । ଏହି ମିଳନର ନିତ୍ୟ ରାସସ୍ଥଳୀ ସୁଦୂର ଗୋଲକ ନୁହେଁ, ପ୍ରୀତିମୟ ଜୀବନର ଅନ୍ତରଙ୍ଗ ଗମ୍ଭୀରା ।

ପ୍ରୀତି-ପ୍ରେମ ଶାଶ୍ୱତ, ଅମର । ଏଇ ସଂସାର, ଏଇ ଜଗତ ମିଥ୍ୟା ନୁହେଁ, ମାୟା ପ୍ରବଞ୍ଚନା ନୁହେଁ । ସନ୍ତାନ ସନ୍ତତି ପ୍ରତି ସ୍ନେହ-ସଜଳବାତ୍ସଲ୍ୟ, ପ୍ରିୟ-ପ୍ରିୟା ଜାୟା-ପତିଙ୍କ ବିମଳ ଦାମ୍ପତ୍ୟ ପ୍ରେମରେ ମଣିଷ ଅମର ହୁଏ । ମୃତ୍ୟୁଞ୍ଜୟୀ ହୁଏ । ସେଥିପାଇଁ କବି ଯାତ୍ରା ସଙ୍ଗୀତରେ ଉପୋଦ୍‌ଘାତରେ ଯେଉଁ ସମର୍ପିତ ବିଭୁପ୍ରେମର ଅବତାରଣା କରିଛନ୍ତି, କବିତାର ପରିସମାପ୍ତିରେ ତାକୁ ଧ୍ରୁବପଦ ଭଳି ପୁନରାବୃତ୍ତିକରି କହିଛନ୍ତି, "ତରଣୀ ମୋର ତବ ସାଗରେ ବହିଯାଉ", ଭାବାର୍ଣ୍ଣବରେ ସମ୍ପୂର୍ଣ୍ଣ ସମର୍ପିତ ଜୀବନତରୀ ଭସାଇ ଦେବାରେ ହିଁ ସମସ୍ତ ଅବିଶ୍ୱାସ, ସନ୍ଦେହ, କ୍ଲେଶ ଯନ୍ତ୍ରଣା, ପାପତାପଦୁଷ୍କୃତିର ଅବସାନ ହୁଏ । ଏହା ହିଁ ଜୀବ ସହ ପରମେଶ୍ୱରଙ୍କର, ଆତ୍ମା ସହ ପରମାତ୍ମାଙ୍କର ମିଳନ । ଶଂସିତ କବିତାର କାବ୍ୟନାୟକ ଭଳି ପ୍ରତିଟି ମଣିଷର ଅଭୀପ୍ସା-ଅଭିଳାଷ ହେଉଛି -

"ତରଣୀ ମୋର ତବ ସାଗରେ ବହିଯାଉ ।"

ପୂର୍ବତନ ପ୍ରଫେସର, ଓଡିଆ ବିଭାଗ,
ରିଜିଓନାଲ୍ କଲେଜ୍ ଅଫ ଏଜୁକେସନ୍, ଭୁବନେଶ୍ୱର
୯୬୬ ବି, ପ୍ରକୃତିବିହାର, ବରମୁଣ୍ଡା, ଭୁବନେଶ୍ୱର-୩
ମୋ: ୯୪୩୭୫୬୭୫୦୦



# ସୁଖର ଅନନ୍ତ ଅନ୍ୱେଷଣ

*ଦ୍ୱାରିକା ମୋହନ ମିଶ୍ର*

ହେ ବିଷାଦଗ୍ରସ୍ତ ସଂସାରୀ ମଣିଷ, ଆସ, ଆଉ ଏତେ ନୀଚ, ଅଧମ ଭାବେ ହନ୍ତସନ୍ତ ହୁଅ ନାହିଁ । ନିରନ୍ତର ଚିନ୍ତନ, ମନନ ଓ ଅନୁଧ୍ୟାନ, ଅଧ୍ୟୟନ ଦ୍ୱାରା ଭାବରେ ବିଗଳିତ ହୋଇ, ନିତ୍ୟ ନିର୍ମଳ ଅଶ୍ରୁରେ ସ୍ନାତ-ସିକ୍ତ ହୋଇ, ପ୍ରେମପୂର୍ଣ୍ଣ ହୃଦୟରେ ନିଜର ଆତ୍ମାର ପ୍ରଭୁଙ୍କୁ ପ୍ରାର୍ଥନା କର । ତାଙ୍କର କରୁଣାମୃତ ସତ୍ତାର ଆନନ୍ଦ, ଜ୍ଞାନ ପ୍ରାପ୍ତ କରି ତୁମେ ନିଜକୁ କୃତାର୍ଥ କର, ସବୁପାଇଛ ବୋଲି ଅନୁଭବ କର । ଏକ ମୃତ୍ୟୁହୀନ ଜୀବନ ଲାଭ କରିବାର ଏହାହିଁ ଉପଯୁକ୍ତ ସମୟ । ଏ ହେବ ଏ ସ୍ୱର୍ଣ୍ଣିମ ଦିବ୍ୟ ଜୀବନ ।

ମନୁଷ୍ୟ ସମାଜରେ ଶେଷହୀନ, ଅତି ଦ୍ୱିଧାଗ୍ରସ୍ତ, ସର୍ବଦା ପଳାୟନମୁଖୀ, ଅସ୍ପଷ୍ଟ, ଅର୍ଦ୍ଧସୁଖାନ୍ୱେଷୀ ମଣିଷଟି ବାଲ୍ୟ କାଳରୁ ସାରା ଜୀବନ ସନ୍ତୋଷଜନକ କିଛି ହେଲେ ଫଳ ନପାଇ ଧନ୍ଦି ହେବା ହେଉଛି ଗୋଟିଏ ସାଧାରଣ ଘଟଣା । ଭିନ୍ନ ଭିନ୍ନ ଶ୍ରେଣୀର ଭିନ୍ନ ଭିନ୍ନ ପ୍ରକୃତିର ଲୋକଙ୍କ ସୁଖଲାଭ କରିବା ପାଇଁ ବିଭିନ୍ନ ରୁଚି ଥାଏ । ଏପରି ନିରବଚ୍ଛିନ୍ନ ଭାବରେ ନୈରାଶ୍ୟ ଜର୍ଜରିତ ହୋଇ କେବଳ ସୁଖ ଲାଭ କୌଣସି ସମାଧାନ ପାଇ ପାରେ ନାହିଁ । ସେ କେବଳ ସାରା ଜୀବନ ବିଫଳ ମନୋରଥ ହୋଇ ବଞ୍ଚିଥାଏ । ସୁଖ କ'ଣ ସେ କଥା ସେ ଠିକ୍ ଭାବରେ ଜାଣିପାରେ ନାହିଁ ।

ଗରିବ ହେଉ କି ଧନୀ ହେଉ, ରୋଗୀ ହେଉ କି ଭୋଗୀ ହେଉ, ବୃଦ୍ଧ ହେଉ କି ଯୁବକ ହେଉ, ଚାକିରୀ କରୁ ଥାଉକି ବେକାର ଥାଉ, ସମସ୍ତେ ସୁଖ ଲାଭ ପାଇଁ ବ୍ୟସ୍ତ ଓ ବିବ୍ରତ ହୋଇଥାନ୍ତି, ଯାହା କେବଳ ମାୟା, ଭ୍ରାନ୍ତି । ସମାଜ ସୃଷ୍ଟି ହେବା ଦିନଠାରୁ ଅର୍ଦ୍ଧଚେତନ ଓ ଯନ୍ତ୍ରବତ୍ ପରିଚାଳିତ ମଣିଷମାନେ କେବଳ ସୁଖ ଖୋଜି ଚାଲିଛନ୍ତି ଏବଂ ବିଫଳ ହୋଇଛନ୍ତି । ଏପ୍ରକାର ସମାଜ ଜୀବନ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ । ପ୍ରତ୍ୟେକ ଦରିଦ୍ର ଲୋକଟି ଭାବେ ଯେ ଧନୀ ଲୋକଟି ସୁଖୀ । ଏପରି ଭାବି ସେ ବହୁ ଆୟାସ ପ୍ରୟାସ କରି ଧୀରେ ଧୀରେ ଧନୀ ହୋଇଯାଏ । ତା'ପରେ ସେ ଦେଖେ ଯେ ଯେତେ ଧନ ଆୟ କଲେ ମଧ୍ୟ ସେ ସୁଖୀ ହୋଇ ପାରୁନାହିଁ । ତା'ର ବହୁ ଜିନିଷ ପ୍ରତି ଆସକ୍ତି ବଢ଼ିବଢ଼ି ଚାଲେ ଏବଂ ନିଜର ପରିବାର ଖର୍ଚ୍ଚ ଅନୁରୂପ ବଢ଼ିଚାଲେ । ସେ ତା'ର ସାମାଜିକ ସ୍ଥିତିର ସମ୍ମାନ ରକ୍ଷା କରିବାକୁ ଚେଷ୍ଟା କରି ଅସୁଖୀ ରହିଥାଏ । ଯଦି ଓ କୋଟିପତି ହେବାରେ ତା'ର ସ୍ପୃହା ନଥାଏ । କାରଣ ସାଧାରଣଭାବେ ଉଚ୍ଚଶ୍ରେଣୀର ମଣିଷଟିଏ ହୋଇ ସେ ସାରା ଜୀବନ ନୟାନ୍ତ ହୋଇଥାଏ ।

ଉଦାହରଣସ୍ୱରୂପ ଦେଖାଯାଉ ଯେପରି ଜଣେ ଅଧସ୍ତନ ତା'ର ଉପର ଅଧିକାରୀକୁ ଦେଖି ନିଜକୁ ତା' ତୁଳନାରେ ଅସୁଖୀ ମନେ କରେ, ପୁଣି ସେ ଯେତେବେଳେ କଠିନ ପରିଶ୍ରମ କରି ନିଜେ ଅଧିକାରୀ ହୋଇଯାଏ ସେତେବେଳେ ମଧ୍ୟସେ ସୁଖୀ ହୋଇପାରେନାହିଁ । ଠିକ୍ ସେଇଭଳି ଜଣେ ଦରିଦ୍ର, ଅବିବାହିତ ଯୁବକ ଏବଂ ପୂର୍ବୋକ୍ତ ଅଧସ୍ତନ ଯେତେବେଳେ ନିଜ ନିଜ ଚେଷ୍ଟାରେ ଗରିବରୁ ଧନୀ ହୋଇଯାଏ, ଅବିବାହିତଯୁବକ ବିବାହିତ ହୋଇଯାଏ, ଅଧସ୍ତନ ଅଧିକାରୀ ହୋଇଯାଏ, ତଥାପି ଏ ସମସ୍ତେ କେହି ମଧ୍ୟ ନିଜ ନିଜର ଉନ୍ନତିରେ ସେତେ ବେଶୀ ସୁଖୀ ହୋଇପାରିନଥାନ୍ତି । କାରଣ ସେମାନେ ପୂର୍ବ ଅବସ୍ଥାରେ ଅସୁଖୀ ଥିଲେ ଏବଂ ପରବର୍ତ୍ତୀ ଅବସ୍ଥାରେ ସେମିତି ଅସୁଖୀ ରହିବେ । ଏହିପରି ସ୍ତର ପରେ ସ୍ତର ଅତିକ୍ରମ କଲେ ମଧ୍ୟ କେହି ନିଜକୁ ସୁଖୀ ମନେ କରିପାରନ୍ତି ନାହିଁ । **କାରଣ ମୋହାଚ୍ଛନ୍ନ ସୁଖ ଲାଭର ପ୍ରବୃତ୍ତି ଏମିତି ଅଧୁରା ହୋଇ ରହିଯାଏ । ତେଣୁ କୁହାଯାଇପାରେ ଯେ ସୁଖକୁ ଠିକ୍ ଭାବେ ବୁଝାଯାଇ ନାହିଁ କିମ୍ବା ଆଦୌ ବୁଝା ଯାଇନାହିଁ, ଅଥଚ ଏହାର ବିପରୀତ ଦୁଃଖଟିକୁ ଖୁବ୍ ସହଜରେ ବୁଝା ଯାଇଥାଏ ଏବଂ ଏହାକୁ ଖୁବ୍ ପ୍ରାଞ୍ଜଳ ଭାବରେ ଅନ୍ୟ କାହା ପାଖରେ ବୁଝାଇ ଦିଆ ଯାଇପାରେ । ଏହା ହିଁ ଅତି ରହସ୍ୟମୟ ମନେହୁଏ । ସୁଖ କ'ଣ ସେକଥା ନଜାଣି ଲୋକେ ଦୁଃଖ କରନ୍ତି । ଏହିପରି ଦୁଃଖର ପରମ୍ପରା ଲାଗିଥାଏ ।**

ଏପରି ଦେଖିଲେ କୁହାଯିବ ଯେ ବିଷୟ ବାସନାରେ ମଣିଷ ପାଇଁ ଶେଷ କଥା କିଛି ନାହିଁ । ଏହାରି ମଧ୍ୟବର୍ତ୍ତୀ ଚରିତ୍ର ହେଲେ ବିଶ୍ୱ ଯୋଜନାକାରୀ ସ୍ୱୟଂ ସ୍ରଷ୍ଟା ଏବଂ ତାଙ୍କର ଶ୍ରେଷ୍ଠ ସୃଷ୍ଟି ମାନବଜାତି । ଏଥିରେ ସ୍ୱତନ୍ତ୍ର ସଂପର୍କ ଓ ପ୍ରତ୍ୟାଶା କଥାଟି ରହିଛି । ମାନବକୁ ଛାଡ଼ିଦେଲେ ଅନ୍ୟ ସବୁ ସୃଷ୍ଟ ପ୍ରାଣୀ ଆମୂଳଚୂଳ ସମସ୍ତେ ସ୍ରଷ୍ଟାଙ୍କ ଉଦ୍ଦେଶ୍ୟ

ଓ ଆଦେଶ ବୁଝିପାରିନ୍ତି ନାହିଁ । କେବଳ ମାନବ ଏକମାତ୍ର ଜୀବ ଯେ ସୃଷ୍ଟି ଓ ସ୍ରଷ୍ଟାଙ୍କୁ ବୁଝିବାକୁ ଚେଷ୍ଟା କରେ । ଏହି ଦୃଷ୍ଟିରୁ ମନୁଷ୍ୟକୁ ଅନ୍ୟ ପ୍ରାଣୀଙ୍କଠାରୁ ଶ୍ରେଷ୍ଠ କୁହାଯାଏ । ତାଙ୍କ ସୃଷ୍ଟ ପ୍ରାଣୀ ମାନଙ୍କ ମଧ୍ୟରେ ମନୁଷ୍ୟ ଏକ ପୂର୍ଣ୍ଣଜୀବ ସ୍ରଷ୍ଟା । କେଉଁଥିରେ ମନୁଷ୍ୟକୁ ଅପୂର୍ଣ୍ଣ କରି ନାହାନ୍ତି । ତା'ର କିଛି ମଧ୍ୟଅଭାବ ନାହିଁ, ସବୁ ଦିଗରୁ ସେ ଏକ ପରିପୂର୍ଣ୍ଣ ମାନବ । ଭଗବାନ ସ୍ରଷ୍ଟାର ଭୂମିକାରେ ରହି ସେ ସମସ୍ତଙ୍କର ପାଳନକର୍ତ୍ତା ବା ସଂରକ୍ଷକ । ସେ ମନୁଷ୍ୟକୁ ଏକ ଉନ୍ନତ ଜୀବ ଭାବରେ ନିର୍ମାଣ କରିଛନ୍ତି । ସେଥିପାଇଁ ସେ ବିଶେଷ ଦୃଷ୍ଟି ଦେଇଛନ୍ତି । ମାନବ ଶରୀର ହେଉଛି ସବୁଠାରୁ ମହାନ ଶରୀର । ସ୍ରଷ୍ଟା ଯେହେତୁ ସଂରକ୍ଷକ, ପରିପାଳକ ସେହେତୁ ମନୁଷ୍ୟକୁ ସେ ଅଧିକ ଦୃଷ୍ଟି ଦେଇଛନ୍ତି । ଅଧିକ ଯତ୍ନ, ଅଧିକ ସ୍ନେହରେ ସେ ମନୁଷ୍ୟଙ୍କ ପ୍ରତି ଦୟାଶୀଳ ଓ କରୁଣାର୍ଦ୍ର । ଆମେ କ'ଣ ଭାବିବା ଯେ ସେ ଆମଠାରୁ ଖୁବ୍ ବଡ କିଛି କଥା ପ୍ରତିଦାନରେ ଆଶା ରଖିଛନ୍ତି ? ନା, ତାହା କେବେ ନୁହେଁ । **ସେ କେବଳ ଚାହାନ୍ତି ତାଙ୍କୁ ଜାଣିବାକୁ ଚେଷ୍ଟା କରିବା, ସ୍ମରଣ କରିବା, ତାଙ୍କ ପ୍ରତି ଯଥାର୍ଥ କର୍ତ୍ତବ୍ୟ ସଂପାଦନ କରିବା,** ଯେପରି କର୍ତ୍ତବ୍ୟ ପରାୟଣ ପୁତ୍ର ତା'ର ପିତାଙ୍କ ପ୍ରତି କରିଥାଏ । କେବଳ ତାଙ୍କ ଉଦ୍ଦେଶ୍ୟକୁ ବୁଝିବା ଏବଂ ଜୀବନର ପ୍ରତ୍ୟେକ ପଦକ୍ଷେପରେ ତାଙ୍କର ଉପସ୍ଥିତିକୁ ଅନୁଭବ କରିବା । ତାହା ହେଉଛି ତାଙ୍କ ସୃଷ୍ଟିର ସୃଷ୍ଟ ଜୀବ ରୂପକ ମାନବ ପାଇଁ ତାଙ୍କର ଅତି ତୁଚ୍ଛ ପ୍ରତ୍ୟାଶା ।

କିନ୍ତୁ ମଣିଷମାନେ ନିଜ ବିଷୟରେ ବହୁତ ଚିନ୍ତା କରନ୍ତି । 'ଅହଂ' ଭାବଟା ଦିନକୁ ଦିନ ବଢିଚାଲେ । ଭଗବାନ ବିସ୍ମୃତ ହୋଇଯାଆନ୍ତି । କେତେକ ଭଗବାନଙ୍କ ଅସ୍ତିତ୍ୱକୁ ଅବିଶ୍ୱାସ କରନ୍ତି । କେତେକ ସଂକଟ ସମୟରେ ଭଗବାନଙ୍କୁ ସ୍ମରଣ କରନ୍ତି । କେତେକ ଭଗବାନଙ୍କୁ ଜଣେ ଦେକାନୀ ବୋଲି ମନେ କରନ୍ତି । ତାଙ୍କର ବହୁ ପ୍ରକାର ବ୍ୟବସାୟ ଥାଏ । ତେଣୁ ତାଙ୍କୁ କିଛି ଜିନିଷ ବିନିମୟରେ ଦେଇ ସେମାନେ ତାଙ୍କଠାରୁ ଅଦ୍‌ଭୁତ ପ୍ରକାରର ପ୍ରତିଦାନ ଆଶ କରିଥାନ୍ତି । ଏହାଦ୍ୱାରା ସେମାନେ ସୁଖ ପାଇବେ ବୋଲି ମନେ କରିଥାନ୍ତି । ଏହି ସୁଖ କେମିତିକା, ତାହା ଦେଖାଯାଏ ନାହିଁ, ଜଣାଯାଏ ନାହିଁ, ଅନୁଭବ ମଧ୍ୟ କରାଯାଏ ନାହିଁ, ତାହା ଗୁପ୍ତ ଥାଏ । ସେମାନେ ଅଯଥାରେ ଅନ୍ଧାରରେ ଅଣ୍ଡାଳି ହେଉଥାନ୍ତି ଏବଂ ସଫଳତା ପାଇ ପାରିନଥାନ୍ତି । ଅବଶ୍ୟ ଭଗବାନଙ୍କ ପାଖରେ ଯଦି ସେମାନେ ପ୍ରାର୍ଥୀ ହୋଇଥାନ୍ତେ ତେବେ ଭଗବାନ ସେମାନଙ୍କୁ ଯଥେଷ୍ଟ ପ୍ରତିଦାନ ଦେଇଥାନ୍ତେ କିନ୍ତୁ ସେମାନେ ଭଗବାନଙ୍କ ସହିତ ଯଦି ସେ ପ୍ରକାର ପ୍ରାର୍ଥନା କରି ନିଜ ନିଜର ଅତ୍ୟାବଶ୍ୟକତା ପୂରଣ ପାଇଁ ସଂପୂର୍ଣ୍ଣ ଆତ୍ମସମର୍ପଣ କରିଥାନ୍ତେ ତେବେ ସେମାନେ ସ୍ଥାୟୀ ଭାବେ ସୁଖ ପାଇପାରିଥାନ୍ତେ ।

**ପ୍ରକୃତପକ୍ଷେ ସୁଖ ହେଉଛି ଏକ ଅନ୍ତରଙ୍ଗ ବିଷୟ ଅର୍ଥାତ୍ ଏହା ମଣିଷର ଚିତ୍ତବୃତ୍ତିର ଅଭ୍ୟନ୍ତରରେ ଥାଏ । ତାହା "ଶାଶ୍ୱତ ଆନନ୍ଦ"'ଏହା ଏପରି ଏକ ଅବସ୍ଥା ଯାହା ଖୁବ୍ ପ୍ରୀତିପ୍ରଦ, ଉଲ୍ଲାସକର, ଉତ୍କର୍ଷକର ଯାହାକୁ କେହି ନିଜ ଭିତରେ ସୀମିତ କରି ରଖି ପାରିବେ ନାହିଁ ।** ପ୍ରକୃତ ସୁଖର ଅଧିକାରୀ ସେଇ ହୋଇ ପାରେ ଯାହାର ପ୍ରକୃତି ଓ ପରିବେଶ ଉପରେ ନିୟନ୍ତ୍ରଣ ଥାଏ ଏବଂ ତାହାକୁ ସେ ନିଜ ଇଚ୍ଛା ମୁତାବକ ଉପଯୋଗ କରିପାରେ ପୁଣି ଭଲ, ମନ୍ଦ ଉଭୟରେ ସେ ସମଭାବ ରକ୍ଷାକରେ ଅର୍ଥାତ୍ ସ୍ଥିତଧୀ ହୋଇଥାଏ । ଜନ୍ମ,ମୃତ୍ୟୁ, ବିପର୍ଯ୍ୟୟ ଓ ଭାଗ୍ୟୋଦୟ ଜୟ-ପରାଜୟ, ଅସୁସ୍ଥତା-ସୁସ୍ଥତା ଇତ୍ୟାଦି ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ସବୁ ସହ୍ୟ କରିବାର ଶକ୍ତି ଅର୍ଜନ କରିଥାଏ ଏବଂ ଯେ କୌଣସି ବିସ୍ମୟକର ଘଟଣାରେ ମଧ୍ୟଧୀର, ସ୍ଥିର ଓ ସମାହିତ ଚିତ୍ତ ହୋଇ ରହିପାରେ ଏବଂ ବିଷାଦ ଉପରେ ସଂପୂର୍ଣ୍ଣ ବିଜୟ ହାସଲ କରିବାର କଳା-କୌଶଳ ଅବଲମ୍ବନ କରେ, ଦୁଃଖର କାରଣକୁ ଅନୁଧ୍ୟାନ କରିବାର ସମର୍ଥ ହୁଏ । ଯେପରି ଜଣେ ଯୋଦ୍ଧା ଯୁଦ୍ଧ ଭୂମିରେ, ଅନୁଭବ କରିଥାଏ ଏବଂ ଅବିଚଳିତ ଭାବେ କ୍ଲେଶ, ଯନ୍ତ୍ରଣା, ବିତ୍‌ପାତ, ବିଭୀଷିକା, ଅସାମର୍ଥ୍ୟ, ରୋଗ ଇତ୍ୟାଦି ଯେ କୌଣସି ପ୍ରକାରର ଅସୁବିଧା ଯାହା ସ୍ୱାଭାବିକ ଭାବେ ତା'ର ଜୀବନର ଯାତ୍ରାପଥରେ ଘଟିଥାଏ ତା'ର ସମ୍ମୁଖୀନ ହୋଇଥାଏ । ଏହା ଏକ ଅନ୍ତର୍ମୁଖୀ ଅନୁଭବ ଯାହା ଦ୍ୱାରା ସେ ନିଜ ଅଭିଳଷିତ ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହୋଇଥାଏ । ପରିସ୍ଥିତି ଉପରେ ନିଜର ଭାବପ୍ରବଣତାର ନିୟନ୍ତ୍ରଣ, ଶରୀର ଉପରେ ଏବଂ ଇନ୍ଦ୍ରିୟାନୁଭୂତି ଉପରେ ଅଙ୍କୁଶ ଲଗାଇବାର ଦକ୍ଷତା ଯାହାର ଥାଏ ପୁଣି ଭଗବାନଙ୍କ ସହିତ ପ୍ରତ୍ୟକ୍ଷ ସଂପର୍କ ରଖି ପରିପୂର୍ଣ୍ଣତା ଲାଭ କରିଥାଏ ସେ ହିଁ ସୁଖୀ ହୋଇପାରେ ।

ଥରେ ସୁଖସନ୍ତୋଷ ଲାଭ ହୋଇଗଲେ ମଣିଷ ଇଚ୍ଛାଶକ୍ତି ପ୍ରବଳ ଭାବରେ ବୃଦ୍ଧିପାଏ । ଏପରି ହେଲେ ମଣିଷ ଏମିତି ଏକ ସୁବିଧାଜନକ ଅବସ୍ଥାରେ ରହି ତାର ଜୀବନର ଗତିପଥକୁ ଅଭିଳଷିତ ଲକ୍ଷ୍ୟ ଦିଗରେ ପରିଚାଳିତ କରିପାରେ । ସେଥିପାଇଁ ସେ ଅନୁକୂଳ ପରିବେଶ ମଧ୍ୟ ସୃଷ୍ଟି କରେ । ସେ ତାର କର୍ମଟି ସଫଳ ଭାବେ କରିପାରେ ଏବଂ ଏଥିପାଇଁ କାହାର କ୍ଷତି ସାଧନ ହୁଏ ନାହିଁ । ଏପରିକି ପ୍ରକୃତିକୁ ସେ ନିୟନ୍ତ୍ରିତ କରିବାରେ ସମର୍ଥ ହୁଏ ଯାହା ଫଳରେ ପ୍ରକୃତି ତାର ପ୍ରତିବନ୍ଧକ ହୋଇ ରହେନାହିଁ । **ତାର ସହଜାତ ସଂଶୟ ଓ ବିରୋଧାଭାସ ସଂପୂର୍ଣ୍ଣ ଭାବେ ଲୋପ ପାଇଯାଏ ଏବଂ ଜ୍ଞାନାଲୋକ ପ୍ରାପ୍ତ କରି ସେ ସତ୍ୟାନୁଭୂତି ଦ୍ୱାରା ଅନୁପ୍ରେରିତ ହୋଇଚାଲେ ।** ଫଳରେ ତତ୍‌କ୍ଷଣାତ୍ କିଛି ସିଦ୍ଧାନ୍ତ ନେବାକୁ ସକ୍ଷମ ହୋଇଥାଏ । କୌଣସି ବିଷୟରେ ଚିନ୍ତା କରି ତାକୁ ସମୟ ନଷ୍ଟ କରିବାକୁ ପଡେ ନାହିଁ - କାରଣ ମଣିଷର କେତେକ ସହଜାତ ପ୍ରକୃତି ଯଥା:- କୁସଂସ୍କାର, ପ୍ରତିଦ୍ୱନ୍ଦ୍ୱିତା, ଈର୍ଷା, ଶତ୍ରୁତା, ଲୋଭ, ବାସନା, ନୈରାଶ୍ୟ ଇତ୍ୟାଦି କୁଆଡେ ଗୋଟିକ ପରେ ଗୋଟିଏ ମିଳେଇ ଯାଏ ଏବଂ ତାର ଶରୀର ଉପରେ ନିୟନ୍ତ୍ରଣ ରହେ ଏବଂ ସେ ପୂର୍ଣ୍ଣକାମ ଓ ପ୍ରବୁଦ୍ଧ ହୋଇଯାଏ ।

ଏଇ ହେଉଛି ପ୍ରକୃତ ସୁଖ ଯାହାକୁ ଅନ୍ୱେଷଣ କରିବା ଉଚିତ୍ । ପ୍ରତ୍ୟେକ ମଣିଷ ଏହି ସୁଖ ଲାଭ କରିବାକୁ ଚାହିଁବ ତାର ଏକ ଅଧିକାର କିନ୍ତୁ ଯେତେବେଳେ ସେହି ଅଧିକାର ସାବ୍ୟସ୍ତ କରେ ସେତେବେଳେ ଆମେ ଅନୁଭବ କରୁ ଯେ ସୁଖ ଏପରିକି ଏକ ଜିନିଷ ଯାହାକୁ ଭଗବାନ

ଆଣି ଆମ ହାତ ମୁଠାରେ ଧରେଇ ଦେବେ । ପ୍ରକୃତରେ ଏହା ସେପରି ନୁହେଁ ଯେ କେହି ତାକୁ ବାହାରୁ ଆଣି ଦେଇଦେବେ । ଅବଶ୍ୟ ଠିକ୍ ଯେ ଭଗବାନ ହିଁ ଆସି ଏହା ଦେଇଥାଆନ୍ତି । ପ୍ରକୃତପକ୍ଷେ ଦେଖିବାକୁ ଗଲେ ଭଗବାନ ଏହା ମଣିଷକୁ ଦେଇ ସାରିଛନ୍ତି । ଏହା ମଣିଷର ନ୍ୟାଯ୍ୟ ପ୍ରାପ୍ୟ କିନ୍ତୁ ତା' ସହିତ ଏହାକୁ ପାଇବା ପାଇଁ ଯେଉଁ ପ୍ରକ୍ରିୟା ଓ ପ୍ରଚେଷ୍ଟା ଦରକାର ତାହା ମଣିଷ ନିଜେ ନିଜେ ଆବିଷ୍କାର କରିବା ଉଚିତ୍ । ସୁଖଲାଭ ପାଇଁ ମୁଖ୍ୟ ପ୍ରତିବନ୍ଧକ ଅଜ୍ଞତା ଅର୍ଥାତ୍ ଜ୍ଞାନର ଅଭାବ । ଏହା ହିଁ ସୁଖ ଲାଭ ପାଇଁ ପ୍ରଧାନ ଅନ୍ତରାୟ ହୋଇ ଦେଖାଦିଏ । ତେଣୁ ସୁଖ ଲାଭର ଅଧିକାର ଓ ସୁଖ ଏ ଦୁଇଟି ମଝିରେ ଅଜ୍ଞତା ହିଁ ବାଧକ । ଏହାର ପରିଣତ ହେଲା ଦୁଃଖ, ବିଷାଦ । ଏସବୁ ସତ୍ତ୍ୱେ ମଣିଷ ସମାଜରେ ସୁଖ ଲାଭ ପାଇଁ ଅନବରତ ଚେଷ୍ଟା ଚାଲିଆସିଛି । ଅବଶ୍ୟ ଏସବୁ ଚେଷ୍ଟା ବ୍ୟର୍ଥଚେଷ୍ଟା, ନିଷ୍ଫଳଚେଷ୍ଟା । କାରଣ ଏହା ଲାଭ କରିବାକୁ ଯେଉଁ ଜ୍ଞାନାଲୋକ ଦରକାର ତାହା ମଣିଷ ନପାଇ ଏପରି ବାଚାଳ ପ୍ରାୟ ସୁଖ ସନ୍ଧାନ କରୁଛି । ସୁଖ ଲାଭର ଅଧିକାର ମଣିଷର ରହିଛି । କିନ୍ତୁ ଏ ଅଧିକାରକୁ କାର୍ଯ୍ୟକାରୀ କରିବାପାଇଁ ଯେଉଁ ପ୍ରଯତ୍ନ ଓ ଅନୁଧ୍ୟାନ ଦରକାର ତାହା ମଣିଷ କରେ ନାହିଁ । ସମସ୍ତେ ସହଜ ସୁଖ ଲାଭ ପାଇଁ ଲାଳାୟିତ ହୋଇ ଏଣେତେଣେ ଧାଁଧଉଡ କରୁଛନ୍ତି । କେହି ସୁଖର ସ୍ୱରୂପକୁ ଜାଣିନାହିଁ । ଏହା କିନ୍ତୁ ପ୍ରତ୍ୟେକଙ୍କ ଅନ୍ତର୍ଜଗତରେ ରହିଛି ସେଥିପାଇଁ ଜ୍ଞାନାଲୋକ ଲାଭ କଲେ ସୁଖ ଲାଭ ହେବ ।

ବର୍ତ୍ତମାନ ପ୍ରଶ୍ନ ଉଠିପାରେ ଯେ ଏ ଅଜ୍ଞତାଟି କ'ଣ ? କେଉଁ ବିଷୟରେ ଅଜ୍ଞତା ? ଏହାର ଉତ୍ତର ଖୁବ୍ ସରଳ ଓ ସଂକ୍ଷିପ୍ତ ଭଗବାନଙ୍କ ବିଷୟରେ ଅଜ୍ଞତା । ଭଗବାନଙ୍କ ସର୍ବଶକ୍ତିମତ୍ତା, ତାଙ୍କର ଅସାଧାରଣ କ୍ଷମତା, ତାଙ୍କର ଆଦେଶ-ଉପଦେଶ, ତାଙ୍କର ନିରପେକ୍ଷ ବିଚାର, ସମଦର୍ଶିତା, ସମଗ୍ର ଦୃଶ୍ୟମାନ ଜଗତ ଉପରେ ତାଙ୍କର ପ୍ରଭୁତ୍ୱ ଏବଂ ଅନ୍ୟ ଯେ କୌଣସି ଭଗବତ୍ ସମ୍ବନ୍ଧିତ ଜ୍ଞାନ । **ତେଣୁ ସୁଖ ଲାଭ ପାଇଁ ଏକମାତ୍ର ଉପାୟ ହେଲା ଅଜ୍ଞତାର ବିନାଶ କରିବା ଅର୍ଥାତ୍ ଅଜ୍ଞତାର ବିନାଶ କରି ବିଜ୍ଞତାକୁ ହାସଲ କରିବା-ବିଜ୍ଞତା ହେଲା ଆତ୍ମ ଜ୍ଞାନ ଯାହା ଭଗବତ୍ ଜ୍ଞାନ** । ଭଗବାନ ଏହି ଜ୍ଞାନ ସମସ୍ତଙ୍କୁ ଦାନ କରି ସାରିଛନ୍ତି କିନ୍ତୁ ମଣିଷ ମାୟାଗ୍ରସ୍ତ ହୋଇ ଏହାକୁ ଭୁଲି ଯାଇଛି । ଏଣୁ ଏ ଅଜ୍ଞତାକୁ ହଟେଇବାକୁ ହେବ ଏବଂ ଚୂଡ଼ାନ୍ତ ଶାଶ୍ୱତ ପରମାନନ୍ଦ ପ୍ରାପ୍ତ କରିବାକୁ ହେବ । ଏହି ଶାଶ୍ୱତ ଆନନ୍ଦ ହିଁ ମାନବ ଜୀବନର ଲକ୍ଷ୍ୟ ।

**ପ୍ରଚୁର ଆନନ୍ଦ ହିଁ ସୁଖ-ଉପନିଷଦରେ କୁହାଯାଇଛି "ଭୂମୈବ ସୁଖମ" ଇଚ୍ଛା ଶକ୍ତି ହିଁ ସୁଖ ସ୍ୱରୂପ, ବିଜୟ ପ୍ରାପ୍ତି ହିଁ ସୁଖ, ପୂର୍ଣ୍ଣତା ପ୍ରାପ୍ତି ହିଁ ସୁଖ, ସମୟ ଓ ଦୂରତାର ବିଲୟ ହିଁ ସୁଖ, ସଂଶୟର ବିନାଶ ହିଁ ସୁଖ । ଦୁର୍ବଳତା, ବନ୍ଧନ, ଦ୍ୱୈତଭାବ ଦୂର କରିବା ହିଁ ସୁଖ । ଜ୍ଞାନର ଅନ୍ୟ ନାମ ସୁଖ । ସତ୍ୟ ଲାଭ କରିବାହିଁ ସୁଖ । ଏହା ହେଉଚି ଏକ ପରିପୂର୍ଣ୍ଣ ଦିବ୍ୟତ୍ୱ । ତାହା ପୁଣି ଅଭିବ୍ୟକ୍ତ ।**

ମନୁଷ୍ୟର ଏପରି ଏକ ଶକ୍ତି ଅଛି ଯାହା ଜ୍ଞାତାକୁ ଜାଣିପାରେ ଏବଂ ନିଜ ଭିତରେ ଥିବା ବୁଦ୍ଧିକୁ ଜାଣିପାରେ । ତା'ପରେ ସେହି ଶକ୍ତି ଲକ୍ଷ୍ୟବସ୍ତୁରେ ପରିଣତ ହୁଏ । ବୁଦ୍ଧି ଓ ଚେତନା ହିଁ ସର୍ବଦା କର୍ତ୍ତା ଭାବରେ ଅବସ୍ଥିତ ଯେ ଅନ୍ୟ ସବୁ ବିଷୟ ବସ୍ତୁକୁ ଜାଣିପାରେ । **ବୁଦ୍ଧି ଓ ବୋଧଗମ୍ୟ ଏ ଦୁଇଟି ଅଲଗା କଥା ଯଥା:- ଗୋଟିଏ ହେଲା ଜ୍ଞାତା ଅନ୍ୟଟି ହେଲା ଜ୍ଞାତ** । ଉଦାହରଣ ସ୍ୱରୂପ ଜଣେ ସୂର୍ଯ୍ୟାଲୋକରେ ସମସ୍ତ ବିଷୟ ଦେଖିପାରେ କିନ୍ତୁ ଅନ୍ଧାରରେ ସବୁ ବିଷୟ ଗୁପ୍ତଥାଏ । ସୂର୍ଯ୍ୟାଲୋକ ହେଲା ଆତ୍ମା, ଯାହା ସବୁ ବିଷୟକୁ ଆଲୋକିତ କରେ । ସେହିପରି ଆତ୍ମା ରୂପକ ସୂର୍ଯ୍ୟକୁ ଦେଖିବାପାଇଁ କୌଣସି ଆଲୋକର ଆବଶ୍ୟକତା ନଥାଏ । ଆତ୍ମା ସ୍ୱୟଂପ୍ରଭ । ତେଣୁ ମଣିଷକୁ ଆଧାତ୍ମିକ ଚେତନା ହିଁ ଚିରନ୍ତନ ସୁଖ ଦେଇପାରେ-ଯାହା ମଣିଷ ପାଇବା ପାଇଁ ସାରା ଜୀବନ ଚାହିଁଥାଏ ।

ଗଜପତି ନଗର, ସୈନିକ ସ୍କୁଲ, ଭୁବନେଶ୍ୱର-୫
ମୋ : ୯୪୩୭୦୬୦୭୦୩

